# ଧରିତ୍ରୀ DHARITRI

ସମ୍ବଲପୁର, ଶୁକ୍ରବାର, ଏପ୍ରିଲ ୫/୨୦୧୯ (୧୬ ପୃଷ୍ଠା) Sambalpur, Friday, April 5/ 2019 ★★

୧୫ଶ ଭାଗ ୧୦୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ବନ୍ଦନାଙ୍କ ଡବଲ ଗୋଲ**

ଷ୍ଟ୍ରାଇକର ବନ୍ଦନା କାଟରିୟାଙ୍କ ଡବଲ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ଗୁରୁବାର ୩-୦ ଗୋଲରେ ମାଲେସିଆକୁ ପରାସ୍ତ କରିଛି।

୧୪

୧୦

**ମୋଦିଙ୍କ ବାୟୋପିକ୍ ରିଲିଜ୍ ସ୍ଥଗିତ**

ପ୍ରଧାନମନ୍ତ୍ରୀଙ୍କ ବାୟୋପିକ୍ 'ପିଏମ୍ ନରେନ୍ଦ୍ର ମୋଦି' ଶୁକ୍ରବାର ରିଲିଜ୍ ହେବନାହିଁ ବୋଲି ଏହାର ପ୍ରଯୋଜକ ସନ୍ଦୀପ ସିଂ ଟୁଇଟ୍ କରିଛନ୍ତି।




ଗାଁରେ ଗଛ ଉପରେ ମୋବାଇଲ୍ ନେଟ୍‌ୱାର୍କ। ମାଇଲ୍ ମାଇଲ୍ ଦୂରରେ ବ୍ୟାଙ୍କ।
ଆଖି ବୁଜିଥିଲେ ବି ଆପେ ଆପେ ଜଣାପଡିଯାଏ ଆସିଗଲେ ଜାତୀୟ ରାଜପଥ।

ଓଡ଼ିଶାର ବିକାଶ ପ୍ରତି କେନ୍ଦ୍ରର ଦରଦ ଏମିତି

ଓଡ଼ିଶାର ହକ୍ ପାଇଁ ଲଢିବା
୨୧ ରୁ ୨୧ ରେ 'ଶଙ୍ଖ'କୁ ଜିତାଇବା।

ବିଜୁ ଜନତା ଦଳ


# ସନାଙ୍କ ସୁପାରିସକୁ ବିଜେଡିର ମୋହର

ଚମ୍ପୁଆ, (ଡି.ଏନ୍.ଏ.)/ଭୁବନେଶ୍ୱର,୪।୪(ବ୍ୟୁରୋ)

**ମୀନାକ୍ଷୀ ମହନ୍ତ ହେଲେ ଦଳୀୟ ପ୍ରାର୍ଥୀ**

**ଚମ୍ପୁଆ ପ୍ରାର୍ଥୀ ଚୟନ**

କେନ୍ଦୁଝରର ବହୁ ଚର୍ଚ୍ଚିତ ଚମ୍ପୁଆ ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିଛି। ମୀନାକ୍ଷୀ ମହନ୍ତଙ୍କୁ ଉକ୍ତ ଆସନ ପାଇଁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ରାଜ୍ୟରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରିବା ଶେଷ ଦିନ ବିଜେଡି ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ବିଜେଡି ପକ୍ଷରୁ ଘୋଷିତ ହୋଇଥିବା ନାମ ଚମ୍ପୁଆର ବର୍ତ୍ତମାନ ବିଧାୟକ ସନାତନ ମହାକୁଡଙ୍କ ସମର୍ଥକ ବୋଲି ଜଣାପଡିଛି। ସନା ମଧ୍ୟ ଗୁରୁବାର ଗଣମାଧ୍ୟମରେ ପରୋକ୍ଷରେ ଏହି ସୂଚନା ଦେଇଛନ୍ତି। କେବଳ ଚମ୍ପୁଆ ଆସନ ନୁହେଁ, କେନ୍ଦୁଝର ଲୋକ ସଭା ପ୍ରାର୍ଥୀ ଚୟନରେ ମଧ୍ୟ ତାଙ୍କର ପ୍ରମୁଖ ଭୂମିକା ରହିଛି। ମୋଟ ଉପରେ କହିବାକୁ ଗଲେ ବିଜେଡି ଚମ୍ପୁଆବାସୀଙ୍କ ଭାଗ୍ୟ ସନାଙ୍କ ଉପରେ ଛାଡି ଦେଇଛି। ସ୍ଥାନୀୟ ଅଞ୍ଚଳରେ ବହୁ ପ୍ରଭାବଶାଳୀ ବିଜେଡି ନେତା ଥିଲେ ବି ଦଳୀୟ ଟିକେଟରୁ ସେମାନେ ବଞ୍ଚିତ ହୋଇଛନ୍ତି। ସମସ୍ତ ଘଟଣା ସମ୍ପର୍କରେ ସନା କହିଛନ୍ତି ଯେ, ପାଣି ବିନା ମାଛ ଯେମିତି, ରାଜନୀତି ବିନା ସନାତନ ମହାକୁଡ ସେମିତି। ରାଜ୍ୟରେ ୧୯ ବର୍ଷ ଧରି ଶାସନ କରିଥିବା ବିଜେଡିର କାର୍ଯ୍ୟକଳାପ ମୋତେ ଭଲ ଲାଗିଥିଲା। ଏହି ସମୟରେ ଦଳର ସଭାପତି ମଧ୍ୟ ତାଙ୍କୁ ସମର୍ଥନ ମାଗିଥିଲେ। ତାଙ୍କୁ ସମ୍ମାନ ଜଣାଇ ବିଜେଡିକୁ ସହାୟତା କରିଛି। ହେଲେ ସେ ନିଜେ ବିଜେଡିରେ ମିଶି ନ ଥିବା ସନା କହିଛନ୍ତି। ସେହିପରି କେନ୍ଦୁଝର ଲୋକ ସଭା ଆସନରୁ ବିଜେଡି ପ୍ରାର୍ଥିନୀ ହୋଇଥିବା ଚନ୍ଦ୍ରାଣୀ ମୁର୍ମୁ ଜଣେ ଇଞ୍ଜିନିୟର। ସେ ଭଲ ଚାକିରି କରିପାରିଥାନ୍ତେ, ମାତ୍ର ତାଙ୍କୁ ରାଜନୀତି କରିବା ପାଇଁ ପରାମର୍ଶ ଦେଇଥିଲି। ଏମିତି କି ତାଙ୍କୁ ପ୍ରାର୍ଥୀ କରିବାକୁ ବିଜେଡି ମୁଖିଆଙ୍କୁ ଅନୁରୋଧ କରିଥିଲି, ଯାହାକୁ ସମ୍ମାନ ଜଣାଇ ମୁଖିଆ ଚନ୍ଦ୍ରାଣୀଙ୍କୁ ପ୍ରାର୍ଥୀ କରିଥିବା ସନାତନ କହିଛନ୍ତି।

ଓଡ଼ିଶାର ଅନ୍ୟତମ ବ୍ୟୟବହୁଳ ନିର୍ବାଚନମଣ୍ଡଳୀ ଭାବେ ପରିଚିତ ଚମ୍ପୁଆ ଆସନରେ ବିଜେଡି କଦାପି ବିଜୟୀ ହୋଇନାହିଁ। ତେଣୁ ନିଜ ଚିହ୍ନରେ ବିଜୟ ହେବା ପାଇଁ ସନାଙ୍କ ଶରଣ ନେବାକୁ ବାଧ୍ୟ ହୋଇଥିବା ରାଜନୈତିକ ସମୀକ୍ଷକ କହିଛନ୍ତି। ୨୦୧୪ରେ ଏହି ଆସନରୁ ସ୍ୱାଧୀନ ଭାବେ ସନାତନ ମହାକୁଡ, ୨୦୦୯ରେ ସ୍ୱାଧୀନ ଭାବେ ଜିତୁ ପଟ୍ଟନାୟକ ବିଜୟୀ ହୋଇଥିଲେ। ୨୦୦୪ରେ ଏହି ସ୍ଥାନରୁ କଂଗ୍ରେସର ଧନୁର୍ଜୟ ସିଦ୍ଧୁ ଓ ୨୦୦୦ରେ ସହରାଇ ଓରାମ ବିଜୟୀ ହୋଇଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ୨୦୧୯ ନିର୍ବାଚନ ଲଢିବେ ନାହିଁ ବୋଲି ସନାତନ ଏବେ ଘୋଷଣା କରିଛନ୍ତି।



ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ଘରେ କେନ୍ଦୁଝର ଲୋକ ସଭା ବିଜେଡି ପ୍ରାର୍ଥୀ ଚନ୍ଦ୍ରାଣୀ ମୁର୍ମୁ।

## ବସ୍ତରରେ ମାଓବାଦୀ ଆକ୍ରମଣ
# ୪ ବିଏସ୍ଏଫ ଯବାନ ଶହୀଦ

ରାୟପୁର,୪।୪

ନିର୍ବାଚନ ପୂର୍ବରୁ ଛତିଶଗଡର ବସ୍ତର ଅଞ୍ଚଳରେ ମାଓବାଦୀମାନେ ଗୁରୁବାର ସୁରକ୍ଷା ବଳ ଉପରେ ଜୋରଦାର ଆକ୍ରମଣ କରିଛନ୍ତି। ସେମାନଙ୍କ ଅତର୍କିତ ଆକ୍ରମଣରେ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ୪ ଯବାନ ଶହୀଦ ହୋଇଛନ୍ତି। କଙ୍କେର ଜିଲ୍ଲାରେ ହୋଇଥିବା ଏହି ଆକ୍ରମଣରେ ଜଣେ ଆସିଷ୍ଟାଣ୍ଟ ସବ୍‌ଇନ୍‌ସ୍ପେକ୍ଟର ଏବଂ ୩ କନ୍‌ଷ୍ଟେବଲ୍‌ଙ୍କ ଜୀବନ ଯାଇଛି। ବିଏସ୍ଏଫ ଯବାନମାନେ ମାଓବାଦୀ ଅଧ୍ୟୁଷିତ ମାହାଲା ଜଙ୍ଗଲ ଅଞ୍ଚଳକୁ ନିୟମିତ ପାଟ୍ରୋଲିଂରେ ଯାଇଥିଲେ। ସେମାନଙ୍କୁ ଦେଖି ମାଓବାଦୀମାନେ ଆଖିବୁଜା ଗୁଳି ଚଳାଇବାରୁ ଉଭୟ ☞ପୃଷ୍ଠା-୪



**ଆଜିର ସମ୍ପାଦକୀୟ**

ଆର୍‌ବିଆଇ ବାଟ ଖୋଜୁ

**ଆଜିର ମନ୍ତବ୍ୟ**

" ସ୍ୱଚ୍ଛତା ନାଁରେ ଆମେ ନ୍ୟାୟପାଳିକା ଅନୁଷ୍ଠାନକୁ ଧ୍ୱଂସ କରିଦେଇ ପାରିବାନାହିଁ।

– ରଞ୍ଜନ ଗୋଗୋଇ, ଭାରତର ପ୍ରଧାନ ବିଚାରପତି

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ନ୍ୟାଶନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ ୩୨.୪୪ ନିୟୁତ ଟନ୍ ଖଣିଜ ଉତ୍ତୋଳନ କରିଛି।

– ଖଣି ମନ୍ତ୍ରଣାଳୟ





# ରେପୋ ରେଟ୍ ୦.୨୫% ହ୍ରାସ

ମୁମ୍ବାଇ,୪-୪

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଚଳିତ ଆର୍ଥିକ ବର୍ଷର ପ୍ରଥମ ମୁଦ୍ରା ନୀତି ଗୁରୁବାର ଘୋଷଣା କରି କ୍ରମାଗତ ଦ୍ୱିତୀୟ ଥର ରେପୋ ରେଟ୍ ହ୍ରାସ କରିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ଜନତା ଓ ଉଦ୍ୟୋଗ ଜଗତକୁ ଆଶ୍ୱସ୍ତ କରିବାକୁ ଯାଇ ଆର୍‌ବିଆଇ ରେପୋ ରେଟ ୨୫ ☞ପୃଷ୍ଠା-୪


AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission : College code - 28085110
FOUNDATION COURSE STARTING FROM 1ST APRIL 2019
Hurry Up... Limited Seats
(Jharsuguda Highway) Pardhiapali, Sambalpur
Call No- 7873006705, 7873006725, 7978326206, 7873006711,7381026700
E-mail: aims.sambalpur@gmail.com
website: www.aimscollegesambalpur.com



NECC NATIONAL EGG CO-ORDINATION COMMITTEE 04.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 87 | 141 | 151 |
| CTC | 89 | 144 | 154 |
| DKL | 89 | 144 | 154 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 88 | 142 | 152 |

*Conditions Apply
Eggs Retail Price- 40/-Dozen
Issued in the Interest of Consumers


# ୩ ଆସନରେ କଂଗ୍ରେସର ପ୍ରାର୍ଥୀ ପରିବର୍ତ୍ତନ

ଭୁବନେଶ୍ୱର,୪।୪(ବ୍ୟୁରୋ)

**କେନ୍ଦୁଝର ଲୋକ ସଭା ପ୍ରାର୍ଥୀ ବଦଳିଲେ**

- ଫକୀରଙ୍କ ଜାଗାରେ ମୋହନ
- ତେଲକୋଇରେ ପ୍ରଶାନ୍ତ
- ପାଟଣାରେ ବିନୋଦ

ସବୁଠାରୁ ଆଗୁଆ କଂଗ୍ରେସ ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ। କିନ୍ତୁ ପ୍ରାର୍ଥୀ ଘୋଷଣା ନେଇ କଂଗ୍ରେସ ସବୁଠାରୁ ପଛରେ ପଡିଯାଇଛି। ଅଧିକାଂଶ ଆସନରେ ଦଳ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଦେଇପାରି ନାହିଁ। ସେହିପରି ଯେଉଁସବୁ ଆସନ ପାଇଁ ଦଳ ପ୍ରାର୍ଥୀ ତାଲିକା ଘୋଷଣା କରିଛି ସେଥିରୁ ଅଧିକାଂଶଙ୍କୁ ନେଇ ଦଳରେ ବର୍ତ୍ତମାନ ବିଦ୍ରୋହ ଦେଖାଦେଇଛି। ଅସନ୍ତୋଷ ଏତେ ମାତ୍ରାରେ ବୃଦ୍ଧିପାଉଛି ଯେ, ବହୁ ଆସନରେ ଦଳ ପ୍ରାର୍ଥୀ ବଦଳାଇବା ଆରମ୍ଭ କରିଛି। ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ଚୟନରେ ଏତେ ମାତ୍ରାରେ ଅନିୟମିତତା ହୋଇଛି ଯେ ଦଳର ବହୁ ବରିଷ୍ଠ ନେତା ଏହାକୁ ନେଇ ସିଧାସଳଖ ମୁହଁ ଖୋଲିବା ଆରମ୍ଭ କରିଦେଇଛନ୍ତି। ପିପିଲି ଆସନରୁ ଯୁଧିଷ୍ଠିର ସାମନ୍ତରାୟ ଟଙ୍କା ନେଇ ପିସିସି ସଭାପତି ପ୍ରାର୍ଥୀ ଚୟନ କରୁଥିବା ଅଭିଯୋଗ କରିଛନ୍ତି। ସେହିପରି ଟିକେଟ ପାଇବାପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ନିର୍ବାଚନ ଲଢିବାକୁ ମନା କରିଦେଇଛନ୍ତି। ଫଳରେ ☞ପୃଷ୍ଠା-୪

# ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ନାମାଙ୍କନ ଦାଖଲ ଶେଷ

ଭୁବନେଶ୍ୱର,୪।୪(ବ୍ୟୁରୋ)

- ବିଧାନସଭା ପାଇଁ ୧୮୬, ଲୋକ ସଭା ଲାଗି ୩୫ ନାମାଙ୍କନ ପତ୍ର ଦାଖଲ
- ଚତୁର୍ଥ ପର୍ଯ୍ୟାୟ ବିଧାନସଭା ପାଇଁ ୩୩ , ଲୋକ ସଭା ଲାଗି ୪ ନାମାଙ୍କନ ପତ୍ର ଦାଖଲ

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ସକାଶେ ଗୁରୁବାର ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି। ଶେଷ ଦିବସରେ ବିଧାନସଭା ଆସନ ପାଇଁ ୧୮୬ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଲୋକ ସଭା ଆସନ ଲାଗି ୩୫ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତୃତୀୟ ପର୍ଯ୍ୟାୟରେ ୪୨ଟି ବିଧାନସଭା ଆସନ ପାଇଁ ମୋଟ ୩୯୯ ନାମାଙ୍କନ ପତ୍ର ଦାଖଲ କରାଯାଇଥିବା ବେଳେ ୬ଟି ଲୋକ ସଭା ଆସନ ପାଇଁ ମୋଟ ୬୯ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ୪ର୍ଥ ପର୍ଯ୍ୟାୟ ସକାଶେ ଗୁରୁବାର ବିଧାନସଭା ଆସନ ପାଇଁ ୧୫ ଜଣ ପ୍ରାର୍ଥିପତ୍ର ☞ପୃଷ୍ଠା-୪



"ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ




## ସଂକ୍ଷେପରେ

### ଦିଲୀପଙ୍କ ସମର୍ଥନ ପାଇବା ପାଇଁ ପ୍ରାର୍ଥୀ ବିକଳ

**ରାଉରକେଲା ଅଫିସ,୪।୪:** ଭାଜପା ସହ ବିଧାୟକ ପଦ ଛାଡ଼ିବା ପରେ ବି ରାଜନୀତିରେ କମିନି ଦିଲୀପ ରାୟଙ୍କ ଦବଦବା। ଏଥର ନିର୍ବାଚନ ଲଢୁନାହାନ୍ତି ଦିଲୀପ। ତେଣୁ ତାଙ୍କ ସମର୍ଥକଙ୍କୁ ନିଜ ସପକ୍ଷରେ ନେବାକୁ ବିଭିନ୍ନ ଦଳର ପ୍ରାର୍ଥୀ ଯେମିତି ବିକଳ ହେଉଥିବା ଦେଖିବାକୁ ମିଳିଛି। ଦିଲୀପ ରାଉରକେଲା ଫେରିବା ପରେ ଗୁରୁବାର ବହୁ ପ୍ରାର୍ଥୀ ତାଙ୍କୁ ଭେଟି ସମର୍ଥନ କାମନା କରିଛନ୍ତି। ତେବେ ଦିଲୀପ କାହାକୁ କି ପ୍ରତିଶ୍ରୁତି ଦେଇଛନ୍ତି ସେ ନେଇ କାହା ପାଖରେ କିଛି ଖବର ନ ଥିଲେ ମଧ୍ୟ ତାଙ୍କୁ ଭେଟିବା ପରେ କେତେଜଣ ପ୍ରାର୍ଥୀ ବେଶ୍ ଉତ୍ସାହିତ ହୋଇ ପଡ଼ିଛନ୍ତି। ଦିଲୀପଙ୍କ ସମର୍ଥନ ନେଇ ଏମାନେ ଦୃଢ଼ ଆଶାବାଦୀ ହୋଇପଡ଼ିଛନ୍ତି। ଦିଲୀପଙ୍କୁ ଭେଟିଥିବା ପ୍ରାର୍ଥୀମାନେ ହେଉଛନ୍ତି ସୁନ୍ଦରଗଡ଼ ଲୋକ ସଭା ଆସନ ବିଜେଡି ପ୍ରାର୍ଥିନୀ ସୁନୀତା ବିଶ୍ୱାଳ, ରାଉରକେଲା ବିଜେଡି ବିଧାୟକ ପ୍ରାର୍ଥୀ ସାରଦା ନାୟକ, ରଘୁନାଥପାଲି ବିଜେଡି ପ୍ରାର୍ଥୀ ସୁବ୍ରତ ତରାଇ ପ୍ରମୁଖ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଦିଲୀପ ଭାଜପା ଛାଡ଼ିବା ପରେ ଯେଉଁମାନେ ତାଙ୍କଠାରୁ ଦୂରେଇ ଏବେ ଦଳୀୟ ପ୍ରାର୍ଥୀ ହୋଇଛନ୍ତି ସେମାନେ ମଧ୍ୟ ତାଙ୍କୁ ଭେଟି ସହଯୋଗ ଲୋଡ଼ିଛନ୍ତି। ରଘୁନାଥପାଲି ଭାଜପା ପ୍ରାର୍ଥୀ ଜଗବନ୍ଧୁ ବେହେରା ଓ ରାଉରକେଲା ଭାଜପା ପ୍ରାର୍ଥୀ ନିହାର ରାୟ ମଧ୍ୟ ଗୁରୁବାର ଦିଲୀପଙ୍କୁ ଭେଟିଛନ୍ତି। ଯେଉଁ ଅନୁଗତମାନେ ଭାଜପା ଛାଡ଼ିବା ବେଳେ ଦିଲୀପଙ୍କୁ ଧରାଛୁଆଁ ଦେଉ ନ ଥିଲେ ସେମାନେ ଏବେ ଦିଲୀପମୁହାଁ ହେବା ସହରରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଦିଲୀପଙ୍କ ବହୁ ସମର୍ଥକ ଏବେ ନିର୍ବାଚନ ପ୍ରକ୍ରିୟାରୁ ଦୂରେଇ ରହିଛନ୍ତି। ଏମାନଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ। ଏପରି ଅବସ୍ଥାରେ ଦିଲୀପଙ୍କ ସମର୍ଥନ ପାଇବାକୁ ପ୍ରାର୍ଥୀଙ୍କ ମଧ୍ୟରେ ଯେମିତି ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ଶାସକ, ବିରୋଧୀ ସବୁ ଦଳର ପ୍ରାର୍ଥୀ ଯେନତେନ ପ୍ରକାରେ ତାଙ୍କ ସମର୍ଥନ ହାସଲ ପାଇଁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଏପରି ଅବସ୍ଥାରେ ସେ କାହକୁ ସମର୍ଥନ କରୁଛନ୍ତି ଓ ତାଙ୍କ ସମର୍ଥକ କାହା ଆଡ଼କୁ ଢଳୁଛନ୍ତି ତାହା ଦେଖିବାକୁ ବାକି ରହିଲା।

### କଂଗ୍ରେସର ପ୍ରାର୍ଥୀ ଚୟନ ପ୍ରତିବାଦରେ ବିକ୍ଷୋଭ

**ଧର୍ମଶାଳା,୪।୪(ଡି.ଏନ୍.ଏ.):** ଧର୍ମଶାଳା ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳର ପ୍ରାର୍ଥୀ ଘୋଷଣାକୁ ନେଇ ଦଳର କେତେକ ଛାମୁଆ ନେତା ଓ କର୍ମୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଗୁରୁବାର କଂଗ୍ରେସ ଦଳର ଛାମୁଆ ନେତା ଓ ଆଶାୟୀ ପ୍ରାର୍ଥୀ ପୂର୍ବତନ ବ୍ଲକ ଅଧକ୍ଷ କିଶାନ ପଣ୍ଡା, ମାନସ ରଞ୍ଜନ କର, ଅଧୀର କୁମାର ଜେନା, ସଞ୍ଜୟ କୁମାର ରାୟ, ଜୋନ୍ ସଭାପତି ପ୍ରଫୁଲ୍ଲ କୁମାର ରାୟ, ସୁଧାକର ରାଉତ, ସଞ୍ଜୟ ରାଉତ, କଂଗ୍ରେସ ନେତା ପୂର୍ଣ୍ଣଚନ୍ଦ୍ର ତରାଇଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ଜାରକା ବଜାରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଧର୍ମଶାଳା କଂଗ୍ରେସ ପ୍ରାର୍ଥୀ ଚୟନର ପୁର୍ନବିଚାର କରା ନ ଗଲେ ନିର୍ବାଚନରେ ଅସହଯୋଗ କରିବେ ବୋଲି ଚେତାନୀ ଦେଇଛନ୍ତି। ଦୁଇଦିନ ତଳେ ଧର୍ମଶାଳା ବିଧାନ ସଭାପାଇଁ କଂଗ୍ରେସ ଦଳର ନବାଗତା ନେତ୍ରୀ ସ୍ମୃତିରେଖା ପହୀଙ୍କୁ ଟିକେଟ ପ୍ରଦାନ କରାଯାଇଛି। ଯାହାକୁ ସହଜରେ ଗ୍ରହଣ କରିପାରି ନାହାଁନ୍ତି ଧର୍ମଶାଳାର କଂଗ୍ରେସ ନେତା ଓ କର୍ମୀ। ଟିକେଟ ଘୋଷଣା ପରେ ଧର୍ମଶାଳା କଂଗ୍ରେସର ଆଶାୟୀ ପ୍ରାର୍ଥୀ ଓ ଛାମୁଆ ସଂଗଠକ ଭୁବନେଶ୍ୱରସ୍ଥିତ ପିସିସି କାର୍ଯ୍ୟାଳୟରେ ପହଞ୍ଚି ନିଜର କ୍ଷୋଭ ବ୍ୟକ୍ତ କରିବା ସହ ଏହାର ପୁର୍ନବିଚାର କରିବାକୁ ଲିଖିତ ଭାବେ ଜଣାଇଥିଲେ। ଏଥିସହ ଧର୍ମଶାଳାର ଜଣେ ଭୂମୀପୁତ୍ରକୁ ପ୍ରାର୍ଥୀକରିବାକୁ ଦାବି କରିଥିଲେ।

## ■ ଭାଜପାର 'ଡବଲ ଇଞ୍ଜିନ' ଥିଓରିକୁ ସମାଲୋଚନା

# 'ମହିଳାଙ୍କ ଅଧିକାର ହିଁ ବିକାଶର ଡବଲ ଇଞ୍ଜିନ'

**ଭୁବନେଶ୍ୱର,୪।୪(ବ୍ୟୁରୋ)**

ମହିଳାଙ୍କ ଅଧିକାର ହିଁ ବିକାଶର ପ୍ରକୃତ ଡବଲ ଇଞ୍ଜିନ। ମହିଳାମାନେ ହିଁ ରାଜନୀତିରେ ପରିବର୍ତ୍ତନ ଆଣିପାରିବେ। ରାଜନୀତି ଯଦି କ୍ଷମତା, ତେବେ ମହିଳାମାନେ ପରିପ୍ରକାଶରେ ଏହାକୁ ମାନବୀୟ ସ୍ପର୍ଶ ଦେଇପାରିବେ। ରାଜନୀତି ଯଦି ଦେଶର ମୂଲ୍ୟବୋଧକୁ ନିୟନ୍ତ୍ରଣ କରିଥାଏ, ତେବେ ଲୋକସଂଖ୍ୟାର ଅର୍ଦ୍ଧେକଙ୍କୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସାମିଲ କରିବାକୁ ସୁଯୋଗ ନ ଦେବା କ'ଣ ବିଜ୍ଞତାର ପରିଚାୟକ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଏଥିସହିତ ନିକଟରେ ନ୍ୟୁଜିଲାଣ୍ଡରେ ହୋଇଥିବା ନରସଂହାର ପରେ ଦେଶର ପ୍ରଧାନମନ୍ତ୍ରୀ ଜାସିନ୍ଦା ଆଡେନଙ୍କ ପ୍ରତିକ୍ରିୟା ଉଦାହରଣ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଏକ ବାର୍ତ୍ତାରେ କହିଛନ୍ତି ଯେ, ମିସ୍ ଆଡେନ ସଂଖ୍ୟାଗରିଷ୍ଠଙ୍କ ସପକ୍ଷରେ ଯୁକ୍ତି କରି ନ ଥିଲେ। ତାଙ୍କ ପ୍ରତିକ୍ରିୟା ସାରା ବିଶ୍ୱକୁ ସ୍ତବ୍ଧ କରିଥିଲା। ଶରଣାର୍ଥୀମାନଙ୍କୁ ସମର୍ଥନ କରି ସେ କହିଥିଲେ, ନ୍ୟୁଜିଲାଣ୍ଡ ସେମାନଙ୍କ ଘର। ସେମାନେ ଆମ ଭଳି। ତାଙ୍କ ଉପରେ ହୋଇଥିବା ଆକ୍ରମଣକୁ ଆତଙ୍କବାଦ ବୋଲି ଦର୍ଶାଇଥିଲେ। ତାଙ୍କ ପ୍ରତିକ୍ରିୟା ଜାତି,



ଧର୍ମ ଆଦିର ସଂକୀର୍ଣ୍ଣ ପ୍ରାଚୀରକୁ ଅତିକ୍ରମ କରି ମାନବତାକୁ ସମର୍ଥନ କରିଥିବା ନବୀନ କହିଛନ୍ତି। ସେହିପରି ଜର୍ମାନ ଚାନ୍ସେଲର ମିସ୍ ଆଞ୍ଜେଲା ମର୍କେଲ ବୋଧହୁଏ ବିଶ୍ୱର ଏକମାତ୍ର ନେତ୍ରୀ, ଯିଏ ଜାତୀୟ ସୀମାସରହଦକୁ ଖାତିର ନ କରି ଶରଣାର୍ଥୀମାନଙ୍କୁ ସ୍ୱାଗତ କରିଥିଲେ। ଏଥିସହିତ ମାନବ ଜାତି ପ୍ରତି ଅନୁକମ୍ପା ପ୍ରଦର୍ଶନ କରିଥିବା କଥା ମୁଖ୍ୟମନ୍ତ୍ରୀ ନିଜ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ମହିଳା ସଶକ୍ତୀକରଣକୁ ଆଗକୁ ଆଣି କେନ୍ଦ୍ର ସରକାରଙ୍କୁ ନବୀନ ପରୋକ୍ଷରେ ସମାଲୋଚନା କରିଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟରେ ସମାନ ଦଳର ସରକାର ଅପେକ୍ଷା ସମାଜର ଦୁଇ ବର୍ଗ ପୁରୁଷ ଏବଂ ନାରୀଙ୍କ ସଶକ୍ତୀକରଣ ହିଁ ବିକାଶର ଡବଲ ଇଞ୍ଜିନ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ସେହିଭଳି ବିଜୁବାବୁ ମହିଳା ସଶକ୍ତୀକରଣର ଅଗ୍ରଗଣ୍ୟ ସାରଥି ଥିଲେ। ମହିଳାଙ୍କ ପାଇଁ ପ୍ରଥମେ ସେ ହିଁ ପଞ୍ଚାୟତସ୍ତରରେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ତାହାକୁ ପରବର୍ତ୍ତୀ ସମୟରେ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଥମେ ଏହି ପଦକ୍ଷେପକୁ ସମାଲୋଚନା କରାଯାଉଥିଲା। ଲୋକେ କହୁଥିଲେ ସ୍ୱାମୀ ଓ ବାପ ସବୁ କରିବେ। ହେଲେ ପରବର୍ତ୍ତୀ ସମୟରେ ରାଜ୍ୟରେ ୬୦,୦୦୦ ମହିଳା ସରପଞ୍ଚ, ୱାର୍ଡମେମ୍ବର, ପଞ୍ଚାୟତ ପ୍ରତିନିଧି ହେବାର ସୁଯୋଗ ପାଇଛନ୍ତି। ଓଡ଼ିଶାରେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ପାଇଛି। ଏଥିପାଇଁ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ମହିଳାମାନେ ଧନ୍ୟବାଦର ପାତ୍ର। ଯେଉଁ ରାଷ୍ଟ୍ର ବା ରାଜ୍ୟ ତାହାର ମହିଳାଙ୍କ ବିକାଶକୁ ଗୁରୁତ୍ୱ ଦିଏନାହିଁ, ତାହା ଏକ ଇଞ୍ଜିନ ହୋଇଥାଏ। ଠିକ୍ ଭାବେ ବିକାଶ ହୋଇ ନ ଥାଏ। ତେଣୁ ଭାରତକୁ ଯଦି ବିକାଶର ଶିଖରରେ ପହଞ୍ଚାଇବାର ଅଛି ଏବଂ ଆମେରିକା, ଚାଇନା ଭଳି ଦେଶ ସହ ପ୍ରତିଯୋଗିତା କରିବାର ଇଚ୍ଛା ଅଛି, ତେବେ ରାଜନୈତିକ ଦୃଶ୍ୟପଟରେ ପରିବର୍ତ୍ତନ ଆଣିବାକୁ ପଡିବ। ମହିଳାଙ୍କୁ ସଶକ୍ତ କରିପାରିଲେ ହିଁ ଡବଲ ଇଞ୍ଜିନ ଦ୍ୱାରା ପ୍ରକୃତ ବିକାଶ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମହିଳାମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ଦିଆଯାଇଥିଲେ, ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆମ ଦୃଷ୍ଟିଭଙ୍ଗୀ ଭିନ୍ନ ହୋଇଥାନ୍ତା। ଯୁଦ୍ଧ, ଶାନ୍ତି ଓ ଆତଙ୍କବାଦରେ ପ୍ରଶ୍ନ ସମାହିତ ହୋଇ ନ ଥାନ୍ତା। ବଳାତ୍କାର, ଯୌନ ନିର୍ଯାତନା ଓ ଯୌତୁକ ସମ୍ପର୍କିତ ଆଇନ ଅଧିକ ଫଳପ୍ରଦ ହୋଇ କାମ କରିଥାନ୍ତା। କର୍ପୋରେଟ୍ ଆୟ ପରି ପରିବାର ଆୟ ବୃଦ୍ଧି ପାଇବ। ବିଜେଡି ସାରା ଦେଶରେ ପ୍ରଥମ ଦଳ, ଯିଏକି ୩୩ ପ୍ରତିଶତ ମହିଳାଙ୍କୁ ଲୋକ ସଭା ପଠାଇବାକୁ ନିଷ୍ପତ୍ତି ନେଇଛି। ବିଜେଡି ସଭାପତି ଭାବେ ଏହା ତାଙ୍କ ପାଇଁ ଆନନ୍ଦର ବିଷୟ ବୋଲି ନବୀନ କହିଛନ୍ତି। ସେହିଭଳି ଦୁଇ ପ୍ରମୁଖ ଜାତୀୟ ଦଳ ସେମାନଙ୍କ ଇସ୍ତାହାରରେ ମହିଳା ସଶକ୍ତୀକରଣ ବିଷୟରେ କହିଥାନ୍ତି। ହେଲେ କାର୍ଯ୍ୟକାରୀ ବେଳେ ନୀରବତା ଅବଲମ୍ବନ କରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଲୋକ ସଭା ଲାଗି ବିଜେଡି ପକ୍ଷରୁ ଘୋଷିତ ସମସ୍ତ ମହିଳାଙ୍କୁ ରାଜ୍ୟବାସୀ ସୁଯୋଗ ଦେବା ନେଇ ଆଶା ପ୍ରକଟ କରିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାଣି ପିଇବ ଛାଣି**
**ପଇସା ନେବ ଗଣି ।**

ପାଣିକୁ ଛାଣି ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥାଏ। ସେହିପରି ଟଙ୍କା ପଇସା କାରବାରରେ କାହାକୁ ବିଶ୍ୱାସ କରିବା ଉଚିତ ହୋଇ ନ ଥାଏ। ଟଙ୍କା ପଇସା ଗଣି ନେଲେ ମନରୁ ସବୁ ସନ୍ଦେହ ଦୂର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ପାଳି ପୋଷି କଲୁ ଯାହାକୁ ବଡ଼**
**ସିଏ ହେଲା ତତେ କାଳକୁ ବାଡ଼ ।**

ଯାହାକୁ ପାଳି ପୋଷି ମଣିଷ କରାଯାଉଥାଏ ତା'ପ୍ରତି ସ୍ୱତଃପ୍ରବୃତ୍ତ ମନରେ ସ୍ନେହ ସରାଗ ଭାବ ଭରି ରହିଥାଏ, ଦରଦଭାବ ରହିଥାଏ। ପରନ୍ତୁ ମୁଣ୍ଡକୁ ହାତ ପାଇବାରେ ଯଦି ସେହି ବ୍ୟକ୍ତି କୃତଘ୍ନ ହୋଇଯାଏ, ସବୁ ଆଶା ନିରାଶାରେ ପରିଣତ ହୋଇଯାଏ। ମନ ଉପରେ ଦୁଃଖର ପାହାଡ଼ ଲଦି ହୋଇଯାଏ। ଅତୀତ କଥା ଭୁଲିଯାଇ ଉପକାର କରିଥିବା ଲୋକକୁ ବେଖାତିର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଫ୍ଲାଇଂ ସ୍କ୍ୱାଡ୍‌ର ଯାଞ୍ଚ



ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଯାଞ୍ଚ କରାଯାଉଛି।

**ବସ୍ତା, ୪।୪(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନ ପାଇଁ ବସ୍ତା ନିର୍ବାଚନମଣ୍ଡଳୀରେ ପ୍ରମୁଖ ଦଳଙ୍କ ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା ହୋଇଛି । ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷର ସହିତ ଶେଷ କରିବା ପାଇଁ ନିର୍ବାଚନ ଅଧିକାରୀଙ୍କ ପ୍ରୟାସ ଜାରି ରହିଛି । ନିର୍ବାଚନରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଅର୍ଥ କାରବାର ହେବାର ଆଶଙ୍କା କରି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି । ବୁଧବାର ରାତିରୁ ବସ୍ତା ତହସିଲଦାର ନରେନ୍ଦ୍ର ଖମାରୀ ,ଅତିରକ୍ତ ତହସିଲଦାର ମୋହିନୀ ଚରଣ ନାୟକ, ଭୋଗରାଇ ସବ୍‌ରେଜଷ୍ଟ୍ରାର ସୁଶାନ୍ତ କୁମାର ପଟ୍ଟନାୟକଙ୍କ ସମେତ ଜିଲା ସ୍କ୍ୱାଡ୍ ଅଧିକାରୀଙ୍କ ସମେତ ବସ୍ତା ଓ ସିଂଲା ପୋଲିସ ଉପସ୍ଥିତିରେ ଦୁଇ ଚକିଆ ଓ ଚାରି ଚକିଆ ଗାଡିକୁ ଯାଞ୍ଚ କରାଯାଇଛି। ଗୁରୁବାର ବସ୍ତା-ବାଲିଆପାଳ ରାସ୍ତାର ଗାନ୍ଧିଛକ କୁଡିଆଠାରେ ଯାଞ୍ଚ ସମୟରେ ଭୋଗରାଇ ଅଞ୍ଚଳର ୨ଜଣ ଯୁବକଙ୍କଠାରୁ ୨ଲକ୍ଷ ଟଙ୍କା ବାହାରିଥିଲା । ସେମାନଙ୍କୁ ଅଟକ ରଖି ଟଙ୍କା ଉପରେ ତଦନ୍ତ ହୋଇ ଏହି ଟଙ୍କାର ସମସ୍ତ ପ୍ରମାଣପତ୍ର ପାଇବା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ରାତିରେ ଦରଡା ରାସ୍ତାରେ ଏହି ଯାଞ୍ଚ ପ୍ରକ୍ରିୟା ଚାଲିଥିବା ତହସିଲଦାର ପ୍ରକାଶ କରିଛନ୍ତି।

# ଡବଲ ଇଞ୍ଜିନ ଆଣିଲେ ବୌଦ୍ଧର ବିକାଶ ନିଶ୍ଚିତ

**ପୁରୁଣାକଟକ, ୪।୪ (ଡି.ଏନ.ଏ.)**

ଗତ ୧୯ ବର୍ଷ ଧରି ବୌଦ୍ଧ ଜିଲାରେ ନିରଙ୍କୁଶ କ୍ଷମତାରେ ଥିବା ସ୍ଥାନୀୟ ବିଧାୟକ ରାଜ୍ୟ ସରକାରଙ୍କ ବିଭିନ୍ନ ଉଚ୍ଚ ପଦପଦବୀ ଓ ମନ୍ତ୍ରୀମଣ୍ଡଳରେ ରହିଥିଲେ ମଧ୍ୟ ବୌଦ୍ଧ ଜିଲାର ସାମଗ୍ରିକ ବିକାଶ ହୋଇପାରିନାହିଁ। ଏଣୁ ସମୟ ଆସିଛି ମୋଦିଙ୍କ ହାତମୁଠାକୁ ଟାଣ କରିବା ସହ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ଆଣିଲେ ବୌଦ୍ଧ ଜିଲାର ବିକାଶ ନିଶ୍ଚିତ ହେବ। ଗୁରୁବାର ପୁରୁଣାକଟକ ମେଣ୍ଟଖାଇ ପଡିଆରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଉଦ୍‌ବୋଧନ ଦେଇ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ଦିନେଶ ଶର୍ମା ଏହା କହିଛନ୍ତି। ଅପରାହ୍ନ ୨ଟା ସମୟରେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଶର୍ମାଙ୍କ ସହ ଭାଜପା ଓଡିଶା ପ୍ରଭାରୀ ତଥା କେନ୍ଦ୍ର ସାଧାରଣ ସମ୍ପାଦକ ଅରୁଣ ସିଂ ସଭାସ୍ଥଳରେ ପହଞ୍ଚିଥିଲେ। ଭାଜପାର କନ୍ଧମାଳ ଲୋକସଭା ପ୍ରାର୍ଥୀ ଐର ଖାରବେଳ ସ୍ୱାଇଁ, ବୌଦ୍ଧ ବିଧାନସଭା ପ୍ରାର୍ଥୀ ସୁଶାନ୍ତ ପ୍ରଧାନଙ୍କୁ ଭୋଟଦେଇ ବୌଦ୍ଧରେ ପରିବର୍ତ୍ତନ ଆଣିବା ପାଇଁ କେନ୍ଦ୍ରୀୟ ନେତାମାନେ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ବୌଦ୍ଧ ଜିଲା ସଭାପତି ସୌମିତ୍ରୀ ନାୟକ, ଭାଜପା ନେତା ସଚ୍ଚିଦାନନ୍ଦ ଦଲାଲପ୍ରମୁଖ ଯୋଗଦେଇ ଥିଲେ।



ଭାଜପାର ବିଜୟ ସଂକଳ୍ପ ସମାବେଶରେ ମଞ୍ଚାସୀନ ନେତୃବୃନ୍ଦ।

# କୁଆମରା ଅଞ୍ଚଳରେ ହାତୀ ଉପଦ୍ରବ

**କୁଆମରା, ୪।୪(ଡି.ଏନ.ଏ.)**

ବୁଧବାର ରାତିରେ ନୀଳଗିରି ଅଞ୍ଚଳରୁ ୫ ହାତୀ କୁଆମରା ଫରେଷ୍ଟ ରିଜର୍ଭ ଜଙ୍ଗଲକୁ ପଶିବା ଯୋଗୁଁ ଉକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସନ୍ଧ୍ୟା ଓ ରାତିରେ ରାସ୍ତାରେ ଯାତାୟତ ଠପ୍ ହୋଇ ପଡିଛି। ୫ଟି ହାତୀ ମଧ୍ୟରୁ ଗୋଟିଏ ଦନ୍ତା ଥିବା ବେଳେ ୨ଟି ମାଈ ହାତୀ ଓ ୨ଟି ସାବତ ଥିବାର ଦେଖାଯାଇଛି। ତେବେ ଗତ ବୁଧବାର ରାତିରେ ଆରପଟା ପଞ୍ଚାୟତର ଖିରିପଦା ଗ୍ରାମକୁ ପଶି କେତେକ ବାଡିରେ ଗଛ ପତ୍ର ନଷ୍ଟ କରିଥିବା ବେଳେ ଜଙ୍ଗଲ ମଧ୍ୟ କୁ ପଶିଥିଲେ। ଗୁରୁବାର କୁଆମରା ଫାଣ୍ଡି ପଛପଟ ଜଙ୍ଗଲରେ ସକାଳ ୧୦ଟା ରୁ ୧୨ଟା ପର୍ଯ୍ୟନ୍ତ ରହିବା ପରେ ବଡସାହି ବ୍ଲକ ଅନ୍ତର୍ଗତ ପଟିସାରୀ ଜଙ୍ଗଲକୁ ମୁହାଁଇ ଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚିବା ପରେ ହାତୀଙ୍କୁ ଘଉଡାଇବାକୁ ଚେଷ୍ଟା କରିଥିଲେ। ୪୦ଜଣ କର୍ମଚାରୀ ପହଞ୍ଚି ହାତୀ ଘଉଡାଇବା କାର୍ଯ୍ୟରେ ଲାଗିଛନ୍ତି। ସନ୍ଧ୍ୟା ୭ଟା ସୁଧା ହାତୀମାନଙ୍କୁ ରତନପୁର ପହଞ୍ଚାଇଥିବା ବିଭାଗୀୟ କର୍ମଚାରୀ କହିଛନ୍ତି। ତେବେ ବୁଧବାର ରାତି ୧୦ଟାରୁ ଗୁରୁବାର ରାତି ୮ଟା ପର୍ଯ୍ୟନ୍ତ ହାତୀ ପାଇଁ ବିଦ୍ୟୁତ କାଟ ହୋଇଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ■ ଚୈତ୍ର ପର୍ବକୁ ଅନୁମତି ନ ଦେବା ଘଟଣା

# ନିର୍ବାଚନ କମିଶନଙ୍କୁ ସାକ୍ଷାତ କଲେ ସରୋଜିନୀ

**ବାରିପଦା ଅଫିସ,୪।୪**

ମୟୂରଭଞ୍ଜ ଜିଲାରେ କଳା ସଂସ୍କୃତିର ବାର୍ତ୍ତାବହ ତଥା ସ୍ୱତନ୍ତ୍ର ପର୍ବ ହେଉଛି ଛଉ ପର୍ବ। ପ୍ରତିବର୍ଷ ଜିଲା ପ୍ରଶାସନର ସହଯୋଗରେ ଏହା ପାଳନ ହୋଇଥାଏ। ଚଳିତ ବର୍ଷ ମଧ୍ୟ ଏପ୍ରିଲ ମାସର ୧୧, ୧୨ ଓ ୧୩ ତାରିଖ ବାରିପଦା ସ୍ଥିତ ଛଉ ପଡିଆରେ ପାଳନ ହେବା ନେଇ ସମୟ ଧାର୍ଯ୍ୟ କରାଯାଇଥିଲା। ହେଲେ ଏହି ପର୍ବ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ଦର୍ଶାଇ ପାଳନ ନ କରିବା ପାଇଁ ଡେପୁଟି ଚିଫ ଇଲେକ୍ଟୋରାଲ ଅଫିସର ନିତି ରଞ୍ଜନ ସେନ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଜଣାଇଛନ୍ତି। ତେବେ ଚୈତ୍ର ପର୍ବ ପାଳନ ହେବା ଅନିଶ୍ଚିତତା ଭିତରେ ଥିବା ଘଟଣାକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି। ଏହି ଘଟଣାରେ ଜିଲାର କୌଣସି ନେତୃବୃନ୍ଦ ମୁଣ୍ଡ ଖେଳଉ ନ ଥିବା ବେଳେ ପର୍ବ ପାଳନ କରିବା ପାଇଁ ଅନୁମତି ଦେବାକୁ ରାଜ୍ୟସଭା ସଦସ୍ୟା ଗୁରୁବାର ରାଜ୍ୟ ନିର୍ବାଚନ କମିଶନଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହ ଲିଖିତ ଭାବେ ଏକ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି। ଏହି ପର୍ବ ମୟୂରଭଞ୍ଜବାସୀଙ୍କ ଭାବାବେଗ



ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ ଓ ଅନ୍ୟମାନେ।

ସହିତ ଜଡିତ ବୋଲି ଦର୍ଶାଇଛନ୍ତି। ଗତ ୨୦୧୪ ସାଧାରଣ ନିର୍ବାଚନ ସମୟରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ସମୟରେ ଏହି ପର୍ବ ପାଳନ କରାଯାଇଥିଲା। ହେଲେ ଏହି ବର୍ଷ କାହିଁକି ଏହାକୁ ପାଳନ ନ କରିବା ପାଇଁ କୁହାଯାଉଛି ବୋଲି ଯୁକ୍ତି ବାଢ଼ିଛନ୍ତି। ପ୍ରକାଶ ଥାଉକି ବୁଧବାର ବାରିପଦା ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଓ ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିର ପକ୍ଷରୁ ମଧ୍ୟ ନିର୍ବାଚନ କମିଶନଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରାଯାଇଛି। ଉଭୟ ଛଉ ନୃତ୍ୟ ପ୍ରତିଷ୍ଠାନର ଏକ ପ୍ରତିନିଧି ଦଳ ଛଉ ନୃତ୍ୟଶିଳ୍ପୀ ଲଡୁକେଶ୍ୱର ରଣାଙ୍କ ପ୍ରତିନିଧିତ୍ୱରେ ଜିଲାପାଳ ବିନିତ ଭରଦ୍ୱାଜଙ୍କୁ ସାକ୍ଷାତ କରିଥିଲେ। ସୁଚନା ମୁତାବକ ଡେପୁଟି ଚିଫ ଇଲେକ୍ଟୋରାଲ ଅଫିସର ନିତି ରଞ୍ଜନ ସେନ ଜିଲାପାଳଙ୍କୁ ପତ୍ର ସଂଖ୍ୟା ୬୯୦୧ (୩୧ ମାର୍ଚ୍ଚ ୨୦୧୯)ରେ ଉପରୋକ୍ତ ସୂଚନା ଦେଇଛନ୍ତି। ଏହି ନିର୍ଦ୍ଦେଶ ଆସିବା ପରେ ଜିଲା ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ.୧୭୦(୨ ଏପ୍ରିଲ ୨୦୧୯)ରେ ଉତ୍ତର ସାହି, ଦକ୍ଷିଣ ସାହି, ବିଭିନ୍ନ ପଦାଧିକାରୀ ତଥା ବିଭିନ୍ନ ଅଧିକାରୀଙ୍କୁ ଅବଗତ କରାଇଦିଆଯାଇଛି।

# ସନାତନଙ୍କ ବୟାନକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭାଜପାର ଟାର୍ଗେଟ

**ଭୁବନେଶ୍ୱର,୪।୪(ବ୍ୟୁରୋ)**

ସନାତନ ମହାକୁଡଙ୍କ ବକ୍ତବ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅସଲ ମୁଖାକୁ ଖୋଲିଦେଇଛି ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଗୁରୁବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ଲେଖାଶ୍ରୀ କହିଛନ୍ତି, ସନା ମହାକୁଡଙ୍କ କହିବା ଅନୁଯାୟୀ କେନ୍ଦୁଝରର ଲୋକ ସଭା ଓ ଚମ୍ପୁଆ ବିଧାନସଭା ପ୍ରାର୍ଥୀ ବିଜେଡି ଚୟନ କରିଛି । ତେଣୁ ଆସନ୍ତା ନିର୍ବାଚନରେ ବିଜେଡି ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ସନା କାମ କରିବେ । ତାଙ୍କ ସମ୍ପତ୍ତିକୁ ଇଡି ସିଜ୍ କରିଛି । ମାଇନିଂ ଚୋରିରେ ତାଙ୍କ ନାଁରେ ଅନେକ ମାମଲା ରହିଛି । ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ସେ ସମ୍ପୃକ୍ତ ଥିବା ଲେଖାଶ୍ରୀ ଅଭିଯୋଗ କରିଛନ୍ତି । ଏବେ ସାର୍ବଜନୀନ ଭାବେ ବୟାନ ରଖି ବିଜେଡି ସଭାପତି ତାଙ୍କ କଥାରେ ଟିକେଟ ବାଣ୍ଟୁଥିବା ସନା ସ୍ୱୀକାର କରିଛନ୍ତି। ଏଥିରୁ ଖଣି ମାଫିଆଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କର ମୁଖା ଖୋଲିଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଦୀର୍ଘଦିନର ଶାସନରେ ଓଡିଶା ମାଟି ତଳର ଅମାପ ଖଣିଜ ସମ୍ପଦକୁ ଖଣି ମାଫିଆମାନେ ବେଧଡକ ଖୋଳି ବିକିବାରେ ରାଜ୍ୟ ସରକାର କେବଳ ସାହାଯ୍ୟ କରି ନାହାନ୍ତି ବରଂ ଏଥିରେ ଭାଗୀଦାର ବନିଛନ୍ତି ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି ।

ମୂର୍ଖ ସର୍ବଦା ନିଜ ଘରେ ହିଁ ପୂଜା ପାଏ। ଗାଁର ମୁଖିଆ ଗାଁରେ। କିନ୍ତୁ ଯିଏ ବିଦ୍ୱାନ/ ବୁଦ୍ଧିମାନ ସେ ସବୁଠାରେ ପୂଜା ପାଇଥାଏ।
- ଚାଣକ୍ୟ




■ ଭାଜପାରେ ବିଭୁ ତରାଇ

# 'ବିଜେଡି, କଂଗ୍ରେସର ଭିତିରି ବୁଝାମଣା ସରିଛି'

ଭୁବନେଶ୍ୱର,୪।୪(ବ୍ୟୁରୋ)


ପୂର୍ବତନ ଏମ୍‌ପି ବିଭୁ ତରାଇ ଗୁରୁବାର ଭାଜପା ନେତୃବୃନ୍ଦଙ୍କ ଉପସ୍ଥିତିରେ ଦଳରେ ସାମିଲ ହେଉଛନ୍ତି।

ନିର୍ବାଚନ ପୂର୍ବରୁ ସବୁ ଦଳରେ ନେତାମାନଙ୍କ ଦଳ ଡିଆଁ ପର୍ବ ଜାରି ରହିଛି। ନିଜ ଦଳରେ ଟିକେଟରୁ ବଞ୍ଚିତ ହେଉଥିବା ନେତାମାନେ ଅନ୍ୟ ପାର୍ଟିରେ ଯୋଗଦେଇ ନିଜ ଭବିଷ୍ୟତ ତିଆରି କରିବାକୁ ଚେଷ୍ଟା କରୁଛନ୍ତି। ଚଳିତ ନିର୍ବାଚନରେ ରାଜ୍ୟରେ ଯେତିକି ନେତା ଦଳବଦଳ କରିଛନ୍ତି ଏହା ଓଡିଶାରେ ରେକର୍ଡ ସୃଷ୍ଟି କରିଥିବା ଆଲୋଚନା ହୋଇଛି। ନିର୍ବାଚନକୁ ଖୁବ୍ କମ୍ ସମୟ ଥିବାବେଳେ କଂଗ୍ରେସର ବରିଷ୍ଠ ନେତା ବିଭୁ କିଶୋର ତରାଇ ଗୁରୁବାର ବିଧିବଦ୍ଧ ଭାବେ ଭାଜପାରେ ଯୋଗଦେଇଛନ୍ତି। ତିର୍ତ୍ତୋଲ ବିଧାନସଭା ଆସନ ପାଇଁ ଟିକେଟ ପାଇଥିଲେ ମଧ୍ୟ ବୁଧବାର ବିଭୁ କଂଗ୍ରେସ ଛାଡିଥିଲେ। ଜଗତ୍‌ସିଂହପୁର ଲୋକ ସଭା ଆସନରୁ ବିଭୁ ଟିକେଟ ପାଇବାକୁ ଆଶା ରଖିଥିଲେ ହେଲେ ଏହା ସଫଳ ନ ହେବା କାରଣରୁ ସେ ଭାଜପାରେ ସାମିଲ ହୋଇଛନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ଅନ୍ୟପଟେ ବିଜେଡି ଓ କଂଗ୍ରେସ ମଧ୍ୟରେ ଗୁପ୍ତ ବୁଝାମଣା ହୋଇଥିବା ବିଭୁ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଯେଉଁ ସ୍ଥାନରେ ବିଜେଡି ସ୍ଥିତି ଦୁର୍ବଳ ଅଛି ସେଠାରେ କଂଗ୍ରେସ ଜାଣିଶୁଣି ଦୁର୍ବଳ ପ୍ରାର୍ଥୀ ଦେଇଛି। କେବଳ ଜଗତ୍‌ସିଂହପୁର ନୁହେଁ ସମଗ୍ର ରାଜ୍ୟବାସୀଙ୍କ ପାଇଁ କାମ କରିବାକୁ ଲକ୍ଷ୍ୟ ରଖିଛି। ରାଜ୍ୟରେ ଏକ ପରିବର୍ତ୍ତନର ହାୱା ଭାଜପା ନେତୃତ୍ୱରେ ଦେଖିବାକୁ ମିଳିଥିବାରୁ ସେ ଭାଜପାରେ ସାମିଲ ହୋଇଥିବା କହିଛନ୍ତି। ବିଭୁ ତାଙ୍କ ଶତାଧିକ କର୍ମୀଙ୍କ ସହ ଆସି ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ଦଳରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ତାଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଭାଜପା ଏ ପର୍ଯ୍ୟନ୍ତ ଜଗତ୍‌ସିଂହପୁର ଲୋକ ସଭା ଆସନରେ କାହାକୁ ପ୍ରାର୍ଥୀ କରିପାରି ନାହିଁ। ତେଣୁ ବିଭୁଙ୍କୁ ଦଳ ପ୍ରାର୍ଥୀ କରିବାର ପ୍ରତିଶ୍ରୁତି ଦେବାପରେ ସେ ଭାଜପାରେ ସାମିଲ ହୋଇଛନ୍ତି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଭାଜପା କେବଳ ବିଭୁଙ୍କୁ ନୁହେଁ ବରଂ ଏଭଳି ଅନେକ ଆସନରେ ଅନ୍ୟ ଦଳର ନେତାଙ୍କୁ ସାମିଲ କରି ଟିକେଟ ଦେବାରେ ଏଥର ରେକର୍ଡ କରିଛି।

■ ଭାଜପା କେନ୍ଦ୍ରୀୟ ନେତାଙ୍କ ଘନଘନ ଓଡ଼ିଶା ଗସ୍ତ

# ୬ରେ ପ୍ରଧାନମନ୍ତ୍ରୀ, ୭ରେ ଆସିବେ ଶାହ

ଭୁବନେଶ୍ୱର,୪।୪(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନରେ ଭାଜପା ଓ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ କଡା ମୁକାବିଲା ହେବା ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଏହି ଦୁଇ ଦଳର ହେଭିୱେଟ୍‌ମାନେ ନିର୍ବାଚନରେ ଲୋକମାନଙ୍କ ଆସ୍ଥା ଭାଜନ ହେବା ଲାଗି ଜୋର୍‌ଦାର ପ୍ରୟାସ ଚଳାଇଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଗତ ବୁଧବାରଠାରୁ ଦଳ ପାଇଁ ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଭାଜପାର ମାଳ ମାଳ କେନ୍ଦ୍ରୀୟ ନେତା ଓଡ଼ିଶା ଗସ୍ତରେ ଆସିବା ଆରମ୍ଭ କରିଦେଇଛନ୍ତି। ଏହି କ୍ରମରେ ଭାଜପା ପାଇଁ ପ୍ରଚାର କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମଧ୍ୟ ଲଗାତର ଭାବେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ନିକଟରେ ଶାହ ଓଡ଼ିଶାରେ ଗୋଟିଏ ସାଧାରଣ ସଭାରେ ଯୋଗଦେଇଥିବା ବେଳେ ମୋଦି ଦୁଇଥର ଆସି ସାରିଛନ୍ତି। ପୁନର୍ବାର ମୋଦି ଆସନ୍ତା ୬ ତାରିଖରେ ସୁନ୍ଦରଗଡ ଗସ୍ତରେ ଆସିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆସନ୍ତା ୭ରେ ଶାହ ରାଜ୍ୟ ଗସ୍ତରେ ଆସିବେ। ଏହି ଅବସରରେ ସେ ବରଗଡ ଓ ଗଞ୍ଜାମ ଜିଲାର ପୋଲସରାଠାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେବେ ବୋଲି ଦଳର ରାଜ୍ୟ ସମ୍ପାଦକ ଯତୀନ ମହାନ୍ତି ଗୁରୁବାର ସୂଚନା ଦେଇଛନ୍ତି। ଶାହ ଗତ ୧ରେ ପାରଳାଖେମୁଣ୍ଡି ଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇଥିଲେ। ସେହିପରି ପ୍ରଧାନମନ୍ତ୍ରୀ ମାର୍ଚ୍ଚ ୨୯ରେ କୋରାପୁଟ ଜିଲା ଜୟପୁର ଓ ଏପ୍ରିଲ ୨ରେ କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇଥିଲେ।

## ମଦ ବେପାରୀ ଗିରଫ

ରାଇରଙ୍ଗପୁର, ୪।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅବକାରୀ ବିଭାଗ କର୍ତ୍ତୃପକ୍ଷ ବୁଧବାର ଅଚାନକ ଭାବେ ଚଢାଉ କରି ସ୍ଥାନୀୟ ଜଗନ୍ନାଥ ମାର୍କେଟ ପାର୍ଶ୍ୱସ୍ଥ ରାସ୍ତା ନିକଟରୁ ଗଡ ବସ୍ତୀ ଅଞ୍ଚଳର ଦେବଦତ୍ତ ଜେନା ନାମକ ଜଣେ ମଦ ବେପାରୀକୁ ଗିରଫ କରି ୮ ଲିଟର ଦେଶୀ ମଦ ଜବତ କରିଛନ୍ତି। ଏ ନେଇ ଏ ମାମଲା ରୁଜୁ କରି ଅଭିଯୁକ୍ତ ଦେବଦତ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

**ଭଡ଼ାଗାଡ଼ି ଆବଶ୍ୟକ**

ସମ୍ବଲପୁର ସହରର ବରେଇପାଲିସ୍ଥିତ ଧରିତ୍ରୀ ଛାପାଖାନାଠାରୁ ରାଉରକେଲାକୁ ଧରିତ୍ରୀ ବିତରଣ କରିବା ନିମନ୍ତେ ଭଡ଼ା ସୂତ୍ରରେ ଗାଡ଼ି ଆବଶ୍ୟକ। ଇଚ୍ଛୁକ ଗାଡ଼ି ମାଲିକମାନେ ଗାଡ଼ିର ଆର୍.ସି. ବହିର ନକଲ ଓ ଗାଡ଼ିର ଫଟୋ ସହିତ ନିଜର କୋଟେସନ ପାଞ୍ଚଦିନ ମଧ୍ୟରେ ନିମ୍ନ ଇ-ମେଲ୍ ଠିକଣାରେ ପଠାନ୍ତୁ।

<recruitment@dharitri.com>

# ପାଟକୁରା ଉପରେ ନଜର

■ ଅସୁସ୍ଥ ବେଦଙ୍କୁ ନେଇ ଚିନ୍ତାରେ ବିଜେଡି
■ ବିଜୟଙ୍କ ପାଇଁ ପ୍ରଚାର କରିବେ ଦିଲୀପ

ଭୁବନେଶ୍ୱର,୪।୪(ବ୍ୟୁରୋ)

ଦୁଇ ଦଶନ୍ଧି ଧରି ନିର୍ବାଚନରେ ପରାଜୟ ଭୋଗୁଥିବା ଭାଜପାର ବରିଷ୍ଠ ନେତା ବିଜୟ ମହାପାତ୍ର ଚଳିତ ନିର୍ବାଚନରେ ମହାକାଳପଡା ପରିବର୍ତ୍ତେ ପାଟକୁରା ନିର୍ବାଚନ ମଣ୍ଡଳୀରୁ ଭାଜପା ପ୍ରାର୍ଥୀ ହୋଇଛନ୍ତି। ସେ ପୂର୍ବତନ ମନ୍ତ୍ରୀ ବେଦ ପ୍ରକାଶ ଅଗ୍ରୱାଲଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପାଟକୁରା ଆସନରେ ବିଜେଡି ତାଙ୍କୁ ପ୍ରାର୍ଥୀ କରିବା ପରେ ବେଦ ହଠାତ୍ ଅସୁସ୍ଥ ହୋଇପଡିଛନ୍ତି। ଏବେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କ ସ୍ଥାନରେ ପୁଅକୁ ପ୍ରାର୍ଥୀ କରିବାକୁ ଦାବି ହେଉଛି। ଏପରି କି ବେଦ ପ୍ରକାଶଙ୍କ ସ୍ତ୍ରୀ ପୁତ୍ରକୁ ସାଥିରେ ଧରି ନବୀନ ନିବାସ ଯାଇ ବାପାଙ୍କ ବଦଳରେ ପୁଅକୁ ଟିକେଟ ଦେବାକୁ ଅନୁରୋଧ କରିଥିବା କୁହାଯାଉଛି। ତେବେ ଏ ପର୍ଯ୍ୟନ୍ତ ସେ ବିଷୟରେ ବିଜେଡି ମୁଖିଆ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଏହା ବିଜେଡି ପାଇଁ ଏକ ପ୍ରକାର ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଆସନ୍ତା ୯ ତାରିଖରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ସକାଶେ ନାମାଙ୍କନ ପତ୍ର ଦାଖଲ ଶେଷ ହେବ। ଯଦି ପ୍ରାର୍ଥୀ ପରିବର୍ତ୍ତନ କରାଯିବ ତେବେ ଏ ନେଇ ନବୀନଙ୍କୁ ତୁରନ୍ତ ନିଷ୍ପତ୍ତି ନେବାକୁ ପଡିବ। ମିଳିଥିବା ସୂଚନା ଅନୁଯାୟୀ ବିଜେଡି ବେଦ ପ୍ରକାଶଙ୍କୁ ହିଁ ପାଟକୁରାରୁ ଲଢେଇବାକୁ ଚୂଡାନ୍ତ କରିଛି। ଅନ୍ୟ ପକ୍ଷରେ ଯଦି ବେଦ ପ୍ରକାଶ ସମ୍ପୂର୍ଣ୍ଣ ସୁସ୍ଥ ନ ହୁଅନ୍ତି କିମ୍ବା ନିର୍ବାଚନ ପ୍ରଚାର କରିବାରେ ସଫଳ ନ ହେବେ ଏହା ବିଜୟଙ୍କ ପାଇଁ ଏକ ସୁଯୋଗ ହେବ ବୋଲି କୁହାଯାଉଛି । ଗୁରୁବାର ରାଉରକେଲା ବିଧାୟକ ଦିଲୀପ ରାୟ ପାଟକୁରାରେ ବିଜୟଙ୍କ ପାଇଁ ପ୍ରଚାର କରିବା ନେଇ ଘୋଷଣା କରିଛନ୍ତି। ଯଦି ଏପରି ହୁଏ ତେବେ ବେଦଙ୍କ ତୁଳନାରେ ବିଜୟଙ୍କର ପ୍ରଭାବ ଅଧିକ ହେବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

୨୦୦୦ରୁ ନବୀନ ଏପରି ଗୋଟି ଚାଳନା କରୁଛନ୍ତି ଯେ ବିଜୟ ନିର୍ବାଚନରେ ବିଜୟୀ ହୋଇ ପାରୁନାହାନ୍ତି। ୨୦୦୦ରେ ନାମାଙ୍କନ ଦାଖଲର ଶେଷ ମୁହୂର୍ତ୍ତରେ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ତାଙ୍କୁ ହଟାଇ ଅତନୁ ସବ୍ୟସାଚୀ ନାୟକଙ୍କୁ ଟିକେଟ ଦିଆଯାଇଥିଲା। ସେ ସମୟରେ ବିଜୟ ନିର୍ବାଚନ ଲଢି ପାରି ନ ଥିଲେ। ୨୦୦୪ରେ ସେ ପାଟକୁରାରୁ ପ୍ରତିଦ୍ୱନ୍ଦ୍ୱିତା କରି ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକଙ୍କ ଠାରୁ ପରାଜିତ ହୋଇଥିଲେ। ୨୦୦୯ରେ ନିର୍ବାଚନ ମଣ୍ଡଳୀଗୁଡିକର ପୁନର୍ଗଠନ ପରେ ସେ ପାଟକୁରାରୁ ପୁଣି ପ୍ରାର୍ଥୀ ହୋଇଥିଲେ। ବିଜେଡି ପ୍ରାର୍ଥୀ ବେଦ ପ୍ରକାଶ ଅଗ୍ରୱାଲଙ୍କ ଠାରୁ ତାଙ୍କୁ ପରାଜୟ ବରଣ କରିବାକୁ ପଡିଥିଲା। ଏହା ପରେ ସେ ଭାଜପାରେ ସାମିଲ ହୋଇଥିଲେ। ଭାଜପା ଟିକେଟରେ ସେ ୨୦୧୪ରେ ପାଟକୁରା ପରିବର୍ତ୍ତେ ମହାକାଳପଡାରୁ ପ୍ରାର୍ଥୀ ହୋଇଥିଲେ। ପୁଣି ସେ ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକଙ୍କ ଠାରୁ ପରାସ୍ତ ହୋଇଥିଲେ। ମତାନ୍ତର କାରଣରୁ ବିଜୟ କିଛିମାସ ତଳେ ଭାଜପାରୁ ଇସ୍ତଫା ଦେଇଥିଲେ। ଗତ କିଛିଦିନ ପୂର୍ବରୁ ସେ ପୁଣି ଭାଜପାକୁ ଫେରିବା ସହ ନିର୍ବାଚନ ମଣ୍ଡଳୀ ବଦଳାଇ ପାଟକୁରାରୁ ପ୍ରାର୍ଥୀ ହୋଇଛନ୍ତି। ବିଜୟ କେଉଁଥି ପାଇଁ ନିର୍ବାଚନ ମଣ୍ଡଳୀ ପରିବର୍ତ୍ତନ କରିଛନ୍ତି ସେ ନେଇ ଅନେକ କଥା ଶୁଣିବାକୁ ମିଳୁଛି। ପାଟକୁରା ନିର୍ବାଚନ ମଣ୍ଡଳୀରେ ତାଙ୍କ ଘର ହୋଇଥିବାରୁ ଏହାର ଫାଇଦା ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି ବିଜୟ। ବିଜୟଙ୍କ ରଣନୀତିକୁ ଭେଦ କରି ନବୀନ ପୁଣି ତାଙ୍କୁ ବିଜୟରୁ ଦୂରେଇ ରଖିବେ କିମ୍ବା ତାଙ୍କୁ ବାଟଛାଡି ଦେବେ ତାହା ଉପରେ ଏବେ ସମସ୍ତଙ୍କ ନଜର।

## ପ୍ରତିଶ୍ରୁତି ପାଳୁନଥିବା ଦଳକୁ ଭୋଟ ଦିଅନି: ଦିଲୀପ

ରାଉରକେଲା ଅଫିସ,୪।୪

ପ୍ରତିଶ୍ରୁତି ଦେଇ ଏହାକୁ ପାଳନ କରୁ ନ ଥିବା ଦଳକୁ ଭୋଟ ନ ଦେବାକୁ ଗତ କିଛି ଦିନ ପୂର୍ବେ ଭାଜପା ଛାଡିଥିବା ରାଉରକେଲା ବିଧାୟକ ଦିଲୀପ ରାୟ ତାଙ୍କ ଅନୁଗତଙ୍କୁ ପରାମର୍ଶ ଦେଇଛନ୍ତି। ଗୁରୁବାର ରାଉରକେଲା ଫେରି ତାଙ୍କ କାର୍ଯ୍ୟାଳୟ କଲ୍ୟାଣୀ ପରିସରରେ ସମର୍ଥଙ୍କ ସହ ଆଲୋଚନା କରିଥିଲେ ରାୟ। ସେ ସ୍ପଷ୍ଟ ଭାବେ କହିଥିଲେ ଯେଉଁ ଦଳ ସହରବାସୀଙ୍କୁ ପ୍ରତିଶ୍ରୁତି ଦେଇ ରଖିଲାନି ତାକୁ ସମର୍ଥନ କରନି। ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଓ ଆଇଜିଏଚକୁ ସୁପର ସ୍ପେଶିଆଲିଟି ହସ୍ପିଟାଲ କରାନଯିବାରୁ ମୁଁ ଦଳ ଛାଡ଼ିଲି। ମୋ ପାଇଁ ପୂର୍ବରୁ କହିଛି ମାଟି ବଡ଼ା ପାର୍ଟି ନୁହେଁ। ସିବିଆଇ ଭୟ ଥିଲେ ମୁଁ ଦଳର ଗୋଡାଣିଆ ହୋଇଥାନ୍ତି। ସେଭଳି କିଛି ନାହିଁ । ମୁଁ ଦଳରେ ଥାଏ କି ନଥାଏ ସହରବାସୀଙ୍କ ସ୍ୱାର୍ଥ ପାଇଁ କାମ କରିବି। ଯେଉଁ ଦଳ ଉପରୋକ୍ତ ଦାବି ପୂରଣ ଦିଗରେ ସହଯୋଗ କରିବ ତାକୁ ସମର୍ଥନ କରିବାକୁ ନିଜ ଅନୁଗତଙ୍କୁ ପରାମର୍ଶ ଦେଇଥିଲେ ଦିଲୀପ। ଏହି ଅବସରରେ ସେ କହିଥିଲେ ପୁନଃ ଭାଜପାରେ ଯୋଗ ଦେଇଥିବା ବିଜୟ ମହାପାତ୍ର ମୋ ବନ୍ଧୁ। ଏହାଛଡ଼ା ଅଧିକ କିଛି ନୁହେଁ। ବ୍ୟକ୍ତିଗତ ସମ୍ପର୍କ କିମ୍ବା ସହଯୋଗ ନେଇ ପ୍ରଶ୍ନ ଉଠାଯିବା ଅନୁଚିତ ବୋଲି ରାୟ କହିଛନ୍ତି।

## ଆଇନଜୀବୀଙ୍କୁ ଛୁରାମାଡ଼

ଭଦ୍ରକ ଅଫିସ, ୪।୪

ଗୁରୁବାର ପୂର୍ବାହ୍ନରେ ଜଣେ ଆଇନଜୀବୀଙ୍କୁ ଛୁରାମାଡ଼ କରାଯାଇଛି। ସେ ହେଲେ ଭଦ୍ରକ ବ୍ଲକ ଅପର୍ତ୍ତିବିନ୍ଧାର ଆଇନଜୀବୀ ବିବେକାନନ୍ଦ ମହାନ୍ତି(୩୨)। ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ କରାଯାଇଥିବା କୁହାଯାଉଛି। ୨ଜଣ ଦୁର୍ବୃତ୍ତ ଡାହାଣୀଗଡିଆ ଛକ ନିକଟରେ ଆଇନଜୀବୀ ମହାନ୍ତିଙ୍କୁ ହଠାତ୍ ଛୁରୀରେ ଆକ୍ରମଣ କରିଥିଲେ। ଏଥିରେ ଗୁରୁତର ଆହତ ହୋଇଥିବା ଆଇନଜୀବୀ ମହାନ୍ତି ଭଦ୍ରକ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷେ ଘଟଣାସ୍ଥଳରେ ୨ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣଙ୍କୁ ସ୍ଥାନୀୟ ଲୋକେ କାବୁ କରି ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ସେ ଆହତ ହୋଇ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟ ଆକ୍ରମଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଭଦ୍ରକ ଟାଉନ ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଛି।








ଅନ୍ୟମାନଙ୍କର ମତକୁ ସମ୍ମାନ ଦେଇ ଶିଖିଲେ, ତୁମେ ଯେକୌଣସି ସମାଜରେ ଚଳି ପାରିବ।
- ଚାର୍ଲସ ଫ୍ରହମ୍ୟାନ୍




**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ବାବୁସୋନା
ପରିବାରବର୍ଗ



ବାସୁଦେବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ରେପୋ ରେଟ୍...

ବେସିସ୍ ପଏଣ୍ଟ ଅର୍ଥାତ୍ ୦.୨୫% ହ୍ରାସ କରିଛି। ଫଳରେ ଏହା ଏବେ ୬.୨୫% ସ୍ଥାନରେ ୬% ରହିବ ବୋଲି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ମୁଦ୍ରାନୀତି କମିଟି ବୈଠକ ଶେଷରେ ସୂଚନା ଦେଇଛନ୍ତି। ଏଥିପୂର୍ବରୁ ଫେବୃୟାରୀ ୭ରେ ଘୋଷିତ ମୁଦ୍ରା ନୀତିରେ କେନ୍ଦ୍ରୀୟ ବ୍ୟାଙ୍କ ରେପୋ ରେଟ୍ ୨୫ବେସିସ୍ ପଏଣ୍ଟ ହ୍ରାସ କରିଥିଲେ। ଏଭଳି ଭାବେ ଆର୍‌ବିଆଇ ପକ୍ଷରୁ କ୍ରମାଗତ ଦୁଇଥରରେ ୫୦ ବେସିସ୍ ପଏଣ୍ଟ ଅର୍ଥାତ ୦.୫୦% ରେପୋ ରେଟ କମାଯାଇଛି। କମିଟିର ୬ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ରେପୋ ରେଟ୍ ହ୍ରାସ କରିବାକୁ ସମର୍ଥନ କରିଥିବା ବେଳେ ଦୁଇଜଣ ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ଓ ଡାଇରେକ୍ଟର ଚେତନ ଘାଟେ ଏହାକୁ ବିରୋଧ କରିଥିଲେ। କେନ୍ଦ୍ରୀୟ ବ୍ୟାଙ୍କ କ୍ୟାଶ ରିଜର୍ଭ ରେସିଓ(ସିଆର୍‌ଆର୍)କୁ ସ୍ଥିର ରଖିଥିବା ବେଳେ ପୂର୍ବରୁ ରିଭର୍ସ ରେପୋ ରେଟକୁ ୬%ରୁ ୫.୭୫%କୁ ହ୍ରାସ କରିସାରିଛନ୍ତି। ସୂଚନାଥାଉ କି, ଅର୍ଥର ଅଭାବ ବେଳେ ବ୍ୟାଙ୍କଗୁଡ଼ିକ ରେପୋ ରେଟ ଭିତ୍ତିରେ ରିଜର୍ଭ ବ୍ୟାଙ୍କରୁ ଋଣ ନେଇଥାନ୍ତି। ସେହିପରି ରିଭର୍ସ ରେପୋ ରେଟ ଭିତ୍ତିରେ ଜମା କରାଯାଇଥିବା ଅର୍ଥ ପାଇଁ ରିଜର୍ଭ ବ୍ୟାଙ୍କ ବ୍ୟାଙ୍କଗୁଡ଼ିକୁ ସୁଧ ଦେଇଥାଏ।

### ତୃତୀୟ ପର୍ଯ୍ୟାୟ ମତଦାନ...

ଦାଖଲ କରିଥିବା ବେଳେ ଲୋକ ସଭା ଆସନ ଲାଗି ୨ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଚତୁର୍ଥ ପର୍ଯ୍ୟାୟରେ ୪୨ଟି ବିଧାନସଭା ଆସନ ପାଇଁ ମୋଟ ୩୩ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୬ଟି ଲୋକ ସଭା ଆସନରେ ମୋଟ ୪ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

### ୪ ବିଏସ୍‌ଏଫ...

ପକ୍ଷ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳିବିନିମୟ ହୋଇଥିଲା ବୋଲି ଅତିରିକ୍ତ ଏସ୍‌ପି କୀର୍ତ୍ତନ ରାଠୋର କହିଛନ୍ତି। ମୃତକମାନେ ହେଲେ ବିଏସ୍‌ଏଫ୍‌ର ଏଏସଆଇ ବୋରୋ, କନ୍‌ଷ୍ଟେବଲ୍ ରାମକ୍ରିଷ୍ଣ, ସୋମେଶ୍ୱର ଏବଂ ଇଶ୍ରାର ଖାନ୍। ଏନ୍‌କାଉଣ୍ଟର ବେଳେ ଅନ୍ୟ ଦୁଇ ଯବାନ ମଧ୍ୟ ଆହତ ହୋଇଥିବା ଜଣାପଡିଛି। ସେମାନେ ହେଲେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗୋପୁ ରାମ ଏବଂ ଇନ୍‌ସ୍ପେକ୍ଟର ଗୋପାଳ ରାମ। ସେମାନଙ୍କୁ ପଖନ୍‌ଜୁର ହସ୍ପିଟାଲରେ ଭର୍ତ୍ତିକରାଯାଇଛି। ଘଟଣାସ୍ଥଳକୁ ଅଧିକ ସୁରକ୍ଷା ବଳ ପଠାଯାଇଛି।

ଆଗାମୀ ଲୋକ ସଭା ନିର୍ବାଚନକୁ ବର୍ଜନ କରିବା ଲାଗି ମାଓବାଦୀମାନେ ଆହ୍ୱାନ ଦେଇଥିବାବେଳେ ଗୁରୁବାର ସୁରକ୍ଷାବଳ ଉପରେ ଆକ୍ରମଣ କରି ସରକାରଙ୍କୁ ଏକପ୍ରକାର ଚ୍ୟାଲେଞ୍ଜ କରିଛନ୍ତି। ପୂର୍ବରୁ ସେମାନେ ବସ୍ତର ଏବଂ କଙ୍କେର ନିର୍ବାଚନ ମଣ୍ଡଳୀରେ ପ୍ରଚାରପତ୍ର ଓ ବ୍ୟାନର ଲଗାଇ ନିର୍ବାଚନକୁ ବର୍ଜନ କରିବାକୁ ଜନସାଧାରଣଙ୍କୁ ପବର୍ତ୍ତାଇଥିଲେ। ନିର୍ବାଚନ ପାଇଁ ଏହି ଅଞ୍ଚଳରେ ବ୍ୟାପକ ଅର୍ଦ୍ଧସାମରିକ ବଳ ନିୟୋଜିତ କରାଯାଇଛି। ବସ୍ତରରେ ଆସନ୍ତା ୧୧ ଏବଂ କଙ୍କେରରେ ୧୮ ତାରିଖରେ ଭୋଟଗ୍ରହଣ ହେବାକୁ ଯାଉଛି।

### ୩ ଆସନରେ କଂଗ୍ରେସର...

ଏହି ସ୍ଥାନରେ ଦଳ ପ୍ରାର୍ଥୀ ପରିବର୍ତ୍ତନ କରିଛି। ପିପିଲିରୁ ଦଳ ଅଜିତ ମଙ୍ଗରାଜ ଏବଂ ବେଗୁନିଆରୁ ପ୍ରଦୀପ ସାହୁଙ୍କୁ ଟିକେଟ ଦେଇଛି। ଅନ୍ୟପକ୍ଷରେ ଆଉ ୩ସ୍ଥାନରେ ଗୁରୁବାର ଦଳ ପ୍ରାର୍ଥୀ ପରିବର୍ତ୍ତନ କରିଛି। କେନ୍ଦୁଝର ଲୋକ ସଭା ସହ ଦୁଇ ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ପରିବର୍ତ୍ତନ ହୋଇଛନ୍ତି। କେନ୍ଦୁଝର ଲୋକ ସଭା ଆସନରେ ଦଳ ଫକୀର ମୋହନ ନାୟକଙ୍କୁ ପ୍ରାର୍ଥୀ କରିଥିଲା। ତାଙ୍କୁ ବଦଳାଯାଇ ଉକ୍ତ ଆସନରେ ମୋହନ ହେମ୍ବ୍ରମଙ୍କୁ ପ୍ରାର୍ଥୀ କରାଯାଇଛି। ମୋହନ ତେଲକୋଇ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ହୋଇଥିଲେ। ସେହି ସ୍ଥାନରେ ଏବେ ପ୍ରଶାନ୍ତ ଦଳେଇଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ପାଟଣାରେ ଗୋପେଶ୍ୱର ନାଏକଙ୍କୁ ଦଳ ପ୍ରାର୍ଥୀ କରିଥିଲା। ହେଲେ ସେଠାରେ ତାଙ୍କୁ ପରିବର୍ତ୍ତନ କରାଯାଇ ବିନୋଦ ନାଏକଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ନାମାଙ୍କନ ଦାଖଲର ଶେଷ ଦିନରେ ଏହି ଆସନରେ ଦଳ କାହିଁକି ପ୍ରାର୍ଥୀ ପରିବର୍ତ୍ତନ କଲା ସେ ନେଇ କିଛି ଜଣାପଡିନାହିଁ। ଅନ୍ୟପଟେ ଖୋର୍ଦ୍ଧା ଆସନରୁ ସ୍ୱାଗତିକା ପଟ୍ଟନାୟକଙ୍କୁ ଦଳ ଟିକେଟ ଦେଇଛି।

# ସ୍ତ୍ରୀକୁ ହତ୍ୟାକରି ସ୍ୱାମୀଙ୍କ ଆତ୍ମହତ୍ୟା

**ଟେନ୍‌ସା, ୪।୪ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲ୍ଲା କୋଇଡା ଥାନା ଅନ୍ତର୍ଗତ ଗଣୁଆ ଗ୍ରାମରେ ବୁଧବାର ରାତିରେ ଘଟିଛି ଏକ ଅଭାବନୀୟ ଘଟଣା। ଘରୋଇ କଳିକୁ କେନ୍ଦ୍ରକରି ଗ୍ରାମର ପ୍ରଦୀପ ପେଣ୍ଟେଇ (୩୫) ସ୍ତ୍ରୀ ରେବତୀ(୩୦)ଙ୍କୁ ହତ୍ୟା କରିବା ପରେ ନିଜେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଗୁରୁବାର ସକାଳେ ପୋଲିସ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ସମଗ୍ର କୋଇଡା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଏପରି ଅଘଟଣ ପରେ ପ୍ରଦୀପଙ୍କ ୩ କୋମଳମତି ଶିଶୁ ବେସାହାରା ହୋଇପଡିଛନ୍ତି। ତାଙ୍କ ୬୦ବର୍ଷର ବୃଦ୍ଧା ମା' ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରଦୀପ ୭ ବର୍ଷ ତଳେ ରେବତୀଙ୍କୁ ବିବାହ କରିଥିଲେ। ସ୍ତ୍ରୀ, ୩ ସନ୍ତାନ ଓ ବୃଦ୍ଧା ମା'ଙ୍କୁ ନେଇ ପ୍ରଦୀପଙ୍କ ସୁଖଦୁଃଖର ସଂସାର ଚାଲୁଥିଲା। ପ୍ରଦୀପ ନିକଟସ୍ଥ ଖଣିରେ କାମକରି ପରିବାର ଚଳାଉଥିଲେ। ବୁଧବାର ରାତିରେ କୌଣସି କାରଣକୁ କେନ୍ଦ୍ର କରିସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ପ୍ରଦୀପ ଏତେ ଉତ୍ତ୍ୟକ୍ତ ହୋଇଯାଇଥିଲେ ଯେ ଏକ କାଠଫାଳିଆରେ ରେବତୀଙ୍କ ମୁଣ୍ଡକୁ ହଠାତ୍ ପିଟି ଦେଇଥିଲେ।



୩ ଶିଶୁଙ୍କ ସହ ଜେଜେ ମା'।

- ଘରୋଇ କଳିର କରୁଣ ପରିଣତି
- ୩ କୋମଳମତି ଶିଶୁଙ୍କ ଭବିଷ୍ୟତ ଅନ୍ଧାର

ଫଳରେ ରେବତୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପ୍ରଦୀପ ଗୁରୁବାର ସକାଳେ ସ୍ଥାନୀୟ ସରପଞ୍ଚ ଓ ଗାଁ ଲୋକଙ୍କୁ ଡାକିଥିଲେ। ସ୍ତ୍ରୀ ରଶିବାନ୍ଧି ଆତ୍ମହତ୍ୟା କରିଛନ୍ତି ବୋଲି ଜଣାଇଥିଲେ। ସରପଞ୍ଚ ଓ ଗାଁ ଲୋକେ ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ଏହା ଆତ୍ମହତ୍ୟା ନୁହେଁ ବୋଲି କହିଥିଲେ। ରେବତୀଙ୍କ ମୁଣ୍ଡରୁ ରକ୍ତ ବାହାରୁ ଥିବାରୁ ଓ ଦେହରେ ଦାଗ ଥିବାରୁ ଏହା ହତ୍ୟା ବୋଲି ସମସ୍ତେ କହିଥିଲେ। ଏହାପରେ ପ୍ରଦୀପ ଭୟଭୀତ ଓ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ସେ ଘର ଭିତରକୁ ପଶି କବାଟ ବନ୍ଦ କରିବା ସହ ନିଜ ଗାମୁଛାକୁ ବେକରେ ବାନ୍ଧି ଆତ୍ମହତ୍ୟା କରିଥିଲେ।

ଖବରପାଇ କୋଇଡା ପୋଲିସ ଦମ୍ପତିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ସ୍ତ୍ରୀଙ୍କୁ ପିଟି ହତ୍ୟା କରିବା ପରେ ପ୍ରଦୀପ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି କୋଇଡ଼ା ଥାନା ଆଇଆଇସି ଦେବେନ୍ଦ୍ର ଡ଼େଙ୍ଗୁଆ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି। ଜିଲା ପ୍ରଶାସନ ପ୍ରଦୀପଙ୍କ ୩ କୋମଳମତି ଶିଶୁଙ୍କ ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିପୁଳ ବିସ୍ଫୋରକ ଜବତ, ୩ ଗିରଫ

**ଢେଙ୍କାନାଳ ଅଫିସ, ୪।୪**

ଢେଙ୍କାନାଳ ନିହଲପ୍ରସାଦ ଥାନା ଅନ୍ତର୍ଗତ ନିତ୍ୟାନନ୍ଦପୁର ଗ୍ରାମରୁ ଗୁରୁବାର ମଧ୍ୟାହ୍ନରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ପୋଲିସ ଜବତ କରିଛି। ବିସ୍ଫୋରକ ଚାଲାଣରେ ବ୍ୟବହୃତ ପିକ୍‌ଅପ୍ ଭ୍ୟାନ୍ (ଓଆର ୦୪-ପି-୧୭୨୧), ବାଇକ୍ (ଓଆର ୦୨-ବିୟୁ-୫୧୨୩) ଧରାପଡ଼ିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ରଘୁନାଥ ସାହୁ, ନିଗମ ଚନ୍ଦ୍ର ସେନାପତି ଏବଂ ଶଙ୍କର୍ଷଣ ଜେନା ଗିରଫ ହୋଇଛନ୍ତି।



ଜବତ ବିସ୍ଫୋରକ ସାମଗ୍ରୀ।

ବିସ୍ଫୋରକ ସାମଗ୍ରୀ ଚାଲାଣ ହେଉଥିବା ସୂଚନା ପାଇ ଇନ୍ସପେକ୍ଟର ଆର୍.କେ. ମଲ୍ଲିକ ସଦଳବଳ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୪୦୦ କେଜି ଆମୋନିୟମ୍ ନାଇଟ୍ରେଟ୍, ୪୫୦ଟି ସୁପର ଆମୋନିୟମ ଡିଟୋନେଟର ଏବଂ ୧୦୦ଟି ପାୱାରଜେଲ୍ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ହେବ। ଏ ନେଇ ଥାନାରେ ନଂ. ୨୩/୧୯, ଦଫା ୪ ଓ ୫ ଏକ୍ସପ୍ଲୋସିଭ ସବ୍‌ଷ୍ଟାନ୍ସ ଆକ୍ଟରେ ମାମଲା ରୁଜୁ କରାଯାଇଛି। ଏତେ ପରିମାରଣ ବିସ୍ଫୋରକ କେଉଁଠୁ ଆସିଲା, ସେ ନେଇ ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଛି।

## ୧୭ ଜିଲାରେ ଝଡ଼ବର୍ଷା ସମ୍ଭାବନା

**ଭୁବନେଶ୍ୱର,୪।୪(ବ୍ୟୁରୋ)**

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନୟାଗଡ, ଖୋର୍ଦ୍ଧା, ସୋନପୁର, ନୂଆପଡା, ବରଗଡ, ବଲାଙ୍ଗୀର, ସମ୍ବଲପୁର, ବୌଦ୍ଧ, ଝାରସୁଗୁଡା, ସୁନ୍ଦରଗଡ, ମୟୂରଭଞ୍ଜ, କୋରାପୁଟ, ନବରଙ୍ଗପୁର, ବାଲେଶ୍ୱର, ଭଦ୍ରକ, ଗଜପତି, ରାୟଗଡା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ହାଲକା ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୭ ତାରିଖରୁ ୯ ତାରିଖ ଯାଏ ଉପକୂଳ ଏବଂ ଦକ୍ଷିଣ ଓଡିଶାର କେତେକ ସ୍ଥାନରେ ଝଡବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୧୦ ତାରିଖରୁ ରାଜ୍ୟରେ ତାତି ବୃଦ୍ଧି ପାଇବ। ଉପକୂଳରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯିବାକୁ ଥିବା ବେଳେ ଆଭ୍ୟନ୍ତରୀଣ ଓଡିଶାରେ ୪୨ରୁ ୪୫ ଡିଗ୍ରୀ ସେଲସିୟସ ଉପରକୁ ଉଠିଯିବା ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ଟିଟିଲାଗଡରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଭବାନୀପାଟଣା ୪୦, ଝାରସୁଗୁଡା ୪୦.୩, ବଲାଙ୍ଗୀର ୪୦, ମାଲକାନଗିରି ୪୦ ଏବଂ ସୋନପୁରରେ ସର୍ବାଧିକ ୩୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜି ଉତ୍ତରାୟଣ ମଧ୍ୟରେ ଚନ୍ଦ୍ରଙ୍କ ସମେତ ଛଅଟି ଗ୍ରହ ଅବସ୍ଥାନ କରି ଆପଣଙ୍କୁ ଉନ୍ନତ ଚିନ୍ତା, ବହୁବିଧ ଯୋଜନାରମ୍ଭର ମାର୍ଗଦର୍ଶନ କରାଇବେ। ବିଶେଷତଃ ଆପଣଙ୍କର ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିପାରନ୍ତି। କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିବ। ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ବୃଷ**



କାର୍ଯ୍ୟବ୍ୟସ୍ତତା କ୍ରମଶଃ ବୃଦ୍ଧି ପାଉଥିବାରୁ ମାନସିକ କ୍ଷେତ୍ର ଗରମ ରହିପାରେ। ଫଳରେ କେତେକ ବ୍ୟତିକ୍ରମ ସଦୃଶ ନିଜ ପରିସରର ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ସାଧାରଣ କଥାରେ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି କିମ୍ବା କହୁଥିବା କଥାକୁ ବିରୋଧ କରି ପାରନ୍ତି। ଧନପ୍ରାପ୍ତି ସକାଶେ ଅନ୍ୟମାନଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

**ମିଥୁନ**



ରାହୁଙ୍କ ପ୍ରଭାବରେ ମନ ଅଶାନ୍ତ ରହିବ ସିନା କୌଣସି କାମ ସ୍ଥଗିତ ରହିବ ନାହିଁ। ଭଲ ସମ୍ପର୍କ ଥିବା ବନ୍ଧୁଟି ହଠାତ୍ ଭୁଲ୍ ବୁଝି ଅଭିମାନ କରିପାରନ୍ତି। ପରିସ୍ଥିତିର ତାଡ଼ନାରେ ଆକସ୍ମିକ ଭାବେ ଦୂର ସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଅପରାହ୍ନେ ଆଶା କରିଥିବା ଦିଗରୁ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ସାଧିତ ହେବ।

**କର୍କଟ**



ଆଜି ଧନାଧିପତିଙ୍କ ସହ ରାଶ୍ୟାଧିପତିଙ୍କ ମିଳନ ଅର୍ଥଲାଭ ପାଇଁ ସୁଯୋଗ ସୃଷ୍ଟି କରିବ। କିନ୍ତୁ ସମୟେ ସମୟେ ଅନ୍ୟମନସ୍କ ହେତୁ କେତେକ ଭୁଲ୍ କରିବେ, ବିଭିନ୍ନ ପ୍ରକାରର ଚିନ୍ତା ସକାଶେ ଇଚ୍ଛା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ବନ୍ଧୁଙ୍କୁ ଆପ୍ୟାୟିତ କରିବା ସକାଶେ ବିଭିନ୍ନ ପ୍ରକାରର ମନଗଢ଼ା କଥା କହିପାରନ୍ତି।

**ସିଂହ**



ଚନ୍ଦ୍ରଙ୍କ ଦ୍ୱାରା ସୃଷ୍ଟ ବିପରୀତ ରାଜଯୋଗ ଅର୍ଥପ୍ରାପ୍ତି ସଙ୍ଗକୁ ପରିବାର ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଆଲୋଚନା କାଳରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦୁଃଶ୍ଚିନ୍ତାର କାରଣ ହୋଇପାରେ। ସଭାସମିତିରେ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**କନ୍ୟା**



ରାଶିପ୍ରତି ରବି ଚନ୍ଦ୍ର ଓ ଶନିଙ୍କ ଦୃଷ୍ଟି ହେତୁ କାର୍ଯ୍ୟ କ୍ଷେତ୍ରରେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି। ବହୁତ ସମୟ ଧରି ଭ୍ରମଣ କାରଣରୁ କ୍ଳାନ୍ତି ଅବସାଦ ଦେଖାଦେଇପାରେ। ନିଜ ପରିସରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ ଯାହାକି ସମସ୍ୟା ଆନୟନ କରିବ। ଆମୋଦ ପ୍ରମୋଦ ସକାଶେ ନୂତନ ଯୋଜନା କରିପାରନ୍ତି।

**ତୁଳା**



ଆପଣଙ୍କ ପାଇଁ ନୂତନ କର୍ମାରମ୍ଭ ଓ ଯାତ୍ରା ପ୍ରଭୃତି ବିଶେଷ ପ୍ରତିକୂଳ ହେବ ନାହିଁ। କିନ୍ତୁ ସମସ୍ୟା ମଧ୍ୟରେ ବୁଡି ରହି ଆପଣଙ୍କ ଦୈନ୍ୟଯୁକ୍ତ କଥା ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିପାରେ। ତଥାପି ଆଜି ପ୍ରଶାସନିକ କିମ୍ବା ରାଜନୈତିକ ସ୍ତରରେ ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ବନ୍ଧୁ ଗହଣରେ ମଉଜିଆ କଥା କହି ଶତ୍ରୁଠାରୁ କାମ ହାସଲ କରିନେବେ।

**ବିଛା**



ଭାଗ୍ୟ କର୍ମାଧିପ କୋଣଭାବରେ ରହିଥିବାରୁ ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲରେ ଅତିବାହିତ ହେବ। ଏକ ଭିନ୍ନ ପରିସ୍ଥିତିରେ ଦୂରେଇ ଯାଇଥିବା ଲୋକ ପାଖେଇ ଆସିବ। ବନ୍ଧୁଙ୍କ ପାରିବାରିକ ବିଷୟ ଚିନ୍ତାକରି ମନର ଭାବ ପ୍ରବଣତାରେ ଭରି ଆବଶ୍ୟ ଅନ୍ୟମାନଙ୍କୁ ଆପଣେଇ ନେବେ। ଅଟକି ରହିଥିବା କାମକୁ ପୂର୍ଣ୍ଣାଙ୍ଗ କରିବେ।

**ଧନୁ**



ଆଜି ତୃତୀୟସ୍ଥ ବୁଧ ଓ ଶୁକ୍ର ପ୍ରଭାବରେ ପଡ଼ୋଶୀଙ୍କ ସମ୍ପର୍କ ନିବିଡ଼ ହୋଇପାରେ। କୌଶଳ ପ୍ରୟୋଗ କରି ଅନ୍ୟମାନଙ୍କଠାରୁ ଅର୍ଥ, କାମ ଆଦାୟ କରିବାରେ ସଫଳ ହେବେ। ମାତ୍ର ପରିବାରରେ ହଠାତ୍ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବ। ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ।

**ମକର**



ଧନ ସ୍ଥାନରେ ବୁଧ ଓ ଶୁକ୍ର ଚନ୍ଦ୍ରଙ୍କ ଦ୍ୱାଦଶ୍ଥ ଯୋଗୁମନ ଅନୁଯାୟୀ କାର୍ଯ୍ୟ ହାସଲ ନ ହୋଇପାରେ। ଅବଶ୍ୟ ଆର୍ଥିକ ଉନ୍ନତି ଘଟିବ କିନ୍ତୁ ପାରିବାରିକ ଜୀବନରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ। ପଡ଼ୋଶୀମାନେ କଇଁଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିବେ।

**କୁମ୍ଭ**



ଗ୍ରହସ୍ଥିତିରେ ଅନୁକୂଳତା ପ୍ରାପ୍ତ ହୋଇ ପ୍ରତ୍ୟେକ କାମ ସୁରୁଖୁରୁରେ ସମ୍ପନ୍ନ କରିପାରିବେ। ଆପଣ ସାଂଗଠନିକ କାମ, ପରିବହନ, ରାଜନୀତି, ଆଇନ, ଆନୁଷ୍ଠାନିକ କାମରେ ଶୁଭ ଫଳ ମିଳିବ। କର୍ମକ୍ଷେତ୍ରରେ ସାମୟିକ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ନିକଟ ସମ୍ପର୍କୀୟମାନଙ୍କ ଈର୍ଷା ଓ ଅସୂୟା ଭାବ ଯୋଗୁ ବିଚଳିତ ବୋଧ କରିପାରନ୍ତି।

**ମୀନ**



ଅମାବାସ୍ୟାର ଘନ ଅନ୍ଧକାର ରାଶିକୁ ଆବୋରି ବସିବାକୁ ଯାଉଥିବାରୁ ଆପଣ ଦୈହିକ ଓ ମାନସିକ ସ୍ତରରେ ଦିଗହରା ହୋଇପାରନ୍ତି। ଆଜି ଏକ ସାଧାରଣ କଥାର ଆଲୋଚନା ଭିତରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବ ନାହିଁ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଚୈତ୍ର ଅମାବାସ୍ୟା ଦିବା ଘ୨।୨୧ମି. ପର୍ଯ୍ୟନ୍ତ ପୀଠେ ବାସନ୍ତିକ ଶ୍ରୀଦୁର୍ଗାଦେବ୍ୟାଃ ନବଦିନାତ୍ମକ ପୂଜାରମ୍ଭ, ଏପ୍ରିଲ ୫ ତାରିଖ, ଶୁକ୍ରବାର, ଆଜି ସମତା ଦିବସ, ରାଷ୍ଟ୍ରୀୟ ନୌସେନା ଦିବସ, ରାଷ୍ଟ୍ରୀୟ ସାମୁଦ୍ରିକ ଦିବସ, ରାଶି ନକ୍ଷତ୍ର-ରେବତୀ/ମୀନ, ଧନୁରାଶିର ଘାତଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୨୬ମି. ମଧ୍ୟେ ଘ୪।୨୫ମି. ଗତେ, ଘ୫।୫୯ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୨୬ମି. ଗତେ ଘ୮।୫୬ମି. ମଧ୍ୟେ, ଘ୧୧।୫୬ମି. ଗତେ ଘ୧।୨୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୧୭ମି. ଗତେ ଘ୧୧।୫୦ମି. ମଧ୍ୟେ ରାହୁକାଳ।


# CLASSIFIEDS



**SALE**

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC Collegeଠାରେ 1200କୁ 3,00,000/- (out-right). 9776934361, 8144706560. D-66317

Conversion Demarcation Plot Sale ବ୍ରାହ୍ମଣଝରିଲୋ ନଖରାରୁ ୬ କିଲୋମିଟର ୧୨୦୦ ବର୍ଗଫୁଟକୁ 6,60,000/- 9861281504. D-66320

ଭୁବନେଶ୍ୱର Infosys-II ପଛପଟେ ପାଚେରି ସହ sqft. 600/-ରେ plot ବିକ୍ରିହେବ। 8658962508, 8480864171. D-66321

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66305

Booking 2BHK simplex 1200 sqft. land 12,80,000/-, 7km. from BJEM-II, monthly Installment 10,000/- 7735738102. D-11944

Tomando ପାଖରେ ଏବଂ ଜଟଣୀଗେଟ NHକୁ ଲାଗି ଘରବାରି plot ମିଳୁଅଛି 9439864322. D-66326

ସୁନ୍ଦରପଦା Hitech plaza frontରେ Govt. Roadକୁ ଲାଗି ଘରବାରି ପ୍ଲଟ ବିକ୍ରିହେବ sqft. 800/-, 1,000/-. 9777236619. D-66324

**ଫୁଲନଖରାରେ ନିର୍ମିତ ବୃହତମ ମାର୍କେଟ (Grand Bazar) NH-5 ରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ plot କିଣନ୍ତୁ। 9777342153.** D-66322

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

Bhubaneswar AIIMS front Govt. roadକୁଲାଗି gharabari yellowzone plot ବିକ୍ରିହେବ: 9439206202. D-66308

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

Excellent ST plots adjacent to four lane 100ft. road, Pitapalli- Cuttack bypass at Kantabada (Kateni chhack) 4km from SUM hospital, Bhubaneswar. Contact: 8339076535. D-66420

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

CV Raman College ପାଖରେ 2000 sqft. yellowzone plot ବିକ୍ରିହେବ। Contact: 9937910363. D-65630



2 bedroom, 2 toilet, 1 kitchen, 1 God room at GGP Colony Contact: 9937021015. D-11912



ଶ୍ରୀ ଗଣେଶ ଜ୍ୟୋତିଷ ତୁରନ୍ତ ସମାଧାନ 101% ଗୃହକ୍ଲେଶ, ଶତ୍ରୁପୀଡ଼ା, ବ୍ୟବସାୟ, ସ୍ୱାମୀ-ସ୍ତ୍ରୀ, ବିବାହ, କଳାଯାଦୁ, ପ୍ରେମ ସମସ୍ୟା, ବଶୀକରଣ, ସ୍ପେଶାଲିଷ୍ଟ, ପଣ୍ଡିତ ସାଗରଜୀ: 9928051901. D-11986

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

Due to take Sanyashi dharma my name has been changed from Girijasankar Das to Swami Swarupananda Saraswati. D-58071

I, Sunita Kisku, D/o- Late Bansidhar Kisku have changed my son's name to Ranjeet Kisku instead of Adil Hansdah vide affidavit dated 27.3.19. sworn before Executive Magistrate, Koraput. Sunita Kisku. D-11988

**ପ୍ରଥମ ଜନ୍ମଦିନର ଶୁଭେଚ୍ଛା**





(ବାବୁସୋନା)

**ରିବାନ ପାଲ**
ନୟାପଲ୍ଲୀ, ଏଲ୍.ଆଇ.ଜି, ୧୪୮, ଭୁବନେଶ୍ୱର

ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଏତିକି କାମନା ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବାବା, ମା, ଠାକୁମା, ଦାଦୁ, ବଡ଼ଦିଦା, ଛୋଟଦିଦା, ସବୁ ଦାଦୁ, ଠାମା, ଜେଠୁ, ଜେଠୀମା, ପିଶି, କାକୁ, ଦିଦି ଓ ପରିବାରବର୍ଗ।
ଧ-୧୧୯୮୯

**ଦଶମ ଜନ୍ମଦିନ ଶୁଭେଚ୍ଛା**





(ବାସୁ)

**ବାସୁଦେବ୍ ବାରିକ୍**
ଶଙ୍ଖପୁର, ପଟ୍ଟାମୁଣ୍ଡାଇ

ଆଜି ତୋର ୧୦ମ (10th) ଜନ୍ମଦିନରେ ଜେଜେ, ଜେଜେ ମା, ବାପା, ବୋଉ, ମମି, ବାଇନ କକା, ଦୋଳିଆ କକା, ଝୁନି ସାନବୋଉ, ଗୁଲ ଦିଦି, କାମିନି ଦିଦି, କାହ୍ନା ନନା, ଟିକି, ଦୀପା, ରୋଜା, ଫୁସନ, ଗେଲି, ପିଉସା, ପିଉସୀ, ମାମୁଁ, ମାଇଁ, ଆଇଆ ଅପା, ମଉସା, ମାଉସୀ, ନିଶି, ନିଲେସ୍ ଓ ପରିବାରବର୍ଗ।
ଧ-୧୧୮୬୫

**ଜନ୍ମଦିନ ଶୁଭେଚ୍ଛା**





(ସୁଫଳା)

**ଲୁଲୁପ୍ରସାଦ ବେହେରା**
କୁହାଁରା, ଜଗନ୍ନାଥ ପ୍ରସାଦ, ନୟାଗଡ଼

ଆଜି ତୋର ୮ମ ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ଜେଜେ ବାପା-ବନମାଳୀ, ଜେଜେ ମା-ଚିନା, ବାପା-ଚିରଞ୍ଜିବୀ, ମାମା-ବର୍ଷାରାଣୀ, ପିଉସା-ସାଧୁ, ଦିଲୀପ, ପିଉସୀ-ଗୋଲାପ, ଶ୍ରଦ୍ଧା, ମାମୁଁ-ରଶ୍ମିରଞ୍ଜନ, ଜୀବନଜ୍ୟୋତି ଓ ଅଜା, ଆଈ।
ଧ-୪୬୬୬୬

Your Classified Advertisement published in Dharitri will be listed free in Dharitri Online Edition: www. dharitri.com


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍



ଦେଶର ପ୍ରଗତିରେ ଖଣିଜ ସମ୍ପଦ ଭରା ଓଡ଼ିଶାର ଅବଦାନ ଗୁରୁତ୍ୱପୂର୍ଣ୍ଣ।
ଆମଠୁ ସର୍ବାଧିକ ରାଜସ୍ୱ ନେଇ ଆମକୁ ଠକୁଛି କେନ୍ଦ୍ର।
ଓଡ଼ିଶା ପ୍ରତି କେନ୍ଦ୍ରର୍ ଦରଦ୍ ଏମିତି
ଓଡ଼ିଶାର ହକ୍ ପାଇଁ ଲଢ଼ିବା
୨୧ ରୁ ୨୧ ରେ 'ଶଙ୍ଖ'କୁ ଜିତାଇବା।
ବିଜୁ ଜନତା ଦଳ




# ୧୯ ବର୍ଷରେ ନବରଙ୍ଗପୁରର ବିକାଶ କରିନି ବିଜେଡି: ଧର୍ମେନ୍ଦ୍ର

**ନବରଙ୍ଗପୁର,୪ା୪(ବି.ପ୍ର.)**

ବିଜେଡିର ୧୯ ବର୍ଷ ଶାସନ ମଧ୍ୟରେ ନବରଙ୍ଗପୁର ଜିଲାର ବିକାଶ ହୋଇ ପାରି ନାହିଁ। ପାନୀୟ ଜଳ, ଜଳସେଚନ, ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ସହ ରାସ୍ତାଘାଟର ସୁବିଧା ନାହିଁ। ଶିକ୍ଷକ ଓ ଡାକ୍ତର ଅଭାବ ରହିଛି। ବିକାଶ ପାଇଁ କେନ୍ଦ୍ର ସରକାର ଅନୁଦାନ ଦେଉଥିବା ବେଳେ ବିଜେଡି ସରକାର ଏହାକୁ ବିନିଯୋଗ କରିପାରିଲେ ନାହିଁ। ସେଥିପାଇଁ ରାଜ୍ୟରେ ପରିବର୍ତ୍ତନ ଆବଶ୍ୟକ। କେନ୍ଦ୍ର ଓ ରାଜ୍ୟରେ ଭାଜପାକୁ ସରକାର ଗଢିବାକୁ ସୁଯୋଗ ଦିଅନ୍ତୁ। ଏକ ଡବଲ ଇଞ୍ଜିନ ସରକାର ଦ୍ୱାରା ହିଁ ବିକାଶ ହୋଇପାରିବ। ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ଭାଜପାର ବିଜୟ ସଙ୍କଳ୍ପ ସଭାରେ ଗୁରୁବାର କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ଏହା କହିଛନ୍ତି।

ନବରଙ୍ଗପୁର ଜିଲାର ତେନ୍ତୁଳିଖୁଣ୍ଟି ବ୍ଲକର ପୂଜାରିଗୁଡା ମିନିଷ୍ଟାଡିୟମ, ଝରିଗାଁ ମିନି ଷ୍ଟାଡିୟମ, କୋଷାଗୁମୁଡା ବ୍ଲକ ତାରାଗାଁଠାରେ ଭାଜପାର ବିଜୟ ସଙ୍କଳ୍ପ ସଭା ଆୟୋଜିତ ହୋଇଥିଲା। ଏଥିରେ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ କଂଗ୍ରେସ ଓ ଭାଜପାକୁ ସମାଲୋଚନା କରିଥିଲେ। କେନ୍ଦ୍ର ସରକାର ବିକାଶ ପାଇଁ ୧ ଲକ୍ଷ ୩୬ ହଜାର କୋଟି ଟଙ୍କା ରାଜ୍ୟ ସରକାରକୁ ପ୍ରଦାନ କରିଛନ୍ତି। ତାହାକୁ ରାଜ୍ୟର ବିଜେଡି ସରକାର ବିନିଯୋଗ କରିପାରିଲେ ନାହିଁ। ଇନ୍ଦ୍ରାବତୀ ନଦୀରୁ ତଳମୁଣ୍ଡ ଅଞ୍ଚଳକୁ ପାଣି ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ ହୋଇପାରି ନାହିଁ। ଗ୍ରାମାଞ୍ଚଳରେ ପିଇବା ପାଣି ମିଳୁନାହିଁ। ଉନ୍ନୟନ କାର୍ଯ୍ୟରେ ଜିଲାରେ ବ୍ୟାପକ ପରିମାଣର ପିସି କାରବାର ଚାଲିଛି। ପରିବାରବାଦକୁ ବିରୋଧ କରୁଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀ ଗୋଟିଏ ପରିବାରର ଦୁଇ ଜଣଙ୍କୁ ଲୋକ ସଭା ଓ ବିଧାନସଭା ପ୍ରାର୍ଥୀ କରିଛନ୍ତି। ସରକାରୀ ଅଧିକାରୀମାନେ ବିଜେଡି ପାଇଁ ଟଙ୍କା ବାଣ୍ଟୁଛନ୍ତି। ସରକାର ବଦଳିଲେ ସେମାନେ ଜେଲ ଯିବେ। ଧନୀଙ୍କ ପାଇଁ କାଳିଆ ଯୋଜନା କରିଛନ୍ତି। କେନ୍ଦ୍ରର ମୋଦି ସରକାର ୫ ଏକର ଜମି ରହିଥିବା ଚାଷୀଙ୍କୁ ୬ ହଜାର ଟଙ୍କା ଲେଖାଏଁ ସହାୟତା ଦେବା ପାଇଁ ଘୋଷଣା କଲେ। ରାଜ୍ୟ ସରକାର ତାଲିକା ପଠାଇ ଦେଇ ଚୁପ୍ ରହିଲେ। ତାହାଠାରୁ ଲଜ୍ଜାଜନକ କଥା କ'ଣ ରହିଛି ବୋଲି ପ୍ରଶ୍ନ କରିଥିଲେ। ଭାଜପା ସରକାର ଆସିଲେ ନବରଙ୍ଗପୁର ଜିଲାରେ ମକାରୁ ଡିଜେଲ ପ୍ରସ୍ତୁତ କରାଯିବ। ସ୍ଥାୟୀ ଘର ଓ ପଟ୍ଟା ପ୍ରଦାନ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଲୋକ ସଭା ପ୍ରାର୍ଥୀ ବଳଭଦ୍ର ମାଝି, ଡାବୁଗାଁ ବିଧାନସଭା ପ୍ରାର୍ଥୀ ପଦ୍ମନ ନାୟକ, ଝରିଗାଁ ବିଧାନସଭା ପ୍ରାର୍ଥୀ ପର୍ଶୁରାମ ମାଝି, ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ ଗୌରୀ ଶଙ୍କର ମାଝି, ଜିଲା ସଭାପତି ଗୋବିନ୍ଦ କୁମାର ଜୈନ, ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ରମେଶ ସାହୁ, ଜିଲା ଯୁବମୋର୍ଚ୍ଚା ସଭାପତି କାହ୍ନୁ ଦାଶ, ଜିଲା ଓବିସି ମୋର୍ଚ୍ଚା ସଭାପତି ମନୋଜ ମହାଙ୍କୁଡ, ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଶର୍ମିଷ୍ଠା ଦେଓ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୁଞ୍ଜ ବିହାରୀ ଦାଶ, ଭାଜପା ଉପସଭାପତି ଜୟନ୍ତ ପାତ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୨ଶହ ଜଣ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିଲେ। ମନ୍ତ୍ରୀ ପ୍ରଧାନ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।



ପୂଜାରିଗୁଡା ମିନିଷ୍ଟାଡିୟମଠାରେ ବିଜୟ ସଙ୍କଳ୍ପ ସଭାରେ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଲୋକ ସଭା ପ୍ରାର୍ଥୀ ବଳଭଦ୍ର ମାଝି, ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ ଗୌରୀ ଶଙ୍କର ମାଝି।

# ଆଜି ନବୀନଙ୍କ କାଳିମେଳା ଗସ୍ତ

**କାଳିମେଳା,୪ା୪(ଡି.ଏନ.ଏ)**

- ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ
- ସୁରକ୍ଷା ବ୍ୟବସ୍ଥା ହୋଇଛି କଡ଼ାକଡ଼ି

ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ଆଉ ଅଳ୍ପ ଦିନ ରହିଛି। ମାଲକାନଗିରି ନିର୍ବାଚନୀ ମଣ୍ଡଳୀ ଅଧୀନରେ ଥିବା କାଳିମେଳା ଅଞ୍ଚଳରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ଭାଜପା ପକ୍ଷରୁ ବୁଧବାର କାଳିମେଳାଠାରେ ବିଜୟ ସଂକଳ୍ପ ସମାବେଶ କରାଯାଇଥିଲା। ଏହାକୁ ଗୁରୁତ୍ୱ ଦେଇ ବିଜେଡି ପକ୍ଷରୁ ମଧ୍ୟ କାଳିମେଳାରେ ଏକ ବଡ ସମାବେଶ ଶୁକ୍ରବାର ସ୍ଥାନୀୟ ଖେଳ ପଡିଆଠାରେ କରାଯାଉଛି। ଏଥିପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର କାଳିମେଳା ଗସ୍ତରେ ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ଶୁକ୍ରବାର ସକାଳ ୯.୨୦ ମିନିଟରେ ନବୀନ ନିବାସରୁ ବାହାରି ୯.୨୫ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚି ସେଠାରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଜୟପୁରସ୍ଥିତ ବିମାନଘାଟିରେ ପହଞ୍ଚିବେ। ସେଠାରୁ ଏକ ହେଲିକପ୍ଟର ଯୋଗେ ଆସି ୧୧.୫ରେ କାଳିମେଳା ସଭାସ୍ଥଳରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପୁଣି ୧୧.୪୫ରେ ମୁଖ୍ୟମନ୍ତ୍ରୀ ମାଥିଲିଠାରେ ହେବାକୁ ଥିବା ସଭାରେ ଯୋଗଦେବେ। ୧୨ଟା ୩୫ରେ କୋରାପୁଟ ଜିଲା ପଟାଙ୍ଗି ଅଭିମୁଖେ ଯାତ୍ରା କରିବେ ବୋଲି ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ ଓ ଏସ୍.ପି.ଙ୍କ ନିକଟକୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ପି.କେ. ମହାପାତ୍ରଙ୍କଠାରୁ ଆସିଥିବା ଚିଠିରୁ ଜଣାପଡିଛି।

# ୨ ଚନ୍ଦ୍ରଶେଖରଙ୍କ ସହ ଭୃଗୁଙ୍କ ମୁକାବିଲା

**ନରସିଂହ ସାହୁ**
**ବ୍ରହ୍ମପୁର ଅଫିସ,୪ା୪**

## ବ୍ରହ୍ମପୁର ଲୋକ ସଭା ନିର୍ବାଚନମଣ୍ଡଳୀ


ଚନ୍ଦ୍ରଶେଖର ନାଇଡୁ


ଚନ୍ଦ୍ରଶେଖର ସାହୁ


ଭୃଗୁ ବକ୍ସି ପାତ୍ର

- ଗୋପାଳପୁର-ରାୟଗଡ଼ା ରେଳପଥକୁ ବିଜେଡିର ଗୁରୁତ୍ୱ
- କଂଗ୍ରେସର ପ୍ରତିଶ୍ରୁତି କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା
- କେନ୍ଦ୍ରର ଜନାଭିମୁଖୀ ଯୋଜନା ପ୍ରଚାର କରୁଛି ଭାଜପା

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଉ ମାତ୍ର ୬ ଦିନ ରହିଛି। ଆସନ୍ତା ୧୧ ତାରିଖ ଭୋଟ ଗ୍ରହଣର ଦିନ ଧାର୍ଯ୍ୟ ହୋଇଥିବାରୁ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀମାନଙ୍କ ପ୍ରଚାର ଏବେ ଜୋରଦାର ହୋଇଛି। ବ୍ରହ୍ମପୁର ଲୋକ ସଭା କ୍ଷେତ୍ରରେ ୮ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ମଧ୍ୟ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ପ୍ରକୃତ ଲଢ଼େଇ ହେବାର ସ୍ପଷ୍ଟ ହୋଇଛି। ତେବେ ଚନ୍ଦ୍ରଶେଖର ନାଁରେ ଦୁଇ ପ୍ରାର୍ଥୀ ଥିବାରୁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ବିଜେଡିର ଚନ୍ଦ୍ରଶେଖର ସାହୁ ଏବଂ କଂଗ୍ରେସର ଭି. ଚନ୍ଦ୍ରଶେଖର ନାଇଡୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ସଂଘର୍ଷପୂର୍ଣ୍ଣ ହେବାର ସାଧାରଣରେ ଚର୍ଚ୍ଚା ଚାଲିଛି। ଏହି ଅଞ୍ଚଳରେ ଉଭୟ ଦଳର ପକେଟ ଭୋଟ ରହିଛି। ଭାଜପା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଦୁଇ ଚନ୍ଦ୍ରଶେଖରଙ୍କୁ ଟକ୍କର ଦେବାକୁ ପ୍ରସ୍ତୁତ ହୋଇଛନ୍ତି। ତେବେ ନାଇଡୁ ଓ ବକ୍ସିପାତ୍ର ବାହାର ସ୍ଥାନରୁ ଆସିଥିବା ବେଳେ ଜନ୍ମମାଟି ପୁଅ ସାହୁ ଭୋଟରଙ୍କ ସମର୍ଥନ ପାଇଁ ଆଶାବାଦୀ ହୋଇଛନ୍ତି।

ସୂଚନାଯୋଗ୍ୟ, ଚନ୍ଦ୍ରଶେଖର ସାହୁ ତୃତୀୟଥର ପାଇଁ ଲୋକ ସଭା ନିର୍ବାଚନ ଲଢୁଥିବା ବେଳେ ବିଜେଡିରୁ ନୂଆ ପ୍ରାର୍ଥୀ ହୋଇଛନ୍ତି। ୨୦୦୯ ଓ ୨୦୧୪ ନିର୍ବାଚନରେ ସେ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଥିଲେ। ଦଳର ଦୟନୀୟ ଅବସ୍ଥା ଦେଖି ବର୍ଷକ ତଳେ ୨୦୧୮ ଏପ୍ରିଲ ୪ରେ ବିଜେଡିରେ ସାମିଲ ହୋଇଥିଲେ। ପୁରୁଖା ନେତାଙ୍କ ସାଙ୍ଗଠନିକ ଦକ୍ଷତା ଥିବା ଅନୁଭବ କରି ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଏଥର ପ୍ରାର୍ଥୀ କରିଛନ୍ତି। ସେହିପରି ରାଜନୀତିରେ ନୂଆ କରି ପ୍ରବେଶ କରିଥିବା ଶିଳ୍ପପତି ଭି. ଚନ୍ଦ୍ରଶେଖର ନାଇଡୁ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ଅଞ୍ଚଳ ଓ ଲୋକଙ୍କ ସହିତ ସେ ପୂର୍ବରୁ ଆଦୌ ପରିଚିତ ନ ଥିଲେ ମଧ୍ୟ ଲୋକ ସଭା ନିର୍ବାଚନ ମଣ୍ଡଳୀର ସମୁଦାୟ ଭୋଟରଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ତେଲୁଗୁ ଭାଷାଭାଷୀ ହୋଇଥିବାରୁ ଏଆଇସିସି ପକ୍ଷରୁ ନାଇଡୁଙ୍କୁ ଟିକେଟ ମିଳିଛି।

ଅବିଭକ୍ତ କୋରାପୁଟ ଜିଲା ବାସିନ୍ଦା ତଥା ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ମଧ୍ୟ ଦଳର ନୂଆ ପ୍ରାର୍ଥୀ ହୋଇଛନ୍ତି। ଲୋକ ସଭା ପ୍ରାର୍ଥୀ ହେବାକୁ ଏହି ଅଞ୍ଚଳର ଭାଜପା ନେତାମାନେ ଆଶାୟୀ ଥିଲେ ମଧ୍ୟ ବକ୍ସିପାତ୍ର ପ୍ରାର୍ଥୀ ହେବାର ସୁଯୋଗ ପାଇଛନ୍ତି। ତାଙ୍କୁ ଜିତାଇବା ପାଇଁ ଗଜପତି ଜିଲାରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଏବଂ ଗଞ୍ଜାମ ଜିଲାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଶକ୍ତିମନ୍ତ୍ରୀ ପ୍ରମୁଖ ପ୍ରଚାର କରିଛନ୍ତି। ମୋଦି ସରକାରଙ୍କ ଜନାଭିମୁଖୀ ଯୋଜନା ଏବଂ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ସେ ପ୍ରଚାର ଚଳାଇଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ନାଇଡୁ ଇତିମଧ୍ୟରେ ଲୋକ ସଭା ଅଧୀନ ୭ ବିଧାନସଭା କ୍ଷେତ୍ରରେ ନିର୍ବାଚନୀ ପ୍ରଚାରକୁ ବ୍ୟାପକ କରିବାରେ ସକ୍ଷମ ହୋଇଛନ୍ତି। ଜିଲା କଂଗ୍ରେସ ସଭାପତି ତ୍ରିନାଥ ବେହେରା, କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ଓ ଅନ୍ୟମାନେ ତାଙ୍କ ସହ ବୁଲୁଛନ୍ତି। ସେ ଜିତିଲେ ଶିଳ୍ପ ଓ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଏବଂ ଗୋପାଳପୁର ବନ୍ଦରକୁ ସବୁଦିନିଆ ଓ ଲୋକ ସଭା ଇଲାକାରେ ବିମାନ ବନ୍ଦର କରିବାର ପ୍ରତିଶ୍ରୁତି ଦେବାରେ ଲାଗିଛନ୍ତି। ବ୍ୟାପକ ଶିଳ୍ପାୟନ କରାଯାଇ ଦାଦନ ଶ୍ରମିକ ବନ୍ଦ କରାଯିବାକୁ ନାଇଡୁ ପ୍ରତିଶ୍ରୁତି ଦେଇଛନ୍ତି। ରାଜନୀତିରେ ପୁରୁଣା ଖେଳୁଆଡ଼ ବିଜେଡି ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ ଏହି ଲୋକ ସଭା କ୍ଷେତ୍ରରେ ପୂର୍ବରୁ ପରିଚିତ। ତାଙ୍କ ପାଇଁ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ବୁଧବାର ନିର୍ବାଚନୀ ପ୍ରଚାର କରିଛନ୍ତି। ୨୦୦୪ ନିର୍ବାଚନରେ ସେ ଏହି ଆସନରୁ କଂଗ୍ରେସରୁ ଲଢ଼ି ଏମ୍‌ପି ହୋଇଥିଲେ ଓ ପ୍ରଥମ ଉପା ସରକାରରେ ମନ୍ତ୍ରୀ ପଦ ପାଇଥିଲେ।

ଏବେ ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରି ନିର୍ବାଚିତ ହେବାର ଆଶାବାଦୀ ହୋଇଛନ୍ତି ସାହୁ। ସେ କେନ୍ଦ୍ରମନ୍ତ୍ରୀ ଥିବା ବେଳେ ବେଳାଭୂମି ସହର ଗୋପାଳପୁରରୁ ଶିଳ୍ପ ସହର ରାୟଗଡ଼ା ପର୍ଯ୍ୟନ୍ତ ନୂଆ ରେଳପଥ ନିର୍ମାଣ ପାଇଁ ପଦକ୍ଷେପ ନେଇଥିଲେ। ତାର ସର୍ଭେ ୨୦୦୯ ଆରମ୍ଭରୁ ସରିଛି ଏବଂ କେନ୍ଦ୍ର ଯୋଜନା କମିଶନଙ୍କ ମଞ୍ଜୁରୀ ମିଳିବା ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ଅଟକି ରହିଛି। ତାକୁ ସାକାର କରିବା, ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍ ସମ୍ପ୍ରସାରଣ, ବ୍ରହ୍ମପୁରରେ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ରିଂ-ରୋଡ, ଗେଟବଜାର ଛକ ସମେତ ବିଭିନ୍ନ ଛକରେ ଫ୍ଲାଏଓଭରବ୍ରିଜ, ଗଜପତି ଜିଲାରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ମୋହନାରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଏବଂ ପାରଳାଖେମୁଣ୍ଡି ସହରକୁ ସୌନ୍ଦର୍ଯ୍ୟକରଣ ଲାଗି ଦିଲ୍ଲୀ ଦରବାରରେ ପ୍ରୟାସ କରିବାର ସୂଚନା ଦେଇଛନ୍ତି। ନିର୍ବାଚନ ମଇଦାନରେ ପୁରୁଣା ଚନ୍ଦ୍ରଶେଖରଙ୍କୁ ନୂଆ ଚନ୍ଦ୍ରଶେଖର କଡ଼ା ଟକ୍କର ଦେଉଥିବାରୁ ଫଳାଫଳକୁ ଅପେକ୍ଷା କରାଯାଇଛି। ସୂଚନାଯୋଗ୍ୟ, ୨୦୧୪ ନିର୍ବାଚନରେ ୬ ବିଧାନସଭା କ୍ଷେତ୍ରରେ ବିଜେଡି ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ। କେବଳ ପାରଳାଖେମୁଣ୍ଡି ସେଗମେଣ୍ଟରେ କଂଗ୍ରେସ ପ୍ରାର୍ଥୀ ଜିତିଥିଲେ।

## CLASSIFIED DISPLAY

ORANE INTERNATIONAL SCHOOL OF BEAUTY & WELLNESS

ଆଡଭାନ୍ସ ଡିପ୍ଲୋମା
ହେୟାର • ବିୟୁଟି ମେକ୍ଅପ୍
and work anywhere in the world
80+ Schools | 13 States | 45,000+ Students
Call: 73288-24255, 73288-24260 73288-24257
Plot No 5, 3rd Floor, Santosh Plaza, Janapath Satya Nagar, Bhubaneshwar

GOURI SHANKAR RESIDENTIAL E.M. SCHOOL
PALASPUR SASAN, NUAGAON CHHAK, P.O.- SISUPALGARH, BHUBANESWAR - 751002, ODISHA, Ph.: (0674) 2343561, 2343184
(Affiliated to CBSE, New Delhi, Vide Code No.: 15351, Dt.21.07.97)
ନାମ ଲେଖା ବିଜ୍ଞପ୍ତି
ଶିକ୍ଷାବର୍ଷ (୨୦୧୯-୨୦) ଶିଶୁ ପ୍ରାରମ୍ଭ (ଏଲ୍.କେ.ଜି.) ଶ୍ରେଣୀରେ ନାମଲେଖା ପାଇଁ ଓଡ଼ିଶା ସରକାରଙ୍କ ଅଧିନିୟମ ୨୫% ସଂରକ୍ଷଣ ବ୍ୟବସ୍ଥା/(ଆର୍.ଟି.ଇ. ୨୦୦୯) (ଧାରା ୧୨.୧ସି) ଅନୁଯାୟୀ, ଯୋଗ୍ୟତା- ମାର୍ଚ୍ଚ ୩୧, ୨୦୧୯ ସୁଦ୍ଧା ବୟସ ସୀମା ୪ବର୍ଷରୁ ୬ବର୍ଷ ମଧ୍ୟରେ ଓ ବାସସ୍ଥାନ ବିଦ୍ୟାଳୟଠାରୁ ୧କି.ମି. ପରିଧି ମଧ୍ୟରେ ହୋଇଥିବା ଆବଶ୍ୟକ।
ମାର୍ଚ୍ଚମାସ ୨୯ତାରିଖରୁ ଏପ୍ରିଲ ୧୫ତାରିଖ ସକାଳ ୭ଘଟିକାରୁ ଦିବା ୧ଘଟିକା ମଧ୍ୟରେ କେବଳ କାର୍ଯ୍ୟଦିବସମାନଙ୍କରେ ନାମ ପଞ୍ଜୀକରଣ ପାଇଁ ମାଗଣାରେ ଫର୍ମ ମିଳିବ, ନିର୍ଦ୍ଧାରିତ ଫର୍ମ ଆବେଦନର ଶେଷ ତାରିଖ ୨୦ା୦୪ା୨୦୧୯ ଦିବା ୧ଘଟିକା।
ଫର୍ମ ପ୍ରାପ୍ତି ଠିକଣା
Gouri Shankar Residential English Medium School, At: Nuagaon Chhak, P.O.- Sisupal Garh, Bhubaneswar-751002 Ph.: (0674) 2343561, Mob.: 9437279258
G.S.E.M.-II School At/P.O.- Sarakana, P.s.- Balianta, Dist.- Khurda, PIN-752100 Mob.: 7008078784

Life Care Emporium Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS

Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841


ଭାତୁଡ଼ି କିଲଏଡ଼ ମାଛଆଖିଆ
ବିନା ଅପରେସନରେ ଚିକିତ୍ସା ପାଇଁ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ସମୟ: ସକାଳ ୮.୩୦ଘ.ରୁ ମଧ୍ୟାହ୍ନ ୧.୩୦ମି. ଏବଂ ସନ୍ଧ୍ୟା ୫.୦୦ଘ.ରୁ ରାତି ୯.୦୦ଘ. ପର୍ଯ୍ୟନ୍ତ
ASHOK HEALTH CARE
Jagamara, Bhubaneswar
Mob.: 9861038392, 7077163500

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ

2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ। ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। -ଶ୍ରୀମା



# ଆର୍‌ବିଆଇ ବାଟ ଖୋଜୁ

ବ୍ୟାଙ୍କଗୁଡ଼ିକର ଅପରିଶୋଧ ଋଣ ସମସ୍ୟାର ସମାଧାନ ପାଇଁ ୨୦୧୮ ଫେବୃୟାରୀ ୧୨ ତାରିଖରେ ରିଜର୍ଭ ବ୍ୟାଙ୍କ ଯେଉଁ ସର୍କୁଲାର ଜାରି କରିଥିଲା, ମଙ୍ଗଳବାର ସୁପ୍ରିମ୍‌କୋର୍ଟ ତାହାକୁ ଖାରଜ କରିଦେଇଛନ୍ତି। ଏପରି ନିର୍ଦ୍ଦେଶନାମା ଜାରି କରି ବ୍ୟାଙ୍କ ନିୟନ୍ତ୍ରକ ନିଜର ଆଇନଗତ କ୍ଷମତା ବାହାରକୁ ଚାଲିଯାଇଛି ବୋଲି କୋର୍ଟ କହିଛନ୍ତି। କୋର୍ଟଙ୍କ ଏହି ରାୟ ବ୍ୟାଙ୍କଗୁଡ଼ିକରେ ବଢୁଥିବା ଅଚଳ ପରିସମ୍ପତ୍ତି (ଏନ୍‌ପିଏ) ସମସ୍ୟା ବିରୋଧରେ ଆର୍‌ବିଆଇର ଲଢ଼େଇକୁ ଗୋଟିଏ ମାଡ଼ରେ ଶେଷ କରିଦେଇଛି। ବିଭିନ୍ନ କର୍ପୋରେଟ୍ ଖିଲାପକାରୀ ଯଥା ଏସାର ପାୱାର, ଜିଏମ୍‌ଆର୍ ଏନର୍ଜି, କେଏସ୍‌କେ ଏନର୍ଜି, ରତନ ଇଣ୍ଡିଆ ପାୱାର, ଆସୋସିଏଶନ୍ ଅଫ୍ ପାୱାର ପ୍ରଡ୍ୟୁସର୍ସ (ଏଏପି) ଏବଂ ଇଣ୍ଡିପେଣ୍ଡେଣ୍ଟ ପାୱାର ପ୍ରଡ୍ୟୁସର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ଆଇପିପିଏଆଇ) ରିଜର୍ଭ ବ୍ୟାଙ୍କର ଉକ୍ତ ଆଦେଶପତ୍ରର ସାମ୍ବିଧାନିକ ବୈଧତାକୁ ନେଇ ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲେ, ଯାହାର ଶୁଣାଣି କରି କୋର୍ଟ ଉକ୍ତ ରାୟ ଦେଇଛନ୍ତି। ଗତବର୍ଷ ସେପ୍ଟେମ୍ବର ମାସରେ କୋର୍ଟ ଉକ୍ତ ସର୍କୁଲାର ଉପରେ ରହିତାଦେଶ ଜାରି କରିଥିଲେ। ରିଜର୍ଭ ବ୍ୟାଙ୍କର ଉକ୍ତ ୧୨।୦୨।୧୮ ସର୍କୁଲାର ଖରାପ ଋଣ ସମସ୍ୟାରେ ପୀଡ଼ିତ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଅନେକ ସୁଧାର ଆଣିପାରିଥିଲା। ଏହି ଖରାପ ଋଣ ହେଉଛି ବ୍ୟାଙ୍କଗୁଡ଼ିକର ମୋଟ ଋଣର ପ୍ରାୟ ୧୦ ପ୍ରତିଶତ, ଯାହା ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା ହେବ। ଇନ୍‌ସଲ୍‌ଭେନ୍ସି ଆଣ୍ଡ୍ ବ୍ୟାଙ୍କ୍‌ରପ୍ସି କୋଡ୍ (ଆଇବିସି) ସହ ରିଜର୍ଭ ବ୍ୟାଙ୍କର ୧୨।୦୨।୧୮ ସର୍କୁଲାର ଖିଲାପୀ ଋଣୀ ଓ ଖିଲାପ କରିବାର ସମ୍ଭାବନା ଥିବା ଋଣୀ କର୍ପୋରେଟ୍‌ମାନଙ୍କ ମନରେ ଆତଙ୍କ ଖେଳାଇ ଦେଇଥିଲା। ଉକ୍ତ ସର୍କୁଲାର ଅନୁସାରେ ୨୦୦୦ କୋଟି ଟଙ୍କାରୁ ଅଧିକ ଋଣ ନେଇଥିବା ବଡ଼ ଋଣୀମାନେ କିସ୍ତି ଶୁଝିବାରେ ୨୪ ଘଣ୍ଟା ଖିଲାପ କଲେ ତାଙ୍କର ନାମ ପ୍ରକାଶ କରିବାକୁ ହେବ। ପୁଣି ୧୮୦ ଦିନ ଭିତରେ ଯଦି ସେମାନେ ଏହାର ସମାଧାନ ନ କରନ୍ତି, ତେବେ ଏହି ମାମଲାଗୁଡ଼ିକ ଆଇବିସିକୁ ପଠାଇବା ପାଇଁ ମଧ୍ୟ ଏଥିରେ ନିର୍ଦ୍ଦେଶ ରହିଛି।

ରାଜନୈତିକ ହସ୍ତକ୍ଷେପ ଓ ପ୍ରଭାବ ଯୋଗୁ ଏବଂ ଋଣୀ ଓ ଋଣଦାତାଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଯୋଗୁ ବ୍ୟାଙ୍କଗୁଡ଼ିକର ଖରାପ ଋଣ ପରିମାଣ ବଢ଼ିବଢ଼ି ଚାଲିଛି।

## ଆଜିର ଅର୍ଥନୀତି

ଉପଲବ୍ଧ ସ୍କିମ୍‌ଗୁଡ଼ିକ ସାହାଯ୍ୟରେ ଉଭୟ ଋଣୀ ଓ ଋଣଦାତାମାନେ ଋଣଗୁଡ଼ିକୁ ସଦା ସତେଜ ରଖିବାକୁ ଚାହାନ୍ତି। ତେଣୁ ଏହା ଉପରେ ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପକୁ ନେଇ ବୋର୍ଡ ଅଧୀନରେ ଥିବା ବ୍ୟାଙ୍କ ମ୍ୟାନେଜ୍‌ମେଣ୍ଟଗୁଡ଼ିକ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ସର୍କୁଲାର ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟରେ ସମ୍ପର୍କ ଖରାପ କରିଥିଲା। ଖିଲାପୀମାନେ ଦେବାଳିଆ ପ୍ରକ୍ରିୟା ଭିତରକୁ ଟାଣି ହୋଇଯିବା ସହ ଋଣ ପରିଶୋଧ କରି ନିଜ ଆକାଉଣ୍ଟକୁ ନିୟମିତ କରି ନ ପାରି ନିଜ ଉଦ୍ୟୋଗ ଉପରୁ ନିୟନ୍ତ୍ରଣ ହରାଇବାକୁ ଆରମ୍ଭ କଲେ। ବର୍ତ୍ତମାନ ସୁପ୍ରିମ୍‌କୋର୍ଟ ଉକ୍ତ ୧୨।୦୨।୧୮ ସର୍କୁଲାରକୁ ଅକାମୀ ଘୋଷଣା କରିବା ଯୋଗୁ ସେମାନଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। କିନ୍ତୁ ଏହା ଫଳରେ ଅନ୍ୟୂନ ୭୦ ଜଣ ବଡ଼ ଋଣୀଙ୍କ ପ୍ରାୟ ୩.୮୦ ଲକ୍ଷ କୋଟି ଟଙ୍କାର ଋଣ ଖିଲାପଜନିତ ସମସ୍ୟାର ସମାଧାନ ପ୍ରକ୍ରିୟା ମନ୍ଥର ଓ ଜଟିଳ ହୋଇଯିବ। ତା'ଛଡ଼ା ନ୍ୟାଶ୍‌ନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)କୁ ଯାଇଥିବା ମାମଲାଗୁଡ଼ିକ ମଧ୍ୟ ଦୁର୍ବଳ ହୋଇଯିବ। କେତେକ ବଡ଼ ଋଣୀ ଆଇବିସି ବ୍ୟବସ୍ଥା ଅନୁସାରେ ଋଣ ପରିଶୋଧ କରିବାକୁ ବାଧ୍ୟ ହେଉଥିବା ବେଳେ ସେମାନେ ଏବେ ତାହାର ଆଇନଗତ ପ୍ରତିକାର ପାଇଁ ବାଟ ଖୋଜିନେବେ। ତେଣୁ ବିଶ୍ୱ ରେଟିଂ ଫାର୍ମ ମୁଡିଜ୍ ଏବେ ସୁପ୍ରିମ୍‌କୋର୍ଟଙ୍କ ଉକ୍ତ ରାୟକୁ ବ୍ୟାଙ୍କଗୁଡ଼ିକ ପାଇଁ 'କ୍ରେଡିଟ୍ ନେଗେଟିଭ୍' ବୋଲି ଅଭିହିତ କରିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

ସୁପ୍ରିମ୍‌କୋର୍ଟ ଉକ୍ତ ୧୨।୦୨।୧୮ ସର୍କୁଲାରକୁ କେବଳ ଏକ ପ୍ରକ୍ରିୟାତ୍ମକ କାରଣରୁ ହିଁ ଅକାମୀ ଘୋଷଣା କରିଛନ୍ତି। କୋର୍ଟ କହିଛନ୍ତି ଯେ, ଆଇନ ଅନୁଯାୟୀ ଏପରି ସର୍କୁଲାର ଜାରି କରିବାକୁ ରିଜର୍ଭ ବ୍ୟାଙ୍କ ଅଧିକାରପ୍ରାପ୍ତ ନୁହେଁ। ଏପରି ସର୍କୁଲାର ଜାରି କରିବା ପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ସରକାରଙ୍କ ଅନୁମତି ନେବାର ଆବଶ୍ୟକତା ଥିଲା। ତେବେ ରିଜର୍ଭ ବ୍ୟାଙ୍କ ପ୍ରତି ସରକାରଙ୍କ ବିରୋଧ ଭାବ ହେତୁ ଏପରି ଅନୁମତି ମିଳିବା ନେଇ ଆଶଙ୍କା ରହିଥିଲା। ବର୍ତ୍ତମାନ କାଳବିଳମ୍ବ ନ କରି ଆର୍‌ବିଆଇ ଏ ସମସ୍ୟାର ସମାଧାନ ପାଇଁ ବାଟ ବାହାର କରିବା ଦରକାର। ରିଜର୍ଭ ବ୍ୟାଙ୍କ ମଧ୍ୟ ବୁଝିବା ଦରକାର ଯେ ସମସ୍ତେ ଇଚ୍ଛାକୃତ ଖିଲାପକାରୀ ନୁହନ୍ତି। ଶକ୍ତି କ୍ଷେତ୍ର ପରି କେତେକ କ୍ଷେତ୍ର ରହିଛି ଯେଉଁମାନଙ୍କ ଉପରେ ଯଥେଷ୍ଟ ବାହାର ପ୍ରଭାବ ରହିଛି, ଯେଉଁଥିପାଇଁ ସେମାନେ ଋଣଦାତାଙ୍କ ନିୟନ୍ତ୍ରଣ ବାହାରେ। ସୁତରାଂ ଖିଲାପୀମାନଙ୍କୁ ଋଣ ପରିଶୋଧ କରିବା ଲାଗି ବାଧ୍ୟ କରିବା ନିମନ୍ତେ ସମସ୍ତଙ୍କ ପାଇଁ ସମାନ ନିୟମ ଲାଗୁ କରିବା ସମୀଚୀନ ନୁହେଁ। କେନ୍ଦ୍ରୀୟ ବ୍ୟାଙ୍କ ତୁରନ୍ତ ଏ ସମସ୍ୟାର ସମାଧାନ ପାଇଁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବା ଆବଶ୍ୟକ। ଖିଲାପୀମାନଙ୍କଠାରୁ ଋଣ ଆଦାୟ ପାଇଁ ଯେଉଁ ଭଲ କାମ କରାଯାଇଛି ତାହାକୁ ଏପରି ଭାବେ ନିଷ୍ଫଳ ହେବାକୁ ଦେବା ଉଚିତ ନୁହେଁ।

# ଗଧ, ଓଟ ଓ ସିଂହ ଉପାଖ୍ୟାନ



ଅରୁଣ ପଣ୍ଡା

ସହରଠାରୁ ବେଶ୍ ଦୂର ହେଲେ ବି ସ୍ଥାନଟି ଲୋକାରଣ୍ୟ ହୋଇଉଠିଛି। ସମଗ୍ର ସହରରେ ଅନ୍ଧକାରର ରାଜୁତି, କାରଣ ପ୍ରଖର ବିଦ୍ୟୁତ୍ ସଙ୍କଟ, କିନ୍ତୁ ଜନତାଙ୍କ ପ୍ରତିନିଧିଙ୍କ ପାଇଁ ସେ ସ୍ଥାନଟିକୁ ଅଫିସରମାନଙ୍କ ବିଶେଷ ପ୍ରଯତ୍ନ ଦ୍ୱାରା ଆଲୋକିତ କରାଯାଇଥିଲା। ସହରର ବହୁ ରାଜନେତାଙ୍କ ସହ ବୁଦ୍ଧିଜୀବୀ, ସାହିତ୍ୟିକ, ଠିକାଦାର, ବେପାରୀ, ଶିଳ୍ପପତିମାନଙ୍କ ସମାଗମ ଲାଗିରହିଛି। ଏ ଖବରକାଗଜର ଜୟନ୍ତୀ ଉତ୍ସବ ଦେଖିଲେ ଆଖି ଝଲସି ଉଠୁଛି।

ସମାରୋହରେ ଯୋଗଦେବାକୁ ଆସିଥିବା ଜଣେ ତଥାକଥିତ ବୁଦ୍ଧିଜୀବୀ ପ୍ରଫେସର ମତ ଦେଲେ- କରିବ ତ ଏଭଳି କରିବ, ନ ହେଲେ ନାହିଁ। ଆଉ ବିକଳିଆଙ୍କ ପରି କୁତୁରୁମୁତୁରୁ କରି ଲାଭ କ'ଣ?

ପ୍ରଫେସରଙ୍କ ମୁହଁରୁ 'କୁତୁରୁମୁତୁରୁ' ପରି ଗାଉଁଲି ଶବ୍ଦ ଶୁଣି ହୁଏ ତ କେତେକେ ବିସ୍ମିତ ହୋଇଥିବେ, କିନ୍ତୁ ମହାଶୟ ନିୟମିତ ଭାବେ ଉକ୍ତ ଖବରକାଗଜରେ ଗାଉଁଲି ଭାଷାରେ ରାଜନୈତିକ ବ୍ୟଙ୍ଗ ଲେଖନ୍ତି। ପରୀକ୍ଷାଖାତା ଦେଖା ଦୁର୍ନୀତିରେ ତାଙ୍କର ସମ୍ପୃକ୍ତି ନେଇ କେତେକ ଖବରକାଗଜରେ ତାଙ୍କ ସମ୍ପର୍କରେ ଖବର ପ୍ରକାଶିତ ହୋଇଥିଲା, କିନ୍ତୁ ଖବରକାଗଜର ପ୍ରତିଷ୍ଠାତାଙ୍କ ଅଖଣ୍ଡ ପ୍ରଭାବରେ ତାଙ୍କର କିଛି ହେଲା ନାହିଁ ବୋଲି ସେ ବାହୁସ୍ଫୋଟମାରି କହନ୍ତି। ଖବରକାଗଜରେ କେତେକ ସ୍ଥାୟୀ ସ୍ତମ୍ଭକାର, କେତେକ ଅସ୍ଥାୟୀ ସମାଲୋଚନା ଲେଖକ, କବି, ସାହିତ୍ୟିକ ଓ ବୁଦ୍ଧିଜୀବୀ ପ୍ରାୟ ଲେଖନ୍ତି। ଏମାନଙ୍କୁ ନିୟମିତ ପାରିତୋଷିକ ଓ ପାଉଣା ଦିଆଯାଏ। ସେମାନେ ଖୁସି ଯେ ଓଡ଼ିଶାରେ ଏଭଳି ଏକ ଖବରକାଗଜ ଅଛି ଯେଉଁଠି ଲେଖକଙ୍କୁ କିଛି ପାରିତୋଷିକ ମିଳେ। ବର୍ଷସାରା କାଗଜଟିକୁ ଉନ୍ନତ, ସୁଦୃଶ୍ୟ କରିବା ପାଇଁ ଯେଉଁମାନେ ଅହର୍ନିଶ ଉଦ୍ୟମ କରୁଥିଲେ, ସମାରୋହରେ ସେମାନଙ୍କ ସ୍ଥିତି ଖୁବ୍ ଦୟନୀୟ ମନେହେଉଥିଲା।

ଖବରକାଗଜ ପରିସରରେ ବିଶାଳ ସଭାମଞ୍ଚ, ବୋଧହୁଏ କୌଣସି ପାରଙ୍ଗମ ସରକାରୀ ଅଫିସରଙ୍କ ଦେଖାଶୁଣାରେ ତାହା ତିଆରି ହୋଇଛି। ଯେତେ ବହୁଳ ପ୍ରସାରିତ ଖବରକାଗଜ ହେଲେ ବି ଏଭଳି ବିଶାଳ ଓ ଲୋଭନୀୟ ମଞ୍ଚ ନିର୍ମାଣ କରିବା ସେମାନଙ୍କ ପାଇଁ କଷ୍ଟକର। ସଭାମଞ୍ଚ ଉପରେ ଓ ଚତୁର୍ଦ୍ଦିଗରେ ବଡ଼ ଗମଲାଗୁଡ଼ିକରେ ଯେଉଁ ଗଛ ଓ ଫୁଲକୁଣ୍ଡ ସଜାଯାଇଛି, ତାହା ବେଶ୍ ରାଜକୀୟ ମନେହେଲା। କୌଣସି ସରକାରୀ ଉଦ୍ୟାନରୁ ଅତି ଯତ୍ନରେ ସାଇତା କାକ୍‌ଟସ ଓ ଫୁଲଗଛର ସମ୍ଭାର ଏଠାକୁ ଚାଲାଣ ହୋଇ ଆସିଛି। ରାଜ୍ୟ ବିଦ୍ୟୁତ୍ ବିଭାଗର ଅକୃପଣ ସେବାରେ ଝଲମଲ ହୋଇଉଠିଛି ମଞ୍ଚ ଏବଂ ଖବରକାଗଜ ପରିସର। ସଭାକୁ ଆଗମିତ ଶ୍ରୋତାମାନେ ନିଜକୁ ନିଜେ ଚିହ୍ନି ପାରୁ ନ ଥାନ୍ତି, କାରଣ ଆଲୋକର ତେଜରେ ସେମାନଙ୍କ କପଡ଼ାର ରଙ୍ଗ ବଦଳି ଯାଇଥାଏ।

ବ୍ୟାପକ ସରକାରୀ, ବେସରକାରୀ ପୃଷ୍ଠପୋଷକତାରେ ବିଶାଳ ଏବଂ ମନମତାଣିଆ ଜୟନ୍ତୀ ଉତ୍ସବ ଏକ ନିର୍ଭୀକ, ନିରପେକ୍ଷ ଖବରକାଗଜର। ମଞ୍ଚ ଆଗରେ ପ୍ରବଳ ଭିଡ଼ ଜମି ଆସିଲାଣି। ସହରର ଅଫିସରମାନଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଅଧିକାରୀମାନଙ୍କ ଭିଡ଼। ସେମାନଙ୍କ ସହ ପୂର୍ବ ବର୍ଣ୍ଣନାନୁଯାୟୀ ଠିକାଦାର ଏବଂ ବେପାରୀଙ୍କ ଜମଘଟ। ଏମାନେ ଗର୍ବିତ ଯେ ଖବରକାଗଜଟି ଏମାନଙ୍କ କରୁଣା ଓ ଦୟାରେ ଚାଲିଛି। ଏମାନଙ୍କ କରୁଣା ଅପ୍ରାସଙ୍ଗିକ ନୁହେଁ, କାରଣ ଖବରକାଗଜ ମାଲିକଙ୍କ କରୁଣାରେ ଏମାନେ କେବଳ ତିଷ୍ଠି ରହିନାହାନ୍ତି, ଦିନକୁ ଦିନ ବପୁ ଓ ବ୍ୟବସାୟକୁ ବିଶାଳ କରିବାରେ ଲାଗିଛନ୍ତି।

ଏମାନଙ୍କ ଅପେକ୍ଷା ସଭାରେ ଭିଡ଼ ଅଧିକ ନେତା, ଟାଉଟର ଓ ସେମାନଙ୍କ ଚାମଚାମାନଙ୍କର। ଭିଡ଼ ଦେଖି ଜଣାପଡୁଥିଲା ଯେ, ଜଣେ କେହି ଭିଭିଆଇପି ଆସୁଛନ୍ତି ମୁଖ୍ୟ ଅତିଥି ଭାବରେ। ଭିଭିଆଇପି ଆଉ କେହି ନୁହନ୍ତି, ରାଜ୍ୟର ମହାନ୍ ରାଜନେତା, ଦେଶସେବକ ଏବଂ ବିଶିଷ୍ଟ ସାମ୍ବାଦିକ ମାନ୍ୟବର ପାଟ ଶାସକ। ରାଜନୈତିକ ସମୀକରଣ ଦୃଷ୍ଟିରୁ ଯେତେ ବ୍ୟସ୍ତତା କିମ୍ବା ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଥିଲେ ବି ସଭାକୁ ଆସିବା ପାଇଁ ସେ ବାଧ୍ୟ। ନ ହେଲେ କୁର୍ସି ରାଜନୀତିରେ ବିଭ୍ରାଟ ଘଟିବାର ସମ୍ଭାବନା ଅଧିକ।

ଖବରକାଗଜକୁ ଜନସେବାର ମାଧ୍ୟମ କରିଥିବା ମହାତ୍ମାମାନଙ୍କ ସମ୍ପର୍କରେ ବହୁ ଉଦାହରଣ ଦିଆଯାଇପାରେ। ଲୋକଙ୍କ ସମସ୍ୟାକୁ ଉତ୍ଥାପିତ କରିବାକୁ ଲୋକଙ୍କ ସ୍ୱାର୍ଥ ପାଇଁ ସଂଗ୍ରାମ ଓ ସ୍ୱାଧୀନତା ଆନ୍ଦୋଳନ ମନ୍ତ୍ର ପ୍ରଚାର ଲାଗି ପଇସିକିଆ ଖବରକାଗଜର ଆରମ୍ଭ କରିଥିଲେ ଉତ୍କଳମଣି ଗୋପବନ୍ଧୁ। ଶାସନ ବିରୋଧରେ ନିୟମିତ କଲମ ଚାଳନାକରି ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କୁ ମଣ୍ଡାଲେ ଜେଲରେ ଯାବଜ୍ଜୀବନ କାରାଦଣ୍ଡ ଭୋଗ କରିବାକୁ ପଡ଼ିଲା। ଏମାନଙ୍କ ପାଇଁ ଖବରକାଗଜ କେବଳ ବ୍ୟବସାୟ କିମ୍ବା ସାମ୍ବାଦିକତା ଏକ ପେସା ନ ଥିଲା, ଏହା ଥିଲା ଜନସେବାର ମାଧ୍ୟମ, ଗଣତନ୍ତ୍ରର ଆଧାର ଏବଂ କର୍ତ୍ତବ୍ୟ। ସରକାରୀ ପୃଷ୍ଠପୋଷକତା, ବିଜ୍ଞାପନ ନାଁରେ ବିପୁଳ ଚାନ୍ଦା ଏବଂ କ୍ଷମତାର ଅପବ୍ୟବହାର ସହିତ ମାଲିକର ପ୍ରଶସ୍ତି ଗାନ ଏବଂ ମାଲିକଶତ୍ରୁର କୁତ୍ସାରଟନା କରୁଥିବା ଖବରକାଗଜକୁ ନିର୍ଭୀକ, ନିରପେକ୍ଷ କହିଲେ ଏହା ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ପାଇଁ ଏକ ପରିହାସ ହେବ- ସଭାରେ ଭାଷଣ ଶୁଣିବା ପରେ ଜଣେ ସଚେତନ, ଶିକ୍ଷିତ ଏବଂ ସାଧାରଣ ପାଠକର ଏହା ଥିଲା ତର୍କ। ଲୋକସମ୍ପର୍କ ବିଭାଗ ପକ୍ଷରୁ ପୂଜା ପାଇଁ ଦିଆଯାଉଥିବା ବିଜ୍ଞାପନ ବାବଦ ହିସାବ ଏବଂ ଖବରକାଗଜର ସଂଖ୍ୟାକୁ ଦେଖି ଆଖି ଖୋସିହୋଇଗଲା। ପୂଜାବଜାରରେ ବୁଲି ବର୍ଷସାରା ଲକ୍ଷ ଲକ୍ଷ ଟଙ୍କା ବିଜ୍ଞାପନ ପାଇଥିବା ଖବରକାଗଜଗୁଡ଼ିକୁ ଖୋଜିବାକୁ ଚେଷ୍ଟା କରାଗଲା। ପତ୍ରିକା ବିକ୍ରେତା କହିଲେ, ଏଭଳି କାଗଜ ଆମେ ତ ଦେଖିନାହୁଁ, ଆପଣମାନେ ପାଇବେ କେଉଁଠୁ। ଗଧ ଆଉ ଓଟ ପ୍ରସଙ୍ଗ ଅନେକେ ଜାଣିଥିବେ, ଜଙ୍ଗଲରେ ରାଜା ସିଂହର ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଗଧ ସମ୍ମାନିତ ଅତିଥି ଏବଂ ଓଟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଗଧ ଭାଷଣ ଆରମ୍ଭ କରି କହିଲା, ଏଥର ଆମେ ଏକ 'ବିଶ୍ୱ ସୁନ୍ଦର' ପ୍ରତିଯୋଗିତା ଆୟୋଜନ କରିଛୁ ଏବଂ ମୁଁ ସ୍ପଷ୍ଟ ଭାବରେ ଘୋଷଣା କରିଦେବାକୁ ଚାହେଁ ଯେ, ଏହି ପ୍ରତିଯୋଗିତାରେ ଆମର ଆଜିର ମୁଖ୍ୟବକ୍ତା ଓଟ ନିଶ୍ଚିତ ଭାବରେ ପ୍ରଥମ ସ୍ଥାନ ଅଧିକାର କରି ବିଶ୍ୱ ସୁନ୍ଦର ମୁକୁଟ ପିନ୍ଧିବେ। ଏହା ପରେ ପାଳି ପଡ଼ିଲା ମୁଖ୍ୟବକ୍ତା ଓଟ ମହାରାଜାଙ୍କର। ଗଧ ପ୍ରତି ଓଟର ଭାବନା ଗଦ୍‌ଗଦ୍ ହୋଇଉଠିଥାଏ। କେଉଁ ଭାଷାରେ ସେ ଗଧ ପ୍ରତି ନିଜର କୃତଜ୍ଞତା ଅର୍ପଣ କରିବ ବୁଝିପାରୁ ନ ଥାଏ।

ଅତି ବିନମ୍ରତାର ସହ ଓଟ ଆରମ୍ଭ କଲା ଭାଷଣ। ଗଧ ମହାରାଜା ମୋତେ ସୌନ୍ଦର୍ଯ୍ୟର ଶୀର୍ଷସ୍ଥାନରେ ରଖି ମୋ ପ୍ରତି ସ୍ନେହ ଓ ପ୍ରେମର ନିଦର୍ଶନ ଦେଖାଇଛନ୍ତି। ମୁଁ ତାଙ୍କୁ କୃତଜ୍ଞତା ଜଣାଇବା ପାଇଁ ଭାଷା ପାଉନାହିଁ। କିନ୍ତୁ ଗୋଟିଏ କଥା ମୁଁ ଏଠାରେ ସ୍ପଷ୍ଟ କରିଦେବାକୁ ଚାହେଁ ଯେ, ଗଧ ମହାରାଜାଙ୍କ କଣ୍ଠସ୍ୱର ଆଗରେ ତାନ୍‌ସେନ, ବୈଜୁ ବାଓ୍ୱରା ତୁଚ୍ଛ ପଡ଼ିଯିବେ। ଆମେ ବିଚାର କରୁଛୁ ଜଙ୍ଗଲ ରାଜ୍ୟରେ ବିଶ୍ୱ ସଙ୍ଗୀତଜ୍ଞ ସମ୍ମିଳନୀ ଆୟୋଜନକରି ସେଠାରେ ତାଙ୍କ ଶ୍ରେଷ୍ଠତ୍ୱ ପ୍ରମାଣିତ କରାଯିବ। ମୋର ବିଶ୍ୱାସ ଗଧ ମହାରାଜା ସେଠାରେ ବିଶ୍ୱ ଶ୍ରେଷ୍ଠ ସଙ୍ଗୀତଜ୍ଞ ଭାବେ ନିଶ୍ଚିତ ସାବ୍ୟସ୍ତ ହେବେ।

ଓଟ ଏବଂ ଗଧଙ୍କ ମଧ୍ୟରେ ପରସ୍ପର ପ୍ରଶଂସାର ବାଣୀ ରାଜା ସିଂହଙ୍କ ଶ୍ରୁତିକଟୁ ହେଲା। ସେ କଡ଼ମଡ଼ ଆଖିରେ ଓଟ ଆଉ ଗଧକୁ ଚାହିଁ ବିକଟାଳ ଗର୍ଜନ କଲେ। ସିଂହ ଗର୍ଜନରେ ନିଜକୁ ବିଶ୍ୱର ସର୍ବଶ୍ରେଷ୍ଠ ପ୍ରତିଭା ରୂପେ ଘୋଷଣା କରିଥିବା ଏହି ଦୁଇପ୍ରାଣୀ ଲାଙ୍ଗୁଡ଼ ଟେକି ପଳାୟନ କଲେ।

କ୍ଷମତାର ସମର୍ଥନ କିମ୍ବା ନୀରବତାର ସୁଯୋଗ ନେଇ ଖବରକାଗଜ ପ୍ରକାଶନ ଓ ସମ୍ପାଦନା ଭଳି ଏକ ପବିତ୍ର କାର୍ଯ୍ୟରେ ଅନେକ ଅପବିତ୍ର ବ୍ୟକ୍ତି ପ୍ରବେଶ କରିଯାଇଛନ୍ତି। ଖବରକାଗଜକୁ ଏମାନେ କ୍ଷମତା ଲକ୍ଷ୍ୟ ହାସଲ ପାଇଁ କିମ୍ବା କ୍ଷମତାକୁ ସୁରକ୍ଷିତ ରଖିବାର ରାଜନୈତିକ ଶିଡି ଭାବେ ବିଚାର କରନ୍ତି। ଖବରକାଗଜ ଏମାନଙ୍କ ପାଇଁ ସ୍ୱାର୍ଥସାଧନର ଏକ ମାଧ୍ୟମ। ଛାପା ମାଧ୍ୟମର ଅପବ୍ୟବହାର କେବଳ ଯେ ରାଜନେତାଙ୍କ ଦ୍ୱାରା ହେଉଛି ତାହା ନୁହେଁ, ଶିଳ୍ପପତି ମାଲିକମାନେ ମଧ୍ୟ ନିଜର ବ୍ୟାବସାୟ ଲକ୍ଷ୍ୟ ଚରିତାର୍ଥ ପାଇଁ ଏହାର ଦୁରୁପଯୋଗ କରୁଛନ୍ତି। ଗଧ ଏବଂ ଓଟ ପରି ବ୍ୟକ୍ତିମାନେ ପ୍ରିଣ୍ଟ ମିଡିଆରେ ଅବାଧ ଅନୁପ୍ରବେଶ କରିଛନ୍ତି। ଏହି ଅନୁପ୍ରବେଶକୁ ରୋକିବା ପାଇଁ ସାମ୍ବାଦିକତାକୁ ନିଜ ଜୀବନର ମିଶନ କିମ୍ବା ଧର୍ମ ବୋଲି ବିଚାର କରୁଥିବା ବ୍ୟକ୍ତିମାନେ ଏହାକୁ ରୋକିବା ଦିଗରେ ଉଦ୍ୟମ କରିବା ଉଚିତ।

ଖବରକାଗଜ ହେଉଛି ଶାସନରୂପୀ ଚାଟ ପାଇଁ ଅବଧାନଙ୍କ ଛାଟ। ଶାସନ ସୀମା ଲଂଘନ କରିବାର ସମ୍ଭାବନା ରହିଛି। ଶାସନକୁ ସୁନିୟନ୍ତ୍ରିତ କରିବା ପାଇଁ ଶାସନ ବାହାରେ ଥିବା ସାମ୍ବାଦିକ ଓ ଖବରକାଗଜ ନିର୍ଭୀକ, ନିରପେକ୍ଷ ହୁଅନ୍ତୁ ଏବଂ ଖବରକାଗଜ ଶିଳ୍ପ ଦୌଡ଼ରେ ମାତିଯାଇଥିବା ଓଟ ଓ ଗଧଙ୍କୁ ବିତାଡ଼ିତ କରିବା ପାଇଁ ସିଂହ ରଡ଼ି ଦିଅନ୍ତୁ। ପ୍ରତ୍ୟେକ ସଚେତନ ନାଗରିକଙ୍କର ଏହାହିଁ ହୃଦୟର ଆକାଂକ୍ଷା।

ବରିଷ୍ଠ ସାମ୍ବାଦିକ, ୧୩୪୮/୪ ସି,
ସେକ୍ଟର-୬, ମର୍କତନଗର, କଟକ

# ଶାନ୍ତି ଓ ସମନ୍ୱୟର ପର୍ବ



ଇଂ ରୌଶନ୍ ଖାନ୍

ଖୋର୍ଦ୍ଧା ସହରର ପଶ୍ଚିମ ପଟକୁ ଅଙ୍କାବଙ୍କା ପିଚୁରାସ୍ତାରେ ୧୦ କିଲୋମିଟର ଗଲେ ପଡ଼େ କେରଙ୍ଗ ଗାଁ। ମୁସଲମାନବହୁଳ ବଡ଼ ଜନବସତି ହୋଇଥିଲେ ମଧ୍ୟ ବିଭିନ୍ନ ଧର୍ମ ଓ ସଂସ୍କୃତିର ଅପୂର୍ବ ସଂଗମ ଘଟିଛି ଏଠାରେ। ବିଶ୍ୱ ଅହମଦୀୟା ମୁସ୍‌ଲିମ ସମ୍ପ୍ରଦାୟ-କେରଙ୍ଗ ଆନୁକୂଲ୍ୟରେ ପ୍ରତିବର୍ଷ ଏହି ଗାଁରେ ଆୟୋଜିତ ହୁଏ ଦୁଇଦିନିଆ ବାର୍ଷିକ ଧର୍ମ ସମାବେଶ। ଏଥର ପାଳିତ ହେଉଛି ୫୫ତମ ସମାବେଶ।

'ଧର୍ମ'ର ମୂଳ ହେଉଛି ନୈତିକତା ଓ ମାନବିକତା। କିନ୍ତୁ ବିଶ୍ୱରେ ସମ୍ପ୍ରତି ମାନବିକତାର ଉତ୍କଟ ସଙ୍କଟ ଦେଖାଦେଇଛି। ଏହି ପରିସ୍ଥିତିରେ ଅହମଦୀୟା ସମ୍ପ୍ରଦାୟ ମାନବବାଦର ପ୍ରଚାର ପାଇଁ ଆଜକୁ ୧୩୦ ବର୍ଷ ହେଲା ପ୍ରୟାସ କରିଆସୁଛି। ଧର୍ମ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱରେ ରହି ଜଣେ ଅନ୍ୟର ଧାର୍ମିକ ବିଶ୍ୱାସକୁ ସମ୍ମାନ ପ୍ରଦର୍ଶନ କରିବା ଏବଂ ବସ୍ତୁବାଦୀ ମଣିଷର ଅହଂଭାବ, ସ୍ୱାର୍ଥ, ହିଂସା ଆଦି ଦୁର୍ବଳତାକୁ ତ୍ୟାଗ କରି ପରସ୍ପରକୁ ଭଲପାଇବା ଏହି ସମାବେଶର ଲକ୍ଷ୍ୟ। ସମସ୍ତେ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇ ନିଜ ନିଜର ଧର୍ମ ପ୍ରବର୍ତ୍ତକ ଏବଂ ଅବତାରମାନଙ୍କ ଜୀବନାଦର୍ଶର ସ୍ତୁତିଚାରଣ କରି ସେମାନଙ୍କ ମହତ୍ ଗୁଣାବଳୀ ଉପରେ ଆଲୋଚନା କରିବା ଏହାର ଉଦ୍ଦେଶ୍ୟ। ଗୋଟିଏ ମଞ୍ଚରୁ 'ସର୍ବେ ଭବନ୍ତୁ ସୁଖିନଃ', 'ୱାହେ ଗୁରୁ ଜିନ୍ଦାବାଦ୍' ଏବଂ 'Love for all, hatred for none'ର ମଧୁର ଝଙ୍କାର ଗୁଞ୍ଜରିତ ହୁଏ। ଧ୍ୱନିତ ହୁଏ ପବିତ୍ର କୋରାନ୍, ବେଦମନ୍ତ୍ର, ବାଇବେଲର ନୀତିବାକ୍ୟ ଓ ସତ୍ ଗୁରୁବାଣୀ। ଏହି ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ସ୍ୱୟଂ ଅହମଦ୍ ନିଜ ଜୀବଦ୍ଦଶାରେ ୧୮୯୧ରୁ 'ଜଲସା ସାଲାନା' (ବାର୍ଷିକ ଧର୍ମସମ୍ମିଳନୀ)ର ମହାନ୍ ପରମ୍ପରା ଆରମ୍ଭ କରିଥିଲେ, ଯାହା ଆଜି ବିଶ୍ୱରୂପ ଧାରଣ କରିଛି ଏବଂ ୧୯୨୯ ମସିହାରୁ 'ସର୍ବଧର୍ମ ସମନ୍ୱୟ ଦିବସ' ଭାବେ ପୃଥିବୀର ବିଭିନ୍ନ ପ୍ରାନ୍ତରେ ଅନୁଷ୍ଠିତ ହେଉଛି।

ହଜରତ ମହମ୍ମଦ ୧୪୦୦ ବର୍ଷ ପୂର୍ବେ କହିଥିଲେ ଯେ ମୁସ୍‌ଲିମ ସମ୍ପ୍ରଦାୟ ମଧ୍ୟରେ ଜଣେ ବିଶ୍ୱ ସୁଧାରକ ପାରସୀ ବଂଶରେ ଆସିବେ, ଯେ ଈଶ୍ୱର ପ୍ରେରିତ ଅବତାର ହେବେ ଏବଂ ତାଙ୍କ ନାମ 'ଅହମଦ୍' ହେବ। ଏହାକୁ ସେ ଚାରିଥର ଘୋଷଣା କରିଥିବାର ହଦିସ୍-ସହି ମୁସଲିମ୍‌ରେ ଉଲ୍ଲେଖ ରହିଛି। ସେହି ଯୋଗଜନ୍ମା ମହାପୁରୁଷ ୧୮୩୫ ମସିହା ଫେବୃୟାରୀ ୧୩ ତାରିଖରେ କାଦିୟାନ୍‌ଠାରେ ମୋଗଲ ବଂଶର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। 'ଅହମଦ୍' ନାମଧାରୀ ସେହି ଯୁଗପୁରୁଷଙ୍କୁ ଈଶ୍ୱର ମନୋନୀତ କରିଥିଲେ ଆଧୁନିକ ମାନବ ଜାତିର ଉପଯୁକ୍ତ ମାର୍ଗଦର୍ଶକ ଭାବେ। ସେ ୧୮୭୯ ମସିହାରେ ପବିତ୍ର କୋରାନ୍‌ର ଅସଲ ଭାବକୁ ବ୍ୟାଖ୍ୟା କରି ଇସ୍‌ଲାମ୍‌ର ପ୍ରକୃତ ଅନୁଶୀଳନ ଗ୍ରନ୍ଥ 'ବ୍ରାହିନେ ଅହମଦୀୟା'ରୁ କଲମର ଜେହାଦ୍ ଆରମ୍ଭ କଲେ ଏବଂ ୧୯୦୮ ସୁଦ୍ଧା ୮୦ରୁ ଅଧିକ ସାରଗର୍ଭକ ପୁସ୍ତକ ରଚନା କରି ଆଧ୍ୟାତ୍ମିକ ଓ ମାନବବାଦର ଏକ ବୈପ୍ଳବିକ ଅଧ୍ୟାୟ ସୃଷ୍ଟି କଲେ। ତାଙ୍କ ଶାଣିତ ଲେଖନୀ ମୁନରେ ଇସ୍‌ଲାମର ଶାନ୍ତି, ଅହିଂସା ଓ ମୈତ୍ରୀ ପ୍ରସ୍ଫୁଟିତ ହୋଇଥିଲା। ସ୍ରଷ୍ଟାଙ୍କୁ ପାସୋରି ଦେଇଥିବା ଆଜିର ବସ୍ତୁବାଦୀ ମଣିଷ ହୃଦୟରେ ପୁଣି ଥରେ ତାହାଙ୍କ ସମ୍ପର୍କକୁ ନିବିଡ଼ କରିବା ଏବଂ ବିଶ୍ୱରେ ଶାନ୍ତି ଓ ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠା କରିବା ଥିଲା ତାଙ୍କ ଆଗମନର ଉଦ୍ଦେଶ୍ୟ।

ଇମାମ୍ ମହଦୀଙ୍କ ଆଗମନର ସତ୍ୟତାର ପ୍ରମାଣ ସ୍ୱରୂପ ହଜରତ ମହମ୍ମଦ ପ୍ରସିଦ୍ଧ ହଦିସ- 'ଦାରେ କୁତ୍‌ନୀ'ରେ ଦୁଇଟି ମହତ୍ତ୍ୱପୂର୍ଣ୍ଣ ଆକାଶୀୟ ଚିହ୍ନ-'ଚନ୍ଦ୍ରଗ୍ରହଣ' ଓ 'ସୂର୍ଯ୍ୟୋପରାଗ', ରମଜାନ୍ ମାସର ନିର୍ଦ୍ଦିଷ୍ଟ ତାରିଖ ଦିନ ସଂଘଟିତ ହେବାର ସୂଚନା ଦେଇଥିଲେ, ଯାହା ପୃଥିବୀ ସୃଷ୍ଟି ହେବା ଦିନରୁ ଅନ୍ୟ କୌଣସି ଅବତାରଙ୍କ ସକାଶେ ଦେଖାଯାଇ ନ ଥିଲା। ଏହାର ସମର୍ଥନରେ ଭାଗବତ ପୁରାଣ ଏବଂ ମହାଭାରତର ଗୀତା-ସ୍କନ୍ଧରେ କୁହାଯାଇଛି ଯେ ଯେତେବେଳେ ପୁଷ୍ୟା ନକ୍ଷତ୍ରରେ ଚନ୍ଦ୍ର, ସୂର୍ଯ୍ୟ ଏବଂ ବୃହସ୍ପତି ଗୋଟିଏ ରାଶିରେ ମିଳିତ ହୋଇ କର୍କଟ ରାଶିରେ ପ୍ରବେଶ କରିବେ, ସେତେବେଳେ ସତ୍ୟଯୁଗ ଆରମ୍ଭ ହେବ। ସୂର୍ଯ୍ୟ ଓ ଚନ୍ଦ୍ରକୁ ନିର୍ଦ୍ଦିଷ୍ଟ ମାସରେ ଗ୍ରହଣ ଲାଗିବା ବିଷୟ 'ଆଦି ଗ୍ରନ୍ଥ'ରେ ମଧ୍ୟ ଉଲ୍ଲେଖ ଅଛି। ସୁତରାଂ ଏହି ଦୁଇଟିଯାକ ବିରଳ ଦୃଶ୍ୟ ୧୮୯୪ ମସିହା ରମ୍‌ଜାନ ମାସରେ ଯଥାକ୍ରମେ ମାର୍ଚ୍ଚ ୨୧ ଏବଂ ଏପ୍ରିଲ ୬ ତାରିଖରେ ପ୍ରାଚ୍ୟ ଜଗତ ଏବଂ ପୁନର୍ବାର ୧୮୯୫ ମସିହାରେ ଠିକ୍ ସେହି ରମ୍‌ଜାନ ମାସରେ ପାଶ୍ଚାତ୍ୟ ଦେଶର କୋଟି କୋଟି ଲୋକ ସ୍ୱଚକ୍ଷୁରେ ଦେଖିଲେ।

ଯେପରି ମହାପ୍ରଳୟରୁ ଉଦ୍ଧାର ନିମିତ୍ତ ଭଗବାନଙ୍କ ଶରଣାପନ୍ନ ହେବା ମାଳିକାରେ ନିର୍ଦ୍ଦେଶ ଥିଲା, ସେହିପରି 'ହଦିସ୍ ଅବୁଦାଉଦ୍'ରେ ହଜରତ ମହମ୍ମଦଙ୍କ ଉକ୍ତି ଅନୁଯାୟୀ ଶେଷଯୁଗର ମୁସଲମାନମାନେ ଇମାମ୍ ମହଦୀଙ୍କ ଆନୁଗତ୍ୟ ସ୍ୱୀକାର କରିବା ଏକାନ୍ତ ଅପରିହାର୍ଯ୍ୟ। ନିଜକୁ ଅତି ଚତୁର ଏବଂ ବୁଦ୍ଧିମାନ ମନେକରୁଥିବା ଆଜିର ମହାଯାନ୍ତ୍ରିକ ସଭ୍ୟତାର ମାନବ ଯଦି ନିଜର ପ୍ରକୃତ ସ୍ରଷ୍ଟା ଏବଂ ସର୍ବମୟ କର୍ତ୍ତାଙ୍କଠାରେ ନତମସ୍ତକ ନ ହୁଏ, ତା'ହେଲେ ସେମାନଙ୍କ ପାଇଁ ଏକ ପ୍ରଳୟଙ୍କରୀ ଧ୍ୱଂସଲୀଳା ଅପେକ୍ଷା କରିରହିଛି। ହଜରତ୍ ଅହମଦଙ୍କୁ ସ୍ୱୟଂ ପରମେଶ୍ୱର କହିଥିଲେ- ''ଜଣେ ଭୟର ସୂଚନାଦାତା ସଂସାରକୁ ଆସିଲା, ସଂସାର ତାକୁ ସ୍ୱୀକାର କଲା ନାହିଁ। କିନ୍ତୁ ପରମେଶ୍ୱର ତାଙ୍କୁ ସ୍ୱୀକାର କଲେ ଓ ତାଙ୍କରି ମାଧ୍ୟମରେ ସତ୍ୟ ପ୍ରକାଶିତ ହେବ।'' (ଅଲ୍ ଓ୍ୱସିଅତ, ପୃ ୨, ୨୪ ଡିସେମ୍ବର ୧୯୦୫)

ସହକାରୀ ନିର୍ବାହୀ ଯନ୍ତ୍ରୀ,
ଜାତୀୟ ରାଜପଥ, ବୁକ୍ସହିଲ୍, ସମ୍ବଲପୁର,
ମୋ- ୯୪୩୭୬୮୪୮୫୯

## ଏଇ ଭାରତରେ

୨୦୧୧ରେ ହାଇଦ୍ରାବାଦ୍‌ରୁ ନିଖୋଜ ହୋଇଥିବା ଜଣେ ବାଳକ ଫେସ୍‌ବୁକ୍ ଠିକଣା ସହାୟତାରେ ପରିବାରକୁ ଫେରିଆସିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଉକ୍ତ ବାଳକର ଫେସ୍‌ବୁକ୍ ପ୍ରୋଫାଇଲ୍ ତାଙ୍କ ମା' ଅଚାନକ ଦେଖିବାକୁ ପାଇଥିଲେ। ସାଇବର ଅପରାଧ ଗୋଇନ୍ଦା ବିଭାଗ ଦ୍ୱାରା ଉକ୍ତ ବାଳକ ରହୁଥିବା ଠିକଣା ଠାବ କରାଯାଇଥିଲା। ସେ ୨୦୧୧ ଜାନୁୟାରୀ ୨୬ରେ ପରିବାର ଲୋକଙ୍କୁ କିଛି ନ ଜଣାଇ ଘରୁ ପଳାଇଥିଲେ। ତାଙ୍କ ମା' ପୋଲିସରେ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କୁ ଠାବ କରାଯାଇ ପାରି ନ ଥିଲା। ୨୦୧୮ ଅଗଷ୍ଟରେ ମହିଳା ଜଣକ 'ଦିନେଶ ଜେନା ଲିମା' ନାମରେ ଫେସ୍‌ବୁକ୍ ପ୍ରୋଫାଇଲ୍ ସହ ଏକ ଫଟୋ ଥିବା ଦେଖିବାକୁ ପାଇଥିଲେ। ଏ ବିଷୟ ସେ ପୋଲିସକୁ ଜଣାଇଥିଲେ। ସାଇବର ଅପରାଧ ଗୋଇନ୍ଦା ସଂସ୍ଥା ଦ୍ୱାରା ତଦନ୍ତ କରାଯିବା ପରେ ଅମୃତସର ଜିଲାରେ ନିଖୋଜ ବାଳକର ସନ୍ଧାନ ମିଳିଥିଲା। ସେ ଜଣେ ଜମିଦାରଙ୍କ ତତ୍ତ୍ୱାବଧାନରେ ରହୁଥିଲେ। ହାଇଦ୍ରାବାଦରୁ ଏକ ପୋଲିସ ଟିମ୍ ପଞ୍ଜାବ ଯାଇ ବାଳକକୁ ଠାବ କରିବା ସହିତ ସାଥିରେ ନେଇ ଆସିଲେ। ଦୀର୍ଘ ୮ବର୍ଷର ବ୍ୟବଧାନ ପରେ ମାତାପିତାଙ୍କ ସହ ନିଖୋଜ ବାଳକର ପୁନର୍ମିଳନ ହୋଇପାରିଛି।

## ଚିରନ୍ତନୀ

ଯଉବନ ! ଯଉବନ ! କଣ୍ଠ ତଟେ
ଢାଳି ଦିଅ ଗୀତ
ଜୀବନ ମନ୍ଦିର ଚୂଳେ ଜଳିଉଠୁ
ମୋର ମହାଦୀପ। (ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୫ ଏପ୍ରିଲ ୧୯୯୪

- ଉତ୍ତର କୋରିଆର ଆଣବିକ କାର୍ଯ୍ୟକ୍ରମ ବ୍ୟବସ୍ଥାକୁ ପୁଣିଥରେ ଅନ୍ତର୍ଜାତୀୟ ନିରୀକ୍ଷଣ ପାଇଁ ଅନୁମତି ଦେବାକୁ ଜାତିସଂଘ ନିରାପତ୍ତା ପରିଷଦର ଅନୁରୋଧକୁ ଉତ୍ତର କୋରିଆର ପ୍ରତ୍ୟାଖ୍ୟାନ।
- ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନଙ୍କୁ ତାଙ୍କର ଆଚରଣ ଏବଂ କାର୍ଯ୍ୟକ୍ରମ ପାଇଁ ସୁପ୍ରିମକୋର୍ଟର ତାଗିଦ।
- ଡଙ୍କେଲ ପ୍ରସ୍ତାବ ସମ୍ବଳିତ ଗାଟ୍ ରାଜିନାମାରେ ଚୂଡ଼ାନ୍ତ ସ୍ୱାକ୍ଷର ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଛନ୍ତି।

## sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | B | D | A | 1 | | | 4 | 7 | | |
| 1 | | | | | 9 | B | C | E | | | | | | 5 |
| | | | 2 | 7 | | | | 4 | | | | 1 | 9 | 0 |
| | | | | | | | 0 | | 5 | 8 | | D | | |
| E | | 2 | 8 | | | 5 | | 6 | | | | | | B |
| A | | | | 4 | | | | | | 2 | | C | D | |
| | | | | B | | | | A | E | 3 | | | | |
| | | | | | | | 4 | | | | 1 | 9 | 0 | |
| | | 8 | 3 | | C | E | | 9 | 6 | | | | 1 | |
| 3 | | | | | 0 | 2 | | | | | 7 | | | 8 |
| B | | 1 | E | C | 5 | 8 | | | | 9 | | | | |
| 8 | | | | | | C | | | | | 0 | 6 | E | 9 |
| | | | | | 6 | | | | | 5 | B | 4 | | 7 |
| | | | 9 | | | | | | 7 | | | | 8 | D |
| | | C | | | D | 0 | | 7 | 8 | | A | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 3 | 2 | 4 | 9 | 6 | 7 | A | 1 | C | 8 | 0 | B | D | 5 |
| 1 | 0 | 4 | E | 5 | 7 | 3 | C | 2 | 6 | D | B | A | 8 | 9 |
| B | 5 | C | 8 | D | 3 | E | 4 | 6 | 2 | 9 | A | 0 | 7 | 1 |
| A | 7 | 8 | C | 0 | B | 5 | D | 9 | 4 | 3 | 1 | 2 | 6 | E |
| 9 | 6 | D | 2 | 1 | A | 0 | B | 8 | E | 7 | 5 | C | 4 | 3 |
| 7 | B | 6 | 5 | 8 | C | 2 | 0 | 3 | A | 1 | 9 | 4 | E | D |
| 3 | 8 | 9 | 6 | 7 | 1 | D | E | A | 0 | 4 | 2 | 5 | C | B |
| 5 | D | 0 | 3 | 2 | 4 | 6 | 9 | B | 7 | C | E | 1 | A | 8 |
| 2 | E | 1 | D | A | 9 | 4 | 5 | C | 8 | B | 6 | 7 | 3 | 0 |
| C | 4 | A | B | E | 0 | 8 | 1 | 7 | D | 5 | 3 | 9 | 2 | 6 |
| 8 | 1 | 3 | 7 | B | E | A | 2 | D | 9 | 0 | C | 6 | 5 | 4 |
| 6 | C | B | 0 | 4 | 5 | 9 | 7 | E | 3 | 2 | 8 | D | 1 | A |
| 0 | 9 | 5 | A | 3 | 2 | C | 8 | 4 | 1 | 6 | D | E | B | 7 |
| D | A | 7 | 9 | C | 8 | 1 | 6 | 5 | B | E | 4 | 3 | 0 | 2 |
| 4 | 2 | E | 1 | 6 | D | B | 3 | 0 | 5 | A | 7 | 8 | 9 | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଯୁବପିଢ଼ିଙ୍କ ପାଇଁ ସୁଯୋଗ ସୃଷ୍ଟି

ମହାଶୟ,

'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥା ଲୋକ ସଭା ସଦସ୍ୟ ତଥାଗତ ସତପଥୀଙ୍କୁ ମୋ ତରଫରୁ ଅଶେଷ ଧନ୍ୟବାଦ। ସେ ସସମ୍ମାନେ ସ୍ୱଇଚ୍ଛାରେ ରାଜନୀତିରୁ ଦୂରେଇଯାଇ ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିଛନ୍ତି, ଯାହା ବିରଳ ହେଲେ ବି ସ୍ୱାଗତଯୋଗ୍ୟ। ଗୋଟିଏ ପଟେ ରାଜନେତାଙ୍କ ମଧ୍ୟରେ ଦଳ ବଦଳ ଓ ଟିକଟ ପାଇଁ କନ୍ଦଳ ଚାଲିଥିବା ବେଳେ ଅନ୍ୟପଟେ ତଥାଗତଙ୍କ ଏଭଳି ନିଷ୍ପତ୍ତି ସମସ୍ତ ରାଜନେତା ତଥା ଯୁବବର୍ଗଙ୍କ ପାଇଁ ପ୍ରେରଣା ସଦୃଶ। ମୋର ଆଶା ଓ ବିଶ୍ୱାସ, ସାମ୍ବାଦିକତାରେ ତାଙ୍କର ପୂର୍ଣ୍ଣ ଯୋଗଦାନ ଭବିଷ୍ୟତରେ ନିରପେକ୍ଷ ସାମ୍ବାଦିକତାକୁ ଦୁଇପାଦ ଆଗକୁ ନେଇଯିବ।

ସୌରୀ ମହାରଣା, ଛାତ୍ର, ଆଦିମାତା କଲୋନୀ, ଭୁବନେଶ୍ୱର

### ସର୍ବନିମ୍ନ ଯୋଗ୍ୟତା ସ୍ଥିର ହେଉ

ଦୁଃଖର ବିଷୟ, ବର୍ତ୍ତମାନ ଯୁଗରେ ଦ୍ୱିତୀୟ/ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ବ୍ୟକ୍ତିଙ୍କୁ ବି ସାଂସଦ ଓ ବିଧାୟକ ପ୍ରାର୍ଥୀ କରାଯାଉଛି। ଯେଉଁମାନେ ସାଂସଦ ବା ବିଧାୟକ ଆସନରେ ବସି ରାଜନୈତିକ ଭାଷା ଓ ପ୍ରସଙ୍ଗ ବୁଝିବା ଆଦୌ ସମ୍ଭବ ନୁହେଁ, ସେମାନେ କିଭଳି ଦେଶର ପ୍ରଗତି ପାଇଁ ଚିନ୍ତା ବା କାର୍ଯ୍ୟ କରିପାରିବେ? ବିଧାନସଭା ବା ପାର୍ଲାମେଣ୍ଟରେ ନିଜ ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନ ପାଇଁ ଏମାନେ କିପରି ଯୁକ୍ତି ଉପସ୍ଥାପନ କରିବେ? ଯେଉଁ ଦେଶରେ ସଂସଦ ଓ ବିଧାନସଭା ଗୃହର ଜଣେ ରାତ୍ରିଜଗୁଆଳିର ଯୋଗ୍ୟତା ବି.ଏ. କିମ୍ବା ଏମ୍.ଏ. ହୋଇପାରେ ସେହି ଦେଶର ସାଂସଦ ଓ ବିଧାୟକଙ୍କ ଯୋଗ୍ୟତା ୨ୟ/୩ୟ ଶ୍ରେଣୀ ହେବା କେଡ଼େ ଲଜ୍ଜାର ବିଷୟ! ତେଣୁ ପ୍ରତ୍ୟେକ ଦଳର ହାଇକମାଣ୍ଡ ସେମାନଙ୍କ ପ୍ରାର୍ଥୀ ଚୟନ ବେଳେ ଅନ୍ତତଃପକ୍ଷେ ସର୍ବନିମ୍ନ ଯୋଗ୍ୟତା ସ୍ନାତକ ରଖିବା ବାଞ୍ଛନୀୟ।

ଉପେନ୍ଦ୍ର ପଟ୍ଟନାୟକ, ସେବାନିବୃତ୍ତ ଶିକ୍ଷକ, ବୁଗୁଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେତେବେଳେ ତୁମ ଉପରେ ବିପଦ ଲଦି ହୋଇପଡୁଛି, ସେତେବେଳେ ବିଚାରି ନିଅ ଯେ ଭଗବାନ ତୁମର ମଙ୍ଗଳ ପାଇଁ ଏଭଳି କରୁଛନ୍ତି। ତା'ହେଲେ ତୁମେ ଭାଙ୍ଗିପଡ଼ିବ ନାହିଁ।
- ଏଡ୍‌ୱିନ୍ ହବେଲ ଚାପିନ୍

## ସଂକ୍ଷେପରେ

### ବୁଢ଼ାରାଜା ଛକରେ ଛିନ୍‌ତାଇ, ଜଣେ ଗିରଫ

**ସୋନପୁର,୪।୪(ନି.ପ୍ର.):** ସୋନପୁର ସହରର ବୁଢ଼ାରାଜା ଛକରେ ଗତ ମଙ୍ଗଳବାର ରାତି ସାଢ଼େ ୯ଟାରେ ଛିନ୍‌ତାଇ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ଗୋକର୍ଣ୍ଣେଶ୍ୱରପଡାର ଦ୍ୱାରିକାନାଥ ମହାପାତ୍ରଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ ଅଭିଳାଷ ଶର୍ମା ନାମକ ଛାତ୍ର କଳାପଥର ଯାଉଥିବା ସମୟରେ ଦ୍ୱାରିକାନାଥ ଏକ ସ୍କୁଟିରେ ଆସି ତାଙ୍କଠାରୁ ମୋବାଇଲ ଓ ୫୦୦ଟଙ୍କା ଲୁଟି ନେଇଥିଲା। ଅଭିଳାଶ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ ।

### ବଡ଼ସାହିର ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

**ପଡ଼ିଆବାହାଲ,୪।୪ (ଡି.ଏନ.ଏ.)-** ଝୁଝୁମୁରା ବ୍ଲକ ଘିନୁପାଲି ଗ୍ରାମର ବଡସାହିର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥି ନିମନ୍ତେ ଗଠିତ ଏକ କମିଟିରେ ଜୟକୃଷ୍ଣ ସଭାପତି, ଗଙ୍ଗାଧର ବଘାର ସମ୍ପାଦକ ଅଛନ୍ତି। ରାମନାରାୟଣ ସେଠ, ସୀତାରାମ ପଣ୍ଡା, ବୈକୁଣ୍ଠ ପଧାନ, ସବିତା ପଣ୍ଡା, ରାମସାଗର ନାୟକ ପ୍ରମୁଖ ସଦସ୍ୟ ରହିଛନ୍ତି । ଆଗାମୀ ୨୮ ଓ ୨୯ ତାରିଖ ଦୁଇ ଦିନ ଧରି ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବ। ସେହିଭଳି ଏକ ସ୍ମରଣିକା ମଧ ପ୍ରକାଶ ପାଇବ। ଏଣୁ ଏପ୍ରିଲ ୧୫ ସୁଦ୍ଧା ସ୍କୁଲ ସହ ସଂପୃକ୍ତ ଛାତ୍ର, କର୍ମଚାରୀ, ବଦାନ୍ୟବ୍ୟକ୍ତି ଲେଖା ପଠାଇ ପାରିବେ।



### ଗଞ୍ଜେଇ ଜବତ, ୨ଗିରଫ

**ବିନିକା, ୪।୪(ଡି.ଏନ୍.ଏ.):** ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ତତ୍ପର ହୋଇଛି । ଗୁରୁବାର ବିନିକାର ଅତିରକ୍ତ ତହସିଲଦାର ରାଜେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ବିନିକା-ସିଂଘିଝୁବା ମଧବର୍ତ୍ତୀ ୩୯ନଂ ମୁଖ୍ୟ ରାଜପଥରେ ତନଖି କରୁଥିବା ବେଳେ ଏକ ବାଇକକୁ ଅଟକାଇଥିଲେ। ବାଇକ ଓଡି-୧୭ସି-୯୮୩୪ ସହ ୭କିଲୋ ଗଞ୍ଜେଇ ଜବତ କରାଯାଇଥିଲା। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ବରଗଡ ଜିଲା କୁସନପୁରୀ ଗ୍ରାମର ଭୋଳାନାଥ ବେହେରା ଏବଂ ରାଜେଶ ବନଛୋରଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ୬ହଜାର ୫ଶହ ଟଙ୍କା ଜବତ କରାଯାଇଥିଲା। ଏ ନେଇ ବିନିକା ଥାନାରେ ଏକ ମାମଲା( ନଂ.୬୦/୧୯)ରୁଜୁ ହୋଇଛି। ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ବିନିକା ଥାନା ଅଧିକାରୀ ରାଜେନ୍ଦ୍ର ସାମରିଆ କହିଛନ୍ତି।

■ ସେନାରେ ଯୋଗଦାନ ନିଶା

# ବେକରେ ୫୦ କେଜିର ଟାୟାର ଝୁଲାଇ ଦୌଡୁଛନ୍ତି ଯୁବକ

**ରାଉରକେଲା ଅଫିସ,୪।୪**

ବେକରେ ୫୦ କେଜି ଓଜନର ଟ୍ରକ୍ ଟାୟାର ଝୁଲାଇ ଷ୍ଟିଲ ସିଟି ରିଂ ରୋଡ୍‌ରେ ଦୌଡୁଛନ୍ତି ୨୨ବର୍ଷୀୟ ପଞ୍ଜାବୀ ଯୁବକ ମନୀଷ ସିଂ। ମନରେ ଝୁଙ୍କ ରହିଛି ଦିନେ ନା ଦିନେ ତାଙ୍କୁ ଦେଶସେବା କରିବାକୁ ସୁଯୋଗ ମିଳିବ। ଭାରତୀୟ ସେନାରେ ଯୋଗଦେଇ ମା' ମାଟିର ସେବା କରିବେ। ଏ ନେଇ ଶାରୀରିକ ସକ୍ଷମତା ଓ ମନରେ ପ୍ରବଳ ଆଗ୍ରହ ଅତି ଜରୁରୀ ବୋଲି କହନ୍ତି ମନୀଷ। ଏଣୁ ଏହି ନିଆରା ଅଭ୍ୟାସ ଅପଣାଇଛନ୍ତି ସେ। ରାଉରକେଲା ଉଦିତନଗର ଗଫୁର କଲୋନୀର ମୂଳବାସିନ୍ଦା କୁଲଦୀପ ସିଂଙ୍କ ପୁଅ ମନୀଷ। ହରିୟାଣାର ଫରିଦାବାଦରେ ଥିବା ଏକ ଗଣମାଧ୍ୟମ ସଂସ୍ଥାରେ ଅସ୍ଥାୟୀ ଭାବେ କାମ କରୁଛନ୍ତି ସେ। ସେଠା ରାଜ୍ୟ ପୋଲିସ ସେବାରେ ତାଙ୍କୁ ଚୟନ କରାଯାଇଥିଲା। ହେଲେ ମନ ବୁଝିଲାନି। ସେନାରେ ଯୋଗଦେବାକୁ ମନରେ ପ୍ରବଳ ଆଗ୍ରହ। ଏଣୁ ପୋଲିସ ଚାକିରିରେ ଯୋଗଦେଲେ ନାହିଁ। ଏବେ ଛୁଟିରେ ବୁଲି ଆସିଛନ୍ତି ରାଉରକେଲାକୁ। ଗତ ମାସାଧିକ ହେବ ବେକରେ ୫୦ କିଲୋ ଟ୍ରକ୍ ଟାୟାର ଝୁଲାଇ ଉଦିତନଗରଠାରୁ ଛେଣ୍ଡ ଦେଇ ଆମ୍ବାଗାନ ପର୍ଯ୍ୟନ୍ତ ଦୌଡୁଛନ୍ତି। ପୁଣି ଘରକୁ ଫେରୁଛନ୍ତି। ପ୍ରତିଦିନ ପ୍ରାୟ ୧୨ କିଲୋମିଟର ରାସ୍ତା ସେ ଅତିକ୍ରମ କରୁଛନ୍ତି। ପଥଚାରୀ ଚାହିଁ ରହୁଛନ୍ତି ମନୀଷଙ୍କ କାରନାମାକୁ। ବୁଝିପାରୁ ନାହାନ୍ତି ଯେ ଏହା ତାଙ୍କର କିଭଳି ଶାରୀରିକ ବ୍ୟାୟାମ। ଆରମ୍ଭରୁ ବାପା କୁଲଦୀପ ତାଙ୍କୁ ପ୍ରବଳ ବିରୋଧ କରୁଥିଲେ। ଏମିତି ରାସ୍ତାରେ ଟାୟାର ଝୁଲାଇ ବୁଲିଲେ ଲୋକେ ପରିହାସ କରିବେ। ଅଲଗା କିଛି କର। ମୁଁ ସମର୍ଥନ କରିବି ବୋଲି ମନୀଷଙ୍କୁ କହୁଥିଲେ। ହେଲେ ମୁଁ ମୋ ନିଜ ଲକ୍ଷ୍ୟପଥରେ ଅଟଳ। ନିଶ୍ଚିତ ସେନାରେ ଯୋଗଦେବି। ଦେଶସେବା କରିବି। ଦେଶର ଶତ୍ରୁଙ୍କୁ ଦମନ କରିବି। ଏମିତି ଚିନ୍ତାରେ ବୁଡ଼ି ରହିଛନ୍ତି ମନୀଷ। କେବେ ସେ ସୁଯୋଗ ଆସିବ। ସେହି ଅପେକ୍ଷାରେ ରହିଛନ୍ତି। ଏଭଳି ନିଶା ତାଙ୍କୁ ଯୁକ୍ତ ୨ରୁ ପାଠ ଛଡ଼ାଇଦେଲା। ପରେ ଦିଲ୍ଲୀର ଏକ ଘରୋଇ ମିଡିଆ ଇନ୍‌ଷ୍ଟିଚ୍ୟୁଟ୍‌ରେ ସେ ଡିପ୍ଲୋମା କଲେ। ଫରିଦାବାଦ ଯାଇ ଏକ ହିନ୍ଦୀ ଖବରକାଗଜରେ ରିପୋର୍ଟିଂ କଲେ। ସେଠାରେ ମଧ୍ୟ ସେ ଏହି ଅଭ୍ୟାସ ଜାରି ରଖିଛନ୍ତି। ଫରିଦାବାଦ ସହରବାସୀ ମନୀଷଙ୍କ ବେକରେ ଟାୟାର ଝୁଲିବା ସବୁବେଳେ ଦେଖନ୍ତି। ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତି ତାଙ୍କୁ ସେନାରେ ଯେମିତି ନିଶ୍ଚୟ ସୁଯୋଗ ମିଳୁ। ଏହା ହିଁ ମୋ ପାଇଁ ପ୍ରେରଣା ବୋଲି ମନୀଷ କହନ୍ତି। ମନୀଷଙ୍କ ଉଚ୍ଚତା ୬ଫୁଟ ୧ ଇଞ୍ଚ ଓ ଓଜନ ୯୨ କେଜି। ଦୀର୍ଘ ୧୬ କିମି ବେକରେ ଟାୟାର ଝୁଲାଇ ଦୌଡ଼ିବା ପରେ କେବେ ଥକ୍କା ଲାଗେନି ବୋଲି ସେ ଦାବି କରନ୍ତି। ଆଜିକାଲି ଯୁବକମାନେ ପାଦରେ ୧କିମି ଚାଲିବାକୁ କଷ୍ଟ ଅନୁଭବ କରୁଛନ୍ତି। କିନ୍ତୁ ମୁଁ ନିଜକୁ ଫିଟ୍ ରଖିବା କ'ଣ ଦୋଷାବହ କି ବୋଲି ପ୍ରଶ୍ନ କରନ୍ତି ମନୀଷ। ପ୍ରତିଦିନ ୭ଟି ଅଣ୍ଡା ଓ ଜୁସ୍ ପିଅନ୍ତି ସେ। ଦିନରେ ଅଧିକ ସମୟ ଚାଲିବାକୁ ପସନ୍ଦ କରନ୍ତି। ପ୍ରତି ସହରର ପ୍ରଦୂଷଣ ଅବସ୍ଥାକୁ ଲୋକେ ବୁଝିପାରୁ ନାହାନ୍ତି। ଆଜିକାଲି ପିଲା ଗାଡ଼ି ନ ହେଲେ ଘରୁ ବାହାରୁ ନାହାନ୍ତି। ଏସବୁ ଅଭ୍ୟାସକୁ ମୁଁ ପସନ୍ଦ କରେନି। ଦେଶ ପାଇଁ ତ୍ୟାଗ ଭାବନା ଯୁବପିଢ଼ିଙ୍କ ମନରୁ କମିବାରେ ଲାଗିଛି। ସମସ୍ତେ ଉଚ୍ଚ ପଦ ଓ ଅଧିକ ଅର୍ଥ ନିଶାରେ ପାଗଳ। ଏଥିରୁ ଦୂରେଇ ରହିବା ଆବଶ୍ୟକ। ବଞ୍ଚିବା ପାଇଁ ଅର୍ଥ ସମସ୍ତଙ୍କୁ ଆବଶ୍ୟକ। ଏହା ସତ୍ତ୍ୱେ ଆମକୁ ନିଜ ପରିବେଷ୍ଟନୀ ଓ ଦେଶ ପାଇଁ ଭାବିବାକୁ ପଡ଼ିବ ବୋଲି କହନ୍ତି ମନୀଷ।



ବେକରେ ଟାୟାର ଝୁଲାଇ ରିଂ ରୋଡ୍‌ରେ ଦୌଡୁଥିବା ମନୀଷ ସିଂ।

### ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର

**ଗୁଡଭେଲା,୪।୪ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଶିଶୁବିଦ୍ୟା ମନ୍ଦିର ପରିସରରେ ଚାଲିଥିବା ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଉଦ୍‌ଯାପିତ ହୋଇଯାଇଛି । ପ୍ରଧାନଚାର୍ଯ୍ୟ ରବୀନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଞ୍ଜୟ ସାହୁ, ସଚ୍ଚିଦାନନ୍ଦ ଭୋଇ ଅତିଥିଭାବେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ୬୯ଜଣ ଗୁରୁମା ଓ ଗୁରୁଜୀ ପ୍ରଶିକ୍ଷଣରେ ଭାଗ ନେଇଥିଲେ।


**ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳଙ୍କ ସମ୍ମୁଖରେ**
**କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ**
କମ୍ପାନୀ ଅଧିନିୟମ ୨୦୧୩ ମାମଲାରେ
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ (୪)
ଏବଂ କମ୍ପାନୀ (ଇନ୍‌କର୍ପୋରେଶନ)
ନିୟମାବଳୀ, ୨୦୧୪ର ନିୟମ ୩୦ (୬) (ଏ)
ଏବଂ
**ଦୀପାଂଶୁ ପ୍ରମୋଟର ଆଣ୍ଡ ବିଲ୍‌ଡର ପ୍ରାଇଭେଟ୍ ଲିମିଟେଡ୍**
ସିଆଇଏନ୍: ୟୁ୭୦୧୦୧ଓଆର୍‌୧୯୯୮ପିଟିସି୦୦୫୩୭୭
ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା: ପ୍ଲଟ୍ ନଂ. ୧୧୫୪/୩୦୨୨, ନହରକଣ୍ଠା, ଗ୍ରାମ- ହଂସପାଳ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା ୭୫୨୧୦୧ଙ୍କ ମାମଲାରେ
.......... ଆବେଦକ

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି ପ୍ରଦାନ କରାଯାଉଛି ଯେ, କମ୍ପାନୀ ତା୨୬।୦୩।୨୦୧୯ରିଖ ଦିନ ଅନୁଷ୍ଠିତ ଅତି ସାଧାରଣ ବୈଠକରେ ଗୃହୀତ ବିଶେଷ ସଂକଳ୍ପ ଅନୁଯାୟୀ କମ୍ପାନୀର ମେମୋରାଣ୍ଡମ୍ ଅଫ୍ ଆସୋସିଏଶନ୍‌ରେ ସଂଶୋଧନ ଲାଗି ଅନୁମତି ପାଇଁ କମ୍ପାନୀ ଅଧିନିୟମ ୨୦୧୩ର ଧାରା ୧୩ ଅଧୀନରେ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିବାର ପ୍ରସ୍ତାବ ରଖିଛି, ଯାହା କମ୍ପାନୀକୁ ଏହାର ପଞ୍ଜୀକୃତ କାର୍ଯ୍ୟାଳୟକୁ "ଓଡ଼ିଶା ରାଜ୍ୟ"ରୁ "ଝାଡ଼ଖଣ୍ଡ ରାଜ୍ୟ"କୁ ପରିବର୍ତ୍ତନ କରିବାରେ ସକ୍ଷମ କରିବ।
କମ୍ପାନୀର ପ୍ରସ୍ତାବିତ ପଞ୍ଜୀକୃତ କାର୍ଯ୍ୟାଳୟ ପରିବର୍ତ୍ତନ କାରଣରୁ ଯଦି କୌଣସି ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଥାଏ ତେବେ ସେ ତାଙ୍କର ସ୍ୱାର୍ଥ ତଥା ଆପତ୍ତିର କାରଣ ଦର୍ଶାଉଥିବା ସତ୍ୟପାଠ ସହିତ ନିଜର ଆପତ୍ତିକୁ ପଞ୍ଜୀକୃତ ଡାକ ଯୋଗେ ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ, ନିଜାମ ପ୍ୟାଲେସ୍, II ଏମ୍‌ଏସ୍‌ଓ ବିଲ୍ଡିଂ, ୩ୟ ମହଲା, ୨୩୪/୪ ଏ.ଜେ.ସି. ବୋଷ ରୋଡ୍, କୋଲକାତା-୭୦୦୦୨୦ଙ୍କ ନିକଟକୁ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ଚଉଦ ଦିନ ମଧ୍ୟରେ ପଠାଇବା କିମ୍ବା ପଠାଇବାର ବ୍ୟବସ୍ଥା କରିବା ସହିତ ଏହାର ଏକ ପ୍ରତିଲିପି ଆବେଦନକାରୀ କମ୍ପାନୀର ନିମ୍ନଦର୍ଶିତ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣାରେ ପଠାଇବେ:
**ଦୀପାଂଶୁ ପ୍ରମୋଟର ଆଣ୍ଡ ବିଲ୍‌ଡର ପ୍ରା. ଲିଃ**
ପଞ୍ଜୀକୃତ କାର୍ଯ୍ୟାଳୟ: ପ୍ଲଟ୍ ନଂ.୧୧୫୪/୩୦୨୨ ନହରକଣ୍ଠା, ଗ୍ରାମ- ହଂସପାଳ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା - ୭୫୨୧୦୧
ଆବେଦକ ଦୀପାଂଶୁ ପ୍ରମୋଟର ଆଣ୍ଡ ବିଲ୍‌ଡର ପ୍ରା. ଲିଃଙ୍କ ପାଇଁ ଏବଂ ତରଫରୁ
ସ୍ୱା./- (ସଞ୍ଜୟ କୁମାର ସିଂ), ନିର୍ଦ୍ଦେଶକ
ଡିଆଇଏନ୍: ୦୦୫୯୫୭୮୬
ତାରିଖ: ୦୩।୦୪।୨୦୧୯, ସ୍ଥାନ: ଓଡ଼ିଶା


■ ମିଶନ ଶକ୍ତିର ସରକାରୀ ବିଜ୍ଞାପନ ପ୍ରସାରଣ ପ୍ରସଙ୍ଗ

# ଟିଭି ଚ୍ୟାନେଲ ସମ୍ପାଦକ, ନିର୍ଦ୍ଦେଶକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା

**ଭୁବନେଶ୍ୱର,୪।୪(ବ୍ୟୁରୋ)**

ଆଦର୍ଶ ନିର୍ବାଚନ ଆଚରଣବିଧି ଲାଗୁ ହେବା ପରେ ଟିଭି ଚ୍ୟାନେଲଗୁଡ଼ିକ ସରକାରଙ୍କର କୌଣସି ବିଜ୍ଞାପନକୁ ପ୍ରସାରଣ କରି ପାରିବେ ନାହିଁ । କିନ୍ତୁ ଦୀର୍ଘ ୩ ମାସ ଆଗରୁ ଚାଲୁଥିବା ରାଜ୍ୟ ସରକାରଙ୍କର ମିଶନ ଶକ୍ତି ବିଜ୍ଞାପନକୁ କନ୍ଧମାଳର ବିଜେଡି ଏମ୍‌ପି ପ୍ରାର୍ଥୀ ହୋଇଥିବା ଅଚ୍ୟୁତ ସାମନ୍ତଙ୍କ ମାଲିକାନାରେ ଥିବା ଟିଭି ଚ୍ୟାନେଲରେ ବାରମ୍ବାର ପ୍ରସାରଣ ହେଉଛି । ଏହା ନିର୍ବାଚନ ଆଦର୍ଶ ଆଚରଣବିଧିକୁ ଖୋଲାଖୋଲି ଉଲ୍ଲଂଘନ କରୁଛି । ମିଶନ ଶକ୍ତିର ଗୀତକୁ ସମ୍ପୃକ୍ତ ଟିଭିରେ ବାରମ୍ବାର ପ୍ରଚାର ଏବଂ ପ୍ରସାର କରାଯାଉଛି । ଏହାର ପ୍ରତିବାଦରେ ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭାଜପାର ଏକ ପ୍ରତିନିଧି ଦଳ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଛି । ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏହି ଘଟଣାର ତଦନ୍ତ କରିବା ସହ କନ୍ଧମାଳର ବିଜେଡି ଏମପି ପ୍ରାର୍ଥୀ, ଉକ୍ତ ଚ୍ୟାନେଲର ସମ୍ପାଦକ ଏବଂ ପରିଚାଳକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିୟମ ୫୦୯/୭୫/୨୦୦୪/ଜିଏସକୁ ଅବମାନନା କରି ସମ୍ପୃକ୍ତ ଟିଭି ଚ୍ୟାନେଲ ଲଗାତାର ଭାବେ ମିଶନ ଶକ୍ତି ଗୀତର ଅଡିଓ ଏବଂ ଭିଡିଓକୁ ପ୍ରସାରଣ କରୁଛି । ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡିର ପ୍ରଚାର କରି ଏହି ଟିଭି ଚ୍ୟାନେଲ ଆଦର୍ଶ ନିର୍ବାଚନ ଆଚରଣବିଧିକୁ ଖୋଲାଖୋଲି ଉଲ୍ଲଂଘନ କରିବା ସହ ସୁପ୍ରିମକୋର୍ଟ ଟିଭି ଚ୍ୟାନେଲର ରାଜନୀତି ସମ୍ପର୍କିତ ଖବର ପ୍ରସାରଣକୁ ନେଇ ୧୩।୦୪।୨୦୧୪ ତାରିଖରେ ଦେଇଥିବା ଆଦେଶ ତାରିଖ ସଂଖ୍ୟା ୬୬୭୯/୨୦୦୪ର ଉଲ୍ଲଂଘନ ହେଉଛି । ଏହି ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ପ୍ରବକ୍ତା ଜୀବନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ୪ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ନାକଟିଦେଉଳ,୪।୪(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବୁଧବାର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଷ୍ଣୁପ୍ରସାଦ ଦେହୁରୀଙ୍କ ସମେତ ୪ଜଣ ଶିକ୍ଷକଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅଚ୍ୟୁତାନନ୍ଦ ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ଏବିଇଓ ତ୍ରିନାଥ ଧଳ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଂପାଦକ ସଂଜୟ କୁମାର ପ୍ରଧାନ, ସମନ୍ୱୟ କମିଟିର ସଭାପତି ଗୁରୁଚରଣ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅବସର ଗ୍ରହଣ କରିଥିବା ବଳମ ନୋଡ଼ାଲ ୟୁ.ପି.ସ୍କୁଲର ପ୍ରଧାନ ଶିକ୍ଷକ ତ୍ରିନାଥ ପ୍ରଧାନ, ଶିହିଳିଆ ପ୍ରାଥମିକ ବିଦ୍ୟାଳୟର କରୁଣା କର ପ୍ରଧାନ, ଥୁଣ୍ଟିବର ନୋଡ଼ାଲ ୟୁ.ପି.ସ୍କୁଲର ବିରଞ୍ଚିନାରାୟଣ ଗଡ଼ତ୍ୟା ଏବଂ ବଂଜାଗୋଳା ୟୁଜିୟୁପି ସ୍କୁଲର ରଂଜିତ ଭୋଇଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବ୍ରଜଚନ୍ଦ୍ର ସାହୁ, ସରୋଜ ବେସନ, ଗୌତମ ମୋହନ ପ୍ରଧାନ, ନିରାକାର ସାହୁ, ମହେଶ୍ୱର ପ୍ରଧାନ, ଦେବାର୍ଚ୍ଚନ ସାହୁ, ପ୍ରମୋଦ କୁମାର ପ୍ରଧାନ, ଶୂନ୍ୟବାସୀ ସାହୁ, ଶିକ୍ଷୟିତ୍ରୀ ରଶ୍ମିତା ମହାନ୍ତି, ଚନ୍ଦ୍ରମଣି ବେହେରା, ହୁସେନ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲେ ପଶ୍ଚିମ ଓଡ଼ିଶା ଚାଷୀ

**ଭୁବନେଶ୍ୱର,୪।୪(ବ୍ୟୁରୋ)**

**କାଳିଆ ଯୋଜନା ବନ୍ଦ**

ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବାରୁ ରାଜ୍ୟରେ କାଳିଆ ଯୋଜନା ଅର୍ଥ ପ୍ରଦାନ ଉପରେ କଟକଣା ଜାରି କରାଯାଇଛି। ଏହାକୁ ନେଇ ବିଜେଡି ବିଭିନ୍ନ ସମୟରେ ଭାଜପାକୁ ଦୋଷାରୋପ କରିବା ସହ ଏହି ଯୋଜନାକୁ ଅନୁମତି ଦେବାକୁ ଦାବି କରିଆସିଛି। ଗୁରୁବାର ପଶ୍ଚିମ ଓଡିଶାରୁ କେତେକ ଚାଷୀଙ୍କୁ ଆଣି ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି। ପଶ୍ଚିମ ଓଡିଶାରୁ ଆସିଥିବା ବିଜେଡି ଚାଷୀ ସଂଗଠନର କର୍ମକର୍ତ୍ତାମାନେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବଲାଙ୍ଗୀର ଓ ବରଗଡ଼ ଜିଲାର ଚାଷୀମାନେ ପୃଥକ୍ ଭାବେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ବଲାଙ୍ଗୀର ଜିଲାରୁ ଶତାଧିକ ଚାଷୀ ଭୁବନେଶ୍ୱର ଆସିବା ସହ ଏକ ସ୍ମାରକପତ୍ର ଜରିଆରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଜଣାଇଛନ୍ତି ଯେ 'କାଳିଆ' ଯୋଜନାରେ ଚାଷୀମାନେ ପଞ୍ଜୀକୃତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସହାୟତା ପାଇନାହାନ୍ତି। ଆଗକୁ ଖରିଫ ଫସଲ ପାଇଁ ପ୍ରସ୍ତୁତ ହେଉଥିଲା ବେଳେ କାଳିଆ ଯୋଜନାର ଅର୍ଥ ଆମକୁ ବହୁମାତ୍ରାରେ ସହାୟକ ହେବ। ଏହି ଅର୍ଥ ଶୀଘ୍ର ନ ମିଳିଲେ ଚାଷ ବିପର୍ଯ୍ୟସ୍ତ ହୋଇଯିବ। କାଳିଆ ଯୋଜନା ଅର୍ଥ ଶୀଘ୍ର ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିଭଳି ବରଗଡ଼ ଜିଲାର 'ଚାଷୀ ସଂଗଠନ ସମନ୍ୱୟ ସମିତି' ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସ୍ମାରକପତ୍ର ଦିଆଯାଇଛି। ନିର୍ବାଚନ ଆଚରଣବିଧି ନାଁରେ ଚାଷୀ କାର୍ଯ୍ୟକ୍ରମକୁ ଅଟକ ନ ରଖିବାକୁ ସେମାନେ ନିବେଦନ କରିଛନ୍ତି। ସମଗ୍ର ଚାଷୀକୁଳର ସ୍ୱାର୍ଥ ଦୃଷ୍ଟିରୁ ଯୁଦ୍ଧକାଳୀନଭିତ୍ତିରେ ଏହାର ସମାଧାନ କରାଗଲେ ଚାଷୀମାନେ ଉପକୃତ ହେବେ ବୋଲି 'ଚାଷୀ ସଂଗଠନ ସମନ୍ୱୟ ସମିତି' ପକ୍ଷରୁ କୁହାଯାଇଛି।


**DECLARATION ABOUT CRIMINAL CASES**

As per the judgement dated 25th September 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.)
Name and address of candidate: Rajendra Dholakia, W.No- 08, At/Po- Khariar Road, Dist- Nuapada (Odisha)
Name of the political party: BJD, Name of the Election- Legislative Assembly
Name of Constituency: Nuapada-71, Odisha
I Rajendra Dholakia a candidate for the above mentioned election declare for public information the following details about my criminal antecedents:

| Sl No | Pending criminal cases | | | Details about cases of conviction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description of offence(s) | Name of court & date (s) of order (s) | Description of offence (s) & punishment imposed |
| 1 | Court of Mrs. Renu | 4694/2016 | 138 NI Act. | JMIC, Gurgaon | Cheque Bounce |
| 2 | Jonk Police Station | 50/2019 | 506/171 E/34 IPC | Nuapada | |

Sd./- Rajendra Dholakia

**DECLARATION ABOUT CRIMINAL CASES**

As per the judgement dated 25th September 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.)
Name and address of candidate: Basanta Kumar Panda, W.No.5, Nuapada, At/PO/PS/Dist. Nuapada, Name of the political party: Bharatiya Janta Party (BJP), Name of the Election- House of people (Loksabha), Name of Constituency: 11- Kalahandi
I Basanta Kumar Panda a candidate for the above mentioned election declare for public information for fallowing details about my criminal antecedents:

| Sl No | Pending criminal cases | | | Details about cases on conviction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description of offences (s) | Name of court & date (s) of or der (s) | Description of offence (s) & punishment imposed |
| 1 | SPL. Court, | CT 164/10 | 143, 283, 506 IPC | | |
| 2 | Bhubaneswar | CT-202/14 | 323, 353, 294, 506, 332 IPC, | | |
| 3 | SDJM Puri | GR-157/19 | 147, 148, 156, 447, 332, 323, 307, 353, 354, 354(B), 336, 427, 294, 506, 149 IPC | | |

Sd/- Basanta Kumar Panda


# ବିଜେଡି, ଭାଜପାର ମାରାଥନ ପ୍ରଚାର

**ବୀରମହାରାଜପୁର, ୪।୪(ଡି.ଏନ୍.ଏ.)**

ବଲାଙ୍ଗୀର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବୀରମହାରାଜପୁର ବ୍ଲକ ଅଞ୍ଚଳରେ ଗୁରୁବାର ଭାଜପା ଓ ବିଜେଡି ପକ୍ଷରୁ ମାରାଥନ ପ୍ରଚାର କରାଯାଇଛି। ଭାଜପାର ଲୋକ ସଭା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ରଘୁନାଥ ଜଗଦଲାଙ୍କ ସହ ବ୍ଲକର ପଞ୍ଚାୟତ ସଦର ମହକୁମା ତଥା ପ୍ରମୁଖ ଗ୍ରାମଗୁଡ଼ିକୁ ଯାଇ ଭୋଟ ଭିକ୍ଷା କରିଥିଲେ। ଏଥିରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧକ୍ଷ ସନ୍ତୋଷ କୁମାର ଭୋଇ ମଧ ସାମିଲ ଥିଲେ। ଉଭୟ ପ୍ରାର୍ଥୀ ଦଳୀୟ କାର୍ଯ୍ୟକର୍ତ୍ତା ତଥା ସମର୍ଥକଙ୍କ ଗହଣରେ ଉଫୁଲା, ଚମ୍ପାମାଳ, ହିଲୁଙ୍ଗ, ମୁର୍ଷୁଣ୍ଡୀ, ତେଲିପାଲି, ଲୁଡୁରପଙ୍କ, ଅମରପାଲି, ଖଣ୍ଡହତା, ସୁବଳୟା, ଜଟେସିଂଘା ଓ ବାଗବର ପ୍ରଭୃତି ଗ୍ରାମ ବୁଲିଥିବା ଜଣାଯାଇଛି। ସେମାନଙ୍କ ସହ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ ଓ ସଂଯୁକ୍ତା ଭୋଇ, ଭାଜପା ଜିଲା ସଭାପତି ବିଜୟ ମହାକୁର, ଉପସଭାପତି ସତ୍ୟବ୍ରତ ମିଶ୍ର, ସାଧାରଣ ସମ୍ପାଦିକା ନଳିନୀ ପଣ୍ଡା, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ କିଶୋର କୁମାର ହୋତା, ବେଣୁଧର ଦାଶ, ବିପିନ ବିହାରୀ ପଣ୍ଡା ଏବଂ ଏକଲବ୍ୟ ବେହେରା ପ୍ରମୁଖ ଏଥିରେ ସାମିଲ ଥିଲେ।



ଟିକିରାପଡ଼ା ବିଜେଡି ସଭାରେ ବିଜୟଲକ୍ଷ୍ମୀ ସିଂଦେଓ ବକ୍ତବ୍ୟ ରଖୁଛନ୍ତି।



ଲୋକ ସଭା ପ୍ରାର୍ଥିନୀ ସଙ୍ଗୀତା ସିଂଦେଓ ଉଫୁଲା ଭାଜପା ସଭାରେ ଉଦ୍‌ବୋଧନ ଦେଉଛନ୍ତି।

ଅନ୍ୟପକ୍ଷରେ ଏହିଦିନ ବିଜେଡି ପକ୍ଷରୁ ପ୍ରଚାରକ ସାଜିଥିଲେ ଦଳର ଲୋକ ସଭା ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓଙ୍କ ମା' ବିଜୟଲକ୍ଷ୍ମୀ ସିଂଦେଓ। ସେ କଳିକେଶ ଏବଂ ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରାଙ୍କ ପାଇଁ ଭୋଟ ପ୍ରଚାର କରିଥିଲେ। ସେ ବାଗବର ପଞ୍ଚାୟତର ଲୁଚୁରଜେନା, ଦେଉଲି, ଫୁଲଚରା, ଟାଙ୍ଗରସାହି, କମଲପୁର, ଜଟେସିଂହା ପଞ୍ଚାୟତର ବଡଖମାର ଏବଂ ସୁବଳୟା ପଞ୍ଚାୟତର ଟିକିରାପଡା ଗ୍ରାମକୁ ଯାଇ ଲୋକଙ୍କୁ ଭେଟି ଦଳୀୟ ପ୍ରାର୍ଥୀଙ୍କ ସକାଶେ ଅଶୀର୍ବାଦ କାମନା କରିଥିଲେ। ଏତଦ୍‌ବ୍ୟତୀତ କମିରା ଛକଠାରେ ଖୋଲାଯାଇଥିବା ଦଳର ନିର୍ବାଚନୀ କାର୍ଯ୍ୟାଳୟ ପରିସରରେ କର୍ମୀ ସମାବେଶରେ ଉଦ୍‌ବୋଧନ ଦେଇଥିଲେ। ବିଜୟଲକ୍ଷ୍ମୀଙ୍କ ସହିତ ଉପେନ୍ଦ୍ର ସିଂଦେଓ, ସ୍ୱୟମ୍ଭୁନାଥ ଖଣ୍ଡଗିରି, ରଞ୍ଜିତ କୁମାର ରଥ, ଧୀରେନ୍ଦ୍ର ନାରାୟଣ ପଣ୍ଡା, ସତ୍ୟଜିତ ମିଶ୍ର, ସୁରୁନାରାୟଣ ମହାକୁର, ନାରାୟଣ ଲୁହାଙ୍କ ସହ ଦଳୀୟ ସମର୍ଥିତ ବହୁ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ କର୍ମକର୍ତ୍ତା ସାମିଲ ହୋଇଥିଲେ।

### ଭାଜପାରେ ସାମିଲ ହେବେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧକ୍ଷ, ଉପାଧକ୍ଷା

**ସୋନପୁର,୪।୪(ନି.ପ୍ର.)**

ବୀରମହାରାଜପୁର ପଞ୍ଚାୟତ ସମିତି ଅଧକ୍ଷ ସନ୍ତୋଷ କୁମାର ଭୋଇ ଓ ଉପାଧକ୍ଷା ସୁଷମା ଭୋଇ ନିଜ ସମର୍ଥକଙ୍କ ସହିତ ଭାଜପାରେ ଯୋଗଦେବେ। ଆସନ୍ତା ୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନୀ ପ୍ରଚାର ପାଇଁ ସୁବର୍ଣ୍ଣପୁର ଆସୁଛନ୍ତି। ତାଙ୍କ ଉପସ୍ଥିତିରେ ସେ ଗୈରିକ ଦଳରେ ଯୋଗଦେବା ନେଇ ଚର୍ଚ୍ଚା ଜୋର ଧରିଛି। ସନ୍ତୋଷଙ୍କ ସହିତ କିଛି ସରପଞ୍ଚ, ସମିତି ସଭ୍ୟ ଓ ସମର୍ଥକ ମଧ୍ୟ ଭାଜପାରେ ସାମିଲ ହେବେ ବୋଲି ସୂଚନା ମିଳିଛି। ଗତ ପଞ୍ଚାୟତ ନିର୍ବାଚନରେ ସନ୍ତୋଷ ହିଲୁଙ୍ଗ ପଞ୍ଚାୟତରୁ ଓ ତାଙ୍କ ପତ୍ନୀ ସୁଷମା ଉଫୁଲା ପଞ୍ଚାୟତର ସମିତି ସଭ୍ୟ ଭାବେ ବିଜୟୀ ହୋଇଥିଲେ। ନିର୍ବାଚନ ପରେ ସନ୍ତୋଷ ବିଜେଡିରେ ସାମିଲ ହୋଇ ଦଳୀୟ କାର୍ଯ୍ୟକ୍ରମରେ ବେଶ ସକ୍ରିୟ ଥିଲେ। ପରବର୍ତ୍ତୀ ସମୟରେ ବିଧାୟକ ପଦ୍ମନାଭ ବେହେରା ଓ ତାଙ୍କର କିଛି ସମର୍ଥକଙ୍କ ସହିତ ସନ୍ତୋଷଙ୍କର ମନମାଳିନ୍ୟ ହୋଇଥିଲା। ସେହିଦିନଠାରୁ ସେ ବିଧାୟକ ବେହେରାଙ୍କୁ ବିରୋଧ କରିବା ସହ ଅଞ୍ଚଳର ବିକାଶ ପାଇଁ ଜଣେ ମାଟିର ପୁଅକୁ ବିଧାୟକ କରିବା ପାଇଁ ସଭା ସମିତି ଓ ସୋସିଆଲ ମିଡିଆରେ ଦାବି କରି ଆସୁଥିଲେ। କିନ୍ତୁ ଜିଲାସ୍ତରରେ ଆୟୋଜିତ ବିଜେଡି କାଯର୍‌ୟକ୍ରମରେ ଯୋଗ ଦେଉଥିଲେ। ଭାଜପାରେ ସାମିଲ ହେବା ଚର୍ଚ୍ଚା ସମ୍ପର୍କରେ ସନ୍ତୋଷ କୁହନ୍ତି ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୃଢ ନେତୃତ୍ୱ ଓ ବିକାଶମୂଳକ କାର୍ଯ୍ୟ ତାଙ୍କୁ ପ୍ରଭାବିତ କରିଛି । ତାଙ୍କ ପାଇଁ ଦଳଠାରୁ ମାଟି ବଡ। ଚଳିତ ନିର୍ବାଚନରେ ଭାଜପା ବୀରମହାରାଜପୁର ବ୍ଲକ କମିରା ଅଞ୍ଚଳର ଇଂ. ରଘୁନାଥ ଜଗଦଲାଙ୍କୁ ବିଧାୟକ ପ୍ରାର୍ଥୀ କରିଛି। ଅନ୍ୟ ପ୍ରାର୍ଥୀମାନେ ବାହାର ଅଞ୍ଚଳର। ତେଣୁ ସେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ସମର୍ଥକଙ୍କୁ ନେଇ ଭାଜପାରେ ସାମିଲ ହେବେ ବୋଲି କହିଛନ୍ତି ।


**FORMAT C-1**
**DECLARATION**

Declaration about Criminal cases.
(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)
Name and Address of Candidate - **LAXMAN BAG**
Name of Political Party - **Bharatiya Janata Party**
Name of Election - **Odisha Legislative Assembly**
Name of the Constituency - **70- Kantabanji Assembly Constituency.**
I, **Laxman Bag,** a candidate for the above mentioned election, declare for public information the following detail about my criminal antecedents:-

| Sl. No. | Pending Criminal Cases | | | Details about cases of conviction for criminal offences | |
|---|---|---|---|---|---|
| | Name of Court | Case No. and status of case | Section(s) of Acts concerned and brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | JMFC, Kantabanji | G.R. Case No. 403/16 | Sec. 143/ 144/ 294/ 323/ 379/ 506/ 427/ 149 I.P.C. | Not applicable | Not applicable |
| 2 | JMFC, Kantabanji | G.R. Case No. 402/16 | Sec. 143/ 427/ 379/ 149 I.P.C. | Not applicable | Not applicable |
| 3 | JMFC, Kantabanji | G.R. Case No. 394/16 | Sec. 143/ 336/ 427/ 153/ (A) 149/ I.P.C. | Not applicable | Not applicable |
| 4 | JMFC, Kantabanji | G.R. Case No. 393/16 | Sec. 143/ 341/ 332/ 353/506/ 294/ 225/ 307/ 323/ 149 IPC/ 7 Cr. L.A. Act. | Not applicable | Not applicable |
| 5 | Addl. Session Judge-cum- Spl. Judge, Titilagarh | G.R. Case No. 194/16 | Sec. 147 / 148/ 294/ 354/ 323/ 506/ 149 I.P.C./ 3(1)(x) SC & ST (PA) Act. | Not applicable | Not applicable |
| 6 | JMFC, Kantabanji | G.R. Case No. 90/16 | Sec. 294/ 507/ I.P.C. | Not applicable | Not applicable |
| 7 | JMFC, Kantabanji | G.R. Case No. 460/15 | Sec. 336/ 353/ 294/ 355/ 34 I.P.C. | Not applicable | Not applicable |
| 8 | JMFC, Kantabanji | G.R. Case No. 65/14 | Sec. 294/ 506 I.P.C. | Not applicable | Not applicable |
| 9 | JMFC, Kantabanji | G.R. Case No. 125/14 | Sec. 147/ 148/ 341/ 294/ 323/ 427/ 325/ 171-C/ 307/ 149 I.P.C. and 25/27 Arms Act. | Not applicable | Not applicable |
| 10 | JMFC, Kantabanji | G.R. Case No. 236/2012 | Sec. 341/ 294/ 323/ 147/ 148/ 506/ 149 I.P.C. | Not applicable | Not applicable |
| 11 | S.D.J.M., Titilagarh | G.R. Case No. 393/2007 | Sec. 367/ 368/ 342/ 374/ 34 I.P.C. | Not applicable | Not applicable |

*Sd./- Laxman Bag*



ଆଳସ୍ୟ ପରି ଶତ୍ରୁ କେହି ନାହିଁ। ଏହା ସମାଜର ସବୁ ସୁଖଶାନ୍ତିକୁ ନଷ୍ଟ କରିଦିଏ।
–ସନ୍ଥ ବିନୋବା ଭାବେ

ଜିଲାସ୍ତରୀୟ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ

# କୁଚିଣ୍ଡା କ୍ରୀଡା ସଂଘ ବିଜୟୀ

**ସମ୍ବଲପୁର, ୪।୪ (ବ୍ୟୁରୋ)**

ଜିଲା କ୍ରୀଡା ସଂଘ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ମ୍ୟାଚରେ କୁଚିଣ୍ଡା କ୍ରୀଡା ସଂଘ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଟସ ଜିଣି ଜଗନ୍ନାଥପ୍ରସାଦ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୯୩ ରନ ସଂଗ୍ରହ କରିଥିଲା । ସୁମନ୍ତ ମୁଣ୍ଡା ୧୬ ବଲରେ ୧୮, ନବଘନ ମାଝୀ ୧୩ ବଲରେ ୧୯ ଓ ଏମ. ରାଉତ ୨୫ ବଲରେ ୨୩ ରନ କରିଥିଲେ । କୁଚିଣ୍ଡା ବୋଲର ସୁରଜ ନାଏକ ୧, ମାନସ କୁସୁମ ୩ ଏବଂ ପ୍ରକାଶ ସିଂ ଓ ବିନୋଦ କିସାନ ୨ଟି ଲେଖାଏଁ ଉଇକେଟ ହାସଲ କରିଥିଲେ । ୯୪ ରନର ବିଜୟ ଲକ୍ଷ୍ୟ ନେଇ କୁଚିଣ୍ଡା ବ୍ୟାଟ୍ସମ୍ୟାନ ପଡିଆକୁ ଓହ୍ଲାଇଥିଲେ । ଦଳ ୧୦.୪ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ୯୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ପିଣ୍ଟୁ ବେହେରା ୩୫ ବଲରେ ୬୦ ଓ ରାଜା ପାତ୍ର ୧୩ ବଲରେ ୧୪ ରନ କରି ଅପରାଜିତ ରହିଥିଲେ। ଜଗନ୍ନାଥପ୍ରସାଦ ବୋଲର ଅଗସ୍ତି ବେହେରା ଗୋଟିଏ ଉଇକେଟ ହାସଲ କରିଥିଲେ । ମହମ୍ମଦ ଇସାକ, ପ୍ରଣୟ ବିଶ୍ୱାଳ ମ୍ୟାଚ ପରିଚାଳନା କରିଥିଲେ । ସୟଦ ଜ୍ୟାକି ସ୍କୋରର ଥିଲେ । ଦ୍ୱିତୀୟ ମ୍ୟାଚ ସୋନି କ୍ରିକେଟ କ୍ଲବ ବନାମ ସହଯୋଗ କ୍ଲବ ମଧ୍ୟରେ ହେବାର ଥିଲା । କିନ୍ତୁ ସହଯୋଗ କ୍ଲବ ଅନୁପସ୍ଥିତ ରହିଥିଲା । ତେଣୁ ୱାକଓଭର ଜରିଆରେ ସୋନି କ୍ରିକେଟ କ୍ଲବକୁ ବିଜୟୀ ଘୋଷଣା କରାଯାଇଥିଲା।

# ୧୫ ଦିନ ହେଲା ଡାକ୍ତର ଆସୁନାହାନ୍ତି

**ଧମା, ୪।୪ (ଡି.ଏନ.ଏ.)**

**ଧମା ଡାକ୍ତରଖାନା**

ମାନେଶ୍ୱର ବ୍ଲକ ଧମାଠାରେ ଅବସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ୧୫ ଦିନ ହେଲା ଅଚଳ। ଦେଓଗାଁ, ଧମା, ଡକରା, ହୁମା, ବରଗାଁ ଓ ବୁଦୁଆପାଲି, ସାହାସପୁର ଅଞ୍ଚଳର ଲୋକେ ଏହି ମେଡିକାଲ ଉପରେ ନିର୍ଭରଶୀଳ। ଏଠାରୁ ୨୫କି.ମି. ଦୂର ସମ୍ବଲପୁର ସଦର ଡାକ୍ତରଖାନାକୁ ଛାଡି ଆଉ କୌଣସି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ନାହିଁ। ହେଲେ ପ୍ରଶାସନିକ ବୈମାତୃକ ମନୋଭାବ ଯୋଗୁଁ ଏହି ଡାକ୍ତରଖାନା ସର୍ବଦା ଉପେକ୍ଷିତ ହେଉଛି। ଏଠାରେ ଅବସ୍ଥାପିତ ଡା. ଈଶ୍ୱର ମୁଣ୍ଡା ଏହି ଡାକ୍ତରଖାନାକୁ ଆସୁନାହାନ୍ତି । ତାଙ୍କର ଅନ୍ୟତ୍ର ବଦଳି ହୋଇଥିବାରୁ ଏଭଳି ସମସ୍ୟା ହୋଇଛି। ଜଣେ ଫାର୍ମାସିଷ୍ଟ ଓ ଷ୍ଟାଫନର୍ସଙ୍କ ଭରସାରେ ଏବେ ଏହି ଡାକ୍ତରଖାନା ଚାଲିଛି। ସାମାନ୍ୟ କାଶ ଜ୍ୱର ହେଲେ ମଧ୍ୟ ଲୋକେ ସଦର ଡାକ୍ତରଖାନାକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏହି ଡାକ୍ତରଖାନାଟି ୧୫ ନମ୍ବର ରାଜ୍ୟ ରାଜପଥ କଡରେ ଅବସ୍ଥିତ। ଏଣୁ ଦୁର୍ଘଟଣାର ଶିକାର ଲୋକେ ମଧ୍ୟ ଆସନ୍ତି। ହେଲେ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ମିଳିପାରେ ନାହିଁ। ଗର୍ଭବତୀ ମହିଳାଙ୍କ ପାଇଁ ମଧ୍ୟ ଏଠାରେ ପର୍ଯ୍ୟାପ୍ତ ସୁବିଧା ନ ଥିବାରୁ ଚିକିତ୍ସା ଅଭାବରୁ ମୃତ୍ୟୁର ଶିକାର ହେବାକୁ ପଡିଥାଏ ।

ଦୁଇ ବର୍ଷ ତଳେ ଏଠାରେ ଡାକ୍ତର ଅନୁପସ୍ଥିତ ଏବଂ ଚିକିତ୍ସାରେ ଅବହେଳାକୁ କେନ୍ଦ୍ରକରି ଅସନ୍ତୁଷ୍ଟ ଗ୍ରାମବାସୀ ତାଲା ପକାଇ ଦେଇଥିଲେ। ସେ ସମୟର ଏସ୍‌ଡିଏମଓ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ୨୪ ଘଣ୍ଟା ଭିତରେ ଚିକିତ୍ସା ସୁବିଧା କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡିଥିଲା। ହେଲେ ଅବସ୍ଥା ଯଥା ପୂର୍ବଂ ତଥା ପରଂ। ପରେ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ, ବିଧାୟକ ରୋହିତ ପୂଜାରୀ ମଧ୍ୟ ଏ ଦିଗରେ ବହୁ ଚେଷ୍ଟା କରି ବିଫଳ ହେଲେ। ଅତୀତରେ ରେଢାଖୋଲ ନିର୍ବାଚନମଣ୍ଡଳୀରୁ ସନାତନ ବିଶି ଓ ପ୍ରସନ୍ନ ଆଚାର୍ଯ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ହେଲେ ଏହି ହସ୍ପିଟାଲର ଉନ୍ନତି ପାରିନାହିଁ । ତେବେ ଡାକ୍ତର ନ ଆସିବା ନେଇ ସିଡିଏମଓ ଡାକ୍ତର ପଙ୍କଜିନୀ ପଣ୍ଡା କହିଛନ୍ତି ଯେ, ସେ ନୂଆ କରି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏ ସମ୍ପର୍କରେ ତାଙ୍କ ପାଖରେ ଖବର ନାହିଁ। ତଦନ୍ତ କରି ପଦକ୍ଷେପ ନେବେ ବୋଲି ସଫେଇ ଦେଇ ଖସି ଯିବାକୁ ଚେଷ୍ଟା କରିଛନ୍ତି।

# ମା’ ପ୍ରଧାନୀ ବୁଢ଼ୀ ମନ୍ଦିରରୁ ଚୋରି



ମନ୍ଦିରରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

**ଦେବଗଡ଼, ୪।୪(ସ୍ୱ.ପ୍ର)**

ଦେବଗଡର ପ୍ରସିଦ୍ଧ ପ୍ରଧାନପାଟ ଜଳପ୍ରପାତ ନିକଟରେ ଥିବା ଦେବଗଡ ଇଷ୍ଟଦେବୀ ମା’ ପ୍ରଧାନୀ ବୁଢି ମନ୍ଦିରରୁ ମା’ଙ୍କ ରୁପା ମୁକୁଟ ଓ ସୁନାର ଟିକିଲି ଚୋରି ହୋଇଯାଇଛି। ଖବର ମୁତାବକ ଉକ୍ତ ମନ୍ଦିରର ପୂଜକ ଟଙ୍କଧର ଦେହୁରୀ ପ୍ରତ୍ୟେକ ଦିନ ସକାଳେ ପୂଜା କରିବାକୁ ଯାଇଥାନ୍ତି। ବୁଧବାର ସକାଳେ ପୂଜା କରିବାକୁ ଯାଇଥିଲେ ହେଲେ ମନ୍ଦିରର ଗ୍ରିଲ ଓ ତାଲା ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ମା’ଙ୍କର ରୁପା ମୁକୁଟ ଏବଂ ସୁନାର ଟିକିଲି କିଏ ଦୁର୍ବୃତ୍ତ ରାତିରେ ଚୋରି କରି ନେଇଯାଇଛନ୍ତି। ପୂଜକ ସଙ୍ଗେ ସଙ୍ଗେ କମିଟିର କୋଷାଧ୍ୟକ୍ଷ ପ୍ରଶାନ୍ତ ଭୁକ୍ତାଙ୍କୁ ଜଣାଇଥିଲେ। ଏନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମନ୍ଦିରରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

# ଧମା କେନ୍ଦୁପତ୍ର କର୍ମଚାରୀ କଳାବ୍ୟାଜ୍ ପିନ୍ଧିଲେ



ଧମା ରେଞ୍ଜ ଅଫିସ ସମ୍ମୁଖରେ କେନ୍ଦୁପତ୍ର କର୍ମଚାରୀଙ୍କ ଧାରଣା।

**ଧମା, ୪।୪ (ଡି.ଏନ.ଏ.)**

ଧମା କେନ୍ଦୁପତ୍ର କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଗୁରୁବାରଠାରୁ କଳାବ୍ୟାଜ୍ ପିନ୍ଧି କାମରେ ଯୋଗ ଦେଇଛନ୍ତି। କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ, ବନ୍ଧେଇ ଶ୍ରମିକମାନଙ୍କୁ ପୂର୍ବ ଘୋଷିତ ସାମାଜିକ ସୁରକ୍ଷା, କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ତଥା ପିଲାଙ୍କ ପାଠପଢ଼ା ସକାଶେ ସ୍କୋଲାରସିପ ବ୍ୟବସ୍ଥା ଏଯାବତ କରାଯାଇ ନାହିଁ । ୨୦ ପ୍ରତିଶତ ଦରମା ବୃଦ୍ଧି ପ୍ରତିଶ୍ରୁତି ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ । ବୋନସ ପ୍ରଦାନ ପ୍ରହସନ ପାଲଟିଛି। ମନମୁଖି ଦରମା ନିର୍ଦ୍ଧାରଣ କରାଯାଉଛି । ଡିସେମ୍ବର ମାସରେ ୱାଚର ମାନଙ୍କର ଦରମା ୭ ହଜାର ଟଙ୍କାରୁ ୧୧ ହଜାର ଟଙ୍କାକୁ ବୃଦ୍ଧି କରାଗଲା। ପୁଣି ଫେବୃୟାରୀରେ ୮ହଜାର ୪ଶହ ଟଙ୍କାକୁ କମାଇ ଦିଆଗଲା । ଏହିପରି ଅନେକ ଅଭିଯୋଗ ଓ ଦାବିକୁ ନେଇ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ସଂଘର ସମସ୍ତ କାର୍ଯ୍ୟରତ ଶ୍ରମିକ ଦାବି ପୂରଣ ନ ହେବା ଯାଏ କଳାବ୍ୟାଜ୍ ପିନ୍ଧି ଧାରଣା ଦେବା ସହ ଆନ୍ଦୋଳନ ଜାରି ରଖିବେ ବୋଲି ଜଣାଇଛନ୍ତି । ଧମା ରେଞ୍ଜ ହେଡ ଚେକର ଟଙ୍କଧର ସାହୁ, କ୍ଷମା ବିଶ୍ୱାଳ, ପ୍ରଶାନ୍ତ ଦୀପ, ବାଙ୍କାମଣି ଦାସ, ଦୟାଲାଲ ବିଭାର, ପ୍ରମୋଦ ପଧାନ, ଦେବହରି ହରୁନ, କୁମରମଣି, ଗୁରୁଚରଣ, ମିତ୍ରଭାନୁ, ରମେଶ ଓ ସିଜିନାଲ କର୍ମଚାରୀ ଯୋଗ ଦେଇଥିଲେ ।

ରେଢାଖୋଲ ବିଧାନସଭା ଆସନ

# ଭାଜପାରୁ ଦେବେନ୍ଦ୍ରଙ୍କ ସହ ୩ ଜଣଙ୍କ ପ୍ରାର୍ଥିପତ୍ର ଦାଖଲ

**ରେଢାଖୋଲ, ୪।୪(ଡି.ଏନ.ଏ)**

ଆସନ୍ତା ୨୩ରେ ହେବାକୁ ଥିବା ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧିନ ରେଢାଖୋଲ ବିଧାନସଭା ଆସନ ପାଇଁ ଗୁରୁବାର ୩ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପଶ୍ଚିମାଞ୍ଚଳ ବିକାଶ ପାର୍ଟି ପକ୍ଷରୁ ଜନକରାମ ରଣା, ବି.ଏସ.ପି ର ସଂକେତ ବହିଦାର ଓ ଭାଜପାର ଦେବେନ୍ଦ୍ର ମହାପାତ୍ର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଭାଜପାର ଦେବେନ୍ଦ୍ର ମହାପାତ୍ର ଗତ ୨ ତାରିଖ ଗୋଟିଏ ସେଟ ପ୍ରାର୍ଥିପତ୍ର ଦାଖଲ କରିଥିଲେ ହେଁ ଗୁରୁବାର ପୁଣି ୨ ସେଟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସ୍ଥାନୀୟ ରାମମନ୍ଦିରଠାରୁ ହଜାର ହଜାର ସମର୍ଥକଙ୍କ ଗହଣରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ।



ଭାଜପା ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର ଶୋଭାଯାତ୍ରାରେ ନାମାଙ୍କନ ଦାଖଲ ପାଇଁ ଯାଉଛନ୍ତି।

ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର, ସମ୍ବଲପୁର ଲୋକସଭା ପ୍ରାର୍ଥୀ ନିତେଶ ଗଙ୍ଗଦେବ, ସିମାଞ୍ଚଳ ଖଟେଇ, ଜିଲା ପରିଷଦ ସଭ୍ୟ ପ୍ରମୋଦ ସାହୁ, ପୂର୍ଣ୍ଣଚନ୍ଦ୍ର ଗଡତିଆ, ଦାମୋଦର କର, ନିମାଇଁ ବାବୁ, ଡ.ରାଜାରାମ ଷଡଙ୍ଗି, ରାଜେନ୍ଦ୍ର ବୈଠାରୁ, ବିଚିତ୍ରାନନ୍ଦ ସାହୁ, ଡା. ରାଜକୁମାର ବଡପଣ୍ଡା ପ୍ରମୁଖ ପ୍ରାର୍ଥିପତ୍ର ଦାଖଲ ବେଳେ ଉପସ୍ଥିତ ଥିଲେ। ଗୁରୁବାର ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ ଥିଲା। ରେଢାଖୋଲ ବିଧାନସଭା ଆସନରୁ ପ୍ରାର୍ଥିପତ୍ର ଦାଖଲର ଶେଷଦିନ ସୁଦ୍ଧା ସମୁଦାୟ ୮ ଜଣ ନାମାଙ୍କନ ଦାଖଲ କରିବା ସହିତ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। କଂଗ୍ରେସରୁ ଆସଫ ଅଲ୍ଲୀ ଖାନ, ଆପର ଆନନ୍ଦ କୁମାର ସାମଲ, ବିଜେଡିରୁ ଇଂ. ରୋହିତ ପୂଜାରୀ, ଭାଜପାର ଦେବେନ୍ଦ୍ର ମହାପାତ୍ର, ବିଏସପିର ସଂକେତ ବହିଦାର, ପଶ୍ଚିମାଞ୍ଚଳ ବିକାଶ ପାର୍ଟିର ଜନକରାମ ରଣା, ଭାଜପାର ବିଦ୍ରୋହୀ ତଥା ସ୍ୱାଧୀନ ପ୍ରାର୍ଥି ସମର କୁମାର ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ ଜୟଲାଲ ବେହେରା ପ୍ରମୁଖ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି.। ଶୁକ୍ରବାର ପ୍ରାର୍ଥିପତ୍ର ଯାଞ୍ଚ କରାଯିବାକୁ ଧାର୍ଯ୍ୟ ହୋଇଛି। ୮ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ସମ୍ପୂର୍ଣ୍ଣ ତାଲିକା ପ୍ରକାଶ ପାଇବ।



ସମ୍ବଲପୁର ଜିଲା ଧମା ବନବିଭାଗ ଅଧୀନ ତବଲୋଇ– କେଶାପାଲି ଜଙ୍ଗଲ ଜଳୁଛି।

ସରିଲା ନାମାଙ୍କନପତ୍ର ଦାଖଲ

# ଦେବଗଡ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୧୩ ପ୍ରାର୍ଥୀ

ଦେବଗଡ, ୪।୪(ସ୍ୱ.ପ୍ର.) –ଆସନ୍ତା ୨୩ରେ ହେବାକୁ ଯାଉଥିବା ସାଧାରଣ ନିର୍ବାଚନ ୨୦୧୯ପାଇଁ ଦେବଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସର୍ବୋମୋଟ ୧୩ଜଣ ପ୍ରାର୍ଥୀନୀ,ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଛି । ସ୍ଥାନୀୟ କଚେରୀ ଠାରେ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ବ୍ରଜବନ୍ଧୁ ଭୋଇଙ୍କ ଉପସ୍ଥିତିରେ ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ ଦେବଗଡ ଶାଖା ପକ୍ଷରୁ ଆନ୍ଦୋଳନ ସଚିବ ଡୋଲାକର ଭୋଇ, ଭାଜପାର ସୁବାସ ଚନ୍ଦ୍ର ପାଣିଗ୍ରାହୀ, କଂଗ୍ରେସର ଉମାଶଙ୍କର ସାହୁ, ବିଜେଡିର ରୋମାଞ୍ଚ ରଞ୍ଜନ ବିଶ୍ୱାଳ, କେଜେଡି ଅଳକା ପ୍ରଧାନ, ସ୍ୱାଧୀନ ସତ୍ୟବ୍ରତ ପାଣିଗ୍ରାହୀ, ମନୋରଞ୍ଜନ ମିଶ୍ର, ଦୋଳଗୋବିନ୍ଦ ନାଏକ, ପ୍ରହଲ୍ଲାଦ ଚରଣ ଗଡନାୟକ, ମୁକେଶ ମହାନାୟକ, ରୋମାଞ୍ଚଳ ଖଡିରନ୍ନ, ନଗେନ୍ଦ୍ର ପ୍ରଧାନ, ବିଏସପି ପକ୍ଷରୁ କର୍ନ୍ଦପ ପାତ୍ର ନିଜ ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡିଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION - B/W (Every Day)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କେଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ୫ କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
07535093304
09675742689

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କେଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ – ଫୋନ୍ କରନ୍ତୁ
9899587663
8743922900

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩–୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
Helpline: 7302958798
A-6, GALI NO.6B, SWATANTRA NAGAR, NARELA, DELHI

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

FINANCE
BCF ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧୨ ଘଣ୍ଟାରେ ୫ କାଗଜରେ ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
8958186716
9675859756

ASTROLOGY ASTROLOGY

BUSINESS BUSINESS

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଳେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଉପଦେଶ ଦେବା ସରଳ, କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଟାଗୋର

## ସଂକ୍ଷେପରେ



### ଗାଡ଼ି ଯାଞ୍ଚବେଳେ ୧ଲକ୍ଷ ଟଙ୍କା ଜବତ

**ରେଙ୍ଗାଲି,୪।୪(ଡି.ଏନ.ଏ.)-** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲକଲୋଇଠାରେ ସ୍ପେସିଆଲ ସ୍କ୍ୱାଡ୍ ଦ୍ୱାରା ଗାଡି ଯାଞ୍ଚ ବେଳେ ଗୋଟିଏ ଗାଡିରୁ ପ୍ରାୟ ୧ ଲକ୍ଷ ୩ ହଜାର ଟଙ୍କା ଜବତ କରାଯାଇଛି । ଗୁରୁବାର ଅପରାହ୍ନ ୫ଟାରେ ସ୍ପେସିଆଲ ସ୍କ୍ୱାର୍ଡ ଠେଲକଲୋଇ ଭୂଷଣ ଛକ ପାଖରେ ଗାଡି ଯାଞ୍ଚ କରୁଥିଲା। ଏହି ସମୟରେ ଓଆର୍ ୨୩ ସି- ୬୯୬୯ ନମ୍ବର ବିଶିଷ୍ଟ ଏକ ଟାଟା ସୁମୋ ଯାଞ୍ଚରେ ପଡିଥିଲା।

### ସାଧାରଣ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକ

**ସମ୍ବଲପୁର, ୪।୪ (ବ୍ୟୁରୋ)-** ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀର ସାଧାରଣ ପର୍ଯ୍ୟବେକ୍ଷକ ମହମ୍ମଦ ମହସିନ୍ଙ୍କ ସମୀକ୍ଷା ବୈଠକ ଗୁରୁବାର ଡିପିସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଶୋକ ସିଂ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏହି ବୈଠକରେ ବିଭିନ୍ନ ସେଲର ନୋଡାଲ ଅଧିକାରୀମାନେ ଭାଗ ନେଇଥିଲେ । ସାଧାରଣ ନିର୍ବାଚନ କିପରି ଶୃଙ୍ଖଳିତ କରାଯିବ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା ।

### ଶିକ୍ଷୟିତ୍ରୀଙ୍କ ପରଲୋକରେ ଶୋକ

**ଧମା, ୪।୪ (ଡି.ଏନ.ଏ.)-** ସ୍ଥାନୀୟ ମଥୁରା ପ୍ରସାଦ ସରକାରୀ ହାଇସ୍କୁଲର ଶିକ୍ଷୟିତ୍ରୀ ସଙ୍ଘମିତ୍ରା ମହାପାତ୍ରଙ୍କ ସମ୍ବଲପୁର ଧନୁପାଲିରେ ବୁଧବାର ସଡକ ଦୁର୍ଘଟଣା ଯୋଗୁ ମୃତ୍ୟୁ ଘଟିଛି । ତାଙ୍କ ସ୍ମୃତିରେ ଗୁରୁବାର ସ୍କୁଲରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଧାନ, ଶିକ୍ଷକ କାହ୍ନୁଚରଣ ଦାସ, ଜେନାମଣି ପଧାନ, ରଞ୍ଜନ ବେହେରା, ସୁଚିତ୍ରା ପଣ୍ଡା ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ।

### ଅସହାୟ ବୃଦ୍ଧାଙ୍କୁ ମୁଖାଗ୍ନି ଦେଲେ ନାଏବ ସରପଞ୍ଚ

**ଧମା, ୪।୪ (ଡି.ଏନ.ଏ.)-** ମାନେଶ୍ୱର ବ୍ଲକ ଅନ୍ତର୍ଗତ ଡକରା ପଞ୍ଚାୟତର ଟାଙ୍ଗରପାଲି ଗ୍ରାମର ଗୋକୁଳ ଭୋଇଙ୍କ ସ୍ତ୍ରୀ ଉଦିଆ ଭୋଇଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ବୁଧବାର ସେ ଗାଁ ନିକଟ ଧୂଳିଯୋରକୁ ଗାଧୋଇବା ପାଇଁ ଯାଇଥିଲେ। ଗୋଡ ଖସିଯିବାରୁ ବୁଡିଯାଇ ପ୍ରାଣ ହରାଇଥିଲେ। ଗ୍ରାମବାସୀଙ୍କ ଜରିଆରେ ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଡୁଲି ଉଦ୍ଧାର କରି ସମ୍ବଲପୁର ସଦର ଡାକ୍ତରଖାନାକୁ ନେଇଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁବାର ବୁର୍ଲା ମେଡିକାଲ କଲେଜରେ ବ୍ୟବଚ୍ଛେଦ ପରେ ସମ୍ବଲପୁର ରାଜଘାଟଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତେବେ ଉଦିଆଙ୍କ ସ୍ୱାମୀ ଗୋକୁଳଙ୍କୁ ଛାଡିଦେଲେ ତାଙ୍କର କେହି ନାହାନ୍ତି। ଏଣୁ ସାହାସପୁର ନାଏବ ସରପଞ୍ଚ ଆଲୋକ ବେହେରା ମୁଖାଗ୍ନି ଦେଇଥିଲେ। ଗଣେଶ କିଷାନ, ସଞ୍ଜୀବ ପୂଜାରୀ, ସୌମ୍ୟରଞ୍ଜନ ପୂଜାରୀ ଓ ଚିତ୍ରସେନ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

### ଖାଦ୍ୟ ମାନ ପରୀକ୍ଷା ପାଇଁ ଚଢ଼ାଉ

**ସମ୍ବଲପୁର,୪।୪(ବ୍ୟୁରୋ)-** ବୁର୍ଲାର ବିଭିନ୍ନ ହୋଟେଲ ରେଷ୍ଟୁରାଣ୍ଟ, ଜଳଖିଆ ଦୋକାନ, ଠେଲା ଗୁଡିକରେ ଚଢାଉ କରାଯାଇ ଖାଦ୍ୟ ନମୁନା ସଂଗ୍ରହ କରାଯାଇଛି। ସଫା ସୁତୁରା ରଖିବାକୁ ସମସ୍ତ ଦୋକାନୀଙ୍କୁ କଡା ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଦୋକାନରୁ ବାସି ଖାଦ୍ୟ ନଷ୍ଟ କରାଯାଇଛି। ଏହି ଚଢାଉରେ ଭୁବନେଶ୍ୱରରୁ ଖାଦ୍ୟମାନ ପରିକ କେ. ଲାର୍କା, ମହାନଗର ନିଗମ ଅଧିକାରୀ ଡାକ୍ତର ଈଶ୍ୱର ମୁଣ୍ଡା, ରୁଦ୍ର ମଣ୍ଡଳଙ୍କ ସମେତ କର୍ମଚାରୀ ଓ ବୁର୍ଲା ପୋଲିସ କର୍ମଚାରୀ ସାମିଲ ହୋଇଥିଲେ । ସୂଚନା ଯୋଗ୍ୟ ଯେ, ବୁର୍ଲାରେ ଜଣ୍ଡିସ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ବାରମ୍ବାର ଚଢାଉ କରାଯାଉଛି ।

# କେହି କାହାଠୁ କମ୍ ନୁହେଁ, ଜମିବ ଲଢ଼େଇ

**ସମ୍ବଲପୁର ବିଧାନସଭା ଆସନ**
- ବିଜେଡିକୁ ବିଜୟ ଚିନ୍ତା, ଭାଜପାକୁ ସ୍ୱାଭିମାନ ପ୍ରଶ୍ନ
- କଂଗ୍ରେସର ନୂଆ ଚେହେରାକୁ ନେଇ ଉତ୍ସାହ

**ସମ୍ବଲପୁର,୪।୪(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନରେ ସମ୍ବଲପୁର ବିଧାନ ସଭା ଆସନ ପାଇଁ ତୃତୀୟ ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବ । ଗୁରୁବାର ନାମାଙ୍କନପତ୍ର ଦାଖଲ ଶେଷ ଦିନରେ ବିଜେଡି, କଂଗ୍ରେସ, ଭାଜପା, ବହୁଜନ ସମାଜବାଦୀ ପାର୍ଟି ସମେତ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତେବେ ଏଥର ନିର୍ବାଚନୀ ମଇଦାନରେ କିଛି ନୂଆ ଦେଖିବାକୁ ମିଳିଛି। ୨ ଡାକ୍ତରଙ୍କ ମଧ୍ୟରେ ଲଢେଇ ଜୋରଦାର ହେବ। ବିଜେଡିରୁ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଓ କଂଗ୍ରେସରୁ ପୂର୍ବତନ ଭିମ୍ସାର ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ପୂଜାହାରୀଙ୍କ ମଧ୍ୟରେ ମୁକାବିଲା କଡାକଡି ହେବ। ସେହିପରି ଭାଜପା ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ୨୦୧୪ ନିର୍ବାଚନରେ ଭାଜପାର ଜୟନାରାୟଣ ଓ ବିଜେଡିର ରାସେଶ୍ୱରୀଙ୍କ ମଧ୍ୟରେ ଘମାଘୋଟ ଲଢେଇ ହୋଇଥିଲା। ହେଲେ ଚଳିତ ନିର୍ବାଚନରେ କଂଗ୍ରେସ ଜିଲା ସଭାପତି ଅଶ୍ୱିନୀ ଗୁରୁଙ୍କ ପରିବର୍ତ୍ତେ ଦଳ ରାତାରାତି ଡାକ୍ତର ପୂଜାହାରୀଙ୍କୁ ଟିକେଟ ଦେଇଛି । ତେଣୁ ଏଥର ତ୍ରୀମୁଖି ଲଢେଇ ଜମିବ।

ଏଥର ନିର୍ବାଚନରେ ଅବଶ୍ୟ ବିଜେଡି ପାଇଁ ଚିନ୍ତା ବଢି ଯାଇଛି । କାରଣ ବିଜେଡିକୁ ଗୋଷ୍ଠୀ ବିବାଦ ସମସ୍ୟା ହୋଇ ପାରେ ବୋଲି ଆଲୋଚନା ହେଉଛି । ବିଜେଡିରେ ବର୍ଷ ବର୍ଷ ଧରି କାମ କରି ଆସୁଥିବା ଜୟବ୍ରତ ଦେ ଏଥର ଟିକେଟ ନ ପାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏଣୁ ବିଜେଡିର ବିଜୟ ଉପରେ ଏହା ପ୍ରଭାବ ପକାଇବ ବୋଲି ଚର୍ଚ୍ଚା ହେଉଛି । ସେହିପରି ଭାଜପାକୁ ସ୍ୱାଭିମାନର ପ୍ରଶ୍ନ ହୋଇଛି । କାରଣ ଜୟନାରାୟଣ ଏଠାରୁ ଅତୀତରେ ୩ ଥର ବିଜୟୀ ହୋଇଛନ୍ତି। ଏଣୁ ଏଥର ବିଜୟୀ ନ ହେଲେ ନିଜ ପାଇଁ ଓ ଦଳ ପାଇଁ ସ୍ୱାଭିମାନର ପ୍ରଶ୍ନ ହୋଇପାରେ। ସେହିପରି କଂଗ୍ରେସ ଡାକ୍ତର ଅଶ୍ୱିନୀ ପୂଜାହାରୀଙ୍କୁ ନୂଆ ଚେହେରା ଭାବେ ପ୍ରାର୍ଥୀ କରି ଗଡକୁ ନିଜ କବଜାରେ ନେବା ପାଇଁ ଚେଷ୍ଟା କରୁଛି। ସୂଚନାଯୋଗ୍ୟ, ୨୦୧୪ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ରାସେଶ୍ୱରୀ ପାଣିଗ୍ରାହୀ ୪୮ ହଜାର ୩୬୨ ଭୋଟ ପାଇଁ ବିଜୟୀ ହୋଇଥିଲେ। ଭାଜପାର ଜୟନାରାୟଣ ମିଶ୍ର ୩୮ ହଜାର ୪୦୪ ଭୋଟ ପାଇଥିଲେ। କଂଗ୍ରେସ ସୁରେଶ୍ୱର ମିଶ୍ର ମାତ୍ର ୧୯ ହଜାର ୨୦ ଭୋଟ ପାଇ ୩ୟ ସ୍ଥାନରେ ଥିଲେ।

# ରେଙ୍ଗାଲି ବିଧାୟକ ପ୍ରାର୍ଥୀଙ୍କ ୨ଟି ଭୋଟର କାର୍ଡ

**ସମ୍ବଲପୁର,୪।୪ (ବ୍ୟୁରୋ)**

ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥି ରୀନା ତନ୍ତିଙ୍କ ନାମରେ ଦୁଇଟି ଠିକଣାରେ ଭୋଟର କାର୍ଡ ରହିଛି। ରୀନାଙ୍କ ନାମରେ ଝାରସୁଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଶ୍ରୀପୁରା ଗ୍ରାମରେ ଗୋଟିଏ ଓ ଅନ୍ୟଟି ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ମାନେଶ୍ୱର ବ୍ଲକ ପରମାଣପୁର ଗ୍ରାମରେ ରହିଛି । ଏହାକୁ ନେଇ ଏବେ ଅଭିଯୋଗ ହେଉଛି ଯେ, ଜଣେ ପ୍ରାର୍ଥୀ କିଭଳି ଭାବେ ୨ଟି ସ୍ଥାନରେ ଭୋଟର ତାଲିକାରେ ନାମ ରଖିଛନ୍ତି । ପ୍ରଶାସନ ପକ୍ଷରୁ ବାରମ୍ବାର ସଚେତନ କରାଯାଉଛି । ଗୋଟିଏ ସ୍ଥାନରେ ଭୋଟର ତାଲିକା ରଖିବାକୁ ନିର୍ଦ୍ଦେଶ ଦିଆଯାଉଛି । ହେଲେ ସେ ପାଳନ କରି ନ ଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ରୀନାଙ୍କ ସହ ଯୋଗାଯୋଗ ହୋଇ ପାରି ନ ଥିଲା । ତାଙ୍କ ସ୍ୱାମୀ ମୋତିଲାଲ ତନ୍ତି କହିଛନ୍ତି ଯେ, ଗୋଟିଏ ସ୍ଥାନରେ ଭୋଟର ତାଲିକାରୁ ବାଦ ଦେବାକୁ ଆବେଦନ କରାଯାଇଛି । ୨ଟି ସ୍ଥାନରେ ନାମ ରହିଥିଲେ ମଧ୍ୟ ଗୋଟିଏ ଠିକଣାର ଭୋଟର କାର୍ଡ ବ୍ୟବହାର କରୁଛନ୍ତି। ସେହିପରି ଏ ସମ୍ପର୍କରେ ନିର୍ବାଚନ ଅଧିକାରୀ ତଥା ସମ୍ବଲପୁର ଉପଜିଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି ଯେ, ଭୋଟର ତାଲିକା ଉପରେ ଏବେ କିଛି କରି ହେବନି । ଜଣେ ଗୋଟିଏ ସ୍ଥାନରେ ଭୋଟର ପରିଚୟ ପତ୍ର ରଖିବା ନିୟମ ରହିଛି । ଅଭିଯୋଗ ହେଲା ପରେ ଏହି ଘଟଣାର ତଦନ୍ତ କରାଯିବ।

# ନେତାଙ୍କ ବିନା ପ୍ରଚାର କରାଯିବ

## ବଡ଼ବଜାରରେ ସୁରେଶ ପୂଜାରୀ ଗୋଷ୍ଠୀର ବୈଠକ

**ସମ୍ବଲପୁର, ୪।୪ (ବ୍ୟୁରୋ)**

ସମ୍ବଲପୁର ଲୋକସଭା ଓ ବିଧାନସଭା କ୍ଷେତ୍ର ପ୍ରାର୍ଥୀଙ୍କ ବିଜୟ ସକାଶେ ପ୍ରଚାର କରାଯିବ । ପ୍ରଚାର ପାଇଁ କୌଣସି ନେତାଙ୍କ ଆବଶ୍ୟକତା ନାହିଁ ବରଂ ଦଳକୁ ପ୍ରାଥମିକତା ଦିଆଯିବ। ଗୁରୁବାର ସନ୍ଧ୍ୟାରେ ବଡବଜାର ଘିକୁଣ୍ଡି ଛକଠାରେ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ ଗୋଷ୍ଠୀର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଗୋଲବଜାର ଛକ ସ୍ଥିତ ଦୁର୍ଗା ମନ୍ଦିରଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବ । ଏହାପରେ ପ୍ରଚାର କାର୍ଯ୍ୟ ଆରମ୍ଭ ହେବ ବୋଲି ସ୍ଥିର କରାଯାଇଛି। ବୈଠକରେ ଓବିସି ମୋର୍ଚ୍ଚା ଜିଲା ସଭାପତି ସରୋଜ କୁମାର ସାହୁ, ଏସି ମୋର୍ଚ୍ଚା ଉପସଭାପତି କିଶୋର ନାୟକ, ଏସି ମୋର୍ଚ୍ଚା ସଭାପତି ରତନ ସୁନା, ସୁବାଷ ପଟେଲ, ଉପେନ୍ଦ୍ର ଝା, ରିକି ବେହେରା, ଦେଓକିରନ ପଟ୍ଟନାୟକ, ସଞ୍ଜୟ କୁମାର ଠାକୁର, ସୋମିକ ବାବୁ, ସଞ୍ଜିବ କୁମାର ରଥ, ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲା ମହିଳା ସଭାନେତ୍ରୀ ଆରତୀ ବରାଳ, ଭାଜପା ରାଜ୍ୟ ସମ୍ପାଦିକା ସବିତା ନନ୍ଦ, ମୁକେଶ ଜରିୱାଲ, ସୁବାଷ ଚନ୍ଦ୍ର ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ଗଣେଶ ପାଲିୱାଲ, ଡ. ପାରଶ ଦେବତା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ଜୀବବିଜ୍ଞାନ ବିଭାଗର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ

**ଚିପିଲିମା, ୪।୪ (ଡି.ଏନ.ଏ)**

ଜ୍ୟୋତି ବିହାରର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଜୀବବିଜ୍ଞାନ ବିଭାଗର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଛି। ବିଭାଗୀୟ ମୁଖ୍ୟ ଡ. ରାଜେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କୁଳପତି ଦୀପକ କୁମାର ବେହେରା ଓ ପୂର୍ବତନ କୁଳପତି ଧ୍ରୁବରାଜ ନାଏକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅତନୁ ପତି ମୁଖ୍ୟବକ୍ତା ଭାବେ ଜୀବ ବିଜ୍ଞାନର ସାଂପ୍ରତିକ ପ୍ରଗତି ବିଷୟ ଉପରେ ଆଧାରିତ ଜାତୀୟ ସେମିନାରର ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ପ୍ରାର୍ଥୀପତ୍ର ଦାଖଲ କଲେ ରବିନାରାୟଣ ନାୟକ

**କୁଚିଣ୍ଡା, ୪।୪ (ଡି.ଏନ.ଏ.)**

ଆଦିବାସୀ ବର୍ଗଙ୍କ ପାଇଁ ସଂରକ୍ଷିତ କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଦାଖଲର ଗୁରୁବାର ଶେଷ ଦିନ ପ୍ରାର୍ଥୀ ତଥା ବର୍ତ୍ତମାନର ବିଧାୟକ ରବିନାରାୟଣ ନାୟକ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରଠାରୁ ସମର୍ଥକଙ୍କ ସହ ସେ ଏକ ଶୋଭାଯାତ୍ରାରେ ଆସି ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କୁ ତାଙ୍କର ପ୍ରାର୍ଥୀପତ୍ର ପ୍ରଦାନ କରିଥିଲେ । ଏହି ଶୋଭାଯାତ୍ରାରେ ଭାଜପା ଜିଲା ଉପସଭାପତି ବିରଞ୍ଚି ତିର୍କୀ, କୁଚିଣ୍ଡା ମଣ୍ଡଳ ସଭାପତି ଗୁରୁଦେବ ମହାପାତ୍ର, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପଟେଲ, ଜିଲାପରିଷଦ ସଭ୍ୟା ମମତା ପଟେଲ, ଲିଲିମା କାଲୋ ପ୍ରମୁଖ ସାମିଲ ଥିଲେ । ଏହି ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିରୁ କିଶୋର ନାଏକ, କଂଗ୍ରେସରୁ ଶୋଭାରାମ ପ୍ରଧାନ, ହିନ୍ଦୁସ୍ତାନ ନିର୍ମାଣ ଦଳରୁ ପଦ୍ମିନୀ ଭୋଇ, ଆମ ଆଦମୀ ପାର୍ଟିରୁ ଅଭିଳାଷ ପ୍ରଶାନ୍ତମାନକି ଏବଂ ଶ୍ରୀନୁସ କୁଜୁର, ବହୁଜନ ସମାଜ ପାର୍ଟିରୁ ରଥ ମୁଣ୍ଡା ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଶଙ୍କର ବାଘ ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଶୁକ୍ରବାର ପ୍ରାର୍ଥୀପତ୍ର ଯାଞ୍ଚ ହେବ। ୮ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟ ରହିଛି।



କୁଚିଣ୍ଡାରେ ଭାଜପା ବିଧାୟକ ପ୍ରାର୍ଥୀ ରବିନାରାୟଣ ନାୟକ ନାମାଙ୍କନପତ୍ର ଦାଖଲ ଶୋଭାଯାତ୍ରାରେ ଯାଉଛନ୍ତି।

# ଦିନେ ଗୁରୁ ଶିଷ୍ୟ ଥିଲେ, ଆଜି ପ୍ରତିଦ୍ୱନ୍ଦ୍ୱୀ

**ସମ୍ବଲପୁର, ୪।୪ (ବ୍ୟୁରୋ)**



ରାସେଶ୍ୱରୀ ପାଣିଗ୍ରାହୀ



ଅଶ୍ୱିନୀ ପୂଜାହାରୀ

ସମ୍ବଲପୁର ବିଧାନସଭା ଆସନରୁ ୨୦୧୪ ସାଧାରଣ ନିର୍ବାଚନରେ ରାସେଶ୍ୱରୀ ପାଣିଗ୍ରାହୀ ବିଜେଡି ଟିକେଟରେ ନିର୍ବାଚନ ଜିତି ବିଧାୟକ ହୋଇଛନ୍ତି। ହେଲେ ଏଥର ଅର୍ଥାତ୍ ୨୦୧୯ ସାଧାରଣ ନିର୍ବାଚନରେ ସେ ଦଳରୁ ଟିକେଟ ପାଇ ନ ପାରନ୍ତି ବୋଲି ଚର୍ଚ୍ଚା ହୋଇଥିଲା। ହେଲେ ଏହି ଚର୍ଚ୍ଚାକୁ ରାସେଶ୍ୱରୀ ଭୁଲ୍ ପ୍ରମାଣିତ କରିଛନ୍ତି। ଏଥର ଦଳ ପୁଣି ତାଙ୍କ ଉପରେ ବିଶ୍ୱାସ ରଖି ୨ୟ ଥର ପାଇଁ ନିର୍ବାଚନ ଲଢିବାକୁ ଟିକେଟ ଦେଇଛି। ସେହିଭଳି କଂଗ୍ରେସର ଜିଲା ସଭାପତି ଅଶ୍ୱିନୀ ଗୁରୁ ଏଥର ଟିକେଟ ପାଇବାକୁ ହକଦାର ଥିଲେ। ହେଲେ ନୂଆ କରି ଦଳରେ ଯୋଗ ଦେଇଥିବା ଭିମ୍ସାରର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଅଶ୍ୱିନୀ ପୂଜାହାରୀଙ୍କୁ ଦଳ ରାତାରାତି ଟିକେଟ ଦେଇଛି। ବୟସ ହୋଇ ଯାଇଥିଲେ ବି ଇଚ୍ଛାଶକ୍ତି ଓ ମନୋବଳ ଦୃଢ ଥିବାରୁ ଥରେ ସୁଯୋଗ ଦେଇ ଦେଖିବାକୁ ପୂଜାହାରୀ କୁଆଡେ ଦଳୀୟ ନେତାଙ୍କୁ କହିଥିଲେ। ତେବେ ସବୁଠୁ ରୋଚକ ତଥ୍ୟ ହେଲା ଉଭୟ ରାସେଶ୍ୱରୀ ଓ ପୂଜାହାରୀ ପେଷାରେ ଡାକ୍ତର। ଦିନ ଥିଲା ରାସେଶ୍ୱରୀ ଥିଲେ ଗୁରୁ ଆଉ ଡାକ୍ତର ପୂଜାହାରୀ ଥିଲେ ରାସେଶ୍ୱରୀଙ୍କ ଶିଷ୍ୟ। ଆଜି କିନ୍ତୁ ରାଜନୀତି ମଇଦାନରେ ଉଭୟ ଉଭୟଙ୍କ ପ୍ରତିଦ୍ୱନ୍ଦ୍ୱୀ। ୧୯୭୮-୭୯ରେ ବୁର୍ଲା ମେଡିକାଲ କଲେଜ (ଏବେ ଭିମ୍ସାର)ରେ ଡାକ୍ତରୀ ପୂଜାହାରୀ ପଢୁଥିବା ସମୟରେ ରାସେଶ୍ୱରୀ ଶିକ୍ଷା ଦାନ କରୁଥିଲେ। ସମୟଚକ୍ରରେ ଆଜି ଗୁରୁଙ୍କ ସହ ଲଢେଇ କରିବାକୁ ଶିଷ୍ୟ ନିର୍ବାଚନ ରଣଭୂମିରେ ଅବତୀର୍ଣ୍ଣ ହୋଇଛନ୍ତି। ଏହାକୁ ନେଇ ସମ୍ବଲପୁର ଜିଲାରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି । ତେବେ ଏ ସମ୍ପର୍କରେ ଗୁରୁ ରାସେଶ୍ୱରୀ ପାଣିଗ୍ରାହୀ କହିଛନ୍ତି ଯେ, ସେ ସମୟରେ ଡାକ୍ତର ପୂଜାହାରୀ ତାଙ୍କ ଛାତ୍ର ଥିଲେ। ଏବେ ସେ ପ୍ରତିଦ୍ୱନ୍ଦ୍ୱୀ ହୋଇଛନ୍ତି । ସେଥିରେ କିଛି ସମସ୍ୟା ନାହିଁ । ଏହା ବହୁତ ଭଲ। ଅନ୍ୟପକ୍ଷେ ପୂଜାହାରୀ କହିଛନ୍ତି ଯେ, ସମସ୍ତ ନାଗରିକ ରାଜନୀତିକୁ ଆସିବାର ଅଧିକାର ଅଛି। ଫରକ ଏତିକି ଯେ, ରାସେଶ୍ୱରୀ ଆଗରୁ ରାଜନୀତିରେ ଅଛନ୍ତି ଆଉ ଏବେ ସେ ଆସିଲେ।

# ଆନ୍ତଃ ଡିଏଭି ନୃତ୍ୟ ପ୍ରତିଯୋଗିତାରେ ବନ୍ଧବାହାଲ ବିଜୟୀ

**ସମ୍ବଲପୁର, ୪।୪ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଦ୍ୱାରା ଆୟୋଜିତ ଆନ୍ତଃ ଡିଏଭି ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଲଖନପୁର ବନ୍ଧବାହାଲ ଡିଏଭି ସ୍କୁଲ ବିଜୟୀ ହୋଇଛି। ସେହିପରି ବ୍ରଜରାଜନଗର ଇବଭେଲି ଡିଏଭି ଦ୍ୱିତୀୟ ଓ ଏସୋସିପି ଡିଏଭି ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ବୁର୍ଲା ଆନନ୍ଦ ବିହାର ଏମସିଏଲ ଡିଏଭି ଦଳ ଶାନ୍ତ୍ୱନାମୂଳକ ପୁରସ୍କାର ପାଇଛି। ଏହି ପ୍ରତିଯୋଗିତାରେ ୯ଟି ଡିଏଭି ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ । ଏମସିଏଲ ଅଧକ୍ଷ ରାଜୀବ ରଞ୍ଜନ ଝା ମୁଖ୍ୟଅତିଥି, ଯୋଜନା ଓ ପରିଯୋଜନା ବୈଷୟିକ ନିର୍ଦ୍ଦେଶକ ଓ.ପି. ସିଂ, ପୂର୍ବତନ କାର୍ମିକ ନିର୍ଦ୍ଦେଶକ ଲିଲା ନନ୍ଦ ମିଶ୍ର, ଜାଗୃତି ମହିଳା ମଣ୍ଡଳ ଉପାଧକ୍ଷା ପଦ୍ମଜା ସିଂ, ପଦ୍ମିନୀ ବାସୁଦେବନ, ମଧୁ ମିଶ୍ରା ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ଦଳକୁ ପୁରସ୍କୃତ କରିଥିଲେ ।

# ଅଶ୍ୱିନୀ, ଶରତଙ୍କୁ କଂଗ୍ରେସରେ ବିରୋଧ

**ସମ୍ବଲପୁର, ୪।୪ (ବ୍ୟୁରୋ)**

ସମ୍ବଲପୁର ଲୋକସଭା ପ୍ରାର୍ଥୀ ଶରତ ପଟ୍ଟନାୟକ ଓ ବିଧାନସଭା ପ୍ରାର୍ଥୀ ପ୍ରଫେସର ଅଶ୍ୱିନୀ ପୂଜାହାରୀଙ୍କୁ ଜିଲା କଂଗ୍ରେସ ବିରୋଧ କରିଛି । ଏହାକୁ ନେଇ ଦଳରେ ବିଦ୍ରୋହ ଦେଖା ଦେଇଛି । ଅନେକ ନେତା ଓ କର୍ମୀ ଜିଲା କମିଟିରୁ ଇସ୍ତଫା ଦେଇଛନ୍ତି । ସେହିପରି ଯୁବ ନେତାମାନେ ବି କଂଗ୍ରେସରୁ ଇସ୍ତଫା ଦେଇଛନ୍ତି । ଶରତ ଓ ଅଶ୍ୱିନୀ ସିଧାସଳଖ ନାମାଙ୍କନ ପତ୍ର ଦାଖଲ କରିଥିଲେ । ନାମାଙ୍କନ ପୂର୍ବରୁ କିମ୍ବା ପରେ ଉଭୟେ କଂଗ୍ରେସ କାର୍ଯ୍ୟାଳୟକୁ ମଧ୍ୟ ଆସି ନ ଥିଲେ । ଏହାକୁ ନେଇ ଦାନା ବାନ୍ଧିଥିବା ବିଦ୍ରୋହ ବଢ଼ିବାରେ ଲାଗିଛି । ଅପରପକ୍ଷେ ଜିଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁଙ୍କୁ ସମ୍ବଲପୁର ବିଧାନସଭା କ୍ଷେତ୍ର ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିଲା । କିନ୍ତୁ ବୁଧବାର ଭିମସାର ପୂର୍ବତନ ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀଙ୍କୁ ଟିକେଟ ଦିଆଯାଇଛି । ତେଣୁ ସେ ନିଜ ଇସ୍ତଫା ପତ୍ର ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ପଠାଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଗୁରୁ କହିଛନ୍ତି ଯେ, ତାଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିଲା । କିନ୍ତୁ ତାହା ଫେରାଇ ନିଆଗଲା । ସେଥିପାଇଁ ମନରେ ଦୁଃଖ ତ ନିଶ୍ଚୟ ଲାଗିବ । ଏହାକୁ ନେଇ ଇସ୍ତଫା ଦେଇଛନ୍ତି। ହେଲେ ପ୍ରଦେଶ କଂଗ୍ରେସ କମିଟି ସଭାପତି ତାହାକୁ ଗ୍ରହଣ କରି ନାହାନ୍ତି । ତାଙ୍କ ନିର୍ଦ୍ଦେଶରେ ପୁଣି ଦାୟିତ୍ୱ ତୁଲାଇବେ ବୋଲି କହିଛନ୍ତି । ଟାଉନ ସଭାପତି ଲାଲମୋହନ ସାଠିଆ, ଜିଲା ଉପସଭାପତି ନିରଞ୍ଜନ ତ୍ରିପାଠୀ, ପ୍ରେମପ୍ରକାଶ ସାହାଣି, ବିଜୟ ଭୂୟାଁ, ସାଧାରଣ ସମ୍ପାଦକ ତ୍ରିଲୋଚନ ପୁରୋହିତ, ସମ୍ପାଦକ ଗୋପାଳ ପଣ୍ଡା, ସାଂଗଠନିକ ସମ୍ପାଦକ ନିୟତି ସେନ, ସରୋଜ ମିଶ୍ର, ହରିଶ ଚନ୍ଦ୍ର ବାଦୀ, ଥମାସ ନେଚେରୀ, ବୁର୍ଲା କଂଗ୍ରେସର ଶିବବ୍ରତ ପ୍ରଧାନ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି । ସେହିପରି ରାଜ୍ୟ ଯୁବ କଂଗ୍ରେସ ନେତା ବରୁଣ ଦେହୁରୀ, ରେଙ୍ଗାଲି ଯୁବ କଂଗ୍ରେସ ସଭାପତି ରାଜେନ୍ଦ୍ର ଧର, ଜିଲା କଂଗ୍ରେସ ସମ୍ପାଦକ ତ୍ରିଲୋଚନ ମହାନନ୍ଦ, ଆଦିତ୍ୟ ନାଥ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି । ତେଣୁ ଆଗାମୀ ଦିନରେ କଂଗ୍ରେସ କିପରି ନିର୍ବାଚନୀ ରଣକ୍ଷେତ୍ରରେ ବିରୋଧୀଙ୍କ ସମ୍ମୁଖୀନ ହେବ ସେ ନେଇ ପୁରୁଖା କଂଗ୍ରେସ ନେତା ଓ କର୍ମୀମାନେ ଚିନ୍ତାରେ ପଡିଛନ୍ତି ।

# ନାମାଙ୍କନପତ୍ର ଦାଖଲ କଲେ ଏମ୍‌ପି, ବିଧାୟକ ପ୍ରାର୍ଥୀ

**ସମ୍ବଲପୁର, ୪।୪ (ବ୍ୟୁରୋ)**

ଚଳିତ ସାଧାରଣ ନିର୍ବାଚନର ତୃତୀୟ ପର୍ଯ୍ୟାୟ ଭୋଟ ପାଇଁ ନାମାଙ୍କନ ପତ୍ର ଦାଖଲ ଗୁରୁବାର ଶେଷ ହୋଇଛି । ଅନ୍ତିମ ଦିନରେ ସମ୍ବଲପୁର ଲୋକସଭା କ୍ଷେତ୍ର ବିଜେଡି ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ, କଂଗ୍ରେସର ଶରତ ପଟ୍ଟନାୟକ, ବହୁଜନ ସମାଜ ପାର୍ଟି (ବିଏସପି)ର ମହମ୍ମଦ ମୁସ୍ତକିମ୍ ଓ ପ୍ରଗତିଶୀଳ ସମାଜ ବାଦୀ ପାର୍ଟି (ପିଏସପି)ର ଆତ୍ମାରାମ ସୁପକାର ଜିଲାପାଳ ଶୁଭମ ସକସେନାଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି କଂଗ୍ରେସରୁ ସମ୍ବଲପୁର ବିଧାନସଭା କ୍ଷେତ୍ର ପ୍ରାର୍ଥୀ ତଥା ବୁର୍ଲା ଭିମସାରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ପୂଜାହାରୀ, ବିଏସପିର ଦିଲୀପ ସିଂ ଉପଜିଲାପାଳ ପ୍ରଦୀପ କୁମାର ସାହୁଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

ଧନୁପାଲି ଛକଠାରୁ ବିଜେଡି କର୍ମୀ ଓ ନେତାମାନେ ଶୋଭାଯାତ୍ରାରେ ବାହାରିଥିଲା। ସମ୍ବଲପୁର ସମେତ ରେଙ୍ଗାଲି, ଦେବଗଡ, କୁଚିଣ୍ଡା, ରେଢ଼ାଖୋଲ, ଆଠମଲ୍ଲିକ, ଛେଣ୍ଡିପଦା ଅଞ୍ଚଳର ନେତା ଓ କର୍ମୀମାନେ ଏଥିରେ ସାମିଲ ହୋଇଥିଲେ । ଶୋଭାଯାତ୍ରା ଗୋବିନ୍ଦତୋଲା, ଚାରଭାଟି ଛକ, ଜେଲ ଛକ, କଚେରୀ ଛକ ପରିକ୍ରମା କରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା । ନଳିନୀକାନ୍ତ ପ୍ରଧାନ ପ୍ରସ୍ତାବକ ଓ ସମର୍ଥକଙ୍କ ସହ ୪ସେଟ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସମ୍ବଲପୁର ବିଧାୟିକା ତଥା ବିଜେଡି ପ୍ରାର୍ଥୀ ରାସେଶ୍ୱରୀ ପାଣିଗ୍ରାହୀ, ରୋହିତ ପୂଜାରୀ, ରମେଶ ଚନ୍ଦ୍ର ସାଏ ଓ ତ୍ରିଲୋଚନ ପ୍ରଧାନ ନଳିନୀଙ୍କ ପ୍ରସ୍ତାବକ ଭାବେ ରହିଛନ୍ତି । ସେହିଭଳି ଜେଲ ଛକଠାରୁ କଂଗ୍ରେସ ଲୋକସଭା ପ୍ରାର୍ଥୀ ଶରତ ପଟ୍ଟନାୟକ ନିଜ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବାହାରିଥିଲେ । ଜିତେନ୍ଦ୍ର ପ୍ରଧାନ ଓ ସତ୍ୟେନ୍ଦ୍ର ବହିଦାର ତାଙ୍କ ପ୍ରସ୍ତାବକ ରହିଛନ୍ତି । ଶୋଭାଯାତ୍ରାରେ ରେଢ଼ାଖୋଲ ବିଧାନସଭା ପ୍ରାର୍ଥୀ ଆସଫଅଲ୍ଲି ଖାନ୍, ସୁତାପା ମିତ୍ର, ବିଜୟଲକ୍ଷ୍ମୀ ବେହେରା ପ୍ରମୁଖ ସାମିଲ ଥିଲେ । କିନ୍ତୁ ସମ୍ବଲପୁର ସହରର ପୁରୁଣା ଓ ନୂତନ କଂଗ୍ରେସ କର୍ମୀ, ନେତାଙ୍କୁ ଦେଖିବାକୁ ମିଳି ନ ଥିଲା । ବିଏସପି ପ୍ରାର୍ଥୀ ମହମ୍ମଦ ମୁସ୍ତକିମ୍ ସମର୍ଥକଙ୍କ ସହ ମୁଦିପଡା ଛକସ୍ଥିତ ଅମ୍ବେଡ଼କରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରୁ ଶୋଭାଯାତ୍ରାରେ ବାହାରିଥିଲେ । ହମିଦ ରେହେମାନ୍ ତାଙ୍କ ପ୍ରସ୍ତାବକ ରହିଛନ୍ତି । ତାଙ୍କ ସହ ବିଏସପି ଜିଲା ସଭାପତି ନିହାଲ ସିଂ, ବାବା ବାଗ, ସୁରେଶ ବାଗ, ମହମ୍ମଦ ଜାହିର ହୁସେନ ଉପସ୍ଥିତ ଥିଲେ । ସେହିପରି ପ୍ରଗତିଶୀଳ ସମାଜବାଦୀ ପାର୍ଟି ଲୋକସଭା ପ୍ରାର୍ଥୀ ଆତ୍ମାରାମ ସୁପକାର ସମର୍ଥକଙ୍କ ସହ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ରାଜାରାମ ସୁପକାର, ସବିତା ସୁପକାର, ଘନଶ୍ୟାମ ସୁପକାର, ସ୍ୱବର୍ଣ୍ଣମୟୀ ସୁପକାର, ଅରୁଣା ସୁପକାର, ଶିବଶଙ୍କର ସାହୁ, ନିରୁପମା ସାହୁ, ଆଶୁତୋଷ ସାହୁ, ଏସ.କେ. ଓଜିର ପ୍ରସ୍ତାବକ ରହିଛନ୍ତି । ସମ୍ବଲପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ଭୀମସାର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ପୂଜାହାରୀ ଇଷ୍ଟଦେବୀ ସମଲେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା କରିଥିଲେ । ଏହାପରେ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲାପାଳଙ୍କ ଅଫିସରେ ପହଞ୍ଚି ଥିଲେ ।







ସମ୍ବଲପୁର ଲୋକସଭା ଆସନ ପାଇଁ ବିଏସପି ପ୍ରାର୍ଥୀ ମହମ୍ମଦ ମୁସ୍ତକିମ୍ (ବାମ), ପିଏସପି ଲୋକସଭା ପ୍ରାର୍ଥୀ ଆତ୍ମାରାମ ସୁପକାର (ମଝି) ଏବଂ ବିଏସପି ବିଧାନସଭା ପ୍ରାର୍ଥୀ ଦିଲୀପ ସିଂ ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି ।



“ ନରେନ୍ଦ୍ର ମୋଦି କେବଳ ପାକିସ୍ତାନ ସମ୍ପର୍କରେ ମନ୍ତବ୍ୟ ଦେଇ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ମର୍ଯ୍ୟାଦାକୁ ନ୍ୟୁନ କରିଦେଇଛନ୍ତି ।
- କପିଲ ସିବଲ, ବରିଷ୍ଠ କଂଗ୍ରେସ ନେତା





ତାଜମହଲ ପ୍ରତିଷ୍ଠାତା ମୋଗଲ ସମ୍ରାଟ ଶାହ ଜାହାନଙ୍କ ୩୬୪ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଆଗ୍ରାରେ ୧, ୦୦୦ ମିଟରରୁ ଊର୍ଦ୍ଧ୍ୱ ଲମ୍ବର ଚାଦରକୁ ସ୍ୱେଚ୍ଛାସେବୀମାନେ ଧରିଛନ୍ତି।




ତାମିଲନାଡୁର ମଦୁରାଇରେ ମକ୍କଲ ନିଧି ମୈୟମ୍ ପ୍ରାର୍ଥୀ ଏମ୍. ଅଝଗରଙ୍କ ପାଇଁ ପ୍ରଚାର କରୁଛନ୍ତି ଦଳର ଅଧକ୍ଷ କମଲ ହାସନ।




ଉତ୍ତରପ୍ରଦେଶର ଗୌତମବୁଦ୍ଧ ନଗର ଜିଲାର କଚେରାକୁ ସ୍ଥାନୀୟ ଭାଜପା ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ମହେଶ ଶର୍ମା ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିଛନ୍ତି। ମହେଶଙ୍କୁ ଉକ୍ତ ଗ୍ରାମରେ ପ୍ରବେଶ ନିଷେଧ କରି ଗ୍ରାମବାସୀ ଏକ ସାଇନ୍‌ବୋର୍ଡ ଲଗାଇଛନ୍ତି।

# ୱାୟନାଡ୍‌ରୁ ଏକତା ବାର୍ତ୍ତା
## ନାମାଙ୍କନପତ୍ର ଦାଖଲ କଲେ ରାହୁଲ

ୱାୟନାଡ୍,୪।୪(ପି.ଟି.)

ଭାରତର ପୂର୍ବ, ପଶ୍ଚିମ, କେନ୍ଦ୍ର, ଉତ୍ତର ଓ ଦକ୍ଷିଣ ଗୋଟିଏ। ସାରା ଦେଶରେ ଭାଜପା ଏବଂ ଆର୍‌ଏସ୍‌ଏସ୍ ପକ୍ଷରୁ ଆକ୍ରମଣ କରାଯାଉଛି। ଦେଶବାସୀଙ୍କୁ ଏହା ଅବଗତ କରାଇ ଏକତାର ସନ୍ଦେଶ ଦେବା ପାଇଁ କେରଳର ୱାୟନାଡ୍‌କୁ ଆସିଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ରାହୁଲ ୱାୟନାଡ୍ ଲୋକ ସଭା ଆସନ ପାଇଁ ଗୁରୁବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ବୁଧବାର ରାତିରେ କୋଝିକୋଡ୍‌ର ଏକ ଗେଷ୍ଟହାଉସ୍‌ରେ ପହଞ୍ଚିଥିଲେ। ଗୁରୁବାର ସକାଳେ ଉଭୟେ ଏକ ହେଲିକପ୍ଟରରେ ୱାୟନାଡ୍ ଯାଇ ରୋଡ୍ ଶୋ’ କରିଥିଲେ। ଭଉଣୀଭାଇଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



କେରଳର ୱାୟନାଡ୍ ଲୋକ ସଭା ଆସନରୁ ଜିଲାପାଳ ଏ.ଜେ. ଅଜୟକୁମାରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ।

ନାମାଙ୍କନପତ୍ର ଦାଖଲ ପରେ ୪୮ ବର୍ଷୀୟ ରାହୁଲ କହିଛନ୍ତି, ସିପିଆଇଏମ୍‌ର ସମସ୍ତ ଆକ୍ରମଣକୁ ସେ ଖୁସିମନରେ ବରଦାସ୍ତ କରିବେ। ତାଙ୍କ ପ୍ରାର୍ଥିତ୍ୱକୁ ନେଇ ଅସନ୍ତୁଷ୍ଟ ଥିବା ବାମଦଳଗୁଡ଼ିକ ବିରୋଧରେ ପ୍ରଚାର ବେଳେ କିଛି କହିବେ ନାହିଁ। ଦେଶ ସମ୍ମୁଖୀନ ହେଉଥିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦୁଇଟି ପ୍ରସଙ୍ଗ ହେଲା କର୍ମନିଯୁକ୍ତିର ଅଭାବ ଓ ଚାଷୀ ସମସ୍ୟା। କୃଷକମାନେ ନିଜ ଭବିଷ୍ୟତ ନେଇ ସଚେତନ ନୁହନ୍ତି। ଯୁବପିଢ଼ି ଚାକିରି ପାଇଁ ରାଜ୍ୟ ରାଜ୍ୟ ବୁଲୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଭୟ କ୍ଷେତ୍ରରେ ବିଫଳ ହୋଇଛନ୍ତି। ମୋଦି ଯେତେବେଳେ ନିଜକୁ ଚୌକିଦାର ବୋଲି କହିଥିଲେ ଦେଶ ତାଙ୍କୁ ବିଶ୍ୱାସ କରିଥିଲା। ହେଲେ ଚୌକିଦାର ବାୟୁସେନାର ୩୦,୦୦୦ କୋଟି ଟଙ୍କା ଚୋରି କରି ଯୁଦ୍ଧବିମାନ ନିର୍ମାଣରେ ଅନୁଭୂତି ନ ଥିବା ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ଦେଇଦେଲେ ବୋଲି ରାଫାଲ ଚୁକ୍ତି ପ୍ରସଙ୍ଗରେ ମୋଦିଙ୍କୁ ପୁଣିଥରେ ଟାର୍ଗେଟ କରିଛନ୍ତି କଂଗ୍ରେସ ମୁଖ୍ୟ। ନରେନ୍ଦ୍ର ମୋଦି ସରକାର ଯେଭଳି କାର୍ଯ୍ୟ କରୁଛନ୍ତି, ସେଥିରୁ ଦକ୍ଷିଣ ଭାରତୀୟଙ୍କ ମଧ୍ୟରେ ସେମାନଙ୍କ ସଂସ୍କୃତି, ଭାଷା ଓ ଇତିହାସ ପ୍ରତି ଆକ୍ରମଣ କରାଯାଉଥିବା ଭାବନା ସୃଷ୍ଟି ହୋଇଛି। ଏଥିଲାଗି ରାହୁଲ ଏକତାର ବାର୍ତ୍ତା ପଠାଇବା ପାଇଁ ଉଭୟ ଉତ୍ତର (ଆମେଠି) ଓ ଦକ୍ଷିଣ (ୱାୟନାଡ୍)ରୁ ନିର୍ବାଚନ ଲଢୁଥିବା ସ୍ପଷ୍ଟ କରିଛନ୍ତି। ଜିଲାପାଳ ଏ.ଜେ. ଅଜୟକୁମାରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ ବେଳେ ରାହୁଲଙ୍କ ସହ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା, ବରିଷ୍ଠ ନେତା କେ.ସି. ବେଣୁଗୋପାଳ ଓ ମୁକୁଲ ୱାସ୍‌ନିକ୍ ଉପସ୍ଥିତ ଥିଲେ। ପ୍ରକାଶ ଯେ, କେରଳର ସମସ୍ତ ୨୦ ଲୋକ ସଭା ଆସନରେ ଏପ୍ରିଲ ୨୩ରେ ଭୋଟଗ୍ରହଣ କରାଯିବ।

### ‘ନିରାଶ କରିବେନି ଭାଇ’

ନୂଆଦିଲ୍ଲୀ,୪।୪(ପି.ଟି.)-ବଡ଼ଭାଇ ରାହୁଲ ଗାନ୍ଧୀ ବହୁତ ସାହସୀ। ସେ ମୋ ପ୍ରକୃତ ବନ୍ଧୁ। ୱାୟନାଡ୍‌ବାସୀ ତାଙ୍କ କଥା ଶୁଣନ୍ତୁ। ସେ ତୁମକୁ କେବେ ତଳେ ପକାଇବେ ନାହିଁ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଟୁଇଟ୍ କରିଛନ୍ତି। ୱାୟନାଡ୍‌ରେ ରାହୁଲ ନାମାଙ୍କନପତ୍ର ଦାଖଲ କରି ଉଭୟେ ହେଲିକପ୍ଟରରେ ନୂଆଦିଲ୍ଲୀ ଫେରିବା ପରେ ପ୍ରିୟଙ୍କା ଏହି ଆବେଗପୂର୍ଣ୍ଣ ଅନୁରୋଧ କରିଛନ୍ତି।

## ଖବରଦାତାଙ୍କ ଜୋତା ଧରିଲେ ପ୍ରିୟଙ୍କା



ୱାୟନାଡ୍,୪।୪

କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀ ୱାୟନାଡ୍‌ରେ ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଥିବାବେଳେ ତାଙ୍କ ସହ ଭଉଣୀ ତଥା ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଥିଲେ। ରୋଡ୍ ଶୋ’ ପରେ ଜିଲାପାଳଙ୍କ ଅଫିସ୍‌ରେ ରାହୁଲ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ସମୟରେ ଜଣେ ଖବରଦାତା ହଠାତ୍ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ଷ୍ଟ୍ରେଚରରେ ଆମ୍ବୁଲାନ୍ସକୁ ନେବାପାଇଁ ରାହୁଲ ଲୋକଙ୍କୁ ସାହାଯ୍ୟ କରୁଥିବାବେଳେ ଭଉଣୀ ପ୍ରିୟଙ୍କା ଖବରଦାତାଙ୍କ ଜୋତା ହାତରେ ଧରିଥିଲେ। ଏହି ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## ୱାୟନାଡ୍ ସହ ଆବେଗିକ ସମ୍ପର୍କ

ୱାୟନାଡ୍,୪।୪(ପି.ଟି.)

କେରଳର ୱାୟନାଡ୍ ସହିତ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଆବଗିକ ସମ୍ପର୍କ ରହିଛି ବୋଲି ଗୁରୁବାର ଦଳର ନେତୃବୃନ୍ଦ କହିଛନ୍ତି। କେରଳ ବିଧାନସଭାର ବିରୋଧୀ ଦଳ ନେତା ରମେଶ ଚେନ୍ନିଥାଲା ଅତୀତର କଥା ସ୍ମରଣ କରି କହିଛନ୍ତି, ୧୯୯୧ ମେ ୨୧ରେ ରାହୁଲଙ୍କ ବାପା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କୁ ତାମିଲନାଡୁର ଶ୍ରୀପେରୁମ୍ବୁଦୁର ସଭାରେ ଆତ୍ମଘାତୀ ବିସ୍ଫୋରଣରେ ହତ୍ୟା କରାଯାଇଥିଲା। ରାଜୀବଙ୍କ ଚିତାଭସ୍ମ ଭର୍ତ୍ତି ଏକ କଳସ ୱାୟନାଡ୍‌କୁ ଅଣାଯାଇଥିଲା। ତାକୁ ଥିରୁନେଲ୍ଲୀ ଗ୍ରାମରେ ଭଗବାନ ମହାବିଷ୍ଣୁଙ୍କ ମନ୍ଦିରକୁ ସମର୍ପିତ ପାପନାଶିନୀ ଝରଣାରେ ବିସର୍ଜନ କରାଯାଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ କେ. କରୁଣାକରନ୍, କଂଗ୍ରେସ ନେତା କେ.ସି. ବେଣୁଗୋପାଳଙ୍କ ସହ ରମେଶ ବିସର୍ଜନ ବେଳେ ସାମିଲ ଥିଲେ। ରାହୁଲ ପ୍ରଚାରବେଳେ ବିସର୍ଜନ ସ୍ଥାନକୁ ଯାଇ ବାପାଙ୍କୁ ଶ୍ରଦ୍ଧାଞ୍ଜଳି ଦେବେ ବୋଲି ରମେଶ କହିଛନ୍ତି।

## ଆମେଠିକୁ ଅପମାନ

ଆମେଠି,୪।୪(ପି.ଟି.)

ଲୋକ ସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା ପରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଉତ୍ତରପ୍ରଦେଶର ଆମେଠିକୁ ଗୁରୁବାର ପ୍ରଥମଥର ପାଇଁ ପ୍ରଚାରରେ ଯାଇ କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀଙ୍କ ଉପରେ ବର୍ଷିଛନ୍ତି। ରାହୁଲ ୱାୟନାଡ୍‌ରୁ ନିର୍ବାଚନ ଲଢ଼ିବା ଆମେଠି ପାଇଁ ଅପମାନ ବୋଲି ସେ ସମାଲୋଚନା କରିଛନ୍ତି।

ଆମେଠି ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଇରାନୀ ପରଦେଶପୁରରେ ଏକ ଦଳୀୟ ସଭାକୁ ସମ୍ବୋଧିତ କରି ନିଜକୁ ସେଠାକାର ଭୋଟରଙ୍କ ଦିଦି (ବଡ଼ଭଉଣୀ) ବୋଲାଇଛନ୍ତି। ସେ କହିଛନ୍ତି, ଏହା ଏକ ସଂଯୋଗ ଯେ ଦିଦି ଏଠାରେ ପହଞ୍ଚିଥିବାବେଳେ ଏଠାକାର ନିଖୋଜ ଏମ୍‌ପି କେରଳକୁ ନାମାଙ୍କନପତ୍ର ଦାଖଲ କରିବାକୁ ଯାଇଛନ୍ତି। ରାହୁଲ ଲୋକଙ୍କ ଆଶୀର୍ବାଦକୁ ପ୍ରତ୍ୟାଖ୍ୟାନ କରିଥିବାବେଳେ ମୁଁ ଏଠାକୁ ଆଶୀର୍ବାଦ ନେବାକୁ ଆସିଛି। ମେ ୨୩ରେ ଏଠାକାର ଲୋକେ ବନବାସକୁ ଶେଷକରି ଦୀପାବଳି ପାଳନ କରିବା ସହ ବିକାଶ ପଥରେ ଅଗ୍ରସର ହେବେ। ଦୁଇଦିନିଆ ଆମେଠି ଗସ୍ତରେ ଥିବା ଇରାନୀ କଂଗ୍ରେସ, ଏସ୍‌ପି ଏବଂ ବିଏସ୍‌ପିକୁ ସମାଲୋଚନା କରି ଭୋଟ ମାଗିଛନ୍ତି। ୨୦୧୪ରେ ଇରାନୀ ଆମେଠିରୁ ପ୍ରତିଦ୍ୱନ୍ଦ୍ୱିତା କରି ୧ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ରାହୁଲଙ୍କଠାରୁ ହାରିଥିଲେ।



ରାହୁଲଙ୍କ ଗଡ଼ରେ ଗର୍ଜିଲେ ଇରାନୀ

# ପ୍ରଧାନମନ୍ତ୍ରୀଙ୍କୁ ଜାୟେଦ୍ ମେଡାଲ

**ୟୁଏଇର ସର୍ବୋଚ୍ଚ ସମ୍ମାନ**

ନୂଆଦିଲ୍ଲୀ,୪।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଏହାର ସର୍ବୋଚ୍ଚ ସମ୍ମାନ ଜାୟେଦ୍ ମେଡାଲରେ ସମ୍ମାନିତ କରିବ। ଗୁରୁବାର ୟୁଏଇ ରାଷ୍ଟ୍ରପତି ଶେଖ୍ ଖଲିଫା ବିନ୍ ଜାୟେଦ୍ ଅଲ୍ ନାହ୍ୟାନ ଏହି ଘୋଷଣା କରିଛନ୍ତି। ଭାରତ ଏବଂ ୟୁଏଇ ମଧ୍ୟରେ ସମ୍ପର୍କକୁ ମଜଭୁତ କରିବାରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଭୂମିକାର ସ୍ୱୀକୃତି ସ୍ୱରୂପ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ ଆବୁଧାବି ଯୁବରାଜ ମହମ୍ମଦ ବିନ ଜାୟେଦ ଅଲ୍ ନାହ୍ୟାନ ଟୁଇଟ କରି ମୋଦିଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି। ଭାରତ ସହ ୟୁଏଇର ଐତିହାସିକ ତଥା ବ୍ୟାପକ ସାମରିକ ସହଯୋଗ ସମ୍ପର୍କ ରହିଆସିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଯଥେଷ୍ଟ ଆଗେଇ ନେଇଛନ୍ତି। ତାଙ୍କ ଉଦ୍ୟମର ପ୍ରଶଂସା ସ୍ୱରୂପ ରାଷ୍ଟ୍ରପତି ତାଙ୍କୁ ଜାୟେଦ ମେଡାଲରେ ସମ୍ମାନିତ କରିବାକୁ ମନୋନୀତ କରିଥିବା ଯୁବରାଜ ଲେଖିଛନ୍ତି। ୨୦୧୫ ଓ ୨୦୧୮ରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ୟୁଏଇ ଗସ୍ତ ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇଥିଲା। ୨୦୧୭ରେ ୟୁଏଇ ଯୁବରାଜ ଭାରତର ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହୋଇଥିଲେ।

ୟୁଏଇର ଏହି ଘୋଷଣା ପାଇଁ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ କୃତଜ୍ଞତା ଜଣାଇଛନ୍ତି। ଏହା କେବଳ ପ୍ରଧାନମନ୍ତ୍ରୀଙ୍କୁ ସମ୍ମାନ ନୁହେଁ, ସାରା ଦେଶ ଏବଂ ଦେଶବାସୀଙ୍କୁ ସମ୍ମାନ। ଏହାକୁ ସେ ଅତ୍ୟନ୍ତ ଖୁସିର ସହ ସ୍ୱାଗତ କରୁଥିବା ସୁଷମା କହିଛନ୍ତି। ୟୁଏଇର ସର୍ବୋଚ୍ଚ ସମ୍ମାନ କେବଳ ରାଜା, ରାଷ୍ଟ୍ରପତି ଏବଂ ରାଷ୍ଟ୍ରମୁଖ୍ୟମାନଙ୍କୁ ପ୍ରଦାନ କରାଯାଇଥାଏ। ପୂର୍ବରୁ ଏହି ସମ୍ମାନ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍, ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ, ବ୍ରିଟେନ ରାଣୀ ଦ୍ୱିତୀୟ ଏଲିଜାବେଥ୍‌ଙ୍କୁ ମିଳିଛି।

# ମିଶେଲଙ୍କ ବିରୋଧରେ ଚାର୍ଜଶିଟ୍

**ଅଗୁସ୍ତା ମାମଲା**

ନୂଆଦିଲ୍ଲୀ,୪।୪(ପି.ଟି.)

ଅଗୁସ୍ତା ୱେଷ୍ଟଲ୍ୟାଣ୍ଡ ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟସ୍ଥ ଖ୍ରୀଷ୍ଟିଆନ ମିଶେଲ ଓ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଗୁରୁବାର ଦିଲ୍ଲୀର ଏକ ଅଦାଲତରେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଛି। ଏହି ଚୁକ୍ତିନାମା ପାଇଁ ସେମାନେ ୪୨ ନିୟୁତ ୟୁରୋ ଲାଞ୍ଚ ନେଇଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ ଅଛି। ୩୦୦୦ ପୃଷ୍ଠାର ଏହି ଅଭିଯୋଗ ଫର୍ଦ୍ଦରେ ମିଶେଲଙ୍କ ବ୍ୟବସାୟ ସହଯୋଗୀ ଡାଭିଡ ସିମ୍ସ, ସେମାନଙ୍କ ମାଲିକାନାରେ ଥିବା ଦୁଇଟି କମ୍ପାନୀ ଗ୍ଲୋବାଲ ଟ୍ରେଡ ଆଣ୍ଡ କମର୍ସ ଲିଃ ଏବଂ ଗ୍ଲୋବାଲ ସର୍ଭିସେସ୍ ଏଫ୍‌ଜେଡ୍‌ଇକୁ ଅଭିଯୁକ୍ତ ଦର୍ଶାଯାଇଛି। ଏନେଇ ଆସନ୍ତା ୬ରେ ଅଭିଯୁକ୍ତମାନଙ୍କୁ ସମନ କରାଯିବ ବୋଲି ସ୍ୱତନ୍ତ୍ର ଜଜ୍ ଅରବିନ୍ଦ କୁମାର କହିଛନ୍ତି।

୨୦୧୬ ଜୁନ୍‌ରେ ଦାଖଲ ପ୍ରଥମ ଚାର୍ଜଶିଟ୍‌ରେ ମିଶେଲ ଓ ଅନ୍ୟମାନେ ଅଗୁସ୍ତା ୱେଷ୍ଟଲ୍ୟାଣ୍ଡ କମ୍ପାନୀରୁ ୩୦ ନିୟୁତ ୟୁରୋ (ପାଖାପାଖି ୨୨୫ କୋଟି ଟଙ୍କା) ଗ୍ରହଣ କରିଥିବା ଉଲ୍ଲେଖ ଥିଲା। ମିଶେଲ ଏବଂ ସିମ୍ସ ସେମାନଙ୍କ କମ୍ପାନୀ ମାଧ୍ୟମରେ ଉକ୍ତ ଟଙ୍କା ଗ୍ରହଣ କରିଥିଲେ, କିନ୍ତୁ ଏଥିପାଇଁ କୌଣସି କାର୍ଯ୍ୟ ସେମାନେ ହାତକୁ ନେଇ ନ ଥିଲେ। ଉପରୋକ୍ତ ଦୁଇ କମ୍ପାନୀରୁ ଟଙ୍କା ଅନ୍ୟମାନଙ୍କ ପାଖକୁ ଯାଇଥିଲା ବୋଲି ଇଡିଙ୍କ ସ୍ୱତନ୍ତ୍ର ସରକାରୀ ଓକିଲ ଡି.ପି. ସିଂ ଏବଂ ଏନ୍.କେ. ମାତ୍ତ କୋର୍ଟଙ୍କୁ କହିଛନ୍ତି।

ଅଗୁସ୍ତା କମ୍ପାନୀରୁ ୧୨ଟି ଭିଭିଆଇପି ହେଲିକପ୍ଟର କିଣିବା ପାଇଁ ହୋଇଥିବା ଚୁକ୍ତିନାମା ବାବଦରେ ମୋଟ ୭୦ ନିୟୁତ ୟୁରୋ କାରବାର ହୋଇଥିଲା। ସେଥିରୁ ୨୮ ନିୟୁତ ୟୁରୋ ଅନ୍ୟ ବାଟ ଦେଇ ଆସିଥିଲା, ଯେଉଁଥିରେ ଆଇନଜୀବୀ ଗୌତମ ଖୈତାନ, ରାଜୀବ ସାକ୍ସେନା ଏବଂ ତାଙ୍କ ସ୍ତ୍ରୀ ଶିବାନୀ ଓ ସେମାନଙ୍କ କମ୍ପାନୀ ଅଭିଯୁକ୍ତ ରହିଛି। ଗତବର୍ଷ ଡିସେମ୍ବରରେ ଦୁବାଇ ମିଶେଲଙ୍କୁ ଭାରତ ପ୍ରତ୍ୟର୍ପଣ କରିଥିଲା। ଅନ୍ୟ ଦୁଇ ମଧ୍ୟସ୍ଥ ଗୁଇଡୋ ହାଶ୍କେ ଏବଂ କାର୍ଲୋ ଗେରୋସାଙ୍କ ବିରୋଧରେ ଇଡି ଏବଂ ସିବିଆଇ ତଦନ୍ତ ଚଳାଇଛନ୍ତି।



**ଇତିହାସର ଆଇନାରେ**

### ଏପ୍ରିଲ ୫ର ପ୍ରମୁଖ ଘଟଣା

୧୯୦୮ ଏପ୍ରିଲ ୫ରେ ଭାରତୀୟ ରାଜନେତା ବାବୁ ଜଗଜୀବନ ରାମଙ୍କ ଜନ୍ମ। ୧୯୪୬ରେ ସେ ଜବାହରଲାଲ୍ ନେହେରୁଙ୍କ ପ୍ରଥମ କ୍ୟାବିନେଟରେ ସର୍ବକନିଷ୍ଠ ମନ୍ତ୍ରୀ ଭାବେ ଶ୍ରମ ମନ୍ତ୍ରଣାଳୟ ଦାୟିତ୍ୱ ତୁଲାଇଥିଲେ। ଭାରତର ସମ୍ବିଧାନ ସଭାର ମଧ୍ୟ ସେ ସଦସ୍ୟ ଥିଲେ। ସାମାଜିକ ନ୍ୟାୟକୁ ସମ୍ବିଧାନରେ ସଂସ୍ଥାପିତ କରିବାରେ ତାଙ୍କର ମୁଖ୍ୟ ଭୂମିକା ଥିଲା। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ସେ ପ୍ରତିରକ୍ଷା ମନ୍ତ୍ରୀ ଥିଲେ। ସବୁଜ ବିପ୍ଳବ, ଭାରତୀୟ କୃଷିର ଆଧୁନିକୀକରଣରେ ତାଙ୍କର ଅବଦାନ ସ୍ମରଣୀୟ।

୧୯୫୭ ଏପ୍ରିଲ ୫ରେ କମ୍ୟୁନିଷ୍ଟ ପାର୍ଟି କେରଳରେ ପ୍ରଥମେ ନିର୍ବାଚନ ଜିତି ସରକାର ଗଢ଼ିଥିଲା ଏବଂ ଇ.ଏମ୍.ଏସ୍. ନମ୍ବୁଦ୍ରିପଦ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ସେ ୧୯୫୭ରୁ ୧୯୫୯ ଏବଂ ପରେ ୧୯୬୭ରୁ ୧୯୬୯ କେରଳର ମୁଖ୍ୟମନ୍ତ୍ରୀ ଥିଲେ। ସେ ଦେଶର ପ୍ରଥମ ଅଣକଂଗ୍ରେସ ମୁଖ୍ୟମନ୍ତ୍ରୀ ହୋଇପାରିଥିଲେ। ୧୯୬୪ରେ ସେ ସିପିଆଇର ଗୋଟିଏ ଗୋଷ୍ଠୀକୁ ନେଇ ସିପିଆଇ(ଏମ୍) ଗଠନ କରି ଥିଲେ।

## ଆଜି ରିଲିଜ୍ ହେବନି ମୋଦିଙ୍କ ବାୟୋପିକ୍

ମୁମ୍ବାଇ/ନୂଆଦିଲ୍ଲୀ,୪।୪(ପି.ଟି.)

ପ୍ରଧାନମନ୍ତ୍ରୀଙ୍କ ବାୟୋପିକ୍ ‘ପିଏମ୍ ନରେନ୍ଦ୍ର ମୋଦି’ ଶୁକ୍ରବାର ରିଲିଜ୍ ହେବନାହିଁ। ପରବର୍ତ୍ତୀ ନୋଟିସ ଯାଏ ଏହାର ମୁକ୍ତିଲାଭ ତାରିଖକୁ ଘୁଞ୍ଚାଇ ଦିଆଯାଇଥିବା ପ୍ରଯୋଜକ ସନ୍ଦୀପ ସିଂ ଗୁରୁବାର ଟୁଇଟର୍‌ରେ ସ୍ପଷ୍ଟ କରିଛନ୍ତି।

ମୋଦିଙ୍କ ବାୟୋପିକ୍ ଏପ୍ରିଲ ୫ରେ ମୁକ୍ତିଲାଭ କରିବାର ଥିଲା। ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନର ସପ୍ତାହେ ପୂର୍ବରୁ ଏହାର ରିଲିଜ୍ ତାରିଖ ଧାର୍ଯ୍ୟ କରାଯାଇଥିବାରୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହେଉଥିବା ଦର୍ଶାଇ କଂଗ୍ରେସ ନିର୍ବାଚନ କମିଶନଙ୍କ ନିକଟରେ ଏହାକୁ ସ୍ଥଗିତ କରିବାକୁ ଦାବି କରିଥିଲା। ଫିଲ୍ମ ମୁକ୍ତିଲାଭ କଲେ ଭାଜପାକୁ ଫାଇଦା ମିଳିବ ବୋଲି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଆପତ୍ତି ଉଠାଇଥିଲେ। ଅନ୍ୟପକ୍ଷରେ କଂଗ୍ରେସ ମୁଖପାତ୍ର ଅମନ ପନୱାର ଏହାର ରିଲିଜ ଉପରେ ସ୍ଥଗିତାଦେଶ ଜାରି କରିବାକୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଙ୍ଘଭି ଏକ ପିଟିଶନ ଦାଏର କରିଥିଲେ। ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସୋମବାର ଏହାର ଶୁଣାଣି କରିବାକୁ ରାଜି ହୋଇଛନ୍ତି। ଏହା ପୂର୍ବରୁ ବିବେକ ଓବେରୟଙ୍କ ଅଭିନୀତ ଏହି ଫିଲ୍ମର ମୁକ୍ତିଲାଭ ଉପରେ ହସ୍ତକ୍ଷେପ କରିବାକୁ ମଧ୍ୟପ୍ରଦେଶ ଏବଂ ବମ୍ବେ ହାଇକୋର୍ଟ ମନା କରିଦେଇଥିଲେ।

**ସୁପ୍ରିମକୋର୍ଟରେ ସୋମବାର ଶୁଣାଣି**



## ନିର୍ବାଚନ ସ୍ଥଗିତ ଲାଗି କୃଷକ ହାଇକୋର୍ଟଙ୍କ ଦ୍ୱାରସ୍ଥ

ହାଇଦ୍ରାବାଦ,୪।୪

ଆସନ୍ତା ୧୧ ତାରିଖରେ ନିଜାମାବାଦ ଲୋକ ସଭା ନିର୍ବାଚନ ମଣ୍ଡଳୀରେ ମତଦାନ ସ୍ଥଗିତ ରଖିବା ପାଇଁ ସେଠାର କେତେଜଣ କୃଷକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଚାର ଲାଗି ଯଥେଷ୍ଟ ସମୟ ନିମନ୍ତେ ନିର୍ବାଚନ ତାରିଖ ଗୋଟିଏ ସପ୍ତାହ ଘୁଞ୍ଚାଇବାକୁ ନିର୍ବାଚନ କମିଶନ (ଇସି)ଙ୍କୁ ନିର୍ଦ୍ଦେଶ ଦେବାକୁ ଗୁରୁବାର ସେମାନେ ତେଲେଙ୍ଗାନା ହାଇକୋର୍ଟରେ ଆବେଦନ କରିଛନ୍ତି। ଏହା ବ୍ୟତୀତ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ବଦଳରେ ବାଲଟ ପେପର ବ୍ୟବହାର ପାଇଁ ମଧ୍ୟ ନିର୍ଦ୍ଦେଶ ଦେବାକୁ ସେମାନେ କୋର୍ଟଙ୍କୁ ନିବେଦନ କରିଛନ୍ତି। ଏହି ଆସନରୁ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ କନ୍ୟା କେ. କବିଥା ନିର୍ବାଚନ ଲଢୁଛନ୍ତି। କୋର୍ଟ ମାମଲାର ଶୁଣାଣି ୮ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଶାସକ ଟିଆର୍‌ଏସ୍‌ର କୃଷି ନୀତିକୁ ବିରୋଧ କରି ୧୭୦ରୁ ଊର୍ଦ୍ଧ୍ୱ କୃଷକ ନାମାଙ୍କନପତ୍ର ଦାଖଲ କରିଛନ୍ତି।

## ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀଙ୍କ ବାସଭବନରେ କମାଣ୍ଡୋଙ୍କ ଆତ୍ମହତ୍ୟା

**କଲମ୍ବୋ,୪।୪(ଆଇଏଏନ୍‌ଏସ୍)–** ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଙ୍ଘେଙ୍କ ସରକାରୀ ବାସଭବନରେ ଜଣେ ପୋଲିସ କମାଣ୍ଡୋ ଗୁରୁବାର ନିଜ ବନ୍ଧୁକରୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ମୃତ ୩୦ ବର୍ଷୀୟ ଗୋଡାଡେନିୟାଲାଗେ ଦିଲ୍‌ରୁକ୍‌ସା ସମରାସିଙ୍ଘେ ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍)ର ଜଣେ ସଦସ୍ୟ। ପ୍ରଧାନମନ୍ତ୍ରୀଙ୍କ ବାସଭବନର ଚେକ୍‌ପଏଣ୍ଟଠାରେ ସେ ନିଜ ମୁଣ୍ଡକୁ ଗୁଳି କରିଥିଲେ। ତାଙ୍କ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ ପ୍ରେମ ସମ୍ପର୍କରୁ ସେ ଏପରି କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ତଦନ୍ତ ଜାରି ରହିଛି। ଶ୍ରୀଲଙ୍କା ପାର୍ଲାମେଣ୍ଟରେ ସୈନ୍ୟବାହିନୀ ଓ ପୋଲିସ ବିଭାଗ ବଜେଟ ଉପରେ ଗୁରୁବାର ଆଲୋଚନା ଚାଲିଥିବାବେଳେ ଜଣେ ବିରୋଧୀ ଦଳ ସଦସ୍ୟ କମାଣ୍ଡୋଙ୍କ ଆତ୍ମହତ୍ୟା ପ୍ରସଙ୍ଗ ଉଠାଇଥିଲେ। ଏହା ଉପରେ ସରକାରଙ୍କ ପକ୍ଷରୁ ତତ୍କାଳ କୌଣସି ବିବୃତି ଦିଆଯାଇ ନାହିଁ।

# କଳା ତାଲିକାଭୁକ୍ତ ହୋଇପାରେ ପାକ୍

ଲାହୋର,୪।୪

ନିଷିଦ୍ଧ ଆତଙ୍କବାଦୀ ସଂଗଠନଗୁଡିକ ବିରୋଧରେ ପର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ନଥିବା ପାକିସ୍ତାନକୁ ପ୍ୟାରିସ୍‌ସ୍ଥିତ ଆର୍ଥିକ କାର୍ଯ୍ୟାନୁଷ୍ଠାନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) କଳାତାଲିକାଭୁକ୍ତ କରିପାରେ। ଆତଙ୍କବାଦୀ ସଂଗଠନଗୁଡିକୁ ପାଣ୍ଠି ଯୋଗାଣ ବନ୍ଦ କରିବା ଏବଂ ସେମାନଙ୍କ କାର୍ଯ୍ୟକ୍ରମ ରୋକିବାରେ ଇସ୍‌ଲାମାବାଦ ଯଥେଷ୍ଟ ପଦକ୍ଷେପ ନେଉ ନ ଥିବାରୁ ଗତବର୍ଷ ଜୁନ୍‌ରେ ଏଫ୍‌ଏଟିଏଫ୍ ଏହାକୁ ଧୂସର ଦେଶ ତାଲିକା(ଗ୍ରେ ଲିଷ୍ଟ)ରେ ସାମିଲ କରିଥିଲା। ଏହାର ଅର୍ଥ ମନିଲଣ୍ଡରିଂ ଏବଂ ଆତଙ୍କବାଦୀଙ୍କୁ ପାଣ୍ଠିଯୋଗାଣ ଭଳି ଚ୍ୟାଲେଞ୍ଜକୁ ନିୟନ୍ତ୍ରଣ କରିବାରେ ପାକିସ୍ତାନର ଘରୋଇ ଆଇନ ଦୁର୍ବଳ ବିବେଚିତ ହୋଇଥିଲା।

ନିକଟରେ ଏଫ୍‌ଏଟିଏଫ୍‌ର ଏକ ବିଶେଷଜ୍ଞ ଦଳ ପାକିସ୍ତାନ ଗସ୍ତରେ ଆସି ସ୍ଥିତି ସମୀକ୍ଷା କରିଥିଲେ। ତେବେ ଇସ୍‌ଲାମିକ୍ ଷ୍ଟେଟ୍ ଗ୍ରୁପ୍, ଅଲ୍-କାଏଦା, ଜମାତ-ଉଦ୍-ଦାୱା, ଫଲାହ-ଇ-ଇନ୍‌ସାନିଅତ, ଲସ୍କର-ଇ-ତୋଇବା, ଜୈଶ୍-ଇ-ମହମ୍ମଦ, ହକ୍କାନି ନେଟ୍‌ୱର୍କ ଏବଂ ତାଲିବାନ ସହ ସମ୍ପୃକ୍ତ ସଂଗଠନର ଆତଙ୍କବାଦ ପାଣ୍ଠି ସୃଷ୍ଟି ରୋକିବାରେ ଇସ୍‌ଲାମାବାଦ ବିଶେଷ କିଛି ପଦକ୍ଷେପ ନେଇ ନଥିବା ସେମାନେ ଜାଣିବାକୁ ପାଇଛନ୍ତି। ଯଦି ପାକିସ୍ତାନ କ୍ରମାଗତ ଭାବେ ଏହି ଧୂସର ତାଲିକାରେ ରୁହେ ତେବେ ବର୍ଷକୁ ୧୦ ବିଲିୟନ ଡଲାର ପର୍ଯ୍ୟନ୍ତ ହରାଇବ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ ସ୍ୱୀକାର କରିଛନ୍ତି।

## ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ

# ମଇଦାନରେ ଛାତ୍ର, ବରିଷ୍ଠ, ପ୍ରଶାସକ

ନିର୍ମଳ ପଣ୍ଡା
କଟକ ଅଫିସ, ୪।୪


ସୌଭିକ ବିଶ୍ୱାଳ


ନୟନ କିଶୋର ମହାନ୍ତି


ଜଗଦୀଶ ଚନ୍ଦ୍ର ମହାନ୍ତି

ଆସନ୍ତା ୨୩ ତାରିଖ ତୃତୀୟ ପର୍ଯ୍ୟାୟରେ କଟକରେ ହେବ ନିର୍ବାଚନ। ଇତିମଧ୍ୟରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ ଜାରି ରଖିଛନ୍ତି। ହାତରେ ଖୁବ୍ କମ୍ ସମୟ ଥିବାରୁ ବିଭିନ୍ନ ଦଳୀୟ ତଥା ସ୍ୱାଧୀନ ପ୍ରାର୍ଥୀମାନେ ନିର୍ବାଚନୀ କ୍ଷେତ୍ର ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ଶୋଭାଯାତ୍ରା, ପଥପ୍ରାନ୍ତ ସଭା, କର୍ମୀ ସମ୍ମିଳନୀ ଓ ଡୋର୍ କ୍ୟାମ୍ପେନ୍‌ରେ ଦିନରାତି ବି ଅଣ୍ଟୁନି। ଏଭଳି ସ୍ଥିତିରେ ଚୌଦ୍ୱାର-କଟକର ନିର୍ବାଚନୀ ମଇଦାନ ବେଶ୍ ଉଷ୍ମ ହୋଇପଡ଼ିଛି। ଏହି ନିର୍ବାଚନମଣ୍ଡଳୀରେ ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଥିବାବେଳେ ବିଜେଡି ଓ ଭାଜପା ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିସାରିଲେଣି। ତେବେ ବୁଧବାର ବହୁ ବିଳମ୍ବରେ କଂଗ୍ରେସ ଏହି ଆସନରେ ବରିଷ୍ଠ ଆଇଏଏସ୍ ଅଫିସର ତଥା ରାଜସ୍ଥାନର ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଗଦୀଶ ଚନ୍ଦ୍ର ମହାନ୍ତିଙ୍କ ନାମ ଘୋଷଣା କରିଛି। ବିଜେଡି ଛାତ୍ର ନେତା ତଥା ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ପୁଅ ସୌଭିକ ବିଶ୍ୱାଳଙ୍କୁ ପ୍ରାର୍ଥୀ କରିଥିବାବେଳେ ଭାଜପାରୁ ବରିଷ୍ଠ ନେତା ନୟନ କିଶୋର ମହାନ୍ତି ପ୍ରାର୍ଥୀ ହୋଇଛନ୍ତି। ସୌଭିକ ଯଦି ନିର୍ବାଚନ ଜିତନ୍ତି ତେବେ ୨୦୧୯ ବିଧାନସଭାକୁ ୨୮ବର୍ଷ ବୟସର ପ୍ରଥମ ସର୍ବକନିଷ୍ଠ ବିଧାୟକର ମାନ୍ୟତା ପାଇବେ। ଅନ୍ୟପକ୍ଷରେ କଟକ ଲୋକ ସଭା କ୍ଷେତ୍ର ମଧ୍ୟରେ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ରହିଛି। ବର୍ତ୍ତମାନର ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ବିଜେଡି ପୁଣି ପ୍ରାର୍ଥୀ କରିଥିବାବେଳେ ଭାଜପାରୁ ଅବସରପ୍ରାପ୍ତ ଆଇପିଏସ୍ ଅଫିସର ପ୍ରକାଶ ମିଶ୍ର ଓ କଂଗ୍ରେସ ପକ୍ଷରୁ ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି। ତେଣୁ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ଛାତ୍ରନେତା, ବରିଷ୍ଠ ଓ ପ୍ରଶାସକଙ୍କ ମଧ୍ୟରେ ଲଢେଇ ଜୋର୍‌ଦାର ହେବ ବୋଲି ସ୍ପଷ୍ଟ ହେବାରେ ଲାଗିଛି।

୨୦୦୯ରେ ଏହି ଆସନରୁ କଂଗ୍ରେସରୁ ସାବିତ୍ରୀ ଚୌଧୁରୀ ଓ ୨୦୧୪ରେ ସୁରେଶ ମହାପାତ୍ର ବିଧାୟକ ପ୍ରାର୍ଥୀ ହୋଇଥିଲେ। ସାବିତ୍ରୀ ୮୪୯୮ ଖଣ୍ଡ ଓ ସୁରେଶ ୨୪ ହଜାର ୬୫୧ ଖଣ୍ଡ ଭୋଟ ପାଇଥିଲେ। ତେବେ ଏହି ଦୁଇଟି ନିର୍ବାଚନରେ ବିଜେଡିରୁ ପ୍ରଭାତ ବିଶ୍ୱାଳ ପ୍ରାର୍ଥୀ ହୋଇ ଯଥାକ୍ରମେ ୩୨ହଜାର ୭୭୭ ଓ ୪୧ହଜାର ୩୩୧ ବ୍ୟବଧାନରେ ବିଜୟୀ ହୋଇଥିଲେ। ହେଲେ ୨୦୧୯ରେ ଚୌଦ୍ୱାର-କଟକରେ ବିଜେଡିର ବିଜୟଧାରାକୁ ଭାଙ୍ଗିବା ସହିତ କଂଗ୍ରେସକୁ ବିଜୟ ଆଣିଦେବି ବୋଲି ଜଗଦୀଶ କହିଛନ୍ତି। ରାତି ପାହିଲେ ଲୋକେ ଏଠି ସମସ୍ୟାରେ ଘାଣ୍ଟି ହେଉଛନ୍ତି। ଶିଳ୍ପ ପ୍ରତିଷ୍ଠା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିଲେ ମଧ୍ୟ ପ୍ରଶାସନିକ ଉଦାସୀନତା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏଥିରେ ଅନ୍ତରାୟ ସାଜିଛି। ତେଣୁ ଚୌଦ୍ୱାର-କଟକର ବିକାଶ ଓ ବେରୋଜଗାରୀଙ୍କୁ ରୋଜଗାର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଚିଟ୍‌ଫଣ୍ଡ ଦୁର୍ନୀତିରେ ଛନ୍ଦିହୋଇ ଟିକେଟରୁ ବାଦ ପଡ଼ିବା ପରେ ପ୍ରଭାତଙ୍କ ବଦଳରେ ବିଜେଡି ତାଙ୍କ ପୁଅ ସୌଭିକଙ୍କୁ ଏଠାରୁ ଟିକେଟ ଦେଇଛି। ବାପାଙ୍କ ଅମଳରେ ହୋଇଥିବା ବିକାଶଧାରାକୁ ଆଗେଇନେବି। ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଓ ଚୌଦ୍ୱାର-କଟକବାସୀଙ୍କ ଆଶୀର୍ବାଦ ତାଙ୍କୁ ବିଜୟୀ କରିବ ବୋଲି ସୌଭିକ କହିଛନ୍ତି। ମାତ୍ର ଭାଜପା ପ୍ରାର୍ଥୀ ନୟନ କିଶୋର ମହାନ୍ତି ଉଭୟ ଦଳ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ନୟନଙ୍କ ମତରେ ଏହି ଦୁଇ ଦଳ ଉପରେ ଲୋକଙ୍କର ଆଶା ଓ ଭରସା ତୁଟିଯାଇଛି। ଲୋକେ ଏବେ ପରିବର୍ତ୍ତନ ଚାହୁଁଛନ୍ତି। ମୋଦିଙ୍କ ବିକାଶ ଆଗରେ ବିରୋଧୀ ଧରାଶାୟୀ ହେବେ ବୋଲି ନୟନ କହିଛନ୍ତି।

୩ ଦଳର ନେତା ଜିତିବା ପାଇଁ ଦୃଢ ଆଶାବାଦୀ ଥିବାବେଳେ ଦଳ ଭିତରେ ବିଦ୍ରୋହୀଙ୍କ କାର୍ଯ୍ୟ ନିର୍ଣ୍ଣାୟକ ଭୂମିକା ନେବ ବୋଲି ରାଜନୀତି ସମୀକ୍ଷକମାନେ ମତ ଦେଇଛନ୍ତି। କାରଣ ପ୍ରଭାତଙ୍କୁ ବିରୋଧ କରି ଗତ ସପ୍ତାହରେ ବିଜେଡିର ଏକ ଗୋଷ୍ଠୀ ସ୍ଥାନୀୟ ଏକ ହୋଟେଲରେ ଏକଜୁଟ ହୋଇଥିଲେ। ଯଦିଓ ନବୀନଙ୍କ ନିଷ୍ପତ୍ତିକୁ ମାନିନେବେ ବୋଲି ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ ହୋଇଥିଲା କିନ୍ତୁ ପ୍ରଭାତ କିମ୍ବା ତାଙ୍କ ପରିବାରର କାହାକୁ ପ୍ରାର୍ଥୀ ନ କରିବାକୁ ବୈଠକରେ ବିଜେଡି ନେତାମାନେ ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ଦଳର ଜିଲା ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ସମେତ ଡେପୁଟି ମେୟର ଅଜୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଯେହେତୁ ମୁଖ୍ୟମନ୍ତ୍ରୀ ତାଙ୍କୁ ପ୍ରାର୍ଥୀ କରିଛନ୍ତି ତେଣୁ ଆମେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନିବା ପାଇଁ ବାଧ ବୋଲି ପ୍ରଶାନ୍ତ କହିଛନ୍ତି। ସେହିପରି ଭାଜପାରୁ ନୟନଙ୍କ ନାମ ଘୋଷଣା ପରେ ଚୌଦ୍ୱାର-କଟକ ଅଞ୍ଚଳରୁ ବହୁ କର୍ମୀ ଭାଜପା ରାଜ୍ୟ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ଏହି ବିକ୍ଷୋଭ ବିଜେଡି ପ୍ରାୟୋଜିତ ଥିବା ନୟନ କହିଛନ୍ତି। ଠିକ୍ ସେହିପରି କଂଗ୍ରେସରୁ ସୁରେଶ ମହାପାତ୍ର ୨୦୧୪ରେ ଏଠାରୁ ପ୍ରାର୍ଥୀ ହୋଇ ପରାଜୟବରଣ କରିଥିଲେ। ତେଣୁ ସୁରେଶଙ୍କ ଆଭିମୁଖ୍ୟ ଜଗଦୀଶଙ୍କ ପ୍ରତି କ'ଣ ରହିବ ତାହା ଉପରେ ମଧ୍ୟ ରାଜନୀତି ସମୀକ୍ଷକଙ୍କ ନଜର ରହିଛି। ତେବେ ମୁଁ ନିର୍ବାଚନ ଲଢିବି ନାହିଁ ଓ କଂଗ୍ରେସ ପ୍ରାର୍ଥୀଙ୍କୁ ମୋର ପୂର୍ଣ୍ଣମାତ୍ରାରେ ସହଯୋଗ ଜାରିରହିବ ବୋଲି ସୁରେଶ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ବିଭିନ୍ନ ଦଳର ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି


ବିଜେଡିର ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଜିଲାପାଳ ଶୁଭମ୍ ସାକସେନାଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।


କଂଗ୍ରେସର ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଶରତ ପଟ୍ଟନାୟକ ଜିଲାପାଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।


ବିଜେଡି ଲୋକ ସଭା ପ୍ରାର୍ଥୀ ମହେଶ ସାହୁ ଢେଙ୍କାନାଳ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କ ନିକଟରେ ନାମାଙ୍କନ ଦାଖଲ କରୁଛନ୍ତି।


ଢେଙ୍କାନାଳ ଭାଜପା ଲୋକ ସଭା ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ସମର୍ଥକଙ୍କ ସହ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।


ଭଣ୍ଡାରିପୋଖରୀ ବିଧାନସଭାର ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ନାମାଙ୍କନପତ୍ର ଦାଖଲ କରୁଛନ୍ତି।


ବିଜେଡି ନେତାଙ୍କ ଗହଣରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି ଭଦ୍ରକ ଲୋକ ସଭା ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ।


ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।


କଂଗ୍ରେସର ସମ୍ବଲପୁର ବିଧାୟକ ପ୍ରାର୍ଥୀ ଅଶ୍ୱିନୀ ପୂଜାହାରୀ ଉପଜିଲାପାଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।


କଟକ ଜିଲା ବଡ଼ମ୍ବା ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଦେବୀ ପ୍ରସାଦ ମିଶ୍ର ଆଠଗଡ଼ ଉପଜିଲାପାଳଙ୍କୁ ପ୍ରାର୍ଥିପତ୍ର ପ୍ରଦାନ କରୁଛନ୍ତି।


କଟକ ଜିଲା ମାହାଙ୍ଗା ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ପ୍ରତାପ ଜେନା ଅତିରିକ୍ତ ଜିଲାପାଳଙ୍କୁ ପ୍ରାର୍ଥିପତ୍ର ପ୍ରଦାନ କରୁଛନ୍ତି।


ଖୋର୍ଦ୍ଧା ଜିଲା ବେଗୁନିଆ ବିଧାନସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ରିଷଭ ନନ୍ଦ ଉପଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।


କଂଗ୍ରେସର ପୁରୀ ଲୋକ ସଭା ପ୍ରାର୍ଥୀ ସତ୍ୟପ୍ରକାଶ ନାୟକ ଜିଲାପାଳ ଜ୍ୟୋତି ପ୍ରକାଶ ଦାସଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

# ଶେଷରେ ବୁଢ଼ାନ ମୁର୍ମୁଙ୍କ ଇସ୍ତଫାପତ୍ର ଗୃହୀତ ହେଲା

ବାରିପଦା ଅଫିସ, ୪।୪

ସାରସକଣା ନିର୍ବାଚନମଣ୍ଡଳୀରେ ଦେଖାଦେଇଥିବା ହାଇଭୋଲଟେଜ ଡ୍ରାମାର ଅନ୍ତ ଗୁରୁବାର ଘଟିଛି। ଶେଷରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଡା.ବୁଢ଼ାନ ମୁର୍ମୁଙ୍କ ଇସ୍ତଫା ପତ୍ର ଗୃହୀତ ହୋଇଛି। ଏହି ଖବର ପରେ ସାରସକଣା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ଶିବିରରେ ଉତ୍ସାହ ପରିଲକ୍ଷିତ ହୋଇଥିବା ବେଳେ ୨୭ନମ୍ବର ସାରସକଣା(ଏସ୍‌ଟି) ବିଧାନସଭା ଆସନରୁ ଭାଜପା ଟିକେଟରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା କ୍ଷେତ୍ରରେ ମୁର୍ମୁଙ୍କ ରହିଥିବା ପ୍ରତିବନ୍ଧକ ମଧ୍ୟ ହଟି ଯାଇଛି।

ସୂଚନା ଅନୁସାରେ, ଡା. ବୁଢାନ ମୁର୍ମୁ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ସହକାରୀ ସର୍ଜନ ଭାବେ ନିଯୁକ୍ତି ପାଇ ମୟୂରଭଞ୍ଜ ଜିଲା ଶ୍ୟାମାଖୁଣ୍ଟା ବ୍ଲକର ରଙ୍ଗାମାଟିଆ ସିଏଚସି ଅଧୀନ ଭାଲୁକି ପିଏଚସି(ଏନ)ରେ ମେଡିକାଲ ଅଫିସର ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ରୋଗୀ ସେବା ବଦଳରେ ରାଜନୀତିରେ ପ୍ରବେଶ କରି ଜନସାଧାରଣଙ୍କ ସେବା କରିବା ନିମନ୍ତେ ଆକୃଷ୍ଟ ହୋଇ ଗତ ଅକ୍ଟୋବର ମାସରୁ ନିୟମ ଅନୁସାରେ ନିଜ ଚାକିରିରୁ ଅବସର ନେବା ପାଇଁ ନିଜର ଇସ୍ତଫାପତ୍ର ସ୍ୱାସ୍ଥ୍ୟ ବିଭାଗରେ ଦାଖଲ କରିଥିଲେ। କିନ୍ତୁ ତାଙ୍କର ଇସ୍ତଫାପତ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୃହୀତ ହୋଇ ନ ଥିବା ସମୟରେ ଭାଜପା ପକ୍ଷରୁ ସାରସକଣା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିଲା। ଏନେଇ ବିଜେଡି ନିର୍ବାଚନ ଅଧିକାରୀଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲା। ଏହାପରେ ଗତ ବୁଧବାର ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଓ ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଡା.ବୁଢାନ ମୁର୍ମୁଙ୍କୁ ସାଙ୍ଗରେ ନେଇ ମୁଖ୍ୟମନ୍ତ୍ରୀଙ୍କୁ ନବୀନ ନିବାସରେ ସାକ୍ଷାତ ପାଇଁ ଯାଇଥିଲେ। ହେଲେ ପୋଲିସ ସେମାନଙ୍କୁ ବାଧା ଦେଇଥିଲା। ଏହାକୁ ନେଇ ଅସନ୍ତୋଷ ଲାଗି ରହିଥିଲା। ମୁର୍ମୁଙ୍କ ଇସ୍ତଫାପତ୍ରକୁ ଯଥାଶୀଘ୍ର ଗ୍ରହଣ କରିବା ପାଇଁ ଭାଜପା ନେତାମାନେ ଦାବି କରିଥିଲେ। ଗୁରୁବାର ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଆଦେଶନାମା ଚିଠି ନମ୍ବର ୮୯୧୮/ଏଚ ଆଣ୍ଡ ଏଫଡବ୍ଲ୍ୟୁ (୪।୪।୨୦୧୯)ରେ ଇସ୍ତଫାପତ୍ର ଗୃହୀତ ହୋଇଛି ଏବଂ ଏହାର ନକଲ ସ୍ୱାସ୍ଥ୍ୟ ବିଭାଗ ସହିତ ସମସ୍ତ କାର୍ଯ୍ୟାଳୟକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।


ଭୁବନେଶ୍ୱରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୁଢ଼ାନ ମୁର୍ମୁଙ୍କ ସହ ଲେଖାଶ୍ରୀ ସାମନ୍ତସିଂହାର।

# ୬ରେ ଫୁଲବାଣୀ ଆସିବେ ଯୋଗୀ ଆଦିତ୍ୟନାଥ



ଫୁଲବାଣୀ ଅଫିସ, ୪।୪

ନିର୍ବାଚନକୁ ନେଇ ଏବେ ସବୁ ଦଳ ପକ୍ଷରୁ ପ୍ରଚାର ଜୋରଦାର କରାଯାଉଛି। ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରର ଭାଜପା ନେତାମାନେ ଘନ ଘନ ଓଡିଶା ଗସ୍ତ କରୁଛନ୍ତି। ଏହି କ୍ରମରେ ଆସନ୍ତା ୬ରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଫୁଲବାଣୀ ଆସି ଭାଜପାର ନିର୍ବାଚନୀ ସଭାରେ ଯୋଗଦେବେ। ସେ ଏକ ହେଲିକପ୍ଟରରେ ଆସି ସ୍ଥାନୀୟ ଏଜେଓ ହାଇସ୍କୁଲ ପଡିଆରେ ଓହ୍ଲାଇବେ। ସେଠାରୁ କରୋନେଶନ ପଡିଆକୁ ଆସି ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବେ ବୋଲି ଜିଲା ଭାଜପା ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି। ଯୋଗୀ ଆସୁଥିବାରୁ ଭାଜପା କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

## ଧର୍ମଗଡ଼ ନିର୍ବାଚନମଣ୍ଡଳୀ

# ବଦଳିପାରେ ସମୀକରଣ

ଅଂଶୁମାନ ପାତ୍ର
ଧର୍ମଗଡ଼,୪।୪(ଡି.ଏନ.ଏ.)


ରବୀନ୍ଦ୍ର ପାଟ୍ଟଜୋଷୀ


ଦିଗାମ୍ବର ଦୁରିଆ


ମୌସାଧି ବାଗ


ଅନନ୍ତ ଦେଓ

କଳାହାଣ୍ଡି ଜିଲାର ଅନ୍ୟତମ ନିର୍ବାଚନମଣ୍ଡଳୀ ଧର୍ମଗଡ଼। ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭୋଟ ଗ୍ରହଣ ପାଇଁ ଏହି ନିର୍ବାଚନମଣ୍ଡଳୀରେ ପ୍ରଚାର ଜମିବାରେ ଲାଗିଛି। ବିଭିନ୍ନ ଅଞ୍ଚଳରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ନିର୍ବାଚନରେ ଦଳ ନୁହେଁ, ବରଂ ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱକୁ ଭୋଟରମାନେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଭାଜପା ଓ କଂଗ୍ରେସ ଦଳୀୟ ଚିହ୍ନ ଏବଂ ଭୋଟ ବ୍ୟାଙ୍କ ଉପରେ ଭରସା କରୁଥିବା ବେଳେ ବିଜେଡି ଶେଷ ମୁହୂର୍ତ୍ତରେ ଜଣେ ଶିକ୍ଷକଙ୍କୁ ପ୍ରାର୍ଥୀ କରି ନିଜର ଆଧିପତ୍ୟ ଜାହିର କରିଛି।

ସାଧାରଣବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଏହି ଆସନ ଲାଗି ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ନୂଆ ମୁହଁକୁ ସାମ୍ନାକୁ ଆଣିଛନ୍ତି। ବିଜେଡି ଓବିସି କାର୍ଡ ଖେଳି କୋକସରା ବ୍ଲକର ଶିକ୍ଷକ ମୌସୁଧୀ ବାଗଙ୍କୁ ସ୍ୱେଚ୍ଛାକୃତ ଅବସର କରାଇ ଟିକେଟ ଦେଇଥିବା ବେଳେ ଭାଜପା କଳାହାଣ୍ଡି ଯୁବରାଜ ଅନନ୍ତ ପ୍ରତାପ ଦେଓଙ୍କୁ ପ୍ରାର୍ଥୀ କରିଛି। ସେହିପରି କଂଗ୍ରେସ ଜଣେ ଦଳିତ ନେତା ଦିଗାମ୍ବର ଦୁରିଆଙ୍କୁ ପ୍ରାର୍ଥୀ କରିଛି। ଏହି ତିନି ପ୍ରମୁଖ ଦଳକୁ ଟକ୍କର ଦେବା ପାଇଁ ଭାଜପା ଟିକେଟରୁ ବଞ୍ଚିତ ବରିଷ୍ଠ ନେତା ତଥା ଗତ ନିର୍ବାଚନର ଭାଜପା ପ୍ରାର୍ଥୀ ହୋଇ ହାରିଥିବା ରବୀନ୍ଦ୍ର ପାଟ୍ଟଜୋଷୀ ଏଥର ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଫଳରେ ଏଠାରେ ଚତୁର୍ମୁଖୀ ଲଢେଇ ସମ୍ଭାବନା ରହିଛି।

ଭାଜପା ପ୍ରାର୍ଥୀ ଅନନ୍ତ ପ୍ରତାପ ମୋଦି ମ୍ୟାଜିକରେ ନିର୍ବାଚନୀ ବୈତରଣୀ ପାର ହେବାକୁ ଲକ୍ଷ୍ୟ ରଖିଛନ୍ତି। ପାରମ୍ପରିକ 'ରଜା ଘରିଆ' ଭୋଟ ବ୍ୟାଙ୍କ ଆଗଭଳି ଆଉ ନାହିଁ। ତଥାପି ବରିଷ୍ଠ ନାଗରିକମାନଙ୍କ ଭରସାରେ ସେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ହେଲେ କିଭଳି ସେ ଅନ୍ୟ ଦଳକୁ ସାମ୍ନା କରିବେ ତାକୁ ନେଇ ଏଠାରେ ଚର୍ଚ୍ଚା ଜୋର ଧରିଛି। ଅନନ୍ତ ପ୍ରତାପଙ୍କ କହିବା କଥା, ଧର୍ମଗଡ଼ ନିର୍ବାଚନମଣ୍ଡଳୀର ବହୁ ସମସ୍ୟାର ସମାଧାନ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଯୋଗୁ ଚଳିତ ନିର୍ବାଚନରେ ଓଡ଼ିଶାରେ ଭାଜପା ସରକାର ଗଢିବ। ଧର୍ମଗଡ଼ର ଭୋଟରମାନେ ମୋତେ ଆଶୀର୍ବାଦ କରିବେ। ମୁଁ ବିଧାୟକ ହେଲେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଚାଷୀ ସମସ୍ୟା ପ୍ରତି ଅଧିକ ଗୁରୁତ୍ୱ ଦେବି।

ଅନ୍ୟପକ୍ଷେ କଂଗ୍ରେସ ସ୍ଥାନୀୟ ଯୁବ ଓକିଲ ଓ ଦଳିତ ନେତା ଭାବେ ପରିଚିତ ଦିଗାମ୍ବରଙ୍କୁ ଟିକେଟ୍ ଦେଇ ପାରମ୍ପରିକ କଂଗ୍ରେସ ଭୋଟକୁ ହାତେଇବା ପାଇଁ ଲକ୍ଷ୍ୟ ରଖିଛି। ପଡୋଶୀ ଛତିଶଗଡ଼ରେ କଂଗ୍ରେସ କ୍ଷମତାକୁ ଆସିବା ପରେ ତା'ର ରଣନୀତିକୁ ଏଠାକାର କଂଗ୍ରେସ ଆପଣେଇଛି। କୃଷି ଋଣ ଛାଡ ଏବଂ ଧାନର ସର୍ବନିମ୍ନ ମୂଲ୍ୟ ବୃଦ୍ଧିକୁ କଂଗ୍ରେସ ପ୍ରସଙ୍ଗ କରିଛି। ଦିଗାମ୍ବର କହିଛନ୍ତି, ଧର୍ମଗଡ଼ ନିର୍ବାଚନମଣ୍ଡଳୀରେ ବହୁ ସମସ୍ୟା ରହିଛି। ମୁଁ ବିଧାୟକ ହେଲା ପରେ ଅଞ୍ଚଳର ସମସ୍ୟା ପ୍ରତି ଗୁରୁତ୍ୱ ଦେବି। ପଡୋଶୀ ରାଜ୍ୟ ଛତିଶଗଡ଼ରେ ଯାହା ନିର୍ବାଚନ ପୂର୍ବରୁ ରାହୁଲ ଗାନ୍ଧୀ ପ୍ରତିଶ୍ରୁତି ରଖିଥିଲେ ତାହା କରି ଦେଖାଇଲେ। ଓଡ଼ିଶାରେ କଂଗ୍ରେସ ସରକାର ଗଢ଼ିଲେ ଚାଷୀ ଋଣ ଛାଡ ସହ ଧାନର ସର୍ବନିମ୍ନ ମୂଲ୍ୟ ୨୬୦୦ ଟଙ୍କା କରିବ ବୋଲି ଘୋଷଣା କରିଛି।

ଏହି ଆସନକୁ ଦୀର୍ଘ ୨୦ ବର୍ଷ ହେଲା ବିଜେଡି ନିଜ ଅକ୍ତିଆରରେ ରଖିଥିଲା। ଲଗାତର ଜିତି ଆସୁଥିବା ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ଚଳିତ ନିର୍ବାଚନରେ ବିଜେଡି କଳାହାଣ୍ଡି ଏମ୍‌ପି ଭାବେ ଦଳୀୟ ପ୍ରାର୍ଥୀ କରିଛି। ଧର୍ମଗଡ଼ ନିର୍ବାଚନମଣ୍ଡଳୀରେ ସଂଖ୍ୟାଧିକ ଯାଦବ ଭୋଟକୁ ହାତେଇବା ପାଇଁ ବିଜେଡି ଶେଷ ମୁହୂର୍ତ୍ତରେ କୋକସରା ବ୍ଲକର ମୌସୁଧୀ ବାଗଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ନବୀନଙ୍କ ଲୋକପ୍ରିୟତା ଏବଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ଭରସା କରି ବିଜେଡି ତା'ର ନିର୍ବାଚନ ବୈତରଣୀକୁ ପାର ହେବା ପାଇଁ ଆଶା ବାନ୍ଧିଛି। ଏପରି ପରିସ୍ଥିତିରେ ଏହି ନିର୍ବାଚନମଣ୍ଡଳୀ ପାଇଁ ରାଜନୈତିକ ସମୀକରଣ ବଦଳିବାର ସମ୍ଭାବନା ରହିଛି। ମୌସୁଧୀ କୁହନ୍ତି, ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଯୋଗୁ ବିଜେଡି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଛି। ଏଥିପାଇଁ ମୋତେ ଧର୍ମଗଡ଼ ଜନସାଧାରଣ ଆଶୀର୍ବାଦ କରିବେ। ମୁଁ ବିଧାୟକ ହେଲେ ସମସ୍ତ ବିକାଶମୂଳକ କାର୍ଯ୍ୟକୁ ପ୍ରାଧାନ୍ୟ ଦେବି।

ସେହିପରି ଧର୍ମଗଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ଭାଜପା ନେତା ରବୀନ୍ଦ୍ର ପାଟ୍ଟଜୋଷୀ ଟିକେଟ ନ ପାଇ ଶେଷ ମୁହୂର୍ତ୍ତରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ତାଙ୍କର ମଧ୍ୟ ଅଧିକାଂଶ ସମର୍ଥକ ଅଛନ୍ତି ବୋଲି ରବୀନ୍ଦ୍ର ଦାବି କରିଛନ୍ତି। ରବୀନ୍ଦ୍ର କୁହନ୍ତି, ଗତ ନିର୍ବାଚନରେ ଭାଜପାରୁ ପ୍ରାର୍ଥୀ ହୋଇ ମୁଁ ହାରିଥିଲି। ଏହାପରେ ବି ମୁଁ ସମସ୍ତଙ୍କ ସୁଖଦୁଃଖରେ ଛିଡା ହୋଇଆସିଛି। ସେଥିପାଇଁ ମୋତେ ଜନ ସମର୍ଥନ ମିଳୁଛି। ମୁଁ ବିଧାୟକ ହେଲେ ଆମ ନିର୍ବାଚନମଣ୍ଡଳୀର ସମସ୍ୟାକୁ ପ୍ରାଥମିକତା ଦେବି।

ଧର୍ମଗଡ଼ର ଭୋଟର ଜଣେ ସ୍ଥାନୀୟ ନେତାଙ୍କୁ ବିଧାୟକ ଭାବେ ଦେଖିବା ପାଇଁ ଏକପ୍ରକାର ସିଦ୍ଧାନ୍ତ ନେଇଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ସେଥିପାଇଁ ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ମଧ୍ୟରେ କଡା ମୁକାବିଲା ହୋଇପାରେ ବୋଲି ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷେ ଭାଜପା ପ୍ରାର୍ଥୀ ଅନନ୍ତ ପ୍ରତାପଙ୍କ ବିରୋଧୀ ଗୋଷ୍ଠୀ ରବୀନ୍ଦ୍ରଙ୍କୁ ଖୋଲାଖୋଲି ସମର୍ଥନ କରୁଛନ୍ତି। ତାହା ଯଦି ସତ ହୁଏ ତେବେ ଏହି ନିର୍ବାଚନମଣ୍ଡଳୀରେ ଉପରୋକ୍ତ ୪ ପ୍ରାର୍ଥୀଙ୍କ ମଧ୍ୟରେ ଲଢେଇ ଜୋରଦାର ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ଧରିତ୍ରୀ
DHARITRI
ଶୁକ୍ରବାର, ୫ ଏପ୍ରିଲ, ୨୦୧୯




ସତ୍ୟରଞ୍ଜନ ପଟ୍ଟନାୟକ

# ତରୁଣ ତାରକା

(ଭାଗ-୪)

**ଜାତୀୟ ଓ ଅନ୍ତର୍ଜାତୀୟ ଚେସ୍‌ରେ ନିଜ ପ୍ରତିଭା ପ୍ରଦର୍ଶନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ରାଜ୍ୟ ଦୃଷ୍ଟିହୀନ ଚେସ୍‌ର ଦୁଇ ତରୁଣ ତାରକା ସୌନ୍ଦର୍ଯ୍ୟ ଓ ପ୍ରାତୁର୍ଯ୍ୟ ପ୍ରଧାନ। ଆୟୁଷ ପଟ୍ଟନାୟକ ରାଜ୍ୟ ବାହାରେ ନିଜ ପ୍ରତିଭା ପ୍ରଦର୍ଶନ କରି ଚାଲିଥିବାବେଳେ ସମ୍ମିତ ପଣ୍ଡା, ମହୀତୋଷ ଦେ, ଅଦିତି ମହାନ୍ତି ପ୍ରମୁଖ ଓଡ଼ିଶା ଚେସ୍‌ର ଭବିଷ୍ୟତଭାବେ ଉଭା ହୋଇଛନ୍ତି...**

## ପଥ ପ୍ରଦର୍ଶକ ସୌନ୍ଦର୍ଯ୍ୟ

ବହି, ଖାତା, କଲମ, ବାଡ଼ି ନୁହେଁ ବରଂ ଚେସ୍ ହେଉଛି ତାଙ୍କ ଚିରସହଚର । ସେ ହେଉଛନ୍ତି ଦୃଷ୍ଟିହୀନ ଚେସ୍ ଖେଳାଳିମାନଙ୍କ ପାଇଁ ଆଦର୍ଶ, ପଥ ପ୍ରଦର୍ଶକ । ୨୦୧୨ରେ ମୁମ୍ବାଇରେ ଅନୁଷ୍ଠିତ ଜାତୀୟ ଦୃଷ୍ଟିହୀନ ୧୩ ବର୍ଷରୁ କମ୍ ବିଭାଗରେ ଶ୍ରେଷ୍ଠ ଖେଳାଳି ବିବେଚିତ ହେବା ସହ ହାଇଦ୍ରାବାଦଠାରେ ଅନୁଷ୍ଠିତ ସର୍ବଭାରତୀୟ ଦୃଷ୍ଟିହୀନ ରେଟିଂ ଚେସ୍‌ରେ ଚାମ୍ପିୟନ ହୋଇ ନିଜ ପରାକାଷ୍ଠା ଦେଖାଇଥିଲେ । ବିଶ୍ୱ ଜୁନିୟର ଚେସ୍ ସିନିୟର ଦଳଗତ ଚେସ୍‌ରେ ବହୁବାର ବିଦେଶରେ ଦେଶର ପ୍ରତିନିଧିତ୍ୱ କରି ଭାରତ ପାଇଁ ଗର୍ବ ଆଣିଛନ୍ତି । ଜଣେ ମେଧାବୀ ଛାତ୍ର ଭାବେ ଏନ୍ଆଇଟି (ଜାମସେଦ୍‌ପୁର)ରେ ଅଧ୍ୟୟନରତ ସୌନ୍ଦର୍ଯ୍ୟ ଆଶ୍ଚର୍ଯ୍ୟଜନକ ଭାବେ ଜାତିସଂଘ ତରଫରୁ ଶିଶୁ ଅଧିକାର ଆଇନ ସମ୍ପର୍କରେ ଭାରତର ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ତଥା ଅନେକ ଏମ୍‌ପିଙ୍କ ସମ୍ମୁଖରେ ନିଜର ଚମତ୍କାର ବକ୍ତବ୍ୟ ରଖିବା ଦେଶକୁ ଗର୍ବିତ କରିଥିଲା । ବୟସରେ କନିଷ୍ଠ ହେଲେ ମଧ୍ୟ ସ୍ୱେଡ଼େନ୍‌ଠାରେ ଅନୁଷ୍ଠିତ ବିଶ୍ୱ ଦୃଷ୍ଟିହୀନ ଚେସ୍ ପ୍ରତିଯୋଗିତାରେ ସିନିୟର ଦଳରେ ଭାରତର କନିଷ୍ଠ ଖେଳାଳି ଭାବେ ଯୋଗଦେଇ ସମସ୍ତ ବରିଷ୍ଠ ଖେଳାଳିଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ । ସେହିପରି ସର୍ବିଆଠାରେ ଅନୁଷ୍ଠିତ ବିଶ୍ୱ ଦୃଷ୍ଟିହୀନ ଜୁନିୟର ଚେସ୍ ଓ ୨୦୧୪ରେ ଗ୍ରୀସ୍‌ରେ ଆୟୋଜିତ ବିଶ୍ୱ ଦୃଷ୍ଟିହୀନ ଜୁନିୟର ଚେସ୍‌ରେ ଭାରତରୁ ପ୍ରତିନିଧିତ୍ୱ କରି ଉଲ୍ଲେଖନୀୟ ସଫଳତା ପାଇବା ସହ ଦୃଷ୍ଟିହୀନ ତରୁଣ ତାରକାଙ୍କୁ ଆଗକୁ ବଢ଼ିବା ପାଇଁ ଭରପୂର ଉତ୍ସାହ ଓ ପ୍ରେରଣା ପ୍ରଦାନ କରିଛନ୍ତି । ୨୦୧୮ରେ ପୋଲାଣ୍ଡରେ ଅନୁଷ୍ଠିତ ବିଶ୍ୱ ଦୃଷ୍ଟିହୀନ ଚେସ୍‌ରେ ରୌପ୍ୟ, ୨୦୧୭ରେ କର୍ନାଟକରେ ଅନୁଷ୍ଠିତ ଦୃଷ୍ଟିହୀନ ଏସିଆ ପାସିଫିକ୍ ଚେସ୍‌ରେ ବ୍ରୋଞ୍ଜ ପଦକ ହାସଲ ତାଙ୍କ ଦକ୍ଷତାର ପରିଚୟ ଦିଏ। ଏହା ବ୍ୟତୀତ ସେ ଅନେକଥର ଜାତୀୟ ଦୃଷ୍ଟିହୀନ 'ଏ' ଓ 'ବି' ଚେସ୍ ଚାମ୍ପିୟନଶିପ୍‌ରେ କୃତିତ୍ୱ ଅର୍ଜନ କରିଛନ୍ତି।


ପ୍ରାତୁର୍ଯ୍ୟ

## ପ୍ରଥମ ଦୃଷ୍ଟିହୀନ ରେଟେଡ୍ ପ୍ରାତୁର୍ଯ୍ୟ

ଚେସ୍ ତାଙ୍କର ନିଶା, ପେସା ଓ ଜୀବନ । ଚେସ୍‌କୁ ଗଣ୍ଠିଧନ କରି ଖେଳୁଥିବା ଅତ୍ୟନ୍ତ ପ୍ରତିଭାଶାଳୀ ଆଉ ଜଣେ ଦୃଷ୍ଟିହୀନ ଚେସ୍ ତାରକା ହେଲେ ସୌନ୍ଦର୍ଯ୍ୟଙ୍କ ବଡ଼ଭାଇ ପ୍ରାତୁର୍ଯ୍ୟ ପ୍ରଧାନ । ୧୯୯୭ରେ ଜନ୍ମିତ ପ୍ରାତୁର୍ଯ୍ୟ ରାଜ୍ୟର ପ୍ରଥମ ଦୃଷ୍ଟିହୀନ ଅନ୍ତର୍ଜାତୀୟ ରେଟେଡ ଖେଳାଳି । ୨୦୧୧ ଓ ୨୦୧୨ରେ କ୍ରମାଗତ ୨ ଥର ୧୯ ବର୍ଷରୁ କମ୍ ଜାତୀୟ ଦୃଷ୍ଟିହୀନ ଚେସ୍ ଚାମ୍ପିୟନ ହେବା କେବଳ ଯେ ରାଜ୍ୟରେ ତରୁଣ ଦୃଷ୍ଟିହୀନ ଖେଳାଳିଙ୍କୁ ଚେସ୍ ପ୍ରତି ଆକୃଷ୍ଟ କରିଥିଲା ତା ନୁହେଁ ବରଂ ସାଧାରଣ ଖେଳାଳି ଏହି ଦୁଇ ଭାଇଙ୍କର ଆକର୍ଷଣୀୟ ସଫଳତାରେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ନିଜର ବାପା ଓ ଦାଦାଙ୍କୁ ବନ୍ଧୁ ଓ ପ୍ରେରଣା ପୁରୁଷ ଭାବେ ସମ୍ମାନ ଦେଉଥିବା ଏହି ଦୁଇଭାଇ ଆଗାମୀ ଦିନରେ ଓଡ଼ିଶାର ଦୃଷ୍ଟିହୀନ ତରୁଣ ଚେସ୍ ତାରକାଙ୍କ ପାଇଁ ଆଦର୍ଶ ଉଦାହରଣ ସାଜିବେ । ୨୦୧୮ରେ ଜାକର୍ତ୍ତା ପାରା ଗେମ୍ସରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ସେ ସର୍ବଭାରତୀୟ ଏବଂ ଜାତୀୟ ଜୁନିୟର ଚେସ୍‌ରେ ଅନେକଥର ଚାମ୍ପିୟନ ହେବାର ଗୌରବ ବହନ କରୁଛନ୍ତି।


ଅଦିତି


ମହିତୋଷ

## ଶୁଭେନ୍ଦୁ କୁମାର ପାତ୍ର

ରାଜ୍ୟ ଦୃଷ୍ଟିହୀନ ଚେସ୍‌ର ଅନ୍ୟତମ ତରୁଣ ତାରକା ହେଲେ ଶୁଭେନ୍ଦୁ କୁମାର ପାତ୍ର। ସେ ୨୦୧୨ରେ ଇଷ୍ଟଜୋନ ଚାମ୍ପିୟନ ହୋଇଥିବାବେଳେ ୨୦୧୬ରେ ନ୍ୟାଶନାଲ 'ଏ'ରେ ୭ମ ସ୍ଥାନ ପାଇଥିଲେ। ୨୦୧୮ରେ ନ୍ୟାଶନାଲ 'ଏ'ରେ ୫ମ ସ୍ଥାନ ହାସଲ କରି ବୁଲଗେରିଆର ସୋଫିଆଠାରେ ଅନୁଷ୍ଠିତ ଦୃଷ୍ଟିହୀନ ୱାର୍ଲ୍ଡ ଟିମ୍ ଚେସ୍ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେ ଓଡ଼ିଶା ଓ ରାଜ୍ୟ ବାହାରେ ୧୫ଟି ରେଟିଂ ଟୁର୍ନାମେଣ୍ଟ ଖେଳିଛନ୍ତି। ୨୦୧୯ ନ୍ୟାଶନାଲ 'ଏ'ରେ ରନର୍ସଅପ୍ ହୋଇଥିବା ଶୁଭେନ୍ଦୁ ଆସନ୍ତା ଜୁନ୍ ୬ରୁ ୧୪ ପର୍ଯ୍ୟନ୍ତ ଇଟାଲିରେ ହେବାକୁଥିବା ବିଶ୍ୱ ଦୃଷ୍ଟିହୀନ ଚେସ୍ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଯାଉଛନ୍ତି।


ସୌନ୍ଦର୍ଯ୍ୟ

## ଆୟୁଷ ପଟ୍ଟନାୟକ

ଓଡ଼ିଶାର କଟକରେ ଜନ୍ମ କିନ୍ତୁ ଗର୍ବ ମଧ୍ୟପ୍ରଦେଶ ରାଜ୍ୟର । ମଧ୍ୟପ୍ରଦେଶ ରାଜ୍ୟ ମନୋନୟନ ପ୍ରତିଯୋଗିତାରେ ଏକାଥରେ ୨ଟି ବୟସ ବର୍ଗରେ ଚାମ୍ପିୟନ ହୋଇଥିବା ଆୟୁଷ ୪ ବର୍ଷ ଧରି ସେଠାରେ ୧୦ ବର୍ଷରୁ କମ୍ ଓ ୧୩ ବର୍ଷରୁ କମ୍‌ରେ ମଧ୍ୟ ପ୍ରଦେଶ ରାଜ୍ୟ ଚେସ୍ ଚାମ୍ପିୟନ ହୋଇ ଆସୁଛନ୍ତି । ୨୦୧୦ରେ ଏକାବେଳେକେ ୮ଟି (୯, ୧୧, ୧୩, ୧୫, ୧୭, ୧୯, ୨୨, ୨୫ ବର୍ଷରୁ କମ୍) ବର୍ଗରେ ଚାମ୍ପିୟନ ହୋଇ ନୂଆ କୀର୍ତ୍ତିମାନ ସ୍ଥାପନ କରିଥିଲେ। ୨୦୧୨ରେ ଶ୍ରୀଲଙ୍କାରେ ଅନୁଷ୍ଠିତ ବୁଦ୍ଧି ଅନ୍ତର୍ଜାତୀୟ ରେଟିଂ ଚେସ୍‌ରେ ୯ ବର୍ଷରୁ କମ୍ ବିଭାଗରେ ରୌପ୍ୟ ପଦକ ଜିଣିବା ସହ ବିଶ୍ୱ ସ୍କୁଲ୍ ଚେସ୍‌ରେ ଭାରତରୁ ପ୍ରତିନିଧିତ୍ୱ କରି ରାଜ୍ୟର ଗୌରବ ବଢ଼ାଇଛନ୍ତି । ୨୦୧୨ରେ ରୁଷିଆରେ ଅନୁଷ୍ଠିତ ବିଶ୍ୱ ସ୍କୁଲ ଚେସ୍‌ରେ ସେ ଦଳଗତ ବ୍ରୋଞ୍ଜ ପଦକ ପାଇଥିଲେ।


ଆୟୁଷ

## ଲଢୁଆ ସମ୍ମିତ

ଜଣେ ସାଧାରଣ ପିଲା ହେଲେ ମଧ୍ୟ ଅସାଧାରଣ ଦକ୍ଷତାର ଅଧିକାରୀ ସମ୍ମିତ ପଣ୍ଡା। ପ୍ରତିଯୋଗିତାର ଶେଷ ରାଉଣ୍ଡ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଲଢୁଥିବା ଜଣେ ଲଢୁଆ ଖେଳାଳି । ପୁଣେଠାରେ ଅନୁଷ୍ଠିତ ଜାତୀୟ ଶିଶୁ ଚେସ୍‌ରେ ଗୋଟିଏ ଦିନରେ ୨ ରାଉଣ୍ଡ ହାରି ମଧ୍ୟ ନିଜର ଲଢୁଆ ମନୋବୃତ୍ତି ଯୋଗୁ ବାକି ସବୁ ବାଜି ଜିତି ଚାମ୍ପିୟନ ହୋଇ ଓଡ଼ିଶା ଚେସର ସଫଳତା ଧାରାକୁ ବଜାୟ ରଖିଥିଲେ । ରାଜ୍ୟ ୭ ବର୍ଷରୁ, ୯ ବର୍ଷରୁ ଓ ୧୧ ବର୍ଷରୁ କମ୍ ବିଭାଗରେ ରାଜ୍ୟ ଚାମ୍ପିୟନ୍ ହୋଇଥିବା ସମ୍ମିତ ଆଗାମୀ ଓଡ଼ିଶା ଚେସ୍‌ର ଜଣେ ଜାଜ୍ୱଲ୍ୟମାନ ତରୁଣ ତାରକା। ବିଭିନ୍ନ ଗ୍ରାଣ୍ଡମାଷ୍ଟର ପ୍ରତିଯୋଗିତା ଓ ବିଦେଶରେ ଖେଳ ଜାରି ରଖିଥିବା ସମ୍ମିତ ଜାତୀୟ ଡିଏଭି ସ୍କୁଲ୍ ଚାମ୍ପିୟନ ଦଳର ସଦସ୍ୟ ଥିଲେ । ନିକଟରେ ସେ ଦୁବାଇ ଓପନ ଚେସ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି।


ସମ୍ମିତ


ଶୁଭେନ୍ଦୁ

## ବ୍ୟୋମକେଶ ନାୟକ

ସେ ଥିଲେ ୨୦୧୧ରେ ଓଡ଼ିଶାର ଓଜେଏସ୍ ଟପ୍ପର । ୨୦୦୨ରେ ପଣଜୀରେ ଅନୁଷ୍ଠିତ ବିଶ୍ୱ ଜୁନିୟର ଚେସ୍‌ରେ ଭାରତରୁ ପ୍ରତିନିଧିତ୍ୱ କରିଥିବା ଏହି ମେଧାବୀ ଛାତ୍ର ରାଜ୍ୟସ୍ତରରେ ବହୁବାର ଚାମ୍ପିୟନ ହେବା ସହ ଅହମ୍ମଦାବାଦରେ ୧୯୯୯ରେ ଅନୁଷ୍ଠିତ ଏସୀୟ ଯୁବ ଚେସ୍‌ରେ ମଧ୍ୟ ଭାରତର ପ୍ରତିନିଧିତ୍ୱ କରି ସଫଳତା ପାଇଥିଲେ ।

## ମହିତୋଷ ଦେ

ମହିତୋଷ ଦେ। ବୟସ ମାତ୍ର ୧୪, କିନ୍ତୁ ଆଖିରେ ତାଙ୍କର ଆଖିଏ ସ୍ୱପ୍ନ । ଓଡ଼ିଶା ଚେସ୍‌ର ଭବିଷ୍ୟତ ଭାବେ ବିବେଚିତ ହେଉଥିବା ଏହି ତରୁଣ ତାରକା ୨୦୧୨ରେ ଜାତୀୟ ଚେସ୍‌ର ୭ ବର୍ଷରୁ କମ୍ ବିଭାଗରେ ରୌପ୍ୟ ପଦକ ଜିଣି ପ୍ରଥମେ ଲୋକଲୋଚନାକୁ ଆସିଥିଲେ । ପରେ ଜାତୀୟ ସ୍କୁଲ ଚେସ୍‌ରେ ଦ୍ୱିତୀୟ ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ପ୍ରଜ୍ଞାନନ୍ଦଙ୍କୁ ହରାଇବା ସହ ବ୍ରୋଞ୍ଜ ପଦକ ହାସଲ କରି ନିଜ ସଫଳତାର ଛବି ଆଙ୍କିଥିଲେ। ୨୦୧୩ରେ ୟୁଏଇଠାରେ ଅନୁଷ୍ଠିତ ଏସୀୟ ଯୁବ ଚେସ, ରାଜ୍ୟଗୋଷ୍ଠୀ ଚେସ୍ ଓ ବିଶ୍ୱ ଯୁବଚେସ୍‌ର ୮ ବର୍ଷରୁ କମ୍ ବିଭାଗରେ ଭାରତ ତରଫରୁ ପ୍ରତିନିଧିତ୍ୱ କରି ଓଡ଼ିଶାର ସଫଳତାର ଫର୍ଦ୍ଦରେ ନିଜର ନାମକୁ ଯୋଡ଼ିଥିଲେ। ସେ ହେଉଛନ୍ତି ଓଡ଼ିଶା ଚେସ୍‌ର ଲାଟେଷ୍ଟ ଇନ୍‌ଭେନ୍‌ସନ । ସେ ୨୦୧୮ ଦୁବାଓ ଓପନ ଚେସ୍‌ର ପ୍ରଥମ ରାଉଣ୍ଡରେ ଅନ୍ତର୍ଜାତିୟ ମାଷ୍ଟର ସିଦ୍ଧାନ୍ତ ମହାପାତ୍ର ଓ ୨ ଫିଡେ ମାଷ୍ଟରଙ୍କୁ ହରାଇଥିବାବେଳେ ଏହି ଟୁର୍ନାମେଣ୍ଟରେ ୧୨୩ ପଏଣ୍ଟ ରେଟିଂ ବଢ଼ାଇଥିଲେ ଏବଂ ୫୦୦ ଡଲାର ପୁରସ୍କାର ପାଇଥିଲେ ।

## ଅଦିତି ମହାନ୍ତି

ଅଦିତି ମହାନ୍ତି ୨୦୧୨ରେ ୭ ବର୍ଷରୁ କମ୍ ବାଳିକାରେ ରାଜ୍ୟ ଶିଶୁ ଚେସ୍ ଚାମ୍ପିୟନ, ପରେ ସେହିବର୍ଷ ପଣ୍ଡିଚେରୀରେ ଅନୁଷ୍ଠିତ ୨୬ତମ ଜାତୀୟ ଶିଶୁ ଚେସ୍‌ରେ ବ୍ରୋଞ୍ଜ ପଦକ ଜିଣି ନିଜର ଦକ୍ଷତା ପ୍ରତିପାଦନ କରିଥିଲେ । ଚେସ୍‌ର ଚକଲେଟ୍ ଗର୍ଲ ଭାବରେ ପରିଚିତ ଅଦିତି ୨୦୧୩ରେ ୟୁଏଇଠାରେ ଅନୁଷ୍ଠିତ ଏସୀୟ ଯୁବ ଚେସ ଓ ବିଶ୍ୱ ଯୁବ ଚେସ୍‌ର ୮ ବର୍ଷରୁ କମ୍ ବାଳିକା ବିଭାଗରେ ଭାରତରୁ ପ୍ରତିନିଧିତ୍ୱ କରି ଓଡ଼ିଶା ଚେସ୍‌କୁ ଗୌରବାନ୍ୱିତ କରିବା ସହ ଆଶାର ସ୍ୱପ୍ନ ଓ ସମ୍ଭାବନା ସୃଷ୍ଟି କରଥିଲେ । ବର୍ତ୍ତମାନ କଟକସ୍ଥିତ ଷ୍ଟୁଆର୍ଟ ସ୍କୁଲରେ ଅଧ୍ୟୟନରତ ।

## ଶୁଭାଶିଷ ବାରିକ

୨୦୦୯ରେ ରାଜ୍ୟ ଶିଶୁ ଚେସ୍ ଚାମ୍ପିୟନ ଶୁଭାଶିଷ ସେ ସମୟରେ ଦେଶରେ ୭ ବର୍ଷରୁ କମ୍ ପିଲାଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ରେଟିଂ ଧାରି ଖେଳାଳିଥିଲେ । ଜଣେ ଦକ୍ଷ, ଉଦୀୟମାନ ଖେଳାଳିଭାବେ ପରିଚିତ ଶୁଭାଶିଷ ୨୦୧୦ ନୂଆଦିଲ୍ଲୀରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଚେସ୍‌ରେ ବ୍ରୋଞ୍ଜ ପଦକ ପାଇ ଓଡ଼ିଶାର ଗୌରବ ବଢ଼ାଇଥିଲେ ।

## ବୈଭବ ସିଂ

କଟକର ଏହି ଉଦୀୟମାନ ଖେଳାଳି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏସୀୟ ସ୍କୁଲ ଚେସ୍‌ରେ ୮ ବର୍ଷରୁ କମ୍ ବିଭାଗରେ ଦଳଗତ ଭାବେ ସ୍ୱର୍ଣ୍ଣ ଜିଣି ନିଜ ଉଜ୍ଜ୍ୱଳ ଭବିଷ୍ୟତା ସୂଚନା ଦେଇଛନ୍ତି।

## ବି. ନିରଞ୍ଜନା ଐଶ୍ୱର୍ଯ୍ୟା ଦାଶ

ଘର ଆନ୍ଧ୍ରପ୍ରଦେଶ, ମାତ୍ର ଓଡ଼ିଶାରେ ଚେସ୍‌ର ଲୋକପ୍ରିୟତା ଓ ସଫଳତାକୁ ଦେଖି ଚାଲି ଆସିଥିଲେ ଓଡ଼ିଶା ଓ ବର୍ଷକ ମଧ୍ୟରେ ଜାତୀୟ ଶିଶୁ ଚେସ୍‌ରେ ୪ର୍ଥ ସ୍ଥାନ ହାସଲସହ ୨୦୧୧ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏସୀୟ ସ୍କୁଲ ଚେସ୍‌ର ବ୍ୟକ୍ତିଗତ ବିଭାଗରେ ରୌପ୍ୟ ଓ ଦଳଗତରେ ସ୍ୱର୍ଣ୍ଣ ଜିଣିଥିଲେ । ପରେ ବିଶ୍ୱ ଯୁବ ଚେସ୍(ସ୍ଲୋଭାନିଆ)ରେ ପ୍ରଭାବୀ ପ୍ରଦର୍ଶନ କରି ଓଡ଼ିଶାକୁ ଗୌରବାନ୍ୱିତ କରାଇଥିଲେ ।

## ଶ୍ରେୟାସ୍ମୃତି ମହାନ୍ତି

୨୦୧୪ ଜୁନ୍‌ରେ ଜାତୀୟ ସ୍କୁଲ ଚେସ୍‌ର ୧୨ ବର୍ଷରୁ କମ୍ ବିଭାଗରେ ଚାମ୍ପିୟନ ହୋଇ ରାଜ୍ୟ ଚେସର ଅନ୍ୟତମ ଉଜ୍ଜ୍ୱଳ ନକ୍ଷତ୍ର ଭାବେ ଉଭା ହୋଇଛନ୍ତି ଶ୍ରେୟା ସ୍ମୃତି ମହାନ୍ତି । ଏହି ବର୍ଷ ସେ ଓଡ଼ିଶାର ଦ୍ୱିତୀୟ ମହିଳା ଭାବେ ମହିଳା କ୍ୟାଣ୍ଡିଡେଟ ମାଷ୍ଟର (ଡବ୍ଲ୍ୟୁସିଏମ୍) ଟାଇଟଲ ହାସଲ କରିଥିଲେ। ୧୦ମ ବୋର୍ଡ ପରୀକ୍ଷାର ଇଂଲିଶ୍‌ରେ ୧୦୦ରୁ ୧୦୦ ନମ୍ବର ରଖିଥିବା ଶ୍ରେୟା ସ୍ମୃତି ଏବେ କିଟ୍‌ରେ ଅଧ୍ୟୟନରତ।

# ଚେସ୍ ଜଗତର ଧ୍ରୁବତାରା

**ୟାଶିତା ରାଉତ୍ :** ୨୦୧୫ରେ ଜାତୀୟ ୭ବର୍ଷରୁ କମ୍ ବାଳିକା ଚେସରେ ରୌପ୍ୟ ପଦକ ପାଇବା ସହ ବିଶ୍ୱ ଯୁବ ଚେସ୍, ଏସୀୟ ଯୁବ ଚେସ୍ ଓ ରାଜ୍ୟଗୋଷ୍ଠୀ ଚେସ୍‌ରେ ଭାରତରୁ ପ୍ରତିନିଧିତ୍ୱ କରି ନୂତନ ସମ୍ଭାବନା ସୃଷ୍ଟି କରିଛନ୍ତି ।

**ରାଜେଶ୍ ନାୟକ:** ପୁରୀର ରାଜେଶ ନାୟକ ଆଗାମୀ ଓଡ଼ିଶାର ଜଣେ ଗ୍ରାଣ୍ଡମାଷ୍ଟର ମ୍ୟାଟେରିଆଲ୍ ଭାବରେ ସମସ୍ତଙ୍କର ଆଶାର ଆଲୋକ । ୨୦୧୮ ରାଜ୍ୟ ସିନିୟର ଚାମ୍ପିୟନ ହେବା ସହ ଅନେକ ଅନ୍ତର୍ଜାତୀୟ ଚେସ୍‌ରେ ଅନ୍ତର୍ଜାତୀୟ ମାଷ୍ଟର ଓ ଗ୍ରାଣ୍ଡ ମାଷ୍ଟରଙ୍କୁ ପରାସ୍ତ କରିବା ତାଙ୍କୁ ଆଣି ଦେଇଛି ସଫଳତା । ୨୦୧୭ରେ ଭୁବନେଶ୍ୱରରେ ଅନୁଷ୍ଠିତ ଏସିଆନ ସିଟିଜରେ ୪ର୍ଥ ବୋର୍ଡରେ ରୌପ୍ୟ ପଦକ ପାଇଥିଲେ। ରାଜ୍ୟଗୋଷ୍ଠୀ ଚେସ୍‌ରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ୨୦୧୮ରେ ୨୫ ବର୍ଷରୁ କମ୍ ରାଜ୍ୟ ଚାମ୍ପିୟନ।


ପ୍ରିୟାଂଶ

**ପ୍ରିୟାଂଶ ଦାସ :** ପ୍ରିୟାଂଶ ଦାସ। ୨୦୧୬ ପଣ୍ଡିଚେରୀରେ ଅନୁଷ୍ଠିତ ୩୦ତମ ୭ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ସ୍ୱର୍ଣ୍ଣପଦକ ଜିଣି ବିଶ୍ୱ ଯୁବ ଚେସ୍, ୨୦୧୭ ଉଜବେକିସ୍ତାନ ଏସୀୟ ଯୁବ ଚେସ୍ ଓ ରାଜ୍ୟଗୋଷ୍ଠୀ ଚେସ୍‌ରେ ଭାରତ ତରଫରୁ ସଫଳତାର ସହ ପ୍ରତିନିଧିତ୍ୱ କରିଛନ୍ତି । ସେ ୨୦୧୮ରେ ରାଜ୍ୟ ୯ ବର୍ଷରୁ କମ୍ ଚାମ୍ପିୟନ, ୭ ବର୍ଷରୁ କମ୍‌ରେ ୨୦୧୫ ଓ ୨୦୧୬ରେ ଚାମ୍ପିୟନ, ୨୦୧୬ରେ ମଙ୍ଗୋଲିଆଠାରେ ଏସୀୟ ଯୁବ ଚେସ୍‌ର ୮ ବର୍ଷରୁ କମ୍ ବର୍ଗରେ ସେ ଭାରତର ପ୍ରତିନିଧିତ୍ୱ କରିଥିଲେ।


ରାଜେଶ

**ଶ୍ରୀୟାଂଶ ଦାସ :** ୨୦୧୭ ଦିଲ୍ଲୀରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଚେସ୍‌ରେ ସ୍ୱର୍ଣ୍ଣପଦକ ସହ ୨୦୧୮ରେ ଜାତୀୟ ସ୍କୁଲ୍ ଚେସ୍‌ରେ ବ୍ରୋଞ୍ଜ ଜିଣିବା ଏବଂ ରାଜ୍ୟସ୍ତରରେ ଚାମ୍ପିୟନ ହେବା ତାଙ୍କୁ ସୁନାମ ଆଣି ଦେଇଛି । ଉଜବେକିସ୍ତାନରେ ଅନୁଷ୍ଠିତ ୨୦୧୭ ଏସୀୟ ୟୁଥ୍ ଚେସ୍‌ରେ ୮ ବର୍ଷରୁ କମ୍ ବର୍ଗରେ ଅଂଶଗ୍ରହଣ କରିଥିଲେ। ୨୦୧୮ରେ କିଟ୍‌ରେ ଅନୁଷ୍ଠିତ ଜାତୀୟ ସ୍କୁଲ ଚେସ୍‌ରେ ସେ ନିଜ ଦକ୍ଷତା ଦେଖାଇଥିଲେ। ଡ୍ୟାମ୍ବରୁ ଚେସ୍‌କୁ ଆସିଥିବା ପ୍ରିୟାଂଶ ଓ ଶ୍ରୀୟାଂଶ ଯମଜ ଭ୍ରାତା।


ଶ୍ରୀୟାଂଶ

**ସଞ୍ଜୀବନ ନାୟକ :** ସର୍ବଭାରତୀୟ ଚେସ୍ ବିଲୋ ଏଲୋ ରେଟିଂରେ ଓଡ଼ିଶାର ପ୍ରଥମ ଖେଳାଳି ଭାବେ ନିଜର ଖେଳର ଯାଦୁ ଦେଖାଇ ଅନେକ ଥର ଲକ୍ଷ ଲକ୍ଷ ଟଙ୍କା ପୁରସ୍କାର ଲାଭ କରିଛନ୍ତି ।

**ପ୍ରିୟଙ୍କା ରାଉତରାୟ:** ପଶ୍ଚିମ ଓଡ଼ିଶା ବାଳିକାମାନଙ୍କ ପାଇଁ ପ୍ରେରଣାର ଉତ୍ସ । ବହୁବାର ମହିଳା ବିଭାଗରେ ରାଜ୍ୟ ଚାମ୍ପିୟନ ହେବା ସହ ସିବିଏସ୍‌ଇ ସ୍କୁଲ୍ ଚେସ୍‌ରେ ସର୍ବଭାରତୀୟ ସ୍ତରରେ ଚାମ୍ପିୟନ ହୋଇଛନ୍ତି ।

**ସାର୍ଥକ ଦେବତା :** ରାଉରକେଲାର ଜଣେ ଦକ୍ଷ କୁଶଳୀ ଖେଳାଳି । ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ଚେସ୍ ପ୍ରତିଯୋଗିତାରେ ଚାମ୍ପିୟନ ହେବା ତାଙ୍କ ଦକ୍ଷତାର ପରିଚୟ ଦିଏ।

**ବୈଭବ ମିଶ୍ର :** ୨୦୧୬ରେ ରାଜ୍ୟଗୋଷ୍ଠୀ ବ୍ରୋଞ୍ଜ (ଶ୍ରୀଲଙ୍କା), ଜାତୀୟ ୨୫ବର୍ଷରୁ କମ୍‌ରେ ବ୍ରୋଞ୍ଜ (୨୦୧୮) ଏବଂ ରାଜ୍ୟ ସିନିୟର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିବା ବୈଭବ ଓଡ଼ିଶା ଚେସ୍‌ର ଭବିଷ୍ୟତ ।

**ଆୟୁଷ୍ମାନ ମହାନ୍ତି :** ୨୦୧୮ରେ ୭ ବର୍ଷରୁ କମ୍ ବାଳକ ଚେସ୍‌ରେ ବ୍ରୋଞ୍ଜ ପଦକ ଜିତି ନିଜ କୋମଳ ବୟସରେ ସଫଳତାର ସ୍ୱାଦ ଚଖାଇଛନ୍ତି ।

**ଶ୍ରୀୟାଂଶ ଶୁଭମ୍ ପଟ୍ଟନାୟକ :** ଜାତୀୟ ଚେସ୍ ଓ ଜାତୀୟ ଡିଏଭି ସ୍କୁଲ୍ ଚେସ୍‌ରେ ସ୍ୱର୍ଣ୍ଣ ପଦକ ଜିଣିଥିବା ଶ୍ରୀୟାଂଶ ଓଡ଼ିଶା ଚେସର ନୂତନ ତାରକା ।

**ପି. ସାଇରୂପା :** ରାଜ୍ୟ ୯ ବର୍ଷରୁ କମ୍, ୧୧ ବର୍ଷରୁ କମ୍ ଓ ୧୩ ବର୍ଷରୁ କମ୍ ବିଭାଗରେ ରାଜ୍ୟ ଚାମ୍ପିୟନ ହୋଇଥିବା ସାଇରୂପା ୨୦୧୫/୧୬/୧୭/୧୮ କ୍ରମାନ୍ୱୟ ୪ଥର ଜାତୀୟ ଡିଏଭି ଦଳଗତ ଚେସ୍ (୧୯ବର୍ଷରୁ କମ୍) ଚାମ୍ପିୟନ ହେବା ସହ ୨୦୧୮ରେ ଜାତୀୟ ସିବିଏସ୍‌ଇ ଚେସ୍‌ରେ ଦଳଗତ ରୌପ୍ୟ ପଦକ ଜିତି ନିଜର ନାମକୁ ତଥା ସ୍କୁଲ୍‌ର ନାମକୁ ଗୌରବାନ୍ୱିତ କରିଛନ୍ତି । କଲିକାତାରେ ଅନୁଷ୍ଠିତ ଛୋଟା ଭୀମ ପ୍ରତିଯୋଗିତାରେ ସେ ଚାମ୍ପିୟନ ହୋଇଥିଲେ।


ସାଇରୂପା

**ଅଙ୍କିତା ସାହୁ :** ସାଇ ଇଣ୍ଟର ନ୍ୟାଶନାଲ ସ୍କୁଲର ଅଙ୍କିତା ରାଜ୍ୟ ୧୩ ବର୍ଷରୁ କମ୍‌ରେ ଚାମ୍ପିୟନ ହେବା ସହ ସିବିଏସ୍‌ଇ ଦଳଗତ ଚେସ୍‌ର ପ୍ରଥମ ବୋର୍ଡରେ ସ୍ୱର୍ଣ୍ଣ ପଦକ ହାସଲ ଏବଂ ନିଜ ସ୍କୁଲ୍ ପାଇଁ ରୌପ୍ୟ ପଦକ ଜିତି ଗୌରବାନ୍ୱିତ କରିଛନ୍ତି ।

**ମନୀଷ କୁମାର :** ରାଜ୍ୟଗୋଷ୍ଠୀ ଚେସ୍‌ର ୧୨ବର୍ଷରୁ କମ୍ ବିଭାଗରେ ବ୍ରୋଞ୍ଜ ପଦକ ପାଇଥିବା ମନୀଷ ୨୦୧୫ରେ ୯ ବର୍ଷରୁ କମ୍, ୨୦୧୭ରେ ୧୧ ବର୍ଷରୁ କମ୍ ଓ ୨୦୧୮ରେ ୧୩ ବର୍ଷରୁ କମ୍ ରାଜ୍ୟ ଚାମ୍ପିୟନ ହୋଇଥିଲେ।

**ଶୋଭନା ସୋନାଲୀ ଜେନା:** ରାଜ୍ୟ ୭ ବର୍ଷ/୯ବର୍ଷ ବର୍ଗରେ ଚାମ୍ପିୟନ ହୋଇଥିବା ଶୋଭନା ସିଡିଏ ଡିଏଭି ସ୍କୁଲ ତରଫରୁ ଜାତୀୟ ଡିଏଭି ଚେସ୍‌ରେ କ୍ରମାନ୍ୱୟ ୩ଥର ସ୍କୁଲକୁ ଚାମ୍ପିୟନ କରିବା ସହ ଅଧିନାୟକ ଭାର ସମ୍ଭାଳିଥିଲେ ।


ଆରୁଷୀ

**ଶ୍ରଦ୍ଧାଞ୍ଜଳି ଜେନା:** ମହିଳା ଖେଳାଳିମାନଙ୍କ ମଧ୍ୟରେ ବେଶ୍ ଆକ୍ରମଣାତ୍ମକ ଓ ସ୍ଥିର ପ୍ରଦର୍ଶନ ଦେଉଥିବା ଶ୍ରଦ୍ଧାଞ୍ଜଳି ଅନ୍ତର୍ଜାତୀୟ ରେଟିଂ ଚେସ୍‌ରେ (ଦିଲ୍ଲୀ) ଆର୍ଥିକ ପୁରସ୍କାର ପାଇବା ସହ ରାଜ୍ୟସ୍ତରରେ ମହିଳା ବର୍ଗରେ ବହୁବାର ଚାମ୍ପିୟନ ହୋଇ ପ୍ରତିଦ୍ୱନ୍ଦ୍ୱୀଙ୍କୁ କଡ଼ା ଟକ୍କର ଦେଇଛନ୍ତି ।

**ଆକାଂକ୍ଷା କବି :** ନିଜର ସୁନ୍ଦର ଚର୍ଚ୍ଚିତ ଚେହେରା ପାଇଁ ଫିଲ୍ମ ଦୁନିଆରେ ଜାତୀୟ ପୁରସ୍କାର ପାଇବା ତାଙ୍କ ପାଇଁ ଯେତିକି ସମ୍ମାନ ଆଣି ନ ଥିଲା, ବିଶ୍ୱ ବିଦ୍ୟାଳୟ ଚେସ୍‌ରେ ଭାଗ ନେବା ତାଙ୍କ ପାଇଁ ଆହୁରି ଅଧିକ ମର୍ଯ୍ୟାଦା ଆଣି ଦେଇଥିଲା। ରାଜ୍ୟ ସ୍ତରରେ ବହୁଥର ଚାମ୍ପିୟନ ହେବା ସହ ସର୍ବାଧିକ ଟ୍ରଫି ଜିତିଥିବା ଆକାଂକ୍ଷା ଚେସ୍‌ର ରାଣୀ ।

**ଆରୁଷୀ ଶ୍ରୀଚନ୍ଦନ :** ଶ୍ରୀଲଙ୍କାରେ ଅନୁଷ୍ଠିତ ଏସୀୟ ସ୍କୁଲ ଚେସରେ ୫ (୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ ବ୍ରୋଞ୍ଜ) ପଦକ ଜିତି ଚର୍ଚ୍ଚାକୁ ଆସିଥିଲେ ଆରୁଷୀ ଶ୍ରୀଚନ୍ଦନ। ସେ ୧୧ ବର୍ଷରୁ କମ୍ ରାଜ୍ୟ ଚାମ୍ପିୟନ ହେବା ସହ ରାଜ୍ୟଗୋଷ୍ଠୀ ଚେସ୍‌ରେ ଭାଗ ନେବା ଏବଂ ଜାତୀୟ ସ୍କୁଲ ଚେସ୍‌ରେ ବ୍ରୋଞ୍ଜ ପଦକ ଜିତି ବର୍ତ୍ତମାନର ଶିଶୁଙ୍କ ମନରେ ନୂଆ ଆଶା ସଞ୍ଚାର କରିଛନ୍ତି ।

ମିରାକଲ୍ ପଣ୍ଡା, ସୁହାନା ଜେନା, ପ୍ରକୃତି ରାଉତ, ହର୍ଷିତ ସାହୁ, ଆଦିତ୍ୟ ଅନୁରକ୍ତ ମହାନ୍ତି, ସ୍ୱପ୍ନିଳ ପ୍ରିୟଦର୍ଶୀ, ରୁଦ୍ର ନାରାୟଣ, ଲକ୍ଷ୍ମୀ ଡି ସାବତ, ଐଶ୍ୱର୍ଯ୍ୟା ସାହୁ, ଆଦିମାନ ନାୟକ, ସ୍ୱସ୍ତିକ ଶୁଭମ୍ ପଟ୍ଟନାୟକ, ବିଶ୍ୱପ୍ରିତ ରାୟ, ତନ୍ମୟ ତଳିନ, ଶ୍ରୀୟମ୍ ସତ୍ୟାଂଶ, ତନ୍ମୟ ତ୍ରିପାଠୀ, ଆରିନ୍ ଅନ୍ୱେଷ ସ୍ୱାଇଁ, ପ୍ରତ୍ୟୁଷ ମହାପାତ୍ର, ଆଦିତ୍ୟ ନାରାୟଣ ମହାନ୍ତି, ଆୟୁଷି ଦାସ, ସ୍ନେହାଯୁକ୍ତ ବେହେରା, ପଲକ ମହାପାତ୍ର, ଆଦିତ୍ୟ ରଞ୍ଜନ ସାମଲ, ସୁଶୋଭିତ ଦାସ, ଦେବୀ ପ୍ରସାଦ ନାୟକ, ଶ୍ରୀୟାଂଶ ଦେ, ଅନନ୍ୟା ଅନାମିକା, ସନ୍ଦିପା ପ୍ରିୟଦର୍ଶିନୀ ସାହୁ, ଶାଶ୍ୱତ ମଲିକ, ଅଙ୍କିତା ସାହୁ(ଜୁନିୟର), ଅଂଶୁମାନ ସାମଲ, ଅଭିଷେକ ନାୟକ, ନୀଲସୁ ପଟ୍ଟନାୟକ, ଆଦ୍ୟାଶା ପଟ୍ଟନାୟକ, ବିଜୟଲକ୍ଷ୍ମୀ ବାରିକ, ପ୍ରତ୍ୟୁଷା ଜେନା, ସାଇ ସମ୍ପ୍ରତା ମହାନ୍ତି, ଅମୃଶା ମହାନ୍ତି, ଅନିସ୍କା ପାଣ୍ଡେ, ଶ୍ରଦ୍ଧା ମିଶ୍ର, ଆୟୁଷ ଆରନ ମହାପାତ୍ର, ଶ୍ରୀୟାଂଶ ହୋତା, ତ୍ରିଦେବ ତୀର୍ଥଙ୍କର, ଆର୍ଯ୍ୟନ ମହାପାତ୍ର, ଆର୍ଯ୍ୟ ଅର୍ନବ ସାମନ୍ତରାୟ, ଅଞ୍ଜଳି ମିଶ୍ର, ମହାବୀର ପାତ୍ର ପ୍ରଭୃତି ଅନେକ ନବଉନ୍ମେଷ ଆଗାମୀ ୫ ବର୍ଷ ମଧ୍ୟରେ ଚେସ୍ ଦୁନିଆରେ ନିଜର ସ୍ମରଣୀୟ ଛାପ ଛାଡ଼ିବାକୁ ସଂକଳ୍ପବଦ୍ଧ ।

## ପାୱାର

ଦିମୁଥ କରୁଣାରତ୍ନେ ମଦ୍ୟପାନ କରି
ଚଳାଇଥିବାରୁ ଗାଡ଼ି
ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଅର୍ଥ ଦଣ୍ଡ
ଦେଇଅଛି ତାଙ୍କୁ ଚିଡ଼ି
ବେପରୁଆ ଯୁବ ପିଢ଼ୀ
ଓଡ଼ିଶାରେ ମଦପିଇ ଦୁର୍ଘଟଣା
କଲେ ନାହିଁ ରୁଲ୍ ଖୁଡ଼ୀ।
ୱାର୍ଲ୍ଡ କପ୍ କ୍ରିକେଟ ଲାଗି ନ୍ୟୁଜିଲାଣ୍ଡ
ଘୋଷଣା କରିଛି ଦଳ
କେନ୍ ୱିଲିୟମସନ କ୍ୟାପଟେନ




ଲୋକି, ଟମ୍, ଟିମ୍ ବଳ
ଉଇକେଟ କିପର ମେଳ
ଚଳାଇବ ଭାରତୀୟ ବାଂଶୋଭବ
ସୋଧି ମାରି ନେଲା ତାଳ।
ଖେଳ ଛାଡ଼ି ଏବେ ଖେଳାଳି କଲେଣି
ଇଣ୍ଡିଆରେ ରାଜନୀତି
କ୍ରୀଡ଼ାମନ୍ତ୍ରୀ ରାଠୋର, କ୍ରିଷ୍ଣା ପୁନିଆ
ଭାଜପା, କଂଗ୍ରେସ ପ୍ରାର୍ଥୀ
ନେତା ମାଲେମାଲ ନିତି
ପାଞ୍ଚଦିନ ଖାଇ ପାଞ୍ଚ ବର୍ଷ ପାଇଁ
ହୁଡ଼ଇ ଭୋଟର ଜାତି।

-ସୁବାସ ଚନ୍ଦ୍ର ପ୍ରଧାନ

ନୂଆ ବ୍ରାଣ୍ଡ ସାନ୍ୟୋ ସହ ଅନଲାଇନ ଏସି ବଜାରରେ ୧୦ % ଅଂଶ ହାସଲ କରିବାକୁ ଲକ୍ଷ୍ୟ ରହିଛି।
– ମନୀଷ ଶର୍ମା, ସିଇଓ, ପାନାସୋନିକ ଇଣ୍ଡିଆ



ପ୍ରସ୍ତାବିତ ନ୍ୟାୟ ଯୋଜନା ଆସିଲେ ମଧ୍ୟବିତ୍ତଙ୍କ ଉପରେ କୌଣସି ଟିକସ ଚାପ ନ ଆସିବ ତାହା ଧ୍ୟାନରେ ରହିଛି।
–ପି.ଚିଦାମ୍ବରମ୍, ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ



## ସଂକ୍ଷେପରେ

### ଭାରତର ରେଟିଂ ଅପରିବର୍ତ୍ତିତ ରଖିଲା ଫିଚ୍

**ନୂଆଦିଲ୍ଲୀ,୪-୪:** ବିଶ୍ୱ ରେଟିଂ ଏଜେନ୍ସି ଫିଚ୍ ଭାରତର ରେଟିଂକୁ 'ବିବିବି-'ରେ ଅପରିବର୍ତ୍ତିତ ରଖିଛି। ଦେଶର ଭବିଷ୍ୟତର ଆର୍ଥିକ ଦୃଶ୍ୟପଟକୁ ସ୍ଥିର ଦର୍ଶାଯାଇଛି। ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ,ସରକାରୀ ରାଜକୋଷର ଦୁର୍ବଳ ସ୍ଥିତି ଭାରତର ଆର୍ଥିକ ଦୃଶ୍ୟପଟ ସୁଧାର ଦିଗରେ ବଡ଼ ବାଧକ ହୋଇଛି। ଦୁର୍ବଳ ଆର୍ଥିକ ସ୍ଥିତି ତଥା କଠିନ ବ୍ୟବସାୟିକ ପରିବେଶକୁ ଦେଖି ଏହା ଭାରତର ସରକାରୀ ରେଟିଂକୁ ଅପରିବର୍ତ୍ତିତ ରଖିଛି। ସୂଚନାଥାଉ କି, ଭାରତକୁ ଦିଆଯାଇଥିବା 'ବିବିବି-' ରେଟିଂ ନିବେଶ ବର୍ଗରେ ସବୁଠାରୁ ନିମ୍ନଶ୍ରେଣୀର ବୋଲି କୁହାଯାଏ। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଓ ଅର୍ଥନୀତିଜ୍ଞମାନେ ଦେଶର ଦୃଢ଼ ଅର୍ଥନୀତି, ରାଜନୈତିକ ସ୍ଥିରତା ତଥା ସଂସ୍କାର କାର୍ଯ୍ୟକ୍ରମ ଅନୁଯାୟୀ ଭାରତର ରେଟିଂ ସ୍ଥିର କରିବାକୁ ଯୁକ୍ତି କରୁଛନ୍ତି। ତେବେ ଢାଞ୍ଚାଗତ ସୁଧାରକୁ ଅଧିକ ବିସ୍ତାରିତ କରିବା ତଥା ବ୍ୟବସାୟିକ ପରିବେଶରେ ଅଧିକ ସଂସ୍କାର କରାଯାଇପାରିବ ବୋଲି ସେମାନେ କହୁଛନ୍ତି।

### ମାଲ୍ୟା ଖର୍ଚ୍ଚ କମାଇବାକୁ ରାଜି

**ଲଣ୍ଡନ,୪-୪:** ବିଳାସବ୍ୟସନରେ ବସବାସ କରୁଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା ତାଙ୍କର ସାପ୍ତାହିକ ଖର୍ଚ୍ଚକୁ କମାଇବା ଲାଗି ରାଜି ହୋଇଛନ୍ତି। ରାଜକୀୟ ଚାଲିଚଳନରେ ବୁଡ଼ି ରହିଥିବା ମାଲ୍ୟା ଏବେ ସପ୍ତାହକୁ ୧୮,୩୦୦ ପାଉଣ୍ଡ(୨୪,୧୦୦ ଡଲାର) ଅର୍ଥାତ ମାସକୁ ୯୬,୪୦୦ ଡଲାର ଖର୍ଚ୍ଚ କରୁଛନ୍ତି। ତେବେ ଏହାକୁ କମାଇ ମାସକୁ ୩୮,୮୪୮ ଡଲାରରେ ସୀମିତ ରଖିବାକୁ ସେ ରାଜି ହୋଇଥିବା ନେଇ ତାଙ୍କର ଓକିଲ କହିଛନ୍ତି। ଏ ସମ୍ପର୍କରେ ତାଙ୍କ ଓକିଲ ଭାରତୀୟ ଷ୍ଟେଟ ବ୍ୟାଙ୍କ ଓକିଲଙ୍କୁ ସୂଚନା ଦେଇଛନ୍ତି। ଲଣ୍ଡନ ଅଦାଲତରେ ୨ ଲକ୍ଷ ୫୮ ହଜାର ପାଉଣ୍ଡ ଅର୍ଥକୁ ନେଇ ଉପୁଜିଥିବା ବିବାଦର ଶୁଣାଣି ବେଳେ ଏସ୍‌ବିଆଇ ଓକିଲ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ମାଲ୍ୟା ଯେଭଳି ଅୟସ ଜୀବନଯାପନ କରୁଛନ୍ତି, ତାହା ରାସ୍ତାର ଭିକାରୀଙ୍କ କ୍ଷେତ୍ରରେ ଦେଖାଯାଏ ନାହିଁ। ସେ ବିଭିନ୍ନ ସୂତ୍ରରୁ ଆୟ କରୁଛନ୍ତି। କିଙ୍ଗଫିଶର ବିୟର ୟୁରୋପ ଲିମିଟେଡ ଓ ଅନ୍ୟ ଟ୍ରଷ୍ଟରେ ହୋଇଥିବା ପାରିବାରିକ ସମ୍ପତ୍ତି ନିବେଶରୁ ସେ ପ୍ରତିମାସରେ ୭୫୦୦ ପାଉଣ୍ଡ ବା ୬.୮୦ ଲକ୍ଷ ଟଙ୍କା ଆୟ କରୁଛନ୍ତି। ବ୍ୟାଙ୍କ ଓକିଲଙ୍କ ପକ୍ଷରୁ କୁହାଯାଇଛି ଯେ, ମାଲ୍ୟା ଗତ ୨୦ ବର୍ଷ ଭିତରେ ରିଏଲ ଇଷ୍ଟେଟ, ୟାଟ୍, ସ୍କଚ୍ ହ୍ୱିସ୍କି ଓ ଫର୍ମୁଲା-୧ ରେସିଂରୁ ଆରମ୍ଭ କରି ୟୁନାଇଟେଡ ବ୍ରିଓରିଜ ଲିମିଟେଡ ଭଳି ବ୍ୟବସାୟରେ ନିଜର ପୋର୍ଟଫୋଲିଓ ବଢ଼ାଇଛନ୍ତି। ଅନ୍ୟପକ୍ଷରେ ମାଲ୍ୟାଙ୍କ ଓକିଲ କହିଥିଲେ ଯେ, ତାଙ୍କ ମହକିଲ ବ୍ୟାଙ୍କଗୁଡ଼ିକର ଋଣ ପରିଶୋଧ କରିବା ଲାଗି ଭାରତର ଅଦାଲତ ସହ ସହଯୋଗ କରୁଛନ୍ତି। କୌଣସି ଋଣପ୍ରଦାନକାରୀ ନିଜ ଅଧିକାର ସୀମା ଟପି ଋଣଗ୍ରହୀତାଙ୍କ ସମ୍ପତ୍ତି ଜବତ କରିବା ଲାଗି ଅନୁମତି ପାଇବା ଉଚିତ ନୁହେଁ।

### ନାଲ୍‌କୋର ଉଲ୍ଲେଖନୀୟ ସଫଳତା

**ଭୁବନେଶ୍ୱର,୪-୪:** ନ୍ୟାଶନାଲ ଆଲୁମିନିୟମ କମ୍ପାନୀ(ନାଲ୍‌କୋ) ୨୦୧୮-୧୯ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସବୁଠାରୁ କମ୍ ବ୍ୟୟରେ ବକ୍ସାଇଟ ଓ ଆଲୁମିନା ଉତ୍ପାଦନକାରୀ ଉଦ୍ୟୋଗ ଭାବେ ଏହା ଶ୍ରେଷ୍ଠ ମାନ୍ୟତା ଲାଭ କରିବାକୁ ସକ୍ଷମ ହୋଇଛି। ଏହି ସଫଳତା ପାଇଁ କମ୍ପାନୀ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ନାଲ୍‌କୋ ପରିବାରର ସମସ୍ତ ସଦସ୍ୟଙ୍କ ଅଭିନନ୍ଦନ ଜଣାଇଛନ୍ତି। ନାଲ୍‌କୋ ଏହାର ପଞ୍ଚପଟମାଳୀ ବକ୍ସାଇଟ ଖଣିରୁ ୭୪.୧୪ ଲକ୍ଷ ଟନ୍ ବକ୍ସାଇଟ ଉତ୍ତୋଳନ କରିଛି। ୭୨.୧୪ ଲକ୍ଷ ଟନ୍ ବକ୍ସାଇଟ ପରିବହନ, ୨୧.୫୩ ଲକ୍ଷ ଟନ୍ ଆଲୁମିନା ହାଇଡ୍ରେଟ୍ ଉତ୍ପାଦନ, ଷ୍ଟିମ୍ ଏବଂ ପାୱାର ପ୍ଲାଣ୍ଟ ଉତ୍ପାଦନରେ ରେକର୍ଡ, ସ୍ମେଲଟରରୁ ୮ ବର୍ଷରେ ୪.୪୦ ଲକ୍ଷ ଟନ୍ ଆଲୁମିନା ଉତ୍ପାଦନ ରେକର୍ଡ କମ୍ପାନୀ ନାମରେ ରହିଛି।

■ ମୁଦ୍ରାନୀତିରେ ରେପୋ ରେଟ୍ ହ୍ରାସ

# କମିବ ସମସ୍ତ ପ୍ରକାର ଇଏମ୍ଆଇ

ମୁମ୍ବାଇ,୪-୪

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗୁରୁବାର ମୁଦ୍ରାନୀତି ଘୋଷଣା କରି ରେପୋ ରେଟ ୦.୨୫% ହ୍ରାସ କରିଛନ୍ତି। ଫଳରେ ଗୃହ ଋଣ, କାର୍ ଋଣ ସମେତ ସମସ୍ତ ପ୍ରକାର ଋଣ ଉପରେ ସୁଧ ହାର କମିବ। ଏହାଦ୍ୱାରା ଋଣଗ୍ରହୀତାଙ୍କ ଇଏମ୍ଆଇ ଅର୍ଥାତ୍ ମାସକୁ ଦିଆଯାଉଥିବା କିସ୍ତି କମିବ। ବ୍ୟାଙ୍କଗୁଡ଼ିକ ଶସ୍ତାରେ ଋଣ ପାଉଥିବାରୁ ଏହାର ଫାଇଦା ଗ୍ରାହକ(ବ୍ୟକ୍ତିଗତ ଓ ଉଦ୍ୟୋଗ)ଙ୍କୁ ଦେଇପାରିବେ। ଗ୍ରାହକ ମଧ୍ୟ ଶସ୍ତାରେ ଋଣ ନେଇପାରିବେ।



ଶକ୍ତିକାନ୍ତ ଦାସ

**ଜିଡିପି ୭.୨% ରହିବା ଅନୁମାନ**

ଚଳିତ ଆର୍ଥିକ ବର୍ଷର ପ୍ରଥମ ମୁଦ୍ରା ନୀତି ଘୋଷଣା କରି ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ଗୁରୁବାର କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷରେ ଦେଶର ଜିଡିପି ୭.୪%ରୁ ହ୍ରାସ କରି ୭.୨% ରହିବ ବୋଲି ପୂର୍ବାନୁମାନ କରାଯାଉଛି।

**ମୁଦ୍ରାସ୍ଫୀତି ୨.୯ରୁ ୩% ରହିବ**

ଗତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସରେ ଖୁଚୁରା ମୁଦ୍ରାସ୍ଫୀତି ୨.୪% ରହିବ ବୋଲି ଆର୍‌ବିଆଇ ଅନୁମାନ କରିଛି। ତେବେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସ(ଏପ୍ରିଲ-ସେପ୍ଟେମ୍ବର)ରେ ଖୁଚୁରା ମୁଦ୍ରାସ୍ଫୀତି ହାର ୨.୯ରୁ ୩% ଏବଂ ଦ୍ୱିତୀୟ ୬ ମାସ(ଅକ୍ଟୋବର-ମାର୍ଚ୍ଚ)ରେ ଏହା ୩.୫ରୁ ୩.୮% ରହିବ ବୋଲି ଅନୁମାନ କରାଯାଇଛି।

**ଆଉଟଲୁକ୍ ନ୍ୟୁଟ୍ରାଲ**

ଏପ୍ରିଲ ମୁଦ୍ରାନୀତି ଘୋଷଣା କରି ରିଜର୍ଭ ବ୍ୟାଙ୍କ ଦେଶର ଆର୍ଥିକ ସ୍ଥିତିକୁ କଠିନରୁ ବଦଳାଇ ନିରପେକ୍ଷ (ନ୍ୟୁଟ୍ରାଲ) କରିଛନ୍ତି। ଗତଥର ଭଳି ଏହାକୁ ବଜାୟ ରଖାଯାଇଛି।

**ଏନ୍‌ପିଏ ସମାଧାନ ଲାଗି ଆସିବ ନୂଆ ଗାଇଡଲାଇନ**

ସୁପ୍ରିମକୋର୍ଟ ମଙ୍ଗଳବାର ଆର୍‌ବିଆଇର ୨୦୧୮ ଫେବୃୟାରୀ ୧୨ ସର୍କୁଲାରକୁ ରଦ୍ଦ କରିଦେଇଛନ୍ତି। ତେବେ ଏନ୍‌ପିଏ ସମାଧାନ ନିୟମ ପାଳନ ନେଇ ରିଜର୍ଭ ବ୍ୟାଙ୍କ ପକ୍ଷରୁ ନୂଆ ଗାଇଡଲାଇନ ସମ୍ବନ୍ଧିତ ସର୍କୁଲାର ଜାରି କରାଯିବ ବୋଲି ଗଭର୍ନର ଦାସ ପ୍ରକାଶ କରିଛନ୍ତି। ବ୍ୟାଙ୍କିଙ୍ଗ ଆଇନର ଧାରା ୩୫ଏଏ ଅନୁଯାୟୀ କେନ୍ଦ୍ରୀୟ ବ୍ୟାଙ୍କର ଅଧିକାର ଉପରେ କୌଣସି ସନ୍ଦେହ ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କାମ କରିବାକୁ ହେବ,କିନ୍ତୁ ଏନ୍‌ପିଏ ସମାଧାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି ।

## ରପ୍ତାନିରେ ହୋଣ୍ଡା ଟୁହ୍ୱିଲର୍ସର ରେକର୍ଡ

ଭୁବନେଶ୍ୱର,୪-୪

୨୦୧୮ ଡିସେମ୍ବରଠାରୁ ଘରୋଇ ଦୁଇଚକିଆ ଯାନ ବଜାରରେ ଧିମା ଅବସ୍ଥା ସତ୍ତ୍ୱେ ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ରପ୍ତାନି କ୍ଷେତ୍ରରେ ରେକର୍ଡ କରିଛି। କମ୍ପାନୀ ବିଦେଶୀ ବଜାରରେ ଚାହିଦା ବୃଦ୍ଧି ଯୋଗୁ ୨୦୧୮-୧୯ ଆର୍ଥିକ ବର୍ଷରେ ସର୍ବୋଚ୍ଚ ରପ୍ତାନୀ ରେକର୍ଡ ହାସଲ କରିଛି। ଏହି ସମୟରେ ହୋଣ୍ଡା ୩.୮୦ ଲକ୍ଷ ୟୁନିଟ ଯାନ ବିଦେଶ ବଜାରକୁ ପଠାଇଛି। ସେହିଭଳି ବିଦେଶ ବଜାର ଲାଗି କମ୍ପାନୀ ନୂଆ ମଡେଲ ମାନ ଆଣିଛି। ସମାନ ସମୟରେ କମ୍ପାନି ଘରୋଇ ବଜାରରେ ୫୫.୨୦ ଲକ୍ଷ ୟୁନିଟ ଯାନ ବିକ୍ରି କରିଛି। ଅପରପକ୍ଷରେ କମ୍ପାନିର ମୋଟ ବିକ୍ରି ୫୯ ଲକ୍ଷ ୟୁନିଟ ଟପିଛି। ଘରୋଇ ବଜାରରେ ଚ୍ୟାଲେଞ୍ଜ ସତ୍ତ୍ୱେ ରପ୍ତାନିରେ ଏହି ରେକର୍ଡ ହାସଲ କରିବାକୁ ସକ୍ଷମ ହୋଇଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।

## ବମ୍ବେ ଡାଇଙ୍ଗ ଗାୟତ୍ରୀର ପୂର୍ତ୍ତି



କଟକ,୪-୪

ବମ୍ବେ ଡାଇଙ୍ଗ ବ୍ରାଣ୍ଡର ଅଧିକୃତ ବିକ୍ରେତା ଗାୟତ୍ରୀ ଶୋ'ରୁମ ପକ୍ଷରୁ ୪୦ତମ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। ରେଭେନ୍ସା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଅନନ୍ତ ଚରଣ ସାହୁ, ଓଡ଼ିଶା ଆର୍ଚେରୀ ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ, ଖ୍ରୀଷ୍ଟ ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ସାହୁ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଗତ ୪ ଦଶନ୍ଧି ଧରି ଗ୍ରାହକଙ୍କୁ ଗୁଣବତ୍ତା ସେବା ଯୋଗାଣ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ଶୋ'ରୁମର ସ୍ୱତ୍ୱାଧିକାରୀ ଶରତ ଚନ୍ଦ୍ର ସାହୁ କହିଛନ୍ତି। ଏଠାରେ ଗ୍ରାହକଙ୍କ ଲାଗି ବମ୍ବେ ଡାଇଙ୍ଗର ବିଭିନ୍ନ ସାମଗ୍ରୀ ଉପଲବ୍ଧ ହେଉଛି। ବିଗତ ଦିନରେ କମ୍ପାନୀ ପକ୍ଷରୁ ଏହି ଶୋ'ରୁମ ପୁରସ୍କୃତ ହେଉଥିବା ସାହୁ କହିଛନ୍ତି। ଏହି ଅବସରରେ ଗ୍ରାହକମାନେ ଆକର୍ଷଣୀୟ ରିହାତି ଲାଭ କରିପାରିବେ। ଏହା ୧୫ ଦିନ ଯାଏ ଉପଲବ୍ଧ ହେବ।

## ଡ୍ୟୁକ ଆଣିଲା ନୂଆ ସ୍ପ୍ରିଙ୍ଗ ସମର କଲେକ୍ସନ



ଭୁବନେଶ୍ୱର,୪-୪

ଡ୍ୟୁକ୍ ଫ୍ୟାଶନ୍ସ ପକ୍ଷରୁ ନୂଆ ନୂଆ ସ୍ପ୍ରିଙ୍ଗ ସମର କଲେକ୍ସନ ବଜାରକୁ ଆସିଛି। ଗ୍ରୀଷ୍ମ ସମୟକୁ ଧ୍ୟାନରେ ରଖି ଭାରତୀୟ ଫ୍ୟାଶନ ପ୍ରେମୀଙ୍କ ପାଇଁ ଏହା ପ୍ରସ୍ତୁତ ହୋଇଛି। ଗ୍ରାହକମାନେ ଏହି କଲେକ୍ସନରେ ସଦ୍ୟତମ ଷ୍ଟାଇଲ, ଆରାମ ଭଳି ପ୍ରମୁଖ ବୈଶିଷ୍ଟ୍ୟ ଲାଭ କରିପାରିବେ। ଏହା ମଧ୍ୟରେ ଟିଶାର୍ଟ, ଡିଜାଇନର ଟପ୍ସ, ଶାର୍ଟ,ଡେନିମ, ଟ୍ରାଉଜର, ଲୋୟର, କ୍ୟାପ୍ରିସ, ବରମୁଡା ଏବଂ ଫୁଟୱେର ରହିଛି। ଏଥିରେ ବିଭିନ୍ନ ଡିଜାଇନ ଏବଂ ଗୁଣବତ୍ତାକୁ ନଜରରେ ରଖାଯାଇଛି। ଯୁବପିଢ଼ିଙ୍କୁ ନୂଆ ଏବଂ ସଦ୍ୟତମ ପୋଷାକ ପ୍ରଦାନ ଦିଗରେ କାର୍ଯ୍ୟ କରୁଥିବା ଡ୍ୟୁକ୍ ଫ୍ୟାଶନ୍ସ ଲିମିଟେଡର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ କହିଛନ୍ତି।

## ଆଇଏମ୍ଏମ୍‌ଟି, ଏନ୍ଏମ୍‌ଡିସି, ଆଇଆଇଟି ଖଡ଼ଗପୁର ମଧ୍ୟରେ ଚୁକ୍ତି




ଭୁବନେଶ୍ୱର,୪-୪

ସିଏସ୍ଆଇଆର୍ ଇନଷ୍ଟିଚ୍ୟୁଟ ଅଫ୍ ମିନେରାଲ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସ୍ଆଇଆର୍ ଆଇଏମ୍ଏମ୍‌ଟି) ଭୁବନେଶ୍ୱର, ଜାତୀୟ ଖଣିଜ ଉନ୍ନତୀକରଣ ନିଗମ(ଏନ୍ଏମ୍‌ଡିସି) ଏବଂ ଆଆଇଟି ଖଡଗପୁର ସହଭାଗିତାରେ ସାମିଲ ହୋଇଛନ୍ତି। ଏହି ଚୁକ୍ତି ଫଳରେ ୩ ପ୍ରତିଷ୍ଠାନ ନାନୋ ଆଇରନ ଆପ୍ଲିକେଶନ, ଏନର୍ଜି ଏବଂ ପାୱାର ଆପ୍ଲିକେଶନ କ୍ଷେତ୍ରରେ ଆଇରନ ଅକ୍ସାଇଡ ପାଉଡର ଉପରେ ମିଳିତ ଭାବେ କାର୍ଯ୍ୟ କରିବେ। ଏନ୍ଏମ୍‌ଡିସି ପକ୍ଷରୁ ରାଜନ କୁମାର, ସି.କେଶବ ରାଓ, ଆଇଆଇଟି ଖଡଗପୁରର ପ୍ରଫେସର ଶୁଭାଶିଷ ବି.ମଜୁମଦାର, ସିଏସ୍ଆଇଆର୍ ଆଇଏମ୍ଏମ୍‌ଟି ଭୁବନେଶ୍ୱର ପ୍ରଫେସର ଶୁଦ୍ଧସତ୍ୱ ବାସୁଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

## ଭିଡିଓକନ ଯୋଗୁ ବୁଡ଼ିଯିବ ୯୦ ହଜାର କୋଟି

ନୂଆଦିଲ୍ଲୀ,୪-୪

■ ଭିଆଇଏଲ୍ ଉପରେ ୫୯,୪୫୧.୮୭ କୋଟି, ଭିଟିଏଲ୍ ଉପରେ ୨୬,୬୭୩.୮୧ କୋଟି ଟଙ୍କା ବାକି
■ ପ୍ରମୋଟର ଧୂତ୍ ପରିବାର ଦାବି କରିଛନ୍ତି ୫୭,୮୨୩.୨୪ କୋଟି
■ ଆଇବିସି ଲାଗୁ ହେବା ପରେ ଏହା ହେବ ସର୍ବବୃହତ ଦେବାଳିଆ ମାମଲା

ଭିଡିଓକନ ଯୋଗୁ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ସମେତ ଅନ୍ୟାନ୍ୟ ସମବାୟ ବ୍ୟାଙ୍କର ପ୍ରାୟ ୯୦ ହଜାର କୋଟି ଟଙ୍କା ବୁଡ଼ିଯିବାକୁ ବସିଛି। ଏହା ଭାରତୀୟ କର୍ପୋରେଟ ଜଗତରେ ସର୍ବବୃହତ ଦେବାଳିଆ ମାମଲା ହେବ ବୋଲି ଜଣେ ଅଧିକାରୀ ଗୁରୁବାର କହିଛନ୍ତି।

ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଋଣ ପ୍ରଦାନ ମାମଲାରେ ଭିଡିଓକନ ଗ୍ରୁପ୍ ଏବେ ଯାଞ୍ଚର ଶିକାର ହୋଇଥିବା ବେଳେ ଏହା ୯୦ ହଜାର କୋଟି ଟଙ୍କା ଅନ୍ୟାନ୍ୟ ସୂତ୍ରରୁ ଋଣ ନେଇଛି। ଭିଡିଓକନ ଇଣ୍ଡଷ୍ଟ୍ରିଜ ଲିମିଟେଡ(ଭିଆଇଏଲ) ଏବଂ ଭିଡିଓକନ ଟେଲିକମ୍ୟୁନିକେଶନ ଲିମିଟେଡ(ଭିଟିଏଲ) ଯଥାକ୍ରମେ ୫୯,୪୫୧.୮୭ କୋଟି ଏବଂ ୨୬,୬୭୩.୮୧ କୋଟି ଏଭଳି ମୋଟ୍ ୮୬,୧୨୫.୬୮ କୋଟି ଟଙ୍କା ଏସ୍‌ବିଆଇ ନେତୃତ୍ୱାଧୀନ ବ୍ୟାଙ୍କ କନସୋର୍ଟିୟମରୁ ଋଣ ନେଇଛନ୍ତି। ଏହାଛଡ଼ା ୭୩୧ ଅପରେଶନାଲ କ୍ରେଡିଟର ମାନେ ଭିଆଇଏଲକୁ ୩୧,୧୧୭,୯୭୧,୦୨୯ ଟଙ୍କା ଏବଂ ଭିଟିଏଲକୁ ୧୨,୬୬୯,୯୭୮,୫୦୭ ଟଙ୍କା ଏପରି ମୋଟ ୯୦ ହଜାର କୋଟି ଟଙ୍କା ଋଣ ଦେଇଛନ୍ତି। ମଜାର କଥା ହେଉଛି, ଭିଡିଓକନ ଗ୍ରୁପ ପ୍ରମୋଟର ବେଣୁଗୋପାଳ ଧୂତ୍, ପ୍ରଦୀପ କୁମାର ଧୂତ୍ ଏବଂ ରାଜକୁମାର ଧୂତ୍ ୫୭,୮୨୩.୨୪ କୋଟି ଟଙ୍କା ବ୍ୟକ୍ତିଗତ ଗ୍ୟାରେଣ୍ଟି ବାବଦରେ କମ୍ପାନୀଠାରୁ ଦାବି କରିଛନ୍ତି। ସେହିପରି ଭିଟିଏଲ୍ ୧୭,୮୬,୯୪,୬୯,୬୫୯ ଟଙ୍କା ଭିଆଇଏଲଠାରୁ ଦାବି କରିଛି, ଯାହାକୁ ଗ୍ରହଣ କରିନିଆଯାଇଛି। ଏହାଛଡ଼ା ୨୦୧୮ ନଭେମ୍ବରରୁ ୨୦୧୯ ଜାନୁୟାରୀ ପର୍ଯ୍ୟନ୍ତ ଆର୍ଥିକ କାରବାର ସମ୍ପର୍କରେ ଡାଟାକୁ ରିଜଲ୍ୟୁଶନ ପ୍ରଫେଶନାଲ କମ୍ପାନୀର ୱେବସାଇଟରେ ଅପଲୋଡ କରିଛନ୍ତି। ୨୦୧୬ରେ ଦେଶରେ ଆଇବିସି କାର୍ଯ୍ୟକାରୀ ହେବା ପରେ ଏହା ସର୍ବବୃହତ ଦେବାଳିଆ ମାମଲା ହେବାକୁ ଯାଉଛି ବୋଲି ଶିଳ୍ପ ଜଗତ କହିଛି। ଏଥିଯୋଗୁ ଉଭୟ କର୍ପୋରେଟ ଓ ବ୍ୟାଙ୍କିଙ୍ଗ ଜଗତ ଗଭୀର ଭାବେ ପ୍ରଭାବିତ ହେବ। ଗତବର୍ଷ ଏସ୍‌ବିଆଇ ଭିଡିଓକନ ଗ୍ରୁପ୍ କମ୍ପାନୀ ବିରୋଧରେ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲରେ ମାମଲା ଦାଏର କରିଛି। ତଥ୍ୟରୁ ଜଣାପଡିଛି ଯେ, ଦେଶର ୫୪ ବ୍ୟାଙ୍କ ଭିଡିଓକନ ଠାରୁ ୫୯,୪୫୧.୮୭ କୋଟି ଟଙ୍କା ପାଇବେ। ତନ୍ମଧ୍ୟରୁ ୫୭,୪୪୩.୬୨ କୋଟି ଟଙ୍କା ଦାବିକୁ ଗ୍ରହଣ କରାଯାଇଥିବା ବେଳେ ୧୧୪୯.୫୭ କୋଟି ଟଙ୍କାର ଦାବିକୁ ପ୍ରତ୍ୟାଖ୍ୟାନ କରାଯାଇଛି। ସେହିପରି ୬୮୨.୨୪ କୋଟି ଟଙ୍କାର ଯାଞ୍ଚ କରାଯାଇଛି। ଭିଡିଓକନ ଉପରେ ଏସ୍‌ବିଆଇର ସର୍ବାଧିକ ୧୧,୧୭୫.୨୫ କୋଟି ଟଙ୍କା ବକେୟା ରହିଛି। ଆଇଡିବିଆଇ ବ୍ୟାଙ୍କର ୯୫୬୧.୬୭ କୋଟି ଟଙ୍କା, ସେଣ୍ଟ୍ରାଲ ବ୍ୟାଙ୍କର ୩୦୭୩.୧୬ କୋଟି ଟଙ୍କା ଏବଂ ଆଇସିଆଇସିଆଇ ବ୍ୟାଙ୍କର ୪୭୫୭.୦୮ କୋଟି ଟଙ୍କା ବକେୟା ରହିଛି।

## ବ୍ଲୁ ଲିଙ୍କ୍ କନେକ୍ଟିଭିଟି ଟେକ୍ନୋଲୋଜି ଆଣିବ ହ୍ୟୁଣ୍ଡାଇ

ନୂଆଦିଲ୍ଲୀ,୪-୪

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ଆଣିବାକୁ ଥିବା ଏହାର ନୂଆ ଏସ୍‌ୟୁଭିରେ ବ୍ଲୁ ଲିଙ୍କ କନେକ୍ଟିଭିଟି ଟେକ୍ନୋଲୋଜି ସୁବିଧା ଆଣିବ। ବିଦେଶରେ ଏହି ଟେକ୍ନୋଲୋଜିକୁ କମ୍ପାନୀ ବ୍ୟବହାର କରୁଛି। ପ୍ରଥମଥର ଲାଗି ଏହା ଘରୋଇ ବଜାରରେ ପ୍ରଚଳନ କରିବା ନେଇ କମ୍ପାନୀ ପକ୍ଷରୁ ସୂଚନା ରହିଛି। ନୂଆ ଯାନରେ ୩୩ ପ୍ରମୁଖ ବୈଶିଷ୍ଟ୍ୟ ସ୍ଥାନିତ ହେବ। ଏହା ମଧ୍ୟରୁ ୧୦ ବୈଶିଷ୍ଟ୍ୟ ଭାରତୀୟ ବଜାରର ଆବଶ୍ୟକତାକୁ ଆଧାର କରି ପ୍ରସ୍ତୁତ କରାଯାଇଛି। ଯାନଟିରେ ଉନ୍ନତ କନେକ୍ଟିଭିଟି, ନିରାପତ୍ତା, ସୁଗମତା ଭଳି ସୁବିଧା ଗ୍ରାହକ ଲାଭ କରିପାରିବେ। ନୂଆ ଟେକ୍ନୋଲୋଜି ଭେନ୍ୟୁ ମଡେଲକୁ ଏକ ସ୍ମାର୍ଟ କନେକଟେଡ କାର ଭାବେ ପରିଗଣିତ କରିବ ବୋଲି ହ୍ୟୁଣ୍ଡାଇ ମୋଟର ଇଣ୍ଡିଆର ଏମ୍‌ଡି ତଥା ସିଇଓ ସେୟନ ସେଓବ କିମ୍ କହିଛନ୍ତି।

## ଟିଭିଏସ୍ ରାଡେନ ବିକ୍ରି ୧ ଲକ୍ଷ ୟୁନିଟ ଟପିଲା

ନୂଆଦିଲ୍ଲୀ,୪-୪

ଟିଭିଏସ୍ ମୋଟର କମ୍ପାନୀର ୧୧୦ ସିସି ମୋଟରସାଇକେଲ ଟିଭିଏସ୍ ରାଡେନ ବିକ୍ରି ସଂଖ୍ୟା ୧ ଲକ୍ଷ ୟୁନିଟ ଅତିକ୍ରମ କରିଛି। ଏହି ମଡେଲରେ କମ୍ପାନୀ ଆକର୍ଷଣୀୟ ଫିଚର ସଂଯୋଗ କରିଛି। ଢାଞ୍ଚା ଏବଂ ଶୈଳୀ ଦୃଷ୍ଟିରୁ ଏହା ଭଲ ରେସପନ୍ସ ଲାଭ କରିଥିବା ବେଳେ ଚଳାଇବା ଲାଗି ଏହା ବେଶ୍ ଆରାମଦାୟକ ବୋଲି କମ୍ପାନୀ ସୂଚନା ଦେଇଛି। ବଜାରକୁ ଆସିବାର ମାତ୍ର ୭ ମାସ ମଧ୍ୟରେ ଏହା ଗ୍ରାହକଙ୍କ ଭଲ ପାଇ ପାରିଛି। ଗ୍ରାହକଙ୍କ ଅନୁଭୂତି ଏବଂ ପ୍ରତିକ୍ରିୟାକୁ ଭିତ୍ତିକରି ଏହି ମଡେଲଟିକୁ ବିକାଶ କରାଯାଇଥିବା କମ୍ପାନୀର ମାର୍କେଟିଂ ଉପସଭାପତି ଅନିରୁଦ୍ଧ ହଲଦାର ସୂଚନା ଦେଇଛନ୍ତି। ଏଥିରେ ୧୦୯.୭ ସିସିର ଡ୍ୟୁରା ଲାଇଫ ଇଞ୍ଜିନ ରହିଛି। ଇନ୍ଧନ ଦକ୍ଷତା ଦୃଷ୍ଟି କୋଣରୁ ଏହାର ପ୍ରଦର୍ଶନ ଉତ୍ତମ ରହିଛି। ଲିଟର ପିଛା ଏହା ୬୯.୩ କିମି ଯାତ୍ରା କରିଥାଏ। ୫ ବର୍ଷର ୱାରେଣ୍ଟି ସହ ଆସୁଛି।

## ବିମୁଦ୍ରୀକରଣ ବର୍ଷରେ ରିଟର୍ନ ଦାଖଲ କରିନାହାନ୍ତି ୮୮ ଲକ୍ଷ

ନୂଆଦିଲ୍ଲୀ,୪-୪

ବିମୁଦ୍ରୀକରଣର ସଫଳତା ନେଇ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଡିଣ୍ଡିମ ପିଟୁଛନ୍ତି। ବିମୁଦ୍ରୀକରଣ ବର୍ଷ(୨୦୧୬-୧୭)ରେ ୧.୦୬ କୋଟି ନୂଆ ଟିକସଦାତାଙ୍କୁ ଯୋଡାଯାଇଛି, ଯାହାକି ପୂର୍ବବର୍ଷ ତୁଳନାରେ ୨୫% ଅଧିକ ବୋଲି ସରକାର କହୁଛନ୍ତି। ତେବେ ସେହିବର୍ଷ ୮୮.୦୪ ଲକ୍ଷ ଟିକସଦାତା ରିଟର୍ନ ଦାଖଲ କରି ନ ଥିଲେ ବୋଲି ଜଣାପଡିଛି। ପୂର୍ବବର୍ଷ ଏହି ସମୟରେ ଏହା ମାତ୍ର ୮.୫୬ ଲକ୍ଷ ଥିଲା। ଟିକସ ଅଧିକାରୀଙ୍କ କହିବାନୁଯାୟୀ, ୨୦୦୦-୦୧ ପରେ ଏହା ପ୍ରାୟ ଦୁଇ ଦଶନ୍ଧିରେ ସର୍ବାଧିକ। ୨୦୧୩-୧୪ରେ ରିଟର୍ନ ଦାଖଲ ନ କରିଥିବା ସଂଖ୍ୟା ୩୭.୫୪ ଲକ୍ଷ ଥିଲା ବେଳେ ୨୦୧୪-୧୫ରେ ଏହା ହ୍ରାସ ପାଇ ୨୭.୦୨ ଲକ୍ଷ ଓ ୨୦୧୫-୧୬ରେ ୧୬.୩୨ ଲକ୍ଷକୁ କମିଥିଲା। ସେହିପରି ଆର୍ଥିକ ବର୍ଷ ୨୦୧୬ରେ ଏହା ୮.୫୬ ଲକ୍ଷ ଥିଲା। ଆୟକର ବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ,ରିଟର୍ନ ଦାଖଲ ନ କରିବା ସଂଖ୍ୟା ବଢ଼ିବା ପାଇଁ ଟିକସଦାତାଙ୍କ ବ୍ୟବହାରକୁ ଦାୟୀ କରାଯାଇପାରିବ ନାହିଁ। ଆଲୋଚ୍ୟ ବର୍ଷରେ ଆୟ ହ୍ରାସ ପାଇବା ଅଥବା ରୋଜଗାର ହରାଇବା କାରଣ ହୋଇପାରେ। ବିମୁଦ୍ରୀକରଣ ପରେ ଆର୍ଥିକ ଗତିବିଧି ଅଚାନକ ହ୍ରାସ ପାଇଥିଲା। ଏହି କାରଣରୁ ଟିକସଦାତା ଅଚାନକ ନିଯୁକ୍ତି ହରାଇଛନ୍ତି ନଚେତ୍ ସେମାନଙ୍କର ଆୟ କମିଯାଇଥିଲା। ଏହି କାରଣରୁ ଆୟକର ରିଟର୍ନ ଦାଖଲ କରି ନ ଥିବା ବ୍ୟକ୍ତିଙ୍କ ସଂଖ୍ୟା ପ୍ରାୟ ୧୦ଗୁଣା ବୃଦ୍ଧି ପାଇଥିଲା। ମୂଲ୍ୟ ଆକାରରେ ଯୋଡିଲେ ଏହା ପ୍ରାୟ ୮୬ ପ୍ରତିଶତ ହେବ। ବିଭାଗର ଅନ୍ୟ ଜଣେ ଅଧିକାରୀ କହିଛନ୍ତି ଯେ, ଆର୍ଥିକ ବର୍ଷ ୨୦୧୬-୧୭ରେ ଟିକସ ଡାଟାରୁ ଜଣାପଡୁଛି ଯେ, ୩୩ ଲକ୍ଷରୁ ଅଧିକ ଟିଡିଏସ୍ କାଟୁଥିବା କର୍ତ୍ତା ହ୍ରାସ ପାଇଥିଲା।

**ODISHA STATE ROAD TRANSPORT CORPORATION : BHUBANESWAR**
NO.4069/OSRTC/TOE-19/2019, DT.03.04.2019

**EXPRESSION OF INTEREST**

Odisha State Road Transport Corporation (OSRTC) invites application from the intending retired OAS Officers to be engaged as "H.R. Consultant" on contract basis in OSRTC for a period of one year.

The intending person must have a minimum of 10 years of work experience in Administrative/ H.R. Management matters and must not be above 62 years of age.

He will be paid a consolidated monthly remuneration of Rs.30,000/- only (Rupees Thirty Thousand only) per month, negotiable. His further extension of engagement will be considered subject to his good performance during the engagement period. He shall look in to the development of human resources/ man power management of OSRTC.

Intending person may apply to the chairman-cum-Managing Director, OSRTC, Paribahan Bhawan, Unit-II, P.O.: Ashok Nagar, Bhubaneswar - 751009 in the prescribed application format (available in the website) latest by 15.04.2019.

**N.B.:-** The details of the terms and conditions for engagement of H.R. Consultant and Application Format are available in the Corporation Website: **www.osrtc.in**

**By order of the Chairman-cum-Managing Director**
**Sd./- General Manager (A), OSRTC, Bhubaneswar**

**PARADIP PORT TRUST**

**Corrigendum-IV to e-Tender Call Notice No. EM/IOHP-01/2019 for the work : "Replacement of Wagon Tippler-150".**

The last date of submission and opening of the bid for the above e-Tender Call Notice are hereby extended as follows :
1. Last date and time of bid Submission : 30.04.2019 up to 1600 Hrs.
2. Opening of technical Bid : 03.05.2019 at 1600 Hrs.

All other terms and conditions of the original tender will remain unchanged.

Executive Engineer(M) (IOHP)
PPT/PR/03/19-20, Dt.04.04.2018

भारतीय प्रौद्योगिकी संस्थान भुवनेश्वर
INDIAN INSTITUTE OF TECHNOLOGY BHUBANESWAR
निविदा के लिए आमंत्रण/ NOTICE INVITING TENDER

Sealed Tenders in prescribed format are invited from reputed Electrical Contractors with required HT license having experience in 11/0.4KV indoor substation augmentation work preferably in Government, PSUs and Government Autonomous body.

| Sl. No. | Name of work | Estimated cost (in Rs.) | Tender Fee (in Rs) | EMD (in Rs.) | Last date and time of receipt of tender | Date and time of opening of tender | Time period for completion of work |
|---|---|---|---|---|---|---|---|
| 1. | "Augmentation of Existing 11/0.433 KV Local Control Stations at IIT Bhubaneswar, Argul". | 2.02 Crores | 1,500/- | 4,04,000/- | 30.04.19 upto 3.00 P.M | 30.04.19 at 3.30 P.M | 135 days |

The details of tender with terms and conditions are available in IIT Bhubaneswar website www.iitbbs.ac.in

Superintending Engineer

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org

ପତ୍ର ସଂଖ୍ୟା 3502 **ବିଜ୍ଞାପନ** ତା. : 30/3/19

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ତୁମ୍ପିଗୁଡ଼ା, ପ୍ରଥମ ପର୍ଯ୍ୟାୟ, ରାୟଗଡ଼ା ହାଉସିଂ ପ୍ରକଳ୍ପରେ ଘର ନଂ-ଏମ୍.ଆଇ.ଜି.-୧-୫ (MIG-I-5) କୁ ଶ୍ରୀମତୀ କୋରଡ଼ା ସୋଭାଲଥା, ସ୍ୱା- କୋରଡ଼ା ଭାଗିରଥି, ଗ୍ରା/ପୋ/ଥା/ଜି-ରାୟଗଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଶ୍ରୀମତୀ କୋରଡ଼ା ସୋଭାଲଥା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ନିଳାଦ୍ରୀ ସାମନ୍ତରାୟ, ପି-ଏ କାଶିନାଥ ସାମନ୍ତରାୟ, ଗ୍ରା-ରାଣୀଗୁଡା ଫାର୍ମ, ହର୍ଟିକଲଚର ରୋଡ, ପୋ/ଥା/ଜି-ରାୟଗଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

“ବିଶ୍ୱକପ୍ ବେଳେ ଆରୋନ ଫିଞ୍ଚ୍ ଯଦି ଆଘାତପ୍ରାପ୍ତ ହୁଅନ୍ତି ତେବେ ଉଇକେଟ କିପର ଆଲେକ୍ସ କାରେ ଅଷ୍ଟ୍ରେଲିଆ ଦଳର ଅଧିନାୟକ ଦାୟିତ୍ୱ ତୁଲାଇ ପାରିବେ ।

– ରିକି ପଣ୍ଟିଂ, ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ



“ବୁଧବାର ଆମ ଦଳ ବିପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ଦର୍ଶନୀୟ। ମୁଁ ନିଜେ ଏହି ଖେଳାଳିଙ୍କର ଜଣେ ବଡ଼ ପ୍ରଶଂସକ ।

– ଷ୍ଟିଫେନ୍ ଫ୍ଲେମିଂ, ଚେନ୍ନାଇ ସୁପର କିଙ୍ଗ୍ସ ମୁଖ୍ୟ କୋଚ୍



## ସଂକ୍ଷେପରେ

### ଫିଫା ର୍ୟାଙ୍କିଙ୍ଗ୍‌ରେ ଭାରତର ଉନ୍ନତି

ନୂଆଦିଲ୍ଲୀ, ୪।୪: ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ସଦ୍ୟ ପ୍ରକାଶିତ ର୍ୟାଙ୍କିଙ୍ଗ୍‌ରେ ଭାରତ ୨ଟି ସ୍ଥାନ ଉପରକୁ ଉଠି ୧୦୧ତମ ସ୍ଥାନରେ ରହିଛି। ଜାନୁୟାରୀରେ ଅନୁଷ୍ଠିତ ଏଏଫ୍‌ସି ଏସିଆନ୍ କପ୍ ପରଠାରୁ ଭାରତୀୟ ଦଳ ଆକ୍ସନରେ ନଜର ଆସି ନ ଥିଲେ ମଧ୍ୟ ମାନ୍ୟତାରେ ଉପରକୁ ଉଠିଛି। ୨୦୧୮ ବର୍ଷ ଶେଷରେ ଭାରତ ୯୭ତମ ସ୍ଥାନରେ ରହିଥିଲା। କିନ୍ତୁ ଏସିଆନ କପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ଦଳ ୬ଟି ସ୍ଥାନ ତଳକୁ ଖସି ଯାଇଥିଲା। ଏସିଆନ୍ କପ୍‌ରେ ଭାରତ ଓପନିଂ ମ୍ୟାଚ ୪-୧ ଗୋଲରେ ଥାଇଲାଣ୍ଡକୁ ପରାସ୍ତ କରିଥିଲେ ମଧ୍ୟ ଏହାପରେ ୨-୦ରେ ଘରୋଇ ୟୁଏଇ ଏବଂ ୧-୦ରେ ବାହାରିନ ନିକଟରୁ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଥିଲା। ଏସୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଭାରତର ମାନ୍ୟତା ୧୮ତମ ସ୍ଥାନ ରହିଛି। ତେବେ ଶ୍ରେଷ୍ଠ ଏସୀୟ ଦଳ ଭାବେ ବିଶ୍ୱ ମାନ୍ୟତାରେ ଇରାନ ୨୧ତମ ସ୍ଥାନରେ ରହିଥିବାବେଳେ ଜାପାନ (୨୬ତମ), ଦକ୍ଷିଣ କୋରିଆ (୩୭ତମ), ଅଷ୍ଟ୍ରେଲିଆ (୪୧ତମ) ପଛକୁ ପଛ ରହିଛନ୍ତି। ଏସିଆନ୍ କପ୍ ଚାମ୍ପିୟନ କାତାର ଫିଫା ର୍ୟାଙ୍କିଙ୍ଗ୍‌ରେ ୫୫ତମ ସ୍ଥାନ ରହିଛି। ୟୁଏଇ ୬୭ତମ ଓ ବାହାରିନ ୧୧୧ତମ ସ୍ଥାନରେ ରହିଥିବାବେଳେ ଥାଇଲାଣ୍ଡ ଗୋଟିଏ ପାହାଚ ଉପରକୁ ଉଠି ୧୧୪ତମ ସ୍ଥାନ ହାସଲ କରିଛି। ସେହିଭଳି ବେଲଜିୟମ, ବ୍ରାଜିଲ ଓ ଫ୍ରାନ୍ସ କ୍ରମାନ୍ୱୟରେ ପ୍ରଥମ ୩ଟି ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। କ୍ରୋଏସିଆ (୫ମ)କୁ ହଟାଇ ଇଂଲଣ୍ଡ ୪ର୍ଥ ସ୍ଥାନକୁ ଉଠିଛି। ସେହିଭଳି ପର୍ତ୍ତୁଗାଲକୁ ପଛରେ ପକାଇ ଉରୁଗୁଏ ୬ଷ୍ଠ ସ୍ଥାନ ଲାଭ କରିଥିବାବେଳେ ସୁଇଜରଲାଣ୍ଡ, ସ୍ପେନ ଓ ଡେନମାର୍କ ଯଥାକ୍ରମେ ୮ମ, ୯ମ ଓ ୧୦ ସ୍ଥାନରେ ରହିଛନ୍ତି।

### ଫ୍ରେଞ୍ଚ କପ୍ ଫାଇନାଲରେ ପିଏସ୍‌ଜି

ପ୍ୟାରିସ, ୪।୪(ଏଏଫ୍‌ପି)- ଡିଫେଣ୍ଡିଂ ଚାମ୍ପିୟନ ପ୍ୟାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) ଫ୍ରେଞ୍ଚ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲ ମ୍ୟାଚ୍‌ରେ ପିଏସ୍‌ଜି ୩-୦ ଗୋଲରେ ଏକପାଖିଆ ଭାବେ ନାଣ୍ଟେସ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ମାର୍କୋ ଭେରାଟି ୨୯ତମ ମିନିଟ୍‌ରେ ଗୋଲଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ପିଏସ୍‌ଜିକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ୮୫ତମ ମିନିଟ୍‌ରେ ପିଏସ୍‌ଜିକୁ ଏକ ପେନାଲ୍ଟି ମିଳିଥିଲା। ଫ୍ରାନ୍ସର ଉଦୀୟମାନ ଖେଳାଳି କିଲିୟାନ ଏମ୍‌ବାପ୍ପେ ଏଥିରେ କୌଣସି ତ୍ରୁଟି ନ କରି ଦଳର ଅଗ୍ରଣୀ ବ୍ୟବଧାନକୁ ଦ୍ୱିଗୁଣିତ କରିଥିଲେ। ଅତିରିକ୍ତ ସମୟରେ ଅଲ୍‌ଭେସ ଡା ସିଲ୍‌ଭା (୯୦+୧) ଅନ୍ତିମ ତଥା ୩ୟ ଗୋଲସ୍କୋର କରିଥିଲେ। ମ୍ୟାଚ୍‌ର ୭୨ତମ ମିନିଟ୍‌ରେ ନାଣ୍ଟେସର କାଲିଫା କୌଲିବେଲିଙ୍କୁ ରେଡ୍ କାର୍ଡ ମିଳିବାରୁ ଦଳ ୧୦ଜଣରେ ଅନ୍ତିମ ୧୮ ମିନିଟ୍ ଖେଳିଥିଲା। ୧୨ଥର ଟାଇଟଲ ବିଜେତା ପିଏସ୍‌ଜି ଫାଇନାଲରେ ରେନେସ ଏଫ୍‌ସିକୁ ଭେଟିବ। ଆସନ୍ତା ୨୭ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଏଥିରେ ପିଏସ୍‌ଜି ଚାମ୍ପିୟନ ହେଲେ ଲଗାତର ୫ମଥର ପାଇଁ ଟାଇଟଲ୍ ହାସଲ କରିବାର ସୌଭାଗ୍ୟ ଲାଭ କରିବ।

### ‘ଉପମହାଦେଶ ଦଳ ଇଂଲଣ୍ଡରେ ଲାଭବାନ ହେବେ’

ମୁମ୍ବାଇ,୪।୪(ପିଟି)- ଇଂଲଣ୍ଡରେ ପାଣିପାଗ ଗରମ ଓ ଶୁଖା ସ୍ଥିତି ରହିଲେ ବିଶ୍ୱକପ୍‌ରେ ଉପମହାଦେଶ ଦଳଗୁଡ଼ିକୁ ବିଶେଷ ସହାୟତା ମିଳିବ ବୋଲି ପୂର୍ବତନ ଅଧିନାୟକ କେଭିନ ପିଟରସନ କହିଛନ୍ତି। କିନ୍ତୁ ଗ୍ରୀନ୍ ପିଚ୍ ଘରୋଇ ଇଂଲଣ୍ଡ ଦଳକୁ ଫାଇଦା ଦେବ। ୨୦୦୦ ମସିହାରେ ଭାରତ ବିପକ୍ଷ ଏକ ଟେଷ୍ଟ ମ୍ୟାଚ୍ ଗ୍ରୀନ୍ ପିଚ୍‌ରେ ଖେଳାଯାଇଥିଲା। କିନ୍ତୁ ଦ୍ୱିତୀୟ ଦିନ ଶେଷସୁଦ୍ଧା ପିଚ୍ ସମ୍ପୂର୍ଣ୍ଣ ଶୁଖିଲା ପଡ଼ି ଯାଇଥିଲା। ଏଭଳି ପରିସ୍ଥିତି ହେଲେ ଉପମହାଦେଶୀୟ ଦଳଗୁଡ଼ିକ ବିଶ୍ୱକପ୍‌ରେ ବଡ଼ ଭୂମିକା ଗ୍ରହଣ କରିବେ। ଯଦି ପେସରଙ୍କୁ ସୁହାଇବା ପାଇଁ ଗ୍ରୀନ୍ ପିଚ୍ ପ୍ରସ୍ତୁତ କରାଯାଏ, ତେବେ ଇଂଲଣ୍ଡ ଫାଇଦାରେ ରହିବ। କିନ୍ତୁ ୱେଷ୍ଟଇଣ୍ଡିଜ ଭଳି ଇଂଲଣ୍ଡରେ ବଲ୍ ସୁଇଙ୍ଗ ହେଲେ ଘରୋଇ ଦଳ ପାଇଁ ଏହା ବିପଜ୍ଜନକ ସାବ୍ୟସ୍ତ ହୋଇପାରେ ବୋଲି ପିଟରସନ କହିଛନ୍ତି। ଅନ୍ୟପକ୍ଷରେ କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ବ୍ରାଏନ ଲାରା କହିଛନ୍ତି, ଆମକୁ ବିଶ୍ୱକପ୍ ଜିତିବା ପାଇଁ ଦଳରେ ସାମିଲ ମ୍ୟାଚ୍ ୱିନରଙ୍କୁ ଆହୁରି ଭଲ ପ୍ରଦର୍ଶନ କରିବାକୁ ପଡ଼ିବ।

# ବିଜୟ ସହ ଭାରତର ଅଭିଯାନ ଆରମ୍ଭ

**କୁଆଲାଲମ୍ପୁର, ୪।୪(ପି.ଟି.)**

ଷ୍ଟ୍ରାଇକର ବନ୍ଦନା କାଟରିୟାଙ୍କ ଡବଲ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ବିଜୟ ସହ ଏହାର ମାଲେସିଆ ଗସ୍ତ ଆରମ୍ଭ କରିଛି। ୫ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚରେ ଭାରତ ଗୁରୁବାର ୩–୦ ଗୋଲରେ ମାଲେସିଆକୁ ପରାସ୍ତ କରିଛି। ଭାରତ ପକ୍ଷରୁ ମ୍ୟାଚର ୧୭ ଓ ୬୦ତମ ମିନିଟରେ ବନ୍ଦନା ଏବଂ ୩୮ତମ ମିନିଟରେ ଲାଲରେମସିଆମି ଗୋଲ ସ୍କୋର କରିଥିଲେ।

ଘରୋଇ ପରିବେଶରେ ମାଲେସିଆ ଆରମ୍ଭରୁ ଉତ୍ସାହୀ ପ୍ରଦର୍ଶନ କରିଥିଲା। ଆକ୍ରମଣାତ୍ମକ ଆରମ୍ଭ କରି ମ୍ୟାଚର ୩ୟ ମିନିଟରେ ଦଳ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ଭାରତୀୟ ଦଳର ନେତୃତ୍ୱ ନେଉଥିବା ସବିତା ପୁନିଆ ଏହାକୁ ଚମତ୍କାର ଭାବେ ସେଭ୍ କରିଥିଲେ। ୫ମ ମିନିଟରେ ଭାରତର ଲାଲରେମସିଆମି ଏକ ଶକ୍ତିଶାଳୀ ଶଟ୍ ମାରିଥିଲେ ତାହା ଗୋଲରେ ପରିଣତ ହୋଇପାରି ନ ଥିଲା। ସେହିପରି ୭ମ ମିନିଟରେ ନଭନୀତ କୌରଙ୍କ ଉଦ୍ୟମ ମଧ୍ୟ ବିଫଳ ହୋଇଥିଲା। ଏହାପରେ ଭାରତ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ଖେଳାଳିମାନେ ମାରିଥିବା ଶଟ୍ ଗୋଲପୋଷ୍ଟ ବାହାରେ ଚାଲି ଯାଇଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବାପରେ ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୭ତମ ମିନିଟରେ ବନ୍ଦନା ପ୍ରଥମ ଗୋଲଟି ଦେଇଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୧–୦ ଗୋଲରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ ମଧ୍ୟ ଭାରତ ପ୍ରଭାବୀ ପ୍ରଦର୍ଶନ କରିଥିଲା। ୩୮ତମ ମିନିଟରେ ଲାଲରେମସିଆମି ଏକ ଫିଲ୍ଡ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇ ଦେଇଥିଲେ। ମ୍ୟାଚ ଶେଷ ହେବାର ଅଳ୍ପକିଛି କ୍ଷଣ ପୂର୍ବରୁ ବନ୍ଦନା ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ତୃତୀୟ ଗୋଲଟି ସ୍କୋର କରିଥିଲେ। ଭାରତ ଓ ମାଲେସିଆ ମଧ୍ୟରେ ସିରିଜର ଦ୍ୱିତୀୟ ମ୍ୟାଚ ଶନିବାର ଅନୁଷ୍ଠିତ ହେବ।



ମାଲେସିଆ ବିପକ୍ଷରେ ଏକ ଗୋଲ ସ୍କୋର କରିବା ପରେ ବନ୍ଦନା କାଟରିୟା।

### ଭାରତୀୟ ଫୁଟ୍‌ବଲ କୋଚ୍ ପାଇଁ ୨୫୦ ଆବେଦନକାରୀ

ନୂଆଦିଲ୍ଲୀ, ୪।୪– ଭାରତୀୟ ଫୁଟ୍‌ବଲ ଦଳର କୋଚ୍ ପଦ ପାଇଁ ୨୫୦ ଜଣ ଆବେଦନ କରିଥିବା ଅଲ୍‌ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ଜଣାପଡ଼ିଛି। ଏହି ଆବେଦନକାରୀଙ୍କ ମଧ୍ୟରେ ୟୁରୋପର କିଛି ଜଣାଶୁଣା ପ୍ରଶିକ୍ଷକ ରହିଛନ୍ତି। ରିପୋର୍ଟ ଅନୁସାରେ ୨୦୦୬ ବିଶ୍ୱକପ୍ ଫାଇନାଲରେ ଫ୍ରାନ୍ସର ଦଳର ପ୍ରଶିକ୍ଷକ ରହିଥିବା ରଏମଣ୍ଡ ଡୋମେନ ମଧ୍ୟ ଭାରତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ନେବାକୁ ଆଗ୍ରହୀ ଥିବା ଜଣାପଡ଼ିଛି। ଡୋମେନଙ୍କ ବ୍ୟତୀତ ଇଟାଲୀର ଜିଓଭାନି ଡି ବୈସି, ସ୍ୱିଡେନର ହାକନ ଏରିକସନ, ଇଂଲିଶ ପ୍ରିମିୟର ଲିଗ୍‌ରେ ଏଭରଟନର କୋଚ୍ ଥିବା ସାମ୍ ଅଲର୍ଡିସି ପ୍ରମୁଖ ମଧ୍ୟ ଏହି ଦୌଡ଼ରେ ରହିଛନ୍ତି। ବାର୍ସିଲୋନା ଦଳର ପ୍ରାକ୍ତନ ସହାୟକ କୋଚ୍ ତଥା ବେଙ୍ଗାଲୁରୁ ଏଫ୍‌ସିର ମୁଖ୍ୟ କୋଚ୍ (୨୦୧୬ରୁ ୨୦୧୮ ପର୍ଯ୍ୟନ୍ତ) ରହିଥିବା ଆଲବର୍ଟ ରୋକା ମଧ୍ୟ ପ୍ରମୁଖ ଦାବିଦାର। ଜାନୁୟାରୀରେ ଅନୁଷ୍ଠିତ ଏଏଫ୍‌ସି କପ୍ ପରେ ଷ୍ଟିଫେନ କନଷ୍ଟାଣ୍ଟିନ ଭାରତୀୟ ଦଳର ପ୍ରଶିକ୍ଷକ ପଦରୁ ଓହରି ଯାଇଥିଲେ। ସେବେଠାରୁ ଏହି ଗୁରୁତ୍ୱପୂର୍ଣ୍ଣ ପଦଟି ଖାଲି ପଡ଼ିଆସିଛି।


No.01-M



## ବାର୍ଡ଼ ଫ୍ଲୁ – କେତୋଟି ଜାଣିବା କଥା ଓ କଟକ ସଦର ଅଞ୍ଚଳ ପାଇଁ ସତର୍କତା ସୂଚନା।



- ଏହା ଇନ୍‌ଫ୍ଲୁଏଞ୍ଜା ଟାଇପ୍ ଏ (ପ୍ରକାର ଏଚ୍- ୫, ଏନ୍-୧) ଭୁତାଣୁ ଯୋଗୁଁ ହୋଇଥାଏ। ଏହାଦ୍ୱାରା କୁକୁଡ଼ା ଓ କୁକ୍କୁଟ ଜାତୀୟ ପକ୍ଷୀମାନେ ସାଧାରଣତଃ ଆକ୍ରାନ୍ତ ହୁଅନ୍ତି।
- ଏହି ଭୁତାଣୁ ମୁଖ୍ୟତଃ ଆକ୍ରାନ୍ତ ପକ୍ଷୀର ଲାଳ, ମଳରେ ନିର୍ଗତ ହୋଇଥାଏ। ପ୍ରତ୍ୟକ୍ଷଭାବେ ଆକ୍ରାନ୍ତ ପକ୍ଷୀର ସଂସ୍ପର୍ଶରେ ବା ପରୋକ୍ଷଭାବେ ଆକ୍ରାନ୍ତ ତଥା ମୃତ ପକ୍ଷୀର ଲାଳ, ମଳ ଦ୍ୱାରା ଏବଂ ପ୍ରଦୂଷିତ ଜଳ, ବାୟୁ, ମାଟି, ଖାଦ୍ୟ ମାଧ୍ୟମରେ ଏହି ରୋଗ ବ୍ୟାପିଥାଏ।
- କୁକୁଡ଼ାଙ୍କଠାରେ ଏହି ରୋଗ ଦେଖାଗଲେ ମୁହଁ ଓ ମୁଣ୍ଡ ଫୁଲିଯାଏ, ଆଖିରୁ ପାଣି ଝରେ। ନାକରୁ ପତଳା ସିଂଘାଣୀ ବାହାରିବା ସହିତ ଛିଙ୍କ ହୁଏ। କୁକୁଡ଼ାଙ୍କ ଚୂଳ ଶେତା ବା ନୀଳ ପଡ଼ିଲା ଭଳି ଦେଖାଯାଏ। ପ୍ରଥମେ ନୀଳ ରଙ୍ଗର ପତଳା ଝାଡ଼ା ହୋଇ କ୍ରମଶଃ ଧଳା ଝାଡ଼ା ହୋଇଥାଏ। ଅଣ୍ଡା ଉତ୍ପାଦନ କମିଯାଏ। ରୋଗ ହେବାର ୪୮ ଘଣ୍ଟା ମଧ୍ୟରେ ପ୍ରାୟ ୮୦-୯୦ ପ୍ରତିଶତ ପକ୍ଷୀ ମୃତ୍ୟୁବରଣ କରନ୍ତି।
- କଟକ ସଦର ଅଞ୍ଚଳ ଏବଂ ରାଜ୍ୟର ବିଭିନ୍ନ ଜାଗାରୁ କୁକୁଡ଼ାମାନଙ୍କଠାରୁ ନମୂନା ସଂଗ୍ରହ କରାଯାଇ ପରୀକ୍ଷାଗାରରେ ଯାଞ୍ଚ କରାଯାଉଛି। ବିଭାଗ ତଥା ସରକାରଙ୍କ ତରଫରୁ ଏହାର ନିରାକରଣ ପାଇଁ ପ୍ରତିଷେଧକ ମୂଳକ ବ୍ୟବସ୍ଥା ଗ୍ରହଣ କରାଯାଉଛି। କଟକ ସଦରମହକୁମା ଅଞ୍ଚଳରେ କାର୍ଯ୍ୟରତ ପଶୁପାଳନ ବିଭାଗର କ୍ଷେତ୍ର କର୍ମଚାରୀମାନଙ୍କୁ ସଜାଗ କରି ଦିଆଯାଇଅଛି। କୁକୁଡ଼ା ଫାର୍ମକୁ ତୁରନ୍ତ ଯାଞ୍ଚ କରି ପରୀକ୍ଷା ପାଇଁ ନମୂନା ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଅଛି। ଏଥିପାଇଁ କୁକୁଡ଼ା ଫାର୍ମ ମାଲିକ ତଥା ଜନ ସାଧାରଣଙ୍କୁ ସହଯୋଗ କରିବାକୁ ଅନୁରୋଧ।
- କଟକ ଜିଲ୍ଲାର ମୁଖ୍ୟତଃ ଖପୁରିଆ ବତକ ପ୍ରଜନନ କେନ୍ଦ୍ରର ପାଶ୍ୱର୍ବର୍ତ୍ତି ୧୦ କି.ମି. ବ୍ୟାପୀ ଅଞ୍ଚଳରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ **Rapid Response Team** ଗଠନ କରାଯାଇଅଛି। କୌଣସିଠାରେ ଅତ୍ୟଧିକ ପକ୍ଷୀ ରୋଗାକ୍ରାନ୍ତ ହେବାର ବା ମୃତ୍ୟୁମୁଖରେ ପଡ଼ିବାର ସୂଚନା ମିଳିଲେ ତତ୍‌କ୍ଷଣାତ୍ ସ୍ଥାନୀୟ ପ୍ରାଣୀଚିକିତ୍ସକଙ୍କୁ ଜଣାଇବା ପାଇଁ ଅନୁରୋଧ କରାଯାଉଅଛି।
- କୁକୁଡ଼ାମାନଙ୍କୁ ନିୟମିତ ଟିକାଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଅଛି।
- ଏହି ରୋଗ ନ ହେବାକୁ କୁକୁଡ଼ାଙ୍କୁ ସୁଷମ ତଟକା ଖାଦ୍ୟ ପ୍ରଦାନ, ପରିଷ୍କାର ପରିଚ୍ଛନ୍ନ ଘର ତଥା ପାନୀୟ ଜଳ ଯୋଗାଣ, ଠିକ୍ ସମୟରେ ନିୟମିତ ପ୍ରତିଷେଧକ ଟିକା ପ୍ରଦାନ, ବାହ୍ୟ ଜୀବ ବା ପକ୍ଷୀ, ଯାନବାହାନ ବା ମନୁଷ୍ୟଙ୍କ ଫାର୍ମ ମଧ୍ୟକୁ ଅବାଧ ପ୍ରବେଶ ନିଷେଧ, ମୃତ କୁକୁଡ଼ାକୁ ବାହାରେ ନ ଫିଙ୍ଗି ଗଭୀର ଗାତରେ ପୋତି ଦେବା ବା ପୋଡ଼ି ଦେବା ଆଦି ପଦକ୍ଷେପ ଗ୍ରହଣ କରାଯିବା ଉଚିତ୍।

**ଅଯଥାରେ ଜନସାଧାରଣ ଆତଙ୍କିତ ନହେବା ପାଇଁ ବିଶେଷ ଅନୁରୋଧ।**

**ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ,**
**ଓଡ଼ିଶା, କଟକ**

06014/11/0001/1920



## ପୂର୍ବ ତଟ ରେଳପଥ
### ନିର୍ମାଣ କାର୍ଯ୍ୟ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS2019014 ତା.02.04.2019ରିଖ

**କାର୍ଯ୍ୟର ନାମ :** “ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଝାରସୁଗୁଡ଼ା-ଟିଟିଲାଗଡ଼ ସେକ୍ସନ(ଡିପୋଜିଟ୍ କାର୍ଯ୍ୟ)ରେ ବରଗଡ଼ ରୋଡ୍ ଏବଂ ବରପାଲି ଷ୍ଟେସନଗୁଡ଼ିକ ମଧ୍ୟରେ କି.ମି. 623.698 ଠାରେ ‘A’ ଶ୍ରେଣୀ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ନଂ.JT-60 ପରିବର୍ତ୍ତେ କି.ମି. 623.778 ଠାରେ ରୋଡ୍ ଓଭର ବ୍ରିଜ୍ (4x36.0M କମ୍ପୋଜିଟ୍ ଗର୍ଡ଼ର)ର ନିର୍ମାଣ ।”

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1710.72 ଲକ୍ଷ, EMD (ଟଙ୍କାରେ) : 10,05,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା. 24.04.2019 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ଖୋଲାଯିବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-04/CC/19-20



## NOTICE

No.2-T:- Hon’ble Shri Justice Bijaya Kumar Nayak former Judge Odisha High Court, assumed the charges of Judicial Member, O/o the Lokayukta, Odisha w.e.f. 31.03.2019 (FN)

**Sd./-**
**Secy. to Lokayukta, Odisha**

09010/11/0001/1920



## NOTICE

**OFFICE OF THE EXECUTIVE ENGINEER, P.H. Division, Puri**
**OFFICE-06752-223447 / FAX-06752-223440**
**E-mail-eephpuri@nic.in / eephpuri@gmail.com**

**No.2908/** **Dt.16.03.2019**

No.01-C:- A control room is functioning with telephone No-06752-223447, to monitor heat wave situation during summer 2019 in the office of the Executive Engineer, P.H.Division, Puri. Consumers / public are requested to lodge complaints regarding water supply problems in the above telephone in between 6.00 AM. to 10.00 PM. Er. Supriya Das, J.E, (Estr.) (Mob-7978532945) has been declared as water observer for monitoring water supply system of all ULBs under this division.

Sri Krushna Chandra Pani, Assistant Executive Engineer (Estr.) Mob-7978654094 has been declared as the Nodal Officer for overall monitoring of water supply during heat wave. All important information relating to water supply during heat wave & scarcity situation can be mailed to **eephpuri@gmail.com**

In absence of Sri Krushna Chandra Pani, Assistant Executive Engineer (Estr.) Er. Supriya Das, J.E (Estr.) will remain in charge of Nodal officer.

**Yours faithfully**
**Sd./-Executive Engineer, (PH)**

13010/11/0001/1920



## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED

OPTCL Lifeline of Odisha

(A Government of Odisha Undertaking)
OFFICE OF THE SENIOR GENERAL MANAGER (CONSTRUCTION),ZONAL-I, TECHNICAL BUILDING, 1ST FLOOR, BHOINAGAR, BHUBANESWAR – 751 022, TEL. 0674 –2546353 , Email:-sgm.con1.bbs@optcl.co.in
Website: www.optcl.co.in, CIN:U4102OR2004SGC007553

## NOTIFICATION

**No:Sr.GM(TP&C)\Publication\Gaz\08\(Vol.IV) 955** **Date: 04.04.2019**

In accordance with Section-164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager (Construction), Zone-I, Odisha Power Transmission Corporation Limited, Technical Building, 1st Floor, Bhoinagar, Bhubaneswar-751022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work, on any working day during office hours.

| Sl. No. | Name of the Work & Scope | Name of the Village in which the line will pass | Tentative Estimated Amount in (₹. Crs.) | Name of the Officer to be contacted | Perceived benefit, that may accrue |
|---|---|---|---|---|---|
| 1. | Construction of proposed 132KV (2 Phase) Traction line from existing 220/132/33 KV Grid Sub Station, Paradeep to proposed 132 KV Traction Sub Station, Siju | **Tahasil : KUJANG** **R.I. Circle: Paradeep Gada** **Revenue Village:** Chunabelari, Katakula **R.I. Circle: Jhimani** **Revenue Village:** Katha Ada, Pitambarpur, Siju | ₹.7.62 Cr. | D.G.M (Elec.), EHT (C) Division, Cuttack. | This will facilitate the un-interrupted power supply to East Cost Railway & overall development of Odisha State in general. |

(Gopal Chandra Pati)
**Sr. General Manager (C), Zone-I**

Please connect us: optcl.odisha optcl_odisha energyodisha



## OFFICE OF THE REGISTRAR
## UNLAWFUL ACTIVITIES (PREVENTION) TRIBUNAL

**ROOM NO.- 104, FIRST FLOOR, BLOCK - ‘A’**
**DELHI HIGH COURT, NEW DELHI - 110503**

**Re: Notification No. S.O. 564 (E) dated 31st January, 2019, issued by the Central Government, under Section 3(1) of the Unlawful Activities (Prevention) Act, 1967, declaring the Students Islamic Movement of India as an Unlawful Association.**

**To,**

**Students Islamic Movement of India**

No.: 1-D: WHEREAS the Central Government in exercise of the powers conferred by Sub-Sections (1) and (3) of Section 3 of the Unlawful Activities (Prevention) Act, 1967 (37 of 1967) (hereinafter referred to as “the Act”) has declared Students Islamic Movement of India (for short ‘SIMI’) to be an “Unlawful Association” vide Notification No. S.O. 564 (E) dated 31st January, 2019 [published in the Gazette of India: Extraordinary Part II, Section 3(ii)].

AND WHEREAS by Gazette Notification No. S.O. 931 (E) dated 21st February, 2019 [published in the Gazette of India: Extraordinary Part II, Section 3 (ii)], in exercise of powers under sub-section (1) of Section 5 read with Sub-section (1) of Section 4 of the Act, the Central Government has constituted a Tribunal comprising Hon’ble Ms. Justice Mukta Gupta, Judge of the High Court of Delhi, for adjudicating as to whether there is sufficient cause for declaring Students Islamic Movement of India (SIMI) as an “Unlawful Association” as required by Sub-Section (1) of Section 4 of the said Act.

NOW THEREFORE, a notice is hereby given under Sub-section (2) of Section 4 of the Act and you are hereby called upon to show cause, within 30 days from the date of service of notice, as to why your Association, declared as unlawful, be not adjudicated to be so and why an order confirming such declaration be not made under Section 4 (3) of the Act.

The objections/reply affidavits, if any, may be filed/delivered, before the next date of hearing of the Tribunal, to the undersigned at his office in Room No. 104, First Floor, ‘A’ Block, Delhi High Court, Sher Shah Road, New Delhi - 110503. In case the objections/reply and the documents are in regional language, true English Translation thereof be also attached.

You may appear through a duly authorized person before the Tribunal on 15.04.2019 at 3.00 P.M. in Court Room No. 30, Extension Block (First Floor), Delhi High Court, Sher Shah Road, New Delhi - 110503 for further proceedings.

Given under my hand and the seal of the Unlawful Activities (prevention) Tribunal, High Court of Delhi, New Delhi this the 28th February, 2019.

**(Lorren Bamniyal)**
**Registrar**
**Unlawful Activities (Prevention) Tribunal**
**Delhi High Court Building, Sher Shah Road, New Delhi**

12069/11/0001/1920



> ଚଳିତ ବର୍ଷ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ ଆଶେସ ସିରିଜ ବେଳେ ପେସ୍ ବୋଲରଙ୍କ ରୋଟେଶନ ଆବଶ୍ୟକ ପଡ଼ିବ ।
>
> – ଜୋସ୍ ହାଜେଲ୍‌ଉଡ୍, ଅଷ୍ଟ୍ରେଲୀୟ ପେସ୍ ବୋଲର



> ମାୟାମି ଓପନ ଜିତିବା ପରେ ଆସନ୍ତା କ୍ଲେ ସିଜନରେ କେତେଜଣ ଟପ୍ ଖେଳାଳିଙ୍କର ବିପର୍ଯ୍ୟୟ ଘଟାଇ ପାରିବି ବୋଲି ମୋର ଦୃଢ଼ ବିଶ୍ୱାସ ।
>
> – ଆଶଲେ ବାର୍ଟି, ଅଷ୍ଟ୍ରେଲୀୟ ପ୍ରଫେଶନାଲ ଟେନିସ ଖେଳାଳି



## ଆଜିର ମ୍ୟାଚ

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
ବନାମ
କୋଲକାତା ନାଇଟ୍ ରାଇଡର୍ସ

ପ୍ରସାରଣ
ସ୍ଥାନ : ବେଙ୍ଗାଲୁରୁ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

## ସଂକ୍ଷେପରେ

### ବ୍ରାଭୋ ପ୍ରଥମ ଚେନ୍ନାଇ ବୋଲର

ମୁମ୍ବାଇ, ୪ା୪: ଚେନ୍ନାଇ ସୁପର୍ କିଙ୍ଗ୍ସର ପ୍ରଥମ ବୋଲରଭାବେ ଡ୍ୱେନ ବ୍ରାଭୋ ୧୦୦ ଉଇକେଟ୍ ହାସଲ କରିଛନ୍ତି। ଆଇପିଏଲ୍‌ର ଦ୍ୱାଦଶ ସଂସ୍କରଣରେ ବୁଧବାର ରାତିରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍ ଅବସରରେ ବ୍ରାଭୋ ଏହି ସଫଳତା ପାଇଥିଲେ। ମ୍ୟାଚ୍‌ରେ ମୁମ୍ବାଇର ବିସ୍ଫୋରକ ବ୍ୟାଟ୍ସମ୍ୟାନ ସୂର୍ଯ୍ୟକୁମାର ଯାଦବ (୫୯ ରନ, ୪୩ ବଲ)ଙ୍କ ଉଇକେଟ୍ ଅକ୍ତିଆର କରି ବ୍ରାଭୋ ୧୦୦ ଉଇକେଟ୍ କ୍ଲବରେ ସାମିଲ ହୋଇଥିଲେ। ଏହି ମାଇଲଷ୍ଟୋନ ଛୁଇଁବାକୁ ସେ ୮୧ ମ୍ୟାଚ୍‌ର ସହାୟତା ନେଇଥିଲେ। ଚେନ୍ନାଇ ପକ୍ଷରୁ ସର୍ବାଧିକ ଉଇକେଟ୍ ନେଇଥିବା ଖେଳାଳି ତାଲିକାରେ ବ୍ରାଭୋଙ୍କ ପଛକୁ ରବିଚନ୍ଦ୍ରନ ଅଶ୍ୱିନ (୯୦), ଆଲବି ମୋର୍କେଲ (୭୬), ରବୀନ୍ଦ୍ର ଜାଡେଜା (୭୦) ଓ ମୋହିତ୍ ଶର୍ମା (୫୮) ରହିଛନ୍ତି। ତେବେ ଅଶ୍ୱିନ ଓ ମୋର୍କେଲ ବର୍ତ୍ତମାନ ଚେନ୍ନାଇ ପକ୍ଷରୁ ଖେଳୁନାହାନ୍ତି। ଅପରପକ୍ଷରେ ଆଇପିଏଲ୍‌ରେ ସର୍ବାଧିକ ଉଇକେଟ୍ ଅକ୍ତିଆର କରିଥିବା ବୋଲର ତାଲିକାରେ ୩୫ ବର୍ଷୀୟ ବ୍ରାଭୋ ୪ର୍ଥ ସ୍ଥାନରେ ରହିଛନ୍ତି। ଲସିଥ୍ ମାଲିଙ୍ଗା (୧୫୫ ଉଇକେଟ, ୧୧୩ ମ୍ୟାଚ୍), ହରଭଜନ ସିଂ (୧୨୭ ଉଇକେଟ୍, ୧୩୬ ମ୍ୟାଚ୍) ଓ ସୁନୀଲ ନାରିନ (୧୧୨ ଉଇକେଟ୍, ୧୦୦ ମ୍ୟାଚ୍) ଯଥାକ୍ରମେ ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି।

### ଗତ ୭ ମାସ ମୋ ପାଇଁ କଠିନ ସମୟ ଥିଲା: ପାଣ୍ଡ୍ୟା

ମୁମ୍ବାଇ, ୪ା୪(ପି.ଟି.)- ଏକ ଟିଭି ରିୟଲଟି ଶୋ'ରେ ମହିଳାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବେଶ୍ ବିବାଦୀୟ ହୋଇପଡ଼ିଥିବା ଭାରତୀୟ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଗତ ୭ ମାସ ତାଙ୍କ ପାଇଁ ସବୁଠାରୁ କଠିନ ସମୟ ଥିଲା ବୋଲି କହିଛନ୍ତି। ଏପରି କି କ'ଣ କରିବି ଜାଣିପାରୁ ନ ଥିଲି ବୋଲି ପାଣ୍ଡ୍ୟା ଚେନ୍ନାଇ ବିପକ୍ଷରେ ବିଜୟ ହାସଲ ପରେ ପ୍ରକାଶ କରିଛନ୍ତି। ଏହି ବିବାଦୀୟ ଘଟଣାରେ ପାଣ୍ଡ୍ୟାଙ୍କୁ ବିସିସିଆଇ ପ୍ରାରମ୍ଭିକ ପର୍ଯ୍ୟାୟରେ ବାସନ୍ଦ କରିବା ସହ ଅଷ୍ଟ୍ରେଲିଆ ଟୁର୍‌ରୁ ଫେରାଇ ଆଣିଥିଲା। ପରେ ତାଙ୍କ ବାସନ୍ଦକୁ ଉଠାଇ ଦିଆଯାଇଥିଲା। ଆଇପିଏଲ୍‌ର ଏକ ମ୍ୟାଚ୍‌ରେ ବୁଧବାର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ୩୭ ରନରେ ଚେନ୍ନାଇ ସୁପର୍ କିଙ୍ଗ୍ସକୁ ପରାସ୍ତ କରିଥିଲା। ମ୍ୟାଚ୍‌ରେ ପାଣ୍ଡ୍ୟା ୮ ବଲରୁ ୨୫ ରନର ଦ୍ରୁତ ଇନିଂସ ଖେଳିବା ସହ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ।

# ହାଇଦ୍ରାବାଦର ସହଜ ବିଜୟ

ନୂଆଦିଲ୍ଲୀ, ୪ା୪ (ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୬ତମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୯ଟି ବଲ ବାକିଥାଇ ୫ ଉଇକେଟରେ ପରାସ୍ତ କରି ସନରାଇଜର୍ସ ହାଇଦ୍ରାବାଦ ଏକ ସହଜ ବିଜୟ ହାସଲ କରିଛି। ସ୍ଥାନୀୟ ଫିରୋଜ ଶାହା କୋଟଲା ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ୮ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରିଥିଲା। ଜବାବରେ ହାଇଦ୍ରାବାଦ ୧୮.୩ ଓଭରରେ ୫ ଉଇକେଟ ହରାଇ ୧୩୧ ରନ କରି ବିଜୟୀ ହୋଇଥିଲା। ଏଥିସହିତ ହାଇଦ୍ରାବାଦ ତା'ର ତୃତୀୟ ବିଜୟ ହାସଲ କରିଥିବା ବେଳେ ଦିଲ୍ଲୀ ତୃତୀୟ ପରାଜୟ ବରଣ କରିଛି। ୪୮ରନର ଉପଯୋଗୀ ଇନିଂସ ଖେଳିଥିବା ହାଇଦ୍ରାବାଦ ଓପନର ଜନ୍ନୀ ବେୟାରଷ୍ଟୋ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୧୩୦ ରନର ସହଜ ବିଜୟ ଲକ୍ଷ୍ୟର ପିଛା କରି ହାଇଦ୍ରାବାଦ ଆରମ୍ଭରୁ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲା। ଡେଭିଡ ୱାର୍ନର ଓ ଜନ୍ନୀ ବେୟାରଷ୍ଟୋ ଓପନିଂ ଯୋଡିରେ ୪୧ ବଲରୁ ୬୪ ରନ ସଂଗ୍ରହ କରିଥିଲେ। ୱାର୍ନର ୧୦ ରନକରି କାଗିସୋ ରାବାଡ଼ାଙ୍କ ଦ୍ୱାରା ଆଉଟ ହୋଇଥିଲେ। ତେବେ ଏହାପୂର୍ବରୁ ପ୍ରଥମେ ବେୟାରଷ୍ଟୋ ୪୮ (୨୮ ବଲ, ୯ ଚୌକା, ୧ଛକା)ରନ କରି ରାହୁଲ ଟେୱାଟିଆଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ମନୀଷ ପାଣ୍ଡେ ୧୦ ରନ କରି ଇଶାନ୍ତ ଶର୍ମାଙ୍କ ବଲ୍‌ରେ ପୃଥ୍ୱୀ ଶ'ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅଲରାଉଣ୍ଡର ବିଜୟ ଶଙ୍କର ଅକ୍ଷର ପଟେଲଙ୍କ ବଲରେ ଶ୍ରେୟାସ ଆୟରଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ପୂର୍ବରୁ ୧୬ ରନ ସଂଗ୍ରହ କରିଥିଲେ। ଦୀପକ ହୁଡା ୧୦ ରନ କରିଥିବା ବେଳେ ନେପାଳ ଅଫ୍‌ସ୍ପିନର ସନ୍ଦୀପ ଲାମିଚେନଙ୍କ ବଲ୍‌ରେ ରାବାଡ଼ାଙ୍କୁ କ୍ୟାଚ୍ ଦେଇଥିଲେ। ଶେଷରେ ଷଷ୍ଠ ଉଇକେଟ ଯୋଡିରେ ୟୁସୁଫ ପଠାନ ଓ ମହମ୍ମଦ ନବୀ ୧୫ ବଲରୁ ଅପରାଜିତ ୨୦ ରନ କରି ଦଳକୁ ଜିତାଇଥିଲେ। ପଠାନ ୯ ରନ୍ ଓ ନବୀ ୯ଟି ବଲ୍ ଖେଳି ୨ ଚୌକା ଓ ୧ ଛକା ସହ ୧୭ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ ଲାମିଚେନ, ଅକ୍ଷର, ରାବାଡ଼ା, ଟେୱାଟିଆ ଓ ଇଶାନ୍ତ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ପକ୍ଷରୁ କେବଳ ଅଧିନାୟକ ଶ୍ରେୟାସ ଆୟରଙ୍କୁ ବାଦ୍ ଦେଲେ ବାକି ସବୁ ବ୍ୟାଟ୍ସମ୍ୟାନ ଫେଲ ମାରିଥିଲେ। ଆୟର ୪୧ଟି ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ୧ ଛକା ସହ ୪୩ ରନ କରି ଆଫଗାନ ତାରକା ସ୍ପିନର ରସିଦ ଖାଁଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଯୁବ ଓପନର ପୃଥ୍ୱୀ ଶ ୧୧, ଅଭିଜ୍ଞ ଶିଖର ଧାୱନ ୧୨, କ୍ରିସ୍ ମୋରିସ ୧୭ ରନ କରି ଆଉଟ ହୋଇଥିଲେ। ତେବେ ଅକ୍ଷର ପଟେଲ ଦ୍ରୁତ ୨୩ ରନ (୧୩ ବଲ, ୧ ଚୌକା, ୨ ଛକା) କରି ଅପରାଜିତ ରହିଥିଲେ। ସେହିପରି ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୫, ଟେୱାଟିଆ ୫, କଲିନ୍ ଇନ୍‌ଗ୍ରାମ ୫, ରାବାଡ଼ା ୩ ରନ କରି ପ୍ୟାଭିଲିୟନ ଫେରିଥିବା ବେଳେ ଇଶାନ୍ତ ଶର୍ମା ବିନା ସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ଭୁବନେଶ୍ୱର କୁମାର, ଆଫଗାନ ଅଫ୍‌ସ୍ପିନର ମହମ୍ମଦ ନବୀ ଓ ସିଦ୍ଧାର୍ଥ କାଉଲ ଦୁଇଟି ଲେଖାଏ, ରସିଦ, ସନ୍ଦୀପ ଶର୍ମା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

■ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୨୯/୮
(ଆୟର- ୪୩, ଅକ୍ଷର- ୨୩*, ମୋରିସ- ୧୭, ଧାୱନ- ୧୨, ପୃଥ୍ୱୀ- ୧୧, ଭୁବନେଶ୍ୱର- ୨/୨୭, ନବୀ- ୨/୨୧, କାଉଲ- ୨/୩୫, ରସିଦ- ୧/୧୮, ସନ୍ଦୀପ- ୧/୨୫) ।

■ ସନରାଇଜର୍ସ ହାଇଦ୍ରାବାଦ ୧୮.୩ ଓଭରରେ ୧୩୧/୫
(ବେୟାରଷ୍ଟୋ- ୪୮, ନବୀ- ୧୭*, ଶଙ୍କର- ୧୬, ଲାମିଚେନ- ୧/୩୨, ଅକ୍ଷର- ୧/୧୮, ରାବାଡ଼ା- ୧/୩୨, ଟେୱାଟିଆ- ୧/୧୦, ଇଶାନ୍ତ- ୧/୫)

# ଦିଲ୍ଲୀ ବନାମ କୋଲକାତା

**ସୁପର କପ୍ ଫୁଟବଲ**

ଭୁବନେଶ୍ୱର, ୪ା୪(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଶୁକ୍ରବାର ଦିଲ୍ଲୀ ଡାଇନାମସ ଓ ଆଟଲେଟିକୋ ଡି କୋଲକାତା (ଏଟିକେ) ମଧ୍ୟରେ ମୁକାବିଲା ହେବ। ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ)ର ୨ଟି ଯାକ ଦଳ ମଧ୍ୟରେ ମୁକାବିଲା ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ଦିଲ୍ଲୀ ଡାଇନାମସ ୨ଟି ମ୍ୟାଚରେ ୱାକଓଭର ପାଇ କ୍ୱାର୍ଟର ଫାଇନାଲ ଖେଳିବାକୁ ଯାଉଥିବାବେଳେ ଏଟିକେ ପ୍ରି-କ୍ୱାର୍ଟରରେ ରିୟଲ କଶ୍ମୀରକୁ ୩-୧ ଗୋଲରେ ପରାସ୍ତ କରିଛି।

ଆମ ପାଇଁ ଚ୍ୟାଲେଞ୍ଜ: ଆମେ ଚଳିତ ସିଜନରେ ୨ ଥର ଦିଲ୍ଲୀ ଡାଇନାମସକୁ ଭେଟି ସାରିଛୁ। ଆଶାନୁରୂପ ଫଳ ପାଇ ନ ଥିଲେ ହେଁ ଏହି ଦଳ ଆମକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ତେଣୁ ଆଗାମୀ ମ୍ୟାଚ ନିଶ୍ଚିତ ଚ୍ୟାଲେଞ୍ଜପୂର୍ଣ୍ଣ ହେବ ବୋଲି ଏଟିକେ କୋଚ୍ ଷ୍ଟିଭ୍ କୋପେଲ ପ୍ରକାଶ କରିଛନ୍ତି। ଆଇଏସଏଲରେ ଗତ ମୁକାବିଲାରେ ମ୍ୟାଚ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଆମେ ଏଥିରେ ଅଳ୍ପକେ ବିଜୟଲାଭ କରିଥିଲୁ। ତେଣୁ ଆଗାମୀ ମ୍ୟାଚ ମଧ୍ୟ ସେପରି ହେବା ଆଶା ବୋଲି କୋପେଲ କହିଛନ୍ତି। ଦିଲ୍ଲୀ ଓ ରିୟଲ କଶ୍ମୀର ଦଳର ଖେଳ ଷ୍ଟାଇଲ୍ ଭିନ୍ନ ବୋଲି ସେ ପ୍ରକାଶ କରିଛନ୍ତି। ''ଫୁଟବଲରେ ବିଜୟ ହାସଲ ପାଇଁ କୌଣସି ଏକ ଫର୍ମୁଲା ନ ଥାଏ। ଯିଏ ଯେଉଁ ଷ୍ଟାଇଲରେ ଖେଳୁ ନା କାହିଁକି ପ୍ରତି ମ୍ୟାଚରେ ପ୍ରତିଶ୍ରୁତିବଦ୍ଧତା ଦେଖାଇବାକୁ ପଡ଼ିଥାଏ। ଆଗାମୀ ମ୍ୟାଚ ଜିତି ଦୁଇ ଦଳ ଯାକ ସେମିଫାଇନାଲରେ ପ୍ରବେଶ ପାଇଁ ଉଦ୍ୟମ କରିବେ'' ବୋଲି କୋପେଲ କହିଛନ୍ତି।

## ୧୨ ଘଣ୍ଟା ମଧ୍ୟରେ ଦୁଇ ମ୍ୟାଚ୍ ଖେଳିଲେ ମାଲିଙ୍ଗା

ମୁମ୍ବାଇ,୪ା୪– ଭାରତୀୟ ପେସରଙ୍କ କାର୍ଯ୍ୟ ଉପରେ ଦଳୀୟ ମ୍ୟାନେଜ୍‌ମେଣ୍ଟ କଡ଼ା ନଜର ରଖୁଥିବାବେଳେ ଲସିଥ୍ ମାଲିଙ୍ଗା ୧୨ ଘଣ୍ଟା ମଧ୍ୟରେ ଦୁଇଟି ମ୍ୟାଚ୍ ଖେଳିଛନ୍ତି। ଭାରତରେ ଖେଳିବା ପରେ ସେ ଶ୍ରୀଲଙ୍କାରେ ୫୦ ଓଭରବିଶିଷ୍ଟ ଘରୋଇ ଟୁର୍ନାମେଣ୍ଟରେ ଖେଳିଛନ୍ତି। ବୁଧବାର ମଧ୍ୟରାତ୍ରିରେ ଶେଷ ହୋଇଥିବା ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପେସର ୩୪ ରନ୍ ଦେଇ ୩ ଉଇକେଟ ନେଇଥିଲେ। ଗୁରୁବାର ସକାଳୁ ମାଲିଙ୍ଗା ମୁମ୍ବାଇରୁ କଲମ୍ବୋ ଯାତ୍ରା କରିଥିଲେ। ଶ୍ରୀଲଙ୍କାର ସୁପର ଫୋର ଟୁର୍ନାମେଣ୍ଟରେ ଖେଳିବା ପାଇଁ ୩୫ ବର୍ଷୀୟ ବୋଲର କଲମ୍ବୋରୁ କାଣ୍ଡି ଗସ୍ତ କରିଥିଲେ। ଗାଲେ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ବୋଲର ୯.୫ ଓଭର ବୋଲିଂ କରି ୪୯ ରନ୍ ବ୍ୟୟରେ ୭ ଉଇକେଟ ହାତେଇଛନ୍ତି। ଏହା ତାଙ୍କ ପ୍ରଥମ ଶ୍ରେଣୀ କ୍ୟାରିୟରର ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ। ଏହି ମ୍ୟାଚ୍‌ରେ ଗାଲେ ୧୫୬ ରନ୍‌ରେ କାଣ୍ଡିକୁ ପରାସ୍ତ କରିଛି। ଶ୍ରୀଲଙ୍କା ଦଳର ଅଧିନାୟକ ମାଲିଙ୍ଗାଙ୍କୁ ଦେଶର କ୍ରିକେଟ ବୋର୍ଡ ଆଇପିଏଲ ଖେଳିବାକୁ ଅନୁମତି ଦେଇଛି। ହେଲେ ସେ ଘରୋଇ କ୍ରିକେଟରେ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ପର୍ଯ୍ୟନ୍ତ ଗୋଟିଏ ଦିନରେ ଦୁଇ ଦେଶରେ ଦୁଇଟି ମ୍ୟାଚ୍ ଖେଳିବାରେ ମାଲିଙ୍ଗା ପ୍ରଥମ ଖେଳାଳି ହୋଇପାରିଛନ୍ତି।

## 'ଆଇପିଏଲରୁ ବିଶ୍ୱକପ୍ ଦଳ ଚୟନ କରି ହେବ ନାହିଁ'

ମୁମ୍ବାଇ,୪ା୪ (ପିଟି)

ଆଇପିଏଲ ପ୍ରଦର୍ଶନକୁ ଭିତ୍ତି କରି ବିଶ୍ୱକପ୍ ପାଇଁ ଖେଳାଳି ଚୟନ କରାଯାଇ ପାରିବ ନାହିଁ ବୋଲି ଉପଅଧିନାୟକ ରୋହିତ ଶର୍ମା କହିଛନ୍ତି। ଚଳିତ ଆଇପିଏଲ ଶେଷ ହେବାର ଦୁଇ ସପ୍ତାହ ପରେ ମେ' ୧୨ ତାରିଖରୁ ବିଶ୍ୱକପ୍ ଆରମ୍ଭ ହେବ। ଏହି ମେଗା ଇଭେଣ୍ଟ ଲାଗି ୧୫ ଜଣିଆ ଦଳ ଚୟନ କରିବା ପାଇଁ ଜାତୀୟ ଚୟନକର୍ତ୍ତା ନିର୍ଦ୍ଦିଷ୍ଟ ଖେଳାଳିଙ୍କ ଆଇପିଏଲ ପ୍ରଦର୍ଶନ ଉପରେ ନଜର ରଖିଛନ୍ତି। ଖେଳାଳିଙ୍କ ଚୟନ ଲାଗି ଆଇପିଏଲ ପ୍ରଦର୍ଶନ କଦାପି ମାନଦଣ୍ଡ ହେବା ଉଚିତ ନୁହେଁ। ଭାରତୀୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇବା ପାଇଁ ଖେଳାଳିମାନେ ଯଥେଷ୍ଟ ପରିମାଣର ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିବା ଦରକାର। ସେମାନଙ୍କୁ ୫୦ ଓଭରିଆ ବିଶ୍ୱକପ୍ ଲାଗି ୨୦ ଓଭର ବିଶିଷ୍ଟ ଇଭେଣ୍ଟରୁ ଚୟନ କରାଯାଇ ପାରିବ ନାହିଁ। ଗତ ୪ ବର୍ଷରେ ଆମେ ବହୁ ଦିନିକିଆ ଓ ଟି୨୦ ମ୍ୟାଚ୍ ଖେଳିଛୁ। ସେଥିରୁ ବିଶ୍ୱକପ୍ ଲାଗି ଖେଳାଳି ଚୟନ କରାଯାଇପାରିବ। ତେବେ ଏହା ମୋ ବ୍ୟକ୍ତିଗତ ମତ ବୋଲି ମୁମ୍ବାଇ ଇଣ୍ଡିଆନ୍ସ ଦଳର ଅଧିନାୟକ ଏକ କ୍ରିକେଟ ୱେବସାଇଟ୍ ଉଦ୍‌ଘାଟନ ଇଭେଣ୍ଟରେ ଯୋଗଦେଇ କହିଛନ୍ତି।

## ଆଇସିସି ଦ୍ୱାରା ପୂର୍ବତନ ଶ୍ରୀଲଙ୍କା ଖେଳାଳି ସସ୍‌ପେଣ୍ଡ

ଦୁବାଇ, ୪ା୪(ପି.ଟି.)



ଦିଲ୍‌ହରା ଲୋକୁହେଟିଗେ

ଶ୍ରୀଲଙ୍କାର ପୂର୍ବତନ ଖେଳାଳି ଦିଲ୍‌ହରା ଲୋକୁହେଟିଗେ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ଦ୍ୱାରା ଗୁରୁବାର ସାମୟିକ ସସ୍‌ପେଣ୍ଡ ହୋଇଛନ୍ତି। ପୂର୍ବତନ ମିଡିୟମ ପେସ୍ ବୋଲର ଫିକ୍ସିଂରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଲୋକୁହେଟିଗେ ଶ୍ରୀଲଙ୍କା ତରଫରୁ ୯ ଅନ୍ତର୍ଜାତୀୟ ଦିନିକିଆ ଏବଂ ଦୁଇ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଆଇସିସି ଆଚରଣବିଧିର ସେ ତିନୋଟି ଧାରା ଉଲ୍ଲଂଘନ କରିଛନ୍ତି। ଜବାବ ରଖିବା ଲାଗି ତାଙ୍କୁ ୧୪ ଦିନ ସମୟ ଦିଆଯାଇଛି। ଏହି ପୂର୍ବତନ ମିଡିୟମ ପେସ୍ ବୋଲରଙ୍କ ବିରୋଧରେ ଫିକ୍ସିଂ ଅଭିଯୋଗ ହୋଇଛି। ଦୁର୍ନୀତି ତଦନ୍ତରେ ସେ ସହଯୋଗ କରି ନ ଥିଲେ। ସୂଚନାଯୋଗ୍ୟ, ଗତବର୍ଷ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଟି୧୦ ଲିଗ୍ ବେଳେ ଏମିରେଟ୍ସ କ୍ରିକେଟ ବୋର୍ଡ ୩୮ ବର୍ଷୀୟ ଲାକୁହେଟିଗେଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଆଣିଥିଲା। ଶ୍ରୀଲଙ୍କା କ୍ରିକେଟରୁ ଦୁର୍ନୀତି ହଟାଇବା ଲଗି ଆଇସିସି ପକ୍ଷରୁ ଅଭିଯାନ ଚାଲିଛି। ତଦନ୍ତରେ ସହଯୋଗ ପରିବର୍ତ୍ତେ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ୧୯୯୬ ବିଶ୍ୱକପ୍ ବିଜୟୀ ବ୍ୟାଟିଂ କିମ୍ବଦନ୍ତୀ ସନଥ ଜୟସୁରିୟା ଇତିମଧ୍ୟରେ ୨ ବର୍ଷ ପାଇଁ ସସ୍‌ପେଣ୍ଡ ହୋଇସାରିଛନ୍ତି।

## ଉଦୀୟମାନ କ୍ରିକେଟରଙ୍କୁ ସ୍ପୋକେନ ଇଂଲିଶ ଶିକ୍ଷା ଦିଆଯାଉ

ନୂଆଦିଲ୍ଲୀ, ୪ା୪(ପିଟି)

ଗତ କିଛି ଦଶନ୍ଧି ହେଲା ବହୁ ଉଦୀୟମାନ ଯୁବ କ୍ରିକେଟର ପାଠପଢ଼ାକୁ ଅବହେଳା କରି କେବଳ ଖେଳ ଉପରେ ଧ୍ୟାନ ଦେଉଛନ୍ତି। ଏଥିନେଇ ସେମାନଙ୍କୁ ସ୍ପୋକେନ ଇଂଲିଶ ଶିକ୍ଷା ସହ ଅନ୍ୟାନ୍ୟ ଶିକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ଦିଆଯାଉ ବୋଲି ବିସିସିଆଇର କାର୍ଯ୍ୟକାରୀ ସଭାପତି ସି.କେ. ଖାନ୍ନା ଏକ ଡ୍ରାଫ୍ଟରେ ଉଲ୍ଲେଖ କରିଛନ୍ତି। ଏ ନେଇ ପୂର୍ବତନ ଅଧିନାୟକ ତଥା ୧୯ ବର୍ଷରୁ କମ୍ ଭାରତୀୟ ଦଳର କୋଚ୍ ରାହୁଲ ଦ୍ରାବିଡ୍ ପ୍ରଥମେ ପ୍ରସ୍ତାବ ଦେଇଥିଲେ। ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀର ଅତିରିକ୍ତ ଦାୟିତ୍ୱରେ ଥିବା ଦ୍ରାବିଡ ନିକଟରେ ପ୍ରତିଭାସମ୍ପନ୍ନ କ୍ରିକେଟରଙ୍କୁ ବ୍ୟବସାୟିକ ଶିକ୍ଷା ଦେବାର ଆବଶ୍ୟକତା ଥିବା କହିଥିଲେ। ଏହାକୁ ସମର୍ଥନ କରି ଜୋନାଲ କ୍ରିକେଟ ଏକାଡେମୀ (ଜେଡ୍‌ସିଏ) ସ୍ତର ଦେଇ ଆସୁଥିବା ୧୬ ବର୍ଷରୁ କମ୍ କ୍ରିକେଟରଙ୍କ ସହାୟତା ପାଇଁ ଖାନ୍ନା ଏକ ଡ୍ରାଫ୍ଟ ପ୍ରସ୍ତୁତ କରିଛନ୍ତି। ଏଥିରେ ସେ ୫ଟି ପଏଣ୍ଟ ଉଲ୍ଲେଖ କରିଥିବା ସୂଚନା ମିଳିଛି।

# ସିନ୍ଧୁ ହାରିଲେ, ଶ୍ରୀକାନ୍ତ କ୍ୱାର୍ଟରରେ

**ମାଲେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ**

କୁଆଲାଲମ୍ପୁର, ୪ା୪ (ପି.ଟି.)



କିଦାମ୍ବି ଶ୍ରୀକାନ୍ତ।

ଭାରତର କିଦାମ୍ବି ଶ୍ରୀକାନ୍ତ ୭୫୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ମାଲେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପି.ଭି. ସିନ୍ଧୁ ମହିଳା ସିଙ୍ଗଲ୍ସ ପ୍ରତିଯୋଗିତାରେ ହାରିଯାଇଛନ୍ତି। ଗତ ସପ୍ତାହରେ ଇଣ୍ଡିଆ ଓପନରେ ଦୀର୍ଘ ୧୭ ମାସ ବ୍ୟବଧାନରେ ଏକ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଥିବା ଶ୍ରୀକାନ୍ତ ଏଠାରେ ଥାଇଲାଣ୍ଡର ଖୋସିତ୍ ଫେଟ୍‌ପ୍ରାଦାବଙ୍କୁ ୨୧-୧୧, ୨୧-୧୫ ରେ ହରାଇ ଦେଇଛନ୍ତି। କ୍ୱାର୍ଟର ଫାଇନାଲରେ ସେ ଅଲିମ୍ପିକ ଚାମ୍ପିୟନ ତଥା ଚତୁର୍ଥ ସିଡ୍ ଚାଇନାର ଚେନ୍ ଲଙ୍ଗଙ୍କ ସହିତ ମୁକାବିଲା କରିବେ। ୨୬ ବର୍ଷୀୟ ଶ୍ରୀକାନ୍ତ ବର୍ତ୍ତମାନ ଏକମାତ୍ର ଭାରତୀୟ ଖେଳାଳି ଭାବେ ଏହି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୭୫୦ ଟୁର୍ନାମେଣ୍ଟରେ ତିଷ୍ଠି ରହିଛନ୍ତି। ଗୁରୁବାର ମହିଳା ସିଙ୍ଗଲ୍ସରେ ସିନ୍ଧୁ ବିଶ୍ୱର ୧୦ ନମ୍ବର ଖେଳାଳି ସଙ୍ଗ୍ ଜି ହ୍ୟୁନ୍‌ଙ୍କଠାରୁ ୧୮-୨୧, ୭-୨୧ରେ ହାରିଯାଇଛନ୍ତି। କୋରିଆର ଏହି ଖେଳାଳିଙ୍କଠାରୁ ସିନ୍ଧୁଙ୍କର ଏହାଥିଲା କ୍ରମାଗତ ତୃତୀୟ ପରାଜୟ। ଏହା ପୂର୍ବରୁ ସେ ଅଲ ଇଂଲଣ୍ଡ ଚାମ୍ପିୟନଶିପ୍‌ର ପ୍ରଥମ ରାଉଣ୍ଡ ଏବଂ ୨୦୧୮ ହଂକଂ ଓପନରେ କୋରିଆର ଏହି ଖେଳାଳିଙ୍କଠାରୁ ପରାଜିତ ହୋଇଥିଲେ। ମିକ୍ସଡ ଡବଲ୍ସରେ ପ୍ରଣବ ଜେରୀ ଚୋପ୍ରା ଓ ଏନ୍ ସିକ୍କି ରେଡ୍ଡୀ ୨୧-୧୫, ୧୭-୨୧, ୧୩-୨୧ରେ ସ୍ଥାନୀୟ ଯୋଡ଼ି ମାଲେସିଆର ତାନ କିଆନ୍ ମେଙ୍ଗ୍ ଓ ଲାଇ ପେଇ ଜିଙ୍ଗ୍‌ଙ୍କଠାରୁ ହାରି ଯାଇଛନ୍ତି।

# ପ୍ରଥମ ବିଜୟ ଲକ୍ଷ୍ୟରେ ବାଙ୍ଗାଲୋର

ବେଙ୍ଗାଲୁରୁ,୪ା୪(ପି.ଟି.)

କ୍ରମାଗତ ୪ଟି ମ୍ୟାଚ୍‌ରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପରାସ୍ତ ହୋଇ ପ୍ରଶଂସକଙ୍କୁ ନିରାଶ କରିଛି। ଶୁକ୍ରବାର ସ୍ଥାନୀୟ ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବାଙ୍ଗାଲୋର କୋଲକାତା ନାଇଟ ରାଇଡର୍ସକୁ ଭେଟିବାକୁ ଯାଉଛି। କିଛି ପରୀକ୍ଷା ନିରୀକ୍ଷା କରିବା ସହ କେତୋଟି ପରିବର୍ତ୍ତନ କରି ବାଙ୍ଗାଲୋର ଏହି ମ୍ୟାଚ୍‌ରେ ବାଜି ମାରିବା ସହ ପ୍ରଥମ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି। ଚଳିତ ଆଇପିଏଲ୍‌ରେ ବାଙ୍ଗାଲେରର ପ୍ରଦର୍ଶନ ଅତ୍ୟନ୍ତ ନିରାଶଜନକ ରହିଛି। ଦଳ ଉଭୟ ବ୍ୟାଟିଂ ଓ ବୋଲିଂରେ ବିଫଳ ହୋଇଛି। ନିରାଶ ଅଧିନାୟକ କୋହଲି ମଧ୍ୟ ଦଳ ଏପର୍ଯ୍ୟନ୍ତ ସନ୍ତୁଳନ ପାଇବା ପାଇଁ ସଂଘର୍ଷ କରୁଥିବା କଥା ସ୍ୱୀକାର କରିଛନ୍ତି। ଜୟପୁରରେ ରାଜସ୍ଥାନ ରୟାଲ୍ସଠାରୁ କୋଲକାତା ୭ ଉଇକେଟରେ ପରାସ୍ତ ହୋଇଥିଲା। କୋଲକାତା ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି ୨ଟିରେ ବିଜୟ ହାସଲ କରିଛି। ଶେଷଥର ପାଇଁ ୨୦୧୬ ମେ'ରେ ଇଡେନ ଗାର୍ଡେନରେ ବାଙ୍ଗାଲୋର କୋଲକାତାକୁ ହରାଇଥିଲା। ଏହାପରେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ୩ଟି ମ୍ୟାଚ୍‌ରେ ବାଙ୍ଗାଲୋର କୋଲକାତାଠାରୁ ପରାସ୍ତ ହୋଇଥିଲା।

ବ୍ୟାଟିଂ ବିପର୍ଯ୍ୟୟ ବାଙ୍ଗାଲୋର ପାଇଁ ଚିନ୍ତା ସୃଷ୍ଟି କରିଛି। ସବୁଠୁ ବଡ଼ କଥା ହେଉଛି ଅଧିନାୟକ କୋହଲିଙ୍କ ଫର୍ମରେ ଅବନତୀ ହୋଇଛି। ନିଜ ଯଶ ତଥା ଦକ୍ଷତା ଅନୁରୂପ ପ୍ରଦର୍ଶନ କରିବାରେ ସେ ବିଫଳ ହୋଇଛନ୍ତି। ୪ଟି ମ୍ୟାଚ୍‌ରେ ସେ ୨୦ ହାରରେ ରନ୍ ସଂଗ୍ରହ କରିଛନ୍ତି। କେବଳ ପାର୍ଥିବ ପଟେଲ ଓ ଅଭିଜ୍ଞ ଏବି ଡିଭିଲର୍ସ ୨୦ରୁ ଅଧିକ ହାରରେ ରନ୍ ସଂଗ୍ରହ କରିଛନ୍ତି। ବାଙ୍ଗାଲୋର ତା'ର ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ତା'ର ପ୍ରଥମ ମ୍ୟାଚ୍‌ରେ ୧୭.୧ ଓଭରରେ ମାତ୍ର ୭୦ ରନ କରି ଅଲଆଉଟ୍ ହୋଇଥିଲା। ଅବଶ୍ୟ ଏହି ମ୍ୟାଚ୍‌ରେ ବାଙ୍ଗାଲୋର ସ୍ପିନର ହରଭଜନ ସିଂ ଓ ଇମ୍ରାନ ତାହିର ଦମ୍‌ଦାର ବୋଲିଂ କରିଥିଲେ। ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ବାଙ୍ଗାଲୋର ବୋଲିଂ ମାମୁଲି ସାବ୍ୟସ୍ତ ହୋଇଥିଲା। ଫଳରେ ହାଇଦ୍ରାବାଦ ୨୩୨ ରନ ସଂଗ୍ରହ କରିଥିଲା। ଦୁଇ ଓପନର ଡେଭିଡ ୱାର୍ନର ଓ ଜନୀ ବେୟାରଷ୍ଟୋ ଶତକ ଅର୍ଜନ କରିଥିଲେ। ଜବାବରେ ବାଙ୍ଗାଲୋର ୩୫ ରନରେ ୬ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଦଳ ୧୧୩ ରନରେ ଅଲଆଉଟ ହୋଇ ୧୧୮ ରନରେ ପରାସ୍ତ ହୋଇଥିଲା। ଏହାପରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ବାଙ୍ଗାଲୋର ଟପ୍ ଅର୍ଡର ଫେଲ୍ ମାରିଥିଲା। ତେବେ ପାର୍ଥିବ ଅର୍ଦ୍ଧଶତକ ହାସଲ କରିଥିଲେ। ଖରାପ ଫର୍ମ ସତ୍ତ୍ୱେ କୋହଲି ଓ ଡିଭିଲର୍ସ ବ୍ୟକ୍ତିଗତ ଭାବେ ଏକ ମାଇଲଖୁଣ୍ଟ ଅତିକ୍ରମ କରିବା ଲକ୍ଷ୍ୟରେ ରହିଛନ୍ତି। ଆଉ ୧୭ ରନ କଲେ କୋହଲି ସୁରେଶ ରାଇନାଙ୍କ ପରେ ୮,୦୦୦ ଟି୨୦ ରନ୍ ସଂଗ୍ରହ କରିବେ। ସେହିପରି ଆଉ ୧୫ ରନ କଲେ ଡିଭିଲର୍ସ ବାଙ୍ଗାଲୋର ପାଇଁ ଦ୍ୱିତୀୟ ସର୍ବାଧିକ ରନ୍ ସ୍କୋରର ସାବ୍ୟସ୍ତ ହେବେ। ଏବେ ଡିଭିଲର୍ସ ୩,୪୦୬ ରନ ସଂଗ୍ରହ କରିଛନ୍ତି। ବାଙ୍ଗାଲୋର ବୋଲିଂ ବିଭାଗ ମଧ୍ୟ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। କେବଳ ଯୁଜବେନ୍ଦ୍ର ଚହଲଙ୍କୁ ବାଦ୍‌ଦେଲେ ବାକି ସବୁ ବାଙ୍ଗାଲୋର ବୋଲର ବିଫଳ ହୋଇଛନ୍ତି।

# ଅଭ୍ୟାସରେ ସନ୍ତୁଳନ ରହିବା ଜରୁରୀ

ଜ୍ୟାକ୍ କାଲିସ୍

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଭଳି ହାଇପ୍ରୋଫାଇଲ ତଥା ଦୀର୍ଘ ଟୁର୍ନାମେଣ୍ଟରେ ଇଞ୍ଜୁରି ବା ଆଘାତ ସମସ୍ୟା ହେଉଛି ଏକ ସାଧାରଣ କଥା। ଇଞ୍ଜୁରିକୁ ନେଇ କୌଣସି ଦଳର କୋଚିଂ ଷ୍ଟାଫ୍ ନିରାଶ କିମ୍ବା ଆଶ୍ଚର୍ଯ୍ୟଚକିତ ହେବା ଅନୁଚିତ। କାରଣ ଏଭଳି ଆକସ୍ମିକ ସମସ୍ୟା ପାଇଁ ପୂର୍ବରୁ ପ୍ରସ୍ତୁତ ରହିବା ସହ ଯୋଜନ ସ୍ଥିର କରିବା ଉଚିତ୍। ଏହି ସମସ୍ୟା ନିଶ୍ଚିତ ଭାବେ ନୈରାଶ୍ୟଜନକ। ତେବେ ଏଥିପାଇଁ ବ୍ୟତିବ୍ୟସ୍ତ ହେବା ସୀମାଟୀନ ନୁହଁ ଓ ଏହାକୁ ପଛରେ ପକାଇ ଆଗକୁ ବଢ଼ିବା ବଢ଼ିବା ଉଚିତ୍।

ଏକ ଦକ୍ଷତା ସମ୍ପନ୍ନ ଶକ୍ତିଶାଳୀ ଦଳ ନେଇ ପଡିଆକୁ ଓହ୍ଲାଇବା ସବୁବେଳେ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ତେବେ ଏଥି ସହିତ କଡ଼ା ଅଭ୍ୟାସ ମଧ୍ୟ ଦଳ ପାଇଁ ସମାନଭାବେ ଆବଶ୍ୟକ। ଜଣେ ଖେଳାଳି ଯେତେ ପ୍ରତିଭା ସମ୍ପନ୍ନ କିମ୍ବା ଅଭିଜ୍ଞ ହୋଇଥାଉ ନା କାହିଁକି, ଅନ୍ତିମ ଏକାଦଶରେ ସ୍ଥାନ ପାଇବା ପୂର୍ବରୁ ଅଭ୍ୟାସ କରିବା ସହ କୋଟୋଟି ମ୍ୟାଚ୍ ଖେଳିବା ନିହାତି ଜରୁରୀ ହୋଇଥାଏ। ସୌଭାଗ୍ୟବଶତଃ ଆମ ଦଳ କୋଲକାତା ନାଇଟ ରାଇଡର୍ସ ଫିଟ୍‌ନେସ୍ ଓ ଇଞ୍ଜୁରି ଦୃଷ୍ଟିକୋଣରୁ ବେଶ୍ ସୁସ୍ଥ ରହିଛି। ଆମେ ମଧ୍ୟ ଆଗୁଆ ଏ ନେଇ ଚିନ୍ତା କରିବା ସହ ଯୋଜନା କରିଥାଉ। କାରଣ ଯେକୌଣସି ଦଳ ହେଉନା କାହିଁକି ପ୍ରତିଯୋଗିତାରେ ଗୋଟିଏ ଯୋଜନା ଦୀର୍ଘସ୍ଥାୟୀ ହୋଇ ନ ଥାଏ।

ଆଗକୁ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଛି। ତେବେ ସବୁ ଫ୍ରାଞ୍ଚାଇଜ୍‌ର ଖେଳାଳିମାନେ ଏହାକୁ ନେଇ ସେତେଟା ଚନ୍ତିତ ନ ଥିବେ ବୋଲି ଜୋର ଦେଇ କୁହାଯାଇପାରେ। କେବଳ କୋଲକାତା ନୁହଁ ସବୁ ଦଳର ଖେଳାଳିମାନେ ଆଇପିଏଲ୍‌କୁ ନେଇ ବ୍ୟସ୍ତ ରହିଛନ୍ତି। ଆଇପିଏଲ୍ ବ୍ୟତୀତ ଅନ୍ୟକଥା ଚିନ୍ତା କରିବାକୁ ଖେଳାଳିମାନଙ୍କ ପାଖରେ ସମୟ ନାହିଁ। କେବଳ ଗୋଟିଏ କିମ୍ବା ଦୁଇ ଦିନ ପରେ ଖେଳାଯିବାକୁ ଥିବା ମ୍ୟାଚ୍ କଥା ଖେଳାଳିମାନେ ଅବଶ୍ୟ ଚିନ୍ତା କରିଥାନ୍ତି।

ପ୍ରାରମ୍ଭିକ ପର୍ଯ୍ୟାୟରେ ଦଳକୁ କିପରି ଆଗକୁ ନେବାକୁ ହୋଇଥାଏ ତାହା ନିଶ୍ଚିତ ଭାବେ ରୋଚକ ହୋଇଥାଏ। ଅବଶ୍ୟ ଭିନ୍ନ ଭିନ୍ନ କୋଚ୍‌ଙ୍କ ମତ ଏନେ ଅଲଗା ରହିଥାଏ। କେତେକ କୋଚ୍ ଖେଳାଳିଙ୍କୁ ବିଶ୍ରମା ଦେବା ସହ ରୋଟେସନ ନୀତି ଅବଲମ୍ବନ କରିଥାନ୍ତି। ତେବେ ଆଉ କେତେକ କୋଚ ମ୍ୟାଚ୍‌ଗୁଡିକ ମଧ୍ୟରେ ଅଭ୍ୟାସର ତୀବ୍ରତା ଓ ସମୟକୁ ଆଡଜଷ୍ଟ କରିବାକୁ ପସନ୍ଦ କରିଥାନ୍ତି। ଅଧିକାଂଶ କ୍ଷେତ୍ରରେ ଯେତେବେଳେ ଖେଳାଳି ଓ କୋଚ୍‌ମାନେ ଗୋଟିଏ କିମ୍ବା ଦୁଇଟି ସେସନ ମିଳିତ ଭାବେ କାର୍ଯ୍ୟ କରିଥାନ୍ତି ସେତେବେଳେ ଦଳ ତଥା ଖେଳାଳିଙ୍କ ପାଇଁ କଣ କରିବା ଠିକ୍ ହେବ କୋଚ୍ ଭଲଭାବେ ଅବଗତ ହୋଇଥାନ୍ତି।

ଅତ୍ୟଧିକ ଟ୍ରେନିଂ ଯୋଗୁ ଖେଳାଳିମାନେ ଉଭୟ ଶାରିରୀକ ଓ ମାନସିକ ଭାବେ କ୍ଳାନ୍ତି ଅନୁଭବ କରିଥାନ୍ତି। ସେହିପରି ଖୁବ୍ ଟ୍ରେନିଂ ଦ୍ୱାରା ମଧ୍ୟ ଖେଳାଳିମାନେ ଲୟ ଫେରିପାଇନାହାନ୍ତି। ଫଳରେ ଦକ୍ଷତା ଅନୁଯାୟୀ ଖେଳି ପାରି ନଥାନ୍ତି। ଯାହା ଫଳରେ ସେମାନଙ୍କ ପ୍ରଦର୍ଶନ ତଥା ଷ୍ଟାମିନା ପ୍ରଭାବିତ ହୋଇଥାଏ। ବ୍ୟକ୍ତିଗତ ଭାବେ ଟ୍ରେନିଂ ବା ଅଭ୍ୟାସକୁ ସେତେ କଡ଼ା କରିବାକୁ ମୁଁ ପସନ୍ଦ କରି ନ ଥାଏ। ତେବେ ମ୍ୟାଚ୍ ଦିନ ଅବଶ୍ୟ ଟିକିଏ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥାଏ। ତେବେ କେତେବେଳେ କଣ କରିବାକୁ ହେବ ଖେଳାଳିମାନେ ଅବଶ୍ୟ ଭଲଭାବେ ଅବଗତ ଥାନ୍ତି। ଅଭ୍ୟାସରେ ଏକ ସଠିକ୍ ସନ୍ତୁଳନ ରହିବା ଉଚିତ୍।

ଆଗକୁ କ୍ରମାଗତ ଭାବେ ଭ୍ରମଣ କରି ୪ଟି ମ୍ୟାଚ୍ ଖେଳିବାକୁ ହେବ। ଗୋଟିଏ ରାତିର ଖରାପ ନିଦ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ। ଏପରିକି ଏହାର ପ୍ରଭାବ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ଅନୁଭୂତ ହେବାର ସମ୍ଭାବନା ରହିଛି। ଏହା ନିଶ୍ଚିତ ଭାବେ ଆମ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। କିନ୍ତୁ ଆମେ ଯଦି ବିଜୟ ଧାରାକୁ ଫେରିବୁ ତାହାଲେ ଏହାର ଗୁରୁତ୍ୱ ଅବଶ୍ୟ ସେତେଟା ରହିବ ନାହିଁ ଓ ଆମେ ପଏଣ୍ଟ ତାଲିକାରେ ଉପରକୁ ଉଠିବୁ।

(ଗେମ୍ ପ୍ଲାନ୍/ ଟିଭାକ ସ୍ପୋର୍ଟ୍ସ)

THE ULTIMATE INVERTER BATTERY
EXIDE
INVATUBULAR

ଶେଷେ ଆଏଁଖ୍ ମୁଜ୍ଲେ ସୁସତ୍ୟ

# ଛୁଆପିଲାକର ଭବିଷତ୍ ଚିନ୍ତାରେ ଧାଇଁ

**ଲୋଇସିଂହା, ୪।୪ (ଡି.ଏନ.ଏ)**



ପରିବାର ସଂଗେ ସୁସତ୍ୟ (ଫାଇଲ୍ ଫଟୋ)।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡ଼ା ପଁଚେତ ମାହାରପାଲି ଗାଁର ସୁସତ୍ୟ ରାଉତ(୪୬)। ସେ ମଧୁମେହ, କିଡ଼୍ନୀ ଆର ରକତ୍ କମଜୁରି ଲେଖେଁ ରୋଗ୍‌ରେ ପୀଡ଼ିତ ଥିଲେ। ଟଁକା ପଏସା ଅଭାବୁ ଚିକିତ୍ସିତ ନାଇଁ ହେଇପାରି ଖଟେ ପଡ଼ି ରହିଥିଲେ। ବୁଧୁବାର ଦୁଇପହରେ ସେ ସବୁଦିନର ଲାଗି ଆଏଁଖ୍ ମୁଜି ଦେଇଛନ୍। ସୂଚନା ହିସାବେ ଯୋଗୀସର୍ଡ଼ା ପଁଚେତ୍ ମାହାରପାଲିର ସୁସତ୍ୟ ରାଉତ। ପରିବାର କହେଲେ ମାଏକିନା ଧାଇଁ, ଦୁଇ ପୁଓ ଘାସି, ଭୀଷ୍ମ ଆର ଦୁଇ ଝିଁ ନମିତା, ରଶ୍ମୀତାକେ ନେଇ ତାକର ସଁସାର। ଜମିବାଡ଼ି ବଲି କିଛି ନାଇଁ। ତାକର କୁଲବୁରତି ହେଉଛେ ବାଉଁଶ କାରିଗରୀ। ହେଲେ ବେଉସା ନାଇଁ ଚଲବାର ଲାଗି ପରିବାରଟା ଅଭାବ ଅନାଟନରେ ଚାଲିଥିଲେ। ମାସକେତେ ତଲେ ସୁସତ୍ୟ କୁଟୁମବସିଆ ହାଇଦ୍ରାବାଦକେ ଦାଦନ ଖଟି ଯାଇଥିଲେ। ସେଠାନେ ଦିହିପା ଖରାପ ହେଲାରୁ ଇଟାଭାଟି ମାଲିକ ତାକର ଚିକିତ୍ସା କରାଲେ। ହେଲେ ସେ କାମ୍‌ବୁତା ନାଇଁ କରି ପାରଲାରୁ ସମକୁ ଘରକେ ବଟେଇ ଦେଲେ। ସୁସତ୍ୟ ଘରକେ ଆସି ସେଦିନ୍‌ଠାନୁ ଖଟେ ପଡ଼ି ରହିଲେ। ସେ ମୁଧୁମେହ, ରକତ୍ କମଜୁରି ଆର କିଡ୍‌ନୀ ଲେଖେଁ ଅନେକ ରୋଗ୍ ସଂଗେ ଯୁଝୁଥିଲେ। ଏନ୍‌ତାଥି ମାଏକିନା ପରହର କାମବୁତା କରି ପରିବାରର ପେଟ ପାଲୁଥିଲେ। ପରିବାରର ସଭେ ସୁସତ୍ୟର ସେବା ଯତନ୍ କରୁଥିଲେ। ଧାଇଁ ଲୁକ୍‌କରନୁ ୪୦ରୁ ୫୦ ହଜାର ଟଁକା ଧାର ଉଧାର କରି ଆପ୍‌ନେକେ ଭିନେ ଭିନେ ଡାକ୍‌ତରଖାନା ନେଇ ଚିକିତ୍ସା କରାଲେ। ଚିକିତ୍ସା, ଉଷୋକଷା ଲାଗି ସବୁବେଲେ ଟଁକା ଦରକାର ପଡ଼ୁଥିଲା, ହେଲେ ଅଭାବ ଅନାଟନ ଲାଗି ସୁସତ୍ୟ ଚିକିତ୍ସା ସୁବିଧା ନାଇଁ ପାଇକରି ଖଟେ ପଡ଼ି ରହିଥିଲେ। ପଡ଼ାର ମାଏକିନାମାନେ ସୁସତ୍ୟର ଦୁଖ୍ ନାଇଁ ସହିପାରି ଗଣମାଧମର ସାହାରା ନେଇଥିଲେ। ଇ ବାବ୍‌ଦେ ଗଲା ୨ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ସେଦିନ ସିଡିଏମଓଙ୍କର ନିରଦେଶରେ ତାହାକୁ ଉଧାର କରି ଭୀମଭୋଇ ମେଡିକାଲ କଲେଜରେ ଭରତି କରାଯାଇଥିଲା। ସେଠାନେ ସୁସତ୍ୟକୁଁ ସାଲାଇନ୍ ଦିଆଯାଇଥିଲା, ପଛେ ସେ ଥଁଡ଼ାରେ ଥରି ଢେଁଡ଼ାମୁଡ଼ା ହେଇଯାଇଥିଲେ। ରାତିରେ ପରିବାର ଲୋକ ସୁସତ୍ୟକୁଁ ଘରକେ ଧରି ଆସିଥିଲେ। ବୁଧୁବାର ଦୁଇପହରେ ସୁସତ୍ୟ ସବୁଦିନର ଲାଗି ଆଏଁଖ୍ ମୁଜି ଦେଇଥିଲେ। ଇ ବାବ୍‌ଦେ ସିଡିଏମଓ ସଂଯୁକ୍ତା ସାହୁଙ୍କୁଁ ପଚରାଲାରୁ ଧରିତ୍ରୀ ଖବର ପଢ଼ି ଥାନୀୟ ଏମଏଚ୍ୟୁ ଟିମକେ ଉଧାର ଲାଗି ନିରଦେଶ ଦେଇଥିଲି। ସେମାନେ ସୁସତ୍ୟକୁଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ଭରତି କରିଥିଲେ। ହେଲେ ସେମାନେ କେତେବେଲେ ଡାକ୍‌ତରଖାନା ଛାଡ଼ି ପଲେଇଗଲେ। ଇ ଖବର ଜାନଲା ଉତାରୁ ମୁଇଁ ବରାବର ଘଟନା ବାବ୍‌ଦେ ଖବର ରଖୁଥିଲି। ବୁଧୁବାର ଦୁଇପହରେ ତାକର ମୁରତ୍ୟୁ ହେଇଥିବାର ଖବର ଶୁନି ବହୁତ ଦୁଖ୍ ଲାଗ୍‌ଲା। ଏହେଦେ ବଲାଙ୍ଗୀରରେ ଚିକିତ୍ସା ସୁବିଧା ବଢ଼ି ଯାଇଛେ। ସରକାରକଁର ତରଫୁ ମାହାଲିଆ ଚିକିତ୍ସା ସୁବିଧା ଯୁଗେଇ ଦିଆଯାଉଛେ। ଲୋକ୍ ଧରଯ୍ ରଖି ଚିକିତ୍ସା ସୁବିଧା ନେବାକେ ସେ କହିଥିଲେ।

# ରାଜ୍ୟ ସଂଗ୍ରହାଳୟ ଗ୍ୟାଲେରିରେ ପ୍ରଦର୍ଶିତ ହେବ ସୁରେନ୍ଦ୍ର ସାଏଙ୍କ ତରବାରି, ବୀରଗାଥା

**ବଲାଙ୍ଗୀର ଅଫିସ, ୪।୪**

ଓଡିଶାର ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଖଡ୍‌ଗ ଓ ତରବାରୀ ସହିତ ତାଙ୍କ ସମ୍ବନ୍ଧିତ କୃତି ଓ କୀର୍ତ୍ତିକୁ ରାଜ୍ୟ ସଂଗ୍ରହାଳୟର ପ୍ରସ୍ତାବିତ ସ୍ୱାଧୀନତା ସଂଗ୍ରାମୀ ଗ୍ୟାଲେରୀରେ ପ୍ରଦର୍ଶିତ ହେବ। ଓଡିଶା ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ରସଂଖ୍ୟା ୯୧୮/ତା.୨୯।୩।୨୦୧୯ରିଖ ଯୋଗେ ଜଣାଇ ଦିଆଯାଇଥିବା ଜଣାପଡିଛି । ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡାଙ୍କୁ ସୂଚନା ଅଧିକାର ଆଇନରେ ଏହି ସୂଚନା ମିଳିଛି। ସୁରେନ୍ଦ୍ର ସାଏଙ୍କ ବ୍ୟବହୃତ ସାମଗ୍ରୀଗୁଡିକର ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ସୂଚନା ଅଧିକାର ଆଇନ ବଳରେ ପଣ୍ଡା ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ଦେଶର ପ୍ରାୟ ସମସ୍ତ ଜାତୀୟ ସଂଗ୍ରହାଳୟରୁ ତଥ୍ୟ ସଂଗ୍ରହ କରିଥିଲେ। ଏଥିରେ ସୁରେନ୍ଦ୍ର ସାଏଙ୍କ ବିଷୟରେ ଓ ତାଙ୍କ ବ୍ୟବହୃତ ସାମଗ୍ରୀ ସମ୍ପର୍କରେ କୌଣସି ତଥ୍ୟ ନ ଥିବା କଥା ସାମ୍ନାକୁ ଆସିଥିଲା । ତେବେ କେବଳ ତାଙ୍କ ବ୍ୟବହୃତ ତରବାରୀ ଓ ଢାଲ ସମ୍ବଲପୁର ବିଶ୍ୱବିଦ୍ୟାଳୟର ମ୍ୟୁଜିୟମରେ ରହିଥିବା ଜଣାଯାଇଥିଲା । ସୁରେନ୍ଦ୍ରଙ୍କ ବୀର ଗାଥା ଓ ବ୍ୟବହୃତ ସାମଗ୍ରୀକୁ ଜାତୀୟ ଓ ରାଜ୍ୟ ସଂଗ୍ରହାଳୟର ସ୍ୱାଧୀନତା ସଂଗ୍ରାମୀ ଗ୍ୟାଲେରୀରେ ସ୍ଥାନିତ କରିବାକୁ ପଣ୍ଡା ଦୀର୍ଘଦିନ ଧରି ଉଦ୍ୟମ କରି ଆସୁଛନ୍ତି। ରାଜ୍ୟପାଳଙ୍କ ବଲାଙ୍ଗୀର ଗସ୍ତ ସମୟରେ ତାଙ୍କୁ ସାକ୍ଷାତ କରି ପଣ୍ଡା ସ୍ୱତନ୍ତ୍ର ଭାବେ ରାଜ୍ୟ ସଂଗ୍ରହାଳୟରେ ସ୍ୱାଧୀନତା ସଂଗ୍ରାମୀ ଗ୍ୟାଲେରୀ ପ୍ରତିଷ୍ଠା କରି ସୁରେନ୍ଦ୍ର ସାଏଙ୍କ ସମ୍ପର୍କରେ ତଥ୍ୟ ଓ ବ୍ୟବହୃତ ସାମଗ୍ରୀକୁ ପ୍ରଦର୍ଶିତ କରିବା ପାଇଁ ଦାବି କରିଥିଲେ । ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ସଂସ୍କୃତି ବିଭାଗକୁ ଏ ସମ୍ପର୍କରେ ଜଣାଇ ଦିଆଯିବା ପରେ ରାଜ୍ୟ ସଂଗ୍ରହାଳୟ କାର୍ଯ୍ୟାଳୟ ପକ୍ଷରୁ ପତ୍ର ମାଧ୍ୟମରେ ପଣ୍ଡାଙ୍କୁ ଏହି ସୂଚନା ଦିଆଯାଇଛି। ରାଜ୍ୟ ସଂଗ୍ରହାଳୟରେ ୫ଟି ନୂତନ ଗ୍ୟାଲେରୀ ପ୍ରତିଷ୍ଠା କରାଯିବାର ପ୍ରସ୍ତାବ ରହିଛି । ଉକ୍ତ ଗ୍ୟାଲେରୀ ମଧ୍ୟରେ ସ୍ୱାଧୀନତା ସଂଗ୍ରାମୀ ଗ୍ୟାଲେରୀର ପ୍ରସ୍ତାବ ମଧ୍ୟ ରହିଛି। ଏଥିରେ ସୁରେନ୍ଦ୍ର ଙ୍କ ବ୍ୟବହୃତ ତରବାରୀ ଓ ଢାଲ ସହିତ ତାଙ୍କ ବୀରଗାଥାକୁ ସ୍ଥାନିତ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାଇ ଦିଆଯାଇଥିବା ସୂଚନା କର୍ମୀ ପଣ୍ଡା କହିଛନ୍ତି ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯେତେବେଳେ ତୁମ ଉପରେ ବିପଦ ଲଦି ହୋଇପଡୁଛି, ସେତେବେଳେ ବିଚାରି ନିଅ ଯେ ଭଗବାନ ତୁମର ମଙ୍ଗଳ ପାଇଁ ଏଭଳି କରୁଛନ୍ତି। ତା'ହେଲେ ତୁମେ ଭାଙ୍ଗିପଡ଼ିବ ନାହିଁ।
- ଏଡ୍‌ୱିନ୍ ହବେଲ ଚାପିନ୍



## ସଂକ୍ଷେପରେ

### ବୁଢ଼ାରାଜା ଛକରେ ଛିନ୍‌ତାଇ, ଜଣେ ଗିରଫ

**ସୋନପୁର,୪।୪(ନି.ପ୍ର.):** ସୋନପୁର ସହରର ବୁଢ଼ାରାଜା ଛକରେ ଗତ ମଙ୍ଗଳବାର ରାତି ସାଢ଼େ ୯ଟାରେ ଛିନ୍‌ତାଇ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ଗୋକର୍ଣ୍ଣେଶ୍ୱରପଡାର ଦ୍ୱାରିକାନାଥ ମହାପାତ୍ରଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ ଅଭିଳାଷ ଶର୍ମା ନାମକ ଛାତ୍ର କଳାପଥର ଯାଉଥିବା ସମୟରେ ଦ୍ୱାରିକାନାଥ ଏକ ସ୍କୁଟିରେ ଆସି ତାଙ୍କଠାରୁ ମୋବାଇଲ ଓ ୫୦୦ଟଙ୍କା ଲୁଟି ନେଇଥିଲା। ଅଭିଳାଶ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ ।

### ଡାକ୍ତରଖାନା ପରିସରରୁ ଚୋରି ବାଇକ୍ ଉଦ୍ଧାର, ୨ ଗିରଫ

**ସୋନପୁର,୪।୪(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନା ପରିସରରୁ ବୁଧବାର ରାତିରେ ଚୋରି ହୋଇଥିବା ବାଇକ୍ ଉଦ୍ଧାର ହୋଇଛି। ସୋନପୁର ପୋଲିସ ଏହି ଘଟଣାରେ ସହରର ମଝିପଡାର ବାପୁନ ନାଏକ ଓ ବଡବଜାରର ରବିନାରାୟଣ ସାହୁଙ୍କୁ ଗୁରୁବାର ଗିରଫ କରିଛି। ସେମାନଙ୍କଠାରୁ ଚୋରି ହୋଇଥିବା ବାଇକ୍ ନଂ ଓଡି୩୧ଡି-୬୯୭୮କୁ ପୋଲିସ ଉଦ୍ଧାର କରିଛି। ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ବଲାଙ୍ଗୀର ଜିଲା ଲୋଇସିଂହାର ସୂର୍ଯ୍ୟକାନ୍ତ ବେହେରା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ତାଙ୍କ ଶ୍ୱଶୁରଙ୍କୁ ଦେଖିବାକୁ ଆସିଥିଲେ। ରାତିରେ ଡାକ୍ତରଖାନା ପାର୍କିଂସ୍ଥଳରୁ ତାଙ୍କ ବାଇକ୍ ଚୋରି ହୋଇଥିଲା।



### ଗଞ୍ଜେଇ ଜବତ, ୨ଗିରଫ

**ବିନିକା, ୪।୪(ଡି.ଏନ୍.ଏ.):** ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ତତ୍ପର ହୋଇଛି । ଗୁରୁବାର ବିନିକାର ଅତିରିକ୍ତ ତହସିଲଦାର ରାଜେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ବିନିକା-ସିଂଘିଯୁବା ମଧ୍ୟବର୍ତ୍ତୀ ୩୯ନଂ ମୁଖ୍ୟ ରାଜପଥରେ ତନଖି କରୁଥିବା ବେଳେ ଏକ ବାଇକକୁ ଅଟକାଇଥିଲେ। ବାଇକ ଓଡି-୧୭ସି-୯୮୩୪ ସହ ୭କିଲୋ ଗଞ୍ଜେଇ ଜବତ କରାଯାଇଥିଲା। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ବରଗଡ ଜିଲା କୁସନପୁରୀ ଗ୍ରାମର ଭୋଳାନାଥ ବେହେରା ଏବଂ ରାଜେଶ ବନଛୋରଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ୬ହଜାର ୫ଶହ ଟଙ୍କା ଜବତ କରାଯାଇଥିଲା। ଏ ନେଇ ବିନିକା ଥାନାରେ ଏକ ମାମଲା( ନଂ.୬୦/୧୯)ରୁଜୁ ହୋଇଛି। ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ବିନିକା ଥାନା ଅଧିକାରୀ ରାଜେନ୍ଦ୍ର ସାମରିଆ କହିଛନ୍ତି।

ବ୍ଲକସ୍ତରୀୟ ବିଜେଡିର କର୍ମୀ ସମ୍ମିଳନୀ

# ବନ୍ଦ ହୋଇନି, ରୋକି ଦିଆଯାଇଛି କାଳିଆ ଟଙ୍କା

**ଅମରପାଲି/ବୀରମହାରାଜପୁର, ୪।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକସ୍ତରୀୟ ବିଜେଡିର ଏକ କର୍ମୀ ସମ୍ମିଳନୀ ବହଲପଦର- ଘିଚାପାଲି ନିକଟସ୍ଥ ମେଟାକାନୀଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷତା କରିଥିଲେ ବ୍ଲକ ବିଜେଡି ସଭାପତି ମୃତ୍ୟୁଞ୍ଜୟ ପ୍ରଧାନ । ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଏବଂ ବୀରମହାରାଜପୁର ବିଜେଡି ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ଯୋଗଦେଇ ଉପସ୍ଥିତ କର୍ମୀଙ୍କୁ ଉଦ୍‌ବୋଧନ ଦେବା ସହିତ ଦଳ ପାଇଁ କାମ କରିବାକୁ କହିଥିଲେ। ଏହି ଅବସରରେ ସିଂଦେଓ ନିଜ ବକ୍ତବ୍ୟରେ ବିଜେଡି ସରକାର ଲୋକଙ୍କ ପାଇଁ କହିଥିବା ଜନହିତକର ଯୋଜନାଗୁଡିକ ଉପସ୍ଥାପନ କରିଥିଲେ। ଚଳିତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ବେହେରା ଓ ଏମପି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ନିବେଦନ କରିଥିଲେ। ବିଧାୟକ ପ୍ରାର୍ଥୀ ବେହେରା ନିଜ ବକ୍ତବ୍ୟରେ କହିଥିଲେ ଯେ, ଭାଜପା ଏକ କଥାକୁହା ଦଳ। କାମ ଅପେକ୍ଷା ପ୍ରଚାର ଅଧିକାର କରୁଛି। ଏଣୁ ଆଗାମୀ ନିର୍ବାଚନରେ ଭୋଟର ଏହାର ଜବାବ ଦେବେ। ସେ ଆହୁରି କହିଥିଲେ ଯେ, ଆସନ୍ନ ପରାଜୟ ଭୟରେ ଭାଜପା ନିର୍ବାଚନ କମିଶନ ଉପରେ ଚାପ ପ୍ରୟୋଗ କରି କାଳିଆ ଟଙ୍କାକୁ ଅଟକାଇ ଦେଇଛି। ନବୀନ ସରକାର ଯାହା କହେ ତାହା ପ୍ରତିଶ୍ରୁତି ପୂରଣ କରୁଥିବାର ନଜିର ରହିଛି। ଏଣୁ ମତଦାତାଙ୍କ ପ୍ରଥମ ପସନ୍ଦ ବିଜେଡି ହୋଇପାରିଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟଞ୍ଜିବ ମିଶ୍ର, ଧିରେନ ପଣ୍ଡା, ଶ୍ରୀନିବାସ ଚାନ୍ଦ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ରଞ୍ଜିତ ରଥ, ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘ ସଭାପତିସରୋଜ ବାରିକ, ଅଦ୍ୱୈତ ପଣ୍ଡା, ଜିଲା ସରପଞ୍ଚ ସଂଘ ସଭାପତି ଲକ୍ଷ୍ମଣ ସାହୁ, ବିନିକା ବ୍ଲକ ଅଧ୍ୟକ୍ଷ ତଥା ଜିଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦ ପ୍ରମୁଖ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ କହିଥିଲେ। ଏହି ଅବସରରେ ବ୍ଲକର ସହସ୍ରାଧିକ ସଂଖ୍ୟକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କର୍ମୀ ସମ୍ମିଳନୀରେ ଅନଙ୍ଗ ଉଦୟ ଓ ପଦ୍ମନାଭ ବେହେରା ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି।

## ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର

**ଗୁଡଭେଲା,୪।୪ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଡୁଙ୍ଗୁରା ଶିଶୁବିଦ୍ୟା ମନ୍ଦିର ପରିସରରେ ଚାଲିଥିବା ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଉଦ୍‌ଯାପିତ ହୋଇଯାଇଛି । ପ୍ରଧାନଚାର୍ଯ୍ୟ ରବୀନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଞ୍ଜୟ ସାହୁ, ସଚ୍ଚିଦାନନ୍ଦ ଭୋଇ ଅତିଥିଭାବେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ୬୯ଜଣ ଗୁରୁମା ଓ ଗୁରୁଜୀ ପ୍ରଶିକ୍ଷଣରେ ଭାଗ ନେଇଥିଲେ।

**ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳଙ୍କ ସମ୍ମୁଖରେ**
**କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ**
କମ୍ପାନୀ ଅଧିନିୟମ ୨୦୧୩ ମାମଲାରେ
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ (୪)
ଏବଂ କମ୍ପାନୀ (ଇନକର୍ପୋରେଶନ୍)
ନିୟମାବଳୀ, ୨୦୧୪ର ନିୟମ ୩୦ (୬) (ଏ)
ଏବଂ
**ଦୀପାଂଶୁ ପ୍ରମୋଟର ଆଣ୍ଡ ବିଲ୍‌ଡର ପ୍ରାଇଭେଟ୍ ଲିମିଟେଡ୍**
ସିଆଇଏନ୍: ୟୁ୭୦୧୦୦ଓଆର୍୨୦୧୮ପିଟିସି୦୫୩୭୭
ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା: ପ୍ଲଟ୍ ନଂ. ୧୧୫୪/୩୦୨୨, ନହରକଣ୍ଟା, ଗ୍ରାମ- ହଂସପାଳ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା ୭୫୨୧୦୧ଙ୍କ ମାମଲାରେ
.......... ଆବେଦକ

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି ପ୍ରଦାନ କରାଯାଉଛି ଯେ, କମ୍ପାନୀ ତା୨୬।୦୩।୨୦୧୯ରିଖ ଦିନ ଅନୁଷ୍ଠିତ ଅତି ସାଧାରଣ ବୈଠକରେ ଗୃହୀତ ବିଶେଷ ସଂକଳ୍ପ ଅନୁଯାୟୀ କମ୍ପାନୀର ମେମୋରାଣ୍ଡମ୍ ଅଫ୍ ଆସୋସିଏସନ୍‌ରେ ସଂଶୋଧନ ଲାଗି ଅନୁମତି ପାଇଁ କମ୍ପାନୀ ଅଧିନିୟମ ୨୦୧୩ର ଧାରା ୧୩ ଅଧୀନରେ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିବାର ପ୍ରସ୍ତାବ ରଖିଛି, ଯାହା କମ୍ପାନୀକୁ ଏହାର ପଞ୍ଜୀକୃତ କାର୍ଯ୍ୟାଳୟକୁ "ଓଡ଼ିଶା ରାଜ୍ୟ"ରୁ "ଝାଡ଼ଖଣ୍ଡ ରାଜ୍ୟ"କୁ ପରିବର୍ତ୍ତନ କରିବାରେ ସକ୍ଷମ କରିବ।

କମ୍ପାନୀର ପ୍ରସ୍ତାବିତ ପଞ୍ଜୀକୃତ କାର୍ଯ୍ୟାଳୟ ପରିବର୍ତ୍ତନ କାରଣରୁ ଯଦି କୌଣସି ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଥାଏ ତେବେ ସେ ତାଙ୍କର ସ୍ୱାର୍ଥ ତଥା ଆପତ୍ତିର କାରଣ ଦର୍ଶାଉଥିବା ସତ୍ୟପାଠ ସହିତ ନିଜର ଆପତ୍ତିକୁ ପଞ୍ଜୀକୃତ ଡାକ ଯୋଗେ ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ, ନିଜାମ ପ୍ୟାଲେସ୍, ।। ଏମ୍‌ଏସ୍‌ଓ ବିଲ୍ଡିଂ, ୩ୟ ମହଲା, ୨୩୪/୪ ଏ.ଜେ.ସି. ବୋଷ ରୋଡ୍, କୋଲକାତା-୭୦୦୦୨୦ଙ୍କ ନିକଟକୁ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ଚଉଦ ଦିନ ମଧ୍ୟରେ ପଠାଇବା କିମ୍ବା ପଠାଇବାର ବ୍ୟବସ୍ଥା କରିବା ସହିତ ଏହାର ଏକ ପ୍ରତିଲିପି ଆବେଦନକାରୀ କମ୍ପାନୀର ନିମ୍ନଦର୍ଶିତ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣାରେ ପଠାଇବେ:

**ଦୀପାଂଶୁ ପ୍ରମୋଟର ଆଣ୍ଡ ବିଲ୍‌ଡର ପ୍ରା. ଲିଃ**
ପଞ୍ଜୀକୃତ କାର୍ଯ୍ୟାଳୟ: ପ୍ଲଟ୍ ନଂ.୧୧୫୪/୩୦୨୨ ନହରକଣ୍ଟା, ଗ୍ରାମ- ହଂସପାଳ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା - ୭୫୨୧୦୧
ଆବେଦକ ଦୀପାଂଶୁ ପ୍ରମୋଟର ଆଣ୍ଡ ବିଲ୍‌ଡର ପ୍ରା. ଲିଃଙ୍କ ପାଇଁ ଏବଂ ତରଫରୁ
ସ୍ୱା./- (ସଞ୍ଜୟ କୁମାର ସିଂ), ନିର୍ଦ୍ଦେଶକ
ଡିଆଇଏନ୍: ୦୦୫୯୫୭୮୬
ତାରିଖ: ୦୩।୦୪।୨୦୧୯, ସ୍ଥାନ: ଓଡ଼ିଶା

## ହାତୀ ଉପଦ୍ରବ, ରବିଧାନ ଫସଲ ନଷ୍ଟ

**ବିନିକା, ୪।୪(ଡି.ଏନ୍.ଏ.)**



ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ସାରଙ୍ଗପାଲି ଗ୍ରାମ ଶ୍ରୀମୁଖ ଟିକ୍ରା ନିକଟବର୍ତ୍ତୀ ରବିଧାନ କ୍ଷେତରେ ଗୁରୁବାର ସକାଳେ ଦୁଇଟି ଦନ୍ତାହାତୀ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ସକାଳେ ଗ୍ରାମର ଧାନଚାଷୀ କ୍ଷେତକୁ ଯାଉଥିବା ସମୟରେ ହାତୀକୁ ଦେଖି ବିନିକା ବନ ବିଭାଗ ଅଧିକାରୀ ପ୍ରେମରାଜ ଧରୁଆଙ୍କୁ ଜଣାଇଥିଲେ। ବନ ବିଭାଗ ଅଧିକାରୀ ଧରୁଆ, ଫରେଷ୍ଟ ଗାର୍ଡ ପି.ଏନ୍.ଭୂଏ ଓ ନିରନ ପଧାନଙ୍କ ନେତୃତ୍ୱରେ ବନ ବିଭାଗ ଟିମ୍ ହାତୀଙ୍କୁ ଘଉଡାଇବା ପାଇଁ ସକାଳ ୭ଟାରୁ ଅପରାହ୍ନ ୩ଟା ଯାଏଁ ଚେଷ୍ଟା କରିଥିଲେ ହେଁ ସଫଳ ହୋଇ ନ ଥିଲେ। ସନ୍ଧ୍ୟାରେ ହାତୀମାନଙ୍କୁ କୌଣସିମତେ ଗାଁଠାରୁ ପ୍ରାୟ ୬କିମି ଦୂର ଘଉଡାଇ ପାରିଛନ୍ତି ବନ ବିଭାଗ କର୍ମଚାରୀ। ଇତିମଧ୍ୟରେ ଗ୍ରାମର ବହୁ ଚାଷୀଙ୍କ ଧାନ ଫସଲକୁ ଖାଇ, ଦଳିଚକଟି ସେମାନେ ନଷ୍ଟ କରିଛନ୍ତି। ଏହାକୁ ନେଇ ସାରଙ୍ଗପାଲି ଗ୍ରାମର ଚାଷୀମାନେ ହତାଶ ହୋଇ ପଡିଛନ୍ତି। ଅପରପକ୍ଷରେ ହାତୀର ଗତିବିଧି ଲକ୍ଷ୍ୟ କରି ସକାଳ ୬ଟାରୁ ବାଙ୍କିଘିଡି ଓ ବାବୁପାଲି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରି ଦିଆଯାଇଛି।

## ୨୦୦ଲିଟର ରନ୍ଧା ମଦ ଜବତ, ୨ଗିରଫ

**ପାଟଣାଗଡ, ୪।୪(ଡି.ଏନ.ଏ.)**

ପାଟଣାଗଡ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂକୁ କଡାକଡି କରାଯାଇଛି। ଗୁରୁବାର ସକାଳ ୫ଟାରେ ପାଟଣାଗଡ ଅବକାରୀ ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ୍ ୪ଟି ବାଇକ ଯୋଗେ ଚାଲାଣ ହେଉଥିବା ପ୍ରାୟ ୨୦୦ ଲିଟର ରନ୍ଧାମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ ଜିଲା ଗାଇସିଲେଟ ଥାନା ଅନ୍ତର୍ଗତ ଛିଦ୍ରାପାଲିର ପ୍ରଫୁଲ ଦଣ୍ଡସେନା ଏବଂ ଟିକେଶ୍ୱର ଦଣ୍ଡସେନା। ସେମାନେ ବରଗଡ ଜିଲାରୁ ସୀମାନ୍ତ ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନକୁ ଚୋରରେ ମଦ କାରବାର କରୁଥିବାର ସ୍ୱୀକାର କରିଛନ୍ତି। ମଦ ଚୋରାଚାଲାଣରେ ବ୍ୟବହୃତ ୪ଟି ଯାକ ବାଇକ କରାଯାଇଛି। ଏନେଇ ଅବକାରୀ ବିଭାଗ ଦୁଇଟି ପୃଥକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

## କୃଷକ ସମନ୍ୱୟ ସମିତିର ବୈଠକ

**ଉଲୁଣ୍ଡା, ୪।୪(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତର ଟିକୁଡା ନାମ ମଣ୍ଡପରେ ଜିଲାସ୍ତରୀୟ କୃଷକ ସମନ୍ୱୟ ସମିତିର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରାଜେନ୍ଦ କୁମାର ନାଏକଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ଶତାଧିକ କୃଷକ ପ୍ରତିନିଧି ଯୋଗଦେଇଥିଲେ। ରାଜ୍ୟ ସରକାର ଚାଷୀମାନଙ୍କୁ ସମ୍ପୂର୍ଣ୍ଣଭାବେ ଅଣଦେଖା କରି ତାଙ୍କର ନ୍ୟାୟ ଅଧିକାରରୁ ବଞ୍ଚିତ କରିଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଏହାର ଜବାବ ଆସନ୍ତା ନିର୍ବାଚନରେ ଅସହଯୋଗ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ଚାଷୀ ସଚେତନତା ପାଇଁ ଜିଲାସ୍ତରୀୟ ୨୨ଜଣିଆ ଏକ କୋର କମିଟି ଗଠନ କରାଯାଇଥିଲା। ବୈଠକରେ ଜିଲା ଉପସଭାପତି ବୈକୁଣ୍ଠ ଶତପଥୀ, ଉଲୁଣ୍ଡା ବ୍ଲକ ସଭାପତି ନରେନ୍ଦ୍ର ଆଚାର୍ଯ୍ୟ, ସମ୍ପାଦକ ସତ୍ୟନାରାୟଣ ପଧାନ, ପ୍ରଦୀପ ସ୍ୱାଇଁ, ନେତ୍ରାନନ୍ଦ ବେହେରା, ସୁଧିର ବଘାର, ବୃନ୍ଦାବନ ପଧାନ, ଆର୍ତ୍ତତ୍ରାଣ ପାଣ୍ଡିଆ, ପଦ୍ମଲୋଚନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କୃଷକ ପ୍ରତିନିଧିମାନେ।

**DECLARATION ABOUT CRIMINAL CASES**

As per the judgement dated 25th September 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.)
Name and address of candidate: Rajendra Dholakia, W.No- 08, At/Po- Khariar Road, Dist- Nuapada (Odisha)
Name of the political party: BJD, Name of the Election- Legislative Assembly
Name of Constituency: Nuapada-71, Odisha
I Rajendra Dholakia a candidate for the above mentioned election declare for public information the following details about my criminal antecedents:

| Sl No | Pending criminal cases | | | Details about cases of conviction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description of offence(s) | Name of court & date (s) of order (s) | Description of offence (s) & punishment imposed |
| 1 | Court of Mrs. Renu | 4694/2016 | 138 NI Act. | JMIC, Gurgaon | Cheque Bounce |
| 2 | Jonk Police Station | 50/2019 | 506/171 E/34 IPC | Nuapada | |

Sd./- Rajendra Dholakia

**DECLARATION ABOUT CRIMINAL CASES**

As per the judgement dated 25th September 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.) Name and address of candidate: Basanta Kumar Panda, W.No.5, Nuapada, At/PO/PS/Dist. Nuapada, Name of the political party: Bharatiya Janta Party (BJP), Name of the Election- House of people (Loksabha), Name of Constituency: 11- Kalahandi
I Basanta Kumar Panda a candidate for the above mentioned election declare for public information for fallowing details about my criminal antecedents:

| Sl No | Pending criminal cases | | | Details about cases on conviction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description of offences (s) | Name of court & date (s) of or der (s) | Description of offence (s) & punishment imposed |
| 1 | SPL. Court, | CT 164/10 | 143, 283, 506 IPC | | |
| 2 | Bhubaneswar | CT-202/14 | 323, 353, 294, 506, 332 IPC, | | |
| 3 | SDJM Puri | GR-157/19 | 147, 148, 156, 447, 332, 323, 307, 353, 354, 354(B), 336, 427, 294, 506, 149 IPC | | |

Sd/- Basanta Kumar Panda

# ବିଜେଡି, ଭାଜପାର ମାରାଥନ ପ୍ରଚାର

**ବୀରମହାରାଜପୁର, ୪।୪(ଡି.ଏନ୍.ଏ.)**

ବଲାଙ୍ଗୀର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବୀରମହାରାଜପୁର ବ୍ଲକ ଅଞ୍ଚଳରେ ଗୁରୁବାର ଭାଜପା ଓ ବିଜେଡି ପକ୍ଷରୁ ମାରାଥନ ପ୍ରଚାର କରାଯାଇଛି। ଭାଜପାର ଲୋକ ସଭା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ରଘୁନାଥ ଜଗଦଲାଙ୍କ ସହ ବ୍ଲକର ପଞ୍ଚାୟତ ସଦର ମହକୁମା ତଥା ପ୍ରମୁଖ ଗ୍ରାମଗୁଡିକୁ ଯାଇ ଭୋଟ ଭିକ୍ଷା କରିଥିଲେ। ଏଥିରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ମଧ୍ୟ ସାମିଲ ଥିଲେ। ଉଭୟ ପ୍ରାର୍ଥୀ ଦଳୀୟ କାର୍ଯ୍ୟକର୍ତ୍ତା ତଥା ସମର୍ଥକଙ୍କ ଗହଣରେ ଉଫୁଲା, ଚମ୍ପାମାଳ, ହିଲୁଙ୍ଗ, ମୁର୍ଷୁଣ୍ଡୀ, ତେଲିପାଲି, ଲୁଡୁରପଙ୍କ, ଅମରପାଲି, ଖଣ୍ଡହତା, ସୁବଳୟା, ଜଟେସିଂଘା ଓ ବାଗବର ପ୍ରଭୃତି ଗ୍ରାମ ବୁଲିଥିବା ଜଣାଯାଇଛି। ସେମାନଙ୍କ ସହ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ ଓ ସଂଯୁକ୍ତା ଭୋଇ, ଭାଜପା ଜିଲା ସଭାପତି ବିଜୟ ମହାକୁର, ଉପସଭାପତି ସତ୍ୟବ୍ରତ ମିଶ୍ର, ସାଧାରଣ ସମ୍ପାଦିକା ନଳିନୀ ପଣ୍ଡା, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ କିଶୋର କୁମାର ହୋତା, ବେଣୁଧର ଦାଶ, ବିପିନ ବିହାରୀ ପଣ୍ଡା ଏବଂ ଏକଲବ୍ୟ ବେହେରା ପ୍ରମୁଖ ଏଥିରେ ସାମିଲ ଥିଲେ।



ଟିକିରାପଡ଼ା ବିଜେଡି ସଭାରେ ବିଜୟଲକ୍ଷ୍ମୀ ସିଂଦେଓ ବକ୍ତବ୍ୟ ରଖୁଛନ୍ତି।



ଲୋକ ସଭା ପ୍ରାର୍ଥିନୀ ସଙ୍ଗୀତା ସିଂଦେଓ ଉଫୁଲା ଭାଜପା ସଭାରେ ଉଦ୍‌ବୋଧନ ଦେଉଛନ୍ତି।

ଅନ୍ୟପକ୍ଷରେ ଏହିଦିନ ବିଜେଡି ପକ୍ଷରୁ ପ୍ରଚାରକ ସାଜିଥିଲେ ଦଳର ଲୋକ ସଭା ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓଙ୍କ ମା' ବିଜୟଲକ୍ଷ୍ମୀ ସିଂଦେଓ। ସେ କଳିକେଶ ଏବଂ ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରାଙ୍କ ପାଇଁ ଭୋଟ ପ୍ରଚାର କରିଥିଲେ। ସେ ବାଗବର ପଞ୍ଚାୟତର ଲୁଡୁରଜେନା, ଦେଉଲି, ଫୁଲଚରା, ଟାଙ୍ଗରସାହି, କମଲପୁର, ଜଟେସିଂହା ପଞ୍ଚାୟତର ବଡଖମାର ଏବଂ ସୁବଲୟା ପଞ୍ଚାୟତର ଟିକିରାପଡା ଗ୍ରାମକୁ ଯାଇ ଲୋକଙ୍କୁ ଭେଟି ଦଳୀୟ ପ୍ରାର୍ଥୀଙ୍କ ସକାଶେ ଅଶୀର୍ବାଦ କାମନା କରିଥିଲେ। ଏତଦ୍‌ବ୍ୟତୀତ କମିରା ଛକଠାରେ ଖୋଲାଯାଇଥିବା ଦଳର ନିର୍ବାଚନୀ କାର୍ଯ୍ୟାଳୟ ପରିସରରେ କର୍ମୀ ସମାବେଶରେ ଉଦ୍‌ବୋଧନ ଦେଇଥିଲେ। ବିଜୟଲକ୍ଷ୍ମୀଙ୍କ ସହିତ ଉପେନ୍ଦ୍ର ସିଂଦେଓ, ସ୍ୱୟମ୍ଭୁନାଥ ଖଣ୍ଡଗିରି, ରଞ୍ଜିତ କୁମାର ରଥ, ଧୀରେନ୍ଦ୍ର ନାରାୟଣ ପଣ୍ଡା, ସତ୍ୟଞ୍ଜିବ ମିଶ୍ର, ସୁରୁନାରାୟଣ ମହାକୁର, ନାରାୟଣ ଲୁହାଙ୍କ ସହ ଦଳୀୟ ସମର୍ଥିତ ବହୁ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଭାଜପାରେ ସାମିଲ ହେବେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷା

**ସୋନପୁର,୪।୪(ନି.ପ୍ର.)**

ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ଓ ଉପାଧ୍ୟକ୍ଷା ସୁଷମା ଭୋଇ ନିଜ ସମର୍ଥକଙ୍କ ସହିତ ଭାଜପାରେ ଯୋଗଦେବେ। ଆସନ୍ତା ୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନୀ ପ୍ରଚାର ପାଇଁ ସୁବର୍ଣ୍ଣପୁର ଆସୁଛନ୍ତି। ତାଙ୍କ ଉପସ୍ଥିତିରେ ସେ ଗୈରିକ ଦଳରେ ଯୋଗଦେବା ନେଇ ଚର୍ଚ୍ଚା ଜୋର ଧରିଛି। ସନ୍ତୋଷଙ୍କ ସହିତ କିଛି ସରପଞ୍ଚ, ସମିତି ସଭ୍ୟ ଓ ସମର୍ଥକ ମଧ୍ୟ ଭାଜପାରେ ସାମିଲ ହେବେ ବୋଲି ସୂଚନା ମିଳିଛି। ଗତ ପଞ୍ଚାୟତ ନିର୍ବାଚନରେ ସନ୍ତୋଷ ହିଲୁଙ୍ଗ ପଞ୍ଚାୟତରୁ ଓ ତାଙ୍କ ପତ୍ନୀ ସୁଷମା ଉଫୁଲା ପଞ୍ଚାୟତର ସମିତି ସଭ୍ୟ ଭାବେ ବିଜୟୀ ହୋଇଥିଲେ। ନିର୍ବାଚନ ପରେ ସନ୍ତୋଷ ବିଜେଡିରେ ସାମିଲ ହୋଇ ଦଳୀୟ କାର୍ଯ୍ୟକ୍ରମରେ ବେଶ ସକ୍ରିୟ ଥିଲେ। ପରବର୍ତ୍ତୀ ସମୟରେ ବିଧାୟକ ପଦ୍ମନାଭ ବେହେରା ଓ ତାଙ୍କର କିଛି ସମର୍ଥକଙ୍କ ସହିତ ସନ୍ତୋଷଙ୍କର ମନମାଳିନ୍ୟ ହୋଇଥିଲା। ସେହିଦିନଠାରୁ ସେ ବିଧାୟକ ବେହେରାଙ୍କୁ ବିରୋଧ କରିବା ସହ ଅଞ୍ଚଳର ବିକାଶ ପାଇଁ ଜଣେ ମାଟିର ପୁଅକୁ ବିଧାୟକ କରିବା ପାଇଁ ସଭା ସମିତି ଓ ସୋସିଆଲ ମିଡିଆରେ ଦାବି କରି ଆସୁଥିଲେ। କିନ୍ତୁ ଜିଲାସ୍ତରରେ ଆୟୋଜିତ ବିଜେଡି କାଯର୍ୟକ୍ରମରେ ଯୋଗ ଦେଉଥିଲେ। ଭାଜପାରେ ସାମିଲ ହେବା ଚର୍ଚ୍ଚା ସମ୍ପର୍କରେ ସନ୍ତୋଷ କୁହନ୍ତି ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୃଢ଼ ନେତୃତ୍ୱ ଓ ବିକାଶମୂଳକ କାର୍ଯ୍ୟ ତାଙ୍କୁ ପ୍ରଭାବିତ କରିଛି । ତାଙ୍କ ପାଇଁ ଦଳଠାରୁ ମାଟି ବଡ। ଚଳିତ ନିର୍ବାଚନରେ ଭାଜପା ବୀରମହାରାଜପୁର ବ୍ଲକ କମିରା ଅଞ୍ଚଳର ଇଂ. ରଘୁନାଥ ଜଗଦଲାଙ୍କୁ ବିଧାୟକ ପ୍ରାର୍ଥୀ କରିଛି। ଅନ୍ୟ ପ୍ରାର୍ଥୀମାନେ ବାହାର ଅଞ୍ଚଳର। ତେଣୁ ସେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ସମର୍ଥକଙ୍କୁ ନେଇ ଭାଜପାରେ ସାମିଲ ହେବେ ବୋଲି କହିଛନ୍ତି ।

**FORMAT C-1**
**DECLARATION**

Declaration about Criminal cases.
(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)
Name and Address of Candidate - **LAXMAN BAG**
Name of Political Party - **Bharatiya Janata Party**
Name of Election - **Odisha Legislative Assembly**
Name of the Constituency - **70- Kantabanji Assembly Constituency.**
I, **Laxman Bag,** a candidate for the above mentioned election, declare for public information the following detail about my criminal antecedents:-

| Sl. No. | Pending Criminal Cases | | | Details about cases of conviction for criminal offences | |
|---|---|---|---|---|---|
| | Name of Court | Case No. and status of case | Section(s) of Acts concerned and brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | JMFC, Kantabanji | G.R. Case No. 403/16 | Sec. 143/ 144/ 294/ 323/ 379/ 506/ 427/ 149 I.P.C. | Not applicable | Not applicable |
| 2 | JMFC, Kantabanji | G.R. Case No. 402/16 | Sec. 143/ 427/ 379/ 149 I.P.C. | Not applicable | Not applicable |
| 3 | JMFC, Kantabanji | G.R. Case No. 394/16 | Sec. 143/ 336/ 427/ 153/ (A) 149/ I.P.C. | Not applicable | Not applicable |
| 4 | JMFC, Kantabanji | G.R. Case No. 393/16 | Sec. 143/ 341/ 332/ 353/506/ 294/ 225/ 307/ 323/ 149 IPC/ 7 Cr. L.A. Act. | Not applicable | Not applicable |
| 5 | Addl. Session Judge-cum- Spl. Judge, Titilagarh | G.R. Case No. 194/16 | Sec. 147 / 148/ 294/ 354/ 323/ 506/ 149 I.P.C./ 3(1)(x) SC & ST (PA) Act. | Not applicable | Not applicable |
| 6 | JMFC, Kantabanji | G.R. Case No. 90/16 | Sec. 294/ 507/ I.P.C. | Not applicable | Not applicable |
| 7 | JMFC, Kantabanji | G.R. Case No. 460/15 | Sec. 336/ 353/ 294/ 355/ 34 I.P.C. | Not applicable | Not applicable |
| 8 | JMFC, Kantabanji | G.R. Case No. 65/14 | Sec. 294/ 506 I.P.C. | Not applicable | Not applicable |
| 9 | JMFC, Kantabanji | G.R. Case No. 125/14 | Sec. 147/ 148/ 341/ 294/ 323/ 427/ 325/ 171-C/ 307/ 149 I.P.C. and 25/27 Arms Act. | Not applicable | Not applicable |
| 10 | JMFC, Kantabanji | G.R. Case No. 236/2012 | Sec. 341/ 294/ 323/ 147/ 148/ 506/ 149 I.P.C. | Not applicable | Not applicable |
| 11 | S.D.J.M., Titilagarh | G.R. Case No. 393/2007 | Sec. 367/ 368/ 342/ 374/ 34 I.P.C. | Not applicable | Not applicable |

*Sd./- Laxman Bag*



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ

**ବୌଦ୍ଧ,୪।୪(ସ୍ୱ.ପ୍ର.)-** ବୌଦ୍ଧ ସହରର ରାଜନପାଲି ଛକ ନିକଟରେ ଗୁରୁବାର ଏକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ଦୀଘି ଗ୍ରାମର ଶିବପ୍ରସାଦ ରାୟ । ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ବୌଦ୍ଧ ଥାନାରେ ଏକ ମାମଲା (ନଂ.୮୭/୧୯) ରୁଜୁ ହୋଇଛି । ସୂଚନା ଅନୁସାରେ, ଶିବପ୍ରସାଦ ବୌଦ୍ଧରେ ରିଲାଏନ୍ସ ଜିଓ ନେଟୱର୍କରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ । ସେ ଗୁରୁବାର ସକାଳୁ ଜିମ୍‌କୁ ଯାଇ ନିଜର ବୁଲେଟ (ନମ୍ବର ବିହୀନ) ଯୋଗେ ଭଡା ଘରକୁ ଫେରୁଥିଲେ। ଏହି ସମୟରେ ସେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ବୌଦ୍ଧ ରାଜନପାଲି ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ଏକ ବିଦ୍ୟୁତ୍ ଖମ୍ବରେ ପିଟି ହୋଇଥିଲେ। ଗାଡିର ବେଗ ଏତେ କ୍ଷିପ୍ର ଥିଲା ଯେ ଏହି ଦୁର୍ଘଟଣାରେ ବିଦ୍ୟୁତ ଖମ୍ବଟି ମୂଳରୁ ଭାଙ୍ଗି ଯାଇଥିଲା ଏବଂ ଘଟଣାସ୍ଥଳରେ ବାଇକ୍ ଆରୋହୀ ଶିବ ପ୍ରସାଦଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ୪ ନଲ୍‌ଚୁଆଁରୁ ୨ ଅଚଳ
# ପାଏନ୍ ଲାଗି ଡହକ୍‌ବିକଲ ଭୋଇପୁରାବାସୀ

**କାମଟିକ୍ରା, ୪।୪ (ଡି.ଏନ.ଏ)**

ଆଗ୍‌କେ ଖରାଦିନ ମାଡ଼ି ଆସୁଛେ। ଭିନେ ଭିନେ ଜାଗାରେ ଥାନୀୟ ପରଶାସନ ଖରା ଦିନ୍‌ର ମୁକାବିଲା ଲାଗି ତିଆର ହେଉଛେ। ଗାଁ ଆର ସହରମାନକେ ଅଚଲ ପିଇଲା ପାଏନ୍ ପ୍ରକଳ୍ପ, ନଲ୍‌ଚୁଆଁମାନ ସଚଲ କରାଯାଉଛେ। ହେଲେ ବରଗଡ଼ ଜିଲା ଅତାବିରା ଏନ୍‌ଏସି ଅଧୀନ ଭୋଇପୁରା ଗାଁରେ ଥିବାର ୪ଟା ନଲ୍‌ଚୁଆଁ ଭିତରୁ ୨ଟା ନଲ୍‌ଚୁଆଁ ୧୫ ଦିନ୍ ହେଲା ଅଚଲ ହେଇ ପଡ଼ିଛେ। ଇ ବାବ୍‌ଦେ ବାରବାର ଏନ୍‌ଏସି କତୁରପକ୍ଷକୁଁ କହିଲେ ବି କିଛି ଲାଭ ନାଇଁ ହେଉଥିବାର ଅଭିଯୋଗ ହେଇଛେ। ଖବର ଅନ୍‌ସାରେ ଅତାବିରା ଏନ୍‌ଏସିର ୫ ନମ୍ବର ୱାର୍ଡ ଭୋଇପୁରାବାସୀ ପିଇଲା ପାଏନ୍ ଲାଗି ଡହକ୍‌ବିକଲ ହେଉଛନ୍। ଗାଁର ଲୋକ ସଂଖ୍ୟା ପାଖାପାଖି ୩ ହଜାର। ଗାଁବାସୀକର ବେଭାର ଲାଗି ଗାଁରେ ୪ଟା ନଲ୍‌ଚୁଆଁ ରହିଛେ, ହେଲେ ୧୫ ଦିନ୍ ହେଲା ସେଥିରୁ ୨ଟା ଅଚଲ ହେଇ ପଡ଼ି ରହିଛେ। ଗୁଟେ ନଲ୍‌ଚୁଆଁରୁ ଲାଲ୍ ପାଏନ୍ ବାହାରୁଥିଲା ବେଲେ ଆରଗୁଟେ ନଲ୍‌ଚୁଆଁ ଗାଁରୁ ଅଧା କି.ମି. ଦୂରେ ରହିଛେ। ହେଲେ ଗାଁବାସୀ ଇ ଗୁଟେ ନଲ୍‌ଚୁଆଁ ଉପରେ ଭରସା କରି ଚଲୁଛନ୍। ଅତାବିରା ଏନ୍‌ଏସି ଗଠନ ହେଲେ ଗାଁବାସୀ ସବୁ ପରକାର ମଉଲିକ ସୁବିଧା ସୁଯୋଗ ପାଏବେ ବଲି ଆଶ୍ କରିଥିଲେ। ହେଲେ ଏନ୍‌ଏସି ଗଠନ ହେବାର ୬ ବଛର ବିତିଯାଇଥିଲେ ବି ଗାଁବାସୀକର ଆଶ୍ ପୂରନ୍ ନାଇଁ ହେଇପାରି। ଗାଁକେ ପାଇପ୍ ପାଏନ୍ ଯୁଗେଇ ଦେବାର ଲାଗି ବେବସ୍ତା ହେଇଛେ, ହେଲେ ସେଟା ଆଏଜ୍‌ତକ୍ କାଯ୍‌କାରୀ ନାଇଁ ହେଇପାରି। ଯେନ୍‌ଥିରଲାଗି ଗାଁବାସୀ ଅସନ୍‌ତୋଷ ପରକାଶ କରି ନିରବାଚନ ବେଲେ ଭୋଟ ବରଜନ କରବାର ଚେତାବନୀ ଦେଇଛନ୍। ଗାଁର ୭୦ ବଛ଼ରିଆ ବୁରୁଧ୍ ମୁଖି ଭୁଏ କହିଛନ୍ ଯେ, ଇ ବଏସେ ମୁଇଁ ପିଇଲା ପାଏନ୍‌ଟିକେର ଲାଗି ଅଧା କି.ମି. ଚାଲି ଚାଲି ଯାଇ ହଇରାନ୍ ହେଉଛେଁ। ଆମର କଥା କେହି ନାଇଁ ଶୁନବାର। ଆମେ ଯଦି ପିଇଲା ପାଏନ୍‌ଟିକେର ସୁବିଧା ନାଇଁ ପାଇପାରୁଁ ଭୋଟ ବି ନାଇଁ ଦେଉଁ ବଲି ସେ କହିଥିଲେ। ଇ ବାବ୍‌ଦେ ଅତାବିରା ଏନ୍‌ଏସି କାର୍ଯ୍ୟନିର୍ବାହୀ ହଧିକାରୀ ଡ.ତପସ୍ୱିନୀ ଗୁରୁକୁଁ ପଚରାଲାରୁ ଭୋଇପୁରାର ନଲ୍‌ଚୁଆଁ ଅଚଲ ହେବାର ଅଭିଯୋଗ ପାଇଛେଁ। ନଲ୍‌ଚୁଆଁମାନକର ମରାମତି ଲାଗି ବରଗଡ଼ ଜଲ ଯୋଗାଣ ବିଭାଗକେ ଜନେଇ ଦେଇଛେଁ। ଦିନେ ଦୁଇ ଦିନ୍ ଭିତରେ ସମସିଆର ସମାଧାନ ହେବା ବଲି ସେ କହିଥିଲେ।




ପାଏନ୍ ଲାଗି ନଲ୍‌ଚୁଆଁ ଆଘେ ଗାଁର ମହିଲାମାନେ ଭିଡ଼ ଜମେଇଛନ୍।



ସ୍ୱାଧୀନ ପ୍ରାର୍ଥୀ ଶେଷଦେବ ମେହେରଙ୍କ ନିର୍ବାଚନ ଅଫିସ୍ ଉଦ୍‌ଘାଟନ ହେଉଛି ।

# ବିଜେଡି ଗଡ଼ ଭାଙ୍ଗିବାକୁ ପ୍ରୟାସ

**ଘଣ୍ଟାପଡା, ୪।୪ (ଡି.ଏନ.ଏ)**

ଭୋଟ ଯେତେ ପାଖେଇ ଆସୁଛି ବିଜେଡି, ଭାଜପା, କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଚାର ଅଭିଯାନ ସେତେ ଜୋରଦାର ହେଉଛି । କଣ୍ଟାମାଳ ବିଧାନସଭା ଆସନରେ ପ୍ରମୁଖ ଦଳର ପ୍ରାର୍ଥୀମାନେ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଏହି ନିର୍ବାଚନମଣ୍ଡଳୀ ଅଧୀନ ୧ ନମ୍ବର ଜୋନରେ ଆଜି ପର୍ଯ୍ୟନ୍ତ ବିଜେଡିର ରହିଛି । ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ମହୀଧର ରଣା ପ୍ରାୟ ୨୨ ହଜାରରୁ ଏକାକୀ ୧୭ ହଜାର ଭୋଟ ହାତେଇଥିଲେ । ତେଣୁ ଏହି ଅଞ୍ଚଳ ସବୁ ପ୍ରାର୍ଥୀଙ୍କ ନଜରରେ ରହିଛି। ଗୁରୁବାର ବିଜେଡି ବିଦ୍ରୋହୀ ପ୍ରାର୍ଥୀ ଶେଷଦେବ ମେହେର ଆନୁଷ୍ଠାନିକ ଭାବେ ଏହି ଜୋନର ହେଡ୍ କ୍ୱାର୍ଟର ଘଣ୍ଟାପଡାଠାରେ ଅସ୍ଥାୟୀ କାର୍ଯ୍ୟାଳୟ ଉଦଘାଟନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ଯୁବ ଜମିଦାର ତୋଫାନ ମାଝୀ ଓ ପୂର୍ବତନ ବିଧାୟକ ଭଗବାନ କଅଁର ଯୋଗଦେଇ ଶେଷଦେବଙ୍କୁ ଭୋଟ ଦେବା ପାଇଁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ଦୁତିଆ ସାହୁ, ପୂର୍ବତନ କଣ୍ଟାମାଳ ବ୍ଲକ ଅଧ୍ୟକ୍ଷ ସାମନ୍ତ ମାଝୀ, ବରିଷ୍ଠ ବିଜେଡି ନେତା ବବି ରଥ, ଅଚ୍ୟୁତ ରଣା, ଗୁରୁଦେବ ରଣା, ଘଣ୍ଟାପଡା ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଦେହୁରୀ, ପୂର୍ବତନ ସରପଞ୍ଚ ବିବସ୍ୱ କଅଁର, ବେଣୁଧର ରଣା, ବ୍ରଜ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାଜପା ପ୍ରାର୍ଥୀ କହ୍ନେଇ ଡାଙ୍ଗ ଘର ଘର ବୁଲି ନରେନ୍ଦ୍ର ମୋଦିଙ୍କ ବିକାଶ ଗାଥା କହି ଭୋଟ ଭିକ୍ଷା କରୁଛନ୍ତି । କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଦଳୀୟ ନେତା ଉଚ୍ଛେଇ ବାରିକ, ରାଧାରମଣ ପାଣିଗ୍ରାହୀ ପ୍ରମୁଖ ଗାଁ ଗାଁ ଯାଇ ଭୋଟ ପ୍ରଚାର କରୁଛନ୍ତି ।

# ପ୍ଲେସ୍‌ମେଣ୍ଟରେ ବିକାଶ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ବରଗଡ଼ ଅଫିସ୍,୪।୪**

ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଛାତ୍ରୀଛାତ୍ରମାନେ ବିଏସଏ କର୍ପୋରେଶନ ସହଭାଗିତାରେ ହୋଇଥିବା ଅନ୍ କ୍ୟାମ୍ପସ ପ୍ଲେସମେଣ୍ଟ ଡ୍ରାଇଭରେ ସଫଳତା ଅର୍ଜନ କରିଛନ୍ତି । ସେମାନଙ୍କ ମଧ୍ୟରେ ଆକାଂକ୍ଷା ବାରିକ, ଏମଡ଼ି ଆଦିଲ୍, ମାନସ ପ୍ରଧାନ, ମୁକେଶ ଏଇଣ୍ଡ୍, ଈଶାନ କୁମାର ସା, ରାଜେଶ ତ୍ରିପାଠୀ, ମୌସୁମୀ ବାଞ୍ଜି, ଅଙ୍କିତା ପଣ୍ଡା ପୁନେସ୍ଥିତ ଇନ୍‌ୟନ୍ତ୍ର ଟେକ୍ନୋଲୋଜି ପ୍ରାଇଭେଟ ଲିଃରେ ସଫଳ ହୋଇଛନ୍ତି। ସେହିପରି ପୁନେସ୍ଥିତ ଆରଏସବି ଟ୍ରାନ୍ସମିଶନ ଲିଃରେ ବିକାଶ ଅନୁଷ୍ଠାନର ସତ୍ୟରଞ୍ଜନ ବାଗ, ଯୋଗେଶ ବାରିକ, ଦୀପକ ଭୋଇ, ଦେବାନନ୍ଦ ମେହେର, ଲିଜୋଶ କେ.ଜେ, ଅଜୟ ଏକ୍କା, ସିଦ୍ଧାନ୍ତ ପାତ୍ର, ଶୁଭମ ଶେଖର ପାତ୍ର ସଫଳ ହୋଇଛନ୍ତି । ଏହି ସଫଳତା ପାଇଁ କୃତୀ ଛାତ୍ରୀଛାତ୍ରଙ୍କୁ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର, ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି । ଆଗାମୀ ଦିନରେ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ବି. ଟେକ୍ ଇନ୍ ଏଗ୍ରିକଲଚରାଲ ଇଞ୍ଜିନିୟରିଂ ବିଭାଗ ଆରମ୍ଭ ହୋଇପାରେ ବୋଲି ଡାଇରେକ୍ଟର ଡଃ ପଣ୍ଡା ସୂଚନା ଦେଇଛନ୍ତି। ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଆଡ଼ମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ବାଲଗୋପାଳ ଗୁରୁ, ରାକେଶ ସାହୁ, ମନୋରଞ୍ଜନ ଦାଶ, ସୌମ୍ୟରଞ୍ଜନ ପାଢ଼ୀ, ଦୁର୍ଗାପ୍ରସାଦ ନାଏକ, ରମଣୀ ରଞ୍ଜନ ଦିଲା ପ୍ଲେସମେଣ୍ଟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଦିନେ ଥିଲେ ଗୁରୁ ଶିଷ୍ୟ, ଆଜି ପ୍ରତିଦ୍ୱନ୍ଦ୍ୱୀ

**ସମ୍ବଲପୁର,୪।୪(ବ୍ୟୁରୋ)**



ରାସେଶ୍ୱରୀ ପାଣିଗ୍ରାହୀ



ଅଶ୍ୱିନୀ ପୂଜାହାରୀ

ସମ୍ବଲପୁର ବିଧାନସଭା ଆସନରୁ ୨୦୧୪ ସାଧାରଣ ନିର୍ବାଚନରେ ରାସେଶ୍ୱରୀ ପାଣିଗ୍ରାହୀ ବିଜେଡି ଟିକେଟରେ ନିର୍ବାଚନ ଜିତି ବିଧାୟକ ହୋଇଛନ୍ତି। ହେଲେ ଏଥର ଅର୍ଥାତ୍ ୨୦୧୯ ସାଧାରଣ ନିର୍ବାଚନରେ ସେ ଦଳରୁ ଟିକେଟ ପାଇ ନ ପାରନ୍ତି ବୋଲି ଚର୍ଚ୍ଚା ହୋଇଥିଲା। ହେଲେ ଏହି ଚର୍ଚ୍ଚାକୁ ରାସେଶ୍ୱରୀ ଭୁଲ୍ ପ୍ରମାଣିତ କରିଛନ୍ତି। ଏଥର ଦଳ ପୁଣି ତାଙ୍କ ଉପରେ ବିଶ୍ୱାସ ରଖି ୨ୟ ଥର ପାଇଁ ନିର୍ବାଚନ ଲଢିବାକୁ ଟିକେଟ ଦେଇଛି। ସେହିଭଳି କଂଗ୍ରେସର ଜିଲା ସଭାପତି ଅଶ୍ୱିନୀ ଗୁରୁ ଏଥର ଟିକେଟ ପାଇବାକୁ ହକ୍‌ଦାର ଥିଲେ। ହେଲେ ନୂଆ କରି ଦଳରେ ଯୋଗ ଦେଇଥିବା ଭିମ୍‌ସାରର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଅଶ୍ୱିନୀ ପୂଜାହାରୀଙ୍କୁ ଦଳ ରାତାରାତି ଟିକେଟ ଦେଇଛି। ବୟସ ହୋଇ ଯାଇଥିଲେ ବି ଇଚ୍ଛାଶକ୍ତି ଓ ମନୋବଳ ଦୃଢ ଥିବାରୁ ଥରେ ସୁଯୋଗ ଦେଇ ଦେଖିବାକୁ ପୂଜାହାରୀ କୁଆଡେ ଦଳୀୟ ନେତାଙ୍କୁ କହିଥିଲେ। ତେବେ ସବୁଠୁ ରୋଚକ ତଥ୍ୟ ହେଲା ଉଭୟ ରାସେଶ୍ୱରୀ ଓ ପୂଜାହାରୀ ପେସାରେ ଡାକ୍ତର। ଦିନ ଥିଲା ରାସେଶ୍ୱରୀ ଥିଲେ ଗୁରୁ ଆଉ ଡାକ୍ତର ପୂଜାହାରୀ ଥିଲେ ରାସେଶ୍ୱରୀଙ୍କ ଶିଷ୍ୟ। ଆଜି କିନ୍ତୁ ରାଜନୀତି ମଇଦାନରେ ଉଭୟ ଉଭୟଙ୍କ ପ୍ରତିଦ୍ୱନ୍ଦ୍ୱୀ। ୧୯୭୮-୭୯ରେ ବୁର୍ଲା ମେଡିକାଲ କଲେଜ (ଏବେ ଭିମ୍‌ସାର)ରେ ପୂଜାରୀ ଡାକ୍ତରୀ ପଢୁଥିବା ସମୟରେ ରାସେଶ୍ୱରୀ ଶିକ୍ଷା ଦାନ କରୁଥିଲେ। ସମୟଚକ୍ରରେ ଆଜି ଗୁରୁଙ୍କ ସହ ଲଢେଇ କରିବାକୁ ଶିଷ୍ୟ ନିର୍ବାଚନ ରଣଭୂମିରେ ଅବତୀର୍ଣ୍ଣ ହୋଇଛନ୍ତି। ଏହାକୁ ନେଇ ସମ୍ବଲପୁର ଜିଲାରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ତେବେ ଏ ସମ୍ପର୍କରେ ଗୁରୁ ରାସେଶ୍ୱରୀ ପାଣିଗ୍ରାହୀ କହିଛନ୍ତି ଯେ, ସେ ସମୟରେ ଡାକ୍ତର ପୂଜାହାରୀ ତାଙ୍କ ଛାତ୍ର ଥିଲେ। ଏବେ ସେ ପ୍ରତିଦ୍ୱନ୍ଦ୍ୱୀ ହୋଇଛନ୍ତି । ସେଥିରେ କିଛି ସମସ୍ୟା ନାହିଁ । ଏହା ବହୁତ ଭଲ। ଏ ନେଇ ପୂଜାହାରୀ କହିଛନ୍ତି ଯେ, ସମସ୍ତ ନାଗରିକ ରାଜନୀତିକୁ ଆସିବାର ଅଧିକାର ଅଛି। ରାସେଶ୍ୱରୀ ଆଗରୁ ରାଜନୀତିରେ ଅଛନ୍ତି ଆଉ ଏବେ ସେ ଆସିଲେ।

# ଗଞ୍ଜେଇ ଜବତ, ୨ ଅଭିଯୁକ୍ତ ଗିରଫ

**ମନମୁଣ୍ଡା, ୪।୪ (ଡି.ଏନ.ଏ)**

ମନମୁଣ୍ଡା ପୋଲିସ ଗୁରୁବାର ଗଞ୍ଜେଇ କାରବାର ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଶଗଡା ଫାଣ୍ଡି ଅନ୍ତର୍ଗତ ଚୁହୁରକନ ଗ୍ରାମର ଯୁଗନ କହଁର ଓ ଏବଂ ଦୀନବନ୍ଧୁ କହଁର। ସେମାନଙ୍କଠାରୁ ୬୯ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ ହୋଇଛି । ଏ ନେଇ ଥାନାରେ ଦୁଇଟି ମାମଲା (ନଂ.୭୩/୧୯ ଏବଂ ନଂ.୭୪/୧୯) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚଲାଣ କରାଯିବ ବୋଲି ଆଇଆଇସି ଗୋପୀନାଥ ପ୍ରଧାନ ଜଣାଇଛନ୍ତି।


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

**ALL EDITION - B/W (Every Day)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*for Booking Contact:*
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

**FINANCE**
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
**CITY FINANCE GROUP LTD.**
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

**FINANCE**
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ୫ କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
07535093304
09675742689

**BADRINNATH FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

**GOLD CASH**
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

**ଋଣ ଋଣ ଋଣ**
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FINANCE LTD**
(Registration - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
Helpline: 7302958798
A-6, GALI NO.6B, SWATANTRA NAGAR, NARELA, DELHI

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

**FINANCE**
BCF ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧୨ ଘଣ୍ଟାରେ ୫ କାଗଜରେ ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
8958186716
9675859756

ASTROLOGY ASTROLOGY

BUSINESS BUSINESS

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

**TARIFF**

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆଳସ୍ୟ ପରି ଶତ୍ରୁ କେହି ନାହିଁ। ଏହା ସମାଜର ସବୁ ସୁଖଶାନ୍ତିକୁ ନଷ୍ଟ କରିଦିଏ।
–ସନ୍ଥ ବିନୋବା ଭାବେ



## ସଂକ୍ଷେପରେ

### ସୋହେଲାରେ ଲାଗିଲା ସିସି କ୍ୟାମେରା

**ସୋହେଲା,୪।୪(ଡି.ଏନ.ଏ.):** ସୋହେଲା ସହରର ବିଭିନ୍ନ ଜାଗାରେ ସିସି କ୍ୟାମେରା ଲଗାଯାଇଛି । ଅପରାଧ ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଏହି ସିସି କ୍ୟାମେରା ସହାୟକ ହେବ ବୋଲି ଥାନା ଆଇଆଇସି ନିର୍ମଳ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ସିସି କ୍ୟାମେରା ଲାଗିଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହେଲା ବ୍ଲକ ଛକ, ଗ୍ରୀଞ୍ଜେଲ ଛକ, ପଦ୍ମପୁର ଛକ, ବରପାଲି ରୋଡ, ଥାନା ଛକ ଓ ଡ଼ିପା ପଡା ଛକ । ଏହି କ୍ୟାମେରାଗୁଡିକୁ ସୋହେଲା ଥାନାରୁ ନିୟନ୍ତ୍ରଣ କରାଯିବ। ଗୁରୁଠାରୁ ଏହି ସିସି କ୍ୟାମେରାଗୁଡିକ କାର୍ଯ୍ୟକ୍ଷମ ହୋଇଥିବା ଆଇଆଇସି ମହାପାତ୍ର ସୂଚନା ଦେଇଛନ୍ତି ।

### ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଉଦ୍‌ଯାପିତ

**ପଦ୍ମପୁର, ୪।୪ (ଡି.ଏନ.ଏ.):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚାଲିଥିବା ସଙ୍କୁଳ ସ୍ତରୀୟ ତ୍ରି ଦିବସୀୟ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏହି ଉତ୍ସବରେ ବିଶ୍ୱହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ସମ୍ପାଦକ ଭକ୍ତ ଚରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାଧୀନତାର ୭୨ ବର୍ଷ ପରେ ଦେଶର ସାଙ୍ଗଠନିକ ସହଯୋଗ ବିଷୟରେ ମାର୍ଗଦର୍ଶନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ତଥା ସଙ୍କୁଳ ସଂଯୋଜକ ଯୁବରାଜ ପଧାନ ଅତିଥି ପରିଚୟ ସହ ପ୍ରଶିକ୍ଷଣ ବୃତ୍ତ କଥନ କରିଥିଲେ । ଏହି ପ୍ରଶିକ୍ଷଣରେ ସଙ୍କୁଳ ଅନ୍ତର୍ଗତ ୯ଟି ଶିଶୁ ମନ୍ଦିରରୁ ୧୧୪ ଜଣ ଗୁରୁମା ଗୁରୁଜୀ ଯୋଗଦେଇ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଲାଭ କରିଥିଲେ । ମିନତୀ ଗୁରୁମା କାର୍ଯ୍ୟକ୍ରମ ସଂଯୋଜନା ଓ ସଭାପତି ଦ୍ୱାଦଶ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**ବରପାଲି, ୪।୪ (ଡି.ଏନ.ଏ.):** ସାଧାରଣ ନିର୍ବାଚନ ପାଇଁ ସବୁଠି ରାଜନୈତିକ ତାତି ବୃଦ୍ଧି ପାଇଛି । ଏହି ପରିପ୍ରେକ୍ଷୀରେ ବରଗଡ଼ ଜିଲା ବିଜେପୁର ବିଧାନସଭା ଆସନ ଅଧୀନ ବରପାଲିରେ ବିଭିନ୍ନ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଛି । ଏହି ଅବସରରେ ଗୁରୁବାର ସନ୍ଧ୍ୟାରେ ବରପାଲିଠାରେ ବିଜେଡିର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି । ଏହାକୁ ଲୋକସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ଫିତାକାଟି ଉଦ୍‌ଘାଟନ କରିଥିଲେ। ଏହା ପୂର୍ବରୁ ଦଳର କର୍ମୀ, ମହିଳା ଓ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ନିର୍ବାଚନୀ ପ୍ରଚାର କରିଥିଲେ । ଏହି ଅବସରରେ ଏକ ନିର୍ବାଚନ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ନବୀନ ପଟ୍ଟନାୟକଙ୍କ ବିକାଶଧାରା ଉପରେ ଆଲୋକପାତ କରିବା ସହ ଉଭୟ ବିଧାନସଭା ଓ ଲୋକ ସଭା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ପ୍ରାର୍ଥୀ ନିବେଦନ କରିଥିଲେ। ଏଥିରେ ମନ୍ତ୍ରୀ ସୁଶାନ୍ତ ସିଂ, ବିଧାୟିକା ରୀତା ସାହୁ, ବିଜେପୁର ପ୍ରଚାର କମିଟିର ଅନୂପ ସାଏ, ପ୍ରଭାତ ଆଦିତ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜନୈତିକ ଅଧିକାରରୁ ବଞ୍ଚିତ ଦାଦନ

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୪।୪



କାହ୍ନୁ ମାଝି ।



ହେମନ୍ତ କୁମାର ବାରିକ ।



ଯୋଗେନ୍ଦ୍ର ସାହୁ ।

ସାଧାରଣ ନିର୍ବାଚନରେ ମତାଧିକାର ସାବ୍ୟସ୍ତ କରିବା ଦେଶର ସାବାଳକ ନାଗରିକଙ୍କ କର୍ତ୍ତବ୍ୟ । କିନ୍ତୁ ସେମାନେ ସାବାଳକ ନାଗରିକ ହୋଇଥିଲେ ସୁଦ୍ଧା ନିର୍ବାଚନ ସମୟରେ ଦାଦନ ଶ୍ରମିକମାନେ ସେମାନଙ୍କ ଏହି ଅଧିକାରରୁ ବଞ୍ଚିତ ହେଉଛନ୍ତି । ବରଗଡ଼ ଜିଲାରେ ଏହା ଏକ ପ୍ରମୁଖ ସମସ୍ୟା ଭାବେ ରହି ଆସିଛି। ପୂର୍ବରୁ ଜିଲାର ଅଣଜଳସେଚିତ ପଦ୍ମପୁର ଉପଖଣ୍ଡରୁ କେବଳ ଦାଦନ ଚାଲାଣ ଦେଖିବାକୁ ମିଳୁଥିଲା । ମାତ୍ର ଏବେ ଜଳସେଚିତ ବରଗଡ଼ ଉପଖଣ୍ଡ ମଧ୍ୟ ବାଦ୍ ପଡ଼ିନାହିଁ । ଜିଲା ତଥା ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ଶ୍ରମିକମାନେ ବାରମ୍ବାର ନିର୍ଯାତନାର ସମ୍ମୁଖୀନ ହେଉଛନ୍ତି । ଏହାସତ୍ତ୍ୱେ ଜିଲାର ଦାଦନ ସମସ୍ୟା ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିପାରୁ ନାହିଁ ।

ବର୍ତ୍ତମାନ ସାଧାରଣ ନିର୍ବାଚନକୁ ନେଇ ସାରା ଜିଲା ସରଗରମ ହୋଇ ପଡିଛି। କିନ୍ତୁ ରାଜ୍ୟ ବାହାରକୁ ଛୁଆପିଲା ଧରି ଦାଦନ ଖଟିବାକୁ ଯାଇଥିବା ଶ୍ରମିକମାନେ ମତଦାନ ପ୍ରକ୍ରିୟାରେ ସାମିଲ ହୋଇପାରୁ ନାହାନ୍ତି । ଜିଲାରୁ ଦୁଇ ଶହରୁ ଅଢ଼େଇ ଶହ ପର୍ଯ୍ୟନ୍ତ ଲୋକ ଜିଲା ତଥା ରାଜ୍ୟ ବାହାରକୁ କର୍ମ ଅନ୍ୱେଷଣରେ ଯାଇ ଥାଇ ପାରନ୍ତି ବୋଲି ଜିଲା ଶ୍ରମ ଅଧିକାରୀ ହେମନ୍ତ କୁମାର ପ୍ରଧାନ କହିଛନ୍ତି । ମାତ୍ର ବେସରକାରୀ ଭାବେ ଏହା ଢ଼େର୍ ଗୁଣରେ ଅଧିକ ହେବ ବୋଲି ଦାଦନ ସମସ୍ୟା ଉପରେ କାର୍ଯ୍ୟ କରୁଥିବା ସାମାଜିକ କର୍ମୀମାନେ କହିଛନ୍ତି । ଦେବଦତ୍ତ କ୍ଲବର ସମ୍ପାଦକ କାହ୍ନୁ ମାଝି କହିଛନ୍ତି, ୨୦୧୪-୧୫ରେ ଜିଲାରୁ ୪୭ହଜାର ଲୋକ ଜିଲା ତଥା ରାଜ୍ୟ ବାହାକୁ ଯାଇଥିବା ସଙ୍ଗଠନର ଏକ ସର୍ଭେରୁ ଜଣାପଡ଼ିଥିଲା । ମାତ୍ର ୨ବର୍ଷ ହେଲା ସେହି ସର୍ଭେ ହୋଇ ନ ଥିବାରୁ ବର୍ତ୍ତମାନର ସ୍ଥିତି ଠିକ୍ ଭାବେ ଆକଳନ କରାଯାଇ ପାରୁନାହିଁ । ତଥାପି ଏହା ୩୦/୪୦ହଜାରରୁ ଅଧିକ ରହିଥିବା ସେ କହିଛନ୍ତି । ସେଥିମଧ୍ୟରୁ କେବଳ ଗାଇସିଲେଟ୍ ବ୍ଲକ ଅଞ୍ଚଳରୁ ୫ହଜାର ଲୋକ ରହିଥିବା ମାଝି ପ୍ରକାଶ କରିଛନ୍ତି ।

ଅନ୍ୟ ଜଣେ ସାମାଜିକ କର୍ମୀ ଯୋଗେନ୍ଦ୍ର ସାହୁ ମଧ୍ୟ ସମାନ ମତ ଦେଇଛନ୍ତି। ସେ କହିବା ଅନୁଯାୟୀ, ଗତ ଡିସେମ୍ବର ମାସରୁ ଗାଇସିଲେଟ୍ ବ୍ଲକ କଟାବାହାଲ ଗ୍ରାମରୁ ୩୮ ପରିବାରର ୧୩୨ଜଣ ଜିଲା ତଥା ରାଜ୍ୟ ବାହାରକୁ ଯାଇଛନ୍ତି । ସେମାନଙ୍କ ମଧ୍ୟରୁ ୬ ପରିବାର କଟକ, ବାଲେଶ୍ୱର, ଭୁବନେଶ୍ୱର ଅଞ୍ଚଳରେ ରହିଥିବାବେଳେ ଅନ୍ୟ ୩୨ପରିବାର ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି । ପୂର୍ବରୁ ଏହି ଗ୍ରାମର ୧୯ପରିବାର ଏଭଳି ଦାଦନ ଖଟିବାକୁ ଯାଇଥିଲେ ଏବଂ ଗତ ପଞ୍ଚାୟତ ଭୋଟ୍‌ରେ ସେମାନେ ଘରକୁ ପହଞ୍ଚିଥିବା ସେ କହିଥିଲେ । ହେମନ୍ତ କୁମାର ବାରିକ କହିଥିଲେ, ଦାଦନ ଚାଲାଣ ଏକ ପ୍ରମୁଖ ସମସ୍ୟା ହୋଇଥିଲେ ସୁଦ୍ଧା ତାହା ରୋକିବା ଦିଗରେ ସରକାରୀସ୍ତରରେ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଉନାହିଁ। ସେଥିପାଇଁ ଏହି ସମସ୍ୟା ଜିଲାରେ ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ସେ କହିଥିଲେ। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ପ୍ରଧାନ କହିଛନ୍ତି, ଅଧିକ ପ୍ରଲୋଭନରେ ପଡ଼ି ଶ୍ରମିକମାନେ ବାହାରକୁ ଯାଉଛନ୍ତି। ଏପରିକି ଗଲାବେଳେ ମଧ୍ୟ କୌଣସି ସୂଚନା ଦେଉ ନାହାନ୍ତି । ସେମାନଙ୍କ ସମ୍ପର୍କରେ ସୂଚନା ମିଳିଲେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ବିହିତ ପଦକ୍ଷେପ ନିଆଯାଉଛି । ବୁଧବାର ଏଭଳି ଅଭିଯୋଗ ଆସିଥିଲା ଏବଂ ସେ ସମ୍ପର୍କରେ ଶ୍ରମ କମିଶନଙ୍କୁ ସେ ଜଣାଇ ସାରିଥିବା ପ୍ରଧାନ କହିଥିଲେ ।

# ସାଧାରଣ ନିର୍ବାଚନ: ପ୍ରଶିକ୍ଷଣ ନେଲେ ମାଇକ୍ରୋ ପର୍ଯ୍ୟବେକ୍ଷକ

ବରଗଡ଼ ଅଫିସ୍,୪।୪

ସାଧାରଣ ନିର୍ବାଚନ ପାଇଁ ମତଦାନକୁ ଆଉ ମାତ୍ର ୨ସପ୍ତାହ ବାକି ରହିଲା । ଆସନ୍ତା ୧୮ତାରିଖ ଭୋଟରମାନେ ନିଜ ମତାଧିକାର ସାବ୍ୟସ୍ତ କରିବେ । ତେବେ ମତଦାନ ଦିବସ ଯେଭଳି ପାଖେଇ ଆସୁଛି, ସେଭଳି ଭାବେ ଉଭୟ ରାଜନୈତିକ ଓ ପ୍ରଶାସନିକ କ୍ଷେତ୍ରରେ ତତ୍ପରତା ବଢ଼ିବାରେ ଲାଗିଛି । ରାଜନୈତିକ ଦଳ ଗୁଡ଼ିକ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାରରେ ମାତିଥିବାବେଳେ ନିର୍ବାଚନକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି ଚାଲିଛି । ଏହି କ୍ରମାରେ ଗୁରୁବାର ବରଗଡ଼ ପଞ୍ଚାୟତ କଲେଜରେ ବରଗଡ଼ ପାର୍ଲାମେଣ୍ଟାରୀ ସେଗ୍‌ମେଣ୍ଟ ଏବଂ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବ୍ୟବହୃତ ହେବାକୁ ଥିବା ଇଭିଏମ ଓ ଭିଭିପିଏଟି ମେଶିନ ଗୁଡ଼ିକର କମିଶନିଂ କାର୍ଯ୍ୟ ଚାଲିଥିଲା । ଏହା ସହିତ ସ୍ଥାନୀୟ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ସମସ୍ତ ମାଇକ୍ରୋ ପର୍ଯ୍ୟବେକ୍ଷକମାନଙ୍କର ପ୍ରଶିକ୍ଷଣ ହୋଇଥିଲା । ସାଧାରଣ ପର୍ଯ୍ୟବେକ୍ଷକ ହିମଶିଖର ଗୁପ୍ତା, ମିଲିନ୍ଦ ସମ୍ଭରକର, ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।



ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଉଛି ।

# ସମଲେଶ୍ୱରୀଙ୍କ ନବରାତ୍ର ପୂଜା ପ୍ରସ୍ତୁତି

ବରଗଡ଼ ଅଫିସ୍,୪।୪

ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ନବରାତ୍ର ପୂଜା ଶନିବାରରୁ ଆରମ୍ଭ ହେବ । ଏଥିପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ମନ୍ଦିର ପରିସର ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ରଙ୍ଗ ବେରଙ୍ଗର ଆଲୋକମାଳା ଏବଂ ବିଭିନ୍ନ ପ୍ରକାର ଫୁଲରେ ସଜ୍ଜିତ କରାଯାଇଛି । ଶୁକ୍ରବାର ଚୈତ୍ର ଆମାବାସ୍ୟା ତିଥି ଅବସରରେ ସକାଳ ୯ଟା ୪୦ମିନିଟ୍‌ରୁ କଳସ ଯାତ୍ରା ଆରମ୍ଭ ହେବ । ସେହିଦିନ ମଧ୍ୟାହ୍ନ ୧୨ଟା ୫ମିନିଟ୍‌ରୁ ଅପରାହ୍ନ ୨ଟା ୯ମିନିଟ୍ ସମୟ ମଧ୍ୟରେ କଳସ ସ୍ଥାପନ କରାଯିବ ବୋଲି ଲଗ୍ନ ଧାର୍ଯ୍ୟ ହୋଇଛି । ଶନିବାର ଚୈତ୍ର ଶୁକ୍ଳ ପ୍ରତିପଦାରୁ ନବଦିନାତ୍ମକ ପୂଜା ଆରମ୍ଭ ହେବାକୁ ଥିବାବେଳେ ଏପ୍ରିଲ ୧୩ତାରିଖ ଦେବୀଙ୍କ ମହାନବମୀ



ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ।

ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ରହିଛି । ଉକ୍ତ ଦିନ ମଧ୍ୟାହ୍ନ ୧୨ଟା ୫୭ମିନିଟ୍‌ରୁ ଚଣ୍ଡୀହୋମ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୩ମିନିଟ୍‌ରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଛି । ସେହିପରି ଆସନ୍ତା ଏପ୍ରିଲ ୧୯ତାରିଖ ଶୁକ୍ରବାର ଚୈତ୍ର ପୂର୍ଣ୍ଣିମା ଅବସରରେ ମାଁ ସମଲେଶ୍ୱରୀଙ୍କ ମହାସ୍ନାନ ପୂର୍ବକ ମହାଜଳାଭିଷେକ ଅନୁଷ୍ଠିତ ହେବ। ଉକ୍ତ ଦିନ ପ୍ରାତଃ ୪ଟା ୩୨ମିନିଟ୍ ସମୟରେ ଦେବୀଙ୍କ ମହାସ୍ନାନ ଏବଂ ପ୍ରାତଃ ୫ଟା ୨୬ମିନିଟ୍‌ରୁ ଭକ୍ତମାନଙ୍କ ଦ୍ୱାରା ମହାଜଳାଭିଷେକ କରାଯିବ । ସକାଳ ୮ଟା ୧୦ମିନିଟ୍‌ରୁ ଚଣ୍ଡୀହୋମ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୪୦ମିନିଟ୍ ସମୟରେ ପୂର୍ଣ୍ଣାହୂତି ସହ ଦେବୀଙ୍କ ମହାଜଳାଭିଷେକ ସମାପନ ଓ ମହାଆରତୀ ଅନୁଷ୍ଠିତ ହେବ । ଚୈତ୍ର ନବରାତ୍ର ପୂଜା ପାଇଁ ଭକ୍ତମାନେ କିଭଳି ସୁରୁଖୁରୁରେ ମାଁଙ୍କ ଦର୍ଶନ କରିପାରିବେ, ସେଥିପାଇଁ ମନ୍ଦିର ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି ।

# ବିଜେପୁର ଅଞ୍ଚଳରେ ଭାଜପାର ରୋଡ୍ ଶୋ

ବିଜେପୁର, ୪।୪ (ଡି.ଏନ.ଏ)

ବିଜେପୁର ବ୍ଲକରେ ଭାଜପା ନିର୍ବାଚନୀ ପ୍ରଚାରକୁ ତ୍ୱରାନ୍ୱିତ କରିଛି । ଗୁରୁବାର ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀ, ବିଧାୟକ ପ୍ରାର୍ଥୀ ସନତ କୁମାର ଗଡତିଆ ରୋଡ୍ ଶୋ କରି ମତଦାତାଙ୍କ ନିକଟତର ହେବାକୁ ପ୍ରୟାସ କରିଛନ୍ତି । ଦେଶର ସୁରକ୍ଷା ଦୃଷ୍ଟିରୁ ଭାଜପାକୁ ବିପୁଳ ସଂଖ୍ୟାରେ ମତଦାନ କରିବାକୁ ଉଭୟ ପ୍ରାର୍ଥୀ ନିବେଦନ କରିଥିଲେ । ଏହି ବ୍ଲକର ମନୋହରପାଲିରୁ ବାହାରିଥିବା ଉକ୍ତ ରୋଡ ଶୋ ବିଜେପୁର, ପଡା, ଏମଶ୍ରୀଗିଡା ଦେଇ ତାଳପଦରରେ ଶେଷ ହୋଇଥିଲା । ପରେ ତାଳପଦରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ୍ୱର ଶତପଥିଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ସୁରେଶ ପୂଜାରୀ, ବିଧାୟକ ପ୍ରାର୍ଥୀ ସନତ ଗଡତିଆ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁନାଫୁଲ ସେଠ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ ।

## ସଙ୍କୁଳସ୍ତରୀୟ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର

ବିଜେପୁର, ୪।୪ (ଡି.ଏନ.ଏ)

ବିଜେପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚାଲିଥିବା ତ୍ରିଦିବସୀୟ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଶିକ୍ଷା ବିକାଶ ସମିତି ସଦସ୍ୟ ରାମଚନ୍ଦ୍ର ଡନସନା ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜକୁ ଶୃଙ୍ଖଳିତ କରିବାରେ ଗୁରୁଜୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଜେପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ କାଳରେ ଶିଶୁଙ୍କୁ ମାର୍ଗଦର୍ଶନ କରିବାରେ ଶିକ୍ଷକଙ୍କ ଗୁରୁଦାୟିତ୍ୱ ରହିଥିବା କହିଥିଲେ ।

ବିଦ୍ୟା ମନ୍ଦିର ଉପସଭାପତି ଜାନକୀ ମହାପାତ୍ର ଆଦର୍ଶ ସମାଜ ଗଠନରେ ଆଚାର୍ଯ୍ୟା ଆଚାର୍ଯ୍ୟଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ସାହୁ ଅତିଥି ପରିଚୟ, ସଙ୍କୁଳ ପ୍ରମୁଖ ଅଧ୍ୟାପକ ମନ୍ତ୍ରୀ ମେହେର ବିବରଣୀ ପଠନ କରିଥିଲେ । ଆଚାର୍ଯ୍ୟା ମନ୍ଦାକିନୀ ସାହୁ ସମାରୋହ ସଂଯୋଜନା କରିଥିଲେ । ଶିବିରରେ ଲାଉମୁଣ୍ଡା, ବିଜେପୁର, ସୋହେଲା, ପାଣିମୋରା, ଛୁରିଆପାଲି, ଦଶମାଇଲ, ବନ୍ଧପାଲି ଆଦି ଶିଶୁ ମନ୍ଦିରର ଗୁରୁମା ଗୁରୁଜୀ ପ୍ରଶିକ୍ଷଣ ନେଇଥିଲେ । ସମ୍ପାଦକ ତାପସ କୁମାର ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

■ ମନାପଡ଼ାରେ ରାଜେନ୍ଦ୍ରାୟନ-୨୦୧୯

# ସମ୍ବର୍ଦ୍ଧିତ ହେଲେ ମଞ୍ଚ ଅଭିନେତା

ଅତାବିରା,୪।୪(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ମନାପଡ଼ା ଗ୍ରାମରେ ବୁଧବାର ପଶ୍ଚିମ ଓଡ଼ିଶାର ବିଶିଷ୍ଟ ନାଟ୍ୟକର୍ମୀ ସ୍ୱର୍ଗତ ରାଜେନ୍ଦ୍ର ସାହୁଙ୍କ ୯୧ତମ ଜୟନ୍ତୀ ଅବସରରେ ଏକ କାର୍ଯ୍ୟକମ ରାଜେନ୍ଦ୍ରାୟନ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ରାଜେନ୍ଦ୍ର ସାହୁ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ମୃତି କମିଟି ସଭାପତି ମୋହନ ସାହୁ ସଭାପତିତ୍ୱ କରିଥିଲେ । ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବରଗଡ଼ ଧନୁଯାତ୍ରା ମହୋତ୍ସବର ମଞ୍ଚ ଅଭିନେତା ସଞ୍ଜୀବ କୁମାର ଦାଶ, ଜଗଦାନନ୍ଦ ମିଶ୍ର, ସୁଶୀଳ କୁମାର ମେହେର, ହୃଷିକେଶ ଭୋଇ ଏବଂ ଭୁବନେଶ୍ୱର ପ୍ରଧାନଙ୍କୁ ରାଜେନ୍ଦ୍ର ସାହୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ନାଟକ ଦର୍‌ମରା ରାବଣର ନାଟ୍ୟକାର ଓ ନିର୍ଦ୍ଦେଶକ ସୁମନ୍ତ ଭୋଇ, ତସ୍ମୈଶ୍ରୀ ଗୁରବେ ନମଃ ନାଟକର ନିର୍ଦ୍ଦେଶକ ଛବିଳ ପ୍ରଧାନ, ବାବୁଖର୍ଚ୍ଚା ନାଟକର ନିର୍ଦ୍ଦେଶକ ତୁଷାରକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେହିପରି ମନାପଡ଼ା ଗ୍ରାମର ପ୍ରଥମ ଓଏଏସ ଅଭିଷେକ ପାଣିଗ୍ରାହୀଙ୍କୁ ମଧ୍ୟ ସ୍ମୃତି କମିଟି ତରଫରୁ ସମ୍ମାନିତ କରାଯାଇଥିଲା । ଏହା ସହିତ ସ୍ମରଣିକା ରାଜେନ୍ଦ୍ରାୟନ-୨୦୧୯ ଏବଂ ମୋହନ ସାହୁଙ୍କ ରଚିତ ତଥା ପୁଷ୍ପା ନାରାୟଣ ମହାନନ୍ଦଙ୍କ ପ୍ରକାଶିତ ମନାପଡାର୍ ନାଚ-ଇତିହାସ ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ । ଶେଷରେ ସୋହେଲାର ଚେତନା ନାଟ୍ୟ ପରିଷଦ ତରଫରୁ ନାଟକ ବାବୁଖର୍ଚ୍ଚା, ବଡ଼କର୍ଲେର ବୀଣାପାଣି ନାଟ୍ୟ ସଂସଦ ତରଫରୁ ନାଟକ ଦର୍‌ମରା ରାବଣ ଏବଂ ରେମଣ୍ଡାର ରଙ୍ଗୋଲି ନାଟ୍ୟ ସଂସଦ ତରଫରୁ ତସ୍ମୈଶ୍ରୀ ଗୁରବେ ନମଃ ନାଟକ ପରିବେଷଣ କରାଯାଇଥିଲା ।



ରାଜେନ୍ଦ୍ରାୟନ କାର୍ଯ୍ୟକ୍ରମରେ ସ୍ମରଣିକା ଉନ୍ମୋଚନ କରାଯାଉଛି ।

■ ବିଜେପୁର ନିର୍ବାଚନମଣ୍ଡଳୀ

# ଜୋରଦାର ହେଉଛି ପ୍ରଚାର ଅଭିଯାନ

ବରପାଲି, ୪।୪ (ଡି.ଏନ.ଏ)

ଚଳିତ ସାଧାରଣ ନିର୍ବାଚନରେ ବିଜେପୁର ବିଧାନସଭା କ୍ଷେତ୍ର ଅଧିକ ଚର୍ଚ୍ଚିତ ହୋଇପଡିଛି । ଏଠାରେ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ବିଜେଡିର ପ୍ରାର୍ଥୀ ହୋଇଛନ୍ତି । ସେ ଦଳର ହେଭିୱେଟ ନେତା ହୋଇଥିବାରୁ ତାଙ୍କୁ ଟକ୍କର ଦେବା ପାଇଁ କେଉଁ ଦଳ ସମର୍ଥ ହେବ ତାକୁ ନେଇ ରାଜନୀତି ମାହୋଲ ସରଗରମ ହୋଇପଡିଛି। ଅନ୍ୟପଟେ କଂଗ୍ରେସରୁ ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ, ଭାଜପାରୁ ବିଜେପୁର ଗାଁ ଜମିଦାର ସନତ ଗଡତିଆ ପ୍ରାର୍ଥୀ ହୋଇଛନ୍ତି ।

ଭାଜପାର ଅଶୋକ କଲେତ ଓ ଆହୁରି ଅନେକ ନେତା ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ମୋଟାମୋଟି ଭାବେ ଦେଖିବାକୁ ଗଲେ ବିଜେପୁର ଆସନ ବିଜେଡି ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ସେପଟେ କଂଗ୍ରେସ ଓ ଭାଜପା ମଧ ବିଜେଡି ପ୍ରାର୍ଥୀଙ୍କୁ ଟକ୍କର ଦେବାକୁ ଆଗଭ ହୋଇଛନ୍ତି। ବିଜେପୁର ନିର୍ବାଚନର ଇତିହାସକୁ ଦେଖିଲେ ଏଠାରେ ଭୋଟର ବାହାର ପ୍ରାର୍ଥୀଙ୍କୁ ଅଗ୍ରାହ୍ୟ କରିଥିବା ନଜିର ରହିଛି। ତେବେ ବିଜେପୁରରେ ନିଜେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇଥିବାରୁ ଏହି ଧାରାରେ ପରିବର୍ତ୍ତନ ହୋଇପାରେ ବୋଲି ଆଲୋଚନା ଚାଲିଛି। ମାତ୍ର କାଳିଆ ଯୋଜନା ନେଇ ଚାଷୀ ଅସନ୍ତୋଷ ଥିବାରୁ ଏହା ବିଜେଡିକୁ କିଛିକାଂଶରେ ଅସୁବିଧାରେ ପକାଇପାରେ। ବିଜେପୁରରେ ମୁଖ୍ୟମନ୍ତ୍ରୀଙ୍କ ପଲା ଭାରି ଥିବାବେଳେ ତାଙ୍କୁ ଟକ୍କର ଦେବା ପାଇଁ ଅନ୍ୟ ଦଳର ସେଭଳି ହେଭିୱେଟ ନେତା ନ ଥିଲେ ମଧ ସେମାନେ ନିଜ ନିଜ ଶୈଳୀରେ ପ୍ରଚାର ଅଭିଯାନକୁ ଜୋରଦାର କରିବାରେ ଲାଗିପଡିଛନ୍ତି ।

# ଭାଜପା-ବିଜେଡି ବଳ କଷାକଷି, କଂଗ୍ରେସ ଖୋଜୁଛି ସୁଯୋଗ

ଅମ୍ବାଭୋନା, ୪।୪ (ଡି.ଏନ.ଏ.)

ଆସନ୍ତା ୧୮ ତାରିଖରେ ଭଟଲି ବିଧାନସଭା କ୍ଷେତ୍ର ପାଇଁ ମତଦାନ ହେବ। ଏଥିପାଇଁ ତିନି ପ୍ରଭୁଖ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଅଭିଯାନକୁ ଜୋରଦାର କରାଯାଇଛି । କଂଗ୍ରେସରୁ ସରୋଜ ମହାପାତ୍ର, ଭାଜପାରୁ ଇରାଶିଷ ଆଚାର୍ଯ୍ୟ, ବିଜେଡିରୁ ସୁଶାନ୍ତ ସିଂ, ବିଏସପିରୁ ନାରାୟଣ ଭେସ୍ରା ଏବଂ ସମତାକାନ୍ତି ଦଳରୁ ଧନପତି ସାହୁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି । ତେବେ ତିନି ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେଡି ଓ ଭାଜପା ମଧରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି । ଭାଜପା ଓ ବିଜେଡି ବଳ କଷାକଷିରେ ବ୍ୟସ୍ତ ଥିବାବେଳେ କଂଗ୍ରେସ ସୁଯୋଗ ଅପେକ୍ଷାରେ ରହିଛି। ବିଜେଡି ପ୍ରାର୍ଥୀ ନବୀନ ସରକାରଙ୍କ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତିକୁ ପାଥେୟ କରି ବିକାଶ ନାରା ଦେଇ ଭୋଟ୍ ଭିକ୍ଷା କରୁଛନ୍ତି । ଭାଜପା ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଏବଂ ପିସି କାରବାରକୁ ମୁଦ୍ଦା କରି ଓଡିଶା ଶାସନ ବଦଳିବା



ବିଜେଡି ପ୍ରାର୍ଥୀ ସୁଶାନ୍ତ ସିଂ ଶୋଭାଯାତ୍ରାରେ ବାହାରି ପ୍ରଚାର କରୁଛନ୍ତି ।



ଭାଜପା ପ୍ରାର୍ଥୀ ଇରାସିସ ଆଚାର୍ଯ୍ୟଙ୍କୁ ଲୋକେ ସ୍ୱାଗତ କରୁଛନ୍ତି ।

### ଭଟଲି ବିଧାନସଭା ଆସନ

ଦରକାର ବୋଲି ନାରା ଦେଉଛି । ସେହିପରି କଂଗ୍ରେସ କୃଷିରଣ ଛାଡ, କ୍ଷେତକୁ ଜଳସେଚନ ସହ ସୋଲାର ପମ୍ପ ଯୋଗାଣ ଏବଂ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୬୦୦ ଟଙ୍କା ବୃଦ୍ଧି କରିବାକୁ ଘୋଷଣା କରି ଚାଷୀ ଭୋଟ ହାତେଇବାକୁ ଉଦ୍ୟମ ଜାରି ରଖିଛି। ଭାଜପା ପ୍ରାର୍ଥୀ ଇରାଶିଷ ଆଚାର୍ଯ୍ୟଙ୍କ ପାଇଁ ସୁଶାନ୍ତ ମିଶ୍ର, ଅରୂପାନନ୍ଦ ସାହୁ, ସୌରିଚରଣ ବାରିକ, ଗିରିଜେଶ ଖାଡଙ୍ଗା, ମହମ୍ମଦ ରଫିକ ପ୍ରମୁଖ ପ୍ରଚାର ମଙ୍ଗ ଧରିଛନ୍ତି । ସେମାନେ ପ୍ରଥମ କରି ଶଙ୍ଖ ଗଡ଼ରେ ପଦ୍ମ ଫୁଟାଇବାକୁ ଉଦ୍ୟମ ଚଳାଇଛନ୍ତି । ସେହିପରି ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ବିକାଶର ନାରା ଦେଇ ଶଙ୍ଖ ଗଡ ବଞ୍ଚାଇ ରଖିବାକୁ ଚେଷ୍ଟା ଚଳାଇଛନ୍ତି। କଂଗ୍ରେସ ଉଭୟଙ୍କ କଳିରେ ଛକା ମାରିବାକୁ ସୁଯୋଗ ଖୋଜୁଛି । ଭାଜପା ପ୍ରତି ବ୍ଲକରେ ମିଶ୍ରଣ ପର୍ବ, ବାଇକ ରାଲି କରି ପ୍ରଚାର କରୁଛି । ବିଜେଡି ବିଜୁ ଯୁବ ବାହିନୀ ମାଧ୍ୟମରେ ହକ ମାଗେ ଓଡିଶା କାର୍ଯ୍ୟକ୍ରମ କରି ମୋଦି ସରକାରଙ୍କୁ ଚେକ୍ ଦେବାକୁ ଉଦ୍ୟମ କରିଛି। ସ୍ୱାସ୍ଥ୍ୟଗତ ଅସୁବିଧା ସତ୍ତ୍ୱେ ବିଜେଡି ପ୍ରାର୍ଥୀ ସୁଶାନ୍ତ ସିଂ ବିଭିନ୍ନ ସ୍ଥାନରେ ଦଳୀୟ ଅଫିସ ଖୋଲି ଭୋଟରଙ୍କୁ ମନେଇବାକୁ ଚେଷ୍ଟା ଚଳାଇଛନ୍ତି । ନୂଆ ଭୋଟରଙ୍କୁ ହାତେଇବାକୁ ତିନି ପ୍ରମୁଖ ଦଳ ଅଣ୍ଟା ଭିଡିଛନ୍ତି ।



ଉପଦେଶ ଦେବା ସରଳ, କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଟାଗୋର

## ସଂକ୍ଷେପରେ

### ବିଜେଡିରୁ ଇସ୍ତଫା ଦେଲେ ମହିଳା ନେତ୍ରୀ ସୌମ୍ୟା

**ଭବାନୀପାଟଣା,୪।୪(ଡି.ଏନ.ଏ.)** ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୌମ୍ୟା ସାଗରିକା ଶୁକ୍ଳା ବିଜେଡି ଜିଲା ନେତୃବୃନ୍ଦ ମହିଳାମାନଙ୍କୁ ଦୁର୍ବ୍ୟବହାର କରିବା ଓ ଅଣଦେଖା କରିବା ଅଭିଯୋଗରେ ଗୁରୁବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ଶୁକ୍ଳା ନିଜର ଇସ୍ତଫା ପତ୍ର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପଠାଇଦେଇଛନ୍ତି । ସେ କହିଛନ୍ତି ଯେ, ଜିଲାସ୍ତରରେ ବିଜେଡି ନେତୃମଣ୍ଡଳୀ ମହିଳାମାନଙ୍କୁ ଖରାପ ବ୍ୟବହାର କରିବା ସହ ବିଭିନ୍ନ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି । ଗତ ପ୍ରାୟ ୧୦ ବର୍ଷ ହେଲା ସେ ବିଜେଡିର ଜଣେ ଶୃଙ୍ଖଳିତ ମହିଳା କର୍ମୀ ଭାବରେ ନିଷ୍ଠାପର ସହିତ କାର୍ଯ୍ୟ କରିଆସୁଥିଲେ ହେଁ ଜିଲାର ନେତୃବୃନ୍ଦ ତାଙ୍କୁ ଉଚିତ ସମ୍ମାନ ନ ଦେବା ସହ ଅଣଦେଖା କରି ଆସୁଥିଲେ । ତେଣୁ ସେ ଜିଲାସ୍ତରୀୟ ନେତୃବୃନ୍ଦଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ଦଳ ଛାଡ଼ିଥିବର ।ନଇ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ତାଙ୍କର ଇସ୍ତଫା ପତ୍ର ପଠାଇଛନ୍ତି ।

### କଂଗ୍ରେସ ଛାଡି ବିଜେଡିରେ ଯୋଗଦେଲେ ସାମନ୍ତ ଖମାରୀ

**ଭବାନୀପାଟଣା,୪।୪(ଡି.ଏନ.ଏ.)** ଦୀର୍ଘ ୨୦ ବର୍ଷ ଧରି କଂଗ୍ରେସରେ କାର୍ଯ୍ୟ କରିବା ପରେ ଚଳିତ ନିର୍ବାଚନରେ ଭବାନୀପାଟଣା ସଂରକ୍ଷିତ ଆସନରେ ଆଶାୟୀ ଥିବା ଯୁବନେତା ସାମନ୍ତ ଖମାରୀଙ୍କୁ କଂଗ୍ରେସରୁ ଟିକଟ ନ ମିଳିବାରୁ ଦଳ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି । ସାମନ୍ତ ଖମାରୀ କଂଗ୍ରେସର ଛାତ୍ର ଓ ଯୁବ ସଙ୍ଗଠନରେ ବିଭିନ୍ନ ପଦପଦବୀରେ ଦୀର୍ଘ ୨୦ ବର୍ଷ ଧରି କାର୍ଯ୍ୟ କରିଥିଲେ । ସେ ଜିଲା ପରିଷଦ ସଦସ୍ୟ ମଧ ଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ଅଧକ୍ଷ ଭକ୍ତଚରଣ ଦାସ ତାଙ୍କ ପୁଅ ସାଗର ଚରଣ ଦାସଙ୍କୁ ଭବାନୀପାଟଣା ବିଧାନସଭା ପ୍ରାର୍ଥୀ କରାଇବାରୁ ସାମନ୍ତ ଖମାରୀ କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ଯୋଗଦେଇଛନ୍ତି ବୋଲି ସେ କହିଛନ୍ତି । ଖମାରୀ ଭୁବନେଶ୍ୱରଠାରେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଭାବମୂର୍ତ୍ତିଓ ସ୍ୱଚ୍ଛ ଶାସନରେ ପ୍ରଭାବିତ ହୋଇ ସେ ବିଜେଡିରେ ଯୋଗ ଦେଇଛନ୍ତି ବୋଲି ଖମାରୀ ପ୍ରକାଶ କରିଛନ୍ତି ।

### ପ୍ରାର୍ଥୀ କିଏ, ଚିହ୍ନ କାଣା ଜନାନାଇଁ

# ନିରୀହ ଆଦିବାସୀ ଭୋଟ ଦେବେ

**ସଂଜୀବ କୁମାର ଯୋଷୀ**
**ଭବାନୀପାଟଣା, ୪।୪**

ଦିନା ସାତେ ଉତାରୁ ନିରବାଚନ୍। ୬ କି.ମି. ଚାଲି ଚାଲି ଯାଇ କିଆପଦର ସ୍କୁଲରେ ଭୋଟ ଦେବେ। ହେଲେ ସେମାନେ କାହାକେ ଭୋଟ ଦେବେ, କିଏ ଜିତଲା, କିଏ ହାରଲା ତାର ହିସାବ ନାଇଁ ରଖନ୍। ଏନ୍ତା କି ନିରବାଚନ୍‌ରେ କିଏ ପ୍ରାର୍ଥୀ ହେଇଛେ, କେନ୍ ଦଲୁ ଠିଆ ହେଇଛନ୍ ସେଟା ବି ସେମାନଙ୍କୁ ଜନା ନାଇଁଥାଏ। ଖାଲି ସେମାନେ ଜାନିଛନ୍ ଇନ୍ଦିରା ଗାନ୍ଧୀ, ଭକ୍ତ ଦାସ, ନବୀନ ପଟ୍ଟନାୟକ, ନରେନ୍ଦ୍ର ମୋଦୀଙ୍କୁ। ସେମାନଙ୍କୁ ବି ସେମାନେ କେଭେ ନାଇଁ ଦେଖି। ଯେତେବେଲେ ଗାଁରୁ ବାହାରି ଭବାନୀପାଟଣା ଆଏସନ ସେତେବେଲେ କାଁଥିକୁଡ଼େ ଛପା ହେଇଥିବାର ପୋଷ୍ଟରରେ ତାକର ଫଟୋ ଦେଖ୍‌ସନ୍। ସେମାନକର ଭିତରୁ କିଏ ବିଧାୟକ, କିଏ ସାଂସଦ ସେଟା ବି ତାହାକୁ ଜନା ନାଇଁଥାଏ। ଆଗରୁ ସବୁ ନିରବାଚନ ସମିଆରେ ଭୋଟ ଦେଇ ଆସୁଛନ୍, ଆଏବାର ୧୧ ତାରିଖ୍ ବି ଭୋଟ ଦେବେ। ଇଟା ହେଉଛେ କଳାହାଣ୍ଡି ଜିଲାର ଭିନେ ଭିନେ ପାହାଡ଼ ପର୍ବତ ଘେରା ନିପଟ ଜଂଗଲ ଭିତରେ ରହୁଥିବାର ନିରୀହ ଆଦିବାସୀମାନକର ଗୁମର କଥା। ଦୁଖର କଥା କଳାହାଣ୍ଡି ଜିଲାରେ ଏନ୍ତା ଶହ ଶହ ଗାଁ ଅଛେ, ଯେନ୍‌ଠାନେ ସୁଆଧୀନତାର ସୁଆଦ୍ କାଣା ଜାନ୍‌ବାର ତ ଦୂରର କଥା ଲୋକ୍ ସୁଆଧୀନତା ବଏଲେ କାଣା ନାଇଁ ଜାନି।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ନିରବାଚନ ମଣ୍ଡଳୀର ଜଂଗଲ ଭିତରେ ଥିବାର ଗୁଟେ ଗାଁ ହେଉଛେ ତେନ୍ତୁଳିପଦର। କର୍ଲାପାଟ ପଁଚେତ୍ ଅଧୀନ ଇ ଗାଁରେ ରହୁଛନ୍ ୮ଟା ଆଦିବାସୀ ପରିବାର। କାମ୍‌ଧଁଦା ମିଲ୍‌ଲେ ଭଲ ନାଇଁ ହେଲେ ଜଂଗଲ ଉପରେ ନିରଭର କରି ବଛରକୁତା ପେଟ ପାଲୁଛନ୍। ଗାଁର ଲୋକ୍ ବିଜଲିବତୀର ଉକିଆ ଆଏଜ୍‌ତକ୍ ନାଇଁ ଦେଖି। ଦୁନିଆଁରେ କାଣା ଘଟୁଛେ ସେମାନଙ୍କୁ ଜନାନାଇଁ। ଚାଲି ଚାଲି ୬ କି.ମି., ଗଲା ଉତାରୁ ବସରେ ଭବାନୀପାଟଣା ଗଲେ ନୂଆଁ ଦୁନିଆଁର ରୂପ ରଂଗ ଦେଖୁଛନ୍। ଇମାନକର ଲାଗି ନିରବାଚନର ମାନେ କିଛି ନାଇଁ। ଇ ଗାଁର ସୀତା ମାଝୀ(୭୦)। ତାହାକୁ ଭୋଟ କଥା ପଚରାଲାରୁ କହିଲେ ୬ କି.ମି. ଦୂରେ ଥିବାର କିଆପଦରରେ ଭୋଟ ଦେମୁ। ହେଲେ କାହାକେ ଭୋଟ ଦେମୁ ଆର କେନ୍ ଚିହ୍ନଁଥି ଦେମୁ ନାଇଁ ଜାନି ବଲି ସେ କହିଥିଲେ। ସୀତା ଝନେ ବିପିଏଲ ହିତାଧିକାରୀ। ଟଁକାକିଆ ଚାଉଲ ପାଉଛନ୍, ହେଲେ ୭୦ ବଛର ଟପି ଯାଇଥିଲେ ବି ଭତାରୁ ବଁଚିତ ହେଇ ରହିଛନ୍। ସରକାରୀ ଯୋଜନା ବଏଲେ କାଣା, କେନ୍‌ଟା ରାଏଜ୍ ଆର କେନ୍ଦ୍ର ସରକାରକଁର ଯୋଜନା ସେଟା ତାହାକୁ ଜନାନାଇଁ। ସେନ୍‌ତା ଗାଁର ବଏଁରା ମାଝୀ, ଜମା ମାଝୀ, ଲକ୍ଷ୍ମୀ ମାଝୀ, ବୁଢୁ ମାଝୀଙ୍କୁ ପଚରାଲାରୁ ସେମାନେ ବି କିଛି କହି ନାଇଁ ପାରଲେ। ଖାଲି ସେମାନେ ଇନ୍ଦିରା ଗାନ୍ଧି, ଭକ୍ତ ଦାସ, ନବୀନ ପଟ୍ଟନାୟକ, ନରେନ୍ଦ୍ର ମୋଦୀକଁର ନାଁ ଶୁନିଛନ୍। ହେଲେ ସେମାନକର ଦଲ କାଣା, କେନ୍ ପଦବୀରେ ଅଛନ୍, ଦଲର ଚିହ୍ନଁ କାଣା ସେମାନଙ୍କୁ କିଛି ଜନାନାଇଁ। ଦେଶ ସୁଆଧୀନ ହେବାର ୭୨ ବଛର ବିତି ଯାଇଥିଲେ ବି ଗାଁର ଲୋକ୍ ସବୁ ପରକାର ମଉଲିକ୍ ସୁବିଧା ସୁଯୋଗରୁ ବଁଚିତ୍ ହେଇ ରହିଛନ୍। ଆଏଜ୍‌ତକ୍ ଇମାନକର ଦିହେ ଆଧୁନିକ ଦୁନିଆଁର ପରଶ ନାଇଁ ଲାଗି। ଗାଁରେ ସବୁଠାନୁ ଜହ ପାଠ୍ ପଢ଼ା ପିଲା ହେଉଛେ ସୁଦାମ ମାଝୀ। ପାସର ଗୁଟେ ଗାଁରେ ରହି ଦଶମ ଶ୍ରେଣୀରେ ପାଠ୍ ପଢୁନ୍। ବାକି ଗାଁରେ ସଭେ ଅପାଠୁଆ। ଇମାନେ ବି ଦେଶର ନାଗରିକ୍ ସବୁବେଲେ ନିରବାଚନ ସମିଆରେ ଭୋଟ ଦେଇ ଆସୁଛନ୍। ଆଏବାର ୧୧ ତାରିଖ୍‌ରେ ୬ କି.ମି. ଦୂରିଆ କିଆପଦର ସ୍କୁଲକେ ଯାଇ ଭୋଟ ଦେବେ। ହେଲେ ଭୋଟ ଦେଲେ କାଣା ହେସି, ତାକର ଅଧିକାର କାଣା ସେଟା ବି ସେମାନଙ୍କୁ କାହାକେ ଜନାନାଇଁ। ହେଲେ ଭୋଟ ଦେବେ।

## ଯୁବକ, ନାବାଳିକାଙ୍କ ମୃତଦେହ ଉଦ୍ଧାର

**ଭବାନୀପାଟଣା,୪।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ବତାସିଗୁଡା ଗ୍ରାମର ଏକ ଆମ୍ବ ବଗିଚାରେ ବୁଧବାର ସକାଳେ ଜଣେ ଯୁବକ ଓ ଜଣେ ନାବାଳିକାଙ୍କ ମୃତଦେହ ଗୋଟିଏ ଶାଢିରେ ଝୁଲୁଥିବା ଅବସ୍ଥାରେ ପୋଲିସ ଉଦ୍ଧାର କରିଛି । ନାବାଳିକାଜଣଙ୍କ ଗତ ରାତିରୁ ଘରୁ ନିଖୋଜ ଥିଲେ । ତାଙ୍କ ସହ ମିଳିଥିବା ଯୁବକଙ୍କ ପରିଚୟ ସନ୍ଧ୍ୟା ସୁଦ୍ଧା ଜଣାପଡି ନ ଥିବା ବେଳେ ଜୟପାଟଣା ପୋଲିସ ତଦନ୍ତ ଆରମ୍ଭ କରିଛି। ସେମାନଙ୍କୁ ହତ୍ୟା କରି ଗଛରେ ଝୁଲାଇ ଦିଆଯାଇଥାଇ ପାରେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅଁଳାଭଟା ପଞ୍ଚାୟତ ଅନ୍ତର୍ଗତ ପୋଡାଖୋଲ ମାତାଗଡ ଗ୍ରାମର ସମ୍ପୃକ୍ତ ନାବାଳିକା ଗତ ରାତିରେ ଘରୁ ନିଖୋଜ ଥିଲେ। ବୁଧବାର ସକାଳେ ତାଙ୍କ ସହ ଅନ୍ୟ ଜଣେ ଯୁବକଙ୍କ ମୃତଦେହ ଆମ୍ବ ଗଛରେ ଝୁଲୁଥିବା ଦେଖି ଲୋକ ପୋଲିସରେ ଖବର ଦେଇଥିଲେ। ଜୟପାଟଣା ଥାନାଧିକାରୀ ସୁଶାନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବୁଧବାର ଅପରାହ୍ନ ୫ଟାରେ ଜୟପାଟଣା ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ଆଣିଥିଲେ। ସେ ପର୍ଯ୍ୟନ୍ତ ଯୁବକ ପରିଚୟ ମିଳି ନ ଥିଲା । ନାବାଳିକାଙ୍କ ମୃତଦେହ ଚିହ୍ନଟ ହୋଇଛି। ଏହି ଦୁଇଜଣଙ୍କୁ ହତ୍ୟା କରି ଗଛରେ ଝୁଲାଇ ଦିଆଯାଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

**ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳଙ୍କ ସମ୍ମୁଖରେ**
**କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ**
କମ୍ପାନୀ ଅଧିନିୟମ ୨୦୧୩ ମାମଲାରେ
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ (୪)
ଏବଂ କମ୍ପାନୀ (ଇନ୍‌କର୍ପୋରେଶନ୍)
ନିୟମାବଳୀ, ୨୦୧୪ର ନିୟମ ୩୦ (୬) (ଏ)
ଏବଂ
**ଦୀପାଂଶୁ ପ୍ରମୋଟର ଆଣ୍ଡ ବିଲ୍‌ଡର ପ୍ରାଇଭେଟ୍ ଲିମିଟେଡ୍**
ସିଆଇଏନ୍: ୟୁ୭୦୧୦୧ଓଆର୍‌୧୯୯୮ପିଟିସି୦୦୫୩୭୭
ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା: ପ୍ଲଟ୍ ନଂ. ୧୧୫୪/୩୦୨୨, ନହରକଣ୍ଠା, ଗ୍ରାମ- ହଂସପାଳ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା ୭୫୨୧୦୧ଙ୍କ ମାମଲାରେ
.......... ଆବେଦକ

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି ପ୍ରଦାନ କରାଯାଉଛି ଯେ, କମ୍ପାନୀ ତା୨୬।୦୩।୨୦୧୯ରିଖ ଦିନ ଅନୁଷ୍ଠିତ ଅତି ସାଧାରଣ ବୈଠକରେ ଗୃହୀତ ବିଶେଷ ସଂକଳ୍ପ ଅନୁଯାୟୀ କମ୍ପାନୀର ମେମୋରାଣ୍ଡମ୍ ଅଫ୍ ଆସୋସିଏଶନ୍‌ରେ ସଂଶୋଧନ ଲାଗି ଅନୁମତି ପାଇଁ କମ୍ପାନୀ ଅଧିନିୟମ ୨୦୧୩ର ଧାରା ୧୩ ଅଧୀନରେ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିବାର ପ୍ରସ୍ତାବ ରଖିଛି, ଯାହା କମ୍ପାନୀକୁ ଏହାର ପଞ୍ଜୀକୃତ କାର୍ଯ୍ୟାଳୟକୁ "ଓଡ଼ିଶା ରାଜ୍ୟ"ରୁ "ଝାଡ଼ଖଣ୍ଡ ରାଜ୍ୟ"କୁ ପରିବର୍ତ୍ତନ କରିବାରେ ସକ୍ଷମ କରିବ।
କମ୍ପାନୀର ପ୍ରସ୍ତାବିତ ପଞ୍ଜୀକୃତ କାର୍ଯ୍ୟାଳୟ ପରିବର୍ତ୍ତନ କାରଣରୁ ଯଦି କୌଣସି ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଥାଏ ତେବେ ସେ ତାଙ୍କର ସ୍ୱାର୍ଥ ତଥା ଆପତ୍ତିର କାରଣ ଦର୍ଶାଉଥିବା ସତ୍ୟପାଠ ସହିତ ନିଜର ଆପତ୍ତିକୁ ପଞ୍ଜୀକୃତ ଡାକ ଯୋଗେ ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ, ନିଜାମ ପ୍ୟାଲେସ୍, II ଏମ୍‌ଏସ୍‌ଓ ବିଲ୍ଡିଂ, ୩ୟ ମହଲା, ୨୩୪/୪ ଏ.ଜେ.ସି. ବୋଷ ରୋଡ୍, କୋଲକାତା-୭୦୦୦୨୦ଙ୍କ ନିକଟକୁ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ଚଉଦ ଦିନ ମଧ୍ୟରେ ପଠାଇବା କିମ୍ବା ପଠାଇବାର ବ୍ୟବସ୍ଥା କରିବା ସହିତ ଏହାର ଏକ ପ୍ରତିଲିପି ଆବେଦନକାରୀ କମ୍ପାନୀର ନିମ୍ନଦର୍ଶିତ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣାରେ ପଠାଇବେ:
**ଦୀପାଂଶୁ ପ୍ରମୋଟର ଆଣ୍ଡ ବିଲ୍‌ଡର ପ୍ରା. ଲିଃ**
ପଞ୍ଜୀକୃତ କାର୍ଯ୍ୟାଳୟ: ପ୍ଲଟ୍ ନଂ.୧୧୫୪/୩୦୨୨ ନହରକଣ୍ଠା, ଗ୍ରାମ- ହଂସପାଳ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା - ୭୫୨୧୦୧
ଆବେଦକ **ଦୀପାଂଶୁ ପ୍ରମୋଟର ଆଣ୍ଡ ବିଲ୍‌ଡର ପ୍ରା. ଲିଃ**ଙ୍କ ପାଇଁ ଏବଂ ତରଫରୁ
ସ୍ୱା./- (ସଞ୍ଜୟ କୁମାର ସିଂ), ନିର୍ଦ୍ଦେଶକ
ଡିଆଇଏନ୍: ୦୦୫୯୫୭୮୬
ତାରିଖ: ୦୩।୦୪।୨୦୧୯, ସ୍ଥାନ: ଓଡ଼ିଶା

## ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକ

**ଭବାନୀପାଟଣା,୪।୪(ଡି.ଏନ.ଏ.)**

ଚଳିତ ସାଧାରଣ ନିର୍ବାଚନରେ ନିର୍ବାଚନ କମିଶନରଙ୍କ ଦ୍ୱାରା କଳାହାଣ୍ଡି ଜିଲାରେ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକଙ୍କ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ନିର୍ବାଚନ ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ପର୍ଯ୍ୟବେକ୍ଷକ ଅଶ୍ୱିନୀ ଭଗତ ନିର୍ବାଚନର ପ୍ରସ୍ତୁତି ଓ ପରିଚାଳନା, ଅବକାରୀ ନିୟମର ପାଳନ, ନିର୍ବାଚନ ଆଦର୍ଶ ଆଚରଣ ବିଧି ଓ ଭୋଟର ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ଏସ୍‌ପି ବାତୁଲା ଗଙ୍ଗାଧର, ପୋଲିସ ପର୍ଯ୍ୟବେକ୍ଷକ ବିନୋଦ ପ୍ରସାଦ, ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ, ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପୋଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସାଧାରଣ ପର୍ଯ୍ୟବେକ୍ଷକ ଚଳିତ ନିର୍ବାଚନରେ ଆଦର୍ଶ ଆଚରଣ ବିଧିକୁ କଡାକଡି ଭାବରେ ଲାଗୁ କରିବା ନିମନ୍ତେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ସହ ବେଆଇନ ମଦ କାରବାର ଉପରେ ଅଙ୍କୁଶ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ ।



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ନିର୍ବାଚନ ସମ୍ପର୍କରେ ଅନୁଷ୍ଠିତ ସମୀକ୍ଷା ବୈଠକ ।

## ଦୁଷ୍ମନ୍ତଙ୍କ ବାଇକ୍ ରାଲିରେ ନିର୍ବାଚନ ପ୍ରଚାର

**କେସିଙ୍ଗା,୪।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଦୁଷ୍ମନ୍ତ ନାଏକ ଗୁରୁବାର ବାଇକ୍ ରାଲିରେ ନିର୍ବାଚନ ପ୍ରଚାର କରିଛନ୍ତି। କର୍ମୀମାନେ ବାଇକ୍‌ରେ ବିଜେଡିର ଶଙ୍ଖ ପତାକା ବାନ୍ଧି ଉକ୍ଳେଲାଠାରୁ ଜାତୀୟ ରାଜପଥ ୨୬ରୁ ଶୋଭାଯାତ୍ରା ଆରମ୍ଭ କରିଥିଲେ। କେସିଙ୍ଗା ବ୍ଲକ ବୋରିଆ ଗ୍ରାମପଞ୍ଚାୟତ ମାଲପଡା, ପଥର୍ଲା ଗ୍ରାମପଞ୍ଚାୟତ ବାହାଦ୍ରପିଟା, କିକିଆ ଗ୍ରା.ପ. ସମେତ କୁଣ୍ଡବନ୍ଧ ଗ୍ରା.ପ.ର ଗୁର୍ଜିମୁଣ୍ଡା ପ୍ରଭୃତି ୪ଟି ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ପ୍ରଚାର କରିଥିଲେ। ପ୍ରତ୍ୟେକ ଗ୍ରାମର ଭୋଟରମାନେ ଦୁଷ୍ମନ୍ତଙ୍କୁ କଳସ ସ୍ଥାପନ କରି ପୁଷ୍ପ ମାଲ୍ୟାର୍ପଣ କରି ସ୍ୱାଗତ କରିଥିଲେ। ବାଇକ୍ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୱାର୍ଡମେମ୍ବରଙ୍କ ସମେତ ହଜାର ହଜାର ସଂଖ୍ୟାରେ ବିଜେଡି କର୍ମୀମାନେ ସାମିଲ ହୋଇ ନବୀନ ସରକାରଙ୍କୁ ପୁନର୍ବାର ଜିତାଇବା ପାଇଁ ଭୋଟରଙ୍କୁ ଅନୁରୋଧ କରିଛନ୍ତି ।

**DECLARATION ABOUT CRIMINAL CASES**

As per the judgement dated 25th September 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.)
Name and address of candidate: Rajendra Dholakia, W.No- 08, At/Po- Khariar Road, Dist- Nuapada (Odisha)
Name of the political party: BJD, Name of the Election- Legislative Assembly
Name of Constituency: Nuapada-71, Odisha
I Rajendra Dholakia a candidate for the above mentioned election declare for public information the following details about my criminal antecedents:

| Sl No | Pending criminal cases | | | Details about cases of conviction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description of offence(s) | Name of court & date (s) of order (s) | Description of offence (s) & punishment imposed |
| 1 | Court of Mrs. Renu | 4694/2016 | 138 NI Act. | JMIC, Gurgaon | Cheque Bounce |
| 2 | Jonk Police Station | 50/2019 | 506/171 E/34 IPC | Nuapada | |

**Sd./- Rajendra Dholakia**

**DECLARATION ABOUT CRIMINAL CASES**

As per the judgement dated 25th September 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.)
Name and address of candidate: Basanta Kumar Panda, W.No.5, Nuapada, At/PO/PS/Dist. Nuapada, Name of the political party: Bharatiya Janta Party (BJP), Name of the Election- House of people (Loksabha), Name of Constituency: 11- Kalahandi
I Basanta Kumar Panda a candidate for the above mentioned election declare for public information for fallowing details about my criminal antecedents:

| Sl No | Pending criminal cases | | | Details about cases on conviction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description of offences (s) | Name of court & date (s) of or der (s) | Description of offence (s) & punishment imposed |
| 1 | SPL. Court, | CT 164/10 | 143, 283, 506 IPC | | |
| 2 | Bhubaneswar | CT-202/14 | 323, 353, 294, 506, 332 IPC, | | |
| 3 | SDJM Puri | GR-157/19 | 147, 148, 156, 447, 332, 323, 307, 353, 354, 354(B), 336, 427, 294, 506, 149 IPC | | |

**Sd/- Basanta Kumar Panda**

## ଦ୍ୱିତୀୟ ସ୍ତ୍ରୀ ହେବା ଆଶା ବିଫଳ ହେଲା

# ମହିଳାଙ୍କୁ ପଥରରେ ଛେଚି ହତ୍ୟା

**ଲାଞ୍ଜିଗଡ଼,୪।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଥାନା ପୋଖରୀବନ୍ଧ ପଞ୍ଚାୟତ ଭେଜିପଦର ମୁଦୁନଗୁଡା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ଏହି ଗାଁର ଜଣେ ବିବାହିତ ବ୍ୟକ୍ତିଙ୍କ ଦ୍ୱିତୀୟ ସ୍ତ୍ରୀ ହେବା ପାଇଁ ଆଶା କରି ବିଫଳ ହେବା ପରେ ତାଙ୍କ ସ୍ତ୍ରୀଙ୍କୁ ପଥରରେ ଛେଚି ଜଣେ ବିଧବା ମହିଳା ହତ୍ୟା କରିଛି । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇବା ସହ ହତ୍ୟାକାରିଣୀ ଗାବୁଲି ମାଝିଙ୍କୁ ଗିରଫ କରି ତଦନ୍ତ ଚଳାଇଛି । ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଉକ୍ତ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ପୋଲିସ ସୂତ୍ରରୁ ପ୍ରାପ୍ତ ଖବର ଅନୁଯାୟୀ, ପୋଖରୀବନ୍ଧ ପଞ୍ଚାୟତ ମୁଦୁନଗୁଡା ଗାଁର ସାବନା ମାଝି ଗତ କିଛି ବର୍ଷ ତଳେ ଡୋକରି ମାଝି (୨୫)ଙ୍କୁ ବିବାହ କରିଥିଲେ। ସ୍ୱାମୀ ସ୍ତ୍ରୀ ଭାବେ ସେ ଦୁହେଁ ଚଳୁଥିବାବେଳେ ପଡୋଶୀରେ ରହୁଥିବା ବିଧବା ମହିଳା ଗାବୁଲି ସାବନାଙ୍କ ଦ୍ୱିତୀୟ ସ୍ତ୍ରୀ ହେବାକୁ ଚାହୁଁଥିଲେ। କିନ୍ତୁ ଡୋକରୀ ଏହାକୁ ବିରୋଧ କରୁଥିଲେ । ଫଳରେ ଡୋକରୀଙ୍କୁ ରାସ୍ତାରୁ ହଟାଇବା ପାଇଁ ଗାବୁଲି ସୁଯୋଗ ଅପେକ୍ଷାରେ ଥିଲେ । ବୁଧବାର ସାବନା କୌଣସି କାମରେ ରାୟଗଡା ଜିଲା ଅମ୍ବାଦଳା ଯାଇ ଫେରିବାରେ ବିଳମ୍ବ ହୋଇଥିଲା । ଏହାର ସୁଯୋଗ ଦେଖି ଗାବୁଲି ଏକୁଟିଆ ଥିବା ଡୋକରିଙ୍କୁ ପଥରରେ ଛେଚି ହତ୍ୟା କରିଥିଲା । ଏ ସମ୍ପର୍କରେ ସାବନା ବିଶ୍ୱନାଥପୁର ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ମୁଦୁନଗୁଡା ଯାଇ ଶବ ଜବତ କରିବା ସହ ଗାବୁଲିଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୬/୧୯) ରୁଜୁ ହୋଇଛି ।

## କଳାହାଣ୍ଡି ଜିଲାରେ ଆଞ୍ଚଳିକ ଇସ୍ତାହାର ନ ହେବାରୁ ଭୋଟରଙ୍କ ଅସନ୍ତୋଷ

**ଭବାନୀପାଟଣା,୪।୪(ଡି.ଏନ.ଏ.)**

ସାଧାରଣ ନିର୍ବାଚନ ଆଉ ମାତ୍ର ୬ ଦିନ ବାକିଥିବା ବେଳେ କୌଣସି ବି ଦଳ ଆଞ୍ଚଳିକ ନିର୍ବାଚନୀ ଇସ୍ତାହାର କିଛି କରିନାହାନ୍ତି । ଯେଉଁଥି ପାଇଁ ଦଳମାନଙ୍କ ପ୍ରଚାରରେ ଭୋଟରଙ୍କ ଆଗ୍ରହ ନ ଥିବା ଲକ୍ଷ କରାଯାଇଛି । କଳାହାଣ୍ଡିରେ ସ୍ୱାସ୍ଥ୍ୟ ସମସ୍ୟାଠୁ ଆରମ୍ଭ କରି ଗମନାଗମନ, ପାନୀୟ ରାସ୍ତା ଘାଟ, ସ୍ଥାୟି ପଟ୍ଟା, ଧାନ ଓ କପାର ଅଭାବୀ ବିକ୍ରି, ରେଳ ସମ୍ପର୍କିତ ସମସ୍ୟା, କେସିଙ୍ଗା ସୂତାକଳ ଚାଲୁ କରିବା, ଭବାନୀପାଟଣା ବାଇପାସ, ଦାଦନ ସମସ୍ୟା, କେସିଙ୍ଗାରେ ଓଭରବ୍ରିଜ, ଡାକ୍ତରଖାନାଗୁଡିକରେ ଶବବାହକ ଗାଡି ଆଦି ସମସ୍ୟା ରହିଛି । ଯାହା ନେଇ ବିଜେଡି, କଂଗ୍ରେସ ଓ ଭାଜପା ଭାଷଣରେ କହୁଥିଲେ ମଧ୍ୟ ଆଞ୍ଚଳିକ ଇସ୍ତାହାର ଟିଏ ନାହିଁ । ଲୋକେ ଏଣୁ ଭାଷଣକୁ ବିଶ୍ୱାସ କରୁ ନାହାନ୍ତି । ଲୋକଙ୍କ କହିବା କଥା ଆଞ୍ଚଳିକ ଇସ୍ତାହାରଟିଏ ଥିଲେ ନେତାଙ୍କୁ ୫ ବର୍ଷ ପରେ ପଚାରି ହେବ । ସେମାନେ ଆଉ ଠକି ପାରିବେ ନାହିଁ । କିନ୍ତୁ ଦଳୀୟ ସାଧାରଣ ଇସ୍ତାହାର ଓ ପ୍ରଚାରକୁ ଛାଡି ଦେଲେ ୩ଟି ଦଳର ନେତା ଆଞ୍ଚଳିକ ପ୍ରସଙ୍ଗ ଉଠାଉ ନାହାନ୍ତି। ଏଣୁ ଭୋଟର ଅସନ୍ତୋଷ ଥିବା ଆଲୋଚନା ହେଉଛି ।

# କାମଠଣା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ସରକାରୀ ଉ.ପ୍ରା. ବିଦ୍ୟାଳୟ ବାର୍ଷିକ ଉତ୍ସବ

**ଭବାନୀପାଟଣା,୪।୪(ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ କାମଠଣା ଗ୍ରାମପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଓ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଏକ ଚିତ୍ତାକର୍ଷକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତ, ମୁଖ୍ୟବକ୍ତା ଭାବେ ଏବିଇଓ ଜୟକୁମାର ମାଝି, ସମ୍ମାନିତ ଅତିଥି ଭାବେ ସର୍ବଶିକ୍ଷା ଅଭିଯାନର ଜେଣ୍ଡର କୋ ଅଡିନେଟର ଲିପିକା ଅପରାଜିତା, କେଜିବିଭି ବିଦ୍ୟାଳୟ ଏସ୍‌ଏମ୍‌ସି ଅଧକ୍ଷ ପୁରୁଷୋତ୍ତମ ମାଝି, କାମଠଣା ସିଆର୍‌ସିସି ମଧୁସୂଦନ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଇନ୍ଦ୍ରଜିତ ମହାଖୁଡ ଓ ଅନ୍ୟତମ ଅତିଥିମାନେ ଅବସରପ୍ରାପ୍ତ ଶିକ୍ଷକ ନବୀନ କୁମାର ପାତ୍ର ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ରଥ ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ । ସିଆର୍‌ସିସି ଜଗନ୍ନାଥ ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ଶିକ୍ଷୟିତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମୁଖ୍ୟଅତିଥି ବିଇଓ ପୁରୋହିତ ଶିକ୍ଷାଲାଭ କ୍ଷେତ୍ରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ କିଭଳି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହ ପ୍ରଦାନ କରିଥାଏ ସେ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ପତ୍ରିକା ପ୍ରୟାସକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ୮ମ ଶ୍ରେଣୀର ଛାତ୍ରୀ ଲିଜା ପ୍ରଧାନଙ୍କୁ ଶ୍ରେଷ୍ଠ ପୁରସ୍କାର କସ୍ତୁରୀ କନ୍ୟା ପ୍ରଦାନ କରାଯାଇଥିଲା । ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରତିଭା ପ୍ରଦର୍ଶନ କରିଥିବାରୁ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ନନ୍ଦୀକିଶୋର ମିଶ୍ର, ମୁକୁନ୍ଦ ରେଡ଼ି, ଶିକ୍ଷକ ସୁଢଳ ଦେବ ମୁଣ୍ଡ, ଶେଷ ଦେବ ମିଶ୍ର, ଡୁମାଲ ଏସ୍‌ଏମ୍‌ସି ଅଧକ୍ଷ ଗୁପ୍ତେଶ୍ୱର ସାହୁ, ଅଭିଭାବକ, ଗ୍ରାମବାସୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।



ବାର୍ଷିକ ଉତ୍ସବରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

## କଳାହାଣ୍ଡି ଓକିଲ ସଂଘର ବୈଠକ

**ଭବାନୀପାଟଣା,୪।୪(ଡି.ଏନ.ଏ.)**

କଳାହାଣ୍ଡି ଓକିଲ ସଂଘ ବୈଠକ ବୁଧବାର ଜିଲା ଦୌରାଜଜ୍ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଥିଲା । ନବ ନିର୍ବାଚିତ ସଭାପତି ଭବେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓକିଲ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ଓ କାର୍ଯ୍ୟକ୍ରମ ଉପରେ ସବିଶେଷ ଆଲୋଚନା ହୋଇଥିଲା । ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଇଥିଲା । ବୈଠକରେ ଉପସଭାପତି ଦିଲୀପ ପ୍ରହରାଜ, ସାଧାରଣ ସମ୍ପାଦକ ଅଶ୍ୱିନ ଦାଶ, ସହ ସମ୍ପାଦକନିହାର ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ମହେଶ ପ୍ରସାଦ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ କ୍ଷୀରୋଦ ପ୍ରସାଦ ନେଗୀ, ଅବଦୁଲ ସାଜିଦ, ପ୍ରଶାନ୍ତ ବାରିକ, ମାନସ ରଞ୍ଜନ ମହାନ୍ତି, କୁନାଲ ବେହେରା, ଭବାନୀଶଙ୍କର ସାହୁ ଓ ଲୋକନାଥ ନାଏକ ପ୍ରମୁଖ ଉଦବୋଧନ ଦେଇଥିଲେ । ସଧାରଣ ସମ୍ପାଦକ ଅଶ୍ୱିନୀ ଦାସ ଧନ୍ୟବାଦ ଦେଇଥିଲେ ।

**FORMAT C-1**
**DECLARATION**

Declaration about Criminal cases.
(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)
Name and Address of Candidate - **LAXMAN BAG**
Name of Political Party - **Bharatiya Janata Party**
Name of Election - **Odisha Legislative Assembly**
Name of the Constituency - **70- Kantabanji Assembly Constituency.**
I, **Laxman Bag,** a candidate for the above mentioned election, declare for public information the following detail about my criminal antecedents:-

| Sl. No. | Pending Criminal Cases | | | Details about cases of conviction for criminal offences | |
|---|---|---|---|---|---|
| | Name of Court | Case No. and status of case | Section(s) of Acts concerned and brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | JMFC, Kantabanji | G.R. Case No. 403/16 | Sec. 143/ 144/ 294/ 323/ 379/ 506/ 427/ 149 I.P.C. | Not applicable | Not applicable |
| 2 | JMFC, Kantabanji | G.R. Case No. 402/16 | Sec. 143/ 427/ 379/ 149 I.P.C. | Not applicable | Not applicable |
| 3 | JMFC, Kantabanji | G.R. Case No. 394/16 | Sec. 143/ 336/ 427/ 153/ (A) 149/ I.P.C. | Not applicable | Not applicable |
| 4 | JMFC, Kantabanji | G.R. Case No. 393/16 | Sec. 143/ 341/ 332/ 353/506/ 294/ 225/ 307/ 323/ 149 IPC/ 7 Cr. L.A. Act. | Not applicable | Not applicable |
| 5 | Addl. Session Judge-cum- Spl. Judge, Titilagarh | G.R. Case No. 194/16 | Sec. 147 / 148/ 294/ 354/ 323/ 506/ 149 I.P.C./ 3(1)(x) SC & ST (PA) Act. | Not applicable | Not applicable |
| 6 | JMFC, Kantabanji | G.R. Case No. 90/16 | Sec. 294/ 507/ I.P.C. | Not applicable | Not applicable |
| 7 | JMFC, Kantabanji | G.R. Case No. 460/15 | Sec. 336/ 353/ 294/ 355/ 34 I.P.C. | Not applicable | Not applicable |
| 8 | JMFC, Kantabanji | G.R. Case No. 65/14 | Sec. 294/ 506 I.P.C. | Not applicable | Not applicable |
| 9 | JMFC, Kantabanji | G.R. Case No. 125/14 | Sec. 147/ 148/ 341/ 294/ 323/ 427/ 325/ 171-C/ 307/ 149 I.P.C. and 25/27 Arms Act. | Not applicable | Not applicable |
| 10 | JMFC, Kantabanji | G.R. Case No. 236/2012 | Sec. 341/ 294/ 323/ 147/ 148/ 506/ 149 I.P.C. | Not applicable | Not applicable |
| 11 | S.D.J.M., Titilagarh | G.R. Case No. 393/2007 | Sec. 367/ 368/ 342/ 374/ 34 I.P.C. | Not applicable | Not applicable |

*Sd./- Laxman Bag*

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ୫ ଏପ୍ରିଲ, ୨୦୧୯



ଆଳସ୍ୟ ପରି ଶତ୍ରୁ କେହି ନାହିଁ। ଏହା ସମାଜର ସବୁ ସୁଖଶାନ୍ତିକୁ ନଷ୍ଟ କରିଦିଏ।
–ସନ୍ଥ ବିନୋବା ଭାବେ



## ସଂକ୍ଷେପରେ

### ଧମା କେନ୍ଦୁପତ୍ର କର୍ମଚାରୀ କଲାବ୍ୟାଜ୍ ପିନ୍ଧିଲେ

ଧମା, ୪।୪ (ଡି.ଏନ.ଏ.)

ଧମା କେନ୍ଦୁପତ୍ର କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଗୁରୁବାରଠାରୁ କଲାବ୍ୟାଜ୍ ପିନ୍ଧି କାମରେ ଯୋଗ ଦେଇଛନ୍ତି। କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ, ବନ୍ଧେଇ ଶ୍ରମିକମାନଙ୍କୁ ପୂର୍ବ ଘୋଷିତ ସାମାଜିକ ସୁରକ୍ଷା, କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ତଥା ପିଲାଙ୍କ ପାଠପଢ଼ା ସକାଶେ ସ୍କୋଲାରସିପ ବ୍ୟବସ୍ଥା ଏଯାବତ କରାଯାଇ ନାହିଁ । ମନମୁଖି ଦରମା ନିର୍ଦ୍ଧାରଣ କରାଯାଉଛି । ଡିସେମ୍ବର ମାସରେ ୱାଚରମାନଙ୍କ ଦରମା ୭ ହଜାର ଟଙ୍କାରୁ ୧୧ ହଜାର ଟଙ୍କାକୁ ବୃଦ୍ଧି କରାଗଲା। ପୁଣି ଫେବୃୟାରୀରେ ୮ ହଜାର ୪ଶହ ଟଙ୍କାକୁ କମାଇ ଦିଆଗଲା । ଏହିପରି ଅନେକ ଅଭିଯୋଗ ଓ ଦାବିକୁ ନେଇ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ସଂଘର ସମସ୍ତ କାର୍ଯ୍ୟରତ ଶ୍ରମିକ ଦାବି ପୂରଣ ନ ହେବା ଯାଏ କଲାବ୍ୟାଜ୍ ପିନ୍ଧି ଧାରଣା ଦେବା ସହ ଆନ୍ଦୋଳନ ଜାରି ରଖିବେ ବୋଲି ଜଣାଇଛନ୍ତି । ଧମା ରେଞ୍ଜ ହେଡ ଚେକର ଟଙ୍କଧର ସାହୁ, କ୍ଷମା ବିଶ୍ୱାଳ, ପ୍ରଶାନ୍ତ ଦୀପ, ବାଙ୍କାମଣି ଦାସ ପ୍ରମୁଖ ସିଜିନାଲ କର୍ମଚାରୀ ଯୋଗ ଦେଇଥିଲେ ।

### ଅସହାୟ ମୃତ୍ତାଙ୍କୁ ମୁଖାଗ୍ନି ଦେଲେ ନାଏବ ସରପଞ୍ଚ

ଧମା, ୪।୪ (ଡି.ଏନ.ଏ.)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତ ଟାଙ୍ଗରପାଲି ଗ୍ରାମର ଗୋକୁଳ ଭୋଇଙ୍କ ସ୍ତ୍ରୀ ଉଦିଆ ଭୋଇଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ବୁଧବାର ସେ ଗାଁ ନିକଟ ଧୂଳିଯୋରକୁ ଗାଧୋଇବାକୁ ଯାଇଥିବା ବେଳେ ଗୋଡ ଖସି ବୁଡିଯାଇ ପ୍ରାଣ ହରାଇଥିଲେ। ଗ୍ରାମବାସୀଙ୍କ ଜରିଆରେ ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଡୁଲି ଉଦ୍ଧାର କରି ସମ୍ବଲପୁର ସଦର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁବାର ବୁର୍ଲା ମେଡିକାଲ କଲେଜରେ ବ୍ୟବଚ୍ଛେଦ ପରେ ସମ୍ବଲପୁର ରାଜଘାଟଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତେବେ ଉଦିଆଙ୍କ ସ୍ୱାମୀ ଗୋକୁଳଙ୍କୁ ଛାଡିଦେଲେ ତାଙ୍କର କେହି ନାହାନ୍ତି। ଏଣୁ ସାହାସପୁର ନାଏବ ସରପଞ୍ଚ ଆଲୋକ ବେହେରା ମୁଖାଗ୍ନି ଦେଇଥିଲେ। ଗଣେଶ କିଷାନ, ସଞ୍ଜୀବ ପୂଜାରୀ, ସୌମ୍ୟରଞ୍ଜନ ପୂଜାରୀ ଓ ଚିତ୍ରସେନ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

### ୟୁପି ଉପମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ

# ରାଜ୍ୟ, କେନ୍ଦ୍ରରେ ଭାଜପା ଆସିଲେ ବିକାଶ ହେବ





ଭାଜପାର ବିଜୟ ସଙ୍କଳ୍ପ ଯାତ୍ରାରେ ଅତିଥିବୃନ୍ଦ (ବାମ)। ବିଜୟ ସଂକଳ୍ପ ଯାତ୍ରାରେ ଯୋଗଦେଇଥିବା ଜନସାଧାରଣ ।

ନୂଆପଡା ଅଫିସ,୪।୪

ଓଡ଼ିଶା ଗରିବ ନୁହେଁ । ହେଲେ ଏଠିକାର ନେତାଙ୍କ ଗରିବ ମନୋଭାବ ଗରିବ କରିଛି । ଏଠାରେ ପ୍ରକୃତି ବହୁ ସମ୍ପତି ଦେଇଛି । କେନ୍ଦ୍ର ସରକାର ଯୋଜନାସବୁ କାର୍ଯ୍ୟକାରୀ କରିବାକୁ ଚାହୁଁଥିଲେ ମଧ୍ୟ ଏଠିକାର ସରକାର ତାହା କାର୍ଯ୍ୟକାରୀ କରିବାକୁ ଦେଉନାହାନ୍ତି । ତେଣୁ ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ଗୋଟିଏ ଭାଜପା ସରକାର ଆସିବା ଦରକାର। ଡବଲ ଇଞ୍ଜିନ ଆସିଲେ ଭଲ କାମ ହେବ ବୋଲି ଗୁରୁବାର ମଧ୍ୟାହ୍ନରେ ନୂଆପଡା ଜିଲା ସଦର ମହକୁମାଠାରୁ ୧୧ କି.ମି. ଦୂର ଦଲଦଲି ନିକଟରେ ଆୟୋଜିତ ଭାଜପାର ବିଜୟ ସଙ୍କଳ୍ପ ଯାତ୍ରାରେ ଯୋଗଦେଇ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ଡ.ଦିନେଶ ଶର୍ମା କହିଛନ୍ତି ।

ସାଧାରଣ ନିର୍ବାଚନ ଦିନ ପାଖେଇ ଆସୁଥିବାବେଳେ ଜିଲାକୁ ହାଇପ୍ରୋଫାଇଲ ନେତାଙ୍କ ଗସ୍ତ ଆରମ୍ଭ ହୋଇଛି । ଏହିକ୍ରମରେ ଭାଜପାର ବିଜୟ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମରେ ଯୋଗଦେବାକୁ ଉତ୍ତର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ଦିନେଶ ଶର୍ମା ନୂଆପଡା ଗସ୍ତରେ ଆସିଥିଲେ । ମଧ୍ୟାହ୍ନରେ ଦଲଦଲି ନିକଟରେ ଭାଜପାର ବିଜୟ ସଂକଳ୍ପ ଯାତ୍ରା ହୋଇଥିଲା । ସ୍ଥାନୀୟ ହେଲିପ୍ୟାଡରେ ଓହ୍ଲାଇଥିଲେ ଉପମୁଖ୍ୟ ମନ୍ତ୍ରୀ ଶର୍ମା । ରାଜ୍ୟ ଭାଜପା ସଭାପତି ତଥା କଳାହାଣ୍ଡି ଲୋକସଭା ପ୍ରାର୍ଥୀ ବସନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଓଡିଶା ରାଜ୍ୟ ପ୍ରଭାରୀ ଅରୁଣ ସିଂ, ସ୍ଥାନୀୟ ବିଧାୟକ ପ୍ରାର୍ଥୀ ହୋମସିଂ ମାଝି, ରାଜ୍ୟ ଉପସଭାପତି ପ୍ରସନ୍ନ କୁମାର ପାଢୀ, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ଉପସଭାପତି ଖାମସିଂ ମାଝି, ଗୋଲଡି ଅଗ୍ରୱାଲ, ଅଳ୍ପ ସଂଖ୍ୟକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ଶେଖ ମହତାବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ପ୍ରାର୍ଥୀଦ୍ୱୟଙ୍କୁ ଫୁଲମାଳା ଦେଇ ସ୍ୱାଗତ କରିଥିଲେ । ଏହି ଦ୍ୱୟ ପ୍ରାର୍ଥୀଙ୍କ ସକାଶେ ସମସ୍ତ ଅତିଥି ଭୋଟ ଭିକ୍ଷା କରିଥିଲେ । ରାଜ୍ୟ ପ୍ରଭାରୀ ଅରୁଣ ସିଂ ରାଜ୍ୟର ବିଭିନ୍ନ ଯୋଜନାର ବିଫଳତା ସମ୍ପର୍କରେ ବଖାଣିଥିଲେ। ଏହି ସରକାର ବଦଳିବା ଦରକାର ବୋଲି କହିଥିଲେ। ଏହି ଅବସରରେ ବିଜୟ ସଂକଳ୍ପ ଯାତ୍ରାର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ରାଜ୍ୟ ସଭାପତି ପଣ୍ଡା କହିଥିବାବେଳେ ବିଜେଡି ଏବଂ କଂଗ୍ରେସ ଉପରେ ବର୍ଷିଥିଲେ। ଏଥିରେ ଗୋଲଡି ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିଲେ। ଜିଲା ସମ୍ପାଦକ ସୁଶାନ୍ତ କୁମାର ପତି, ମନିଜର ଆର୍ଯ୍ୟ, ମୁରଲୀଧର ସୁନା, ପପୁ ଠାକୁର, ଦିଲୀପ କୁମାର ନିର୍ମଳ କର, କମଳେଶ ସିଂ ଠାକୁର, ତୁଳସ ପଟେଲ, ଅଭିଜିତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

**ଭାଜପାର ବିଜୟ ସଙ୍କଳ୍ପ ଯାତ୍ରା**

# ସିର୍ଲିଗୁଡ଼ାବାସୀଙ୍କର ପାଏନ୍ ସମସିଆ ଦୂର ହେଲା

କୋକସରା, ୪।୪ (ଡି.ଏନ.ଏ)

**ଧରିତ୍ରୀ ପ୍ରଭାବ**

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଁଚେତ ଅଧୀନ ସିର୍ଲିଗୁଡ଼ା ସ୍କୁଲପଡ଼ା, ଗୌନ୍ତିଆପଡ଼ା ଆର ପୁଝାରୀପଡ଼ାରେ ରହୁଥିବାର ୭୦ ପରିବାରର ପାଖାପାଖି ୧ ହଜାର ଲୋକ୍ ପିଇଲା ପାଏନ୍ ଲାଗି ବଡ଼ା ଗୁଲଗୁଲା ହେଉଥିଲେ। ଇ ୩ଟା ପଡ଼ାରେ ଲୁକ୍‌କର ବେଭାର ଲାଗି ନଲ୍‌ତୁଆଁ ନାଁଇଁନ। ଯେନ୍‌ଥିରଲାଗି ସେମାନେ ଖୁଲା ତୁଆଁ ଆର ବଁଧର ଦୂଷିତ ପାଏନ୍ ଖାଏବା ପିଇବାରେ ବେଭାର କରୁଥିଲେ। ଇ ବାବ୍‌ଦେ ପଡ଼ାବାସୀମାନେ ବଛର ବଛର ହେଲା ଥାନୀୟ ନେତାକରନ୍ତୁ ମୂଲ୍ କରି ପଁଚେତ୍ ପରତିନିଧିକୁ ଅଭିଯୋଗ କରି ନିରାଶ ହେଇଥିଲେ। ଶେଷେ ତିନ୍‌ହିଁ ପଡ଼ାବାସୀ ଥାନୀୟ ଗଣମାଧମ ପରତିନିଧିକରନେ ଅଭିଯୋଗ କରିଥିଲେ। ପଡ଼ାବାସୀକର ଇ ପାଏନ୍ ସମସିଆ ବାବ୍‌ଦେ ଗଲା ମାସ ୧୬ ତାରିଖରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ଖବର ବାହାରଲାରୁ ବ୍ଲକ ପରଶାସନର ଚେତା ପଶିଥିଲା। ବ୍ଲକ ପରଶାସନ ଟେମରା ପଁଚେତ ନିର୍ବାହୀ ଅଧିକାରୀ ଗୋଲେକ ବିହାରୀ ପୁଝାରୀକୁଁ ଟ୍ୟାଙ୍କରରେ ପଡ଼ାବାସୀକୁ ପାଏନ୍ ଯୁଗେଇ ଦେବାକେ ନିରଦେଶ ଦେଇଥିଲେ। ତା'ପରେ ଇ ତିନ୍‌ହିଁ ପଡ଼ାବାସୀକୁ ଟ୍ୟାଙ୍କରରେ ପିଇଲା ପାଏନ୍ ଯୁଗେଇ ଦିଆଯାଉଥିବାର ଦେଖିବାକେ ମିଳିଛେ। ଆଏବାର ଦିନେ ପଡ଼ାବାସୀକୁ ବେହେରା ନଦୀରୁ ନିରମଲ ପିଇଲା ପାଏନ୍ ଯୁଗେଇ ଦେବାର ବେବସ୍ତା କରାଯିବା ବଲି କୋକସରା ବିଡିଓ କଥା ଦେଇଛନ୍। ପଇଲା ପାଏନ୍ ପାଏଲାରୁ ଇ ତିନ୍‌ହିଁ ପଡ଼ାବାସୀ ଗଣମାଧ ଆର ବ୍ଲକ ପରଶାସନକେ କୃତଜ୍ଞତା ଜନେଇଛନ୍।




ପଡ଼ାବାସୀ ଟ୍ୟାଙ୍କରୁ ପିଇଲା ପାଏନ୍ ନେଉଛନ୍।

# ବସନ୍ତ ପଣ୍ଡାଙ୍କ ମେଗା ରୋଡ୍ ଶୋ

ନୂଆପଡା ଅଫିସ,୪।୪

ନିର୍ବାଚନ ପାଖେଇ ଆସୁଥିବାବେଳେ ନାମାଙ୍କନ ଦାଖଲ ପରେ ଲୋକ ସଭା ପ୍ରାର୍ଥୀ ବସନ୍ତ ପଣ୍ଡା କଳାହାଣ୍ଡିରେ ପ୍ରଚାର କରିବା ପରେ ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜାଗାରେ ନିର୍ବାଚନ ପ୍ରଚାର କରିଛନ୍ତି । ବୁଧବାର ନୂଆପଡାରେ ମେଗା ରୋଡ ଶୋ କରିଥିଲେ । ଏଥିରେ ନୂଆପଡା ଏବଂ ଖରିଆରରୋଡ ସହରରେ ଦୀର୍ଘ ୧୫ କି.ମି. ଦୂର ବୁଲି ଭୋଟ ଭିକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଏଥିରେ ଗୋଟିଏ ଭୋଟ ମୋଦି ଏବଂ ଗୋଟିଏ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ହୋମ ସିଂ ମାଝିଙ୍କୁ ଦେବାକୁ ନିବେଦନ କରାଯାଇଥିଲା । ରାଜ୍ୟ ଭାଜପା ସଭାପତି ତଥା ଲୋକ ସଭା ପ୍ରାର୍ଥୀ ପଣ୍ଡା ସ୍ଥାନୀୟ ସର୍କିଟ ହାଉସସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ଅପରାହ୍ନ ସାଢେ ୪ଟାରେ ବାହାରି ଥିଲେ । ପ୍ରଥମେ ସ୍ଥାନୀୟ ମହୁଲଭଟା ଦେଇ ସିର୍ତୋଲରେ ପହଞ୍ଚିଥିଲେ। ସେଠାରୁ ଜାତୀୟ ରାଜପଥ ନୂଆପଡାର ମୁଖ୍ୟ ରାସ୍ତାରେ ବୁଲି ତେଲିପଡାରେ ବାହାରିଥିଲେ । ବାଜା ବାଣ ଶବ୍ଦରେ ସହର ଏକ ପ୍ରକାର ପ୍ରକମ୍ପିତ ହୋଇଉଠୁଥିଲା । ଏହି ଶୋଭାଯାତ୍ରା ଏଠାରୁ ୧୦ କି.ମି. ଦୂର ଖରିଆରରୋଡ ସହରରେ ଯାଇ ପହଞ୍ଚିଥିଲା। ଗାଡିରେ ବସନ୍ତଙ୍କ ସହ ବିଧାୟକ ପ୍ରାର୍ଥୀ ହୋମ ସିଂ ମାଝି, ପ୍ରସନ୍ନ କୁମାର ପାଢୀ, ପୂର୍ବତନ ଜିଲା ସଭାପତି ଅଶୋକ ମିତ୍ର, ମନିଜର ଆର୍ଯ୍ୟ, ମୁନ୍ନା ମହାପାତ୍ର, ଅଭିନନ୍ଦନ ପଣ୍ଡା, ଆଭାସ ପାଢୀ, ପପୁ ଠାକୁର, ଗୋଲଡି ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ। ଏହି ରୋଡ ଶୋରେ ଶତାଧିକ ଦଳୀୟ କର୍ମକର୍ତ୍ତା ସମର୍ଥକମାନେ ସାମିଲ ଥିଲେ।



ଲୋକ ସଭା ପ୍ରାର୍ଥୀ ବସନ୍ତ ପଣ୍ଡା ନିର୍ବାଚନ ପ୍ରଚାର କରୁଛନ୍ତି।

### ବଡସାହି ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ବୈଠକ

ପଡିଆବାହାଲ,୪।୪ (ଡି.ଏନ.ଏ.)

ଯୁଯୁମୁରା ବ୍ଲକ ଘିନୁପାଲି ଗ୍ରାମର ବଡସାହିର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥି ନିମନ୍ତେ ଗଠିତ ଏକ କମିଟିରେ ଜୟକୃଷ୍ଣ ସଭାପତି, ଗଙ୍ଗାଧର ବଘାର ସମ୍ପାଦକ ଅଛନ୍ତି। ରାମନାରାୟଣ ସେଠ, ସୀତାରାମ ପଣ୍ଡା, ବୈକୁଣ୍ଠ ପଧାନ, ସବିତା ପଣ୍ଡା, ରାମସାଗର ନାୟକ ପ୍ରମୁଖ ସଦସ୍ୟ ରହିଛନ୍ତି । ଆଗାମୀ ୨୮ ଓ ୨୯ ତାରିଖ ଦୁଇ ଦିନ ଧରି ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବ। ସେହିଭଳି ଏକ ସ୍ମରଣିକା ମଧ ପ୍ରକାଶ ପାଇବ। ଏପ୍ରିଲ ୧୫ ସୁଦ୍ଧା ସ୍କୁଲ ସହ ସଂପୃକ୍ତ ଛାତ୍ର, କର୍ମଚାରୀ, ବଦାନ୍ୟବ୍ୟକ୍ତି ଲେଖା ପଠାଇ ପାରିବେ।


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

**ALL EDITION - B/W (Every Day)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*for Booking Contact:*
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ୫ କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
07535093304
09675742689

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ – ଫୋନ୍ କରନ୍ତୁ
9899587663
8743922900

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
Helpline: 7302958798
A-6, GALI NO.6B, SWATANTRA NAGAR, NARELA, DELHI

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

FINANCE
BCF ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧୨ ଘଣ୍ଟାରେ ୫ କାଗଜରେ ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
8958186716
9675859756

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଳେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୂଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କାରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯିଏ ଯାହା ମନରେ ଅଛି, ସେ ତା ଠାରୁ ଦୂରରେ ରହି ମଧ୍ୟ ଦୂରରେ ନ ଥାଏ କିନ୍ତୁ ଯିଏ ଯାହା ମନରେ ନାହିଁ, ସେ ତା ପାଖରେ ଥାଇ ମଧ ଦୂରରେ ଥାଏ।

- ଚାଣକ୍ୟ

## ସଂକ୍ଷେପରେ



### ୨୦୦ଲିଟର ରନ୍ଧା ମଦ ଜବତ, ୨ଗିରଫ

**ପାଟଣାଗଡ, ୪।୪(ଡି.ଏନ.ଏ.):** ପାଟଣାଗଡ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂକୁ କଡାକଡି କରାଯାଇଛି। ଗୁରୁବାର ସକାଳ ୫ଟାରେ ପାଟଣାଗଡ ଅବକାରୀ ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ୍ ୪ଟି ବାଇକ ଯୋଗେ ଚାଲାଣ ହେଉଥିବା ପ୍ରାୟ ୨୦୦ ଲିଟର ରନ୍ଧାମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ ଜିଲା ଗାଇସିଲେଟ ଥାନା ଅନ୍ତର୍ଗତ ଛିନ୍ଦ୍ରାପାଲିର ପ୍ରଫୁଲ ଦଣ୍ଡସେନା ଏବଂ ଟିକେଶ୍ୱର ଦଣ୍ଡସେନା। ସେମାନେ ବରଗଡ ଜିଲାରୁ ସୀମାନ୍ତ ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନକୁ ଚୋରରେ ମଦ କାରବାର କରୁଥିବାର ସ୍ୱୀକାର କରିଛନ୍ତି। ମଦ ଚୋରାଚାଲାଣରେ ବ୍ୟବହୃତ ୪ଟି ଯାକ ବାଇକ କରାଯାଇଛି। ଏନେଇ ଅବକାରୀ ବିଭାଗ ଦୁଇଟି ପୃଥକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

### ମାରୱାଡି ଯୁବାମଞ୍ଚ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ

**ଲାଠୋର, ୪।୪(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଲାଠୋର ଅଗ୍ରସେନ ଭବନଠାରେ ମାରୱାଡି ଯୁବାମଞ୍ଚ କର୍ମକର୍ତ୍ତାଙ୍କର ଦାୟିତ୍ୱ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ମାର୍ଚ୍ଚ ୩ରେ ପୁରୁଣା କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ପୂରଣ ହେବାରୁ ନୂତନ ସଭାପତିଭାବେ ନିଲେଶ ଅଗ୍ରୱାଲ, ଉପସଭାପତି ଅଙ୍କିତ ଅଗ୍ରୱାଲ, ସମ୍ପାଦକ ବିକ୍ରମ ଅଗ୍ରୱାଲ, ସହସମ୍ପାଦକ ଆକାଶ ଜୈନଙ୍କୁ ନିର୍ବାଚିତ କରାଯାଇଥିଲା। କୋଷାଧକ୍ଷ ଭାବେ ସୁବାଷ ଅଗ୍ରୱାଲ ପୁନଃ ନିର୍ବାଚିତ ହୋଇଛନ୍ତି। ପ୍ରମୋଦ ଅଗ୍ରୱାଲ, ଅମିତ ଅଗ୍ରୱାଲ, ରାହୁଲ ଅଗ୍ରୱାଲ, କୁଲଦୀପ ଅଗ୍ରୱାଲ, ଅଜୟ ମଙ୍ଗଳଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଦୀପକ ଅଗ୍ରୱାଲଙ୍କ ଅଧକ୍ଷତାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଆହତଙ୍କୁ ଭେଟିଲେ ବିଧାୟକ ପ୍ରାର୍ଥୀ

**ବଲାଙ୍ଗୀର ଅଫିସ, ୪।୪:** ବଲାଙ୍ଗୀର କନ୍ଧପାଲିପଡାରେ ଏକ ରାଜନୈତିକ ଦଳ ପକ୍ଷରୁ ମଙ୍ଗଳବାର ନିର୍ବାଚନୀ ପ୍ରଚାର ବେଳେ କିଛି କର୍ମୀ ଫଟ୍‌କା ବାଣ ଫୁଟାଇ ବିଧାୟକ ପ୍ରାର୍ଥୀଙ୍କୁ ସ୍ୱାଗତ କରିଥିଲେ। ଫଟ୍‌କା ଫୁଟାଇବାବେଳେ ସେହିପଡାର କାଳିଚରଣ ବାଗ(୫୫)ଙ୍କ ଆଖିରେ ଆଘାତ ଲାଗିଥିଲା। ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ନିଆଯାଇଥିଲା। ଏବେ ସେ ଭଲରେ ଦେଖି ପାରୁ ନ ଥିବା କହିଛନ୍ତି। ଭୁବନେଶ୍ୱରସ୍ଥିତ ଆଖି ହସପିଟାଲକୁ ତୁରନ୍ତ ଯାଇ ଚିକିତ୍ସା କରିବାକୁ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ଖବର ପାଇ ବିଧାୟକ ପ୍ରାର୍ଥୀ ନରସିଂହ ମିଶ୍ର କାଳୀଚରଣଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝି ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ବଲାଙ୍ଗୀର ଜିଲାରେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ

# ସମ୍ବେଦନଶୀଳ ମତଦାନ କେନ୍ଦ୍ର ପରିଦର୍ଶନ

**ବଲାଙ୍ଗୀର ଅଫିସ, ୪।୪**

ବଲାଙ୍ଗୀର ଜିଲା ଟିଟିଲାଗଡ ଓ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଏନ୍.ଅଶୋକ. ବାବୁ ତୁରେକେଲା ବ୍ଲକର ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ମତଦାନ କେନ୍ଦ୍ରଗୁଡିକ ପରିଦର୍ଶନ କରିଛନ୍ତି। ଅବାଧ, ମୁକ୍ତ ଓ ବିନା ଭୟରେ ମତଦାନ କରିବା ପାଇଁ ଭୋଟରମାନଙ୍କ ସହ ସେ ଆଲୋଚନା କରିଛନ୍ତି। ତୁରେକେଲା ବ୍ଲକର ହଲନଭଟା, କୁଶପାଲି, ମହଖଣ୍ଡ, ବଡବାଙ୍କି, ଖରଲି, ଭାଲୁକନା, ବାହାବଲ, ବଡଡୁକୁଲା, ଢ଼ୋଲମାନ୍ଦଲ, ଗଞ୍ଜାଉଡାର, ଗର୍ଲା, ସାଲେମୁଡଗା, ଟିକ୍ରାପଡା, ଜୁବାମାଲ, ଭରୁଆକାନି, କନ୍ଦେଇ, ଗୋଦ୍ରାମୁଣ୍ଡା, ପଣ୍ଡରେନ୍, ପଖନମୁଣ୍ଡା, ଗଇନ୍ଦିମାଲ, ମହୁଲପାଟି, ବୁଢ଼ୀବାହାଲ, ତୁରେକେଲା ଗ୍ରାମର ମତଦାନ କେନ୍ଦ୍ରଗୁଡିକ ପରିଦର୍ଶନ କରିଥିଲେ । ଭୋଟରମାନେ ସୁବିଧାରେ ଯେପରି ଭୋଟ ଦେଇପାରିବେ ସେ ନେଇ କରିଥିବା ଆନୁସଙ୍ଗିକ ସୁବିଧା, ସୁଯୋଗ ସମ୍ପର୍କରେ ସେକ୍ଟର ଅଫିସର ଓ ନିର୍ବାଚନ ସହସଞ୍ଜୁକ୍ତ ଅଧିକାରୀମାନଙ୍କ ଆଲୋଚନା କରିଥିଲେ । ଭୋଟରମାନେ ନିର୍ଭୟରେ ଓ ବିନା ପ୍ରଲୋଭନରେ ଯେପରି ମତଦାନ କରିପାରିବେ ସେଥିପ୍ରତି ଦୃଷ୍ଟି ଦିଆଯାଇଛି ଓ ପର୍ଯ୍ୟାପ୍ତ ସୁରକ୍ଷା ବଳର ବ୍ୟବସ୍ଥା କରାଯାଇଛି କହି ଭୋଟରମାନେ ନିର୍ଭୟରେ ମତଦାନ କରିବାକୁ ପରାମର୍ଶ ଦେଇଥିଲେ । ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ଏହି ପରିଦର୍ଶନ ସମୟରେ ତୁରେକେଲା ଥାନା ଅଧିକାରୀ ସତ୍ୟଜିତ କଣ୍ଡାନକେଲ, ସେକ୍ଟର ଅଫିସର ଓ ନିର୍ବାଚନ ସହସଞ୍ଜୁକ୍ତ ଅଧିକାରୀ ଓ ପର୍ଯ୍ୟବେକ୍ଷକଙ୍କ ଲିଆଜିଁନିଂ ଅଫିସର ଲଳିତ ମହାପାତ୍ର ଉପସ୍ଥିତ ଥିଲେ। ଏହାପରେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ବାବୁ ବଲାଙ୍ଗୀର ଗାନ୍ଧୀଭବନଠାରେ ଥିବା ଏମ୍‌ସିଏମ୍‌ସି କେନ୍ଦ୍ର ପରିଦର୍ଶନ କରିଥିଲେ । ବିଭିନ୍ନ ଖବରକାଗଜ ଓ ଟେଲିଭିଜନ ଚ୍ୟାନେଲ ଗୁଡିକରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ କିମ୍ବା ରାଜନୈତିକ ଦଳଙ୍କ ନିର୍ବାଚନ ସଂକ୍ରାନ୍ତୀୟ ବିଜ୍ଞାପନ ଓ ପେଡ ନ୍ୟୁଜ୍ ସମ୍ପର୍କରେ ଏମସିଏମସି ନୋଡାଲ ଅଫିସର ଜୟଦେବ ପାଣିଗ୍ରାହୀଙ୍କ ସହ ଆଲୋଚନା କରିଥିଲେ । ପେଡନ୍ୟୁଜ୍‌କୁ ସତର୍କତାର ସହ ଦେଖିବା ଓ ଖବରକାଗଜ ଓ ଟେଲିଭିଜନ୍ ଚ୍ୟାନେଲରେ ପ୍ରସାରଣ ହେଉଥିବା ବିଜ୍ଞାପନଗୁଡିକୁ ଠିକ୍ ଭାବେ ତଦାରଖ କରିବାକୁ ଏମ୍‌ସିଏମ୍‌ସିରେ ନିୟୋଜିତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପର୍ଯ୍ୟବେକ୍ଷକଙ୍କ ଲିଆଜିନିଂ ଅଫିସର ଲଳିତ ମହାପାତ୍ର ଉପସ୍ଥିତ ଥିଲେ ।



ତୁରେକେଲା ବ୍ଲକ୍ ହଲନଭଟା ସମ୍ବେଦନଶୀଳ ମତଦାନକେନ୍ଦ୍ରକୁ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଏନ୍.ଅଶୋକ. ବାବୁ ପରିଦର୍ଶନ କରୁଛନ୍ତି ।

### ଗୁଡଭେଲାରେ ସମରେନ୍ଦ୍ର, ସୁରେନ୍ଦ୍ରଙ୍କ ପ୍ରଚାର

**ଗୁଡଭେଲା, ୪।୪(ଡି.ଏନ.ଏ.)**

ବଲାଙ୍ଗୀର ଲୋକ ସଭା ଓ ଟିଟିଲାଗଡ ବିଧାନ ସଭା ନିର୍ବାଚନ ମଣ୍ଡଳୀ ପାଇଁ ଗୁଡଭେଲା ବ୍ଲକ ଅଞ୍ଚଳରେ ନିର୍ବାଚନୀ ପ୍ରଚାର ଯୋର ଧରିଛି । ତିନି ପ୍ରମୁଖ ଦଳ ଭାଜପା, କଂଗ୍ରେସ ଓ ବିଜେଡି ଦଳର ପ୍ରାର୍ଥୀମାନେ ପ୍ରଚାର ଅଭିଯାନକୁ ଯୋରଦାର କରିଛନ୍ତି। ଗୁରୁବାର କଂଗ୍ରେସର ଲୋକ ସଭା ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଓ ବିଧାୟକ ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ ବିଭିନ୍ନ ଗ୍ରାମକୁ ଯାଇ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। କଂଗ୍ରେସ ଦଳ କ୍ଷମତାକୁ ଆସିଲେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୬ଶହ ଟଙ୍କାକୁ ବୃଦ୍ଧି, କୃଷି ଋଣ ଛାଡ, ଗରିବ ପରିବାରଙ୍କ ଆୟ ନିଶ୍ଚିତ କରିବା, ଅସହାୟଙ୍କ ପେନସନ ବୃଦ୍ଧି ଆଦି କାର୍ଯ୍ୟକ୍ରମ ପାଇଁ ଦଳ ପକ୍ଷରୁ ଯାହା ଘୋଷଣା କରାଯାଇଛି ତାହାକୁ କାର୍ଯ୍ୟକାରୀ କରାଯିବ ବୋଲି ଉଭୟ ନେତା କହିଥିଲେ।

## ବିଜେଡିରେ ଯୋଗଦେଲେ କଂଗ୍ରେସ ନେତା

**ଟିଟିଲାଗଡ଼, ୪।୪ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଂଗ୍ରେସ ଦଳର କାର୍ଯ୍ୟକାରୀ ସମ୍ପାଦକ ଦେବେନ୍ଦ୍ର ସାହୁ ଗୁରୁବାର ତାଙ୍କ ଶତାଧିକ ସମର୍ଥକଙ୍କ ସହ ଟିଟିଲାଗଡ ବିଧାୟିକା ପ୍ରାର୍ଥିନୀ ଟୁକୁନୀ ସାହୁଙ୍କ ବାସଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡିରେ ଯୋଗଦାନ କରିଛନ୍ତି। ରାଜ୍ୟରେ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଧାୟିକା ସାହୁ ଟିଟିଲାଗଡର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ସେଥିପାଇଁ ସେ ବିଜେଡିରେ ଯୋଗଦେଇଥିବା କହିଛନ୍ତି। ତାଙ୍କ ସହ ଗୌରାଙ୍ଗ ସାହୁ, କୌଶିକ ସାହୁ, ଦିନେଶ ସାହୁ, ବସନ୍ତଗ ସାହୁ, ସୁନୀଲ ସାହୁ, ଲକ୍ଷ୍ମଣ ସାହୁ, ପ୍ରମୋଦ ରାଉତ ପ୍ରମୁଖ ଦଳରେ ସାମିଲ ହୋଇଥିବା ଟିଟିଲାଗଡ ପୌରାଧକ୍ଷ ଗୋବର୍ଦ୍ଧନ ନାଗ ସୂଚନା ଦେଇଛନ୍ତି। ସେହିପରି ଦଳିତ ସଂଗଠକ ବୈକୁଣ୍ଠ ନାଗଙ୍କ ନେତୃତ୍ୱରେ ବହୁ କର୍ମୀ ବିଜେଡିରେ ଯୋଗଦାନ କରିଥିବା ଜଣାଯାଇଛି। ଛାତ୍ର ସଂଗଠନ ପକ୍ଷରୁ ମନୋଜ ତାଣ୍ଡି, ମୋହନ ଛୁରା, ସୁନୀଲ ମହାନନ୍ଦ, ସୁମିତ ସାଗର, ରାଜେଶ ନାଗ, ରିକି କଟା, ବିଲୁ ଖାନ, ସୁରଜ ବଗର୍ତି, ମନଜିତ ବରିହା, ରାହୁଲ ସୁନା, ଅଜୟ ମହାନନ୍ଦ, ମହେଶ ଶୁକ୍ଲା, ସୁବ୍ରତ ବାରିକ, ଦୁର୍ଗା ମହାନନ୍ଦ, ଡୁନୁ ତାଣ୍ଡି, ଦଶରଥ ପ୍ରମୁଖ ଦଳରେ ଯୋଗଦେଇଥିବା ସୂଚନା ମିଳିଛି। ଘୁଡାର ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ସୋମନାଥ ନାଗ, କୃଷ୍ଣ ନାଗ, ଯାଦବ ନାଗ, ଝିକିଡୁଙ୍ଗରି ପଞ୍ଚାୟତର ସଂଚାର ଗୁରୁ ଜଗନ୍ନାଥ ମଲ୍ଲିକେ ବିଜେଡିରେ ସାମିଲ ହୋଇଛନ୍ତି। ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ନେତା ଘିନୁ ଆଡ଼ୱାଆଡ, ପ୍ରେମ ଜୈନ, ଅରୁଣ ମିଶ୍ର, କାଉନସିଲର ସୁନୀଲ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡିରେ ଯୋଗଦେଇଥିବା ନୂତନ କର୍ମୀଙ୍କ ସହ ବିଧାୟିକା ପ୍ରାର୍ଥୀ ଟୁକୁନୀ ସାହୁ।

### ଇଭିଏମ, ଭିଭିପିଏଟି ପ୍ରସ୍ତୁତୀକରଣ ଆରମ୍ଭ

**ଟିଟିଲାଗଡ, ୪।୪(ଡି.ଏନ.ଏ.)**

ଟିଟିଲାଗଡ ନିର୍ବାଚନ ମଣ୍ଡଳୀରେ ଇଭିଏମ ଓ ଭିଭିପିଏଟି ପ୍ରସ୍ତୁତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏ ନେଇ ନିର୍ବାଚନରେ ନିଯୁକ୍ତ ସମସ୍ତ କର୍ମଚାରୀଙ୍କୁ ସୂଚନା ପ୍ରଦାନ କରିଛନ୍ତି ରିଟର୍ନିଂ ଅଫିସର ତଥା ଉପଜିଲାପାଳ ସୁଧାକର ନାଏକ ଏବଂ ପିଡିଡିଆରଡିଏ ମହେଶ୍ୱର ସ୍ୱାଇଁ। ୧୪୦ଜଣ କର୍ମଚାରୀ ନିଯୁକ୍ତି ହୋଇଥିବା ବେଳେ ୪୦ଟି ଟେବୁଲରେ ୧୦ ରାଉଣ୍ଡରେ କମିଶନିଂ କାର୍ଯ୍ୟ ଚାଲିବ । ଷ୍ଟ୍ରଙ୍ଗରୁମର ସୁରକ୍ଷା ବ୍ୟବସ୍ଥା ମେଟାଲ ଡିଟେକ୍ଟର ଦ୍ୱାରା ଯାଞ୍ଚ ହେବ। ପରିଚୟପତ୍ରପ୍ରାପ୍ତ କର୍ମଚାରୀଙ୍କୁ ଇଭିଏମ, ଭିଭିପିଏଟି ପ୍ରସ୍ତୁତିକରଣ ପାଇଁ ପ୍ରବେଶ ଅନୁମତି ମିଳିଛି। କର୍ମଚାରୀଙ୍କୁ ଷ୍ଟ୍ରଙ୍ଗରୁମ ଭିତରକୁ ମୋବାଇଲ, କ୍ୟାମେରା, ଡିଜିଟାଲ ୱାଚ ସହିତ ଯିବାକୁ ବାରଣ କରାଯାଇଛି। ଟିଟିଲାଗଡ ତହସିଲଦାର ସୁଦୀପ ଟପ୍ପୋ, କଣ୍ଟାବାଞ୍ଜି ତହସିଲଦାର ଅଶୋକ ମାଝୀ, ଉପଖଣ୍ଡ ପଞ୍ଚାୟତ ଅଧିକାରୀ ଏ.ବି .ସାଗର ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ଉପସ୍ଥିତ ଥିଲେ ।

## ଠିକାଦାରପଡ଼ାରେ ବିଜେଡିର ମିଶ୍ରଣ ପର୍ବ

**ବଲାଙ୍ଗୀର ଅଫିସ, ୪।୪**

ବଲାଙ୍ଗୀର ଠିକାଦାରପଡା ଠାରେ ବିଜେଡିର ଏକ ମିଶ୍ରଣ ପର୍ବ ଗୁରୁବାର ସନ୍ଧ୍ୟାରେ ଆୟୋଜିତ ହୋଇଥିଲା । ବୁଧବାର କଂଗ୍ରେସ ଦଳର ୯ ଜଣ ପୁରୁଖା ନେତା ଦଳରୁ ଇସ୍ତଫା ଦେଇଥିଲେ । ସେମାନେ କୌଣସି ଦଳରେ ମିଶିବେ ନାହିଁ ବୋଲି ଘୋଷଣା କରିଥିଲେ । ତେବେ ଏହି ଘୋଷଣାର ୨୪ ଘଣ୍ଟା ପରେ କଂଗ୍ରେସ ପ୍ରଚାର କମିଟି ସଦସ୍ୟ ଥିବା ଆଡଭୋକେଟ୍ ପ୍ରବୀଣ ମିଶ୍ର ବିଜେଡିରେ ଯୋଗଦାନ କରିଛନ୍ତି । ଏହି ସଭାରେ ବିଜେଡି ବିଧାୟକ ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ ଉପସ୍ଥିତ ରହି ପ୍ରବୀଣଙ୍କୁ ଦଳକୁ ସ୍ୱାଗତ କରିଥିଲେ । ଏହି ମିଶ୍ରଣ ପର୍ବରେ ଜିଲା ଯୁବ ବିଜେଡି ସଭାପତି ଲୋଟସ ଷଡଙ୍ଗୀ, ଜିଲା ଯୁବ ବିଜେଡି ସମ୍ପାଦକ ମନୀଷ ମିଶ୍ର, ପୌରାଧକ୍ଷା ସନ୍ତୋଷିନୀ ବେହେରା, ଉପାଧକ୍ଷା ଲିପିଶ୍ରୀ ସାଏ, ସାଗରିକା ଗୁରୁ, ରାମ ସିଂ, କାଉନସିଲର ମମତା ଜେନା, ଉପେନ ଦୀପ, ୱାର୍ଡ ନମ୍ବର ୪ର କାଉନସିଲର ଅଶ୍ୱିନୀ ପୁଟେଲ, ଧ୍ରୁବ ଜୁଏଡ ମଞ୍ଚାସୀନ ଏବଂ ବିଜେଡିରୁ ମନୋଜ ତ୍ରିପାଠୀ, ରାମ ନାଏକ, ଦେବେନ ପାତ୍ର, ମଧୁ ବନଛୋର, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



ବିଧାୟକ ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ ପ୍ରବୀଣ ମିଶ୍ରଙ୍କୁ ସ୍ୱାଗତ କରୁଛନ୍ତି ।

## ବିଜେପୁରରେ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ଟିଟିଲାଗଡ଼, ୪।୪ (ଡି.ଏନ.ଏ)**

ଟିଟିଲାଗଡ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ଥୁବୁଡିଙ୍ଗଠାରେ ବିଜେଡି ପକ୍ଷରୁ ହକ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିପିନ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୌରାଧକ୍ଷ ଗୋବର୍ଦ୍ଧନ ନାଗ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାରେ ସାମିଲ ହେବାକୁ ଆହ୍ୱାନ କରିବା ସହ ବିଧାୟିକା ପ୍ରାର୍ଥିନୀ ଟୁକୁନୀ ସାହୁଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ମୋହନଲାଲ ଜୈନ, ରୁଟୁ ବାଗ, ସଞ୍ଜୟ ବେହେରା, ବଟ ମିଶ୍ର, ଅଜୟ ପଣ୍ଡା, ଜିତେନ୍ଦ୍ର ବଗର୍ତି, ରୁଦ୍ର ବଗର୍ତି, ସନ୍ୟାସୀ ରଣା ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ରାଜ୍ୟବାସୀଙ୍କୁ ହକ ଦେବାରେ ବିଫଳ ହୋଇଥିବା ଦଳୀୟ ନେତାମାନେ ଅଭିଯୋଗ କରିଥିଲେ।

## ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର

**ଗୁଡଭେଲା,୪।୪ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ତିନିଦିନ ଧରି ଚାଲିଥିବା ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ପ୍ରଧାନଚାର୍ଯ୍ୟ ରବୀନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଞ୍ଜୟ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପରିଚାଳନା କମିଟି କେଷାଧକ୍ଷ ସଚ୍ଚିଦାନନ୍ଦ ଭୋଇ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ତୁଷୁରା, ତେନ୍ତୁଳିଖୁଣ୍ଟି, ସଇଁତଲା, ଟିକରାପଡା ଓ ଛନଛଡା ବିଦ୍ୟାଳୟର ପ୍ରାୟ ୬୯ଜଣ ଗୁରୁମା ଓ ଗୁରୁଜୀ ପ୍ରଶିକ୍ଷଣରେ ଭାଗ ନେଇଥିଲେ।

ବଲାଙ୍ଗୀର ସଦର ବ୍ଲକରେ ନିର୍ବାଚନୀ ପ୍ରଚାର

## ବିକାଶ ହିଁ କଂଗ୍ରେସର ପ୍ରାଥମିକତା: ନରସିଂହ

**ବଲାଙ୍ଗୀର ଅଫିସ, ୪।୪**

ବଲାଙ୍ଗୀର ସଦର ବ୍ଲକ ଅଞ୍ଚଳରେ କଂଗ୍ରେସ ଦଳ ପକ୍ଷରୁ ଗୁରୁବାର ନିର୍ବାଚନୀ ପ୍ରଚାର କରାଯାଇଛି । ବଲାଙ୍ଗୀର ବିଧାନ ସଭା ପାଇଁ ବିଧାୟକ ପ୍ରାର୍ଥୀ ନରସିଂହ ମିଶ୍ର, ଦଳୀୟ ନେତା ଡା. ସୁଧୀର କୁମାର ପରିଚ୍ଛା ପ୍ରମୁଖ ସଦର ବ୍ଲକ୍‌ର ବୈଦିପାଲି, ତେଲନପାଲି, ପରଧିଆପାଲି, ବିଡିଘାଟ, ଫଟକରା, ଶିବତଲା, ଆଡେନଡୁଙ୍ଗୁରି, ଲୁଚୁକିବନ୍ଧ, କୁମପଥର, କୁମ୍‌ପାଣି, ସାହାଜବାହାଲ, ବରଗାଁ, ରାଜମୁଣ୍ଡା ପ୍ରଭୃତି ଗାଁରେ ନିର୍ବାଚନୀ ସଭା କରିଥିଲେ। ବିଭିନ୍ନ ସଭାରେ ମିଶ୍ର ବିକାଶ ହିଁ କଂଗ୍ରେସ ଦଳର ପ୍ରାଥମିକତା ବୋଲି କହିଥିଲେ। କଂଗ୍ରେସ ଦଳର ଇସ୍ତାହାରକୁ ଏକ ଜନକଲ୍ୟାଣକାରୀ ଇସ୍ତାହାର ବୋଲି ସେ କହିଥିଲେ । ଏଥିରେ ସମାଜର ପ୍ରତ୍ୟେକ ବର୍ଗର ଲୋକ ଫାଇଦା ପାଇବେ । କୃଷି, କୃଷକ, ମହିଳା, ବୃଦ୍ଧାବୃଦ୍ଧା, ବେକାର ଯୁବତୀ, ଯୁବକଙ୍କ ପାଇଁ ଇସ୍ତାହାରରେ ବିଶେଷ ଧ୍ୟାନ ଦିଆଯାଇଛି । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୬୦୦ ଟଙ୍କା, ଏସଏଚଜି ସମସ୍ତ ଋଣ ମାଫ, ବେକାରୀ ଭତ୍ତା ମାସକୁ ୩ ହଜାର ଟଙ୍କା ଏବଂ ମାସକୁ ୬ ହଜାର ଟଙ୍କା ଗରିବ ପରିବାରକୁ ସହାୟତା ଦିଆଯିବାର ବ୍ୟବସ୍ଥା ଇସ୍ତାହାରରେ କରାଯାଇଥିବା ସୂଚନା ଦେଇଥିଲେ । ସମସ୍ତ ପ୍ରଚାର ସଭାରେ ଯୁବନେତା ସରୋଜ ରଥ, ବିଶ୍ୱଜିତ ନାଥ, ରିଙ୍କୁ ଘିଭେଲା ପ୍ରମୁଖ ଉପସ୍ଥିତ ଥିଲେ ।



ବିଧାୟକ ନରସିଂହ ମିଶ୍ର ଫଟକରା ଗାଁରେ ନିର୍ବାଚନୀ ପ୍ରଚାର କରୁଛନ୍ତି ।

## ଭାଜପା ବିଧାୟକ ପ୍ରାର୍ଥୀଙ୍କ ମାରାଥନ ପ୍ରଚାର

**ଖପ୍ରାଖୋଲ, ୪।୪(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ପାଟଣାଗଡ ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ କନକବର୍ଦ୍ଧନ ସିଂଦେଓ ଗୁରୁବାର ମାରାଥନ ପ୍ରଚାର କରିଛନ୍ତି। ବିଭିନ୍ନ ଗାଁ ବୁଲିବା ସହ ସଭା ଓ ଶୋଭାଯାତ୍ରା ମାଧ୍ୟମରେ ଜନସାଧାରଣଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି। ଓଡିଆପାଲିଠାରୁ ସମର୍ଥକଙ୍କ ସହ ସେ ଏକ ବାଇକ ଶୋଭାଯାତ୍ରାରେ କପସିପାଲି, ବଡଗୁର୍ଜିଭଟା, ଗୁଣ୍ଡୁରୁପାଲି, ଧଣ୍ଡାମୁଣ୍ଡା, ମଟିଆଭଟା, ମାଲପଡା, ସାନଉଡେନ ପ୍ରଭୃତି ଗାଁରେ ଘରଘର ବୁଲି, ପଥପ୍ରାନ୍ତ ସଭା ମାଧ୍ୟମରେ ଭୋଟ ମାଗିଥିଲେ। ଲୋକଙ୍କୁ କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ଅବତାରଣ କରିବା ସହ ୧୯ବର୍ଷର ବିଜେଡି ସରକାରର କୁଶାସନ ସମ୍ପର୍କରେ କନକବର୍ଦ୍ଧନ ବୁଝାଇଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ଜିଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାମୟୀ ସାହୁ, ରଘୁନାଥ ସିଂ ବରିହା, ସତ୍ୟା ସେନ୍ଦ୍ରିଆ, ସୀତାରାମ ବାଗ, କୁନୁ ବରିହା, ନାରାୟଣ ଦଣ୍ଡସେନା, କାନ୍ତ ସାହୁ , ରବି ସାହୁ, କନ୍ଦର୍ପ ସୁଆର, ଟୁନୁ ଜୋତିଷ, ଦେବକାନ୍ତ ପାଣିଗ୍ରାହୀଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।



ପ୍ରଚାର କାଳରେ କନକବର୍ଦ୍ଧନ ସିଂଦେଓ ଉଦ୍‌ବୋଧନ ଦେଉଛନ୍ତି।

ବିଦ୍ୟାଭାରତୀ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ଟ୍ୟାଲେଣ୍ଟ ଟେଷ୍ଟର ୨୦ଶ୍ରେଷ୍ଠ ଛାତ୍ରୀଛାତ୍ର ପୁରସ୍କୃତ

**ବଲାଙ୍ଗୀର ଅଫିସ, ୪।୪**

ବଲାଙ୍ଗୀର ଟାଉନହଲଠାରେ ବିଦ୍ୟାଭାରତୀ ଆବାସିକ ବିଦ୍ୟାଳୟର ଷଷ୍ଠବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ରାମଚନ୍ଦ୍ର ବେହେରାଙ୍କ ଆବାହକତ୍ୱ ତଥା ଅଧକ୍ଷ ପଦ୍ମଚରଣ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ଓ ମୁଖ୍ୟବକ୍ତା ଭାବେ ମନୋରଞ୍ଜନ ଯୋଷୀ ଯୋଗଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମଶରଣ ହୋତା ଏବଂ ସହନିର୍ଦ୍ଦେଶକ ଦେବସ୍ମିତା ବେହେରା ମଞ୍ଚାସୀନ ଥିଲେ। ଦୀପକ ଷଡଙ୍ଗୀଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀ ତଗାନ କରିଥିଲେ । ସିନ୍‌ଖମନ ହାଇସ୍କୁଲ ଶିକ୍ଷକ ଅନୀଲ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ବିଦ୍ୟାଳୟ ଅଧକ୍ଷ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟବକ୍ତା ଯୋଷୀ ସାମ୍ପ୍ରତିକ ସ୍ଥିତିରେ ଶିକ୍ଷାକ୍ଷେତ୍ରରେ ଶିକ୍ଷକ, ଅଭିଭାବକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସକରାତ୍ମକ ମାନସିକତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଚଳିତବର୍ଷ ସ୍କୁଲ ତରଫରୁ ଆୟୋଜିତ ଟ୍ୟାଲେଣ୍ଟ ଟେଷ୍ଟର ୨୦ ଜଣ ଶ୍ରେଷ୍ଠ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନାପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ପ୍ରତ୍ୟେକ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ଅଙ୍କପ୍ରାପ୍ତ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀଶ୍ରେଷ୍ଠ ସମ୍ମାନ ପ୍ରଦାନ କରାଯାଇଥିଲା । ଆଶ୍ରିତା ମହାକୁରଙ୍କୁ ଶ୍ରେଷ୍ଠ ନୃତ୍ୟଶିଳ୍ପୀ, ଲିପ୍‌ସା ପାଣ୍ଡେଙ୍କୁ ଶ୍ରେଷ୍ଠ କଣ୍ଠଶିଳ୍ପୀ, ପ୍ରେମାସ୍ୱାଦିନୀ ପଣ୍ଡାଙ୍କୁ ଶ୍ରେଷ୍ଠବକ୍ତା ସମ୍ମାନ, ରାମାରତ୍ନା ସାହୁଙ୍କୁ ଶ୍ରେଷ୍ଠ ପ୍ରବନ୍ଧ ରଚୟିତା ସମ୍ମାନ ଓ ଶିଖା ମେହେରଙ୍କୁ ଶେଷ୍ଠ ଚିତ୍ରଶିଳ୍ପୀ ସମ୍ମାନରେ ମେମୋଣ୍ଟୋ ସହ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ଏକମାତ୍ର ଛାତ୍ର ସୁଜିତ ରଞ୍ଜନ ଦୁବେଙ୍କୁ ଚଳିତବର୍ଷର ସର୍ବୋତ୍ତମ ଶିଷ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଗଲା । ପରେ ଛାତ୍ରୀଛାତ୍ରଙ୍କ ତରଫରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା । ଏହାକୁ ବୁର୍ଡା ହାଇସ୍କୁଲ ଶିକ୍ଷକ ଶିବପ୍ରସାଦ ତ୍ରିପାଠୀ ଓ ସିନଖମନ ହାଇସ୍କୁଲ ଶିକ୍ଷକ ସାହୁ ସଂଯୋଜନା କରିଥିଲେ । ଶିକ୍ଷକ ହିମାଂଶୁ ହନୁମାନଙ୍କ ନିର୍ଦ୍ଦେଶନା ଓ ତତ୍ତ୍ୱାବଧାନରେ ଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ଜିମ୍ନାସିୟମ ଓ ଦେଶାତ୍ମବୋଧକ ସଙ୍ଗୀତର ଯୁଗଳବନ୍ଦୀ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ପୁରସ୍କାର ବିତରଣ ପର୍ବରେ ଶିକ୍ଷକ ଆଶିଷ ତ୍ରିପାଠୀ, ଦିବ୍ୟଲୋଚନ ଥନାପତି ଓ ଶିକ୍ଷୟିତ୍ରୀ ରଶ୍ମି ରେଖା ପଟ୍ଟନାୟକ, କରିସ୍ମା ଠାକୁର ଓ ପରବିନ ୱାରା ସହଯୋଗ କରିଥିଲେ । ବିଦ୍ୟାଳୟ ସହନିର୍ଦ୍ଦେଶକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଜିଲା ସାମ୍ବାଦିକ ସଂଘ ସଭାପତି ହରିନାରାୟଣ ପୂଜାରୀ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ।



ବଲାଙ୍ଗୀର ବିଦ୍ୟାଭାରତୀ ଆବାସିକ ବିଦ୍ୟାଳୟର ଷଷ୍ଠବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୫ ଏପ୍ରିଲ, ୨୦୧୯



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
- ସନ୍ଥ କବୀର ଦାସ



## ସଂକ୍ଷେପରେ



### ୨୦ ଘର କୈବର୍ତ୍ତ ସମାଜର ବାର୍ଷିକ ପୂଜା

**ବଡ଼ଗାଁ, ୪।୪ (ଡି.ଏନ.ଏ):** ବଡ଼ଗାଁ ବ୍ଲକ ତୁଡାଲଗା ପଞ୍ଚାୟତର ବାଉଁଶେନ ଗ୍ରାମରେ ମଙ୍ଗଳବାର ୨୦ଘର କୈବର୍ତ୍ତ ସମାଜ ପକ୍ଷରୁ ବାର୍ଷିକ ପୂଜୋନ୍ସବ ପାଳିତ ହୋଇଛି। ସମାଜର ଆରାଧ ଦେବୀ ସମଲେଶ୍ୱରୀଙ୍କୁ ପୂଜକ ଚିନ୍ତାମଣୀ ଡନସନା ପୂଜାର୍ଚ୍ଚନା କଲାପରେ ସମାଜ ଭାଇଭଉଣୀ ମା'ଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ। ଏହି ଅବସରରେ ସମାଜର ବୈଠକ ବ୍ଲକ ସଭାନେତ୍ରୀ ପ୍ରଭାସିନୀ ସେଠଙ୍କ ଅଧକ୍ଷତାରେ ହୋଇଥିଲା। ସମାଜର ସମ୍ପାଦକ ସୁରେଶ ସେଠ ସ୍ୱାଗତ ଜଣାଇ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଜିଲା ସାଧାରଣ ସମ୍ପାଦକ ଧନଞ୍ଜୟ ନାଏକ ସମାଜକୁ ତୃଣମୂଳ ସ୍ତରରୁ ସଙ୍ଗଠିତ କରି ସାମାଜିକ ବିକାଶ କାର୍ଯ୍ୟରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଜିଲା ସଭାପତି ରୁଦ୍ର ପ୍ରସାଦ ଡନସନା, ସାମାଜିକ ସର୍ଭେ, ରେଜିଷ୍ଟ୍ରେସନ୍ କରିବା ଉପରେ ଗୁରୁତ୍ୱାରୋପ କରି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସମାଜର ଉନ୍ନତି ପାଇଁ ଅନିତା ସେଠ, ହରିହର ବାରିକ, ନିରଞ୍ଜନ ତରେଇ, କୃଷ୍ଣଚନ୍ଦ୍ର ସେଠ, ଭେଷଜ ବାରିକ ପ୍ରମୁଖ ଦିଗଦର୍ଶନ ଦେଇଥିଲେ । ଅଚ୍ୟୁତାନନ୍ଦ ସେଠ, ବାସମତୀ ସେଠ, ହରେକୃଷ୍ଣ ସେଠ, ଶିବଶଙ୍କର ସେଠ, ପୂର୍ଣ୍ଣଚନ୍ଦ୍ର ନାଏକ, ସନ୍ତୋଷ ସେଠ, ପୂର୍ଣ୍ଣଚନ୍ଦ୍ର ନାଏକ, ସଚିନ୍ଦ୍ର ମାଝି, ରବିନ୍ଦ୍ର ଡନସନା, ବ୍ରଜମୋହନ ବେହେରା ସହଯୋଗ କରିଥିଲେ।

### ବଡ଼ଗାଁ ରାମଲୀଳା ଯାତ୍ରା ପାଇଁ ଦେବବରଣ

**ବଡ଼ଗାଁ, ୪।୪ (ଡି.ଏନ.ଏ):** ବଡଗାଁର ପ୍ରସିଦ୍ଧ ରାମଲୀଳା ଯାତ୍ରା ୧୪ ରୁ ଆରମ୍ଭ ହେବା ମୁକ୍ତ ମଞ୍ଚରେ ଅଭିନୀତ ଯାତ୍ରା ପାଇଁ ପାରମ୍ପାରିକ ଭାବେ ରୀତିନୀତି ଅନୁଯାଇ ଗୁରୁବାର ପୂର୍ବାହ୍ନରେ ଦେବବରଣ କରାଯାଇଛି। ଯାତ୍ରା ସଂସଦର ସଭାପତି ଉପାଧ୍ୟାୟ ପାଣିଗ୍ରାହୀ, ଉପସଭାପତି ପରମାନନ୍ଦ ପାଣିଗ୍ରାହୀ, କୋଷାଧକ୍ଷ ସୁଧିର ନାୟକ, ସୌରଭ ପଣ୍ଡା, ତାପସ ପଣ୍ଡା, ଲୁଲୁ ପାଣିଗ୍ରାହୀ, ବିଭୂତି ନାୟକ, ରଘୁନନ୍ଦନ ନାୟକ, ଅର୍ଜୁନ ନାୟକ, ବିଟୁ ନାୟକ, ନିରଞ୍ଜନ ପାଣିଗ୍ରାହୀ, ବାବଲୁ ରାଉତ, ଯଶୋବନ୍ତ ପଣ୍ଡା ପ୍ରମୁଖ ଯାତ୍ରା ସଂସଦ କର୍ମକର୍ତ୍ତାମାନେ ଦେବ ମଣ୍ଡପ ସ୍ଥିତ ବଜରଙ୍ଗବଲୀ ମନ୍ଦିରରେ ପୂଜାର୍ଚ୍ଚନା କରି ବରଣ କଲାପରେ ଜଗନ୍ନାଥ ମନ୍ଦିର, ସମଲେଇ, କାଳୀ, ରାମ, ଜଙ୍ଗ, ବଡଦେଓ ମନ୍ଦିର ଆଦିରେ ଦେବାଦେବତାଙ୍କ ଆଶୀର୍ବାଦ ନେଇ ବରଣ କରିଥିଲେ ।

## ■ ଛଟେଇ ଚିନ୍ତାରେ ବିଦ୍ୟାଳୟ ସଂଯୋଜକ

# ଜିଲା ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ

**ସୁନ୍ଦରଗଡ, ୪।୪ (ଡି.ଏନ୍.ଏ)**

ରାଜ୍ୟ ସରକାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସେବା ଯୋଗାଣକାରୀ ସଂସ୍ଥା ମାଧ୍ୟମରେ ରାଜ୍ୟର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସଂଯୋଜକ ମାନଙ୍କୁ ନିଯୁକ୍ତି ଦେଇଥିଲେ। ସୁନ୍ଦରଗଡ ଜିଲା ଆଇଟିସି ବିଦ୍ୟାଳୟ ପ୍ରକଳ୍ପରେ ଜିଲାର ୧୮୧ଜଣଙ୍କୁ ବିଦ୍ୟାଳୟ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିଲା। ଏହି ବିଦ୍ୟାଳୟ ସଂଯୋଜକମାନେ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରିବା ସହ ଅନଲାଇନ ମାଧ୍ୟମରେ ନାମ ପଞ୍ଜିକରଣ, ଫର୍ମ ପୂରଣ ଓ ପରୀକ୍ଷାରେ ନିୟୋଜିତ ସମସ୍ତ କାର୍ଯ୍ୟ ୨।୪।୨୦୧୪ ଠାରୁ ୩୧।୩।୨୦୧୯ ପର୍ଯ୍ୟନ୍ତ ସୂଚାରୁ ଭାବେ କରି ଆସୁଥିଲେ। ଏବେ କୁଆଡେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଏହି ସେବା ଯୋଗାଣକାରୀ ସଂସ୍ଥା ଏମାନଙ୍କୁ ଛଟେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଫଳରେ ଜିଲାରେ କାର୍ଯ୍ୟରତ ଏହି ୧୮୧ଜଣ ଶିକ୍ଷା ସଂଯୋଜକ ଘୋର ମାନସିକ ଦୁଶ୍ଚିନ୍ତାର ସମ୍ମୁଖୀନ ହୋଇଛନ୍ତି। ଏହି ମର୍ମରେ ବିଦ୍ୟାଳୟ ସଂଯୋଜକ ସଂଘ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ସଂଘର ଏହି ସ୍ମାରକପତ୍ରକୁ ବିଚାର ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପଠେଇ ଦେଇଥିଲେ ମଧ୍ୟ ଏମାନଙ୍କ ପୁନଃନିଯୁକ୍ତି ସମ୍ପର୍କରେ କୌଣସି ପ୍ରତିଶ୍ରୁତି ଦେଇ ନାହାନ୍ତି। ଏନେଇ ଏହି ସଂଯୋଜକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି। ନିଜର ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରୁଥିବା ବେଳେ ଗଣଶିକ୍ଷା ବିଭାଗର ଏଭଳି ନିଷ୍ପତ୍ତି ସେମାନଙ୍କୁ ମର୍ମାହତ କରିଛି ବୋଲି ସେମାନେ ଏହି ସ୍ମାରକପତ୍ରରେ ଦର୍ଶାଇଛନ୍ତି। ଜିଲା ଶିକ୍ଷା ଅଧିକାରୀଙ୍କୁ ଏହି ସ୍ମାରକପତ୍ର ପ୍ରଦାନବେଳେ ଜିଲା ସମ୍ପାଦକ ପାର୍ଥସାରଥୀ ମହାନ୍ତି, ସଭାପତି ଓମପ୍ରକାଶ ବେହେରା, ଈଶ୍ୱର ସ୍ୱାଇଁ, ମମତା ପାତ୍ର, ନମିତା ପଟେଲ, ସ୍ମିତା ପଟେଲ, ଅର୍ଚ୍ଚନା ସା, ସୁବାଷ ଧମେଲ, ଚିନ୍ମୟ ମହାନ୍ତି, ଅଶୋକ କାଲୋ ପ୍ରମୁଖ ସାମିଲ ଥିଲେ।



ବିଦ୍ୟାଳୟ ସଂଯୋଜକମାନେ ଜିଲା ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ଯାଉଛନ୍ତି।

# ଲେଫ୍ରିପଡ଼ା ବ୍ଲକରେ ବଦଳୁଛି ରାଜନୀତି ସମୀକରଣ

**ଲେଫ୍ରିପଡା, ୪।୪(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ୧୭ ପଞ୍ଚାୟତରୁ ଅଲାପକା ହୁର୍ମେଇ, ଗୁଣ୍ଡିଆଡିହି, ମଶାବିରା, ସରପଗଡ, ରାଜବାହାଲ, ଡୁମାବାହାଲ, ଗିରିଙ୍ଗକେଲା, ଲେଫ୍ରିପଡା ଏବଂ କୁଲାବିରା ସମେତ ମୋଟ ୧୦ ପଞ୍ଚାୟତ ତଲସରା ନିର୍ବାଚନ ମଣ୍ଡଳୀରେ ରହିଛି। ଅତୀତରୁ ତଲସରା ନିର୍ବାଚନ ମଣ୍ଡଳୀ ରାଜ୍ୟରେ କଂଗ୍ରେସର ଗଡ ଭାବେ ପରିଚିତ ହୋଇ ରହିଥିବା ବେଳେ ବର୍ତ୍ତମାନ ରାଜନୈତିକ ମହଲରେ ସମୀକରଣ ବଦଳିବା ନେଇ ଚର୍ଚ୍ଚା ହେଉଛି। ରାଜ୍ୟର ଶାସକ ଦଳ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରି ଭୋଟରଙ୍କ ମନ ଜିଣିବାକୁ ଜୋରଦାର ପ୍ରୟାସ କରାଯାଉଥିବା ଦେଖିବାକୁ ମିଳିଛି। ଲେଫ୍ରିପଡା ବ୍ଲକ ବିଜେଡି ସଙ୍ଗଠନରେ କିଛିଦିନ ପୂର୍ବରୁ କଂଗ୍ରେସରୁ ବ୍ଲକ୍ ଅଧ୍ୟକ୍ଷା ସମେତ ପ୍ରାୟ ଶହେରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦାନ କରିଥିବାରୁ ବର୍ତ୍ତମାନ ନୂଆ ଏବଂ ପୁରୁଣା କର୍ମୀ ମିଶି ଭୋଟ ହାତେଇବା ଦିଗରେ ଜୋରଦାର ପ୍ରୟାସ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଭାଜପା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କେନ୍ଦ୍ରୀୟ ଯୋଜନା ଦିଗରେ ଜନସାଧାରଣଙ୍କ ମନଜିଣିବାକୁ ଉଦ୍ୟମ ରଖିଥିବା ବେଳେ କଂଗ୍ରେସ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ମାଧ୍ୟମରେ ନିଜ ଗଡ ବଞ୍ଚାଇବା ଦିଗରେ ଚାଲୁ ରଖିଛି। ଅପରପକ୍ଷରେ ବିଜେଡି ଏବଂ ଭାଜପା ପ୍ରଚାର ଜୋରଦାର ଚଳାଇଥିବାବେଳେ କଂଗ୍ରେସ ପ୍ରଚାର ଦିଗରେ ପଛରେ ରହିଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି।

**ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳଙ୍କ ସମ୍ମୁଖରେ**
**କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ**
**କମ୍ପାନୀ ଅଧିନିୟମ ୨୦୧୩ ମାମଲାରେ**
**କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ (୪) ଏବଂ କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦ (୬) (ଏ)**
ଏବଂ
**ଦୀପାଂଶୁ ପ୍ରମୋଟର ଆଣ୍ଡ ବିଲ୍ଡର ପ୍ରାଇଭେଟ୍ ଲିମିଟେଡ୍**
ସିଆଇଏନ୍: ୟୁ୭୦୧୦୧ଓଆର୍୧୯୯୮ପିଟିସି୦୫୩୭୭
ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା: ପ୍ଲଟ୍ ନଂ. ୧୧୫୪/୩୦୨୨, ନହରକଣ୍ଟା, ଗ୍ରାମ- ହଂସପାଳ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା ୭୫୨୧୦୧ଙ୍କ ମାମଲାରେ
.......... ଆବେଦକ

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି ପ୍ରଦାନ କରାଯାଉଛି ଯେ, କମ୍ପାନୀ ତା୨୬।୦୩।୨୦୧୯ରିଖ ଦିନ ଅନୁଷ୍ଠିତ ଅତି ସାଧାରଣ ବୈଠକରେ ଗୃହୀତ ବିଶେଷ ସଂକଳ୍ପ ଅନୁଯାୟୀ କମ୍ପାନୀର ମେମୋରାଣ୍ଡମ୍ ଅଫ୍ ଆସୋସିଏଶନ୍‌ରେ ସଂଶୋଧନ ଲାଗି ଅନୁମତି ପାଇଁ କମ୍ପାନୀ ଅଧିନିୟମ ୨୦୧୩ର ଧାରା ୧୩ ଅଧୀନରେ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିବାର ପ୍ରସ୍ତାବ ରଖିଛି, ଯାହା କମ୍ପାନୀକୁ ଏହାର ପଞ୍ଜୀକୃତ କାର୍ଯ୍ୟାଳୟକୁ "ଓଡ଼ିଶା ରାଜ୍ୟ"ରୁ "ଝାଡ଼ଖଣ୍ଡ ରାଜ୍ୟ"କୁ ପରିବର୍ତ୍ତନ କରିବାରେ ସକ୍ଷମ କରିବ।
କମ୍ପାନୀର ପ୍ରସ୍ତାବିତ ପଞ୍ଜୀକୃତ କାର୍ଯ୍ୟାଳୟ ପରିବର୍ତ୍ତନ କାରଣରୁ ଯଦି କୌଣସି ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଥାଏ ତେବେ ସେ ତାଙ୍କର ସ୍ୱାର୍ଥ ତଥା ଆପତ୍ତିର କାରଣ ଦର୍ଶାଉଥିବା ସତ୍ୟପାଠ ସହିତ ନିଜର ଆପତ୍ତିକୁ ପଞ୍ଜୀକୃତ ଡାକ ଯୋଗେ ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ, ନିଜାମ ପ୍ୟାଲେସ୍, II ଏମ୍‌ଏସ୍‌ଓ ବିଲ୍ଡିଂ, ୩ୟ ମହଲା, ୨୩୪/୪ ଏ.ଜେ.ସି. ବୋଷ ରୋଡ୍, କୋଲକାତା-୭୦୦୦୨୦ଙ୍କ ନିକଟକୁ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ଚଉଦ ଦିନ ମଧ୍ୟରେ ପଠାଇବା କିମ୍ବା ପଠାଇବାର ବ୍ୟବସ୍ଥା କରିବା ସହିତ ଏହାର ଏକ ପ୍ରତିଲିପି ଆବେଦନକାରୀ କମ୍ପାନୀର ନିମ୍ନଦର୍ଶିତ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣାରେ ପଠାଇବେ:
**ଦୀପାଂଶୁ ପ୍ରମୋଟର ଆଣ୍ଡ ବିଲ୍ଡର ପ୍ରା. ଲିଃ**
ପଞ୍ଜୀକୃତ କାର୍ଯ୍ୟାଳୟ: ପ୍ଲଟ୍ ନଂ.୧୧୫୪/୩୦୨୨ ନହରକଣ୍ଟା, ଗ୍ରାମ- ହଂସପାଳ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା - ୭୫୨୧୦୧
ଆବେଦକ ଦୀପାଂଶୁ ପ୍ରମୋଟର ଆଣ୍ଡ ବିଲ୍ଡର ପ୍ରା. ଲିଃଙ୍କ ପାଇଁ ଏବଂ ତରଫରୁ
ସ୍ୱା./- (ସଞ୍ଜୟ କୁମାର ସିଂ), ନିର୍ଦ୍ଦେଶକ
ଡିଆଇଏନ୍: ୦୦୫୯୫୭୮୬
ତାରିଖ: ୦୩।୦୪।୨୦୧୯, ସ୍ଥାନ: ଓଡ଼ିଶା



ବିଶ୍ରା ବ୍ଲକ ବିଜେଡିର କର୍ମୀ ସମାବେଶ ଓ ନୂତନ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନୀ ମୁହୂର୍ତ୍ତ।

## ରାସ୍ତାକଡରେ ନାଳ ଯୋଗୁ ଲୋକେ ହନ୍ତସନ୍ତ

**ହେମଗିର, ୪।୪(ଡି.ଏନ.ଏ)**

କନିକା ମୁଖ୍ୟ ରାସ୍ତା କଡରେ ଅନବରତ ପାଣି ବୋହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଷ୍ଟେଶନ ପଡାଠାରେ ଥିବା ପାଣି ଟାଙ୍କିରୁ ଓଭର ଫ୍ଲୋ ତଥା ଲୋକେ ଗାଧୋଉଥିବା ପାଣି ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟ, କେନ୍ଦୁଲିଭ କାର୍ଯ୍ୟାଳୟ ଦେଇ ସଦାବେଳେ ବହି ଯାଉଛି। ରାସ୍ତାକଡର ଅନେକ ସ୍ଥାନରେ ପାଣି ଜମି ମଶା ମାଛିଙ୍କ ବାସସ୍ଥଳୀ ପାଲଟିଛି । ଏପରି ଦୁର୍ଗନ୍ଧମୟ ପରିବେଶକୁ ପଞ୍ଚାୟତର ଦୃଷ୍ଟି ଅଛି ନା ସ୍ୱାସ୍ଥ୍ୟ ବିଭାଗର। ସମସ୍ତେ ଦେଖି ମଧ ନ ଦେଖିଲା ଭଳି ଅଭିନୟ କରୁଛନ୍ତି। ପଞ୍ଚାୟତ ଖୁବଶୀଘ୍ର ଡ୍ରେନ ବ୍ୟବସ୍ଥା ହେବ କହି ମଧ ପ୍ରତିଶ୍ରୁତିରେ ଦିନ କାଟୁଛନ୍ତି। ଏନେଇ ସ୍ଥାନୀୟ ଜନସାଧାରଣ ନାହିଁ ନ ଥିବା ଅସୁବିଧା ତଥା ଅସ୍ୱାସ୍ଥ୍ୟକର ପରିବେଶରେ ଦିନ କାଟୁଛନ୍ତି ।

# ବିଶ୍ରା ବ୍ଲକ ବିଜେଡିର କର୍ମୀ ସମାବେଶ

**ବିଶ୍ରା, ୪।୪ (ଡି.ଏନ.ଏ)**

ବିଶ୍ରା ବ୍ଲକ ବିଜେଡିର କର୍ମୀ ସମାବେଶ ଓ ନୂତନ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ରାଉରକେଲା ଜଣେଇଲୋ ମୁଖ୍ୟ ରାସ୍ତାର ତରେଇକେଲା ଛକରେ ଥିବା ଏହି କାର୍ଯ୍ୟାଳୟକୁ ବିଜେଡି ନେତା ରଘୁ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦର ସଭ୍ୟ ସୁରେଶ ଓରାମଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଘାଟନ ସମୟରେ ଦୀପ ପ୍ରଜ୍ୱଳନ ସହ ସୁରେଶ ଓରାମ ଓ ରତ୍ନାକର ନାଏକ ଶଙ୍ଖଧ୍ୱନୀ କରିଥିଲେ। ସୁବର୍ଣ୍ଣା ଓରାମ ଓ ସୁଶିଲା ଟପ୍ପୋଙ୍କ ହୁଳହୁଳି ଶବ୍ଦ, ନାଗରାବାଦ୍ୟ ସହ ଓ ବିଜେଡି ଜିନ୍ଦାବାଦ ନାରା କିଛି ସମୟ ପାଇଁ ଅଞ୍ଚଳରେ ପ୍ରକମ୍ପିତ କରିଥିଲା। ପରେ ସମସ୍ତ ପଞ୍ଚାୟତ ସ୍ତରରୁ କର୍ମୀମାନେ ଉପସ୍ଥିତ ରହିଥିଲେ। ଏକ ସଭା ସୁରେଶ ଓରାମଙ୍କ ଅଧକ୍ଷତାରେ କରାଯାଇଥିଲା। ଏଥିରେ ସମସ୍ତ ପଞ୍ଚାୟତସ୍ତରୀୟ କର୍ମୀ ଗାଁଗାଁ ବୁଲି ନବୀନଙ୍କ ବିକାଶ ସମ୍ୱନ୍ଧରେ ସାଧାରଣ ଲୋକଙ୍କୁ ବୁଝାଇବା ସହ ଆସନ୍ତା ୭ରେ ବିଶ୍ରା ବ୍ଲକରେ ୨ଦିନ ପ୍ରାର୍ଥୀମାନଙ୍କ ସହ ଏକ ବିଶାଳ ରୋଡ ଶୋରେ ସମସ୍ତେ ଯୋଗଦେବା ପାଇଁ ନିବେଦନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବହୁ କର୍ମୀ ଯୋଗ ଦେଇଥିବାରୁ ବିନୋଦ ଯାଦବ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିରେ କେତେକ କଂଗ୍ରେସ କର୍ମୀ ଉପସ୍ଥିତ ଥିବାର ଦେଖା ଦେଇଥିଲା ।

## କୂଅରେ ପଡ଼ି ବୃଦ୍ଧ ମୃତ

**ନୂଆଗାଁ, ୪।୪ (ଡି.ଏନ.ଏ)**

ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ସୋରଡା କୋଇଲାଟୋଲା ଗ୍ରାମରେ ଏକ କୂଅରେ ସେନେମ ମୁଣ୍ଡା (୬୦) ନାମକ ଜଣେ ବୃଦ୍ଧ ବୁଡିଯାଇ ମୃତ୍ୟୁବରଣ କରିଛନ୍ତି। ପୋଲିସ ମୃତଦେହକୁ ଗୁରୁବାର ସନ୍ଧ୍ୟାରେ ଜବତ କରିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଅପରାହ୍ନ ପ୍ରାୟ ୨ଟାରେ ଗିର୍ଜାଟୋଲି ଗ୍ରାମର ସେନେମ ମୁଣ୍ଡା ଗାଧୋଇବାକୁ ସ୍ତ୍ରୀଙ୍କ ସହ ନିକଟସ୍ଥ କୋଇଲାଟୋଲି ସ୍ଥିତ ଏକ ଜମିରେ ଥିବା ଚଉତରା ବିହିନ କୂଅକୁ ଯାଇଥିଲେ। ସେଠାରେ ବୁଡ଼ି ଯାଇଥିଲେ।

DECLARATION ABOUT CRIMINAL CASES

As per the judgement dated 25th September 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.)
Name and address of candidate: Rajendra Dholakia, W.No- 08, At/Po- Khariar Road, Dist- Nuapada (Odisha)
Name of the political party: BJD, Name of the Election- Legislative Assembly
Name of Constituency: Nuapada-71, Odisha
I Rajendra Dholakia a candidate for the above mentioned election declare for public information the following details about my criminal antecedents:

| Sl No | Pending criminal cases | | | Details about cases of conviction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description of offence(s) | Name of court & date (s) of order (s) | Description of offence (s) & punishment imposed |
| 1 | Court of Mrs. Renu | 4694/2016 | 138 NI Act. | JMIC, Gurgaon | Cheque Bounce |
| 2 | Jonk Police Station | 50/2019 | 506/171 E/34 IPC | Nuapada | |

Sd./- Rajendra Dholakia

# ପୃଥକ୍ ଦୁର୍ଘଟଣା: ୪ ଆହତ



ଦୁର୍ଘଟଣାଗ୍ରସ୍ତ ଯାତ୍ରୀବାହୀ ବସ୍।

**ଲହୁଣୀପଡା, ୪।୪ (ଡି.ଏନ.ଏ)**

ଲହୁଣୀପଡା ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ପୃଥକ ପୃଥକ ଦୁର୍ଘଟଣା ଘଟି ଚାରିଜଣ ଆହତ ହୋଇଛନ୍ତି। ରାଜାମୁଣ୍ଡା ପଞ୍ଚାୟତ ଡୁମକଳା ଗ୍ରାମର ପ୍ରସନ୍ନ କୁମାର ଜିତ ବାଇକ ଯୋଗେ ରାଜାମୁଣ୍ଡାରୁ ନିଜ ଗ୍ରାମ ଡୁମକଳାକୁ ଯାଉଥିବା ବେଳେ ସରଧାପୁର ସ୍କୁଲ ସମ୍ମୁଖରେ ବିପରିତ ଦିଗରୁ ଆସୁଥିବା ୟୁକେ ୦୬ସିଏ – ୪୬୧୭ ନଂ. ଟ୍ରକ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଲହୁଣୀପଡା ଡାକ୍ତରଖାନାକୁ ନେଇଥିଲେ ମଧ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ସେହିଭଳି ଲହୁଣୀପଡା ଥାନା ଅନ୍ତର୍ଗତ ଖୁଣ୍ଟଗାଁ ନିକଟସ୍ଥ ରାଉରକେଲା ସାହିରେ ଏକ ଯାତ୍ରୀବାହୀ ବସ ଭାରସାମ୍ୟ ହରାଇ ଜମି ଭିତରକୁ ଖସି ପଡିଛି। ଫଳରେ ବସିଥିବା ଯାତ୍ରୀ ମଧରୁ ଦୁଇ ଜଣ ଆହତ ହୋଇ ବଣେଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ କେନ୍ଦୁଝର ଜିଲା ତେଲକୋଇଠାରୁ ବଣାଇକୁ ଆସୁଥିବା ଓଆର୍ ୨୩ ଏ– ୨୩୫୬ ନଂ ଯାତ୍ରୀବାହୀ ବସ ୧୦ (ଏ) ରାଜ୍ୟ ରାଜପଥ ଖୁଣ୍ଟଗାଁ ନିକଟସ୍ଥ ରାଉଲକେଲା ସାହିରେ ଭାରସାମ୍ୟ ହରାଇ ଜମି ମାଳକୁ ଖସି ଯାଇଥିଲା। ଏହି ଦୁର୍ଘଟଣା ସନ୍ଧ୍ୟା ପ୍ରାୟ ୬ଟା ବେଳେ ଘଟିଥିବା ଜଣାଯାଇଛି। ସେହିଭଳି ଲହୁଣୀପଡା ରାଜାମୁଣ୍ଡା ରାସ୍ତା ପୋଲ ନିକଟରେ ଥିବା ଏକ ଖାଲରେ ଜନୈକା ମହିଳା ପଡିଯାଇ ଆହତ ହେବା ସହିତ ଚେତାଶୂନ୍ୟ ହୋଇଯାଇଥିଲେ। ପ୍ରାପ୍ତ ସୂଚନା ଅନୁସାରେ ମହିଳା ନିଜ ସ୍କୁଟିରେ ଲହୁଣୀପଡାରୁ ରାଜାମୁଣ୍ଡାକୁ ଯାଉଥିବାବେଳେ ପୋଲରେ ଥିବା ଏକ ଖାଲରେ ପଡି ଯାଇଥିଲେ। ଫଳରେ ମହିଳା ଜଣଙ୍କ ଗୁରୁତର ଆହତ ହେବା ସହିତ ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଲହୁଣୀପଡା ଡାକ୍ତରଖାନକୁ ନେଇ ଚିକିତ୍ସା କରାଯାଇଥିଲା । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିଗୁଡିକ ଜବତ କରିବା ସହିତ ପୃଥକ ପୃଥକ ମାମଲା ରୁଜୁ କରି ତଦନ୍ତ କରୁଛି।

DECLARATION ABOUT CRIMINAL CASES

As per the judgement dated 25th September 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.) Name and address of candidate: Basanta Kumar Panda, W.No.5, Nuapada, At/PO/PS/Dist. Nuapada, Name of the political party: Bharatiya Janta Party (BJP), Name of the Election- House of people (Loksabha), Name of Constituency: 11- Kalahandi
I Basanta Kumar Panda a candidate for the above mentioned election declare for public information for fallowing details about my criminal antecedents:

| Sl No | Pending criminal cases | | | Details about cases on conviction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description of offences (s) | Name of court & date (s) of or der (s) | Description of offence (s) & punishment imposed |
| 1 | SPL. Court, | CT 164/10 | 143, 283, 506 IPC | | |
| 2 | Bhubaneswar | CT-202/14 | 323, 353, 294, 506, 332 IPC, | | |
| 3 | SDJM Puri | GR-157/19 | 147, 148, 156, 447, 332, 323, 307, 353, 354, 354(B), 336, 427, 294, 506, 149 IPC | | |

Sd/- Basanta Kumar Panda

# ଜାଳେଣି କାଠ ସହ ପିକ୍‌ଅପ୍ ଜବତ: ୨ ଗିରଫ

**ବଡ଼ଗାଁ, ୪।୪ (ଡି.ଏନ.ଏ)**

ବଡଗାଁ ବନଖଣ୍ଡ କାର୍ଯ୍ୟାଳୟର କର୍ମଚାରୀମାନେ ବୁଧବାର ବିଳମ୍ବିତ ରାତିରେ ପିକଅପ୍ ଗାଡିରେ ସଦ୍ୟ କଟାଯାଇଥିବା ଜାଳେଣି କାଠ ନେଉଥିବା ୨ଜଣଙ୍କୁ ଗିରଫ କରିଛନ୍ତି। କାଠ ଓ ଗାଡି ଜବତ କରିଛନ୍ତି। ପଞ୍ଚରା ସେକସନର ଫରେଷ୍ଟର ନରେଶ କୁମାର ଭୋଇ, ଫରେଷ୍ଟ ଗାର୍ଡ ଶୁଭେନ୍ଦୁ ସିଂ, ବିଜୟ କୁମାର ବେହେରା, ପାଟ୍ରୋଲିଂ ସ୍କ୍ୱାଡର ହରିହର ସାହୁ, କ୍ଷୀରୋଦ ନାଏକ ରାତି ପ୍ରାୟ ଗୋଟାଏରେ ଏକ ପିକଅପ୍‌ରେ କାଠ ବୋଝେଇ କରି ନିଆଯାଉଥିବା ଦେଖି ପିଛା କରିଥିଲେ। ବେଲଡିହି ଛକରୁ ପିଛାକରି ଗଙ୍ଗାଜଳ କୁରଙ୍ଗା ଗ୍ରାମ ନିକଟରେ ଗାଡିକୁ ଅଟକାଇଥିଲେ। ପିକଅପ୍ ବନ କର୍ମଚାରୀଙ୍କ ଗାଡିକୁ ଧକ୍କା ଦେବା ପାଇଁ ଚେଷ୍ଟା କରିଥିଲେ ମଧ ଅଳ୍ପକେ ବର୍ତ୍ତି ଯାଇଥିଲେ। ଅଭିଯୁକ୍ତ କୁରଙ୍ଗା ଗ୍ରାମର ବିକ୍ରମ କୁଜୁର ଓ ସୁଦର୍ଶନ ମାଝିଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି ।



ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ ପାଇଁ ନିଆଯାଉଛି।

**FORMAT C-1**
**DECLARATION**

Declaration about Criminal cases.
(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)
Name and Address of Candidate - **LAXMAN BAG**
Name of Political Party - **Bharatiya Janata Party**
Name of Election - **Odisha Legislative Assembly**
Name of the Constituency - **70- Kantabanji Assembly Constituency.**
I, **Laxman Bag,** a candidate for the above mentioned election, declare for public information the following detail about my criminal antecedents:-

| Sl. No. | Pending Criminal Cases | | | Details about cases of conviction for criminal offences | |
|---|---|---|---|---|---|
| | Name of Court | Case No. and status of case | Section(s) of Acts concerned and brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | JMFC, Kantabanji | G.R. Case No. 403/16 | Sec. 143/ 144/ 294/ 323/ 379/ 506/ 427/ 149 I.P.C. | Not applicable | Not applicable |
| 2 | JMFC, Kantabanji | G.R. Case No. 402/16 | Sec. 143/ 427/ 379/ 149 I.P.C. | Not applicable | Not applicable |
| 3 | JMFC, Kantabanji | G.R. Case No. 394/16 | Sec. 143/ 336/ 427/ 153/ (A) 149/ I.P.C. | Not applicable | Not applicable |
| 4 | JMFC, Kantabanji | G.R. Case No. 393/16 | Sec. 143/ 341/ 332/ 353/506/ 294/ 225/ 307/ 323/ 149 IPC/ 7 Cr. L.A. Act. | Not applicable | Not applicable |
| 5 | Addl. Session Judge-cum- Spl. Judge, Titilagarh | G.R. Case No. 194/16 | Sec. 147 / 148/ 294/ 354/ 323/ 506/ 149 I.P.C./ 3(1)(x) SC & ST (PA) Act. | Not applicable | Not applicable |
| 6 | JMFC, Kantabanji | G.R. Case No. 90/16 | Sec. 294/ 507/ I.P.C. | Not applicable | Not applicable |
| 7 | JMFC, Kantabanji | G.R. Case No. 460/15 | Sec. 336/ 353/ 294/ 355/ 34 I.P.C. | Not applicable | Not applicable |
| 8 | JMFC, Kantabanji | G.R. Case No. 65/14 | Sec. 294/ 506 I.P.C. | Not applicable | Not applicable |
| 9 | JMFC, Kantabanji | G.R. Case No. 125/14 | Sec. 147/ 148/ 341/ 294/ 323/ 427/ 325/ 171-C/ 307/ 149 I.P.C. and 25/27 Arms Act. | Not applicable | Not applicable |
| 10 | JMFC, Kantabanji | G.R. Case No. 236/2012 | Sec. 341/ 294/ 323/ 147/ 148/ 506/ 149 I.P.C. | Not applicable | Not applicable |
| 11 | S.D.J.M., Titilagarh | G.R. Case No. 393/2007 | Sec. 367/ 368/ 342/ 374/ 34 I.P.C. | Not applicable | Not applicable |

*Sd./- Laxman Bag*



ଆଳସ୍ୟ ପରି ଶତ୍ରୁ କେହି ନାହିଁ। ଏହା ସମାଜର ସବୁ ସୁଖଶାନ୍ତିକୁ ନଷ୍ଟ କରିଦିଏ।
–ସନ୍ଥ ବିନୋବା ଭାବେ

## ସଂକ୍ଷେପରେ

### ଧମା କେନ୍ଦୁପତ୍ର କର୍ମଚାରୀ କଳାବ୍ୟାଜ୍ ପିନ୍ଧିଲେ

ଧମା, ୪।୪ (ଡି.ଏନ୍.ଏ.)
ଧମା କେନ୍ଦୁପତ୍ର କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଗୁରୁବାରଠାରୁ କଳାବ୍ୟାଜ୍ ପିନ୍ଧି କାମରେ ଯୋଗ ଦେଇଛନ୍ତି। କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ, ବନ୍ଧେଇ ଶ୍ରମିକମାନଙ୍କୁ ପୂର୍ବ ଘୋଷିତ ସାମାଜିକ ସୁରକ୍ଷା, କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ତଥା ପିଲାଙ୍କ ପାଠପଢ଼ା ସକାଶେ ସ୍କୋଲାରସିପ ବ୍ୟବସ୍ଥା ଏଯାବତ କରାଯାଇ ନାହିଁ । ମନମୁଖି ଦରମା ନିର୍ଦ୍ଧାରଣ କରାଯାଉଛି । ଡିସେମ୍ବର ମାସରେ ୱାଚରମାନଙ୍କ ଦରମା ୭ ହଜାର ଟଙ୍କାରୁ ୧୧ ହଜାର ଟଙ୍କାକୁ ବୃଦ୍ଧି କରାଗଲା। ପୁଣି ଫେବୃୟାରୀରେ ୮ହଜାର ୪ଶହ ଟଙ୍କାକୁ କମାଇ ଦିଆଗଲା। ଏହିପରି ଅନେକ ଅଭିଯୋଗ ଓ ଦାବିକୁ ନେଇ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ସଂଘର ସମସ୍ତ କାର୍ଯ୍ୟରତ ଶ୍ରମିକ ଦାବି ପୂରଣ ନ ହେବା ଯାଏ କଳାବ୍ୟାଜ୍ ପିନ୍ଧି ଧାରଣା ଦେବା ସହ ଆନ୍ଦୋଳନ ଜାରି ରଖିବେ ବୋଲି ଜଣାଇଛନ୍ତି । ଧମା ରେଞ୍ଜ ହେଡ ଚେକର ଟଙ୍କଧର ସାହୁ, କ୍ଷମା ବିଶ୍ୱାଳ, ପ୍ରଶାନ୍ତ ଦୀପ, ବାଙ୍କାମଣି ଦାସ ପ୍ରମୁଖ ସିଜିନାଲ କର୍ମଚାରୀ ଯୋଗ ଦେଇଥିଲେ ।

## ୟୁପି ଉପମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ

# ରାଜ୍ୟ, କେନ୍ଦ୍ରରେ ଭାଜପା ଆସିଲେ ବିକାଶ ହେବ






ଭାଜପାର ବିଜୟ ସଙ୍କଳ୍ପ ଯାତ୍ରାରେ ଅତିଥିବୃନ୍ଦ (ବାମ)। ବିଜୟ ସଂକଳ୍ପ ଯାତ୍ରାରେ ଯୋଗଦେଇଥିବା ଜନସାଧାରଣ ।

### ଭାଜପାର ବିଜୟ ସଙ୍କଳ୍ପ ଯାତ୍ରା

ନୂଆପଡା ଅଫିସ,୪।୪

ଓଡ଼ିଶା ଗରିବ ନୁହେଁ । ହେଲେ ଏଠିକାର ନେତାଙ୍କ ଗରିବ ମନୋଭାବ ଗରିବ କରିଛି । ଏଠାରେ ପ୍ରକୃତି ବହୁ ସମ୍ପତି ଦେଇଛି । କେନ୍ଦ୍ର ସରକାର ଯୋଜନାସବୁ କାର୍ଯ୍ୟକାରୀ କରିବାକୁ ଚାହୁଁଥିଲେ ମଧ୍ୟ ଏଠିକାର ସରକାର ତାହା କାର୍ଯ୍ୟକାରୀ କରିବାକୁ ଦେଉନାହାନ୍ତି । ତେଣୁ ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ଗୋଟିଏ ଭାଜପା ସରକାର ଆସିବା ଦରକାର। ଡବଲ ଇଞ୍ଜିନ ଆସିଲେ ଭଲ କାମ ହେବ ବୋଲି ଗୁରୁବାର ମଧ୍ୟାହ୍ନରେ ନୂଆପଡା ଜିଲା ସଦର ମହକୁମାଠାରୁ ୧୧ କି.ମି. ଦୂର ଦଲଦଲି ନିକଟରେ ଆୟୋଜିତ ଭାଜପାର ବିଜୟ ସଙ୍କଳ୍ପ ଯାତ୍ରାରେ ଯୋଗଦେଇ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ଡ.ଦିନେଶ ଶର୍ମା କହିଛନ୍ତି ।

ସାଧାରଣ ନିର୍ବାଚନ ଦିନ ପାଖେଇ ଆସୁଥିବାବେଳେ ଜିଲାକୁ ହାଇପ୍ରୋଫାଇଲ ନେତାଙ୍କ ଗସ୍ତ ଆରମ୍ଭ ହୋଇଛି । ଏହିକ୍ରମରେ ଭାଜପାର ବିଜୟ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମରେ ଯୋଗଦେବାକୁ ଉତ୍ତର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ଦିନେଶ ଶର୍ମା ନୂଆପଡା ଗସ୍ତରେ ଆସିଥିଲେ । ମଧ୍ୟାହ୍ନରେ ଦଲଦଲି ନିକଟରେ ଭାଜପାର ବିଜୟ ସଂକଳ୍ପ ଯାତ୍ରା ହୋଇଥିଲା । ସ୍ଥାନୀୟ ହେଲିପ୍ୟାଡରେ ଓହ୍ଲାଇଥିଲେ ଉପମୁଖ୍ୟ ମନ୍ତ୍ରୀ ଶର୍ମା । ରାଜ୍ୟ ଭାଜପା ସଭାପତି ତଥା କଳାହାଣ୍ଡି ଲୋକସଭା ପ୍ରାର୍ଥୀ ବସନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଓଡିଶା ରାଜ୍ୟ ପ୍ରଭାରୀ ଅରୁଣ ସିଂ, ସ୍ଥାନୀୟ ବିଧାୟକ ପ୍ରାର୍ଥୀ ହୋମସିଂ ମାଝି, ରାଜ୍ୟ ଉପସଭାପତି ପ୍ରସନ୍ନ କୁମାର ପାଢୀ, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ଉପସଭାପତି ଖାମସିଂ ମାଝି, ଗୋଲଡି ଅଗ୍ରୱାଲ, ଅଳ୍ପ ସଂଖ୍ୟକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ଶେଖ ମହତାବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ପ୍ରାର୍ଥୀଦ୍ୱୟଙ୍କୁ ଫୁଲମାଳା ଦେଇ ସ୍ୱାଗତ କରିଥିଲେ । ଏହି ଦ୍ୱୟ ପ୍ରାର୍ଥୀଙ୍କ ସକାଶେ ସମସ୍ତ ଅତିଥି ଭୋଟ ଭିକ୍ଷା କରିଥିଲେ । ରାଜ୍ୟ ପ୍ରଭାରୀ ଅରୁଣ ସିଂ ରାଜ୍ୟର ବିଭିନ୍ନ ଯୋଜନାର ବିଫଳତା ସମ୍ପର୍କରେ ବଖାଣିଥିଲେ। ଏହି ସରକାର ବଦଳିବା ଦରକାର ବୋଲି କହିଥିଲେ। ଏହି ଅବସରରେ ବିଜୟ ସଂକଳ୍ପ ଯାତ୍ରାର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ରାଜ୍ୟ ସଭାପତି ପଣ୍ଡା କହିଥିବାବେଳେ ବିଜେଡି ଏବଂ କଂଗ୍ରେସ ଉପରେ ବର୍ଷିଥିଲେ। ଏଥିରେ ଗୋଲଡି ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିଲେ। ଜିଲା ସମ୍ପାଦକ ସୁଶାନ୍ତ କୁମାର ପତି, ମନିଜର ଆର୍ଯ୍ୟ, ମୁରଲୀଧର ସୁନା, ପପୁ ଠାକୁର, ଦିଲୀପ କୁମାର ନିର୍ମଳ କର, କମଳେଶ ସିଂ ଠାକୁର, ତୁଳସ ପଟେଲ, ଅଭିଜିତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ସିର୍ଲିଗୁଡ଼ାବାସୀଙ୍କର ପାଏନ୍ ସମସିଆ ଦୂର ହେଲା

**ଧରିତ୍ରୀ ପ୍ରଭାବ**

କୋକସରା, ୪।୪ (ଡି.ଏନ୍.ଏ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଁଚେତ ଅଧୀନ ସିର୍ଲିଗୁଡ଼ା ସ୍କୁଲପଡ଼ା, ଗୌନ୍ତିଆପଡ଼ା ଆର ପୁଝାରୀପଡ଼ାରେ ରହୁଥିବାର ୭୦ ପରିବାରର ପାଖାପାଖି ୧ ହଜାର ଲୋକ୍ ପିଇଲା ପାଏନ୍ ଲାଗି ବଡ଼ା ଗୁଲଗୁଲା ହେଉଥିଲେ। ଇ ୩ଟା ପଡ଼ାରେ ଲୁକ୍‌କର ବେଭାର ଲାଗି ନଲ୍‌ତୁଆଁ ନାଁଇଁନ। ଯେନ୍‌ଥିରଲାଗି ସେମାନେ ଖୁଲା ତୁଆଁ ଆର ବଁଧର ଦୂଷିତ ପାଏନ୍ ଖାଏବା ପିଇବାରେ ବେଭାର କରୁଥିଲେ। ଇ ବାବ୍‌ଦେ ପଡ଼ାବାସୀମାନେ ବଛର ବଛର ହେଲା ଥାନୀୟ ନେତାକରନୁ ମୂଲ୍ କରି ପଁଚେତ୍ ପରତିନିଧିକୁ ଅଭିଯୋଗ କରି ନିରାଶ ହେଇଥିଲେ। ଶେଷେ ତିନ୍‌ହିଁ ପଡ଼ାବାସୀ ଥାନୀୟ ଗଣମାଧ୍ୟମ ପରତିନିଧିକରନେ ଅଭିଯୋଗ କରିଥିଲେ। ପଡ଼ାବାସୀକର ଇ ପାଏନ୍ ସମସିଆ ବାବ୍‌ଦେ ଗଲା ମାସ ୧୬ ତାରିଖରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ଖବର ବାହାରଲାରୁ ବ୍ଲକ ପରଶାସନର ଚେତା ପଶିଥିଲା। ବ୍ଲକ ପରଶାସନ ଟେମରା ପଁଚେତ ନିର୍ବାହୀ ଅଧିକାରୀ ଗୋଲେକ ବିହାରୀ ପୁଝାରୀଙ୍କୁ ଟ୍ୟାଙ୍କରରେ ପଡ଼ାବାସୀକୁ ପାଏନ୍ ଯୁଗେଇ ଦେବାକେ ନିରଦେଶ ଦେଇଥିଲେ। ତା'ପରେ ଇ ତିନ୍‌ହିଁ ପଡ଼ାବାସୀକୁ ଟ୍ୟାଙ୍କରରେ ପିଇଲା ପାଏନ୍ ଯୁଗେଇ ଦିଆଯାଉଥିବାର ଦେଖିବାକେ ମିଳିଛେ। ଆଏବାର ଦିନେ ପଡ଼ାବାସୀକୁ ବେହେରା ନଦୀରୁ ନିରମଳ ପିଇଲା ପାଏନ୍ ଯୁଗେଇ ଦେବାର ବେବସ୍ତା କରାଯିବା ବଲି କୋକସରା ବିଡିଓ କଥା ଦେଇଛନ୍। ପଇଲା ପାଏନ୍ ପାଏଲାରୁ ଇ ତିନ୍‌ହିଁ ପଡ଼ାବାସୀ ଗଣମାଧ ଆର ବ୍ଲକ ପରଶାସନକେ କୃତଜ୍ଞତା ଜନେଇଛନ୍।




ପଡ଼ାବାସୀ ଟ୍ୟାଙ୍କରୁ ପିଇଲା ପାଏନ୍ ନେଉଛନ୍।







ଗୁରୁବାର ରାଉରକେଲାରେ ଦିଲୀପ ରାୟଙ୍କ ସହ ଆଲୋଚନା କରୁଛନ୍ତି ରଘୁନାଥପାଲି ଭାଜପା ପ୍ରାର୍ଥୀ ଜଗବନ୍ଧୁ ବେହେରା, ରାଉରକେଲା ବିଜେଡି ପ୍ରାର୍ଥୀ ସାରଦା ନାୟକ ଓ ଭେଟିବାକୁ ଅପେକ୍ଷା କରିଛନ୍ତି ବିଜେଡି ସୁନ୍ଦରଗଡ଼ ଏମ୍‌ପି ପ୍ରାର୍ଥୀ ସୁନୀତା ବିଶ୍ୱାଳ।

## ମା' ପ୍ରଧାନୀ ବୁଢ଼ୀ ମନ୍ଦିରରୁ ଚୋରି

ଦେବଗଡ଼, ୪।୪(ସ୍ୱ.ପ୍ର)

ଦେବଗଡର ପ୍ରସିଦ୍ଧ ପ୍ରଧାନପାଟ ଜଳପ୍ରପାତ ନିକଟରେ ଥିବା ଦେବଗଡ ଇଷ୍ଟଦେବୀ ମା' ପ୍ରଧାନୀ ବୁଢି ମନ୍ଦିରରୁ ମା'ଙ୍କ ରୁପା ମୁକୁଟ ଓ ସୁନାର ଟିକିଲି ଚୋରି ହୋଇଯାଇଛି। ଖବର ମୁତାବକ ଉକ୍ତ ମନ୍ଦିରର ପୂଜକ ଟଙ୍କଧର ଦେହୁରୀ ପ୍ରତ୍ୟେକ ଦିନ ସକାଳେ ପୂଜା କରିବାକୁ ଯାଇଥାନ୍ତି। ବୁଧବାର ସକାଳେ ପୂଜା କରିବାକୁ ଯାଇଥିଲେ ହେଲେ ମନ୍ଦିରର ଗ୍ରିଲ ଓ ତାଲା ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ମା'ଙ୍କର ରୁପା ମୁକୁଟ ଏବଂ ସୁନାର ଟିକିଲି କିଏ ଦୁର୍ବୃତ୍ତ ରାତିରେ ଚୋରି କରି ନେଇଯାଇଛନ୍ତି। ପୂଜକ ସଙ୍ଗେ ସଙ୍ଗେ କମିଟିର କୋଷାଧକ୍ଷ ପ୍ରଶାନ୍ତ ଭୁକ୍ତାଙ୍କୁ ଜଣାଇଥିଲେ। ଏନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମନ୍ଦିରରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION - B/W (Every Day)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
FINANCE

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କେଟିଂ, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କେଟିଂ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କେଟିଂ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ୫ କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
07535093304
09675742689

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କେଟିଂ, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration - U6519TN198PLC008555)
ମାର୍କେଟିଂ, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩–୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
Helpline: 7302958798
A-6, GALI NO.6B, SWATANTRA NAGAR, NARELA, DELHI

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କେଟିଂ, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

FINANCE
BCF ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କେଟିଂ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧୨ ଘଣ୍ଟାରେ ୫ କାଗଜରେ ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
8958186716
9675859756

ASTROLOGY

BUSINESS

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |
| *GST 5% Extra | | |

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ, ବିଚାର ଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ।
- ଭଗବତ୍ ଗୀତା

## ସଂକ୍ଷେପରେ

### ଗଡ଼ିଲାଣି ପ୍ରଚାର ଗାଡ଼ି
## ମନଛୁଆଁ ଗୀତ ମାଧ୍ୟମରେ ଚାଲିଛି ପ୍ରଚାର

**ରାଉରକେଲା ଅଫିସ,୪।୪:** ପୂର୍ବ ଜମାନା ଆଉ ନାହିଁ। ନିର୍ବାଚନ ପ୍ରଚାର ଗାଡ଼ିରେ ଆଉ ପ୍ରଚାରକଙ୍କୁ ଦେଖିବାକୁ ମିଳୁନି। ଡ୍ରାଇଭରଙ୍କୁ ଛାଡ଼ିଦେଲେ ଗାଡ଼ିରେ ଆଉ କେହି ନାହାନ୍ତି। ପୂର୍ବରୁ ରେକର୍ଡ କରାଯାଇଥିବା ମନଛୁଆଁ ଆଧୁନିକ ଗୀତ ମଧ୍ୟମରେ କରାଯାଉଛି ପ୍ରଚାର। ପ୍ରାୟ ସବୁ ଦଳ ପକ୍ଷରୁ ପ୍ରଚାର ଗାଡ଼ି ଗଡ଼ିବା ଆରମ୍ଭ ହୋଇଗଲାଣି। ବିଭିନ୍ନ ଦଳ ପକ୍ଷରୁ ଚକ୍କର କାଟୁଥିବା ପ୍ରଚାର ଗାଡ଼ିକୁ ରଙ୍ଗବେରଙ୍ଗ ବ୍ୟାନରରେ ସଜାଯାଇଛି। ଏଥିରେ ବାଜୁଥିବା ଗୀତ ମଧ୍ୟରୁ ଅଧିକାଂଶ ସମ୍ବଲପୁରୀ ଭାଷା ଓ ଆକର୍ଷଣୀୟ ତାଳରେ ରେକର୍ଡ କରାଯାଇଛି। ଯାହାକୁ ନେଇ ମତଦାତା ଓ ସହରବାସୀଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି।

## କୋଇଲା ଚୋରି ଅଭିଯୋଗରେ ଗିରଫ

**ବ୍ରଜରାଜନଗର,୪।୪(ଡି.ଏନ୍.ଏ.)** ବ୍ରଜରାଜନଗର ଥାନା ଅଧିକାରୀ ବିଶ୍ୱାମିତ୍ର ହରିପାଲଙ୍କ ନିର୍ଦ୍ଦେଶରେ ଏଏସ୍ଆଇ ପ୍ରତାପ ପଟେଲ ଚୋରା କୋଇଲା ପରିବହନ କରୁଥିବା ଅଭିଯୋଗରେ କେତେକ ଗାଡ଼ି ଜବତ କରିଛନ୍ତି। ଏକ ମାମଲା (ନଂ.୭୭/୧୯) ରୁଜୁ କରି ଗୋକୁଳ ବୁଡ଼ା, ନରେଶ ସାହୁ, ଜିତେନ୍ଦ୍ର ବଡ଼ପଣ୍ଡା, ନରେନ୍ଦ୍ର କରାଲି, ଦୀପକ ପାଇକରାୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଅସହାୟ ବୃଦ୍ଧାଙ୍କୁ ମୁଖାଗ୍ନି ଦେଲେ ନାଏବ ସରପଞ୍ଚ

**ଧମା, ୪।୪ (ଡି.ଏନ.ଏ.):** ମାନେଶ୍ୱର ବ୍ଲକ ଅନ୍ତର୍ଗତ ଡକରା ପଞ୍ଚାୟତର ଟାଙ୍ଗରପାଲି ଗ୍ରାମର ଗୋକୁଳ ଭୋଇଙ୍କ ସ୍ତ୍ରୀ ଉଦିଆ ଭୋଇଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ବୁଧବାର ସେ ଗାଁ ନିକଟ ଧୂଳିଯୋରକୁ ଗାଧୋଇବା ପାଇଁ ଯାଇଥିଲେ। ଗୋଡ ଖସିଯିବାରୁ ବୁଡିଯାଇ ପ୍ରାଣ ହରାଇଥିଲେ। ଗ୍ରାମବାସୀଙ୍କ ଜରିଆରେ ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଟୁଲି ଉଦ୍ଧାର କରି ସମ୍ବଲପୁର ସଦର ଡାକ୍ତରଖାନାକୁ ନେଇଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁବାର ବୁର୍ଲା ମେଡିକାଲ କଲେଜରେ ବ୍ୟବଚ୍ଛେଦ ପରେ ସମ୍ବଲପୁର ରାଜଘାଟଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତେବେ ଉଦିଆଙ୍କ ସ୍ୱାମୀ ଗୋକୁଳଙ୍କୁ ଛାଡିଦେଲେ ତାଙ୍କର କେହି ନାହାନ୍ତି। ଏଣୁ ସାହାସପୁର ନାଏବ ସରପଞ୍ଚ ଆଲୋକ ବେହେରା ମୁଖାଗ୍ନି ଦେଇଥିଲେ। ଗଣେଶ କିଷାନ, ସଞ୍ଜୀବ ପୂଜାରୀ, ସୌମ୍ୟରଞ୍ଜନ ପୂଜାରୀ ଓ ଚିତ୍ରସେନ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

## ଗାଡି ଯାଞ୍ଚ ବେଳେ ୧ଲକ୍ଷ ଟଙ୍କା ଜବତ

**ରେଙ୍ଗାଲି,୪।୪(ଡି.ଏନ.ଏ.)** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲକଲୋଇଠାରେ ସ୍ପେସିଆଲ ସ୍କ୍ୱାଡ୍ ଦ୍ୱାରା ଗାଡି ଯାଞ୍ଚ ବେଳେ ଗୋଟିଏ ଗାଡିରୁ ପ୍ରାୟ ୧ ଲକ୍ଷ ୩ ହଜାର ଟଙ୍କା ଜବତ କରାଯାଇଛି । ଗୁରୁବାର ଅପରାହ୍ନ ୫ଟାରେ ସ୍ପେସିଆଲ ସ୍କ୍ୱାର୍ଡ ଠେଲକଲୋଇ ଭୂଷଣ ଛକ ପାଖରେ ଗାଡି ଯାଞ୍ଚ କରୁଥିଲା। ଏହି ସମୟରେ ଓଆର୍ ୨୩ ସି- ୬୯୬୯ ନମ୍ବର ବିଶିଷ୍ଟ ଏକ ଟାଟା ସୁମୋ ଯାଞ୍ଚରେ ପଡିଥିଲା।

### ସେନାରେ ଯୋଗଦାନ ନିଶା
# ବେକରେ ୫୦ କେଜିର ଟାୟାର ଝୁଲାଇ ଦୌଡୁଛନ୍ତି ଯୁବକ

**ରାଉରକେଲା ଅଫିସ,୪।୪**

ବେକରେ ୫୦ କେଜି ଓଜନର ଟ୍ରକ୍ ଟାୟାର ଝୁଲାଇ ଷ୍ଟିଲ ସିଟି ରିଂ ରୋଡ୍‌ରେ ଦୌଡୁଛନ୍ତି ୨୨ବର୍ଷୀୟ ପଞ୍ଜାବୀ ଯୁବକ ମନୀଷ ସିଂ। ମନରେ ଝୁଙ୍କ ରହିଛି ଦିନେ ନା ଦିନେ ତାଙ୍କୁ ଦେଶସେବା କରିବାକୁ ସୁଯୋଗ ମିଳିବ। ଭାରତୀୟ ସେନାରେ ଯୋଗଦେଇ ମା' ମାଟିର ସେବା କରିବେ। ଏ ନେଇ ଶାରୀରିକ ସକ୍ଷମତା ଓ ମନରେ ପ୍ରବଳ ଆଗ୍ରହ ଅତି ଜରୁରୀ ବୋଲି କହନ୍ତି ମନୀଷ। ଏଣୁ ଏହି ନିଆରା ଅଭ୍ୟାସ ଅପଣାଇଛନ୍ତି ସେ। ରାଉରକେଲା ଉଦିତନଗର ଗଫୁର କଲୋନୀର ମୂଳବାସିନ୍ଦା କୁଲଦୀପ ସିଂଙ୍କ ପୁଅ ମନୀଷ। ହରିୟାଣାର ଫରିଦାବାଦରେ ଥିବା ଏକ ଗଣମାଧ୍ୟମ ସଂସ୍ଥାରେ ଅସ୍ଥାୟୀ ଭାବେ କାମ କରୁଛନ୍ତି ସେ। ସେଠା ରାଜ୍ୟ ପୋଲିସ ସେବାରେ ତାଙ୍କୁ ଚୟନ କରାଯାଇଥିଲା। ହେଲେ ମନ ବୁଝିଲାନି। ସେନାରେ ଯୋଗଦେବାକୁ ମନରେ ପ୍ରବଳ ଆଗ୍ରହ। ଏଣୁ ପୋଲିସ ଚାକିରିରେ ଯୋଗଦେଲେ ନାହିଁ। ଏବେ ଛୁଟିରେ ବୁଲି ଆସିଛନ୍ତି ରାଉରକେଲାକୁ। ଗତ ମାସାଧିକ ହେବ ବେକରେ ୫୦ କିଲୋ ଟ୍ରକ୍ ଟାୟାର ଝୁଲାଇ ଉଦିତନଗରଠାରୁ ଛେଣ୍ଡ ଦେଇ ଆମ୍ବାଗାନ ପର୍ଯ୍ୟନ୍ତ ଦୌଡୁଛନ୍ତି। ପୁଣି ଘରକୁ ଫେରୁଛନ୍ତି। ପ୍ରତିଦିନ ପ୍ରାୟ ୧୨ କିଲୋମିଟର ରାସ୍ତା ସେ ଅତିକ୍ରମ କରୁଛନ୍ତି। ପଥଚାରୀ ଚାହିଁ ରହୁଛନ୍ତି ମନୀଷଙ୍କ କାରନାମାକୁ। ବୁଝିପାରୁ ନାହାନ୍ତି ଯେ ଏହା ତାଙ୍କର କିଭଳି ଶାରୀରିକ ବ୍ୟାୟାମ। ଆରମ୍ଭରୁ ବାପା କୁଲଦୀପ ତାଙ୍କୁ ପ୍ରବଳ ବିରୋଧ କରୁଥିଲେ। ଏମିତି ରାସ୍ତାରେ ଟାୟାର ଝୁଲାଇ ବୁଲିଲେ ଲୋକେ ପରିହାସ କରିବେ। ଅଲଗା କିଛି କର। ମୁଁ ସମର୍ଥନ କରିବି ବୋଲି ମନୀଷଙ୍କୁ କହୁଥିଲେ। ହେଲେ ମୁଁ ମୋ ନିଜ ଲକ୍ଷ୍ୟପଥରେ ଅଟଳ। ନିଶ୍ଚିତ ସେନାରେ ଯୋଗଦେବି। ଦେଶସେବା କରିବି। ଦେଶର ଶତ୍ରୁଙ୍କୁ ଦମନ କରିବି। ଏମିତି ଚିନ୍ତାରେ ବୁଡ଼ି ରହିଛନ୍ତି ମନୀଷ। କେବେ ସେ ସୁଯୋଗ ଆସିବ। ସେହି ଅପେକ୍ଷାରେ ରହିଛନ୍ତି। ଏଭଳି ନିଶା ତାଙ୍କୁ ଯୁକ୍ତ ୨ରୁ ପାଠ ଛଡ଼ାଇଦେଲା। ପରେ ଦିଲ୍ଲୀର ଏକ ଘରୋଇ ମିଡିଆ ଇନ୍‌ଷ୍ଟିଚ୍ୟୁଟ୍‌ରେ ସେ ଡିପ୍ଲୋମା କଲେ। ଫରିଦାବାଦ ଯାଇ ଏକ ହିନ୍ଦୀ ଖବରକାଗଜରେ ରିପୋର୍ଟିଂ କଲେ। ସେଠାରେ ମଧ୍ୟ ସେ ଏହି ଅଭ୍ୟାସ ଜାରି ରଖିଛନ୍ତି। ଫରିଦାବାଦ ସହରବାସୀ ମନୀଷଙ୍କ ବେକରେ ଟାୟାର ଝୁଲିବା ସବୁବେଳେ ଦେଖନ୍ତି। ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତି ତାଙ୍କୁ ସେନାରେ ଯେମିତି ନିଶ୍ଚୟ ସୁଯୋଗ ମିଳୁ। ଏହା ହିଁ ମୋ ପାଇଁ ପ୍ରେରଣା ବୋଲି ମନୀଷ କହନ୍ତି। ମନୀଷଙ୍କ ଉଚ୍ଚତା ୬ଫୁଟ ୧ ଇଞ୍ଚ ଓ ଓଜନ ୯୨ କେଜି। ଦୀର୍ଘ ୧୬ କିମି ବେକରେ ଟାୟାର ଝୁଲାଇ ଦୌଡ଼ିବା ପରେ କେବେ ଥକ୍କା ଲାଗେନି ବୋଲି ସେ ଦାବି କରନ୍ତି। ଆଜିକାଲି ଯୁବକମାନେ ପାଦରେ ୧କିମି ଚାଲିବାକୁ କଷ୍ଟ ଅନୁଭବ କରୁଛନ୍ତି। କିନ୍ତୁ ମୁଁ ନିଜକୁ ଫିଟ୍ ରଖିବା କ'ଣ ଦୋଷାବହ କି ବୋଲି ପ୍ରଶ୍ନ କରନ୍ତି ମନୀଷ। ପ୍ରତିଦିନ ୭ଟି ଅଣ୍ଡା ଓ ଜୁସ୍ ପିଅନ୍ତି ସେ। ଦିନରେ ଅଧିକ ସମୟ ଚାଲିବାକୁ ପସନ୍ଦ କରନ୍ତି। ପ୍ରତି ସହରର ପ୍ରଦୂଷଣ ଅବସ୍ଥାକୁ ଲୋକେ ବୁଝିପାରୁ ନାହାନ୍ତି। ଆଜିକାଲି ପିଲା ଗାଡ଼ି ନ ହେଲେ ଘରୁ ବାହାରୁ ନାହାନ୍ତି। ଏସବୁ ଅଭ୍ୟାସକୁ ମୁଁ ପସନ୍ଦ କରେନି। ଦେଶ ପାଇଁ ତ୍ୟାଗ ଭାବନା ଯୁବପିଢ଼ିଙ୍କ ମନରୁ କମିବାରେ ଲାଗିଛି। ସମସ୍ତେ ଉଚ୍ଚ ପଦ ଓ ଅଧିକ ଅର୍ଥ ନିଶାରେ ପାଗଳ। ଏଥିରୁ ଦୂରେଇ ରହିବା ଆବଶ୍ୟକ। ବଞ୍ଚିବା ପାଇଁ ଅର୍ଥ ସମସ୍ତଙ୍କୁ ଆବଶ୍ୟକ। ଏହା ସତ୍ତ୍ୱେ ଆମକୁ ନିଜ ପରିବେଷ୍ଟନୀ ଓ ଦେଶ ପାଇଁ ଭାବିବାକୁ ପଡ଼ିବ ବୋଲି କହନ୍ତି ମନୀଷ।



ବେକରେ ଟାୟାର ଝୁଲାଇ ରିଂ ରୋଡ୍‌ରେ ଦୌଡୁଥିବା ମନୀଷ ସିଂ।



କଲୁଙ୍ଗା କେନ୍ଦୁପତ୍ର ବନାଞ୍ଚଳ କାର୍ଯ୍ୟାଳୟରେ ଲାଗିଥିବା ବିଜେଡି ପତାକା।

## ବନାଞ୍ଚଳ କାର୍ଯ୍ୟାଳୟରେ ଲାଗିଛି ବିଜେଡି ପତାକା

**ରାଉରକେଲା ଅଫିସ/ ବେଦବ୍ୟାସ, ୪।୪(ଡି.ଏନ୍.ଏ.)**

କଲୁଙ୍ଗା ବନାଞ୍ଚଳ କେନ୍ଦୁପତ୍ର ଅଧିକାରୀଙ୍କ ସରକାରୀ କାର୍ଯ୍ୟାଳୟ ସମ୍ମୁଖ ପ୍ରବେଶପଥର ଦୁଇ ପାର୍ଶ୍ୱରେ ବିଜେଡି ପତାକା ଲଗାଯାଇଛି। ଏହି ପତାକା କିଏ ଲଗାଇଛି ସେ ନେଇ କାହା ପାଖରେ ସୂଚନା ନ ଥିଲେ ମଧ୍ୟ ଏହାକୁ ସ୍ଥାନୀୟ ଭାଜପା ନେତା ଦାଶରଥୀ କିଷାନ ଗୁରୁବାର ବିରୋଧ କରିଛନ୍ତି। କେତେଜଣ ସମର୍ଥକଙ୍କ ସହ କିଷାନ ସମ୍ପୃକ୍ତ କାର୍ଯ୍ୟାଳୟକୁ ଆସି ପ୍ରତିବାଦ କରିଥିଲେ ହେଁ ଅଧିକାରୀ ନ ଥିବାରୁ ପତାକା ଖୋଲାଯାଇ ପାରି ନାହିଁ। ଘଟଣାକୁ ନେଇ ବିରୋଧୀ ରାଜନୈତିକ ଦଳ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଏ ନେଇ ବିଭାଗୀୟ ଅଧିକାରୀ ନଳିନୀକାନ୍ତ ବେହେରାଙ୍କୁ ପଚାରାଯିବାରୁ ସେ କହିଥିଲେ, ଏଭଳି ଘଟଣା ମୋ ନଜରକୁ ଆସି ନାହିଁ। ଯଦି ଏହା ସତ୍ୟ ହୋଇଥାଏ ତେବେ ପତାକା ଖୋଲି ଦିଆଯିବ।

**ଅଧିକାରୀ କହିଲେ ନଜରକୁ ଆସିନି**



ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ କରୁଛନ୍ତି ବ୍ରଜରାଜନଗର ବିଜେଡି ପ୍ରାର୍ଥୀ କିଶୋର ମହାନ୍ତି।

# ବିଜେଡିରେ ମିଶିଲେ ୯ଶହ କର୍ମୀ
## ଗୋପବନ୍ଧୁ ଛକରେ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବ୍ରଜରାଜନଗର,୪।୪(ଡି.ଏନ୍.ଏ.)**

ବ୍ରଜରାଜନଗର ସହରାଞ୍ଚଳ ଗୋପବନ୍ଧୁ ଛକଠାରେ ବିଜେଡି ବିଧାୟକ ପ୍ରାର୍ଥୀ କିଶୋର ମହାନ୍ତି ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅନ୍ୟ ଦଳର ପ୍ରାୟ ୯ ଶହ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ନାରୀନେତ୍ରୀ ସଙ୍ଗୀତା ସୁନା ଓ ମିକି ନାଏକଙ୍କ ନେତୃତ୍ୱରେ ୧୫୦ ମହିଳା, ୱାର୍ଡ ନଂ. ୩ର ୨ଶହ ମହିଳା ପୁରୁଷ, ୱାର୍ଡ ନଂ ୨୦ ଓ ୨୨ର ୩ଶହ ଓ ଅନ୍ୟାନ୍ୟ ୱାର୍ଡର ଅବଶିଷ୍ଟ ବ୍ୟକ୍ତି ବିଜେଡିରେ ଯୋଗଦାନ କରିଛନ୍ତି। ଜିଲା ବିଜେଡି ଉପସଭାପତି ବିଶ୍ୱନାଥ ନାଏକ ସ୍ୱାଗତ ଭାଷଣ ଦେବାସହ ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବ୍ରଜରାଜନଗର ଆସନରୁ କିଶୋର ମହାନ୍ତି ବିଜୟୀ ହେଲେ ଅଞ୍ଚଳର ବିକାଶ ହେବ ବୋଲି ଏହି ଅବସରରେ ଦଳୀୟ ନେତୃମଣ୍ଡଳୀ କହିଥିଲେ। ପ୍ରାରମ୍ଭରେ ଭୂତବଙ୍ଗଳାସ୍ଥିତ ମା' ତାରିଣୀ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ଏକ ଶୋଭାଯାତ୍ରା ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ଆସିଥିଲା। ନଗର ସଭାପତି ଜୟନ୍ତ ଦୀକ୍ଷିତ ମଞ୍ଚ ପରିଚାଳନା କରିଥିବାବେଳେ ନୃପ ତାଣ୍ଡିଆ, ଟିକି ତ୍ରିପାଠୀ, ତପନ ପ୍ରଧାନ, କୁଳମଣି ଦାସ, ସାଧନା ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।

## ଶେଷ ଦିନରେ ଭାଜପା ପ୍ରାର୍ଥୀଙ୍କ ନାମାଙ୍କନ

**କୁଚିଣ୍ଡା, ୪।୪ (ଡି.ଏନ.ଏ.)**

ସଂରକ୍ଷିତ କୁଚିଣ୍ଡା ବିଧାନସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲର ଗୁରୁବାର ଶେଷ ଦିନ ଥିଲା। ଭାଜପା ପ୍ରାର୍ଥୀ ତଥା ବିଧାୟକ ରବିନାରାୟଣ ନାୟକ ଗୁରୁବାର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରୁ ସମର୍ଥକଙ୍କ ସହ ସେ ଶୋଭାଯାତ୍ରାରେ ଆସି ଉପଜିଲାପାଳ ବିଶ୍ୱରଞ୍ଜନ ନାୟକଙ୍କୁ ପ୍ରାର୍ଥୀପତ୍ର ପ୍ରଦାନ କରିଥିଲେଙ୍। ଶୋଭାଯାତ୍ରାରେ ଭାଜପା ଜିଲା ଉପସଭାପତି ବିରଞ୍ଚି ତିର୍କୀ, କୁଚିଣ୍ଡା ମଣ୍ଡଳ ସଭାପତି ଗୁରୁଦେବ ମହାପାତ୍ର, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପଟେଲ, ଜିଲାପରିଷଦ ସଭ୍ୟା ମମତା ପଟେଲ, ଲିଲିମା କାଲୋ ପ୍ରମୁଖ ସାମିଲ ଥିଲେ । ଏହି ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିରୁ କିଶୋର ନାଏକ, କଂଗ୍ରେସରୁ ଶୋଭାରାମ ପ୍ରଧାନ, ହିନ୍ଦୁସ୍ତାନ ନିର୍ମାଣ ଦଳରୁ ପଦ୍ମିନୀ ଭୋଇ, ଆମ ଆଦମୀ ପାର୍ଟିରୁ ଅଭିଳାଷ ପ୍ରଶାନ୍ତମାନକି ଏବଂ ଶ୍ରୀନୁସ କୁଜୁର, ବହୁଜନ ସମାଜ ପାର୍ଟିରୁ ରଥ ମୁଣ୍ଡା ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଶଙ୍କର ବାଘ ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

## ପ୍ରତିଶ୍ରୁତି, ପ୍ରତିକାର ନେଇ ଭାଜପା ପଛଘୁଞ୍ଚା ଦେଇଛି: ସିପିଆଇ

**ରାଉରକେଲା ଅଫିସ,୪।୪**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ରାଉରକେଲା ଆଞ୍ଚଳିକ କମିଟିର ବୈଠକ ବୁଧବାର ଏହାର କାର୍ଯ୍ୟାଳୟ ହରିବନ୍ଧୁ ଭବନରେ ଅନୁଷ୍ଠିତ ହୋଇଛି। ସିପିଆଇ ନେତା ସଦାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୋନ୍ ସମ୍ପାଦକ ଅରୁଣ ଦାସ ପାର୍ଟିର ରାଜ୍ୟ ନିଷ୍ପତ୍ତି ଓ ଆଗାମୀ ନିର୍ବାଚନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଦେଶରେ ଅସହିଷ୍ଣୁତା ବୃଦ୍ଧି ସହ ଭାଜପା ଜନମତକୁ ବିଭ୍ରାନ୍ତ କରିବା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ଯୋଗୁ ଦେଶର ସାଧାରଣ ଗରିବ ତଥା ଆର୍ଥିକ ଅନୁନ୍ନତ ବର୍ଗଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଭାଜପା ଶାସନ କାଳରେ ରାଷ୍ଟ୍ରାୟତ୍ତ ସଂସ୍ଥାର ସ୍ଥିତିକୁ ଧୂଳିସାତ କରାଯାଇଛି ବୋଲି ଦାସ ଅଭିଯୋଗ କରିଥିଲେ। ଦେଶରେ ବେକାରୀ ସମସ୍ୟା ଅତି ଉତ୍କଟ ହୋଇଥିବାବେଳେ ଭାଜପା ସରକାର ନୀରବଦ୍ରଷ୍ଟା ସାଜିଛି। ପ୍ରତିକାର ଓ ପ୍ରତିଶ୍ରୁତି ପାଳନ ନେଇ ଏ ସରକାର ପଛଘୁଞ୍ଚା ଦେଇଛି। ଏହାର ଅସଲ ଚେହେରା ଲୋକ ଚକ୍ଷୁରେ ପଡ଼ି ନିନ୍ଦିତ ହେବା ସତ୍ତ୍ୱେ ଭାଜପା ବାହାସ୍ଫୋଟ ମାରିବାରେ ଧୂରନ୍ଧର ବୋଲି ଦାସ କହିଥିଲେ। ସମାନ ସ୍ଥିତି ଆଜି ରାଜ୍ୟରେ ସୃଷ୍ଟି ହୋଇଛି। ଗତ ୧୯ବର୍ଷ ଧରି ବିଜେଡିର ଏକଚାଟିଆ ଶାସନ ଅସହ୍ୟ ପରିସ୍ଥିତି ସୃଷ୍ଟି କରିଛି। ଆସନ୍ତା ୭ରେ ସିପିଆଇ ରାଉରକେଲା ଓ ରଘୁନାଥପାଲି ନିର୍ବଚନ ମଣ୍ଡଳୀସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଆଗାମୀ କାର୍ଯ୍ୟପନ୍ଥା ଉପରେ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ବୈଠକରେ ଅକ୍ଷୟ ସାମଲ, ପଞ୍ଚାନନ ସୁନା, ଅରୁଣ ଭୋଇ, ଭାଗ୍ୟଧର ରାଉତ, ଅକ୍ଷୟ ପଣ୍ଡା, ଅପର୍ଣ୍ଣା ରାଉତରାୟ, ଦୁର୍ଗା ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ସଙ୍କୁଳସ୍ତରୀୟ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର

**ଲଖନପୁର,୪।୪(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବ୍ରଜରାଜନଗର ସଙ୍କୁଳସ୍ତରୀୟ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି। ଏଥିରେ ୯ ସ୍କୁଲର ୧୩୩ ଆଚାର୍ଯ୍ୟା, ଆଚାର୍ଯ୍ୟ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ସିଏଲ୍ ଜିଏମ୍ (ଅପରେଶନ୍) ଅରୁଣ କୁମାର ସ୍ୱର୍ଣ୍ଣକାର ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ରଜରାଜନଗର ସଙ୍କୁଳ ସଂଯୋଜକ ନିତ୍ୟାନନ୍ଦ ଖମାରୀ, ସମ୍ମାନିତ ଅତିଥି ଭାବେ ଏମ୍‌ସିଏଲ୍ ଅଧିକାରୀ ଏମ୍.ଏନ୍. ଝା, ଡି.ବି. ସିଂହ, ସୁବ୍ରତ ପ୍ରଧାନ, ପ୍ରଦୀପ କରାଳୀ, ଦେବାନନ୍ଦ ପ୍ରଧାନ, ପ୍ରଫୁଲ୍ଲ ରାୟ, ନରେଶ ଅଗ୍ରୱାଲ, ଅଖିଳ ସ୍ୱାଇଁ, ନନ୍ଦଲାଲ ରାଓଲାନୀ, ବିରଞ୍ଚି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିବିରର ଦ୍ୱିତୀୟ ପର୍ଯ୍ୟାୟରେ ବର୍ଗାଧିକାରୀ ବ୍ରଜରାଜନଗର ସଙ୍କୁଳ ପ୍ରମୁଖ ବିଜୟ କୁମାର ଦାସ, ପର୍ଯ୍ୟବେକ୍ଷକ ଭାବେ ପଶ୍ଚିମ ସମ୍ଭାଗ ସହସଂଯୋଜକ ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟ ସାମଲ ନାୟକ, ମୁଖ୍ୟବକ୍ତା ଭାବେ ଝାରସୁଗୁଡ଼ା ଜିଲା ପ୍ରଚାରକ ଲକ୍ଷ୍ମଣ କୁମାର ଦେହୁରୀ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ଗିରି, ଅଶୋକ ପାଢ଼ୀ, ଅଜୟ ବିଶ୍ୱାଳ, ଦାମୋଦର ପାଢ଼ୀ, ଅଶୋକ ବାଗ, ମମତା ସେଠ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଜୟକୃଷ୍ଣ ପଟେଲ ଶିବିର ସମ୍ପର୍କରେ ସୂଚନା ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଲଖନପୁର ସରସ୍ୱତୀ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅରୁଣ ସାହୁ। ପରିଚାଳନା କମିଟି ସମ୍ପାଦକ ଯୋଗେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଶିକ୍ଷଣ ଶିବିରରେ ଯୋଗଦେଇଥିବା ଆଚାର୍ଯ୍ୟା, ଆଚାର୍ଯ୍ୟମାନେ।

# ଗୁରୁ-ଶିଷ୍ୟ ଏବେ ପ୍ରତିଦ୍ୱନ୍ଦ୍ୱୀ

**ସମ୍ବଲପୁର,୪।୪(ବ୍ୟୁରୋ)**

ସମ୍ବଲପୁର ବିଧାନସଭା ଆସନରୁ ୨୦୧୪ ସାଧାରଣ ନିର୍ବାଚନରେ ରାସେଶ୍ୱରୀ ପାଣିଗ୍ରାହୀ ବିଜେଡି ଟିକେଟରେ ନିର୍ବାଚନ ଜିତି ବିଧାୟକ ହୋଇଛନ୍ତି। ହେଲେ ଏଥର ଅର୍ଥାତ୍ ୨୦୧୯ ସାଧାରଣ ନିର୍ବାଚନରେ ସେ ଦଳରୁ ଟିକେଟ ପାଇ ନ ପାରନ୍ତି ବୋଲି ଚର୍ଚ୍ଚା ହୋଇଥିଲା। ହେଲେ ଏହି ଚର୍ଚ୍ଚାକୁ ରାସେଶ୍ୱରୀ ଭୁଲ୍ ପ୍ରମାଣିତ କରିଛନ୍ତି। ଏଥର ଦଳ ପୁଣି ତାଙ୍କ ଉପରେ ବିଶ୍ୱାସ ରଖି ୨ୟ ଥର ପାଇଁ ନିର୍ବାଚନ ଲଢ଼ିବାକୁ ଟିକେଟ ଦେଇଛି। ସେହିଭଳି କଂଗ୍ରେସର ଜିଲା ସଭାପତି ଅଶ୍ୱିନୀ ଗୁରୁ ଏଥର ଟିକେଟ ପାଇବାକୁ ହକଦାର ଥିଲେ। ହେଲେ ନୂଆ କରି ଦଳରେ ଯୋଗ ଦେଇଥିବା ଭିମ୍‌ସାରର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଅଶ୍ୱିନୀ ପୂଜାହାରୀଙ୍କୁ ଦଳ ରାତାରାତି ଟିକେଟ ଦେଇଛି। ବୟସ ହୋଇ ଯାଇଥିଲେ ବି ଇଚ୍ଛାଶକ୍ତି ଓ ମନବଳ ଦୃଢ଼ ଥିବାରୁ ଥରେ ସୁଯୋଗ ଦେଇ ଦେଖିବାକୁ ପୂଜାହାରୀ କୁଆଡେ ଦଳୀୟ ନେତାଙ୍କୁ କହିଥିଲେ। ତେବେ ସବୁଠୁ ରୋଚକ ତଥ୍ୟ ହେଲା ଉଭୟ ରାସେଶ୍ୱରୀ ଓ ପୂଜାହାରୀ ପେଷାରେ ଡାକ୍ତର। ଦିନ ଥିଲା ରାସେଶ୍ୱରୀ ଥିଲେ ଗୁରୁ ଆଉ ଡାକ୍ତର ପୂଜାହାରୀ ଥିଲେ ରାସେଶ୍ୱରୀଙ୍କ ଶିଷ୍ୟ। ଆଜି କିନ୍ତୁ ରାଜନୀତି ମଇଦାନରେ ଉଭୟ ଉଭୟଙ୍କ ପ୍ରତିଦ୍ୱନ୍ଦ୍ୱୀ। ୧୯୭୮-୭୯ରେ ବୁର୍ଲା ମେଡିକାଲ କଲେଜ (ଏବେ ଭିମ୍‌ସାର)ରେ ଡାକ୍ତରୀ ପୂଜାରୀ ପଢୁଥିବା ସମୟରେ ରାସେଶ୍ୱରୀ ଶିକ୍ଷା ଦାନ କରୁଥିଲେ। ସମୟଚକ୍ରରେ ଆଜି ଗୁରୁଙ୍କ ସହ ଲଢେଇ କରିବାକୁ ଶିଷ୍ୟ ନିର୍ବାଚନ ରଣଭୂମିରେ ଅବତୀର୍ଣ୍ଣ ହୋଇଛନ୍ତି। ଏହାକୁ ନେଇ ସମ୍ବଲପୁର ଜିଲାରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି । ତେବେ ଏ ସମ୍ପର୍କରେ ଗୁରୁ ରାସେଶ୍ୱରୀ ପାଣିଗ୍ରାହୀ କହିଛନ୍ତି ଯେ, ସେ ସମୟରେ ଡାକ୍ତର ପୂଜାହାରୀ ତାଙ୍କ ଛାତ୍ର ଥିଲେ। ଏବେ ସେ ପ୍ରତିଦ୍ୱନ୍ଦ୍ୱୀ ହୋଇଛନ୍ତି। ସେଥିରେ କିଛି ସମସ୍ୟା ନାହିଁ। ଏହା ବହୁତ ଭଲ। ହେଲେ ଏ ସମ୍ପର୍କରେ ଶିଷ୍ୟ ଡାକ୍ତର ପୂଜାହାରୀଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ବି ଯୋଗା ଯୋଗ ସମ୍ଭବ ହୋଇ ପାରିନାହିଁ।





ରାସେଶ୍ୱରୀ ପାଣିଗ୍ରାହୀ (ବାମ) ଅଶ୍ୱିନୀ ପୂଜାହାରୀ।

# ୧୫ ଦିନ ହେଲା ଡାକ୍ତର ଆସୁନାହାନ୍ତି

**ଧମା, ୪।୪ (ଡି.ଏନ.ଏ.)**

ମାନେଶ୍ୱର ବ୍ଲକ ଧମାଠାରେ ଅବସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ୧୫ ଦିନ ହେଲା ଅଚଳ। ଦେଓଗାଁ, ଧମା, ଡକରା, ହୁମା, ବରଗାଁ ଓ ବୁଦୁଆପାଲି, ସାହାସପୁର ଅଞ୍ଚଳର ଲୋକେ ଏହି ମେଡିକାଲ ଉପରେ ନିର୍ଭରଶୀଳ। ଏଠାରୁ ୨୫କି.ମି. ଦୂର ସମ୍ବଲପୁର ସଦର ଡାକ୍ତରଖାନାକୁ ଛାଡି ଆଉ କୌଣସି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ନାହିଁ। ହେଲେ ପ୍ରଶାସନିକ ବୈମାତୃକ ମନୋଭାବ ଯୋଗୁଁ ଏହି ଡାକ୍ତରଖାନା ସର୍ବଦା ଉପେକ୍ଷିତ ହେଉଛି। ଏଠାରେ ଅବସ୍ଥାପିତ ଡା. ଈଶ୍ୱର ମୁଣ୍ଡା ଏହି ଡାକ୍ତରଖାନାକୁ ଆସୁନାହାନ୍ତି । ତାଙ୍କର ଅନ୍ୟତ୍ର ବଦଳି ହୋଇଥିବାରୁ ଏଭଳି ସମସ୍ୟା ହୋଇଛି। ଜଣେ ଫାର୍ମାସିଷ୍ଟ ଓ ଷ୍ଟାଫନର୍ସଙ୍କ ଭରସାରେ ଏବେ ଏହି ଡାକ୍ତରଖାନା ଚାଲିଛି। ସାମାନ୍ୟ କାଶ ଜ୍ୱର ହେଲେ ମଧ୍ୟ ଲୋକେ ସଦର ଡାକ୍ତରଖାନାକୁ ଯିବାକୁ ବାଧ ହେଉଛନ୍ତି। ଏହି ଡାକ୍ତରଖାନାଟି ୧୫ ନମ୍ବର ରାଜ୍ୟ ରାଜପଥ କଡରେ ଅବସ୍ଥିତ। ଏଣୁ ଦୁର୍ଘଟଣାର ଶିକାର ଲୋକେ ମଧ୍ୟ ଆସନ୍ତି । ହେଲେ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ମିଳିପାରେ ନାହିଁ । ଗର୍ଭବତୀ ମହିଳାଙ୍କ ପାଇଁ ମଧ୍ୟ ଏଠାରେ ପର୍ଯ୍ୟାପ୍ତ ସୁବିଧା ନ ଥିବାରୁ ଚିକିତ୍ସା ଅଭାବରୁ ମୃତ୍ୟୁର ଶିକାର ହେବାକୁ ପଡିଥାଏ । ଦୁଇ ବର୍ଷ ତଳେ ଏଠାରେ ଡାକ୍ତର ଅନୁପସ୍ଥିତ ଏବଂ ଚିକିତ୍ସାରେ ଅବହେଳାକୁ କେନ୍ଦ୍ରକରି ଅସନ୍ତୁଷ୍ଟ ଗ୍ରାମବାସୀ ତାଲା ପକାଇ ଦେଇଥିଲେ। ସେ ସମୟର ଏସ୍‌ଡିଏମଓ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ୨୪ ଘଣ୍ଟା ଭିତରେ ଚିକିତ୍ସା ସୁବିଧା କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡିଥିଲା। ହେଲେ ଅବସ୍ଥା ଯଥା ପୂର୍ବଂ ତଥା ପରଂ। ପରେ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ, ବିଧାୟକ ରୋହିତ ପୂଜାରୀ ମଧ୍ୟ ଏ ଦିଗରେ ବହୁ ଚେଷ୍ଟା କରି ବିଫଳ ହେଲେ। ଅତୀତରେ ରେଢାଖୋଲ ନିର୍ବାଚନମଣ୍ଡଳୀରୁ ସନାତନ ବିଶି ଓ ପ୍ରସନ୍ନ ଆଚାର୍ଯ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ହେଲେ ଏହି ହସ୍ପିଟାଲର ଉନ୍ନତି ପାରିନାହିଁ । ତେବେ ଡାକ୍ତର ନ ଆସିବା ନେଇ ସିଡିଏମଓ ଡାକ୍ତର ପଙ୍କଜିନୀ ପଣ୍ଡା କହିଛନ୍ତି ଯେ, ସେ ନୂଆ କରି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏ ସମ୍ପର୍କରେ ତାଙ୍କ ପାଖରେ ଖବର ନାହିଁ। ତଦନ୍ତ କରି ପଦକ୍ଷେପ ନେବେ ବୋଲି ସଫେଇ ଦେଇ ଖସିଯିବାକୁ ଚେଷ୍ଟା କରିଛନ୍ତି।




ଧମା ଡାକ୍ତରଖାନା